ବ୍ୟୁରୋ

ଉଚ୍ଚ ମାଧ୍ୟମିକ (+୨)

# ସମାଜ ବିଜ୍ଞାନ

## (ପ୍ରଥମ ଭାଗ)


*ଲେଖକ ମଣ୍ଡଳୀ*

**ଡକ୍ଟର ସଞ୍ଜୟ କେତନ ଜେନା**
ସହଯୋଗୀ ପ୍ରଫେସର ଓ ବିଭାଗୀୟ ମୁଖ୍ୟ
ସମାଜ ବିଜ୍ଞାନ ବିଭାଗ, ଅଲକା ମହାବିଦ୍ୟାଳୟ

**ମିନତୀ ମହାପାତ୍ର**
ସମାଜ ବିଜ୍ଞାନ ବିଭାଗ,
ବାବା ଭୈରବାନନ୍ଦ ମହାବିଦ୍ୟାଳୟ,
ଚଣ୍ଡିଖୋଲ

**ଡକ୍ଟର ଭାଗ୍ୟଲକ୍ଷ୍ମୀ ମହାନ୍ତି**
ପ୍ରାଧ୍ୟାପିକା ଏବଂ ସମାଜ ବିଜ୍ଞାନ ବିଭାଗ ମୁଖ୍ୟ,
କମଳା ନେହେରୁ ମହିଳା ମହାବିଦ୍ୟାଳୟ,
ଭୁବନେଶ୍ୱର



*ପ୍ରକାଶକ*

**ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା**

**ପୁସ୍ତକ ଭବନ, ଭୁବନେଶ୍ୱର**

# Bureau's
# Uchamadhyamika (+2) Samajavigyana Part-1

*(Approved by the Council of Higher Secondary Education Odisha, Bhubaneswar)*

Published under the scheme of production of books and literature in Regional Language, at the Univesity level sponsored by the Commission for Scientific and Technical Terminolgy, Ministry of Human Resource Development (Department of Higher Education) Govt. of India, New Delhi.

First Edition - 2016

Publication No. - 569

ISBN : 978-81-8005-366-5

*Published by :*

**The Odisha State Bureau of Textbook Preparation and Production,**
Pustak Bhavan, Bhubaneswar - 751022

© Reserved by the Publisher

*Type Setting & Design :*
**Print-tech Offset Pvt. Ltd.,** Bhubaneswar

*Printed at :*
**Jagannath Process Pvt. Ltd.,** Cuttack

**Price : ₹ 100/- (Rupees One Hundred Only)**

# ପ୍ରସ୍ତାବନା

ପ୍ରତ୍ୟେକ ଜାତି ବା ଦେଶର ଉନ୍ନତି ତା'ର ଭାଷାର ଉନ୍ନତି ଉପରେ ହିଁ ନିର୍ଭର କରିଥାଏ। ନିଜର ମନୋଭାବକୁ ଉପଯୁକ୍ତ ଭାବରେ ପରିପ୍ରକାଶ କରିବାପାଇଁ ଭାଷାର ସୃଷ୍ଟି। ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ସହଜ ତଥା ସୁଗମ ହୋଇଥାଏ। ଏହା ଫଳରେ ଛାତ୍ରଛାତ୍ରୀମାନେ ପାଠ ବିଷୟକୁ ଉତ୍ତମ ରୂପେ ବୁଝିପାରିବେ ଏବଂ ସହଜରେ ଭାବ ପ୍ରକାଶ କରିପାରିବେ। ଆନନ୍ଦର ବିଷୟ, ଭାରତ ସରକାର ଓ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନଙ୍କ ଆନୁକୂଲ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଆଞ୍ଚଳିକ ଭାଷା ମାଧ୍ୟମରେ ଶିକ୍ଷାଦାନ ପଦ୍ଧତି ନୀତିଗତ ଭାବରେ ଗୃହୀତ ହୋଇଅଛି।

ଓଡ଼ିଆ ଭାଷାରେ ଉଚ୍ଚକୋଟୀର ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ କରିବାର ଦାୟିତ୍ୱ "ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ପ୍ରକାଶନ ସଂସ୍ଥା" ବହନ କରିଅଛି। +୨ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ସମାଜ ବିଜ୍ଞାନ ପୁସ୍ତକ ଦୁଇଟି ଭାଗରେ ପ୍ରକାଶ ପାଇବାକୁ ଯାଉଛି। ଉକ୍ତ ପୁସ୍ତକଟି ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଟେ। ପୁସ୍ତକର ବିଷୟବସ୍ତୁ ସରଳ ଓ ସାବଲୀଳ ଓଡ଼ିଆ ଭାଷାରେ ଲେଖାଯାଇଛି। ଛାତ୍ରଛାତ୍ରୀମାନଙ୍କ ପାଇଁ ଏହା ସହଜରେ ବୋଧଗମ୍ୟ ହୋଇପାରିବ ବୋଲି ଆମର ଆଶା।

ପୁସ୍ତକଟିକୁ ରଚନା କରିଛନ୍ତି ତିନିଜଣ ବିଶିଷ୍ଟ ଅଧ୍ୟାପକ ଓ ଅଧ୍ୟାପିକା ଡକ୍ଟର ସଜୟ କେତନ ଜେନା, ଡକ୍ଟର ମିନତୀ ମହାପାତ୍ର, ଭାଗ୍ୟଲକ୍ଷ୍ମୀ ମହାନ୍ତି। ଏହି ଅବସରରେ ମୁଁ ଏ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି। ଏହା ବ୍ୟତୀତ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ଉଚ୍ଚ ଶିକ୍ଷା ବିଭାଗ ଆମକୁ ପ୍ରକାଶନର ଦାୟିତ୍ୱ ଦେଇଥିବାରୁ ମୁଁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛି।

ପରିଶେଷରେ, ଆମର ଦୃଢ଼ ବିଶ୍ୱାସ ଯେ ଉକ୍ତ ପୁସ୍ତକଟି ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଏବଂ ସାଧାରଣ ପାଠକ ପାଠିକା ମହଲରେ ବିଶେଷ ଭାବରେ ଆଦୃତ ହେବ।

**ଗୀତିକା ପଟ୍ଟନାୟକ**
**ନିର୍ଦ୍ଦେଶକ**
**ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା**
**ପୁସ୍ତକ ଭବନ, ଭୁବନେଶ୍ୱର**

**ସ୍ୱାଧୀନତା ଦିବସ**
**ତା. ୧୫.୦୮.୨୦୧୬**

# ମୁଖବନ୍ଧ

ମାତୃଭାଷାରେ ଶିକ୍ଷାଦାନ ଓ ପରୀକ୍ଷା ବ୍ୟବସ୍ଥା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ବ୍ୟକ୍ତିର ଭାବ ବିନିମୟ ନିଜ ମାତୃଭାଷା ମାଧ୍ୟମରେ ହିଁ ଅଧିକ ସହଜ ଓ ସୁନ୍ଦର ହୋଇଥାଏ । ମାତୃଭାଷାରେ ଛାତ୍ରଛାତ୍ରୀମାନେ ବିଷୟକୁ ଉତ୍ତମରୂପେ ବୁଝିବା ସଂଗେ ସଂଗେ ଭାବ ପ୍ରକାଶ କରିପାରିବେ । ସମାଜ ବିଜ୍ଞାନ ଭଳି ଏକ ନୂତନ ପାରିଭାଷିକ ବିଷୟରେ ଓଡ଼ିଆ ଭାଷାରେ ଲେଖା ଯାଇଥିବା ପାଠ୍ୟ ପୁସ୍ତକକୁ "ଓଡ଼ିଶାରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା" ପ୍ରକାଶ କରିବାର ଦାୟିତ୍ୱ ନେଇଛନ୍ତି । ଏହା +୨ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ପୁସ୍ତକ ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ନୂତନ ପାଠ୍ୟ ଖସଡ଼ା ଅନୁଯାୟୀ ଲିଖିତ । ସମାଜ ବିଜ୍ଞାନର ନୂତନ ଶିକ୍ଷାର୍ଥୀମାନଙ୍କ ପାଇଁ ବିଷୟଗୁଡ଼ିକୁ ସରଳ ଓ ସାବଲୀଳ ଭାଷାରେ ଲେଖାଯାଇଛି । ବିଷୟବସ୍ତୁ ଗୁଡ଼ିକ ଯେପରି ଛାତ୍ରଛାତ୍ରୀମାନଙ୍କର ସହଜରେ ବୋଧଗମ୍ୟ ହୋଇପାରିବ, ସେଥିପାଇଁ ବିଶେଷଭାବେ ଦୃଷ୍ଟି ଦେଇଅଛୁ । ମାତୃଭାଷାରେ ସମାଜବିଜ୍ଞାନ ବିଷୟକୁ +୨ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଦୃତ କରାଇବା ପାଇଁ ବିଶେଷ ଭାବେ ଚେଷ୍ଟା କରିଛୁ । ଏହା ଛାତ୍ରଛାତ୍ରୀ ତଥା ଶିକ୍ଷକମାନଙ୍କ ଦ୍ୱାରା ଗ୍ରହଣୀୟ ହେବ ବୋଲି ଆଶା ଏବଂ ବିଶ୍ୱାସ ।

ପୁସ୍ତକଟିର ଉନ୍ନତି ନିମିତ୍ତ ଅଧ୍ୟାପନାରତ ବନ୍ଧୁମାନଙ୍କର ପ୍ରସ୍ତାବନା ଏବଂ ସମାଲୋଚନାକୁ ସାଦରେ ଗ୍ରହଣ କରିବୁ । ଯଦି ସମାଜବିଜ୍ଞାନ ଆଗ୍ରହୀ ପାଠକ ପାଠିକା ଓ ଛାତ୍ରଛାତ୍ରୀମାନେ ଏହି ପୁସ୍ତକ ଅଧ୍ୟୟନରୁ କିଛି ଉପକାର ପାଆନ୍ତି ତାହେଲେ ଆମ୍ଭମାନଙ୍କର ଶ୍ରମ ସାର୍ଥକ ହେବ ।

ପରିଶେଷରେ, ଓଡ଼ିଶା ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥାର କର୍ମଚାରୀମାନଙ୍କୁ ସେମାନଙ୍କର ଆନ୍ତରିକ ତଥା ନିରବଚ୍ଛିନ୍ନ ଉତ୍ସାହ, ଅନୁପ୍ରେରଣା ଏବଂ ପୂର୍ଣ୍ଣପ୍ରାଣ ସହଯୋଗ ନିମନ୍ତେ ଆମେ ଆମର ଧନ୍ୟବାଦ ଅର୍ପଣ କରୁଛୁ ।

**ଶ୍ରୀ ଗୁଣ୍ଡିଚା** **ଲେଖକ ମଣ୍ଡଳୀ**

**ତା. ୦୬.୦୭.୨୦୧୬**

# ସୂଚୀପତ୍ର

| ପରିଚ୍ଛେଦ | ବିଷୟ | ପୃଷ୍ଠା |
|---|---|---|
| **ପ୍ରଥମ** | **ସମାଜ ବିଜ୍ଞାନ ଓ ଏହାର ସମ୍ପର୍କ** | **୧-୨୫** |
| | ସମାଜବିଜ୍ଞାନର ଉତ୍ପତ୍ତି, ସମାଜବିଜ୍ଞାନର ଅର୍ଥ ଓ ସଂଜ୍ଞା, ସମାଜବିଜ୍ଞାନର ପ୍ରକୃତି, ସମାଜବିଜ୍ଞାନ ଏକ ବିଜ୍ଞାନ କି ?, ସମାଜ ବିଜ୍ଞାନର ପରିସର, ସମାଜ ବିଜ୍ଞାନ ଓ ଇତିହାସ, ସମାଜ ବିଜ୍ଞାନ ଓ ଅର୍ଥଶାସ୍ତ୍ର, ସମାଜ ବିଜ୍ଞାନ ଓ ନୃତତ୍ତ୍ୱ, ସମାଜ ବିଜ୍ଞାନ ଓ ମନସ୍ତତ୍ତ୍ୱ, ସମାଜ ବିଜ୍ଞାନ ଓ ରାଜନୀତି ବିଜ୍ଞାନ, | |
| **ଦ୍ୱିତୀୟ** | **ମୌଳିକ ଅବଧାରଣା** | **୨୬-୭୪** |
| **ସମାଜ** - | ସମାଜର ଅର୍ଥ,ସମାଜର ସଂଜ୍ଞା,ସମାଜର ବୈଶିଷ୍ଟ୍ୟ, ବ୍ୟକ୍ତି ଓ ସମାଜ, ମନୁଷ୍ୟ ଏକ ସାମାଜିକ ପ୍ରାଣୀ। | |
| | **ସମୁଦାୟ–** ସମୁଦାୟର ଅର୍ଥ ଏବଂ ସଂଜ୍ଞା, ସମୁଦାୟର ବୈଶିଷ୍ଟ୍ୟ। | |
| | **ସଂଘ –** ସଂଘ ଅର୍ଥ ଏବଂ ସଂଜ୍ଞା , ସଂଘର ଗୁଣାବଳୀ। | |
| | **ସାମାଜିକ ସମୂହ –** ସାମାଜିକ ସମୂହର ସଂଜ୍ଞା, ସାମାଜିକ ସମୂହର ଗୁଣାବଳୀ। | |
| | **ପ୍ରାଥମିକ ସମୂହ –** ପ୍ରାଥମିକ ସମୂହର ସଂଜ୍ଞା, ପ୍ରାଥମିକ ସମୂହର ଗୁଣାବଳୀ। | |
| | **ଗୌଣ ସମୂହ –** ଗୌଣ ସମୂହର ସଂଜ୍ଞା, ଗୌଣ ସମୂହର ଗୁଣାବଳୀ। | |
| | **ସଂସ୍କୃତି –** ସଂସ୍କୃତିର ଅର୍ଥ ଓ ସଂଜ୍ଞା, ସଂସ୍କୃତିର ବୈଶିଷ୍ଟ୍ୟ / ଲକ୍ଷଣ, ବସ୍ତୁଭିତ୍ତିକ ଏବଂ ଅବସ୍ତୁଭିତ୍ତିକ ସଂସ୍କୃତି, ସାଂସ୍କୃତିକ ବିଳମ୍ବନ। | |

| ଅଧ୍ୟାୟ | ବିଷୟ | ପୃଷ୍ଠା |
|---|---|---|
| ତୃତୀୟ | **ସାମାଜିକ ଅନୁଷ୍ଠାନ** | **୭୫-୧୧୬** |
| | **ପରିବାର** - ପରିବାରର ଅର୍ଥ ଓ ସଂଜ୍ଞା, ପରିବାରର ସାଧାରଣ ଲକ୍ଷଣ, ପରିବାରର ପ୍ରକାର ଭେଦ, ପରିବାରର ପ୍ରକାର୍ଯ୍ୟ, | |
| | **ଜ୍ଞାତିତ୍ୱ** - ଜ୍ଞାତିତ୍ୱର ସଂଜ୍ଞା, ଜ୍ଞାତିତ୍ୱର ଆଧାର, ଜ୍ଞାତିତ୍ୱର ପ୍ରକାର ଭେଦ। | |
| | **ଶିକ୍ଷା** - ଶିକ୍ଷାର ଅର୍ଥ ଓ ସଂଜ୍ଞା, ଶିକ୍ଷାର ଗୁରୁତ୍ୱ। ସମାଜବିଜ୍ଞାନୀୟ ଦୃଷ୍ଟିକୋଣରୁ ଶିକ୍ଷାର ଗୁରୁତ୍ୱ | |
| | **ଅର୍ଥନୈତିକ ଅନୁଷ୍ଠାନ -** ସଂପତ୍ତି, ସମ୍ପତ୍ତିର ଅର୍ଥ ଓ ସଂଜ୍ଞା, ସମ୍ପତ୍ତି ଅଧିକାରର ଲକ୍ଷଣ, ସମ୍ପତ୍ତିର ପ୍ରକାର ଭେଦ, ସମ୍ପତ୍ତିର ଉପକାର, ସମ୍ପତ୍ତିର ଅପକାର, | |
| | ଶ୍ରମ ବିଭାଜନ - ଶ୍ରମ ବିଭାଜନର ଉପକାର, ଶ୍ରମ ବିଭାଜନର ଅପକାର। | |
| ଚତୁର୍ଥ | **ସାମାଜିକ ପ୍ରକ୍ରିୟା, ସ୍ତରୀକରଣ ଓ ପରିବର୍ତ୍ତନ** | **୧୧୭ - ୧୫୭** |
| | **ସାମାଜିକ ପ୍ରକ୍ରିୟା** - ସାମାଜିକ ଆନ୍ତଃ-କ୍ରିୟାର ଅର୍ଥ, ସାମାଜିକ ଆନ୍ତଃ-କ୍ରିୟାର ସଂଜ୍ଞା। | |
| | **ସମ୍ବନ୍ଧକାରୀ ପ୍ରକ୍ରିୟା -** | |
| | **ସହଯୋଗ -** ସହଯୋଗର ସଂଜ୍ଞା, ସହଯୋଗର ଗୁଣ, ସହଯୋଗର ପ୍ରକାରଭେଦ, ସହଯୋଗର ଭୂମିକା। | |
| | **ଅଭିଯୋଜନ -** ଅଭିଯୋଜନର ସଂଜ୍ଞା, ଅଭିଯୋଜନର ଗୁଣ, ଅଭିଯୋଜନର ଭୂମିକା ଓ ଗୁରୁତ୍ୱ। | |

| ଅଧ୍ୟାୟ | ବିଷୟ | ପୃଷ୍ଠା |
|---|---|---|
| | **ବିସମ୍ବନ୍ଧକାରୀ ପ୍ରକ୍ରିୟା** – | |
| | **ପ୍ରତିଯୋଗିତା** – ପ୍ରତିଯୋଗିତାର ସଂଜ୍ଞା, | |
| | ପ୍ରତିଯୋଗିତାର ଗୁଣ, ପ୍ରତିଯୋଗିତାର ପ୍ରକାର ଭେଦ, | |
| | ପ୍ରତିଯୋଗିତାର ପ୍ରକାର୍ଯ୍ୟ। | |
| | **ସଂଘର୍ଷ –** ସଂଘର୍ଷର ସଂଜ୍ଞା, ସଂଘର୍ଷର ଗୁଣ, | |
| | ସଂଘର୍ଷର ପ୍ରକାରଭେଦ, ସଂଘର୍ଷର ପ୍ରକାର୍ଯ୍ୟ, | |
| | ପ୍ରତିଯୋଗିତା ଏବଂ ସଂଘର୍ଷ ମଧ୍ୟରେ ପାର୍ଥକ୍ୟ। | |
| | **ସାମାଜିକ ପରିବର୍ତ୍ତନ –** ସାମାଜିକ ପରିବର୍ତ୍ତନର ଅର୍ଥ, | |
| | ସାମାଜିକ ପରିବର୍ତ୍ତନର ଗୁଣାବଳୀ। | |
| | **ସାମାଜିକ ପରିବର୍ତ୍ତନର କାରକ –** ସାଂସ୍କୃତିକ କାରକ, | |
| | ପ୍ରଦ୍ୟୋଗିକ କାରକ। | |
| ପଞ୍ଚମ | **ସମାଜ ବିଜ୍ଞାନ, ପଦ୍ଧତି ଓ କୌଶଳ** | **୧୫୮ – ୧୯୨** |
| | **ଅଗଷ୍ଟ କମ୍‌ଟେ –** | |
| | ତ୍ରିସ୍ତରୀୟ ନିୟମ। | |
| | **ଇମାଇଲ ଦୁର୍ଖେଇମ୍ –** | |
| | ଆତ୍ମ ହତ୍ୟା | |

| ଅଧ୍ୟାୟ | ବିଷୟ | ପୃଷ୍ଠା |
|---|---|---|

**ଗୋବିନ୍ଦ ସଦାଶିବ ଘୂରେ** - ଜାତି ।

**ମହିଶୂର ନରସିଂହାର୍ଯ୍ୟ ଶ୍ରୀନିବାସ -**

**ସଂସ୍କୃତକରଣ** - ସଂସ୍କୃତକରଣର ଗୁଣାବଳୀ,ସଂସ୍କୃତକରଣର କାରକ,

**ପଦ୍ଧତି -** ପର୍ଯ୍ୟବେକ୍ଷଣ, ପର୍ଯ୍ୟବେକ୍ଷଣର ଅର୍ଥ,ପର୍ଯ୍ୟବେକ୍ଷଣର ସଂଜ୍ଞା,

ପର୍ଯ୍ୟବେକ୍ଷଣର ଗୁଣାବଳୀ, ପର୍ଯ୍ୟବେକ୍ଷଣର ପ୍ରକାର ଭେଦ,

**ଉପକରଣ ଓ କୌଶଳ -**

**ପ୍ରଶ୍ନାବଳୀ -** ପ୍ରଶ୍ନାବଳୀର ଅର୍ଥ ଓ ସଂଜ୍ଞା,

ପ୍ରଶ୍ନାବଳୀର ଉପକାରିତା, ଅପକାରିତା

**ଅନୁସୂଚୀ** - ଅନୁସୂଚୀର ଅର୍ଥ ଓ ସଂଜ୍ଞା, ଅନୁସୂଚୀର ଉପକାରିତା,

ଅନୁସୂଚୀର ଅପକାରିତା ।

**ପ୍ରଥମ ପରିଚ୍ଛେଦ**

# ସମାଜ ବିଜ୍ଞାନ ଓ ଏହାର ସମ୍ପର୍କ

## Sociology and Its Relationship

## ଅଭ୍ୟୁଦୟ, ଅର୍ଥ, ପ୍ରକୃତି ଓ ପରିସର, ସମାଜ ବିଜ୍ଞାନର ଅନ୍ୟ ସମାଜ ବିଜ୍ଞାନ ସହିତ ସମ୍ପର୍କ - ଇତିହାସ, ଅର୍ଥଶାସ୍ତ୍ର, ନୃତତ୍ତ୍ୱ, ମନସ୍ତତ୍ତ୍ୱ ବିଜ୍ଞାନ ଓ ରାଜନୀତି ବିଜ୍ଞାନ

### Emergence, Meaning, Nature & Scope, Relationship of Sociology with Social Sciences - History, Economics, Anthropology, Psychology & Political Science

ଅତି ପ୍ରାଚୀନ କାଳରୁ ମଣିଷ ସମାଜ ସୃଷ୍ଟି ଲାଭ କରିଛି । ମଣିଷ ଏକ ସାମାଜିକ ପ୍ରାଣୀ ଓ ସମାଜ ବିନା ସେ ବଞ୍ଚି ପାରିବ ନାହିଁ । ସମାଜ ମଣିଷର ସବୁ ଆବଶ୍ୟତାକୁ ପୂରଣ କରିଥାଏ । ସମାଜ ସହ ମଣିଷର ସମ୍ପର୍କ ଅତି ପ୍ରାଚୀନ ଓ ଅତି ନିବିଡ଼; ଦୁହେଁ ଦୁହେଁଙ୍କର ପରିପୂରକ । ସମାଜ ସହ ମଣିଷର ସମ୍ପର୍କ ବିଷୟରେ ବହୁ ପ୍ରାଚୀନ କାଳରୁ ଅନେକ ମନୀଷୀ ଓ ଚିନ୍ତା ନାୟକ ଅଧ୍ୟୟନ କରି, ସେମାନଙ୍କ ଚିନ୍ତାଧାରା ବ୍ୟକ୍ତ କରି ଆସିଛନ୍ତି । ମହାନ୍ ଗ୍ରୀକ୍ ଦାର୍ଶନିକ ଆରିଷ୍ଟୋଟଲ୍ ମଣିଷକୁ ଏକ ସାମାଜିକ ପ୍ରାଣୀ ଭାବରେ ଅଭିହିତ କରିଛନ୍ତି । ମଣିଷ ଓ ସମାଜର ସମ୍ପର୍କରେ ବିଶ୍ଳେଷଣ ଆମେ କିମ୍ବଦନ୍ତୀ, ଲୋକକଥା, ସାହିତ୍ୟ ଓ ଦର୍ଶନଶାସ୍ତ୍ରରୁ ମଧ୍ୟ ପାଇଥାଉ । ମାତ୍ର ମଣିଷର ସାମାଜିକ ଜୀବନର ବିଜ୍ଞାନ ସମ୍ମତ ଅଧ୍ୟୟନ ଓ ପୁଙ୍ଖାନୁପୁଙ୍ଖ ଆଲୋଚନା ପାଇଁ ଏକ ସ୍ୱତନ୍ତ୍ର ବିଜ୍ଞାନର ଆବଶ୍ୟକତା ରହିଥିଲା ।

### ସମାଜ ବିଜ୍ଞାନର ଅଭିଦ୍ୟୁୟ (Emergence of Sociology)

ସମାଜ ବିଜ୍ଞାନ ଏକ ସ୍ୱତନ୍ତ୍ର ସାମାଜିକ ବିଜ୍ଞାନ ଅଟେ । ଉନବିଂଶ ଶତାବ୍ଦିରେ ଏହି ବିଜ୍ଞାନ ଜନ୍ମଲାଭ କରିଥିଲା । ହେଲେ ଏହାର ଇତିହାସ ସଂକ୍ଷିପ୍ତ / ସିମୀତ ହେଲେ ମଧ୍ୟ ଅତୀତ ସୁଦୀର୍ଘ ଅଟେ । ଏହି ବିଜ୍ଞାନ ପାଠ୍ୟବିଷୟ ରୂପେ ସ୍ଥାନ ପାଇଆସୁଅଛି । ସାମାଜିକ ଘଟଣାବଳୀ, ଅର୍ଥନୀତିକ, ରାଜନୈତିକ ସଂକଟର କାରଣ ଓ ଫଳାଫଳକୁ ବୈଜ୍ଞାନିକ ପଦ୍ଧତିରେ ପରୀକ୍ଷଣ କରି ଏହାର ସମାଧାନର ପନ୍ଥା ନିର୍ଣ୍ଣୟ କରିବା ଏହି ବିଜ୍ଞାନର ମୂଖ୍ୟ ଉଦ୍ଦେଶ୍ୟ ଅଟେ । ଫରାସୀ ଦାର୍ଶନିକ ତଥା ସମାଜ ବିଜ୍ଞାନର ଜନକ ଅଗଷ୍ଟ କମଟେ । ୧୮୩୯ ମସିହାରେ ପ୍ରଥମେ 'ସମାଜ ବିଜ୍ଞାନ' ଶବ୍ଦର ପ୍ରୟୋଗ କରିଥିଲେ । ସେ ଏହା ତାଙ୍କ ଲିଖିତ ପୁସ୍ତକ 'Positive Philosophy' ରେ ପ୍ରଥମେ

ଉଲ୍ଲେଖ କରିଥିଲେ । ସ୍ୱାଧୀନ ଚିନ୍ତାଧାରା, ସଂକଟର ମୁକାବିଲା ନିମନ୍ତେ ସଚେତନତା ସୃଷ୍ଟି ଏବଂ ଏହାର ସମାଧାନ ନିମନ୍ତେ ଉତ୍ତମ ପଦକ୍ଷେପ ଗ୍ରହଣରୁ ସମାଜ ବିଜ୍ଞାନର ଉତ୍ପତ୍ତି ବୋଲି କୁହାଯାଇପାରେ । ଏଥି ସହିତ ବୈଜ୍ଞାନିକ, ଶିଳ୍ପ ଏବଂ ରାଜନୈତିକ ଓ ସାମାଜିକ ବିପ୍ଳବ ସାମାଜିକ ବିଜ୍ଞାନକୁ ଏକ ସ୍ୱାଧୀନ ଓ ସାମାଜିକ ବିଜ୍ଞାନର ମାନ୍ୟତା ଦେଇଅଛି । କେପଲର, ଗାଲିଲିଓ ଏବଂ ନିଉଟନ ପ୍ରଭୃତି ପାରମ୍ପରିକ ବିଚାରଧାରା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ଈଶ୍ୱରଙ୍କ ବିଚାର କାଳ୍ପନିକ ଅଟେ । ପ୍ରାକୃତିକ ବିଜ୍ଞାନର ପ୍ରୟୋଗ ହିଁ ସମାଜକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ସମୀକ୍ଷା କରିବାରେ ସହାୟକ ହୋଇଥିଲା । ପରବର୍ତ୍ତୀ ସମୟରେ ବୈଜ୍ଞାନିକ ପଦ୍ଧତି ଶିକ୍ଷଣ ପଦ୍ଧତିରେ ଯୁକ୍ତିଯୁକ୍ତ କାରଣ ଦର୍ଶାଇ ବିଚାର ସମ୍ପନ୍ନ ହୋଇ ବ୍ୟକ୍ତି ଓ ସମାଜକୁ ପ୍ରଭାବିତ କରିବାପାଇଁ ଆହ୍ୱାନ ଦେଇପାରିଥିଲା ।

ସମୟକ୍ରମେ ରାଜନୈତିକ, ସାମାଜିକ ବିପ୍ଳବ ସୁସ୍ଥ ସମାଜ ପରିଚାଳନାରେ ଈଶ୍ୱରଙ୍କ ଭୂମିକା ଓ ପ୍ରଭାବିତ ସମାଜର ପାରମ୍ପରୀକ ବିଚାରକୁ ଅସ୍ୱୀକାର କଲା । ଏହି ବିପ୍ଳବର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବିଜ୍ଞାନର ପ୍ରଚାର ଓ ପ୍ରସାର ଏବଂ ଯୁକ୍ତିଯୁକ୍ତ କାରଣ ଦର୍ଶାଇ ସମାଜକୁ ମୂଲ୍ୟାୟନ କରିବା । ଏଥିରେ ଲକ୍, ଭୋଲଟାୟାରଙ୍କ ଭୂମିକା ଅବିସ୍ମରଣୀୟ ଅଟେ । ତତ୍‌କାଳୀନ ଇରୋପ ଓ ଆମେରିକାରେ ସମାନତା, ସ୍ୱାଧୀନତା ଏବଂ ଜାତୀୟତାବାଦର ପ୍ରଭାବ ବିଶେଷ ଭାବରେ ପରିଲକ୍ଷିତ ହୋଇଥିଲା । ସେଥିରେ ଯେଉଁ ପରିବର୍ତ୍ତନ ସମାଜରେ ଆସିଥିଲା ତାହା ଲେଖକବର୍ଗଙ୍କ ଭାଷାରୁ ଜଣାପଡେ ସାମାଜିକ ଅବସ୍ଥା ଓ ବିଶୃଙ୍ଖଳିତ ସମାଜ ।

ସମାଜ ବିଜ୍ଞାନର ଉତ୍ପତ୍ତିରେ ଶିଳ୍ପ ବିପ୍ଳବ ଓ ଫରାସୀ ବିପ୍ଳବ ବିଶେଷ ଭାବରେ ସାହାଯ୍ୟ କରିଅଛି । ଏହି ଦୁଇ ବିପ୍ଳବରେ ତତ୍‌କାଳୀନ ସମାଜରେ ଅନେକ ପରିବର୍ତ୍ତନ ଦେଖାଦେଇଅଛି । ପରିବର୍ତ୍ତିତ ପରିସ୍ଥିତି ଇଉରୋପୀୟ ସମାଜର ସ୍ଥିତିକୁ ଅସ୍ଥିର କରିଦେଇଥିଲା । ସେହି ସମୟରେ ଅନେକ ସାମାଜିକ ସମସ୍ୟା ଦେଖିବାକୁ ମିଳିଲା । ଅଗଷ୍ଟ କମଟ୍ ତତ୍‌କାଳୀନ ସମାଜର ପୁନର୍ଗଠନ ନିମନ୍ତେ ଏକ ବିଜ୍ଞାନର ଆବଶ୍ୟକତା ଅନୁଭବ କଲେ । ସେହି ସମୟରେ ଅଗଷ୍ଟ କମଟ୍ ସମାଜର ଏକ ସ୍ୱତନ୍ତ୍ର ବିଜ୍ଞାନ ପ୍ରତିଷ୍ଠାର ଗୁରୁତ୍ୱ ପ୍ରଦାନ କରିଥିଲେ । ଅଗଷ୍ଟ କମଟ୍ ସମାଜଶାସ୍ତ୍ରକୁ ପ୍ରଥମେ ଏକ ସ୍ୱତନ୍ତ୍ର ବିଜ୍ଞାନର ସ୍ଥାନ ଦେଇଥିଲେ; ଯଦିଓ ଅନ୍ୟାନ୍ୟ ସାମାଜିକ ବିଜ୍ଞାନ ସବୁ ସମାଜର ଏହା ପୂର୍ବରୁ ନିର୍ଦ୍ଦିଷ୍ଟ ଦିଗକୁ ବିଚାର କରୁଥିଲେ । ସେ ଅନୁଭବ କରିଥିଲେ ଯେ ସମାଜଶାସ୍ତ୍ର ହିଁ ପ୍ରକୃତରେ ଏକମାତ୍ର ବିଜ୍ଞାନ ଯେ କି ସମାଜର ପ୍ରକୃତି ଏବଂ ସମାଜର ସମସ୍ୟାକୁ ଠିକ୍ ରୂପେ ସମ୍ପୂର୍ଣ୍ଣ ଅନୁଶୀଳନ କରିବାକୁ ସମର୍ଥ ହେବ ।

ଦ୍ୱିତୀୟତଃ, ଊନବିଂଶ ଶତାବ୍ଦୀରେ ସାମାଜିକ ବିଜ୍ଞାନୀମାନେ ପ୍ରାକୃତିକ ବିଜ୍ଞାନଦ୍ୱାରା ବିଶେଷଭାବେ ପ୍ରଭାବିତ ହୋଇଥିଲେ । ସେମାନଙ୍କ ମଧ୍ୟରୁ କମଟ୍, ସ୍ପେନସର୍, ଦୁର୍ଖିମ ଥିଲେ ଅନ୍ୟତମ । ସେମାନେ ଯୁକ୍ତି କରିଥିଲେ ଯେ, ମାନବ ସମ୍ବଳିତ ଅଧ୍ୟୟନରେ ପ୍ରାକୃତିକ ବା ଭୌତିକ ବିଜ୍ଞାନ ପ୍ରଣାଳୀ ଅବଲମ୍ବନ କରାଯାଇପାରିବ । ମୁଖ୍ୟତଃ ବ୍ୟକ୍ତିର ଅବସ୍ଥା ଓ ସମସ୍ୟାକୁ ସାମାଜିକ ସର୍ବେକ୍ଷଣ (Social Survey) ମାଧ୍ୟମରେ ବିଶ୍ଳେଷଣ କରାଯାଇପାରିବ ।

ତେବେ ସମାଜଶାସ୍ତ୍ର ଏକ ସ୍ୱତନ୍ତ୍ର ଓ ସ୍ୱାଧୀନ ବିଜ୍ଞାନର ସ୍ଥାନ ଦେଇଥିବାରୁ ଫରାସୀ ସମାଜବିଜ୍ଞାନୀ ଅଗଷ୍ଟ କମଟ୍‌ଙ୍କୁ 'ସମାଜଶାସ୍ତ୍ରର ଜନକ' ଆଖ୍ୟା ଦିଆଯାଇଅଛି । ତାଙ୍କ ସହିତ ଅନ୍ୟ ଚାରି ଜଣ ପ୍ରାରମ୍ଭରୁ ସମାଜଶାସ୍ତ୍ରର

ଗୁରୁତ୍ୱ ଉପଲବ୍ଧି କରିଥିଲେ, ସେମାନେ ହେଲେ ସ୍ପେନସର, ଦୁର୍ଖିମ ଏବଂ ମାକ୍ସ ୱେବର । ସେମାନେ ସମସ୍ତେ ସମାଜଶାସ୍ତ୍ରର ବିଷୟବସ୍ତୁ ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ଏତଦ୍‌ବ୍ୟତିତ ବିଂଶ ଶତାବ୍ଦୀରେ ସମାଜଶାସ୍ତ୍ରର ଦ୍ରୁତ ପ୍ରଗତି ଫ୍ରାନ୍ସ, ଜର୍ମାନୀ, ଆମେରିକା, ଇଂଲଣ୍ଡ, ଭାରତ ଇତ୍ୟାଦିରେ ଯେଉଁ ସମାଜବିଜ୍ଞାନୀମାନଙ୍କର ଅବଦାନ ଏ କ୍ଷେତ୍ରରେ ଅବିସ୍ମରଣୀୟ, ସେମାନେ ହେଲେ - ପି.ଏ. ସରୋକିନ, ଟାଲକଟ୍ ପାରସନ୍, ଆର.କେ.ମର୍ଟନ, କେ. ଡେଭିସ, ଡବ୍ଲ୍ୟୁ.ଏଫ୍. ଅଗବର୍ଣ୍ଣ, ଏମ୍.ଏନ୍. ଶ୍ରୀନିବାସ, ଜି.ଏସ୍. ଘୁରେ ଏବଂ ଅନ୍ୟମାନେ । ବର୍ତ୍ତମାନ ସମାଜରେ ସମାଜଶାସ୍ତ୍ର ତା'ର ସ୍ୱତନ୍ତ୍ରତା ପ୍ରତିଷ୍ଠିତ କରିପାରିଅଛି ।

ପ୍ରଥମ ବିଶ୍ୱଯୁଦ୍ଧ ପରେ ହିଁ ସମାଜଶାସ୍ତ୍ର ବିଶ୍ୱବିଦ୍ୟାଳୟ ଶିକ୍ଷାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ପ୍ରଥମତଃ, ଏହି ଶିକ୍ଷା ବିଷୟ ୧୯୧୯ ମସିହାରେ ଭାରତର ବମ୍ବେ ବିଶ୍ୱବିଦ୍ୟାଳୟରେ ସ୍ଥାନ ପାଇଥିଲା । ଏହି ବିଭାଗ ପ୍ରଥମେ ନୃ-ବିଜ୍ଞାନ (Anthropology) ସହିତ ସମ୍ବନ୍ଧିତ ଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ୧୯୩୦ ମସିହାରେ ସମାଜଶାସ୍ତ୍ର ଏକ ଅଲଗା, ସ୍ୱତନ୍ତ୍ର ବିଷୟବସ୍ତୁ ରୂପେ ଗ୍ରହଣ ହୋଇଥିଲା । ବର୍ତ୍ତମାନ ଏହି ବିଷୟଟି ବହୁ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ଏବଂ ସ୍ୱାଧୀନ ବିଷୟରୂପେ ସ୍ଥାନ ପାଇପାରିଛି ଏବଂ ସମାଜଶାସ୍ତ୍ର ଏକ ସୂର୍ଯ୍ୟୋଦୟ (Sunrise) ବିଷୟରୂପେ ସମାଜରେ ଆଦୃତ ହୋଇପାରିଛି ।

## ସମାଜ ବିଜ୍ଞାନର ଅର୍ଥ ଓ ସଂଜ୍ଞା (Meaning and Definitions of Sociology)

ସମାଜ ବିଜ୍ଞାନ (Sociology) ଶବ୍ଦଟି ଲାଟିନ୍ ଶବ୍ଦ 'Socius' ଓ ଗ୍ରୀକ୍ ଶବ୍ଦ 'Logos' ର ମିଶ୍ରଣରୁ ଉତ୍ପନ୍ନ । Socius ଅର୍ଥ 'ସମାଜ' ଓ Logos ଅର୍ଥ 'ବିଜ୍ଞାନ' । ବ୍ୟୁତ୍ପତ୍ତିଗତ ଦୃଷ୍ଟିରୁ (Etymorlogical) ସମାଜ ବିଜ୍ଞାନ ହେଉଛି ସାମାଜିକ ତତ୍ତ୍ୱ ଅଥବା ମଣିଷ ଓ ସମାଜ ମଧ୍ୟରେ ଥିବା ପାରସ୍ପରିକ ସଂପର୍କର, ବୈଜ୍ଞାନିକ ଅଧ୍ୟୟନ ଅଥବା ମଣିଷ ସମାଜର ବୈଜ୍ଞାନିକ ଅନୁଶୀଳନ ।

ସମାଜ ବିଜ୍ଞାନର ସଂଜ୍ଞା ସମ୍ପର୍କରେ, ସମାଜ ବିଜ୍ଞାନୀମାନେ ଭିନ୍ନ ଭିନ୍ନ ମତପୋଷଣ କରିଛନ୍ତି । ସାମଜ ବିଜ୍ଞାନ ସଂକ୍ରାନ୍ତରେ ସ୍ପଷ୍ଟ ଧାରଣା କରିବାକୁ ହେଲେ ଏଗୁଡିକର ପର୍ଯ୍ୟାଲୋଚନା ନିତାନ୍ତ ଆବଶ୍ୟକ । ସେଥି ମଧ୍ୟରୁ କେତେକ ମତକୁ ନିମ୍ନରେ ଉଲ୍ଲେଖ କରାଗଲା :

**ଅଗଷ୍ଟ କମ୍‌ଟ (Auguste Comte)** : ସମାଜ ବିଜ୍ଞାନ ହେଉଛି ସମାଜ ସମ୍ପର୍କୀୟ ବିଜ୍ଞାନ, ଯାହା କେତେକ ପ୍ରାକୃତିକ ଏବଂ ଅପରିବର୍ତ୍ତନୀୟ ନିୟମକୁ ଆଖି ଆଗରେ ରଖି ତା'ର ଅନୁସନ୍ଧାନ କରିଥାଏ । (Sociology is the Science of Social Phenomena subject of natural & invariable land, the discovery of which is the object of investigation)

**ମାକାଇଭର୍ ଓ ପେଜ୍‌କ (MacIver & Page)** : "ସମାଜ ବିଜ୍ଞାନ, ସାମାଜିକ ସଂର୍ପକରେ ଅଧ୍ୟୟନ କରେ ଓ ଜାଲ ଭଳି ବୁଣା ହୋଇଥିବା ସାମାଜିକ ସମ୍ପର୍କକୁ ଆମେ ସମାଜ ବୋଲି କହିଥାଉ ।"

(Sociology is the about social relationships, the network of social relationship we call society)

**ମୋରିସ୍ ଗିନ୍‌ସବର୍ଗଙ୍କ (Moris Ginsberg)** : "ମାନବୀୟ ପାରସ୍ପରିକ କ୍ରିୟା ଓ ପାରସ୍ପରିକ ସମ୍ପର୍କ ଏବଂ ସେଗୁଡିକର ଅବସ୍ଥା ଓ ଫଳାଫଳର ଅଧ୍ୟୟନକୁ ସମାଜ ବିଜ୍ଞାନ କୁହାଯାଏ ।"

**ଗିଲିନ୍ ଏବଂ ଗିଲିନ୍ (Gillin & Gillin)** : "ସମାଜ ବିଜ୍ଞାନ, ସଂଘବଦ୍ଧ ଜୀବନ ଯାପନ କରୁଥିବା ମନୁଷ୍ୟମାନଙ୍କର କ୍ରିୟାରେ ଅଧ୍ୟୟନ।"

(Sociology in the broadest sense is the study of interaction arising from the association of living beings)

**ଇମାଇଲ୍ ଦୁର୍ଖେଇମ୍ (Emile Durkheim)** : "ସମାଜବିଜ୍ଞାନ ସାମାଜିକ ଅନୁଷ୍ଠାନର ଅଧ୍ୟୟନ କରିଥାଏ।"

**ଗିଡ଼ିଙ୍ଗ୍ସ୍ (Giddings)** : "ସମାଜବିଜ୍ଞାନ ସାମାଜିକ ବ୍ୟବସ୍ଥାର ସମସ୍ତ ବିଷୟରେ ବର୍ଣ୍ଣନା ଓ ବ୍ୟାଖ୍ୟା କରିଥାଏ।"

(Sociology is a systgematic description and explanation of society viewed as a whole)

ଉପରୋକ୍ତ ସଂଜ୍ଞାମାନଙ୍କରୁ ସ୍ପଷ୍ଟରୂପେ ଜଣାଯାଏ ଯେ ସମାଜ ବିଜ୍ଞାନ ହେଉଛି ମଣିଷ, ମଣିଷ ମଧ୍ୟରେ ଥିବା ପାରସ୍ପରିକ ସମ୍ପର୍କର ବିଜ୍ଞାନ ସମ୍ମତ ଅଧ୍ୟୟନ। ଏହା ସମାଜିକ ଘଟଣାବଳୀ, କ୍ରିୟା, ପ୍ରକ୍ରିୟା ଓ ସାମାଜିକ ଅନୁଷ୍ଠାନମାନଙ୍କର ବିସ୍ତୃତ ଆଲୋଚନା ଓ ପର୍ଯ୍ୟାଲୋଚନା କରିଥାଏ।

## ସମାଜବିଜ୍ଞାନର ପ୍ରକୃତି (Nature of Sociology)

ସମାଜ ବିଜ୍ଞାନୀମାନେ ଦେଇଥିବା ବିଭିନ୍ନ ମତ ଅନୁସାରେ ସମାଜ ବିଜ୍ଞାନର ପ୍ରକୃତି ନିରୁପଣ କରାଯାଇଛି। ନିମ୍ନରେ ସେଗୁଡ଼ିକର ଆଲୋଚନା କରାଗଲା :

୧. **ସମାଜ ବିଜ୍ଞାନ ଏକ ସାମାଜିକ ବିଜ୍ଞାନ ଅଟେ (Sociology is a Social Science):** ବିଜ୍ଞାନ ସାଧାରଣ ଭାବେ ଦୁଇ ଭାଗରେ ବିଭକ୍ତ। ପ୍ରଥମଟି ଜୀବଜଗତ, ପ୍ରକୃତି, ଜଡ଼ପଦାର୍ଥ ଓ ପରିବେଶ ସଂକ୍ରାନ୍ତୀୟ ବିଜ୍ଞାନ ଓ ଦ୍ୱିତୀୟଟି ହେଲା, ମଣିଷ ସମାଜ ଓ ସାମାଜିକ କ୍ରିୟା ପ୍ରକ୍ରିୟା ତଥା ସାମାଜିକ ଘଟଣାବଳୀର ଅଧ୍ୟୟନ। ପଦାର୍ଥବିଜ୍ଞାନ, ରସାୟନ ବିଜ୍ଞାନ, ପ୍ରାଣୀବିଜ୍ଞାନ, ଗଣିତ ଓ ପରିବେଶ ବିଜ୍ଞାନ ପ୍ରକୃତି ବିଜ୍ଞାନର ଅନ୍ତର୍ଗତ। ଇତିହାସ, ଅର୍ଥନୀତି, ରାଜନୀତି, ମନସ୍ତତ୍ୱ ଓ ନୃବିଜ୍ଞାନ ଅଥବା ମାନବ ବିଜ୍ଞାନ ସାମାଜିକ ବିଜ୍ଞାନ ରୂପେ ପରିଗଣିତ ଅଟେ। ସମାଜ ବିଜ୍ଞାନ ହେଉଛି ମାନବ ସମାଜର ବୈଜ୍ଞାନିକ ଅଧ୍ୟୟନ।

୨. **ସମାଜ ବିଜ୍ଞାନ ଏକ ସାଧାରଣ ବିଜ୍ଞାନ, ଏହା ସ୍ୱତନ୍ତ୍ର ବିଜ୍ଞାନ ନୁହେଁ (Sociology is a General Science not a Special Science) :** ସାମଜ ବିଜ୍ଞାନ ଏକ ସାଧାରଣ ବିଜ୍ଞାନ ଅଟେ। ଏହା ମଣିଷ ସମାଜର ସାଧାରଣ ଅଧ୍ୟୟନ। କୌଣସି ସ୍ୱତନ୍ତ୍ର ଦିଗ ଉପରେ ଏହା ପର୍ଯ୍ୟବେଶିତ ନୁହେଁ। ରାଜନୀତି ବିଜ୍ଞାନ, ଅର୍ଥଶାସ୍ତ୍ର ଓ ଇତିହାସ ମଣିଷ ସମାଜର କୌଣସି ଗୋଟିଏ ସ୍ୱତନ୍ତ୍ର ଦିଗକୁ ଆଲୋଚନା କରିଥାନ୍ତି। ଉଦାହରଣ ସ୍ୱରୂପ, ରାଜନୀତି ବିଜ୍ଞାନ କେବଳ ସମାଜର ରାଜନୈତିକ କ୍ରିୟାକଳାପର ଅଧ୍ୟୟନ କରିଥାଏ। ମାତ୍ର ସମାଜ ବିଜ୍ଞାନ ସାଧାରଣ ଭାବେ ଓ ସାମଗ୍ରିକ ରୂପରେ ମଣିଷ ସମାଜର ଅଧ୍ୟୟନ କରିଥାଏ।

୩. **ସମାଜ ବିଜ୍ଞାନ ଏକ ତାତ୍ତ୍ୱିକ ବିଜ୍ଞାନ, ଏହା ପ୍ରୟୋଗାତ୍ମକ ନୁହେଁ (Sociology is a Pure Science not Applied) :** ସମାଜ ବିଜ୍ଞାନ ସମାଜ ସମ୍ପର୍କୀୟ ଜ୍ଞାନ ବା ତତ୍ତ୍ୱ ଉପରେ ଆଧାରିତ। ଏହା ଏହି ତତ୍ତ୍ୱର ପ୍ରୟୋଗ ଉପରେ ନୀରବ ରହେ। ସମାଜବିଜ୍ଞାନ ସମାଜ ସଂସ୍କାର ଉପରେ କୌଣସି ମତପୋଷଣ କରି ନଥାଏ। କେବଳ ସାମାଜିକ ଘଟଣାବଳୀର ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କରେ। ବିଜ୍ଞାନ ଥିବା ତାତ୍ତ୍ୱିକ ଓ ପ୍ରୟୋଗାତ୍ମକ ଦୁଇଦିଗ ମଧ୍ୟରୁ ଏହା କେବଳ ତାତ୍ତ୍ୱିକ ଦିଗ ଉପରେ ଗୁରୁତ୍ୱ ଦେଇଥାଏ।

୪. **ସମାଜ ବିଜ୍ଞାନ ଏକ ସ୍ପଷ୍ଟ ବିଜ୍ଞାନ (Sociology is a Categorical or Natural Science) :** ସମାଜ ବିଜ୍ଞାନ ଏକ ସ୍ପଷ୍ଟ ବିଜ୍ଞାନ। ଏହା କେବଳ ସାମାଜିକ ଘଟଣାଳବୀ, ସାମାଜିକ ସଂଘର୍ଷ ଓ କ୍ରିୟାକଳାପ ତଥା ସାମାଜିକ ଅନୁଷ୍ଠାନଗୁଡିକର ତାତ୍ତ୍ୱିକ ଆଲୋଚନା କରିଥାଏ। ଏହା ସେ ସମ୍ପର୍କରେ କୌଣସି ମତାମତ ନ ଦେଇ ନିରପେକ୍ଷତା ଅବଲମ୍ବନ କରେ। ଏହା ସାମଜିକ, ରୀତିନୀତି ଯୁଦ୍ଧ, ବିପ୍ଳବ, ଦ୍ୱନ୍ଦ୍ୱର କେବଳ ବିଜ୍ଞାନ ସମ୍ମତ ଅନୁଧ୍ୟାନ କରେ ମାତ୍ର କୌଣସି ନିର୍ଦ୍ଦେଶ ଦେଇ ନଥାଏ। କ'ଣ ହେବା ଉଚିତ୍ ଓ କ'ଣ ହେବା ଅନୁଚିତ୍ ତାହା ସମାଜ ବିଜ୍ଞାନ କହି ନଥାଏ। ମତାମତ ପୋଷଣ ବିଜ୍ଞାନର କାମ ନୁହେଁ, ଏହା କେବଳ ବିଜ୍ଞାନ ସମ୍ମତ ଅଧ୍ୟୟନ କରିଥାଏ।

୫. **ସମାଜ ବିଜ୍ଞାନ ଏକ ମୂର୍ତ୍ତ ବିଜ୍ଞାନ ନୁହେଁ, ଏହା ଏକ ଅମୂର୍ତ୍ତ ବିଜ୍ଞାନ ଅଟେ (It is an Abstract Science not a Concrete) :** ସମାଜବିଜ୍ଞାନ ସାଧାରଣ ଭାବେ ସାମାଜିକ ଘଟଣାବଳୀ ଓ କ୍ରିୟା ପ୍ରକ୍ରିୟାକୁ ଅନୁଧ୍ୟାନ କରେ। କୌରସି ଏକ ନିର୍ଦ୍ଦିଷ୍ଟ ଘଟଣା ଉପରେ ପ୍ରାଧାନ୍ୟ ଦେଇ ନଥାଏ। ଏହା କୌଣସି ଏକ ନିର୍ଦ୍ଦିଷ୍ଟ ବିପ୍ଳବ, ଯୁଦ୍ଧ, ଅଥବା ବିପ୍ଳବ ଦ୍ୱନ୍ଦ୍ୱ ଅଥବା ପରିବର୍ତ୍ତନର ଆଲୋଚନା କରିଥାଏ। କେବଳ ଗୋଟିଏ ଘଟଣା ଉପରେ ବା ଗୋଟିଏ ଯୁଦ୍ଧ ଉପରେ ଏହା ଏକ ଗୁରୁତ୍ୱ ଦେଇ ନଥାଏ। ଏଣୁ ଏହା ହେଉଛି ଏକ ଅମୂର୍ତ୍ତ ବିଜ୍ଞାନ(Abstract Science), ମୂର୍ତ୍ତ ବିଜ୍ଞାନ(Concrete Science) ନୁହଁ।

୬. **ସମାଜ ବିଜ୍ଞାନ ଏକ ପ୍ରଜ୍ଞାସିଦ୍ଧ ଏବଂ ଅନୁଭବ ସିଦ୍ଧ ବିଜ୍ଞାନ ଅଟେ (Sociology is both a rational and an Empcrical Science) :** ସମାଜ ବିଜ୍ଞାନ ଅନୁସନ୍ଧାନ ଓ ପର୍ଯ୍ୟବେକ୍ଷଣ ଉପରେ ଆଧାରିତ। ବିଭିନ୍ନ ଅଞ୍ଚଳ ଓ ସମାଜର ଘଟଣାବଳୀରୁ ତଥ୍ୟ ସଂଗ୍ରହ କରି ଏହାର ବିଜ୍ଞାନ ସମ୍ମତ ପରୀକ୍ଷା ନିରୀକ୍ଷା ଓ ପର୍ଯ୍ୟବେକ୍ଷଣ କରିଥାଏ। ଅନୁସନ୍ଧାନ ଓ ଯୁକ୍ତିଯୁକ୍ତତା ଓ ପ୍ରାସଙ୍ଗିକତାକୁ ଆଧାର କରି ଏହା ତତ୍ତ୍ୱ ପ୍ରଦାନ କରିଥାଏ। କୌଣସି ବସ୍ତୁର ବିନା ପରୀକ୍ଷାରେ ମତ ଦେବା ବିଜ୍ଞାନ ସମ୍ମତ ନୁହେଁ। ସମାଜ ବିଜ୍ଞାନର ସମସ୍ତ ତତ୍ତ୍ୱ ଅନୁସନ୍ଧାନ, ପର୍ଯ୍ୟବେକ୍ଷଣ, ପରୀକ୍ଷା ନିରୀକ୍ଷା ଓ ଯୁକ୍ତି ଯୁକ୍ତତା ଓ ବିଚାର ବୁଦ୍ଧିର ଉପଯୋଗିତା ଉପରେ ଆଧାରିତ।

## ସମାଜ ବିଜ୍ଞାନ ଏକ ବିଜ୍ଞାନ କି ? (Is Sociology a Science)

ସମାଜ ବିଜ୍ଞାନ ଏକ ବିଜ୍ଞାନ କି ନୁହେଁ ଏଥି ସଂକ୍ରାନ୍ତରେ ଅନେକ ବିବାଦ ଦେଖାଯାଏ। କେତେକ ବିଦ୍ୱାନ ତଥା ଦାର୍ଶନିକ ଏହାକୁ ବିଜ୍ଞାନ କହିଥିବା ବେଳେ କେତେକ ଭିନ୍ନ ମତପୋଷଣ କରିଥାନ୍ତି। ସେମାନଙ୍କ ମତରେ ଏହା ମାନବ ଓ କାର୍ଯ୍ୟକଳାପ ଓ ଅନୁଷ୍ଠାନ ଉପରେ ଆଧାରିତ ଯାହାକୁ ବିଜ୍ଞାନର ଆଖ୍ୟା ଦେବା ଭୂଲ ହେବ। ସମାଜ ଶାସ୍ତ୍ରର ଜନକ ଅଗଷ୍ଟ କମ୍‌ଟେ (August Comte) ଏହାକୁ ସାମାଜିକ ବିଜ୍ଞାନ ଗୁଡିକର ରାଣୀ (Queen of Social Science) ରୂପେ ଅଭିହିତ କରିଛନ୍ତି। ବିଶିଷ୍ଟ ସମାଜ ବିଜ୍ଞାନୀ ଇମାଇଲ ଦୁରଖେଇମ୍ (Emile Durkheim), ମାକ୍ସୱେବର ଓ (Maxweber), ପ୍ୟାରିଟୋ (Pareto) ତଥା ସ୍ପେନସର (Herbert Spencer) ସମାଜ ବିଜ୍ଞାନକୁ ବିଜ୍ଞାନର ମାନ୍ୟତା ପ୍ରଦାନ କରିଛନ୍ତି। ସମାଜ ବିଜ୍ଞାନକୁ ସେମାନେ ଅନ୍ୟ ସମସ୍ତ ପ୍ରକୃତି ବିଜ୍ଞାନ (Natural Science) ର ସମକକ୍ଷ ଭାବେ ଗଣନା କରନ୍ତି। ମାତ୍ର ସି.ରାଇଟ୍ ମିଲସ୍ (C. Wright Mills), ଟି.ବି. ବଟମୋର୍ (T.B. Bottomore), ରର୍ବଟ ବିଅରସ୍ତିଡ୍ (Robert Bierstedt)ଙ୍କ ମତରେ ଏହାକୁ ଏକ ବିଜ୍ଞାନ ନକହି କଳା କହିବା ଉଚିତ୍। ସମାଜ ବିଜ୍ଞାନ ପ୍ରାକୃତିକ ନିୟମାବଳୀ ବା ପ୍ରକୃତି

ବିଜ୍ଞାନ ସହ ତୁଳନୀୟ ନୁହଁ। ଏହା ମାନବୀୟ ମସ୍ତିଷ୍କ ଉପରେ ଆଧାରିତ ଏକ ସୂକ୍ଷ୍ମ ନମନୀୟ କଳା ସଦୃଶ। ତେବେ ସମାଜ ବିଜ୍ଞାନର ବାସ୍ତବିକ ପ୍ରକୃତି ଜାଣିବାକୁ ହେଲେ ପ୍ରଥମେ ବିଜ୍ଞାନ କ'ଣ ବା ବିଜ୍ଞାନ କାହାକୁ ବୁଝାଏ ଜାଣିବାର ଆବଶ୍ୟକତା ରହିଛି। ନିମ୍ନରେ ତାହାର ଆଲୋଚନା କରାଗଲା।

## ବିଜ୍ଞାନ କ'ଣ ବା କାହାକୁ ବୁଝାଏ ?

ବିଜ୍ଞାନ ଏକ ବିଶେଷ ଅଧ୍ୟୟନ। କୌଣସି ବିଷୟ ବା ବସ୍ତୁ ଉପରେ ବିଶେଷ ଜ୍ଞାନକୁ ବିଜ୍ଞାନ କୁହାଯାଏ। ବିଜ୍ଞାନରେ କେତେକ ବିଶେଷ ପଦ୍ଧତି ପ୍ରୟୋଗ କରାଯାଉଥାଏ (application of method)। ବୈଜ୍ଞାନିକ ପଦ୍ଧତି ଦ୍ୱାରା ପ୍ରାପ୍ତ କରାଯାଇଥିବା ଜ୍ଞାନକୁ ବିଜ୍ଞାନ କୁହାଯାଏ। ପୃଥିବୀର ସମସ୍ତ ବିଜ୍ଞାନ ଏହି ପଦ୍ଧତିଗୁଡ଼ିକର ଅନୁସରଣ କରିଥାଏ। କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ର ଅବା ସ୍ଥାନରେ କେତେକ ନିଶ୍ଚିତ ସିଦ୍ଧାନ୍ତ ଅନୁସାରେ ବୈଜ୍ଞାନିକ ପଦ୍ଧତିରେ ପ୍ରୟୋଗ କରାଯାଏ।

ଲୁଣ୍ଡବର୍ଗଙ୍କ ମତରେ ବୈଜ୍ଞାନିକ ପଦ୍ଧତିରେ; ବିଶେଷଭାବେ ପର୍ଯ୍ୟବେକ୍ଷଣ, ତଥ୍ୟଗୁଡ଼ିକ ସଂଗ୍ରହ, (Data collection), ତଥ୍ୟ ବର୍ଗୀକରଣ (Classification of data), ଓ ସେଗୁଡ଼ିକର ବିଶ୍ଲେଷଣ ଉପରେ ଗୁରୁତ୍ୱ ଦିଆଯାଏ। ମୋଟାମୋଟି ଭାବରେ କୌଣସି ବିଷୟକୁ ବିଜ୍ଞାନ କହିବାକୁ ହେଲେ ତାହା କେତେକ ନିୟମ, ପ୍ରଣାଳୀ ବା ରୀତିନୀତି ଉପରେ ଆଧାରିତ ହେବା ଆବଶ୍ୟକ। ସେଗୁଡ଼ିକ ହେଉଛି :

୧. ବୈଜ୍ଞାନିକ ପଦ୍ଧତିର ପ୍ରୟୋଗ,
୨. ପର୍ଯ୍ୟବେକ୍ଷଣ
୩. ତଥ୍ୟଗୁଡ଼ିକର ବର୍ଗୀକରଣ ଓ ବିଶ୍ଳେଷଣ
୪. ବସ୍ତୁନିଷ୍ଠତା
୫. କାରଣ ଓ ଫଳାଫଳର ନିରୀକ୍ଷା
୬. ସିଦ୍ଧାନ୍ତର ପୁନଃ ପରୀକ୍ଷଣ
୭. ସାର୍ବଜନୀନ ସିଦ୍ଧାନ୍ତ
୮. ତଥ୍ୟ ଉପରେ ଆଧାରିତ ଭବିଷ୍ୟବାଣୀ

ଏହି ପରିପେକ୍ଷୀରେ ସମାଜ ବିଜ୍ଞାନ, ବିଜ୍ଞାନ କି ବିଜ୍ଞାନ ପଦବାଚ୍ୟ ନୁହଁ, ତାହାର ଆଲୋଚନା ଆବଶ୍ୟକ। ଯଦି ଉପରୋକ୍ତ ଗୁଣଗୁଡ଼ିକ ଉପରେ ସମାଜ ବିଜ୍ଞାନ ଆଧାରିତ ବେଳେ ତାହା ବିଜ୍ଞାନ ପଦବାଚ୍ୟ ହୋଇପାରିବ। ନିମ୍ନରେ ତାହାର ଉଲ୍ଲେଖ କରାଗଲା –

୧. **ସମାଜ ବିଜ୍ଞାନ, ବୈଜ୍ଞାନିକ ପଦ୍ଧତି ଉପରେ ଆଧାରିତ :** ସମାଜ ବିଜ୍ଞାନ ଏକ ବିଜ୍ଞାନ, କାରଣ ଅନ୍ୟାନ୍ୟ ପ୍ରାକୃତିକ ବିଜ୍ଞାନ ଭଳି ଏଥିରେ ବୈଜ୍ଞାନିକ ପଦ୍ଧତିର ଅନୁସରଣ କରାଯାଇଥାଏ। ସମାଜ ବିଜ୍ଞାନରେ ପରିସଂଖ୍ୟାନ ପଦ୍ଧତି (Statistical Method), ପର୍ଯ୍ୟବେକ୍ଷଣ (Observation), ବ୍ୟକ୍ତିଗତ, ଜୀବନ ଅଧ୍ୟୟନ ପଦ୍ଧତି (Case study Method), ସାକ୍ଷାତକାର (Interview), ଐତିହାସିକ ପଦ୍ଧତି (Historical Method), ତୁଳନା (Comparison), ତଥା ସାମାଜିକ ପରିମାପକ (Sociometry), ପଦ୍ଧତିର ବହୁଳ ଭାବେ ପ୍ରୟୋଗ କରାଯାଇଥାଏ।

୨. **ପର୍ଯ୍ୟବେକ୍ଷଣ ପଦ୍ଧତିର ପ୍ରୟୋଗ (Observation Method) :** ସମାଜ ବିଜ୍ଞାନୀମାନେ ଘଟଣା ସ୍ଥଳରେ ପହଞ୍ଚି ପ୍ରତ୍ୟକ୍ଷଭାବେ ଅବା ପରୋକ୍ଷଭାବେ ଘଟଣାର ପର୍ଯ୍ୟବେକ୍ଷଣ କରିଥାନ୍ତି। ଏହି ପର୍ଯ୍ୟବେକ୍ଷଣ ପରୀକ୍ଷାଗାର ମଧ୍ୟରେ ସୀମିତ ନୁହେଁ। ସମଗ୍ର ମାନବ ସମାଜ ହେଉଛି ସମାଜ ବିଜ୍ଞାନର ପରୀକ୍ଷାଗାର। ତଥ୍ୟ ସଂଗ୍ରହ ଓ ସେଗୁଡ଼ିକର ପରୀକ୍ଷା ବିଜ୍ଞାନର ପରୀକ୍ଷାଗାର ବା ଟେଷ୍ଟ ଟ୍ୟୁବ ମଧ୍ୟରେ ନ ହୋଇ ଗୁଣାତ୍ମକ ଭାବେ ଗାଁ ଗଣ୍ଡାରେ, ଶିଳ୍ପକ୍ଷେତ୍ର ତଥା ବସ୍ତି ଅଞ୍ଚଳରେ କରାଯାଇଥାଏ। ଗବେଷକ, ନିଜେ ସେହି ସ୍ଥାନରେ ରହି ପ୍ରତ୍ୟକ୍ଷ ଭାବେ ଅଥବା ପରୋକ୍ଷ ଭାବେ ତଥ୍ୟ ସଂଗ୍ରହ କରିଥାନ୍ତି।

୩. **ତଥ୍ୟମାନଙ୍କର ବର୍ଗୀକରଣ ଓ ବିଶ୍ଳେଷଣ :** କୌଣସି ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ବୈଜ୍ଞାନିକ ପଦ୍ଧତିରେ ତଥ୍ୟଗୁଡ଼ିକର ସମାନତା ଓ ଉଚ୍ଚ ନୀଚ କ୍ରମ ତଥା ବିଭିନ୍ନତାକୁ ଆଧାର କରି ବର୍ଗୀକରଣ କରାଯାଏ ଯଥା- ଉଚ୍ଚ ଆୟବର୍ଗୀ, ମଫସଲରେ ରହୁଥିବା ଗରୀବ ଜନତା ଅଥବା, ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ପଛୁଆବର୍ଗର ଲୋକ ଇତ୍ୟାଦି। ପ୍ରଥମେ ଏହି ସବୁ କ୍ରମରେ ବିଭକ୍ତି କରି ତଥ୍ୟ ଗୁଡ଼ିକର ବର୍ଗୀକରଣ କରାଯାଏ ଓ ତାପରେ ସେହି ସବୁ ତଥ୍ୟକୁ ବିଶ୍ଳେଷଣ କରାଯାଇଥାଏ। ଏହି ପଦ୍ଧତିରେ ସିଦ୍ଧାନ୍ତରେ ସହଜରେ ଉପନୀତ ହେବା ସମ୍ଭବ।

୪. **ବସ୍ତୁନିଷ୍ଠତା (Objectivity) :** ତଥ୍ୟ ସଂଗ୍ରହ କରିବା ସମୟରେ ସମାଜବିଜ୍ଞାନୀ କେବଳ ବାସ୍ତବ ଅବିକଳ ଓ ସତ୍ୟ ଉପରେ ଆଧାରିତ ଘଟଣାବଳୀ ପ୍ରତି ଗୁରୁତ୍ୱ ଦେଇଥାନ୍ତି। କୌଣସି କଳ୍ପନା, ଭାବପ୍ରବଣତା ଓ ଉଚିତ୍, ଅନୁଚିତ ତଥା କୌଣସି ବ୍ୟକ୍ତିର ମତ ବା ଧ୍ୟାନ ଧାରଣାକୁ ବିଚାରକୁ ନେଇ ନଥାନ୍ତି। କ'ଣ କରିବା ଉଚିତ୍ ଓ କ'ଣ ଅନୁଚିତ୍; ଭଲ କ'ଣ ଓ ଭେଲ କ'ଣ ତାହା ସମାଜ ବିଜ୍ଞାନରେ ସ୍ଥାନ ପାଏ ନାହିଁ, ଯଥା-ଜାତି ପ୍ରଥା, ଅସ୍ପୃଶ୍ୟତା ଅଥବା ସାଂପ୍ରଦାୟିକତାର ଅଧ୍ୟୟନ ସମୟରେ ଯାହା ଆଖିଦେଖା ଓ ସତ୍ୟ ତଥା ପରୀକ୍ଷାନିରୀକ୍ଷାରୁ ପ୍ରାପ୍ତ ତାହାକୁ ହିଁ କେବଳ ଉଲ୍ଲେଖ କରିଥାନ୍ତି। କିନ୍ତୁ ତାହା ଭଲ କି ମନ୍ଦ, ଉଚିତ୍ ବା ଅନୁଚିତ୍ ସେ ସବୁ ସଂକ୍ରାନ୍ତରେ ମନ୍ତବ୍ୟ ଦିଅନ୍ତି ନାହିଁ।

୫. **କାରଣ ଓ ଫଳାଫଳର ନିରୀକ୍ଷା (Cause & Effect) :** ବିଭିନ୍ନ ସାମାଜିକ ଘଟଣାବଳୀର ଅନୁଧ୍ୟାନ କଲାବେଳେ ତାହା କେଉଁ କାରଣରୁ ଘଟିଥାଏ ସେଗୁଡ଼ିକର ଅନୁଧ୍ୟାନ କରିବା ଅତ୍ୟନ୍ତ ଜରୁରୀ। କୌଣସି ସମସ୍ୟାର ଲୁକ୍କାୟିତ କାରଣ ଖୋଜି ବାହାର କରିବା ବିଜ୍ଞାନ ସମ୍ମତ ଅଟେ। କାର୍ଲ ମାର୍କ୍ସଙ୍କର ଶ୍ରେଣୀ ସଂଘର୍ଷ, ଦୁଇଖେଇମ୍‌ଙ୍କ ଆତ୍ମହତ୍ୟା ଓ ମାକ୍ସ ୱେବରଙ୍କ ଧର୍ମ ସହ ଅର୍ଥନୀତିର ସଂପର୍କର ସିଦ୍ଧାନ୍ତ କାରଣ ଓ ଫଳାଫଳ ଉପରେ ପର୍ଯ୍ୟବେଶିତ।

୬. **ସିଦ୍ଧାନ୍ତର ପୁନଃ-ପରୀକ୍ଷଣ (Verification) :** କୌଣସି ତତ୍ତ୍ୱ ବା ସିଦ୍ଧାନ୍ତକୁ ପୁନର୍ବାର ଅଥବା ବାରମ୍ବାର ପରୀକ୍ଷା କରାଯାଇ ପାରିଥାଏ ଏପରିକି ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ମଧ୍ୟ ଫଳାଫଳ ସମାନ ହୋଇଥାଏ। ସମାଜଶାସ୍ତ୍ର ବା ସମାଜ ବିଜ୍ଞାନରେ ଯେହେତୁ ବୈଜ୍ଞାନିକ ପଦ୍ଧତିର ଅନୁସରଣ କରାଯାଇଥାଏ, ଏହି ସବୁ ସିଦ୍ଧାନ୍ତର ବାରମ୍ବାର ପରୀକ୍ଷା ନିରୀକ୍ଷା ସମ୍ଭବ। ଏହାଦ୍ୱାରା ଫଳାଫଳରେ କୌଣସି ପାର୍ଥକ୍ୟ ଦେଖାଦେଇ ନଥାଏ।

୭. **ସାର୍ବଜନୀନ ସିଦ୍ଧାନ୍ତ (Universal Theory) :** ସାମଜ ବିଜ୍ଞାନର ସିଦ୍ଧାନ୍ତ ତତ୍ତ୍ୱ ତଥା ନିୟମମାନ ସାର୍ବଜନୀନ। ସମାନ କାରଣ ଥାଇ ବିଭିନ୍ନ ସ୍ଥାନ ବା ଅଞ୍ଚଳରେ ଫଳାଫଳ ଏକା ହୋଇଥାଏ। ଦେଶ ପ୍ରାନ୍ତ ବା ଅଞ୍ଚଳ ବିଭିନ୍ନତା ସତ୍ତ୍ୱେ ସାର୍ବଜନୀନ ତତ୍ତ୍ୱ ସମ୍ଭବପର, ଯଥା- ଶିଳ୍ପୀକରଣ, ନଗରୀକରଣ, ପରିବାର ବିଘଟନ, ବେକାର ସମସ୍ୟାର ଉତ୍ପତ୍ତି ଓ ଫଳାଫଳ ସାର୍ବଜନୀନ ସତ୍ୟ ଅଟେ। ଏଭଳି କେତେ ଗୁଡ଼ିଏ ସତ୍ୟ ସ୍ଥାନ, କାଳପାତ୍ର, ବିଭେଦ ସତ୍ତ୍ୱେ ସବୁଠାରେ ସମାନ ହୋଇଥାନ୍ତି।

୮. **ଭବିଷ୍ୟବାଣୀ ସମ୍ଭବପର (Prediction is Possible) :** ସମାଜ ବିଜ୍ଞାନ ହେଉଛି ସମାଜର ବିଜ୍ଞାନ। ଏହା ଦଳ, ଗୋଷ୍ଠୀ ଓ ସଂପ୍ରଦାୟର ଅଧ୍ୟୟନ କରିଥାଏ। ଏହି ସବୁ ଅନୁଷ୍ଠାନର ଆଚାର, ନୀତି ନିୟମ ଓ ଲକ୍ଷଣକୁ ଭିତ୍ତିକରି ଭବିଷ୍ୟତର ରୂପରେଖ ପ୍ରସ୍ତୁତ କରିବା ସମ୍ଭବପର। ଜାତି ବ୍ୟବସ୍ଥା ଭବିଷ୍ୟତ, ଏକବିଂଶ ଶତାବ୍ଦର ଅର୍ଥନୀତି ଓ ସାମାଜିକ ବ୍ୟବସ୍ଥା ତଥା ପୌରୀକରଣ ଉପରେ ଟିପ୍ପଣୀ ବା ଭବିଷ୍ୟବାଣୀ କରିବା ସମ୍ଭବପର। ସମାଜ ବିଜ୍ଞାନରେ ଥିବା ଗଚ୍ଛିତ ଜ୍ଞାନର ଭଣ୍ଡାର ଏ ପ୍ରକାର ଭବିଷ୍ୟବାଣୀରେ ସହାୟକ ହୋଇଥାଏ।

ବିଜ୍ଞାନର ସମସ୍ତ ଗୁଣାବଳୀ ସମାଜ ବିଜ୍ଞାନରେ ରହିଥାଏ। ସମାଜ ବିଜ୍ଞାନ ସମସ୍ତ ବୈଜ୍ଞାନିକ ତତ୍ତ୍ୱ ନିୟମ ଉଛପରେ ଆଧାରିତ। ଏଣୁ ସମାଜ ବିଜ୍ଞାନ ଏହାର ନିଜସ୍ୱ ପ୍ରତିଭା ବଳରେ ବିଜ୍ଞାନ ପଦବାଚ୍ୟ। ସମାଜ ବିଜ୍ଞାନ ଯେ ଏକ ବିଜ୍ଞାନ ତାହାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ।

**ସମାଜ ବିଜ୍ଞାନ ବିଜ୍ଞାନ ନୁହେଁ (Sociology is not a Science) :**

କେତେକ ଦାର୍ଶନିକ ଓ ବିଦ୍ୱାନ ସମାଜ ବିଜ୍ଞାନକୁ ଏକ ବିଜ୍ଞାନ ବୋଲି ମାନିବାକୁ ପ୍ରସ୍ତୁତ ନୁହଁନ୍ତି। ସେମାନଙ୍କ ଯୁକ୍ତିଗୁଡ଼ିକ ନିମ୍ନରେ ଉଲ୍ଲେଖ କରାଗଲା :

୧. **ସାମାଜିକ ଘଟଣାବଳୀର ଜଟିଳତା (Complexity of Social Phenomena) :** ସମାଜ ବିଜ୍ଞାନ ସାମାଜିକ ଘଟଣାବଳୀର ଅଧ୍ୟୟନ; ଯାହାକି ଅତ୍ୟନ୍ତ ଜଟିଳ ଅଟେ। ଏହି ସାମାଜିକ ଘଟଣାଳବୀରେ ଘନ ଘନ ପରିବର୍ତ୍ତନ ମଧ୍ୟ ଦେଖାଦେଇଥାଏ। ଘଟୁଥିବା ଘଟଣାର କାରଣ ମଧ୍ୟ ଅହରହ ପରିବର୍ତ୍ତନ ଲାଗି ରହିଥାଏ। ଏହାଛଡ଼ା କୌଣସି ସାମାଜିକ ଘଟଣା ଅନ୍ୟ ଏକ ଘଟଣା ସହ ଅଙ୍ଗାଅଙ୍ଗୀଭାବେ ଜଡ଼ିତ ଥିବାରୁ ଗୋଟିକୁ ଅନ୍ୟଠାରୁ ପୃଥକ କରିବା ସହଜ ନୁହେଁ ଯଥା : ପରିବାର, ଜାତି ଶ୍ରେଣୀ କିମ୍ବା ସହର ଓ ଗ୍ରାମାଞ୍ଚଳ ପରସ୍ପର ସହ ନିବିଡ ଭାବେ ଜଡ଼ିତ ଓ ନିର୍ଭରଶୀଳ। ମାତ୍ର ପ୍ରାକୃତିକ ଓ ଭୌତିକ ବିଜ୍ଞାନରେ ଗୋଟିଏ ବଡ଼ ବସ୍ତୁକୁ ଅନ୍ୟ ବସ୍ତୁଠାରୁ ପୃଥକ କରି ପରୀକ୍ଷା ନିରୀକ୍ଷା କରାଯାଇପାରେ। ଏଣୁ ସାମାଜିକ ଘଟରାବଳୀର ପରିବର୍ତ୍ତନଶୀଳତା ଓ ଜଟିଳତା କାରଣରୁ କେତେକ ସମାଜବିଜ୍ଞାନୀ ସମାଜ ବିଜ୍ଞାନକୁ ବିଜ୍ଞାନ ରୂପେ ସ୍ୱୀକାର କରନ୍ତି ନାହିଁ।

ମାତ୍ର କୌଣସି ବସ୍ତୁ ସମ୍ବନ୍ଧରେ ପୂର୍ଣ୍ଣ ଭୂମିକମ୍ପ, ମୌସୁମୀ ପ୍ରବାହ ବା ସୌର ରଶ୍ମିର ଉତ୍ସ ଇତ୍ୟାଦି ସଂକ୍ରାନ୍ତରେ ଗବେଷଣା କରି ସେସବୁ ବିଷୟରେ ଜ୍ଞାନଲାଭ କରାଯାଇପାରୁଛି। ସେହିଭଳି ସାମାଜିକ ଅନୁଷ୍ଠାନ ଓ କ୍ରିୟା ପ୍ରକ୍ରିୟା ସଂକ୍ରାନ୍ତରେ ପର୍ଯ୍ୟାପ୍ତ ଗବେଷଣା ଓ ଅନୁସନ୍ଧାନ ଦ୍ୱାରା ଏଗୁଡ଼ିକର ଜଟିଳତା ଦୂରହୋଇପାରିବ। ଏହାଛଡା ଜଳବାୟୁ ତଥା ଭୂମଣ୍ଡଳରେ ମଧ୍ୟ ସଦା ସର୍ବଦା ପରିବର୍ତ୍ତନ ଲାଗି ରହିଛି।

ଏ ସବୁ ସତ୍ତ୍ୱେ ସେ ସଂକ୍ରାନ୍ତୀୟ ଜ୍ଞାନ ଯଦି ବିଜ୍ଞାନ ହୋଇପାରିଛି, ତେବେ ସାମାଜିକ ବିଜ୍ଞାନ ମଧ୍ୟ ବିଜ୍ଞାନ ପଦବାଚ୍ୟ ହୋଇପାରିବ।

୨. **ବସ୍ତୁନିଷ୍ଠତାର ଅଭାବ (Lack of Objectivity) :** ଗବେଷକ ନିଜର ବିଚାର, ମୂଲ୍ୟବୋଧ ଓ ଭାବାବେଗ ତଥା ଆଶା ଓ ବିଶ୍ୱାସରୁ ଊର୍ଦ୍ଧ୍ୱରେ ରହି କୌଣସି ଘଟଣାକୁ ବା ତଥ୍ୟକୁ ନିର୍ଭୁଲ ଭାବେ ସଂଗ୍ରହ କରିବା ଓ ଉପସ୍ଥାପନ କରିବା ହେଉଛି ବସ୍ତୁନିଷ୍ଠତା। ଘଟଣା ଯେଉଁଭଳି ଅବସ୍ଥିତ (as it is) ଅବିକଳ ସେହିଭଳି ତାର ମୂଲ୍ୟାୟନ କରିବାକୁ ବସ୍ତୁନିଷ୍ଠତା (objectivity) କୁହାଯାଏ। ଗବେଷକ ନିଜର ଘୃଣା, ଦ୍ୱେଷ ବା ପକ୍ଷପାତରୁ ଊର୍ଦ୍ଧ୍ୱରେ ରହି ଘଟଣାବଳୀର ଅନୁଧାନ କରିବା ସମାଜ ବିଜ୍ଞାନରେ ସମ୍ଭବ ନୁହେଁ ବୋଲି କେତେକ ବିଦ୍ୱାନ ମତ ଦିଅନ୍ତି। ଭୌତିକ ବିଜ୍ଞାନ ବା ପ୍ରାକୃତିକ ବିଜ୍ଞାନରେ ଏହା ସମ୍ଭବ, କାରଣ କୌଣସି ଜଡ଼ ବା ନିଶ୍ଚଳ ପଦାର୍ଥ ଅଥବା ଦ୍ରବଣ ସହ ବୈଜ୍ଞାନିକର ପ୍ରେମ ବା ଭାବପ୍ରବଣତା ନଥାଏ। କିନ୍ତୁ ସମାଜ ଶାସ୍ତ୍ରରେ ପରିବାର, ଧର୍ମ, ପ୍ରଥା, ପରମ୍ପରା, ନିଜ ସମୁଦାୟର ଅଧ୍ୟୟନ କରାଯାଇଥାଏ। ଏସବୁ ସହ ନିଜେ ସମାଜଶାସ୍ତ୍ରୀ ଜଡ଼ିତ ଅଥବା ସେ ସଂକ୍ରାନ୍ତରେ ପୂର୍ବବିଚାର (Prejudice) ଅଥବା ପକ୍ଷପାତ ବିଚାର ଅବସମ୍ଭାବୀ। ଏହି କାରଣରୁ ଏହି ବିଜ୍ଞାନକୁ ବିଜ୍ଞାନ କହିବା ଯୁକ୍ତି ଯୁକ୍ତ ନୁହେଁ ବୋଲି କେହି କେହି ମତ ଦିଅନ୍ତି।

ଅବଶ୍ୟ ଏହା ନିତ୍ୟାନ୍ତ ସତ୍ୟ ଯେ, ପ୍ରାକୃତିକ ବିଜ୍ଞାନରେ ଅପେକ୍ଷାକୃତ ଅଧିକ ବସ୍ତୁନିଷ୍ଠତା ଦେଖାଦେଇଥାଏ। ମାତ୍ର ଆଧୁନିକ ଯୁଗରେ ବିଭିନ୍ନ ପଦ୍ଧତି ଓ ପ୍ରଣାଳୀ ସାହାଯ୍ୟରେ ସାମାଜିକ ତଥ୍ୟାବଳୀର ବୈଜ୍ଞାନିକ ଅଧ୍ୟୟନ ସମ୍ଭବପର ହୋଇପାରୁଛି। ଗବେଷକ ନିଜର ଧ୍ୟାନ ଧାରଣାକୁ ବିଚାରକୁ ନ ନେଇ ନିରପେକ୍ଷତା ମଧ୍ୟ ଅବଲମ୍ବନ କରିପାରୁଛି। ଆଦର୍ଶ, ମୂଲ୍ୟବୋଧ ଓ ପରଂପରାର ଉପଯୁକ୍ତ ଓ ବସ୍ତୁନିଷ୍ଠ ବିଶ୍ଳେଷଣ ମଧ୍ୟ ସମ୍ଭବପର ଅଟେ।

୩. **ସାର୍ବଜନୀନତାର ଅଭାବ (Lack of Universality) :** ଭିନ୍ନ ଭିନ୍ନ ସମାଜରେ ଘଟଣାବଳୀ ଓ ଅନୁଷ୍ଠାନର ବିଭିନ୍ନତା ଦେଖାଦେଇଥାଏ। ସ୍ଥାନ, କାଳ ଓ ପାତ୍ର ବିଜ୍ଞାନରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। କୌଣସି ଏକ ସାମାଜିକ ପ୍ରକ୍ରିୟା ପ୍ରତ୍ୟେକ ସମାଜରେ ସମାନ ହୋଇ ନପାରେ। ସାମାଜିକ ଘଟଣାବଳୀର ଭିନ୍ନ ଭିନ୍ନ ସ୍ଥାନରେ ବିଭିନ୍ନତା ଥିବାରୁ ସେ ସଂକ୍ରାନ୍ତରେ ଗୋଟିଏ ସାର୍ବଜନୀନ ସିଦ୍ଧାନ୍ତରେ ପହଞ୍ଚିବା ସହଜ ନୁହେଁ। ଉଦାହାରଣସ୍ୱରୂପ ଆଦିବାସୀ ସମାଜର ବିବାହ ଅଥବା ନାଚଗୀତ ବା ଧର୍ମ ହିନ୍ଦୁ ସମାଜଠାରୁ ପୃଥକ୍। ମାତ୍ର ଭୌତିକ ଓ ଜଡ଼ ବସ୍ତୁରେ ମଧ୍ୟ ସାର୍ବଜନୀନତାର ଅଭାବ ଅନେକ କ୍ଷେତ୍ରରେ ରହିଛି। ତେଣୁ ଏହି କାରଣରୁ ସମାଜବିଜ୍ଞାନ ବିଜ୍ଞାନ ନୁହେଁ କହିବା ଠିକ୍ ହେବ ନାହିଁ।

୪. **ସାମାଜିକ ଘଟଣାର ଗତିଶୀଳତା (Dynamic Nature of Social Phenomenon):** ସମାଜ ସ୍ଥିର ନୁହେଁ ଗତିଶୀଳ। ସାମାଜିକ ପ୍ରବାହ ଓ ଘଟଣାବଳୀ ମଧ୍ୟ ଗତିଶୀଳ, ସେଥିରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ। ଯେଉଁ ପ୍ରକ୍ରିୟା, ଘଟଣାବଳୀ ବା ଅନୁଷ୍ଠାନକୁ ଆଧାର କରି ଅଧ୍ୟୟନ କରାଯାଏ, ଯଦି ସେଥିରେ ଦ୍ରୁତ ପରିବର୍ତ୍ତନ ଦେଖାଦିଏ ବା ଅନିଶ୍ଚିତତା ଦେଖାଦିଏ, ସେ ସବୁର ବିଶ୍ଳେଷଣର ଜଟିଳତା

ଦେଖାଦିଏ । ତାଛଡା ଘଟଣାବଳୀକୁ ପ୍ରଭାବିତ କରୁଥିବା ଅନ୍ୟ ସଂପୃକ୍ତ ପରିସ୍ଥିତିକୁ ଅଲଗାକରି କେବଳ ସେହି ଘଟଣାକୁ ନିୟନ୍ତ୍ରଣ କରିବା ସବୁ ସମୟରେ ସମ୍ଭବପର ହୋଇ ନଥାଏ (Other thins remaining constant) । ଏହିସବୁ କାରଣରୁ ସମାଜ ବିଜ୍ଞାନକୁ ବିଜ୍ଞାନ ଆଖ୍ୟା ଦେବା ଉଚିତ୍ ନୁହେଁ ବୋଲି ମଧ୍ୟ ମତପ୍ରକାଶ ପାଇଥାଏ । ମାତ୍ର ପ୍ରାକୃତିକ ବିଜ୍ଞାନ, ଜୀବଜଗତ, ପରିବେଶ ଓ ପରିସ୍ଥିତିରେ ମଧ୍ୟ ପରିବର୍ତ୍ତନ ଘଟିଥାଏ ।

୫. **ପ୍ରୟୋଗଶାଳାର ଅଭାବ (Lack of Laboratory) :** ସମାଜ ବିଜ୍ଞାନର କୌଣସି ପ୍ରୟୋଗଶାଳା ନାହିଁ; ଯେଉଁଠି ଘଟଣାକୁ ନିୟନ୍ତ୍ରିତ କରି ଅଧ୍ୟୟନ କରାଯାଇପାରିବ । ପ୍ରାକୃତିକ ବିଜ୍ଞାନର ସମସ୍ତ ସିଦ୍ଧାନ୍ତ ପ୍ରୟୋଗଶାଳାର ଗବେଷଣାରୁ ଆନୀତ । ମାତ୍ର ସଂଘର୍ଷ, ଦ୍ୱନ୍ଦ୍ୱ ଓ ବିପ୍ଳବ ପ୍ରକୃତି ଘଟଣାକୁ ପ୍ରୟୋଗଶାଳାରେ ଅଧ୍ୟୟନ କରିହେବନାହିଁ ।

ବିନା ପ୍ରୟୋଗଶାଳା ଓ ନିୟନ୍ତ୍ରିତ ଅଧ୍ୟୟନ ବିନା ବୈଜ୍ଞାନିକ ତଥା ଗବେଷଣା ଅସମ୍ଭବ କହିବା ଏକ ସଂକୀର୍ଣ୍ଣ ମନୋଭାବର ପରିଚାୟକ । ପୃଥିବୀର ଅନେକ ଯୁଗାନ୍ତକାରୀ ଆବିଷ୍କାର କୌଣସି ଆବଦ୍ଧ ପ୍ରୟୋଗଶାଳାରୁ ଆସି ନଥିଲା । ଏ ସଂକ୍ରାନ୍ତରେ ଗାଲିଲିଓ, ନିଉଟନ୍, ମାର୍କୋନି ଓ ଆର୍କିମେଡିସ୍‌ଙ୍କର ଆବିଷ୍କାର ଉଲ୍ଲେଖନୀୟ । ଏଣୁ ସମାଜ ବିଜ୍ଞାନର ଆବଦ୍ଧ ପ୍ରୟୋଗଶାଳା ନଥାଇ ମଧ୍ୟ ଏହା ଏକ ବିଜ୍ଞାନ ପଦବାଚ୍ୟ ହୋଇପାରିବ ।

୬. **ଭବିଷ୍ୟବାଣୀର ଅଭାବ (Lack of Prediction) :** ସାମାଜିକ ଘଟଣାବଳୀର ପୂର୍ବସୂଚନା ସବୁ ସମୟରେ ସମ୍ଭବ ନୁହେଁ । ଆଗକୁ ସମାଜରେ କ'ଣ ଘଟିବ, ବିପ୍ଳବର ପରିଣତି କ'ଣ ହେବ, ସମାଜର କେଉଁ ସମୟରେ ପରିବର୍ତ୍ତନ ହେବ; ତାର ରୂପରେଖ ବା ପୂର୍ବସୂଚନା ହେବା ସମ୍ଭବ ହୋଇନଥାଏ । ମଣିଷ ମନର ଭାବନା ଓ ସେ କେଉଁ ପରିସ୍ଥିତିରେ କି ପ୍ରକାର ବ୍ୟବହାର କରିବ ତାହା ମଧ୍ୟ ଜାଣିବା କଷ୍ଟକର । ସମାଜରେ ମଧ୍ୟ ବହୁ ଅନିଶ୍ଚିତତା ଲାଗି ରହିଥାଏ ।

ମାତ୍ର ପ୍ରାକୃତିକ ଘଟଣା ପ୍ରବାହର ପୂର୍ବାନୁମାନ ଅନେକ କ୍ଷେତ୍ରରେ ସହଜସାଧ୍ୟ । କିନ୍ତୁ ଦେଖିବାକୁ ଗଲେ ଜଳବାୟୁ, ମୌସୁମୀ ପ୍ରବାହ ଓ କ୍ୟାନ୍‌ସର ଭଳି ରୋଗର ମଧ୍ୟ ପୂର୍ବାନୁମାନ ସଠିକ୍ ଭାବେ କରାଯାଇ ପାରିନାହିଁ । ମାତ୍ର ସେସବୁ ବିଦ୍ୟା ବିଜ୍ଞାନ ରୂପେ ପରିଗଣିତ ହୋଇଛି । ଏଣୁ ସମାଜ ବିଜ୍ଞାନ ପୂର୍ବାନୁମାନର ଅଭାବ ଯୋଗୁ ବିଜ୍ଞାନ ପଦବାଚ୍ୟ ନୁହେଁ କହିବା ଠିକ ନୁହେଁ ।

ଉପରୋକ୍ତ ଆଲୋଚନାରୁ ଆମେ ସ୍ପଷ୍ଟ ରୂପେ କହିପାରିବା ଯେ ସମାଜ ବିଜ୍ଞାନ ଏକ ଶ୍ରେଷ୍ଠ ବିଜ୍ଞାନ । ଏହାର ପଦ୍ଧତିମାନ ବୈଜ୍ଞାନିକ ପୃଷ୍ଠଭୂମି ଉପରେ ଆଧାରିତ । ଏହାର ପ୍ରକୃତି ଓ ଚରିତ୍ର ବିଜ୍ଞାନ ସମ୍ମତ । ସମାଜ ବିଜ୍ଞାନ ଏକ ବିଶୁଦ୍ଧ ବିଜ୍ଞାନ; (Pure Science) ବ୍ୟବହାରିକ (Applied) ବିଜ୍ଞାନ ନୁହେଁ । ସମାଜ ବିଜ୍ଞାନକୁ ବିଜ୍ଞାନ ନୁହଁ- କହିବା ଅଯୌକ୍ତିକ । ଏହା ବିରୁଦ୍ଧରେ ଥିବା ସମସ୍ତ ଯୁକ୍ତି ଯଥାର୍ଥ ନୁହଁ । ପ୍ରକୃତ ପକ୍ଷେ ଏହା ପୃଥିବୀ ପୃଷ୍ଠରେ ଏକ ଶ୍ରେଷ୍ଠ ବିଜ୍ଞାନ-ଏଥିରେ ଦ୍ୱିମତ ନାହିଁ ।

# ସମାଜ ବିଜ୍ଞାନର ପରିସର
## (Scope of Sociology)

କୌଣସି ବିଜ୍ଞାନର କ୍ଷେତ୍ର; କେଉଁ ବିଷୟରେ ଅଧ୍ୟୟନ କରାଯିବା ଉଚିତ୍ ଓ ସେହି ବିଜ୍ଞାନର ପରିସୀମାକୁ ପରିସର କୁହାଯାଏ । ସମାଜ ବିଜ୍ଞାନର ମଧ୍ୟ ଅଧ୍ୟୟନ କ୍ଷେତ୍ର ଓ ପରିସୀମା ରହିଛି । ଏହାର ପରିସର ପ୍ରଶ୍ନକୁ ନେଇ ମଧ୍ୟ ଦୁଇ ପ୍ରକାରର ମତବାଦ ଦେଖାଦେଇଥାଏ । ସେଥିମଧ୍ୟରୁ ଗୋଟିଏ ହେଲା ଔପଚାରିକ ମତବାଦ ଓ ସ୍ୱାତନ୍ତ୍ର୍ୟ ମତବାଦ (Formalistic School or Specialistic) ଓ ଦ୍ୱିତୀୟଟି ହେଲା ସଂଶ୍ଲେଷଣାତ୍ମକ ମତବାଦ (Synthetic School) ।

ପ୍ରଥମ ମତବାଦ ଅନୁସାରେ ସମାଜ ବିଜ୍ଞାନ ଏକ ବିଶେଷ ବିଜ୍ଞାନ । ଏହା ଏକ ସ୍ୱତନ୍ତ୍ର ବିଜ୍ଞାନ ଏବଂ ଏହାର ପରିସର ସୀମିତ ଅଟେ । ଦ୍ୱିତୀୟ ମତବାଦ ଅନୁସାରେ ସମାଜ ବିଜ୍ଞାନ ଏକ ସାଧାରଣ ବିଜ୍ଞାନ ଏବଂ ଏହାର ପରିସର ବ୍ୟାପକ ଅଟେ । ଏହି ଦୁଇ ପ୍ରକାରର ମତବାଦର ଆଲୋଚନା କଲେ ଆମେ ସମାଜ ବିଜ୍ଞାନର ପରିସରକୁ ପ୍ରକୃତରୂପେ ଓ ପ୍ରାଞ୍ଜଳ ଭାବେ ବୁଝି ପାରିବା ।

### ଔପଚାରିକ ମତବାଦ ବା ସ୍ୱାତନ୍ତ୍ର୍ୟ ମତବାଦ (Formalistic or Specialistic School)

ଜର୍ଜ ସିମେଲ୍ (Georg Simmel),ମାକ୍ସ ୱେବର୍ (Max Weber), ଆଲ୍‌ଫ୍ରେଡ୍ ଭିର୍କାଣ୍ଡ, ଲିଓପୋଲ୍ଡ ଭନ୍‌ୱାଇଜ୍, (Leopoled Vonweise), ଆଲବିଆନ୍ ସ୍ମଲ (Alibion Small) ଏବଂ ଫର୍ଡ଼ିନାଣ୍ଡ ଟନିସ୍ (Ferdinand Tonnies) ଏହି ଔପଚାରିକ ମତବାଦର ମୁଖ୍ୟ ପ୍ରବକ୍ତା ଅଟନ୍ତି । ସେମାନଙ୍କ ମତରେ ସମାଜ ବିଜ୍ଞାନର କ୍ଷେତ୍ର ସ୍ୱତନ୍ତ୍ର ଓ ଏହାର ପରିସର ସୀମିତ । ସମାଜ ବିଜ୍ଞାନ ଅନ୍ୟ ସାମାଜିକ ବିଜ୍ଞାନ, ଯଥା ଇତିହାସ, ରାଜନୀତି ବିଜ୍ଞାନ ଓ ଅର୍ଥନୀତି ବିଜ୍ଞାନ ପରି ଏକ ସ୍ୱତନ୍ତ୍ର ବିଜ୍ଞାନ ଯାହାକି ମଣିଷ ସମାଜର ଆକୃତି ଓ ସାମାଜିକ ସଂପର୍କରେ ବିଶେଷତା ଓ ବିଭିନ୍ନତାର ଅଧ୍ୟୟନ କରିଥାଏ । ସମାଜ ବିଜ୍ଞାନର ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ଓ ପରିସୀମା ରହିବା ଉପରେ ଏମାନେ ଗୁରୁତ୍ୱ ଦିଅନ୍ତି । ସେ ସମ୍ବନ୍ଧରେ ନିମ୍ନରେ ଆଲୋଚନା କରାଗଲା ।

**ଜର୍ଜ ସିମେଲ (George Simmel) :** ଜର୍ଜ ସିମେଲ୍‌ଙ୍କ ମତ ଅନୁସାରେ ସମାଜ ବିଜ୍ଞାନ ଏକ ସ୍ୱତନ୍ତ୍ର ବିଶେଷ ବିଜ୍ଞାନ । ଏହାର ନିଜସ୍ୱ ଦୃଷ୍ଟିକୋଣ ଓ କ୍ଷେତ୍ର ରହିଛି । ଦ୍ୱିତୀୟତଃ, ସେ ସାମାଜିକ ସଂପର୍କରେ ପ୍ରକାର ଓ ପାର୍ଥକ୍ୟ ଦର୍ଶାଇଛନ୍ତି । ସାମାଜିକ ପ୍ରବୃତ୍ତି ଓ କ୍ରିୟାକଳାପର ବିଭିନ୍ନ ରୂପ ପ୍ରକାଶ ପାଇଥାଏ । ସେଗୁଡିକ ମଧ୍ୟରୁ କେତେକ ବାହାରକୁ ପ୍ରକାଶ ପାଇଥାଏ ଓ ସେସବୁର ଚିହ୍ନୋଟ କରିବା ସହଜସାଧ୍ୟ, ଯଥା- ପ୍ରତିଯୋଗିତା, ସହଯୋଗିତା, ଶ୍ରମ ବିଭାଜନ, ଜାତିପ୍ରଥା ଇତ୍ୟାଦି । ଏସବୁ ଘଟଣା ଓ କ୍ରିୟା ପ୍ରକ୍ରିୟା ସମାଜରେ ବିଭିନ୍ନ ପ୍ରସଙ୍ଗରେ ଦେଖଦେଇଥାଏ, ଯଥା – ଧାର୍ମିକ, ଅର୍ଥନୈତିକ ଓ ରାଜନୈତିକ ପ୍ରସଙ୍ଗରେ ଦେଖାଦେଇଥାଏ । ସମାଜ ବିଜ୍ଞାନର କାର୍ଯ୍ୟ ହେଉଛି ସେ ସବୁ ଘଟଣାକୁ ପରସ୍ପର ଠାରୁ ପୃଥକ କରି କେବଳ ସାମାଜିକ ସଂପର୍କ କ୍ଷେତ୍ରରେ ଅଧ୍ୟୟନ କରିବା ଉଚିତ୍ । ସିମେଲ୍‌ଙ୍କ ମତରେ ସମାଜ ବିଜ୍ଞାନ କେବଳ ସାମାଜିକ ସଂପର୍କର ସ୍ୱରୂପ ଓ ପ୍ରକାରଭେଦ ଅନୁଶୀଳନ କରିଥାଏ ।

**ମାକ୍ସ ୱେବର୍ (Max Weber) :** ମାକ୍ସ ୱେବର ମଧ୍ୟ ସମାଜ ବିଜ୍ଞାନକୁ ଏକ ବିଶେଷ ବିଜ୍ଞାନ ରୂପେ ଗଣନା କରନ୍ତି । ତାଙ୍କ ମତରେ ସମାଜ ବିଜ୍ଞାନ ସାମାଜିକ କ୍ରିୟାର ବ୍ୟାଖ୍ୟା ଏବଂ ଅଧ୍ୟୟନ ଅଟେ । ତାଙ୍କ ମତରେ ସମାଜ ବିଜ୍ଞାନ କୌଣସି ଘଟଣାର ଅନ୍ତର୍ନିହିତ ଓ ପ୍ରକୃତ ଅର୍ଥ ଉପରେ ଜୋର୍ ଦେବା ଉଚିତ୍ । ସାମାଜିକ ପ୍ରକ୍ରିୟା, ବିଭିନ୍ନ

ବ୍ୟକ୍ତିର ବ୍ୟବହାର ଦ୍ୱାରା ପ୍ରଭାବିତ ହୋଇଥାଏ। ସମାଜ ବିଜ୍ଞାନ ସାମାଜିକ ବ୍ୟବହାର ଓ କ୍ରିୟାକଳାପକୁ ଠିକ୍ ଭାବରେ ବୁଝି ଏହାର ବ୍ୟାଖ୍ୟା କରିବା ଉଚିତ୍। କୌଣସି ଗୋଟିଏ ଘଟଣା ଘଟିବା ପଛରେ ଅନେକ କାରଣ ରହିଥାଏ। ଏହି ସମଗ୍ର କାରଣର ଉପଯୁକ୍ତ ଅଧ୍ୟୟନ ଆବଶ୍ୟକ। ସମାଜ ବିଜ୍ଞାନକୁ ଓ୍ୱେବର ଏକ ବିଶେଷ ବିଜ୍ଞାନର ସ୍ଥାନ ଦେଇଛନ୍ତି।

**ଭିର୍‌କାଣ୍ଡ (Vierkandat) :** ତାଙ୍କ ମତରେ ସମାଜ ବିଜ୍ଞାନ ସମାଜରେ ବାସ କରୁଥିବା ବ୍ୟକ୍ତିମାନଙ୍କର ମନସ୍ତ୍ୱାତ୍ତିକ ସଂପର୍କର ଆଲୋଚନା କରିଥାଏ। ଏହି ମନସ୍ତ୍ୱାତ୍ତିକ ସଂପର୍କ ମଣିଷମାନଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରହିଥାଏ। ସମାଜରେ ବାସ କରୁଥିବା ଲୋକମାନଙ୍କର ମାନସିକ କ୍ରିୟାକଳାପର ଅଧ୍ୟୟନ ଏହି ସବୁ କ୍ରିୟାର ଅଧ୍ୟୟନ ବୋଲି ମତ ଦେଇଛନ୍ତି। ବ୍ୟକ୍ତିର ସମୂହ ବା ଗୋଷ୍ଠି ସହ ଏହି ମାନସିକ ସଂପର୍କ ଦ୍ୱାରା ସମ୍ବନ୍ଧ ସ୍ଥାପିତ ହୋଇଥାଏ। ତେଣୁ ଏସବୁ ମନସ୍ତାତ୍ତ୍ୱିକ କ୍ରିୟାର ଅଧ୍ୟୟନ କରିବା ହେଉଛି ସମାଜ ବିଜ୍ଞାନୀର କର୍ତ୍ତବ୍ୟ।

**ଭନ୍ ଓ୍ୱାଇନ୍ (Von Weise) :** ଭନ୍ ଓ୍ୱାଇନ୍; ସମାଜ ବିଜ୍ଞାନକୁ ସ୍ୱତନ୍ତ୍ର ବିଜ୍ଞାନର ମର୍ଯ୍ୟାଦା ଦିଅନ୍ତି। ସେ ସାମାଜିକ ସଂପର୍କର ବିଭିନ୍ନ ଆକୃତିର ଅଧ୍ୟୟନ ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ସେ ସାମାଜିକ ସଂପର୍କକୁ ବିଭିନ୍ନ ପ୍ରକାରର ବିଭକ୍ତ କରିଛନ୍ତି। ସେଗୁଡିକ ହେଲା ସମ୍ବନ୍ଧକକାରୀ (Assaciative) ଓ ବିସମ୍ବନ୍ଧକାରୀ (Dissociative); ସ୍ଥାୟୀ ଓ ଅସ୍ଥାୟୀ; ଔପଚାରିକ ତଥା ଅନୌପଚାରିକ ଇତ୍ୟାଦି। ଏହି ସବୁ ସମ୍ପର୍କର ଅଧ୍ୟୟନ ହେଉଛି ସମାଜ ବିଜ୍ଞାନର ପ୍ରଧାନ କାର୍ଯ୍ୟ।

**ସ୍ମଲ୍ (Samll) :** ସ୍ମଲଙ୍କ ମତରେ ସମାଜର ମଣିଷର ବିଭିନ୍ନ କ୍ରିୟାକଳାପ ରହିଛି। ସମାଜ ବିଜ୍ଞାନ ପ୍ରତ୍ୟେକ କ୍ରିୟାକଳାପ ଅଧ୍ୟୟନ କରିବା ସମ୍ଭବ ନୁହେଁ। ଏହା କେବଳ ସାମାଜିକ ସମ୍ପର୍କ, ବ୍ୟବହାର, କ୍ରିୟାକଳାପ ଓ ଆକୃତି ପ୍ରଭୃତିର ବିଶ୍ଳେଷଣ କରିଥାଏ।

**ସମାଲୋଚନା (Criticism) :**

୧. ଔପଚାରିକ ମତବାଦକୁ ଅନେକ ମନୀଷୀ ସମାଲୋଚନା କରିଥାନ୍ତି। ପ୍ରଥମତଃ, ସେମାନେ ସମାଜ ବିଜ୍ଞାନର କ୍ଷେତ୍ର ଓ ପରିସରକୁ ସଂକୁଚିତ ଓ ସଂକ୍ଷିପ୍ତ କରିବାକୁ ଚେଷ୍ଟା କରିଛନ୍ତି। ସମାଜ ବିଜ୍ଞାନ ସଂକ୍ରାନ୍ତରେ ଔପଚାରିକବାଦୀ ଦୃଷ୍ଟିଭଙ୍ଗୀ ଅତି ସଂକୀର୍ଣ୍ଣ ଅଟେ। ସମାଜ ବିଜ୍ଞାନ, କେବଳ ସାମାଜିକ ସଂପର୍କର ଆକୃତିକୁ ଅଧ୍ୟୟନ କରି ନଥାଏ। ଏହା ସାମାଜିକ ଜୀବନ ସହ ସଂଶ୍ଳିଷ୍ଟ ସମସ୍ତ ବିଷୟବସ୍ତୁକୁ ଅଧ୍ୟୟନ କରିଥାଏ। କୌଣସି ସାମାଜିକ ସଂପର୍କର ଆକୃତି ବା ସାମାଜିକ ସ୍ୱରୂପ ତାର ବିଷୟବସ୍ତୁକୁ ବାଦ୍ ଦେଇ ସ୍ୱାଧୀନ ଭାବେ ତିଷ୍ଠି ପାରିବ ନାହିଁ।

୨. ଔପଚାରିକବାଦର ସମର୍ଥକମାନେ ସମାଜ ବିଜ୍ଞାନକୁ ଏକ ବିଶୁଦ୍ଧ ପୃଥକ ଏବଂ ସ୍ୱାଧୀନ ବିଜ୍ଞାନ ରୂପେ ଆଖ୍ୟାୟିତ କରିଛନ୍ତି। ଆଧୁନିକ ଯୁଗରେ ପ୍ରତ୍ୟେକ ସାମାଜିକ ବିଜ୍ଞାନ ପରସ୍ପର ସହ ଅଳ୍ପେ ବହୁତେ ନିର୍ଭରଶୀଳ। ଏପରି କୌଣସି ବିଜ୍ଞାନ ନାହିଁ ଯାହାର ଅନ୍ୟ କୌଣସି ବିଜ୍ଞାନ ସହ କିଛି ସମ୍ପର୍କ ବା ସମ୍ବନ୍ଧ ନାହିଁ।

୩. କେବଳ ସମାଜ ବିଜ୍ଞାନ ସାମାଜିକ ସମ୍ପନ୍ଧକୁ ଅଧ୍ୟୟନ କରେନାହିଁ। ରାଜନୀତି ବିଜ୍ଞାନ, ଅର୍ଥଶାସ୍ତ୍ର, ଇତିହାସ ଓ ନୃବିଜ୍ଞାନ ମଧ୍ୟ ସାମାଜିକ ସମ୍ବନ୍ଧର ଅଧ୍ୟୟନ ବା ଅନୁଧ୍ୟାନ କରିଥାଏ।

**ସାଂଶ୍ଳେଷିକ ମତବାଦ (Synthetic School)**

ଏହି ମତବାଦ ଅନୁସାରେ ସମାଜ ବିଜ୍ଞାନ ଏକ ସ୍ୱତନ୍ତ୍ର ବିଜ୍ଞାନ (Speical Science) ନୁହଁ । ଏହା ଏକ ସାଧାରଣ ସାମାଜିକ ବିଜ୍ଞାନ । ଏହା ସମସ୍ତ ସାମାଜିକ ବିଜ୍ଞାନର ଏକ ସଂଶ୍ଳେଷଣ (Synthesis) ଅଥବା ମିଶ୍ର ଫଳ । ଏହାର ପରିସର ଓ କ୍ଷେତ୍ର ଅତି ବ୍ୟାପକ । ସମାଜ ସଂକ୍ରାନ୍ତୀୟ ସମସ୍ତ ଜ୍ଞାନ ବିଜ୍ଞାନ ଏହାର ପରିସରର ଅନ୍ତର୍ଭୁକ୍ତ । ଏହି ମତବାଦର ମୂଖ୍ୟ ପ୍ରବକ୍ତାମାନେ ହେଲେ ଏଲ୍.ଟି. ହବ୍ ହାଉସ୍ (L.T. Hobhouse), ଇମାଇଲ୍ ଦୁର୍ଖାଇମ୍ (Emile Durkheim), ମୋରିସ୍ ଗିନିସ୍ବର୍ଗ (Morris Ginsberg), ଓ ପି.ଏ. ସୋରକିନ୍ (P.A. Sorokin) ।

**ହବ୍‌ହାଉସ୍ (L.T. Hobhouse View) :** ହବ୍ ହାଉସ୍‌ଙ୍କ ମତରେ; ସମାଜ ବିଜ୍ଞାନ ହେଉଛି ବିଭିନ୍ନ ସାମାଜିକ ବିଜ୍ଞାନର ଏକ ସଂଶ୍ଳେଷଣ (Synthesis) । ମଣିଷ ଜୀବନକୁ ସାମଗ୍ରିକ ଭାବରେ ଅଧ୍ୟୟନ କରିବା ଉପରେ ସେ ଗୁରୁତ୍ୱ ଦିଅନ୍ତି । ସାମାଜିକ ଜୀବନର ସମସ୍ତ ଦିଗଗୁଡିକ ପରସ୍ପର ସହ ନିବିଡ଼ ଭାବରେ ସଂପୃକ୍ତ । ତେଣୁ ସାମାଜିକ ଘଟଣାବଳୀର ଉତ୍ତମ ରୂପେ ବୁଝିବାକୁ ହେଲେ ଅନ୍ୟ ଦିଗ ଗୁଡ଼ିକୁ ବାଦ ଦେଇ ହେବ ନାହିଁ । କୌଣସି ସାମାଜିକ ଘଟଣା ପଛରେ ରାଜନୈତିକ ଅଥବା ଅର୍ଥନୈତିକ କାରଣ ରହିଥାଇପାରେ । ସମାଜ ବିଜ୍ଞାନ ଅନ୍ୟ ସାମାଜିକ ବିଜ୍ଞାନ ସହ ସମନ୍ୱୟ ରକ୍ଷା କରିବା ଆବଶ୍ୟକ । ସମାଜ ବିଜ୍ଞାନ ବିଭିନ୍ନ ପ୍ରକାର ସାମାଜିକ ବିଜ୍ଞାନଗୁଡ଼ିକର ଏକ ମିଶ୍ରିତ ରୂପ ଅଟେ ।

**ଇମାଇଲ୍ ଦୁର୍ଖେଇମ୍ (Emile Durkheim) :** ଦୁର୍ଖାଇମ୍ ଏହି ସାଂଶ୍ଳେଷିକ ମତବାଦରେ ଦୃଢ଼ ସପକ୍ଷବାଦୀ । ସେ ସମାଜ ବିଜ୍ଞାନକୁ ଏକ ସାମୁହିକ ବିଚାରାଧାରାର ବିଜ୍ଞାନ (Sociology is trhe Science of Collective Representation) ଓ ଏହାର ପରିସର ଅତି ବ୍ୟାପକ ବୋଲି ବର୍ଣ୍ଣନା କରିଛନ୍ତି । ସେ ସମାଜ ବିଜ୍ଞାନକୁ ୩ ଭାଗରେ ବିଭକ୍ତ କରିଛନ୍ତି । ସେଗୁଡିକ ହେଲା - (୧) ସାମାଜିକ ରୂପତତ୍ତ୍ୱ (Social Morphology), (୨) ସାମାଜିକ ଜୀବତତ୍ତ୍ୱ (Social Phsiology), (୩) ସାଧାରଣ ସମାଜ ବିଜ୍ଞାନ (General Sociology) । ପ୍ରଥମଟି ସମାଜର ଜନସଂଖ୍ୟାର ଘନତା ଓ ବହୁଳତା ଓ ଏଥି ସଂକ୍ରାନ୍ତୀୟ ସାମାଜିକ ପରିବର୍ତ୍ତନର ଅଧ୍ୟୟନ କରିଥାଏ । ଦ୍ୱିତୀୟଟି ଧର୍ମ ଭାଷା ଓ ଅର୍ଥନୀତି ସିହ ସମାଜର ସଂପର୍କର ଅଧ୍ୟୟନ କରିଥାଏ । ତୃତୀୟଟି ସମାଜର ଦାର୍ଶନିକ ଦିଗର ଅନୁଧ୍ୟାନ କରିଥାଏ । ଏହି ସବୁକୁ ବିଚାରକୁ ନେଲେ ସମାଜ ବିଜ୍ଞାନର ପରିସର ଖୁବ୍ ବ୍ୟାପକ ବୋଲି ଜଣାଯାଏ ।

**ମୋରିସ୍ ଗିନସ୍ବର୍ଗ (Morris Ginsberg) :** ଗିନସ୍ବର୍ଗ ମତରେ ସମାଜ ବିଜ୍ଞାନ ମନୁଷ୍ୟ ସହ ସମାଜର ଥିବା ବିଭିନ୍ନ ପ୍ରକାରର ସମ୍ପର୍କକୁ ଅନୁଧ୍ୟାନ କରିଥାଏ । ସମାଜ ଓ ମଣିଷର ଗୋଷ୍ଠୀ ସହ ଥିବା ସମ୍ପର୍କ, ଦ୍ୱିତୀୟଟି ମନୁଷ୍ୟ ମନୁଷ୍ୟ ମଧ୍ୟରେ ଥିବା ପାରସ୍ପରିକ ସଂପର୍କ ଓ ତୃତୀୟ ପ୍ରକାରର ସଂପର୍କ ହେଲା ପରିବେଶ ସହ ମଣିଷର ସଂପର୍କ ।

**ପି.ଏ. ସୋରୋକିନ୍ (P.A. Sorokin) :** ସୋରୋକିନ୍ କହନ୍ତି ଯେ ସମାଜ ବିଜ୍ଞାନ ସାମାଜିକ ଘଟଣାର ବିଭିନ୍ନ ପ୍ରକାରର ସାମାଜିକ ସମ୍ପର୍କ, ବିଚାରଧାରା ଓ ସାଧାରଣ ଗୁଣ ଗୁଡ଼ିକର ଅଧ୍ୟୟନ କରେ । ଏଣୁ ଏହାକୁ ଏକ ସ୍ୱତନ୍ତ୍ର ବିଜ୍ଞାନ କହିବା ଉଚିତ୍ ହେବ ନାହିଁ । କୌଣସି ସାମାଜିକ ଘଟଣାର ଅନେକ ଗୁଡ଼ିଏ କାରଣ ରହିଥାଏ । ବିଭିନ୍ନ ଘଟଣା ପରସ୍ପରକୁ ପ୍ରଭାବିତ କରିଥାଏ । ରାଜନୀତି ବିଜ୍ଞାନ, ଅର୍ଥଶାସ୍ତ୍ର, ଧର୍ମ ଓ ଆଇନ ପ୍ରଭୃତିର ସମନ୍ୱୟ ରକ୍ଷାକରିବା ସମାଜ ବିଜ୍ଞାନର କର୍ତ୍ତବ୍ୟ । ତାହା ଫଳରେ ସାମାଜିକ କ୍ରିୟାର ସଂପୂର୍ଣ୍ଣ ତାତ୍ତ୍ୱିକ ତଥା ବୈଜ୍ଞାନିକ

ବିଶ୍ଲେଷଣ ସମ୍ଭବପର ହେବ। ସମାଜ ବିଜ୍ଞାନ ଏକ ସାଧାରଣ ବିଜ୍ଞାନ କିନ୍ତୁ ଏହା ସ୍ୱତନ୍ତ୍ର ବିଜ୍ଞାନ ନୁହେଁ ବୋଲି ସେ ଦୃଢ଼ ମତ ଦେଇଛନ୍ତି।

**ସମାଲୋଚନା (Criticism) :** ଏହି ସାଂଶ୍ଲେଷିକ ମତବାଦକୁ କେତେକ ଦାର୍ଶନିକ ନିମ୍ନ ପ୍ରକାରରେ ସମାଲୋଚନା କରନ୍ତି।

ସମାଜ ବିଜ୍ଞାନ ସାଧାରଣ ବିଜ୍ଞାନ ହେଲେ ଏହାର ସ୍ୱତନ୍ତ୍ର କ୍ଷେତ୍ର ବା ଆବଶ୍ୟକତା ରହିବ ନାହିଁ। ଯଦି ସବୁ ପ୍ରକାରର ସାମାଜିକ ଘଟଣାକୁ ସମାଜ ବିଜ୍ଞାନ ଅଧ୍ୟୟନ କରିବ ତେବେ ଏହା ଏକ ମିଶ୍ରଣ ହୋଇ ରହିବ ମାତ୍ର ପୁଙ୍ଖାନୁପୁଙ୍ଖ, ସବିଶେଷ ତଥା ନିର୍ଦ୍ଦିଷ୍ଟ ବିଶ୍ଲେଷଣ ସମ୍ଭବପର ହେବ ନାହିଁ। ପୁନଶ୍ଚ, ସମାଜ ବିଜ୍ଞାନ ସବୁ ସମୟରେ ଅନ୍ୟ ଉପରେ ନିର୍ଭରଶୀଳ ହୋଇ ନିଜସ୍ୱ ସତ୍ତା ହରାଇବ। ଏହାର ନିଜସ୍ୱ ପଦ୍ଧତି ଶୈଳୀ ଦୃଷ୍ଟିଭଙ୍ଗୀର ବିକାଶ ସମ୍ଭବପର ହେବ ନାହିଁ।

ଉପରୋକ୍ତ ଦୁଇଟି ତତ୍ତ୍ୱ, ଔପଚାରିକ (Fomalistic) ଓ ସାଂଶ୍ଲେଷିକ ମତବାଦର (Synthetic) ଅଲୋଚନାରୁ ଜଣାଯାଏ ଯେ, କୌଣସି ବିଜ୍ଞାନ ସଂପୂର୍ଣ୍ଣ ରୂପରେ ସ୍ୱତନ୍ତ୍ର ବା ବିଶେଷ ଜ୍ଞାନ ନୁହେଁ; ଅଥବା ସାଧାରଣ ମଧ୍ୟ ନୁହେଁ। ସବୁ ବିଜ୍ଞାନର କିଛି ନା କିଛି ସ୍ୱତନ୍ତ୍ରତା ଥିବା ସତ୍ତ୍ୱେ ପରସ୍ପର ସଂପର୍କ ରକ୍ଷା କରିଥାଆନ୍ତି। ଔପଚାରିକ ମତବାଦୀ, ସ୍ୱତନ୍ତ୍ର ବା ବିଶେଷତା ଉପରେ ଗୁରୁତ୍ୱ ଦେବାବେଳେ; ସାଂଶ୍ଲେଷିକ ମତବାଦୀମାନେ ସମାଜର ବ୍ୟାପକ ସାମଗ୍ରିକତା ଉପରେ ଗୁରୁତ୍ୱ ଦିଅନ୍ତି। ଔପଚାରିକ ଗୋଷ୍ଠୀ ଏକ ଖଣ୍ଡିତ ଅଂଶକୁ ଗୁରୁତ୍ୱ ଦିଅନ୍ତି ଯାହାର ଅଧ୍ୟୟନ ବିନା ସମାଜର ସମଗ୍ର ଆଲୋଚନା ଓ ସଠିକ୍ ବିଶ୍ଲେଷଣ ଅସମ୍ଭବ ବ୍ୟାପାର। ସମାଜ ବିଜ୍ଞାନ ଏକ ଗତିଶୀଳ ବିଜ୍ଞାନ (Dynamic)। ସମାଜର ବହୁ ବିକାଶ ଓ ପରିବର୍ତ୍ତନ ଘଟିଥାଏ। ଏହାର ଅଧ୍ୟୟନ ପାଇଁ ବ୍ୟାପକ ଦୃଷ୍ଟିଭଙ୍ଗୀର ଆବଶ୍ୟକତା ରହିଛି। ସମାଜ ବିଜ୍ଞାନର ପରିସର ଅତ୍ୟନ୍ତ ବ୍ୟାପକ ଓ ସୁଦୂରପ୍ରସାରୀ ଅଟେ। ସମାଜ ବିଜ୍ଞାନ ଉଭୟ ଏକ ସ୍ୱତନ୍ତ୍ର ଓ ସାଧାରଣ ବିଜ୍ଞାନ ରୂପେ ପରିଚିତ। ଏହାର ପ୍ରକୃତ ପରିସର ନିର୍ଦ୍ଧାରଣ କ୍ଷେତ୍ରରେ ଦୁଇଟି ଯାକ ମତବାଦର ଗୁରୁତ୍ୱ ଦିଅନ୍ତି।

# ସମାଜ ବିଜ୍ଞାନର ଅନ୍ୟ ସାମାଜିକ ବିଜ୍ଞାନଗୁଡିକ ସହିତ ସମ୍ପର୍କ
## Relationship of Sociology with Social Sciences

## ସମାଜ ବିଜ୍ଞାନ ଓ ଇତିହାସ
### (Sociology and History)

ଇତିହାସ ଓ ସମାଜବିଜ୍ଞାନ ମଧ୍ୟରେ ସମ୍ପର୍କ ଅତି ନିବିଡ। ଇତିହାସ ଅତୀତ ଘଟଣାବଳୀକୁ ସମୟାନୁକ୍ରମେ ଅଧ୍ୟୟନ କରିଥାଏ। ସମାଜ ବିଜ୍ଞାନ ସାଂପ୍ରତିକ ବା ବର୍ତ୍ତମାନ ସମାଜର ଘଟଣାବଳୀ ଆଲୋଚନା କରିଥାଏ। ଗୋଟିଏ ଅତିତକୁ ଅନୁଧ୍ୟାନ କରେ, ଅନ୍ୟଟି ବର୍ତ୍ତମାନକୁ ଅଧ୍ୟୟନ କରେ। ଇତିହାସ ହେଉଛି ଅତୀତର ସମାଜ ବିଜ୍ଞାନ ଓ ସମାଜ ବିଜ୍ଞାନ ହେଉଛି ବର୍ତ୍ତମାନର ସମାଜର ଇତିହାସ।

ଇତିହାସ, ସମାଜର ବିଗତ ଦିନର ରାଜନୈତିକ, ଅଥନୈତିକ, ସାମାଜିକ ଘଟଣାବଳୀ ଉପରେ ଆଲୋକପାତ କରିଥାଏ। ଅତୀତ ଘଟଣାର କାରଣ ଓ ଫଳାଫଳ ଉପରେ ମଧ୍ୟ ଇତିହାସ ଆଲୋକପାତ କରିଥାଏ। ଇତିହାସ ସମାଜ ବିଜ୍ଞାନକୁ ଉପାଦାନ ଯୋଗାଇଥାଏ। ଅତୀତରେ ଲୋକମାନଙ୍କ ଚାଲିଚଳଣ, ଆଚାର ବ୍ୟବହାର, ରୀତିନୀତି ଇତ୍ୟାଦିକୁ ଆଧାର କରି ସମାଜ ବିଜ୍ଞାନୀ ବର୍ତ୍ତମାନର ସମାଜକୁ ଖୁବ୍ ଭଲ ଭାବରେ ବୁଝିବାରେ ସକ୍ଷମ ହୋଇଥାଏ। ଉଦାହରଣ ସ୍ୱରୂପ, ବର୍ତ୍ତମାନ ପରିସ୍ଥିତିରେ ଧର୍ମ, ପରିବାର ଅଥବା ବିବାହ ଆଦି ଅନୁଷ୍ଠାନର

ସାମାଜିକ ଗୁରୁତ୍ୱର ଅଧ୍ୟୟନ ପାଇଁ ଏସବୁ ଅନୁଷ୍ଠାନର ଉତ୍ପତ୍ତି ଓ ବିକାଶ ସଂକ୍ରାନ୍ତରେ ଜାଣିବା ଆବଶ୍ୟକ। ଐତିହାସିକ ପୃଷ୍ଠଭୂମିକୁ ବାଦ୍‌ଦେଇ କୌଣସି ଘଟଣାର ବିଜ୍ଞାନସମ୍ମତ ପର୍ଯ୍ୟାଲୋଚନା ସମ୍ଭବପର ନୁହେଁ।

ଇତିହାସକାର ମାନେ ପୂର୍ବରୁ କେବଳ ରାଜା ମହାରାଜା, ଯୁଦ୍ଧ, ରାଜ୍ୟଜୟ, ମହାରାଣୀଙ୍କ ସୌନ୍ଦର୍ଯ୍ୟ ବର୍ଣ୍ଣନାରେ ବ୍ୟସ୍ତ ଥିଲେ। ଇତିହାସ ରାଜବଂଶର ଇତିହାସ (Dynastic History) ହୋଇ ରହିଥିଲା ବୋଲି ସମାଲୋଚିତ ହେଉଥିଲା। ମାତ୍ର ବର୍ତ୍ତମାନ ଯୁଗରେ ଇତିହାସର ଦୃଷ୍ଟିକୋଣରେ ପରିବର୍ତ୍ତନ ହୋଇଛି। ଅତୀତରେ ସାମାଜିକ ଘଟଣାବଳୀ, ଅର୍ଥନୈତିକ କ୍ରିୟାକଳାପ ଓ ସାଂସ୍କୃତିକ ଜୀବନର ଚିତ୍ରପଟ୍ଟକୁ ଇତିହାସ ଏବେ ସମୀକ୍ଷା କରିବାର ବ୍ୟସ୍ତ। ଏହିପରି ଇତିହାସ ସମାଜ ବିଜ୍ଞାନ ସହ ନିକଟତର।

ଇତିହାସ କୌଣସି ଏକ ନିର୍ଦ୍ଦିଷ୍ଟ ଘଟଣା, ଯଥା- ପ୍ରଥମ ବିଶ୍ୱଯୁଦ୍ଧ, ପଲାସୀ ଯୁଦ୍ଧ ଅଥବା ଫରାସୀ ବିପ୍ଳବ, ସଂଘର୍ଷ ଆଦିର ସାମାଜିକ କାରଣ ଓ ନିରାକରଣର ଅନୁଧ୍ୟାନ କରିଥାଏ। ଏହି ସବୁ ଘଟଣାଗୁଡ଼ିକୁ ସାଧାରଣ ସାମାଜିକ ପ୍ରକ୍ରିୟା ରୂପେ ଗଣନା କରେ ଓ ଏହି ସବୁ ଘଟଣାର ସାମାଜିକ ବିଘଟନ ଦିଗ ପ୍ରତି ସତର୍କ କରାଇଥାଏ।

ଉଭୟ ସମାଜ ବିଜ୍ଞାନ ଓ ଇତିହାସ ସଭ୍ୟତା (Civilisation) ଓ ସଂସ୍କୃତି (Culture)ର ଅଧ୍ୟୟନ କରିଥାନ୍ତି। ଇତିହାସ ଏ ସବୁର ସମୟାନୁକ୍ରମେ ଅତୀତକୁ ଅଧ୍ୟୟନ କରେ ମାତ୍ର ସମାଜ ବିଜ୍ଞାନ ବର୍ତ୍ତମାନର ସଭ୍ୟତା ଓ ସଂସ୍କୃତିର ଅନୁଧ୍ୟାନ କରେ।

ସମାଜ ବିଜ୍ଞାନରେ ଐତିହାସିକ ପଦ୍ଧତି (Historical Method) ର ବହୁଳଭାବରେ ବ୍ୟବହୃତ ହୋଇଛି। ଦୂରର୍ଖେଇମ୍‌ଙ୍କର ଆତ୍ମହତ୍ୟା (Suicide), କାର୍ଲ ମାର୍କ୍ସଙ୍କର ଶ୍ରେଣୀ ସଂଘର୍ଷ (Class and Class Strugle), ୱେବରଙ୍କର ଧର୍ମ ଓ ସମାଜ (Religion and Society) ପ୍ରଭୃତି ତତ୍ତ୍ୱଗୁଡ଼ିକରେ ଇତିହାସର ପ୍ରଭାବ ବେଶ ସ୍ପଷ୍ଟ।

ଉଭୟ ଇତିହାସ ଓ ସମାଜ ବିଜ୍ଞାନ ପରସ୍ପରର ପରିପୂରକ ଓ ପରସ୍ପର ଉପରେ ଘନିଷ୍ଠ ଭାବେ ନିର୍ଭରଶୀଳ।

**ପାର୍ଥକ୍ୟ (Differences) :** ସମାଜ ବିଜ୍ଞାନ ଓ ଇତିହାସ ମଧ୍ୟରେ ଘନିଷ୍ଟ ସମ୍ବନ୍ଧ ଥିଲେ ମଧ୍ୟ ଦୁଇଟି ବିଷୟ ମଧ୍ୟରେ ତାରତମ୍ୟ ପରିଲକ୍ଷିତ ହୋଇଥାଏ। ସେଗୁଡ଼ିକୁ ନିମ୍ନରେ ଆଲୋଚନା କରାଗଲା –

୧. ଇତିହାସ ଅତୀତରେ ସମାଜକୁ ଅଧ୍ୟୟନ କରିଥାଏ।

୨. ସମାଜ ବିଜ୍ଞାନ ଅପେକ୍ଷାକୃତ ଭାବେ ଏକ ନୂତନ ବିଜ୍ଞାନ; କିନ୍ତୁ ଇତିହାସ ଅତି ପ୍ରାଚୀନ। ଏହା ସବୁଠାରୁ ପୁରୁଣା ସାମାଜିକ ବିଜ୍ଞାନ।

୩. ସମାଜ ବିଜ୍ଞାନ ବିଶ୍ଳେଷଣ, ପର୍ଯ୍ୟାଲୋଚନା ଉପରେ ଗୁରୁତ୍ୱ ଦିଏ; ଇତିହାସ ଘଟଣାର ବର୍ଣ୍ଣନା ଉପରେ ଗୁରୁତ୍ୱ ଦେଇଥାଏ।

୪. ସମାଜ ବିଜ୍ଞାନ ପ୍ରତ୍ୟେକ ଯୁଦ୍ଧ, ବିପ୍ଳବକୁ ଗୁରୁତ୍ୱ ଦେଇ ନଥାଏ। ଯୁଦ୍ଧ, ଦ୍ୱନ୍ଦ୍ୱ, ବିପ୍ଳବ ସବୁକୁ ସାଧାରଣ ସାମାଜିକ ଘଟଣା ରୂପେ ବିବେଚନା କରେ। ମାତ୍ର ଇତିହାସ ପ୍ରତ୍ୟେକ ଯୁଦ୍ଧକୁ ଗୁରୁତ୍ୱ ଦେଇ ତାହାକୁ ସ୍ୱତନ୍ତ୍ର ରୂପେ ଆଲୋଚନା କରିଥାଏ।

୫. ସମାଜ ବିଜ୍ଞାନର ଦୃଷ୍ଟିକୋଣ ସାଧାରଣ ହୋଇଥିବା ବେଳେ ଇତିହାସରେ ଦୃଷ୍ଟିକୋଣ ନିର୍ଦ୍ଦିଷ୍ଟ ହୋଇଥାଏ।

୬. ସମାଜ ବିଜ୍ଞାନ ଉଭୟ ଗୁଣାତ୍ମକ ଓ ପରିମାଣତ୍ମକ (Qualitative and Quantitative Method) ପଦ୍ଧତିର ପ୍ରୟୋଗ କରେ ମାତ୍ର ଇତିହାସରେ କେବଳ ଗୁଣାତ୍ମକ ପଦ୍ଧତିର ପ୍ରୟୋଗ କରାଯାଏ।

୭. ସମାଜ ବିଜ୍ଞାନ ପର୍ଯ୍ୟବେକ୍ଷଣ, ଅନୁସନ୍ଧାନ, ପରୀକ୍ଷଣ ଓ ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ଦିଏ। ସମାଜ ବିଜ୍ଞାନୀ ନିଜେ ବିଭିନ୍ନ ଅଞ୍ଚଳରେ ଅବସ୍ଥାନ କରି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ତଥ୍ୟ ସଂଗ୍ରହ କରେ। ଇତିହାସକାର ଶିଳାଲିପି, ସ୍ତୁପ ଓ ସଭ୍ୟତାର ଭଗ୍ନାବଶେଷକୁ ତଥ୍ୟ ସଂଗ୍ରହ କରେ। ଏହାଛଡା ପ୍ରାଚୀନ ପୁସ୍ତକ, ଧର୍ମଗ୍ରନ୍ଥ ଓ ପାଣ୍ଡୁଲିପିକୁ ଐତିହାସିକ ତଥ୍ୟ ସଂଗ୍ରହ କରିଥାଏ।

୮. ସମାଜ ବିଜ୍ଞାନ ବର୍ତ୍ତମାନର ଘଟଣାବଳୀକୁ ଅନୁଧ୍ୟାନ କରୁଥିବାରୁ ଏହାର ପରୀକ୍ଷା ନିରୀକ୍ଷା କରିବା ସମ୍ଭବ। ମାତ୍ର ଇତିହାସ ଅତୀତ ଘଟଣାର ଅଧ୍ୟୟନ କରିଥାଏ, ଯାହାର ପୁନରାବୃତ୍ତି ସମ୍ଭବପର ନୁହେଁ। ଏଣୁ ସେ ସବୁ ଅତୀତ ଘଟଣାବଳୀର ପରୀକ୍ଷା ନିରୀକ୍ଷା ଅସମ୍ଭବ।

## ସମାଜ ବିଜ୍ଞାନ ଓ ଅର୍ଥଶାସ୍ତ୍ର
### (Sociology and Economics)

ଅର୍ଥଶାସ୍ତ୍ର ମନୁଷ୍ୟର ଅଥନୈତିକ ଜୀବନର ଅଧ୍ୟୟନ କରିଥାଏ। ସମାଜରେ ଉତ୍ପାଦନ, ବିତରଣ, ବଣ୍ଟନ, ବୃତ୍ତି ଓ ଅର୍ଥ ଉପାର୍ଜନ ଇତ୍ୟାଦି ଅର୍ଥନୀତିର ଅନ୍ତର୍ଗତ। ମଣିଷର ଚାହିଦା ବା ଆବଶ୍ୟକତା ଓ ତାର ପୂରଣ କରିବାର ପ୍ରଣାଳୀକୁ ଅର୍ଥନୀତି ଅଧ୍ୟୟନ କରେ। ଅତଏବ୍ ଅର୍ଥଶାସ୍ତ୍ର ଓ ଅର୍ଥନୀତି କେବଳ ମଣିଷ ସମାଜର ଆର୍ଥିକ ଦିଗକୁ ଅଧ୍ୟୟନ କଲାବେଳେ ସମାଜ ବିଜ୍ଞାନ ସମସ୍ତ ସାମାଜିକ କ୍ରିୟା ପ୍ରକ୍ରିୟାର ଅଧ୍ୟୟନ କରିଥାଏ। ଏଥିପାଇଁ ଅନେକଙ୍କ ମତରେ ଅର୍ଥନୀତି ସମାଜ ବିଜ୍ଞାନର ଏକ ଅଂଶ ବା ଶାଖା ଅଟେ। ଏହି ଦୁଇଟି ବିଜ୍ଞାନ ପରସ୍ପରର ଖୁବ୍ ନିକଟବର୍ତ୍ତୀ ବୋଲି ଧରାଯାଇଛି।

ଅର୍ଥନୀତି ଓ ସମାଜ ବିଜ୍ଞାନ ପରସ୍ପରର ପରିପୂରକ। ଅର୍ଥନୈତିକ ପରିବର୍ତ୍ତନ ଫଳରେ ସାମାଜିକ ପରିବର୍ତ୍ତନ ହୋଇଥାଏ। କାର୍ଲମାକ୍ସଙ୍କ ମତରେ ସମାଜର ଅର୍ଥନୀତି ହିଁ ମୂଳ ଭିତ୍ତି ବା ଢ଼ାଞ୍ଚା। ଅନ୍ୟ ସବୁ ପ୍ରକାରର ସାମାଜିକ, ରାଜନୈତିକ, ଧାର୍ମିକ, ଆଦର୍ଶ ବା ମୂଲ୍ୟବୋଧ ଅର୍ଥନୀତି ଉପରେ ନିର୍ଭରଶୀଳ। ମାକ୍ସ ୱେବର, ପାରିଟୋଙ୍କ ମତରେ ଧାର୍ମିକ ଧାରଣା ବା ସାମାଜିକ ରୀତିନୀତି ଓ ଆଦର୍ଶ ଅର୍ଥନୈତିକ କାର୍ଯ୍ୟକଳାପକୁ ଦିଗ୍‌ଦର୍ଶନ ଦେଇଥାଏ। ବାସ୍ତବରେ ଆର୍ଥିକ ସଂପର୍କକୁ ସାମାଜିକ ସଂପର୍କରୁ ଅଲଗା କରାଯାଇ ପାରିବ ନାହିଁ। ଆର୍ଥିକ ଘଟଣା ସାମାଜିକ ଆବଶ୍ୟକତା ଓ ତାର ପରିପୂରଣ ଉପରେ ନିର୍ଦ୍ଧାରିତ ହୋଇଥାଏ।

କୌଣସି ସମାଜର ପ୍ରଥା ଓ ପରମ୍ପରା ସେହି ସମାଜର ଅର୍ଥନୀତିକୁ ପ୍ରଭାବିତ କରିଥାଏ। ପ୍ରୋଟେଷ୍ଟାଣ୍ଟ ସଂପ୍ରଦାୟର ଧାର୍ମିକ ଓ ସାମାଜିକ ପରମ୍ପରାରୁ ଇଉରୋପର ପୁଞ୍ଜିବାଦୀ ଅର୍ଥବ୍ୟବସ୍ଥାର (Capitalism) ଜନ୍ମ ବୋଲି ବିଖ୍ୟାତ ଜର୍ମାନୀ ସମାଜ ବିଜ୍ଞାନୀ ମାକ୍ସ ୱେବର ମତ ଦେଇଛନ୍ତି।

ଅର୍ଥଶାସ୍ତ୍ର ଓ ସମାଜ ବିଜ୍ଞାନ ଉଭୟ କେତେକ ସାଧାରଣ ବିଷୟବସ୍ତୁର ଅଧ୍ୟୟନ ଓ ସମାଧାନ ସୂତ୍ର ଖୋଜିବାରେ ବ୍ୟସ୍ତ, ଯଥା ଗ୍ରାମ୍ୟ ପୁନଃନିର୍ମାଣ, ଔଦ୍ୟୋଗୀକରଣ, ପୌରୀକରଣ, ଶ୍ରମ କଲ୍ୟାଣ, ଦାରିଦ୍ର୍ୟ, ବେକାରୀ ଜନସଂଖ୍ୟା ବୃଦ୍ଧି ଇତ୍ୟାଦି। ଏ ସବୁ ସମସ୍ୟାର ସାମାଜିକ ଓ ଅର୍ଥନୈତିକ ଦୁଇଟି ଦିଗ ରହିଛି। ଏହି ସବୁର ଦୁଇଟି ଯାକ ଦିଗର ଆଲୋଚନା ଦ୍ୱାରା ସମାଧାନର ପନ୍ଥା ବାହାର ହୋଇପାରିବ।

ଅର୍ଥନୈତିକ ବିକାଶ ଓ ସାମାଜିକ ପ୍ରଗତି ଉଭୟ ପରସ୍ପର ଉପରେ ନିର୍ଭରଶୀଳ ଅପରାଧର ମାତ୍ରା ଅଧିକ ହେଲେ ଆର୍ଥିକ ବିକାଶ ସମ୍ଭବପର ହୁଏନାହିଁ। ସେହିଭଳି ବେକାରୀ, ଗରିବୀ, ଜନସଂଖ୍ୟାର ମାତ୍ରାଧିକ ବୃଦ୍ଧି ସମାଜରେ ବିଘଟନ ଓ ବିପର୍ଯ୍ୟସ୍ତ ସୃଷ୍ଟି କରିଥାଏ।

ସମାଜ ବିଜ୍ଞାନ ଓ ଅର୍ଥନୀତି ଉଭୟେ ଅତି ନିବିଡ଼ ଏବଂ ପରସ୍ପର ଉପରେ ନିର୍ଭରଶୀଳ । ଉଭୟଙ୍କ ମଧ୍ୟରେ ଘନିଷ୍ଠ ସଂପର୍କ ରହିଥାଏ ।

**ପାର୍ଥକ୍ୟ (Differences) :** ସମାଜ ବିଜ୍ଞାନ ଓ ଅର୍ଥଶାସ୍ତ୍ର ମଧ୍ୟରେ ଥିବା ପାର୍ଥକ୍ୟ ସମ୍ବନ୍ଧରେ ନିମ୍ନରେ ଆଲୋଚନା କରାଗଲା -

୧. ସମାଜ ବିଜ୍ଞାନ ସାଧାରଣ ଭାବେ ସବୁପ୍ରକାରର ସାମାଜିକ ସମ୍ବନ୍ଧକୁ ଅଧ୍ୟୟନ କରିଥାଏ, ମାତ୍ର ଅର୍ଥଶାସ୍ତ୍ର କେବେଳ ଆର୍ଥିକ ସମ୍ବନ୍ଧକୁ ଅଧ୍ୟୟନ କରେ । ସମାଜ ବିଜ୍ଞାନ ଏକ ସାଧାରଣ ବିଜ୍ଞାନ ଓ ଅର୍ଥନୀତି ଏକ ସ୍ୱତନ୍ତ୍ର ବା ବିଶେଷ ବିଜ୍ଞାନ ।

୨. ଅର୍ଥଶାସ୍ତ୍ର ଏକ ପୂରାତନ ବିଜ୍ଞାନ । ସମାଜ ବିଜ୍ଞାନ ଅପେକ୍ଷାକୃତ ନୂଆ ବିଜ୍ଞାନ ।

୩. ଅର୍ଥନୀତିରେ ଘନ ଘନ ପରିବର୍ତ୍ତନ ହୋଇଥାଏ । ଆଧୁନିକ ସମାଜରେ ବସ୍ତୁବାଦୀ ଓ ଭୋଗବାଦୀ ପ୍ରଗତିର ହାର ଖୁବ୍ ଅଧିକ । ବିଜ୍ଞାନର ଆବିଷ୍କାର, ଗମନାଗମନର ସୁବିଧା, ଆର୍ଥିକ ଉଦାରୀକରଣ ଓ ଇଲେକ୍ଟ୍ରୋନିକ୍ ପଦାର୍ଥର ବହୁଳ ଆବିଷ୍କାର ହେତୁ ଅର୍ଥନୀତିରେ ଦ୍ରୁତ ପରିବର୍ତ୍ତନ ହେଉଛି । ଏହି ସବୁ ଆର୍ଥିକ ବିକାଶ ଯୋଗୁ ଅର୍ଥଶାସ୍ତ୍ରରେ ମଧ୍ୟ ନୂଆ ନୂଆ ତତ୍ତ୍ୱ ସବୁ ଦେଖାଦେଇଛି ।

ଅର୍ଥଶାସ୍ତ୍ର ଅନେକ ସମୟରେ କୌଣସି ଉନ୍ନୟନ କାର୍ଯ୍ୟର ଏକ ତରଫା ବିଚାର କରିଥାଏ, ଉଦାହାରଣ ସ୍ୱରୂପ ଗୋଟିଏ ନଦୀବନ୍ଧ ଦ୍ୱାରା କେତେ ରାଷ୍ଟ୍ରୀୟ ଉତ୍ପାଦନର ବୃଦ୍ଧି ହେବ ବା ଚାଷଜମି ଜଳସେଚିତ ହେବ, ଏହି ଦିଗକୁ ଦେଖିଥାଏ । ମାତ୍ର ବନ୍ଧ ଦ୍ୱାରା କେତେ ଲୋକ ବାସଚ୍ୟୁତ ହୋଇ ଦୁଖଦୁର୍ଦ୍ଦଶା ଭୋଗିବେ ସେଥିପ୍ରତି ଦୃଷ୍ଟି ଦେଇ ନଥାଏ । ମାତ୍ର ସମାଜ ବିଜ୍ଞାନୀ ଏସବୁ ଉନ୍ନୟନ ଯୋଜନାର ଲୁକ୍କାୟିତ ସାମାଜିକ ବିଘଟନ ସମ୍ବନ୍ଧରେ ସଚେତନ କରାଇଥାଏ ।

## ସମାଜ ବିଜ୍ଞାନ ଓ ନୃତତ୍ତ୍ୱ
## (Sociology and Anthropology)

ନୃତତ୍ତ୍ୱ "Anthropology" ଦୁଇଟି ଇଂରାଜୀ ଶବ୍ଦରୁ ଉତ୍ପତ୍ତି ହୋଇଛି । "Anthropos" ର ଅର୍ଥ ମଣିଷ ଓ "Logos" ର ଅର୍ଥ ଅଧ୍ୟୟନ । ଏହାର ବ୍ୟୁତ୍ପତ୍ତିଗତ ଅର୍ଥ ହେଲା ମାନବ ବିଜ୍ଞାନ । ଏହି ବିଜ୍ଞାନ ମଣିଷର କାର୍ଯ୍ୟାବଳୀ ଓ ଆଚରଣର ବିଜ୍ଞାନ ରୂପେ ପରିଚିତ ।

ଏହାର ପରିସର ବ୍ୟାପକ । ଏହି ବିଜ୍ଞାନକୁ ତିନି ଭାଗରେ ବିଭକ୍ତ କରାଯାଇଚି, ଯଥା- (୧) ଶାରୀରିକ ନୃତତ୍ତ୍ୱ (Physical Anthropology), (୨) ପ୍ରାଗ୍-ଐତିହାସିକ ନୃତତ୍ତ୍ୱ (Prehisoric Archeology), ଓ (୩) ସାମାଜିକ-ସାଂସ୍କୃତିକ ନୃତତ୍ତ୍ୱ (Social and Cultural Anthropology)

ଶାରୀରିକ ନୃତତ୍ତ୍ୱ ଆଦିମ କାଳରୁ ମଣିଷର ଶାରୀରିକ ଲକ୍ଷଣ ଅଧ୍ୟୟନ କରିଥାଏ । ପ୍ରାକ୍-ଐତିହାସିକ ନୃତତ୍ତ୍ୱ ପ୍ରାଚୀନ ଇତିହାସ କାଳର ମାନବ ସଭ୍ୟତାର ଭଗ୍ନାବଶେଷ ଆଦି ଖୋଦନ କରି ସେ କାଳର ସମାଜ ଓ ପରମ୍ପରାର ଅଧ୍ୟୟନ କରିଥାଏ । କିନ୍ତୁ ସାମାଜିକ ସାଂସ୍କୃତିକ ନୃତତ୍ତ୍ୱ ସମାଜ ବିଜ୍ଞାନର ଯାଆଁଳା ଭଉଣୀ ରୂପେ ପରିଚିତ । ଏହା ଦୁଇଟି ଯାକ ବିଜ୍ଞାନର ପରିସର ସମାନ ବୋଲି ଧରାଯାଏ ।

ଉଭୟ ନୃତତ୍ତ୍ୱ ଓ ସମାଜ ବିଜ୍ଞାନ ମାନବ ସମାଜର ବିଜ୍ଞାନ । ନୃତତ୍ତ୍ୱ ଆଦିମ ସମାଜର ସାମାଜିକ ବ୍ୟବସ୍ଥାର ଅଧ୍ୟୟନ କରିଥାଏ ।

ଉଭୟ ସମାଜ ବିଜ୍ଞାନ ଓ ନୃତତ୍ତ୍ୱ ପରିବାର, ଗୋଷ୍ଠୀ, ଜାତି, ସଂପ୍ରଦାୟ, ବିବାହ, ଧର୍ମ ଆଦି ସାମାଜିକ ଅନୁଷ୍ଠାନର ଅଧ୍ୟୟନ କରିଥାନ୍ତି ।

ଭାରତୀୟ ଜାତିପ୍ରଥା, ସଂସ୍କୃତି ଓ କୃଷକମାନଙ୍କର ଅଧ୍ୟୟନ ସମାଜ ବିଜ୍ଞାନୀମାନଙ୍କୁ ଯଥେଷ୍ଟ ସାହାଯ୍ୟ କରିଛି । ଏମ୍.ଏନ୍. ଶ୍ରୀନିବାସ, ଏଫ୍.ଜି.ବେଲି. ଆନ୍ଦ୍ରେ ବେତେ ଅଧ୍ୟୟନ ସମାଜ ବିଜ୍ଞାନ କ୍ଷେତ୍ରକୁ ମହାନ ରୂପେ ଧରାଯାଏ । ଭାରତୀୟ ଗ୍ରାମାଞ୍ଚଳର ଚିତ୍ର ଏଥିରେ ଅତି ସ୍ପଷ୍ଟ । ସମାଜ ବିଜ୍ଞାନ ସବୁ ସମୟରେ ନୃତତ୍ତ୍ୱର ସହାୟତା ଲୋଡ଼ିଥାଏ । ସମାଜ ବିଜ୍ଞାନ ଓ ନୃବିଜ୍ଞାନ ପରସ୍ପର ସହିତ ଘନିଷ୍ଠ ଭାବେ ସମ୍ବନ୍ଧିତ ।

**ପାର୍ଥକ୍ୟ (Differences) :** ଉଭୟ ପାଠ୍ୟବିଷୟ ମଧ୍ୟରେ ଥିବା ପ୍ରଭେଦ ସମ୍ବନ୍ଧରେ ନିମ୍ନରେ ଆଲୋଚନା କରାଗଲା ।

୧. ସମାଜ ବିଜ୍ଞାନ ଆଧୁନିକ, ଶିଳ୍ପ, ସଭ୍ୟତା, ସହରୀ ସଭ୍ୟତା ଓ ପଢ଼ାଶୁଣା କରିଥିବା ଜଟିଳ ମଣିଷ ସମାଜର ଅନୁଶୀଳନ କରିଥାଏ । ମାତ୍ର ନୃତତ୍ତ୍ୱ ଆଦିମ କାଳର, ଶିକ୍ଷା ଓ ସଭ୍ୟତାର ବହୁ ପୂର୍ବକାଳର ଅଧିବାସୀମାନଙ୍କର ଅଧ୍ୟୟନ କରିଥାଏ ।

୨. ସମାଜ ବିଜ୍ଞାନ ଜଟିଳ ଆଧୁନିକ ସମାଜର କୌଣସି ଏକ ସାମାଜିକ ଅନୁଷ୍ଠାନର ବ୍ୟାଖ୍ୟା କରିଥାଏ । କାରଣ ଆଧୁନିକ ସମାଜର ପରିସର ବ୍ୟାପକ ଓ ଏହାର ସମସ୍ତ ଦିଗକୁ ଏକାଠି ଅଧ୍ୟୟନ କରାଯାଇ ପାରିବ ନାହିଁ । କେତେକ ଅନୁଷ୍ଠାନ, ଯଥା – ବିବାହ, ପରିବାର, ସହରୀକରଣ, ଜାତିପ୍ରଥା ଇତ୍ୟାଦି ପୃଥକ ପୃଥକ ଭାବେ ଅଧ୍ୟୟନ କରାଯାଏ । ମାତ୍ର ଆଦିମ ସମାଜର ପରିସର ସୀମିତ । ଛୋଟ ଛୋଟ ଗାଁ ଗଣ୍ଡାରେ ଆଦିବାସୀମାନେ ବାସ କରୁଥାଆନ୍ତି । ଏଣୁ ଏହି ସମାଜର ସମସ୍ତ କାର୍ଯ୍ୟକଳାପକୁ ଏକାଠି ଅଧ୍ୟୟନ କରାଯାଇପାରେ । ଏଣୁ ନୃତତ୍ତ୍ୱ ଏସବୁ ସମାଜର ସମସ୍ତ ଘଟଣାବଳୀ ଉପରେ ଆଲୋଚନା କରିଥାଏ ।

୩. ସମାଜ ବିଜ୍ଞାନ ପରୋକ୍ଷ ପଦ୍ଧତି ବା ରୀତିରେ ତଥ୍ୟ ସଂଗ୍ରହ କରେ (Secondary Source) । ପରିସଂଖ୍ୟାନ (Statistics), ପ୍ରଶ୍ନାବଳୀ (Questionnarre), ସାକ୍ଷାତ୍‌କାର (Interview), ପଦ୍ଧତି ପ୍ରୟୋଗ କରି ତଥ୍ୟ ସଂଗ୍ରହ କରିଥାଏ । ମାତ୍ର ନୃବିଜ୍ଞାନରେ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ପଦ୍ଧତିରେ ତଥ୍ୟ ସଂଗ୍ରହ କରାଯାଏ ।

୪. ସମାଜ ବିଜ୍ଞାନ ଐତିହାସିକ ତଥ୍ୟ ଉପରେ ଗୁରୁତ୍ୱ ଦିଏ; ମାତ୍ର ନୃତତ୍ତ୍ୱ ଏହି ତଥ୍ୟ ଉପରେ ଗୁରୁତ୍ୱ ଦେଇ ନଥାଏ ।

୫. ସମାଜ ବିଜ୍ଞାନ ସମାଜର ଗୋଟିଏ ବିଭାଗ ଓ ଗୋଟିଏ ବା କେତୋଟି ଅନୁଷ୍ଠାନର ଅଧ୍ୟୟନ ହୋଇଥିବାରୁ ଏହାକୁ ଆଂଶିକ ଅଧ୍ୟୟନ (Part Studies) କରିଥାଏ ବୋଲି କୁହାଯାଏ । ମାତ୍ର ନୃତତ୍ତ୍ୱ ସଂପୂର୍ଣ୍ଣ ସମାଜର ଅଧ୍ୟୟନ ବା ସାମଗ୍ରିକ ରୂପରେ ସମାଜର ଅନୁଶୀଳନ କରିଥାଏ ।

ତେବେ ଦିନକୁ ଦିନ ଦୁଇ ସାମାଜିକ ବିଜ୍ଞାନ ମଧ୍ୟରେ ସଂପର୍କ ବୃଦ୍ଧି ପାଇବାରେ ଲାଗିଛି । ଦୁହେଁ ପ୍ରକୃତରେ ଦୁହିଁଙ୍କର ଯମଜ ଭଗ୍ନୀ ଅଥବା ଯାଆଁଳା ଭଉଣୀ ରୂପେ ପରିଚିତ । ଦୁହିଁଙ୍କର ସଂପର୍କ ଅତି ନିବିଡ଼ ।

## ସମାଜ ବିଜ୍ଞାନ ଓ ମନସ୍ତତ୍ତ୍ୱ

## (Sociology and Psychology)

ସମାଜ ବିଜ୍ଞାନ ଓ ମନୋବିଜ୍ଞାନର ସମ୍ପର୍କ ଅତି ଘନିଷ୍ଟ । ମନସ୍ତତ୍ତ୍ୱ ବା ମନୋବିଜ୍ଞାନ ହେଉଛି ମଣିଷ ମନର ବିଜ୍ଞାନ ବା ମାନସିକ କ୍ରିୟା ପ୍ରତିକ୍ରିୟାର ବିଜ୍ଞାନ । ଏହା ମଣିଷର ବ୍ୟବହାର ଓ ଆଚରଣକୁ ଅନୁଧ୍ୟାନ କରେ । ମଣିଷର ଅନୁଭୂତି ଓ କାର୍ଯ୍ୟକଳାପକୁ ଏହା ବୈଜ୍ଞାନିକ ପ୍ରଣାଳୀରେ ଅନୁସନ୍ଧାନ କରିଥାଏ । ମଣିଷ

ମସ୍ତିଷ୍କର ଯେଉଁ ଚେତନାର ସୃଷ୍ଟି ହୋଇଥାଏ ଓ ତାହାକୁ ମସ୍ତିଷ୍କ କି ପ୍ରକାରର ଅର୍ଥରେ ଗ୍ରହଣ କରେ ତାହାକୁ ଏହି ବିଜ୍ଞାନ ସମୀକ୍ଷା କରିଥାଏ । ଏହି ମନସ୍ତତ୍ତ୍ୱ ବିଜ୍ଞାନ ମାନସିକ ପ୍ରକ୍ରିୟା, ଯଥା– ଅନୁଭୂତି (Perception), ପ୍ରବର୍ତ୍ତନା (Motive), ବୋଧଶକ୍ତି (Cognition) ଓ ପ୍ରଶିକ୍ଷଣ (Learning) ପ୍ରଭୃତିର ଆଲୋଚନା କରିଥାଏ । ମନୋବିଜ୍ଞାନୀମାନେ ଆବେଗ (Emotion), ଭାବନା (Feeling), ପ୍ରବର୍ତ୍ତନା (Motive) ଏବଂ ବ୍ୟକ୍ତିତ୍ୱର ବିକାଶ (Personality)ର ମଧ୍ୟ ଅନୁଶୀଳନ କରୁଛନ୍ତି ।

ମନୋବିଜ୍ଞାନୀର ଜୀବ ବିଜ୍ଞାନ (Biology) ସହ ଘନିଷ୍ଠ ସମ୍ପର୍କ ରହିଛି । ମଣିଷ ଶରୀରର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗ ଯଥା ସ୍ନାୟୁବିକ ଜୀବକୋଷର ପ୍ରତିକ୍ରିୟା, ଚେତନା ଓ ଅବଚେତନ ଅବସ୍ଥା, ମସ୍ତିଷ୍କ ସହ ଏସବୁ ଅବୟବର ସଂପର୍କଗୁଡ଼ିକ ଅଧିକାଂଶ ଭାବେ ଜୀବ ବିଜ୍ଞାନ ସହ ସଂପୃକ୍ତ । ମସ୍ତିଷ୍କ ନିର୍ଦ୍ଦେଶରେ ହେଉଥିବା ଶରୀରର ମାନସିକ ଓ ରାସାୟନିକ ପ୍ରତିକ୍ରିୟା ସବୁ ଜୀବବିଜ୍ଞାନ ସହ ସମ୍ବନ୍ଧିତ । ମାତ୍ର ସମାଜ ବିଜ୍ଞାନ କେବଳ ସାମାଜିକ କାର୍ଯ୍ୟକଳାପର ଅଧ୍ୟୟନ କରେ ।

ମନସ୍ତତ୍ତ୍ୱରେ ବ୍ୟକ୍ତିର ବ୍ୟକ୍ତିତ୍ୱର ଗଠନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥାଏ । ଏହି ବିଜ୍ଞାନର "ବ୍ୟକ୍ତି" ହିଁ କେନ୍ଦ୍ରବିନ୍ଦୁ ହୋଇଥାଏ । ମାତ୍ର ସମାଜ ବିଜ୍ଞାନରେ "ସମାଜ" ହିଁ କେନ୍ଦ୍ରବିନ୍ଦୁ ଅଟେ । ମଣିଷର ବ୍ୟକ୍ତିତ୍ୱର ବିକାଶ ଓ ବ୍ୟକ୍ତିତ୍ୱକୁ କେନ୍ଦ୍ରକରି ତାର ବ୍ୟବହାର ଓ ଚାଲିଚଳନରେ ଥିବା ପ୍ରଭାବକୁ ଅଧ୍ୟୟନ କରେ । ସମାଜ ବିଜ୍ଞାନ ସାମାଜିକ କ୍ରିୟା କଳାପ ଓ ସମ୍ବନ୍ଧରେ ଅଧ୍ୟୟନ ଅଟେ । ସାମାଜିକ ସଂପର୍କଗୁଡ଼ିକ ସମାଜ ଭିତରେ କିଭଳି ଭାବେ ସୃଷ୍ଟି ହୋଇଥାଏ, ସମାଜ ବିଜ୍ଞାନ ଅଧ୍ୟୟନ କଲାବେଳେ ମନସ୍ତତ୍ତ୍ୱ ବ୍ୟକ୍ତିର ମନସ୍ତାତ୍ତ୍ୱିକ ଓ ଶାରୀରିକ ପ୍ରକ୍ରିୟା ଓ ବ୍ୟକ୍ତିଗତ ଅନୁଭୂତିର ବିଶ୍ଳେଷଣ କରେ ।

ସମାଜ ବିଜ୍ଞାନ ଓ ମନୋବିଜ୍ଞାନର ସଂପର୍କକୁ ନେଇ କେତେକ ମତଭେଦ ଦେଖାଦିଏ । ପ୍ରଖ୍ୟାତ ସମାଜ ଶାସ୍ତ୍ରୀ ଦୁରର୍ଖେଇମ୍‌ଙ୍କ ମତରେ ସମାଜ ବିଜ୍ଞାନ କେବଳ ସାମାଜିକ ଘଟଣାର ଅଧ୍ୟୟନ କରିବା ଉଚିତ୍ । ମନସ୍ତାତ୍ତ୍ୱିକ ଘଟଣାକୁ ସମାଜ ବିଜ୍ଞାନ ଅଧ୍ୟୟନ କରିବାରେ ଆବଶ୍ୟକତା ନାହିଁ । ସାମାଜିକ ଘଟଣା ମଣିଷର ବାହାରକୁ ପ୍ରକାଶ ପାଉଥିବା ଘଟଣା ଓ ତାଙ୍କ ମତରେ ଏହି ସବୁ ଘଟଣାବଳୀ ମଣିଷ ଉପରେ ବାହ୍ୟ ଚାପ ପ୍ରୟୋଗ କରିଥାଏ । ମାତ୍ର ଗିନସବର୍ଗଙ୍କ ମତରେ (Ginsberg) ଅନେକଗୁଡ଼ିଏ ସାମାଜିକ ତଥ୍ୟକୁ ଦୃଢ଼ ଭାବରେ ପ୍ରତିପାଦିତ କରିବାକୁ ହେଲେ ସେସବୁକୁ ସାଧାରଣ ମନସ୍ତାତ୍ତ୍ୱିକ (General Psychology) ତତ୍ତ୍ୱର ସାହାଯ୍ୟ ନେବାକୁ ପଡିଥାଏ । ପ୍ରକୃତପକ୍ଷେ ମନସ୍ତାତ୍ତ୍ୱିକ ଘଟଣାବଳୀ ସାମାଜିକ ସଂପର୍କରୁ ହିଁ ଉତ୍ପନ୍ନ ।

ମନସ୍ତତ୍ତ୍ୱ ମଣିଷର ଆଚରଣ, ଚାଲିଚରଣ, ବ୍ୟବହାର ଅଥବା ହାବଭାବର ବିଜ୍ଞାନ । ଏହା ବ୍ୟକ୍ତିଗତ ବ୍ୟବହାରକୁ ଆଧାର ରୂପେ ଗ୍ରହଣ କରିଥାଏ । ବ୍ୟକ୍ତିର ବୁଦ୍ଧି, ବିଚକ୍ଷଣତା, ପ୍ରଶିକ୍ଷଣ (Learning), ଆଶା ଓ ଆଶଙ୍କା, ଭୟ ଓ ମାନସିକ ସନ୍ତୁଳନ ଓ ବିଘଟନର ଅଧ୍ୟୟନ କରେ । ସାମାଜିକ ମନୋବିଜ୍ଞାନ, ସମାଜ ବିଜ୍ଞାନ ଓ ମନସ୍ତତ୍ତ୍ୱ ମଧ୍ୟରେ ଯୋଗସୂତ୍ର ପ୍ରତିଷ୍ଠା କରିଥାଏ । ସାମାଜିକ ମନୋବିଜ୍ଞାନ (Social Psychology) ମଣିଷ ଏକ ସାମାଜିକ ପ୍ରାଣୀଭାବରେ ତାର ବ୍ୟକ୍ତିଗତ ଓ ମାନସିକ ପକ୍ରିୟାର ଅଧ୍ୟୟନ କରେ ଏବଂ ବ୍ୟକ୍ତିର ମାନସିକତା କିଭଳି ଗୋଷ୍ଠୀ ବା ସମୂହକୁ ପ୍ରଭାବିତ କରେ ତାର ଅଧ୍ୟୟନ କରେ । ଏହା ମଧ୍ୟ ମଣିଷର ବ୍ୟକ୍ତିତ୍ୱ କିଭଳି ତାର ନିଜସ୍ୱ ମୌଳିକ ଓ ସ୍ୱଭାବଗତ ଗୁଣ ତଥା ସାଂସ୍କୃତିକ ଓ ସାମାଜିକ ପ୍ରଭାବରେ ଗଠିତ ହୁଏ ତାହାକୁ ପର୍ଯ୍ୟାଲୋଚନା କରେ ।

ସମାଜ ବିଜ୍ଞାନ ଓ ସାମାଜିକ ମନୋବିଜ୍ଞାନର ସଂପର୍କ ଖୁବ୍ ନିବିଡ଼ । ଦୁଇଟି ବିଷୟକୁ ଅଲଗା କରିବା ସମ୍ଭବ ନୁହେଁ । କାର୍ଲ ପିଅରସନ୍ (Karl Pearson) ଓ ସିଗମଣ୍ଡ ଫ୍ରଏଡଙ୍କ ମତରେ ସମସ୍ତ ସାମାଜିକ ଜୀବନ ବା ଘଟଣା ଶେଷରେ ମନସ୍ତାତ୍ତ୍ୱିକ ଘଟଣାରେ ପରିବର୍ତ୍ତିତ ହୋଇଥାଏ ।

ଉଭୟ ସମାଜ ବିଜ୍ଞାନ ଓ ମନସ୍ତତ୍ତ୍ୱ ମଣିଷର ବ୍ୟବହାର ଉପରେ ଗୁରୁତ୍ୱ ଦିଅନ୍ତି। ମନସ୍ତତ୍ତ୍ୱ ମଣିଷର ବ୍ୟକ୍ତିଗତ ଆଚାର ବିଚାର ଓ ସମାଜ ବିଜ୍ଞାନ ସାମାଜିକ ସଂପର୍କ ଓ ସାମାଜିକ ବିଚାର ସବୁର ଅଧ୍ୟୟନ କରେ। ମଣିଷର ସାମାଜିକ ବ୍ୟବହାର ଓ ମଣିଷ ସହ ମଣିଷର ସଂପର୍କକୁ ଉତ୍ତମ ରୂପେ ବୁଝିବାକୁ ହେଲେ ଉଭୟ ସମାଜ ବିଜ୍ଞାନ ଓ ମନସ୍ତତ୍ତ୍ୱର ଆବଶ୍ୟକତା ରହିଛି। ସମାଜ ବିଜ୍ଞାନ ମନସ୍ତତ୍ତ୍ୱକୁ ଅନେକ ସାହାଯ୍ୟ କରିଥାଏ। ସମାଜର ଢ଼ାଞ୍ଚା, ସାମାଜିକ ବ୍ୟବସ୍ଥା ଓ ସଂସ୍କୃତିର ଉପଯୁକ୍ତ ଅଧ୍ୟୟନ ବି ମଣିଷର ମନସ୍ତତ୍ତ୍ୱକୁ ଠିକ୍ ରୂପେ ବୁଝିହେବ ନାହିଁ। ମଣିଷର ବ୍ୟକ୍ତିଗତ ବ୍ୟବହାର, ଚରିତ୍ର ଓ ଆଚାର ବିଚାର ସମାଜ ଭିତରେ ହିଁ ଜନ୍ମ ନେଇଥାଏ।

ସମାଜ ଶାସ୍ତ୍ର ଓ ମନୋବିଜ୍ଞାନ ଉଭୟେ କେତେକ ସାଧାରଣ ବିଷୟବସ୍ତୁର ଅଧ୍ୟୟନ କରିଥାନ୍ତି, ଯଥା– ବ୍ୟକ୍ତିଗତ ଆଚରଣର ବିଶୃଙ୍ଖଳା, ସାମାଜିକ ବିଶୃଙ୍ଖଳା, ଅପରାଧ, ବାଲ୍ୟ ଅପରାଧ, ଜନମତ, ବିକ୍ଷୁବ୍ଧ ଜନତା (Mob) ଦଙ୍ଗାଗୋଳ, ସାମାଜିକ ବିପ୍ଳବ, ରାଜନୈତିକ ପ୍ରଚାର, ନେତୃତ୍ୱ, ଯୁଦ୍ଧ, କଳହ, ସାମାଜିକୀକରଣ, ଅନୁକରଣ, ଫେସନ ଇତ୍ୟାଦି।

ସାମାଜିକ ମନୋବିଜ୍ଞାନ (Social Psychology) ବିଭିନ୍ନ ସାମାଜିକ ସମସ୍ୟାର ସମାଧାନର ସୂତ୍ର ପ୍ରଦାନ କରିଥାଏ। ସାମାଜିକ ଦ୍ୱନ୍ଦ୍ୱ (Social Conflict), ଧାର୍ମିକ ପକ୍ଷପାତ (Religious Prejudice), ସାଂପ୍ରଦାୟିକ ଉତ୍ତେଜନା, ଅପରାଧ, ବେଶ୍ୟାବୃତ୍ତି, ଜୁଆଖେଳ, ମଦ୍ୟପାନ ଇତ୍ୟାଦି ସାମାଜିକ ଘଟଣାର ଅଧ୍ୟୟନ କ୍ଷେତ୍ରରେ ଏହି ସାମାଜିକ ମନୋବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ବ୍ୟକ୍ତିଗତ ଚିନ୍ତା ଓ ଚେତନା ହେଉଛି ସାମାଜିକ ଚିନ୍ତା ଚେତନାର ଏକ ଅଂଶ। ବ୍ୟକ୍ତିଗତ ଚେତନା (Individual Conscience) ସାମାଜିକ ସଂପର୍କ ଓ ସାମାଜିକ ବ୍ୟବସ୍ଥା ମଧ୍ୟରେ ପ୍ରକାଶିତ ହୋଇଥାଏ। ଉଭୟ ସମାଜ ବିଜ୍ଞାନ ଓ ମନୋବିଜ୍ଞାନ ବାସ୍ତବ ଘଟଣାର ଭିନ୍ନ ଭିନ୍ନ ଦିଗ ଉପରେ ଆଲୋଚନା କରିଥାନ୍ତି। ବ୍ୟକ୍ତିକୁ ଠିକ୍ ଭାବେ ବୁଝିବାକୁ ହେଲେ ତାର ଅନ୍ୟମାନଙ୍କ ସହ ସଂପର୍କକୁ ବୁଝିବା ଦରକାର।

ସମାଜ ବିଜ୍ଞାନ ଓ ମନୋବିଜ୍ଞାନ ମଧ୍ୟରେ ସାମାଜିକ ମନୋବିଜ୍ଞାନ ଯୋଗସୂତ୍ର ରକ୍ଷା କରିଥାଏ।

**ପାର୍ଥକ୍ୟ (Differences) :** ସମାଜବିଜ୍ଞାନ ଓ ମନୋବିଜ୍ଞାନ ମଧ୍ୟରେ ନିମ୍ନଲିଖିତ ପାର୍ଥକ୍ୟ ଥାଏ।

୧. ସମାଜ ବିଜ୍ଞାନ ସମାଜ ଓ ଦଳଗତ ଜୀବନର ଅଧ୍ୟୟନ କରିଥାଏ; ମନୋବିଜ୍ଞାନ ମଣିଷର ବ୍ୟକ୍ତିଗତ ଜୀବନର ଅଧ୍ୟୟନ କରେ। ଏଣୁ "ବ୍ୟକ୍ତି" ହିଁ ମନୋବିଜ୍ଞାନର କେନ୍ଦ୍ରବିନ୍ଦୁ। ମାତ୍ର "ସମାଜ" ସମାଜ ବିଜ୍ଞାନର କେନ୍ଦ୍ରବିନ୍ଦୁ ଅଟେ।

୨. ମନୋବିଜ୍ଞାନ ବା ମନସ୍ତତ୍ତ୍ୱ ମାନସିକ କ୍ରିୟା ପ୍ରକ୍ରିୟାକୁ ଅଧ୍ୟୟନ କଲାବେଳେ, ସମାଜ ବିଜ୍ଞାନ ସାମାଜିକ କ୍ରିୟା କଳାପର ଅଧ୍ୟୟନ କରିଥାଏ।

୩. ଦଳଗତ ଜୀବନ, ଗୋଷ୍ଠୀର ଗଠନ ଓ ବିକାଶ, ସାମାଜିକ ସଂରଚନା (Structure) ଯେଉଁଥିରେ କି ମଣିଷ ଅବସ୍ଥିତି, ତାର ଆଲୋଚନା ସମାଜ ବିଜ୍ଞାନରେ ଦେଖାଯାଏ। ମାତ୍ର ବ୍ୟକ୍ତିଗତ ଚରିତ୍ର ଗଠନ ଓ ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ ଓ ତାର ବ୍ୟବହାର ମନୋବିଜ୍ଞାନରେ ଆଲୋଚନା ହୁଏ।

୪. ସମାଜ ବିଜ୍ଞାନ କୌଣସି ଘଟଣା ସମାଜ ଉପରେ କିପ୍ରକାର ପ୍ରଭାବ ପକାଏ, ତାର ଅନୁଧ୍ୟାନ କରେ। ଉଦାହରଣସ୍ୱରୂପ, ଅର୍ଥନୈତିକ ମାନ୍ଦା ଅବସ୍ଥା ସମଗ୍ର ସମାଜରେ କି ପ୍ରକାରର ପ୍ରଭାବ ପକାଇଥାଏ, ତାହାର ବିଶ୍ଳେଷଣ କରେ। ମାତ୍ର ଏଭଳି ଅବସ୍ଥାରେ ମଣିଷର ବ୍ୟକ୍ତିଗତ ବିଷାଦଗ୍ରସ୍ତତା ବଢ଼ି ସେ କିଭଳି ମଦ୍ୟପାନ ଓ ନିଶା ସେବନ କରେ, ମନୋବିଜ୍ଞାନ ସେ ସବୁର ବିଶ୍ଳେଷଣ କରିଥାଏ।

ଏହି ସବୁ ପାର୍ଥକ୍ୟ ରହିଥିବା ସତ୍ତ୍ୱେ ଉଭୟ ସମାଜ ବିଜ୍ଞାନ ଓ ମନୋବିଜ୍ଞାନ ପରସ୍ପରର ଅତି ନିକଟତର ଓ ନିର୍ଭରଶୀଳ। କେତେକ ସାମାଜିକ ସମସ୍ୟା ଉଭୟେ ବିଜ୍ଞାନରେ ସାଧାରଣ ଭାବେ ଆଲୋଚିତ ହୁଏ। ସାମାଜିକ ସମସ୍ୟାର ବିଜ୍ଞାନସମ୍ମତ ଅନୁଶୀଳନରେ ମନସ୍ତତ୍ତ୍ୱ ସାହାଯ୍ୟ କରିଥାଏ।

## ସମାଜ ବିଜ୍ଞାନ ଓ ରାଜନୀତି ବିଜ୍ଞାନ
### (Sociology and Political Science)

ରାଜନୀତି ବିଜ୍ଞାନ ହେଉଛି ଏକ ବିଶେଷ ସାମାଜିକ ବିଜ୍ଞାନ। ଏହା ମନୁଷ୍ୟର ରାଜନୈତିକ କାର୍ଯ୍ୟକଳାପକୁ ଅଧ୍ୟୟନ କରେ। ଏହା ରାଷ୍ଟ୍ରର ଉତ୍ପତ୍ତି, ସରକାର ଗଠନ, କ୍ଷମତା ପ୍ରଭୃତ୍ୱ ରାଜନୈତିକ ଦଳର କାର୍ଯ୍ୟାବଳୀ ଓ ଆଦର୍ଶ ତଥା ନିର୍ବାଚନ ପ୍ରକ୍ରିୟା ପ୍ରଭୃତିର ଅନୁଧ୍ୟାନ କରିଥାଏ। ରାଜନୀତି ବିଜ୍ଞାନରେ ରାଷ୍ଟ୍ର ହିଁ ଅଧ୍ୟୟନର କେନ୍ଦ୍ରବିନ୍ଦୁ। ମାତ୍ର ସମାଜ ବିଜ୍ଞାନ ରାଷ୍ଟ୍ରକୁ ଏ ସାମାଜିକ ଅନୁଷ୍ଠାନ ରୂପେ ଗ୍ରହଣ କରିଥାଏ। ରାଜନୀତି ବିଜ୍ଞାନ ସମାଜର କେବଳ ଗୋଟିଏ ପ୍ରକାର ଦିଗ ବା କାର୍ଯ୍ୟକଳାପ (ରାଜନୈତିକ)ର ବ୍ୟାଖ୍ୟା କରିବା ବେଳେ ସମାଜ ବିଜ୍ଞାନ ସମାଜର ସମସ୍ତ ପ୍ରକାରର ସଂପର୍କର ଆଲୋଚନା କରେ।

ରାଜନୀତି ବିଜ୍ଞାନ ଓ ସମାଜ ବିଜ୍ଞାନ ମଧ୍ୟରେ ବିଶେଷ ସମ୍ପର୍କ ରହିଛି। କୌଣସି ଗୋଟିଏ ବିନା ଅନ୍ୟଟିର ଅଧ୍ୟୟନ ନିରର୍ଥକ। ରାଜନୀତି ବିଜ୍ଞାନ ସମାଜ ବିଜ୍ଞାନର ପରିସର ମଧ୍ୟରୁ ସୃଷ୍ଟି। ରାଜନୀତି ସମାଜର ଏକ ବିଶେଷ ଦିଗ। କୌଣସି ସମାଜ ସଂପର୍କରେ ଯଥେଷ୍ଟ ଜ୍ଞାନ ନଥିଲେ ସେ ସମାଜର ରାଜନୀତିକୁ ଠିକ୍ ରୂପେ ବୁଝି ହେବ ନାହିଁ। ରାଷ୍ଟ୍ର ଓ ସମ୍ବିଧାନ ବା ନାଗରିକ ଅଧିକାର; ସେହି ସମାଜର ପୃଷ୍ଠଭୂମିରେ ହିଁ ଜନ୍ମ ନେଇଥାଏ। ଏଣୁ ସମାଜ ବିଜ୍ଞାନ ସମ୍ବନ୍ଧରେ ଯଥେଷ୍ଟ ଜ୍ଞାନ ନଥିଲେ ରାଜନୀତି ବିଜ୍ଞାନକୁ ଆଲୋଚନା କରିବା ଅସମ୍ଭବ।

**ବିଭିନ୍ନ ଦୃଷ୍ଟିରୁ ଦେଖାଯାଏ** ଯେ ଏ ଦୁଇଟି ବିଜ୍ଞାନ ପରସ୍ପରର ଅତି ନିକଟ। ପ୍ଲାଟୋଙ୍କ ରିପବ୍ଲିକ୍ (Republic) ବା ଆରିଷ୍ଟୋଟଲଙ୍କର ପଲିଟିକସ୍ (Politics) ଅଥବା ଚାଣକ୍ୟଙ୍କ ଅର୍ଥଶାସ୍ତ୍ର ବା ମନୁସଂହିତା ପ୍ରଭୃତି ପୁସ୍ତକରେ ସେକାଳର ସାମାଜିକ ବ୍ୟବସ୍ଥା, ରାଜନୀତି ଓ ଅର୍ଥନୀତି ଉପରେ ବିଶେଷ ଆଲୋଚନା ହୋଇଛି। ଏ ଗ୍ରନ୍ଥଗୁଡ଼ିକ କେବଳ ରାଜନୈତିକ ତତ୍ତ୍ୱ ବା ଅର୍ଥନୀତି ମଧ୍ୟରେ ସୀମିତ ନୁହନ୍ତି। ରାଜନୈତିକ କ୍ରିୟାକଳାପ ସାମାଜିକ ଜୀବନର ଅଂଶ ବିଶେଷ।

ଏହି ଦୁଇ ବିଜ୍ଞାନ ପରସ୍ପରର ଅତି ନିକଟତର ହେବାର ଲାଗିଛନ୍ତି। ଏହି ଦୁଇ ବିଜ୍ଞାନର ସମନ୍ୱୟରେ ଏକ ନୂତନ ଅଧ୍ୟୟନର ସୂତ୍ରପାତ ହୋଇଛି ଯାହାକି ରାଜନୈତିକ ସମାଜ ବିଜ୍ଞାନ (Political Sociology) ନାମରେ ଖ୍ୟାତି ଲାଭ କରିଛି।

ଆଇନ୍ କାନୁନ୍, ରାଜନୀତି, ସାମାଜିକ ନିୟନ୍ତ୍ରଣର ପଦ୍ଧତି, ରାଷ୍ଟ୍ରର କ୍ଷମତା, ପ୍ରଭୃତ୍ୱ, ପ୍ରଥା, ପରମ୍ପରା, ନେତୃତ୍ୱ, ଜାତି ଓ ରାଜନୀତି, ଉଭୟ ସମାଜ ବିଜ୍ଞାନ ଓ ରାଜନୀତି ବିଜ୍ଞାନର ବିଷୟବସ୍ତୁ ଅଟେ।

ରାଜନୀତି ବିଜ୍ଞାନରେ ସମାଜ ବିଜ୍ଞାନର ଗବେଷଣା ଓ ଅନୁସନ୍ଧାନ ପଦ୍ଧତିକୁ ବହୁଳ ଭାବରେ ପ୍ରୟୋଗ କରାଯାଇଛି। ନିର୍ବାଚନ ସମୟରେ ମତଦାନ ସଂକ୍ରାନ୍ତିୟ ଅନୁଧ୍ୟାନ ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନର ରାଜନୈତିକ ସଂପର୍କ ଓ କାର୍ଯ୍ୟକଳାପର ବିଶ୍ଳେଷଣ କରାଯିବା ଆବଶ୍ୟକ। ଜାତି ପ୍ରଥା ଓ ରାଜନୀତି, ସଂଖ୍ୟାଲଘୁ ସଂପ୍ରଦାୟର

ମତଦାନ, ନାରୀମାନଙ୍କର ମତଦାନ ପ୍ରତି ଆଗ୍ରହ ଓ ରାଜନୀତିରେ ପ୍ରବେଶ ଓ କେଉଁ ଦଳ ପ୍ରତି ସମର୍ଥନ ଇତ୍ୟାଦିର ଅଧ୍ୟୟନ ଆଦି ବୈଜ୍ଞାନିକ ବିଶ୍ଳେଷଣ ପାଇଁ ଆବଶ୍ୟକ ଅଟେ।

ସାମାଜିକ ଅନୁଷ୍ଠାନ ଓ ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ଆଇନର ନିବିଡ଼ ସଂପର୍କ ରହିଛି। ୧୯୫୫ ମସିହାରେ ହିନ୍ଦୁବିବାହ ଆଇନ, ଅସ୍ପୃଶ୍ୟତା ନିବାରଣ ଆଇନ୍, ବିଧବା ବିବାହ, ସତୀପ୍ରଥା ନିରୋଧ ଆଇନ୍ ପ୍ରଭୃତି ସମାଜରେ ବିଶେଷ ପରିବର୍ତ୍ତନରେ ସହାୟକ ହୋଇଥିଲା।

**ପାର୍ଥକ୍ୟ (Differences) :** ରାଜନୀତି ବିଜ୍ଞାନ ଓ ସମାଜ ବିଜ୍ଞାନ ମଧ୍ୟରେ ଥିବା ପାର୍ଥକ୍ୟକୁ ନିମ୍ନରେ ଆଲୋଚନା କରାଗଲା।

୧. ସମାଜ ବିଜ୍ଞାନ ସମସ୍ତ ସମାଜ କ୍ରିୟାକଳାପର ଅଧ୍ୟୟନ। ରାଜନୀତି ବିଜ୍ଞାନ କେବଳ ରାଜନୈତିକ କ୍ରିୟାପ୍ରକ୍ରିୟାର ରାଷ୍ଟ୍ର ଓ ଶାସନ କ୍ଷମତାର ବିଜ୍ଞାନ ଅଟେ।

୨. ସମାଜ ବିଜ୍ଞାନର ପରିସର ବ୍ୟାପକ; ରାଜନୀତି ବିଜ୍ଞାନର ପରିସର ସୀମିତ।

୩. ସମାଜ ବିଜ୍ଞାନ ଉଭୟ ସଂଗଠିତ (Organised) ଓ ଅସଂଗଠିତ (Unorganised) ସମାଜର ଅଧ୍ୟୟନ କରେ, ମାତ୍ର ରାଜନୀତି ବିଜ୍ଞାନ କେବଳ ସଂଗଠିତ ସମାଜର ଅନୁଶୀଳନ କରେ।

୪. ସମାଜ ବିଜ୍ଞାନ ସାଂପ୍ରତିକ ସମାଜର ଘଟଣା, ଆଚାର ବିଚାର, ରୀତିନୀତିର ଆଲୋଚନା କରିଥାଏ। ଭବିଷ୍ୟତରେ ସମାଜ କି ଆକାର ଧାରଣ କରିବ, ତାର ପ୍ରକୃତି ଓ ଲକ୍ଷଣରେ କି ପରିବର୍ତ୍ତନ ହେବ ସେ ସବୁକୁ ଏହା ବିଚାର କରେ ନାହିଁ। ମାତ୍ର ରାଜନୀତି ବିଜ୍ଞାନ ଭବିଷ୍ୟତ ରାଜନୈତିକ କାର୍ଯ୍ୟ କଳାପରେ ମଧ୍ୟ ପରିକଳ୍ପନା କରିଥାଏ। ରାଷ୍ଟ୍ରନୀତି ଓ ଶାସନ ବ୍ୟବସ୍ଥା ଭବିଷ୍ୟତରେ କିଭଳି ଉତ୍ତମ ରୂପେ ଚାଲିପାରିବ ସେ ସଂକ୍ରାନ୍ତରେ ମନ୍ତବ୍ୟ ଦେଇଥାଏ।

୫. ରାଜନୀତି ବିଜ୍ଞାନ ସମାଜ ବିଜ୍ଞାନଠାରୁ ଅପେକ୍ଷାକୃତ ପୁରାତନ। ରାଜନୀତି ବିଜ୍ଞାନର ସୃଷ୍ଟି ପ୍ଲାଟୋ, ଆରିଷ୍ଟୋଟଲଙ୍କ ସମୟରୁ ହୋଇଥିବା ବେଳେ ସମାଜ ବିଜ୍ଞାନ ଅଗଷ୍ଟ କମଟେଙ୍କ ସମୟରୁ ଆରମ୍ଭ ହୋଇଛି।

ଉପରୋକ୍ତ ସମସ୍ତ ବିଜ୍ଞାନର ସମାଜ ବିଜ୍ଞାନ ସହ ସଂପର୍କର ଅଧ୍ୟୟନ କରିବା ପରେ, ଆମେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛେ ଯେ, ସମାଜ ବିଜ୍ଞାନ ଏକ ସାମାଜିକ ବିଜ୍ଞାନ। ଏହା ଅନ୍ୟ ସବୁ ସାମାଜିକ ବିଜ୍ଞାନ ସହ ଗଭୀର ଓ ନିବିଡ଼ ସଂପର୍କ ରକ୍ଷାକରେ ଏବଂ ଅନ୍ୟମାନଙ୍କ ଉପରେ ମଧ୍ୟ ନିର୍ଭରଶୀଳ। ସମାଜ ବିଜ୍ଞାନ ଅନ୍ୟ ସାମାଜିକ ବିଜ୍ଞାନଗୁଡ଼ିକୁ ପ୍ରଭାବିତ କରିଥାଏ ଓ ଅନ୍ୟ ସାମାଜିକ ବିଜ୍ଞାନଗୁଡ଼ିକ ମଧ୍ୟ ସମାଜ ବିଜ୍ଞାନକୁ ପ୍ରଭାବିତ କରିଥାଆନ୍ତି। ଏହି ଆଲୋଚନାରୁ ଗୋଟି କଥା ସ୍ପଷ୍ଟ ଯେ, ସମାଜ ବିଜ୍ଞାନ ଅନ୍ୟସବୁ ସାମାଜିକ ବିଜ୍ଞାନର ଜନନୀ ଏବଂ ଏହା ସମସ୍ତ ସାମାଜିକ ବିଜ୍ଞାନ ମଧ୍ୟରୁ କନିଷ୍ଠତମ ଅଟେ।

# ଆଦର୍ଶ ପ୍ରଶ୍ନାବଳୀ

## Group - A

## Objective Type

## 'କ' ବିଭାଗ

### ଅତି ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

**କ. ନିମ୍ନୋକ୍ତ ବିକଳ୍ପଗୁଡିକ ମଧ୍ୟରୁ ସଠିକ୍ ଉତ୍ତର ପ୍ରଦାନ କର ।**

**(Multiple Choice Questions)**

୧. ମଣିଷ ଏକ ସାମାଜିକ ପ୍ରାଣୀ ବୋଲି କଏ ଅଭିହିତ କରିଛନ୍ତି ?

(କ) ଅଗଷ୍ଟ କମଟେ୍ (ଖ) ହରବର୍ଟ ସ୍ପେନସଲ (ଗ) ଆରିଷ୍ଟୋଟଲ

୨. ଅଗଷ୍ଟ କମଟେ କେଉଁ ଦେଶର ଦାର୍ଶନିକ ଅଟନ୍ତି ?

(କ) ଜର୍ମାନୀ (ଖ) ଫରାସୀ (ଗ) ଗ୍ରୀକ୍

୩. କେଉଁ ସମାଜ ବିଜ୍ଞାନୀ ପ୍ରଥମେ 'ସମାଜ ବିଜ୍ଞାନ' ଶବ୍ଦର ପ୍ରୟୋଗ କରିଥିଲେ ?

(କ) ଇମାଇଲ ଦୁର୍ଖେଇମ୍ (ଖ) ଅଗଷ୍ଟ କମଟେ (ଗ) ହରବର୍ଟ ସ୍ପେନସର

୪. ସମାଜଶାସ୍ତ୍ରର ଜନକ କିଏ ଅଟନ୍ତି ?

(କ) ଇମାଇଲ ଦୁର୍ଖେଇମ୍ (ଖ) ଅଗଷ୍ଟ କମଟେ (ଗ) ହରବର୍ଟ ସ୍ପେନସର

୫. ନିଜର କେଉଁ ପୁସ୍ତକରେ ଅଗଷ୍ଟ କମଟେ ପ୍ରଥମେ 'ସମାଜ ବିଜ୍ଞାନ' ଶବ୍ଦଟି ଉଲ୍ଲେଖ କରିଥିଲେ ?

(କ) ପଜିଟିଭ୍ ଫିଲୋସଫି (ଖ) ହ୍ୟୁମାନ୍ ସୋସାଇଟି (ଗ) ସୋସିଲୋଜି

୬. ସମାଜ ବିଜ୍ଞାନ କେଉଁ ଦୁଇଟି ଶବ୍ଦରୁ ଆସିଅଛି ?

(କ) ଗ୍ରୀକ୍ ଓ ଫରାସୀ (ଖ) ଲାଟିନ୍ ଓ ଗ୍ରୀକ୍ (ଗ) ଲାଟିନ୍ ଓ ଫରାସୀ

୭. ସୋସିଅସ୍‌ର ଅର୍ଥ କ'ଣ ?

(କ) ସମାଜ (ଖ) ସମୁଦାୟ (ଗ) ସମୁଦାୟ

୮. ଲୋଗସ୍‌ର ଅର୍ଥ କ'ଣ ?

(କ) କଳା (ଖ) ବିଜ୍ଞାନ (ଗ) ସାହିତ୍ୟ

୯. 'ସମାଜ ବିଜ୍ଞାନ, ସାମାଜିକ ସମ୍ପର୍କରେ ଅଧ୍ୟୟନ କରେ ଓ ଜାଲ ଭଳି ବୁଣା ହୋଇଥିବା ସାମାଜିକ ସମ୍ପର୍କକୁ ଆମେ ସମାଜ ବୋଲି କହିଥାଉ' – ଏହି ଉକ୍ତିଟି କିଏ କହିଥିଲେ ?

(କ) ମାକାଇଭର (ଖ) ମାକାଇଭର ଓ ପେଜ୍ (ଗ) ଗିଲିନ୍ ଓ ଗିଲିନ୍

୧୦. ସମାଜବିଜ୍ଞାନକୁ ବିଜ୍ଞାନର ମାନ୍ୟତା କିଏ ପ୍ରଦାନ କରିଅଛନ୍ତି ?
(କ) ଇମାଇଲ୍ ଦୁର୍ଖେଇମ୍ (ଖ) ଟି.ବି. ବଟମୋର (ଗ) ସି.ରାଇଟ୍ ମିଲସ୍

୧୧. ସମାଜବିଜ୍ଞାନକୁ କଳାର ମାନ୍ୟତା କିଏ ପ୍ରଦାନ କରିଅଛନ୍ତି ?
(କ) ଅଗଷ୍ଟ କମଟେ (ଖ) ମାକ୍ସ ୱେବର (ଗ) ଟି.ବି. ବଟମୋର

୧୨. ଔପଚାରିକ ମତବାଦର ମୂଖ୍ୟ ପ୍ରବକ୍ତା କିଏ ଅଟନ୍ତି ?
(କ) ଇମାଇଲ ଦୁର୍ଖେଇମ୍ (ଖ) ଏଲ୍.ଟି. ହବହାଉସ୍ (ଗ) ଜର୍ଜ ସିମେଲ

୧୩. ସାଂଶ୍ଲେଷିକ ମତବାଦର ମୂଖ୍ୟ ପ୍ରବକ୍ତା କିଏ ଅଟନ୍ତି ?
(କ) ଜର୍ଜ ସିମେଲ (ଖ) ସ୍ମଲ (ଗ) ଇମଇଲ୍ ଦୁର୍ଖେଇମ୍

**ଖ. ନିମ୍ନପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଶବ୍ଦ କିମ୍ବା ଗୋଟିଏ ବାକ୍ୟରେ ପ୍ରଦାନ କର।**

୧. 'ସୋସିଅସ୍' କେଉଁ ଶବ୍ଦରୁ ଆସିଅଛି ?
୨. ଲୋଗସର ଅର୍ଥ କ'ଣ ?
୩. ସୋସିଅସ୍‌ର ଅର୍ଥ କ'ଣ ?
୪. ଲୋଗସ କେଉଁ ଶବ୍ଦରୁ ଆସିଅଛି ?
୫. ସମାଜ, ସାମାଜିକ ସମ୍ପର୍କର ଗୁଚ୍ଛ – ଏହା କିଏ କହିଛନ୍ତି ?
୬. ସମାଜଶାସ୍ତ୍ରର ଜନକ କିଏ ?
୭. ଅଗଷ୍ଟ କମଟେ କେଉଁ ଦେଶର ଦାର୍ଶନିକ ଅଟନ୍ତି ?
୮. ଅଗଷ୍ଟ କମଟେ ନିଜର କେଉଁ ପୁସ୍ତକରେ 'ସମାଜ ବିଜ୍ଞାନ' ଶବ୍ଦଟି ପ୍ରଥମେ ପ୍ରୟୋଗ କରିଥିଲେ ?
୯. 'ସମାଜ ବିଜ୍ଞାନ ସାମାଜିକ ଅନୁଷ୍ଠାନର ଅଧ୍ୟୟନ କରିଥାଏ' – ଏହି ଉକ୍ତିଟି କିଏ ପ୍ରଦାନ କରିଅଛନ୍ତି ?
୧୦. କିଏ 'ସମାଜ ବିଜ୍ଞାନ'କୁ ବିଜ୍ଞାନ ଜଗତର ରାଣୀ ରୂପେ ଅଭିହିତ କରିଛନ୍ତି ?
୧୧. ସମାଜ ବିଜ୍ଞାନକୁ ବିଜ୍ଞାନର ମାନ୍ୟତା କିଏ ପ୍ରଦାନ କରିଅଛନ୍ତି ?
୧୨. ସମାଜ ବିଜ୍ଞାନକୁ କଳାର ମାନ୍ୟତା କିଏ ପ୍ରଦାନ କରିଅଛନ୍ତି ?
୧୩. ବୈଜ୍ଞାନିକ ପଦ୍ଧତି ଦ୍ୱାରା ପ୍ରାପ୍ତ କରାଯାଇଥିବା ଜ୍ଞାନକୁ କ'ଣ କୁହାଯାଏ ?
୧୪. ସମାଜ ବିଜ୍ଞାନର ପରିସର କହିଲେ କ'ଣ ବୁଝାଯାଏ ?
୧୫. ଔପଚାରିକ ମତବାଦୀଙ୍କ ଗୋଟିଏ ନାମ ଉଲ୍ଲେଖ କର ?
୧୬. ଔପଚାରିକ ମଦବାଦ ଅନୁସାରେ ସମାଜ ବିଜ୍ଞାନ କେଉଁ ବିଜ୍ଞାନ ଅଟେ ?
୧୭. ସାଂଶ୍ଲେଷିକ ମତବାଦୀଙ୍କର ଗୋଟିଏ ନାମ ଉଲ୍ଲେଖ କର ?
୧୮. ସାଂଶ୍ଲେଷିକ ମତବାଦ ଅନୁସାରେ ସମାଜ ବିଜ୍ଞାନ କେଉଁ ବିଜ୍ଞାନ ଅଟେ ?

## Group - B
## Short Type Questions
## 'ଖ' ବିଭାଗ
### (ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ)

**ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ଦୁଇଟି ବା ତିନୋଟି ବାକ୍ୟରେ ପ୍ରଦାନ କର।**

୧. ସମାଜଶାସ୍ତ୍ର କହିଲେ କ'ଣ ବୁଝ ?

୨. ସମାଜଶାସ୍ତ୍ର ସଂଜ୍ଞା ପ୍ରଦାନ କର ?

୩. ସମାଜବିଜ୍ଞାନ ବିଜ୍ଞାନ ନା କଳା ?

୪. ବିଜ୍ଞାନ କହିଲେ କ'ଣ ବୁଝ ?

୫. ଔପଚାରିକ ମତବାଦ କ'ଣ ?

୬. ସାଂଶ୍ଳେଷିକ ମତବାଦ ଉଲ୍ଲେଖ କର ?

୭. ଜର୍ଜ ସିମେଲଙ୍କ ମତ ପୋଷଣ କର।

୮. ଇମାଇଲ ଦୁର୍ଖେଇମ୍‌ଙ୍କର ସମାଜ ବିଜ୍ଞାନର ପରିସର ସମ୍ବନ୍ଧରେ ମତପୋଷଣ କର।

## Group - C
## Long Type Questions
## 'ଗ' ବିଭାଗ
### (ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ)

୧. ସମାଜ ବିଜ୍ଞାନର ପ୍ରକୃତି ଓ ପରିସର ବର୍ଣ୍ଣନା କର ?

୨. ସମାଜ ବିଜ୍ଞାନ ଏକ ବିଜ୍ଞାନ ନା କଳା ? ଏ ସମ୍ପର୍କରେ ନିଜର ମତାମତ ପ୍ରଦାନ କର ?

୩. ସମାଜ ବିଜ୍ଞାନର ସଂଜ୍ଞା ପ୍ରଦାନ କରି ଔପଚାରିକ ଗୋଷ୍ଠୀର ମତାମତ ଉପରେ ଆଲୋଚନା କର ?

୪. ସମାଜ ବିଜ୍ଞାନର ପରିସର କ୍ଷେତ୍ରରେ ସାଂଶ୍ଳେଷିକ ଗୋଷ୍ଠୀର ମତାମତ ଆଲୋଚନା କର ?

୫. ସମାଜ ବିଜ୍ଞାନର ଲକ୍ଷଣ ଓ ପ୍ରକୃତିର ଆଲୋଚନା କର ?

୬. ସମାଜଶାସ୍ତ୍ରର ସଂଜ୍ଞା ପ୍ରଦାନ କର ଏବଂ ଏହାର ପରିସର ବ୍ୟାଖ୍ୟା କର ?

## ଦ୍ୱିତୀୟ ପରିଚ୍ଛେଦ

# ମୌଳିକ ଅବଧାରଣା

# Basic Concepts

## ସମାଜ, ସମୁଦାୟ, ସଂଘ, ସାମାଜିକ ସମୂହ, ସଂସ୍କୃତି

## Society, Community, Association, Social Group, Culture

## ସମାଜ

## Society

### ସମାଜର ଅର୍ଥ

### Meaning of Society

ପ୍ରତ୍ୟେକ ମଣିଷ ସମାଜରେ ବାସ କରିଥାନ୍ତି ଏବଂ ସମାଜର ରୀତ, ନୀତି ଏବଂ ଚଳଣୀ ସହିତ ଖାପ ଖୁଆଇ ଚଳିଥାନ୍ତି। ସମାଜ ବ୍ୟକ୍ତିର ଅପରିହାର୍ଯ୍ୟ ଅଟେ। ସାଧାରଣ ଅର୍ଥରେ 'ସମାଜ' ଶବ୍ଦଟିକୁ ବହୁଭାବରେ ବ୍ୟବହାର କରାଯାଇଥାଏ, ଯଥା, ଆର୍ଯ୍ୟ ସମାଜ, ବ୍ରହ୍ମ ସମାଜ, କୃଷକ ସମାଜ, ପୁରୁଷ ସମାଜ, ମହିଳା ସମାଜ, ଜନଜାତି ସମାଜ ଇତ୍ୟାଦି। ଅଭିଧାନିକ ଅର୍ଥରେ ସମାଜ ଏକ ସଂଗଠିତ ଏବଂ ପରସ୍ପର ନିର୍ଭରଶୀଳ ସମ୍ପ୍ରଦାୟ। କେତେକ କ୍ଷେତ୍ରରେ 'ସମାଜ' ଶବ୍ଦଟି ପ୍ରଥା ଏବଂ ସଂଗଠନକୁ ଗୁରୁତ୍ୱ ଦେବା ସହିତ ବ୍ୟକ୍ତିର ବନ୍ଧୁତ୍ୱକୁ ପ୍ରାଧାନ୍ୟ ଦେଇଥାଏ। ସମାନ ଉଦ୍ଦେଶ୍ୟ ସାଧନ ପାଇଁ ସଂଗଠିତ ଏକ ସଂଗଠନକୁ ମଧ୍ୟ ସମାଜ କୁହାଯାଇପାରେ। ବିଶିଷ୍ଟ ସମାଜବିଜ୍ଞାନୀ କେ. ଡେଭିସ୍‌ଙ୍କ ମତରେ "ସମାଜଶାସ୍ତ୍ର ସମାଜର ଏକ ସାଧାରଣ ବିଜ୍ଞାନ ଅଟେ।" ଏହି ବିଜ୍ଞାନ ମଣିଷ, ମଣିଷର ସମ୍ପର୍କ ଏବଂ ମଣିଷ ସମାଜକୁ ଅଧ୍ୟୟନ କରିଥାଏ।

ଏହି 'ସମାଜ' ଶବ୍ଦଟି ଲାଟିନ୍ ଶବ୍ଦ 'ସୋସିଅସ' (Socius)ରୁ ଆସିଅଛି ଯାହାର ଅର୍ଥ ସାଥି ବା ସହଚର, ସଂଘ ଅଥବା ବନ୍ଧୁତ୍ୱ ଇତ୍ୟାଦି। ସମାଜବିଜ୍ଞାନର ଜନକ ଅଗଷ୍ଟ କମ୍‌ଟ ସମାଜଶାସ୍ତ୍ରର ସଂଜ୍ଞାକୁ ନିରୁପିତ କରିବାକୁ ଯାଇ 'ସମାଜ' ଶବ୍ଦଟିର ପ୍ରାଧାନ୍ୟ ଦେଇଅଛନ୍ତି। ତାଙ୍କରି ମତରେ ସମାଜ ବିଜ୍ଞାନ ଏକ ଅଧ୍ୟୟନର ବିଷୟ ଯାହା ବୈଜ୍ଞାନିକ ପଦ୍ଧତିରେ ସମାଜକୁ ଅଧ୍ୟୟନ କରିଥାଏ। ସମାଜ ବିଜ୍ଞାନୀ ଇମାଇଲ୍ ଦୁର୍ଖୀମ୍‌ଙ୍କ ମତରେ :- ଜର୍ଜ ସିମେଲ ମଧ୍ୟ ନିଜ ଅଭିମତରେ ସମାଜର ଗୁରୁତ୍ୱ ଆରୋପ କରିଅଛନ୍ତି। ତାଙ୍କ ମତାନୁସାରେ "ସାମାଜିକତା

ସମାଜର ସାରବସ୍ତୁ ଅଟେ" । ଏହି ବୈଶିଷ୍ଟ୍ୟକୁ ବ୍ୟକ୍ତି ଧାରଣ କରି ଆବଶ୍ୟକତା ପୂରଣ କରିବା ସହିତ ଚିନ୍ତା ଓ ଚେତନାକୁ ପରିମାର୍ଜିତ କରିଥାଏ । ତେଣୁ 'ସମାଜ' ଶବ୍ଦଟିର ବ୍ୟାପକତା ଓ ଗୁଣବତ୍ତାକୁ ଅନୁଭବ କରି ସମାଜ ବିଜ୍ଞାନୀଗଣ ଏହାର ବାସ୍ତବ ସଜ୍ଞାକୁ ନିରୂପଣ କରିପାରିଅଛନ୍ତି । ସେଗୁଡିକ ନିମ୍ନରେ ପ୍ରଦାନ କରାଯାଇଅଛି ।

## ସମାଜର ସଂଜ୍ଞା (Definitions of Society)

**ଲାପିଏର (Lapiere) :** "ସମାଜ ଦଳେ ବ୍ୟକ୍ତିଙ୍କୁ ବୁଝାଉନଥାଏ, ମାତ୍ର ସେମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ପାରସ୍ପରିକ କ୍ରିୟା, ପ୍ରତିମାନର ଜଟିଳ ସ୍ୱରୂପକୁ ବୁଝାଇଥାଏ ।"

(The team society refers not to group of people, but to the complex pattern of the norms of interaction, that arise among and between them)

**ଏଫ୍.ଏଚ୍. ଗିଡ଼ିଙ୍ଗସ୍ (F.H. Giddings) :** "ସମାଜ ଏକ ମିଳନ ସ୍ଥଳ, ସଂଗଠନ, କେତେକ ଔପଚାରିକ ସମ୍ପର୍କର ସମଷ୍ଟି, ଯେଉଁଥିରେ ସଂପୃକ୍ତ ବ୍ୟକ୍ତିମାନେ ପରସ୍ପର ଏକତାବଦ୍ଧ ହୋଇଥାନ୍ତି ।"

(Society is the Union itself, the organisation, the sum of formal relations in which associating individuals are bound together)

**ଏମ୍. ଜିନ୍ସବର୍ଗ (M. Giniberg) :** "ସମାଜ ଏକ ନିର୍ଦ୍ଦିଷ୍ଟ ସମ୍ପର୍କ ଅଥବା ବ୍ୟବହାରର ଶୈଳୀରେ ବନ୍ଧା ହୋଇଥିବା ବ୍ୟକ୍ତିମାନଙ୍କର ସମଷ୍ଟି ଯାହା ଏହି ସମ୍ପର୍କରେ ପ୍ରବେଶ କରିପାରୁ ନଥିବା କିମ୍ବା ଯେଉଁମାନେ ବ୍ୟବହାରରେ ସେମାନଙ୍କଠାରୁ ପୃଥକ ଥାଆନ୍ତି, ସେମାନଙ୍କୁ ଚିହ୍ନଟ କରାଏ" ।

(A society is a collection of individuals united by certain relations or modes of behaviour which mark them off from others who do not enter into those relations or who differ from them in behaviour)

**ମାକାଇଭର୍ ଏବଂ ପେଜ (MacIver and Page) :** "ମନୁଷ୍ୟର ବ୍ୟବହାର ଏବଂ ସ୍ୱାଧୀନତାକୁ ନିୟନ୍ତ୍ରଣ କରୁଥିବା ପ୍ରଚଳିତ ଚଳଣି, ପ୍ରାଧିକାର, ପାରସ୍ପରିକ ସହଯୋଗ, ବହୁଜନ ଓ ବିଭାଜନର ବ୍ୟବସ୍ଥାକୁ ସମାଜ କୁହାଯାଏ ।"

(Society is a system of Usages and Proccedure of authority and mutual aid of groupings and division of control of human behaviour and of liberties)

ଉପରୋକ୍ତ ସଂଜ୍ଞାଗୁଡିକ ଦୁଇଟି ଦୃଷ୍ଟିକୋଣରୁ ସମାଜକୁ ବିଚାର କରିଥାଏ । ପ୍ରଥମତଃ ସମାଜ ଆମୂର୍ତ୍ତ ତଥା ବସ୍ତୁବାଚକ ବିଶେଷ୍ୟ ହୋଇ ଆଲୋଚିତ ହୋଇଥାଏ । ଏହା ଭିନ୍ନ ପ୍ରସ୍ଥିତିଦାରୀ ବ୍ୟକ୍ତି ବିଶେଷଙ୍କର ସମାହାର ଅଟେ । ଦ୍ୱିତୀୟତଃ, ସମାଜ ମୂର୍ତ୍ତି ଅଟେ । ଏହା ଏକ ଭାବାତ୍ମକ ଶବ୍ଦ ଅଟେ । ଏଠାରେ ସମାଜ, ବ୍ୟକ୍ତିବିଶେଷଙ୍କୁ ନେଇ ସୃଷ୍ଟି ହୋଇନାହିଁ ବଂର ସେମାନଙ୍କର ସମ୍ପର୍କକୁ ନେଇ ଗଠିତ । ସମାଜବିଜ୍ଞାନୀ ମାକାଇଭରଙ୍କ ମତରେ – "ସମାଜ ଏକ ସାମାଜିକ ସମ୍ପର୍କର ଗୁଚ୍ଛ ଅଟେ ।" ଏହି ସାମାଜିକ ସମ୍ପର୍କ ଆନ୍ତଃକ୍ରିୟାରୁ ସୃଷ୍ଟି ହୋଇଅଛି । ଏହା ଏକ ବ୍ୟବହାରିକ ପଦ୍ଧତି ଯାହାକୁ ଆଧାର କରି ବ୍ୟକ୍ତି ସମାଜରେ ବାସ କରିଥାଏ ଏବଂ ସଂପର୍କରେ ଆଶାପ୍ରତ୍ୟାଶା ରଖିଥାଏ ।

ଉପରୋକ୍ତ ସଂଜ୍ଞା ଗୁଡିକ ସମାଜର ମୂର୍ତ୍ତ ଏବଂ ଅମୂର୍ତ୍ତ ଦିଗକୁ ଗୁରୁତ୍ୱ ଦେବା ସହିତ ସମାଜ ଏକ ଆକୃତିଗତ ଏବଂ ପ୍ରକାର୍ଯ୍ୟଗତ ଏକକ ରୂପେ ବିବେଚନା କରିଅଛନ୍ତି । ସମାଜ ବିଜ୍ଞାନୀ ଅନ୍ଥୋନୀ ଗିଡିନସ୍ ସମାଜ ସମ୍ବନ୍ଧୀତ ଧାରଣା ସହିତ ସାମାଜିକ ବ୍ୟବସ୍ଥାକୁ ପ୍ରାଥମିକ ଗୁରୁତ୍ୱ ପ୍ରଦାନ କରିଅଛନ୍ତି । ପ୍ରକାର୍ଯ୍ୟଗତ ଦୃଷ୍ଟିକୋଣରୁ ବିଚାର କଲେ ସମାଜର ଭୂମିକା ସ୍ପଷ୍ଟ ଜଣାପଡିଥାଏ । ବ୍ୟକ୍ତି ବ୍ୟକ୍ତି, ବ୍ୟକ୍ତି ସମୂହ ଏବଂ ସମୂହ ସମୂହ ମଧ୍ୟରେ ସମାଜ ସମ୍ପର୍କ ସ୍ଥାପନ କରି ବ୍ୟକ୍ତି ତଥା ସମୂହର ସାଧାରଣ ତଥା ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ପୂରଣ କରିଥାଏ । ମଣିଷ ଯେପରି ବଂଚିବାର ଶୈଳୀରେ ଜୀବନକୁ ମୂଲ୍ୟାୟନ କରିଥାଏ ଠିକ୍ ସେହିପରି ସମାଜ ମଧ୍ୟ ବ୍ୟକ୍ତିର ଭାବ ବା ଧାରଣାକୁ ଅନ୍ୟ ଭାବ ବା ଧାରଣା ସହିତ ଜୋଡି ଦେଇ ମଣିଷକୁ ଏକ ସାମାଜିକ ପ୍ରାଣୀରେ ପରିଣତ କରିଦେଇଥାଏ । ସମାଜର ବାହ୍ୟରୂପ ଅଥବା ଆକୃତିଗତ ଅବସ୍ଥାକୁ ଅନୁଧ୍ୟାନ କଲେ ବ୍ୟକ୍ତି ତଥା ସମୂହର ଚଳଣୀ, ପଦ୍ଧତି, ରୀତି, ନୀତି, ପ୍ରତିମାନ, ପ୍ରଥା, ପରମ୍ପରା, ସଂସ୍କୃତି, ଐତିହ୍ୟ ପରି ଅନେକ ଭାବାତ୍ମକ ଶବ୍ଦ ଗୁଡିକ ସହିତ ଯୋଡି ହୋଇଯାଏ, ଯାହା ସମାଜର ପରିଚାଳନା ପଦ୍ଧତିକୁ ଶୃଙ୍ଖଳିତ ଏବଂ ପ୍ରତିମାନୀୟ କରାଇ ବ୍ୟକ୍ତିକୁ ନିୟନ୍ତ୍ରିତ କରିଥାଏ । ଏତଦ୍ ବ୍ୟତିତ, ଗତିଶୀଳତା ଦୃଷ୍ଟିକୋଣରୁ ସମାଜର ବ୍ୟାପକତା ଆଲୋଚନା କରାଯାଇପାରେ । ଗତିଶୀଳତାର ସ୍ରୋତରେ ପାରମ୍ପରିକ ସମାଜ, ଆଧୁନିକ ସମାଜ ଅଥବା ଉତ୍ତରଆଧୁନିକ ସମାଜ ସାମାଜିକ ସମ୍ପର୍କର ପରିବର୍ତ୍ତିତ ବୈଶିଷ୍ଟ୍ୟମାନ ସୂଚାଇଦେଇ ଆସୁଅଛନ୍ତି । ପାରମ୍ପରିକ ସମାଜ କୃଷିଭିତ୍ତିକ, ଜନ୍ମଭିତ୍ତିକ ପ୍ରସ୍ଥିତିକୁ ପ୍ରାଧାନ୍ୟ ଦେଇ ବ୍ୟକ୍ତିର ବ୍ୟବହାରକୁ ନିୟନ୍ତ୍ରିତ କରି ନିକଟତର ସାମାଜିକ ସମ୍ପର୍କ ସ୍ଥାପନ କରିପାରୁଥିଲା । ବ୍ୟକ୍ତି ପ୍ରାଥମିକ ତଥା ଜ୍ଞାତିତ୍ୱ ସମ୍ପର୍କରେ ବାନ୍ଧି ହୋଇଯାଉଥିଲା । ଗତିଶୀଳତାର ସ୍ରୋତରେ ସମାଜ ପରିବର୍ତ୍ତନର ପ୍ରତିଛବି ବ୍ୟକ୍ତିର ପ୍ରସ୍ଥିତିରେ ପରିବର୍ତ୍ତନ ଆଣିପାରିଅଛି । ଆଧୁନିକ ସମାଜକୁ କାରିଗରି କୌଶଳ ତଥା ଜ୍ଞାନଭିତ୍ତିକ ସମାଜରେ ପହଞ୍ଚାଇ ସାମାଜିକ ସମ୍ପର୍କକୁ ନୂତନ ଢ଼ଙ୍ଗରେ ବାଖ୍ୟା କରିଅଛି ।

## ସମାଜର ପ୍ରାସଙ୍ଗିତା / ଲକ୍ଷ୍ୟ

ସମାଜ ବ୍ୟକ୍ତି ବିଶେଷଙ୍କର ସଂଗଠନ ଅଟେ । ବ୍ୟକ୍ତିର ଜନ୍ମ, ବିକାଶ ଓ ମୃତ୍ୟୁକୁ ନେଇ ସମାଜର ସୃଷ୍ଟି । ଏକ ନିର୍ଦ୍ଦିଷ୍ଟ ପରିସୀମାରେ ସମାଜର ସଦସ୍ୟମାନେ ବାସ କରି ପରସ୍ପର ମଧ୍ୟରେ ବିଭିନ୍ନ ଅନ୍ତଃକ୍ରିୟା ସମାପନ କରିଥାନ୍ତି । ବ୍ୟକ୍ତିମାନଙ୍କୁ ସୁସଂଗଠିତ କରିବା ସମାଜର ଉଦ୍ଦେଶ୍ୟ ଅଟେ ଯାହାଦ୍ୱାରା ସେମାନେ ପରସ୍ପର ପରସ୍ପରକୁ ସହାୟତା ଏବଂ ସମର୍ଥନ କରିଥାନ୍ତି । ଏହି ସହାୟତା ବିଶେଷତଃ ଶାରିରୀକ, ଆବେଗିକ, ଆର୍ଥିକ, ସ୍ୱାସ୍ଥ୍ୟଗତ ହୋଇଥାଏ । ସମାଜ ସାମାଜିକ ସ୍ତରରେ ବ୍ୟକ୍ତି ବିଶେଷଙ୍କୁ ଏକତ୍ରିତ କରି ଏକ ସୁଦୃଢ଼ ସାମାଜିକ ବନ୍ଧନରେ ବାନ୍ଧିହୋଇ ସମ୍ପର୍କର ସ୍ଥାୟିତ୍ୱ ବଜାୟ ରଖିଥାଏ । ବିଭିନ୍ନ ପ୍ରଥା, ପରମ୍ପରା, ମୂଲ୍ୟବୋଧ, ସଂସ୍କୃତିକୁ ନେଇ ସମାଜର ସଦସ୍ୟଗଣ ଏକାତ୍ମକ ଅନୁଭବରେ ବାନ୍ଧି ହୋଇଥାନ୍ତି । ସମାଜ ସାମୁହିକ ଉଦ୍ୟମ ମାଧ୍ୟମରେ ସାମାଜିକ ଅବସ୍ଥାର ଉନ୍ନତି ନିମନ୍ତେ ସୁଯୋଗ ତଥା କ୍ଷେତ୍ର ପ୍ରସ୍ତୁତ କରିଥାଏ । ସେଥିପାଇଁ କୁହାଯାଏ ବ୍ୟକ୍ତିର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ବିଶେଷ ସହାୟକ ହୋଇଥାଏ ସମାଜ ।

## ସମାଜର ବୈଶିଷ୍ଟ୍ୟ (Characteristics of Society)

ସମାଜ ଏକ ମୌଳିକ ଧାରଣା ଅଟେ। କେତେକ ନିର୍ଦ୍ଦିଷ୍ଟ ଗୁଣ ଗୁଡ଼ିକୁ ନେଇ ସମାଜର ବୈଶିଷ୍ଟ୍ୟ ଆଲୋଚିତ ହୋଇଥାଏ। ସମାଜଶାସ୍ତ୍ରବିତ୍ ଏଚ୍.ଏମ୍. ଜନସନ (H.M. Johnson) ସମାଜକୁ ଆଲୋଚନା କରିବାକୁ ଯାଇ କେତେକ ବୈଶିଷ୍ଟ୍ୟ ଉପସ୍ଥାପନା କରିଅଛନ୍ତି।

**୧. ସଂସ୍କୃତି (Culture) :** ସମାଜରେ ସଂସ୍କୃତି ଏକ ପ୍ରଧାନ ଉପାଦାନ ତଥା ବୈଶିଷ୍ଟ୍ୟ ଅଟେ। ସମାଜରେ ନିର୍ଦ୍ଦିଷ୍ଟ ଲୋକମାନେ ଓ ସମୂହ ପରିଲକ୍ଷିତ ହୋଇଥାଏ। ପ୍ରତ୍ୟେକ ବ୍ୟକ୍ତି ଓ ସମୂହ ନିର୍ଦ୍ଦିଷ୍ଟ ସାମାଜିକ ରୀତି ଦ୍ୱାରା ପ୍ରଭାବିତ, ପରିଚାଳିତ ଏବଂ ନିୟନ୍ତ୍ରିତ ହୋଇଥାନ୍ତି। ସଂସ୍କୃତିକୁ ଆଧାର କରି ବ୍ୟକ୍ତି ସୁରୁଚି ସମ୍ପନ୍ନ ଏବଂ ସୁସଭ୍ୟ ହୋଇଥାନ୍ତି। ଜ୍ଞାନ, ବିଶ୍ୱାସ, କଳା, ନୈତିକତା, ପ୍ରଥା, ଯେକୌଣସି ଶକ୍ତି ଓ ସାମର୍ଥ୍ୟକୁ ନେଇ ବ୍ୟକ୍ତି ତା'ର ଦୈନନ୍ଦିନ ଜୀବନକୁ ପରିଚାଳିତ କରି ସମାଜ ସହିତ ସମନ୍ୱୟ ରକ୍ଷା କରିଥାଏ। ସମାଜ ପ୍ରତ୍ୟେକ ସମାଜରେ ଥିବା ସଂସ୍କୃତି ବ୍ୟକ୍ତିର ତଥା ସମାଜର ସ୍ୱାତନ୍ତ୍ର୍ୟତାକୁ ବଜାୟ ରଖିଥାଏ। ଏହି ବିଚାରଧାରାକୁ ବଂଶାନୁକ୍ରମିକ ଭାବରେ ପରବର୍ତ୍ତୀ ବଂଶଧରମାନଙ୍କୁ ହସ୍ତାନ୍ତର କରିଥାଏ। ତେଣୁ ପ୍ରତ୍ୟେକ ସମାଜ ନିର୍ଦ୍ଦିଷ୍ଟ ସାଂସ୍କୃତିକ ବିଚାରଧାରା ଦ୍ୱାରା ସାମାଜିକ ବ୍ୟବସ୍ଥାକୁ ମାର୍ଜିତ ତଥା ଶୃଙ୍ଖଳିତ କରିଥାଏ।

**୨. ସ୍ୱାଧୀନତା (Independence) :** ପ୍ରତ୍ୟେକ ସମାଜର ନିର୍ଦ୍ଦିଷ୍ଟ ରୀତି, ନୀତି ଓ ବ୍ୟବହାରିକ ପଦ୍ଧତି ରହିଅଛି। ସ୍ୱାଧୀନ ଭାବରେ ନିର୍ଦ୍ଦିଷ୍ଟ ସମାଜ ସାଧାରଣ ସଂସ୍କୃତକୁ ସମାଜର ସଦସ୍ୟମାନଙ୍କ ମଧ୍ୟରେ ଆବଣ୍ଟନ କରିଥାଏ ଏବଂ ନିଜର ସ୍ୱତନ୍ତ୍ର ପ୍ରସ୍ଥିତି ଧାରଣ କରିଥାଏ। ସମାଜର ଏହି ମୁକ୍ତ ତଥା ସ୍ୱାଧୀନ ବିଚାରଧାରା ଦ୍ୱାରା ବ୍ୟକ୍ତି ପରସ୍ପର ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିଥାଏ ଏବଂ ନିଜକୁ ସ୍ୱୟଂ ସମ୍ପୂର୍ଣ୍ଣ କରିପାରିଥାଏ।

ସମାଜବିଜ୍ଞାନୀ ମାକାଇଭର ସମାଜର ସଂଜ୍ଞା ନିରୁପିତ କରିବାକୁ ଯାଇ ଉପରୋକ୍ତ ଆଲୋଚ୍ୟ ସମାଜର ବୈଶିଷ୍ଟ୍ୟ ବ୍ୟତିତ କେତେକ ବୈଶିଷ୍ଟ୍ୟ ଆଲୋଚନା କରିଅଛନ୍ତି। ସେହି ବୈଶିଷ୍ଟ୍ୟ ନିମ୍ନରେ ଆଲୋଚନା କରାଗଲା।

**(୧) ଚଳଣୀ (Usages) :** ପ୍ରତ୍ୟେକ ସମାଜରେ ନିର୍ଦ୍ଦିଷ୍ଟ ରୀତି, ନୀତି, ସଂସ୍କାର, ମୂଲ୍ୟବୋଧ ଇତ୍ୟାଦି ରହିଅଛି ଏବଂ ଏହାଦ୍ୱାରା ବ୍ୟକ୍ତି ଅନୁଷ୍ଠାନ ଗୁଡିକ ସହିତ ସାମିଲ ହୋଇ ନିଜ ବ୍ୟକ୍ତିତ୍ୱର ପ୍ରରିପ୍ରକାଶ ଓ ବିକାଶ କରିପାରିଥାଏ। ପ୍ରତ୍ୟେକ ସମାଜର ସାମାଜିକ ବ୍ୟବସ୍ଥା ଯଥା- ବିବାହ, ଶିକ୍ଷା ଇତ୍ୟାଦିରେ ଅନେକ ନୀତି, ଆଦର୍ଶ ରହିଥାଏ। ଯେଉଁଗୁଡିକୁ ବ୍ୟକ୍ତି ମାନିନେବାପାଇଁ ବାଧ ହୋଇଥାଏ। ଏହାର ଅବମାନନା ବ୍ୟକ୍ତି ତଥା ସମାଜରେ ବିଘଟନ ଆଣିଥାଏ।

**(୨) ପ୍ରଭୂତ୍ୱ (Authority) :** ସମାଜର ସ୍ଥାୟିତ୍ୱ ରଖିବାକୁ ହେଲେ, ତାର ସମନ୍ୱିତ ଧାରାପ୍ରତି ଧ୍ୟାନ ଦେବାକୁ ପଡିଥାଏ। ସମାଜ ସାମାଜିକ ସମ୍ପର୍କର ଗୁଚ୍ଛ ଅଟେ। ଏହି ସମ୍ପର୍କକୁ ସୁଦୃଢ଼ କରିବାପାଇଁ ସମାଜ ବ୍ୟକ୍ତି ଉପରେ ଚାପ ପ୍ରୟୋଗ କରିଥାଏ ଏବଂ ସମାଜ ବ୍ୟକ୍ତି ଉପରେ ପ୍ରଭୁତ୍ୱ ବିସ୍ତାର କରିଥାଏ। ସମାଜର ସ୍ୱୀକୃତ ଏବଂ ପ୍ରଣୋଦିତ ବ୍ୟବହାରିକ ପଦ୍ଧତିକୁ ବ୍ୟକ୍ତି ମାନିନେବା ପାଇଁ ବାଧ ହୋଇଥାଏ।

**(୩) କାର୍ଯ୍ୟପ୍ରଣାଳୀ (Procedure) :** ପ୍ରତ୍ୟେକ ସମାଜରେ କେତେକ ବ୍ୟବସ୍ଥା ରହିଅଛି। ଏହି ବ୍ୟବସ୍ଥା ଗୁଡିକ ବ୍ୟକ୍ତିମାନଙ୍କୁ ସୁସଂଗଠିତ କରିଥାଏ। ନିଜର ନୀତିଗତ ଆଦର୍ଶଦ୍ୱାରା ବ୍ୟକ୍ତି ପରିଚାଳିତ ତଥା ନିୟନ୍ତ୍ରିତ ହେବା ନିମନ୍ତେ ଏହା ବାଧ କରିଥାଏ। ତେଣୁ ପ୍ରତ୍ୟେକ ସମାଜର କାର୍ଯ୍ୟପ୍ରଣାଳୀର କଠୋରତା ବ୍ୟକ୍ତିକୁ ଶୃଙ୍ଖଳିତ ତଥା ଲକ୍ଷ୍ୟଭିତ୍ତିକ କରାଇବାରେ ସାହାଯ୍ୟ କରିଥାଏ।

**(୪) ପାରସ୍ପରିକ କ୍ରିୟା (Mutual Aid) :** ବ୍ୟକ୍ତି ଓ ସମାଜ ଉଭୟ ପରିପୂରକ ଅଟନ୍ତି । ସମାଜରେ ବାସକରି ବ୍ୟକ୍ତି ନିଜର ଆବଶ୍ୟକତା ପୂରଣ କରିଥାଏ । ଏହି ଆବଶ୍ୟକତା ପୂରଣ କ୍ଷେତ୍ରରେ ବ୍ୟକ୍ତି ସମ୍ବନ୍ଧକାରୀ ଏବଂ ବିସମ୍ବନ୍ଧକାରୀ ସାମାଜିକ ପ୍ରକ୍ରିୟାର ସହାୟତା ଲୋଡ଼ିଥାଏ । ଅନ୍ୟର ସହଯୋଗ ବିନା ବ୍ୟକ୍ତିର ସ୍ଥିତି ଅସମ୍ଭବ । ଆତ୍ମୀକରଣ, ସମନ୍ୱୟ, ପ୍ରତିଯୋଗିତା ଦ୍ୱାରା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସମ୍ପର୍କ ରକ୍ଷା କରି ନିଜର ଆବଶ୍ୟକତା ଗୁଡ଼ିକ ପୂରଣ କରିପାରିଥାଏ ଏବଂ ସମାଜରେ ସଂହତି ସ୍ଥାପନ କରିଥାଏ ।

**(୫) ଶ୍ରମ ବିଭାଜନ (Division of Labour) :** ପ୍ରତ୍ୟେକ ସମାଜର କାର୍ଯ୍ୟକାରୀ ପଦ୍ଧତିକୁ ସୁଦୃଢ଼ ତଥା କାର୍ଯ୍ୟକ୍ଷମ କରିବା ପାଇଁ ଶ୍ରମ ବିଭାଜନର ଆବଶ୍ୟକତା ରହିଅଛି, ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପୂରଣ ନିମନ୍ତେ ଶ୍ରବବିଭାଜନ ବିଶେଷ କାର୍ଯ୍ୟ କରିଥାଏ । ଶ୍ରମ ବିଭାଜନ ଦ୍ୱାରା ବ୍ୟକ୍ତି ସହଯୋଗିତା ମାଧ୍ୟମରେ ଯେକୌଣସି କାର୍ଯ୍ୟକୁ ସୂଚାରୁ ରୂପେ ପରିଚାଳନା କରିଥାଏ । ସାମୁହିକ ଉଦ୍ୟମରେ ମଧ୍ୟ ବ୍ୟକ୍ତି ଆବଶ୍ୟକତାକୁ ପରିପୂରଣ କରିଥାଏ । ଏହି ଶ୍ରମର ବିଭାଗୀକରଣ ସାମାଜିକ ସଂହତି ଆଣିବାରେ ମଧ୍ୟ ସାହାଯ୍ୟ କରିଥାଏ ।

**(୬) ନିୟନ୍ତ୍ରଣ (Control) :** ପ୍ରତ୍ୟେକ ସମାଜରେ ନିୟନ୍ତ୍ରିତ ବ୍ୟବସ୍ଥା ରହିଅଛି ଯାହା ବ୍ୟକ୍ତିର ବ୍ୟବହାରକୁ ଶୃଙ୍ଖଳିତ ତଥା ପରିମାର୍ଜିତ କରେ । ସମାଜ ପ୍ରଥା, ପରମ୍ପରା, ଲୋକରୀତି, ନୈତିକତା, ମୂଲ୍ୟବୋଧ ମାଧ୍ୟମରେ ଅନେକ ଔପଚାରିକ ଏବଂ ଅନୌପଚାରିକ ନୀତି ପ୍ରଣୟନ କରିଥାଏ । ସମାଜର ସଦସ୍ୟ ହିସାବରେ ବ୍ୟକ୍ତି ତଦନୁଯାୟୀ ପରିଚାଳିତ ଓ ନିୟନ୍ତ୍ରିତ ହୋଇଥାଏ । ସମାଜରେ ଆଇନ ବ୍ୟବସ୍ଥା ମଧ୍ୟ ରହିଅଛି, ଯାହା ବ୍ୟକ୍ତିକୁ ସଚେତନ କରାଇଥାଏ ଏବଂ ବ୍ୟକ୍ତିର ବ୍ୟବହାରକୁ ନିୟନ୍ତ୍ରିତ କରିଥାଏ । ସମାଜର କେତେକ ଅନୁଷ୍ଠାନ ଯଥା ପରିବାର, ବିବାହ ଇତ୍ୟାଦି ବ୍ୟକ୍ତିର ବ୍ୟବହାରକୁ ନିୟନ୍ତ୍ରଣ କରିଥାନ୍ତି ।

**(୭) ସାମାଜିକ ସମ୍ପର୍କର ଗୁଚ୍ଛ (Web of Social Relationship) :** ସମାଜବିଜ୍ଞାନୀ ମାକାଇଭରଙ୍କ ମତରେ ସମାଜ ହେଉଛି ସାମାଜିକ ସମ୍ପର୍କର ଗୁଚ୍ଛ । ଆତ୍ମୀୟ ବ୍ୟକ୍ତିଙ୍କର ଆତ୍ମୀୟତାରୁ ହିଁ ସମାଜର ସୃଷ୍ଟି । ଏହି ସାମାଜିକ ଆତ୍ମୀୟତା ଏକ ଭାବାତ୍ମକ ଶବ୍ଦ । ଏହା ଏକ ବ୍ୟବହାରିକ ପଦ୍ଧତି ଯାହାଦ୍ୱାରା ବ୍ୟକ୍ତି ସମାଜରେ ନିଜର ଭୂମିକାକୁ ସଠିକ୍ ଭାବରେ ସମ୍ପାଦନ କରିଥାଏ । ସାଧାରଣ ଭାଷା, ଆମ ଭାବନା, ଆନୁଗତ୍ୟ ଭାବ, ଅର୍ଥପୂର୍ଣ୍ଣ ଯୋଗାଯୋଗ ବ୍ୟକ୍ତିକୁ ଏକ ବନ୍ଧନରେ ବାନ୍ଧି ଦେଇଥାଏ ଯାହାକୁ ଆମେ କହିଥାଉ ବ୍ୟକ୍ତିର ସାମାଜିକ ବନ୍ଧନ । ଏହି ସାମାଜିକ ସମ୍ପର୍କ ବ୍ୟକ୍ତିର ପାରସ୍ପରିକ କ୍ରିୟାକୁ ଗୁରୁତ୍ୱ ପ୍ରଦାନ କରିଥାଏ ଏବଂ ସମାଜରେ ଏହି କ୍ରିୟା ଦ୍ୱାରା ସାମାଜିକ ପ୍ରସ୍ଥିତି ଲାଭ କରିଥାଏ ।

ଉପରୋକ୍ତ ଉପାଦାନ / ବୈଶିଷ୍ଟ୍ୟ ସମାଜ ଧାରଣ କରିଥାଏ । ଉପରୋକ୍ତ ଆଲୋଚନାରୁ ଏତିକି ଜଣାପଡ଼େ ଯେ, ଏକରୁ ଅଧିକ ବ୍ୟକ୍ତିଙ୍କୁ ନେଇ ସମାଜ ଗଠିତ । ସମାଜ ଦୃଷ୍ଟିରେ ବ୍ୟକ୍ତି ଏକ ଜୈବିକ ପ୍ରାଣି ରୂପରେ ପରିଚିତ ହୋଇନଥାଏ । ସମାଜର ପ୍ରଧାନ ବୈଶିଷ୍ଟ୍ୟ ହେଉଛି ସଂସ୍କୃତି ଯାହା ମଣିଷ ସମାଜର ସ୍ୱତନ୍ତ୍ରତା ବଜାୟ ରଖିଥାଏ ଏବଂ ଏହି ବିଚାରଧାରାରେ ବ୍ୟକ୍ତି ପରିଚାଳିତ ହୋଇ ନିଜକୁ ଏକ ସାମାଜିକ ପ୍ରାଣୀରେ ପରିଗଣିତ କରିପାରେ । ଉପରୋକ୍ତ ବୈଶିଷ୍ଟ୍ୟ ଗୁଡିକ ବ୍ୟତିତ ଅନ୍ୟ କେତେକ ବୈଶିଷ୍ଟ୍ୟମାନ ସମାଜର ଉପାଦାନ ଅଥବା ବୈଶିଷ୍ଟ୍ୟର ଆଲୋଚନାରେ ଅନ୍ତର୍ଭୁକ୍ତ କରାଯାଇପାରେ । ସେଗୁଡିକ ହେଲା:

**(୧) ସମାନତା (Likeness) :** ସମାଜର ସମାନତା । ଏହା ସମାନ ଶାରିରୀକ ଆକୃତିଧାରୀ ବ୍ୟକ୍ତି ବିଶେଷଙ୍କୁ ନେଇ ଗଠିତ । ପ୍ରତ୍ୟେକ ବ୍ୟକ୍ତିଙ୍କର ମୌଳିକ ଆବଶ୍ୟକତା ରହିଅଛି ଯଥା ଖାଦ୍ୟ, ବସ୍ତ୍ର, ପରିଧାର ଓ

ବାସଗୃହ। ଏତଦ୍ ବ୍ୟତିତ, ପ୍ରତ୍ୟେକ ବ୍ୟକ୍ତିଙ୍କର ଶାରିରୀକ ଆବଶ୍ୟକତା ସହିତ ନିରାପତ୍ତା ଏବଂ ସାମାଜିକ କ୍ଷେତ୍ରରେ ଉପଯୁକ୍ତ ହେବାର ଅନୁଭବ ରହିଅଛି। ତେଣୁ ସମାନ ଆକୃତିଗତ ଜୀବ (ମନୁଷ୍ୟ), ଶରୀର ଏବଂ ସମାନ ଭାବନା ଓ ଆବେଗଧାରୀ ପ୍ରାଣୀଙ୍କୁ ନେଇ ସମାଜ ଗଠିତ।

**(୨) ତାରତମ୍ୟ (Difference) :** ସମାନତା ସହିତ ଭିନ୍ନତା ବା ତାରତମ୍ୟ ସମାଜର ମଧ୍ୟ ଏକ ବୈଶିଷ୍ଟ୍ୟ ଅଟେ। ସମାନ ଆକୃତିଧାରୀ ବ୍ୟକ୍ତିଙ୍କର ଭିନ୍ନତା ମଧ୍ୟ ପରିଲକ୍ଷିତ ହୋଇଥାଏ। ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ ଥିବା ଦକ୍ଷତା, ସାମର୍ଥ୍ୟ, ଭାବନା, ଚିନ୍ତନ, ଆବେଗ ଇତ୍ୟାଦି ଭିନ୍ନ ଅଟେ। ଏହାର ମାତ୍ରାରେ ମଧ୍ୟ ସମାନତା ନଥାଏ। ସାଧାରଣ ଉଦ୍ୟମରେ ସମାଜ ବ୍ୟକ୍ତିର ସ୍ୱାର୍ଥ ସାଧନ କରିଥାଏ। ଏହି ସାଧାରଣ ଉଦ୍ୟମର ପୂରଣ ପାଇଁ ଶ୍ରମ ବିଭାଜନର ଆବଶ୍ୟକତା ରହିଥାଏ। ଏହି ତାରତମ୍ୟ ବା ପାର୍ଥକ୍ୟ ବ୍ୟକ୍ତି ତଥା ସାମୂହିକ ଲକ୍ଷ୍ୟ ପୂରଣରେ ସାହାଯ୍ୟ କରିଥାଏ।

**(୩) ସହଯୋଗିତା (Co-operation) :** ଏକତ୍ରିତ ଭାବରେ କାର୍ଯ୍ୟ କରିବାର ପ୍ରଣାଳୀକୁ ସହଯୋଗ କୁହାଯାଏ। ସମାଜରେ ବାସ କରୁଥିବା ପ୍ରାଣୀ ଏହି ସହଯୋଗର ସାହାଯ୍ୟ ଲୋଡ଼ି ଲକ୍ଷ୍ୟହାସଲ କରିଥାନ୍ତି। ପରିବାରରେ ବ୍ୟକ୍ତିର ସାମାଜୀକରଣ ପ୍ରକ୍ରିୟାରେ ପିତାମାତା ପରିବାରର ସଦସ୍ୟମାନଙ୍କର ସହଯୋଗ ନିତ୍ୟାନ୍ତ ଆବଶ୍ୟକ ଅଟେ। ତେଣୁ ସହଯୋଗିତା ସମାଜର ପ୍ରାଥମିକ ବୈଶିଷ୍ଟ୍ୟ ଅଟେ।

**(୪) ସଂଘର୍ଷ (Conflect) :** ସଂଘର୍ଷ ଏକ ବିସମ୍ବନ୍ଧକାରୀ ସାମାଜିକ ପ୍ରକ୍ରିୟା ଅଟେ। କିନ୍ତୁ ସହଯୋଗିତା ସହିତ ସଂଘର୍ଷ ପ୍ରତ୍ୟେକ ସମାଜରେ ଦେଖାଯାଇଥାଏ। ସମାଜ ବିଜ୍ଞାନୀ ମାକାଇଭରଙ୍କ ମତରେ – 'ସହଯୋଗିତା ଏବଂ ସଂଘର୍ଷର ମିଶ୍ରଣରୁ ସମାଜ'। (Society is Cooperation Crossed by Conflect)। କେତେକ ବିପ୍ଳବ ସଂଘର୍ଷର ସାହାଯ୍ୟ ଲୋଡିଥିଲେ ମଧ୍ୟ କେତେକ କ୍ଷେତ୍ରରେ ଶାନ୍ତିର ବାର୍ତ୍ତା ବହନ କରିଥାଏ।

**(୫) ଅମୂର୍ତ୍ତ (Abstract) :** ସମାଜ ବିଜ୍ଞାନ ଦୃଷ୍ଟିକୋଣରୁ ସମାଜ ବ୍ୟକ୍ତି ବିଶେଷଙ୍କୁ ଗୁରୁତ୍ୱ ଦେଉନଥାଏ। ସେମାନଙ୍କର ସମ୍ପର୍କକୁ ପ୍ରାଧାନ୍ୟ ଦେଇଥାଏ। ଯେଉଁ ସମ୍ପର୍କ ଦେଖିହୁଏ ନାହିଁ କି ସ୍ପର୍ଶ ମଧ୍ୟ କରିହୁଏ ନାହିଁ। କେବଳ ହିଁ ଅନୁଭବରୁ ଜଣାପଡ଼େ ସମାଜର ସ୍ଥିତି।

**(୬) ସାମାଜିକ ସଂଗଠନ (Social Organisation) :** ସାମାଜିକ ସମ୍ପର୍କର ସ୍ଥାୟୀ ରୂପ ହିଁ ସାମାଜିକ ସଂଗଠନ। ସମାଜ ଏକ ସାମାଜିକ ସଂଗଠନ ଅଟେ। ଏହା ବ୍ୟକ୍ତି ବିଶେଷଙ୍କୁ ଧାରଣ କରିବା ସହିତ ସାଧାରଣ ଆବେଗ, ସାଧାରଣ ଲକ୍ଷ୍ୟ, ନିୟନ୍ତ୍ରିତ ପଦ୍ଧତିକୁ ଗୁରୁତ୍ୱ ପ୍ରଦାନ କରିଥାଏ।

## ବ୍ୟକ୍ତି ଓ ସମାଜ
## Individual & Society

କେଉଁ ଆବାହମାନ କାଳରୁ ମନୁଷ୍ୟ ସମାଜରେ ବାସ କରିଆସୁଅଛି। ସମାଜ ବ୍ୟତିତ ବ୍ୟକ୍ତିର ସ୍ଥିତି ଅସମ୍ଭବ। ନିଃସଂଗତା ମଣିଷ ପାଇଁ ଦୁର୍ବିସହ ହୋଇପଡେ। ନିର୍ଜନତା ରୋଗାଗ୍ରସ୍ତ କରାଇଦିଏ। ସମାଜ ବ୍ୟକ୍ତିର ଜୀବନକୁ ସରସ, ସୁନ୍ଦର ଓ ମଧୁମୟ କରିଦେଇଥାଏ। ଯେପରି ଜଳବିନା ମାଛ (ମୀନ)ର ସ୍ଥିତି ଅସମ୍ଭବ,

ସେହିପରି ସମାଜ ବିନା ମଣିଷର ସ୍ଥିତି ଅସମ୍ଭବ ହୋଇପଡେ । ତେଣୁ ଗ୍ରୀକ୍ ଦାର୍ଶନିକ ଆରିଷ୍ଟୋଟଲଙ୍କ ମତରେ 'ମଣିଷ ଏକ ସାମାଜିକ ପ୍ରାଣୀ' ଅଟେ । ସାମାଜିକତା ମଣିଷର ସହଜାତ ପ୍ରକୃତି ଅଟେ । ପ୍ରକୃତି ଓ ଆବଶ୍ୟକତା ମଣିଷକୁ ସମାଜରେ ରହିବାପାଇଁ ବାଧ୍ୟ କରିଥାଏ । ମଣିଷ ଏକ ସାମାଜିକ ପ୍ରାଣୀର ଯଥାର୍ଥତାକୁ ନିମ୍ନରେ ପ୍ରତିପାଦିତ କରାଯାଇଅଛି ।

ପାରମ୍ପରିକ ଦୃଷ୍ଟିକୋଣରୁ ବ୍ୟକ୍ତି ଓ ସମାଜ ମଧ୍ୟରେ ଗଢ଼ିଉଠିଥିବା ସମ୍ପର୍କକୁ, ଆଲୋଚନା କରାଯାଇଥାଏ । ତିନିଗୋଟି ତତ୍ତ୍ୱକୁ ନେଇ ମଣିଷ ଏକ ସାମାଜିକ ପ୍ରାଣୀର ଉକ୍ତିର ଯଥାର୍ଥତା ମଧ୍ୟ ପ୍ରତିପାଦନ କରାଯାଇଥାଏ । ସେଗୁଡିକ ନିମ୍ନରେ ଆଲୋଚନା କରାଗଲା ।

୧. ସାମାଜିକ ଚୁକ୍ତି ତତ୍ତ୍ୱ (Social contract theory)

୨. ଜୈବ ତତ୍ତ୍ୱ (Organic / Organismic theory)

୩. ସମୂହ ମନତତ୍ତ୍ୱ (Group mind theory)

**(୧) ସାମାଜିକ ଚୁକ୍ତି ତତ୍ତ୍ୱ (Social Contract Theory) :** ସାମାଜିକ ଚୁକ୍ତିତତ୍ତ୍ୱ ଏକ ପାରମ୍ପରିକ ତତ୍ତ୍ୱ ଅଟେ । ଥୋମାସ୍ ହବସ୍, ଜନ ଲକ ଏବଂ ଜେ.ଜେ. ରୁଷୋ ହେଉଅଛନ୍ତି ଏହି ତତ୍ତ୍ୱର ପ୍ରତିଷ୍ଠାତା । ସେମାନଙ୍କ ମତ ଅନୁଯାୟୀ ପରସ୍ପର ବୁଝାମଣାରୁ ଅଥବା ଚୁକ୍ତିରୁ ସମାଜର ଉତ୍ପତ୍ତି ହୋଇଅଛି । ତେଣୁ ମନୁଷ୍ୟ ନିଜ ନିଜର ଉଦ୍ଦେଶ୍ୟ ସାଧନ ପାଇଁ ପରସ୍ପରର ସାହାଯ୍ୟ ଲୋଡ଼ିଥିଲା । ଏହା ଏକ ଚୁକ୍ତି ଭିତ୍ତିକ ହୋଇଥିଲା ।

**(୨) ଜୈବ ତତ୍ତ୍ୱ (Organic / Organismic Theory) :** ସାମାଜିକ ଚୁକ୍ତି ତତ୍ତ୍ୱ ପରି ଜୈବ ତତ୍ତ୍ୱ ମଧ୍ୟ ଏକ ପୁରାତନ ତତ୍ତ୍ୱ ଅଟେ । ସ୍ପେନସର, ସ୍ପେଙ୍ଗଲର ଏହି ତତ୍ତ୍ୱର ପୃଷ୍ଠପୋଷକ ଅଟନ୍ତି । ସେମାନଙ୍କ ମତଅନୁଯାୟୀ ସମାଜ ଏକ ସଂଗଠିତ ଆକୃତିବିଶିଷ୍ଟ ଶବ୍ଦ ଅଟେ । ଯେପରି ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ପରସ୍ପର ଜଡ଼ିତ / ସଂଯୋଜିତ ଏବଂ କେହି କାହାଠାରୁ ଅଲଗା / ପୃଥକ ହୋଇନଥାନ୍ତି ଠିକ୍ ସେହିପରି ପ୍ରକାର୍ଯ୍ୟଗତ ଭାବରେ ପ୍ରତ୍ୟେକ ବ୍ୟକ୍ତି ପରସ୍ପର ସମ୍ପର୍କ ଡୋରୀରେ ବାନ୍ଧି ହୋଇଥାନ୍ତି । ସମାଜ ବିନା ସେମାନଙ୍କର ସ୍ଥିତି ଅସମ୍ଭବ ହୋଇପଡେ ।

**(୩) ସମୂହ ତତ୍ତ୍ୱ (Group Mind Theory) :** ଉଇଲିୟମ ମ୍ୟାକ୍ ଡୋଗଲ, ଦୁର୍ଖେଇମ୍ ଏହି ସମୂହ ତତ୍ତ୍ୱର ପୃଷ୍ଠପୋଷକ ଅଟନ୍ତି । ସେମାନଙ୍କ ମତରେ ସମୂହର ସାମୁହିକ ମନରୁ ସମାଜର ଉତ୍ପତ୍ତି ହୋଇଅଛି । ବ୍ୟକ୍ତିର ମନ ଅପେକ୍ଷା ସମୂହର ସାମୁହିକ ମନ ବାସ୍ତବ ଅଟେ । ସମାଜ ବ୍ୟକ୍ତିର ମନ ଠାରୁ ବହୁ ଉର୍ଦ୍ଧ୍ୱରେ ରହିଅଛି । ଏହା ସମୂହର ମନକୁ ନେଇ ନିଜକୁ କାର୍ଯ୍ୟକ୍ଷମ କରାଇଥାଏ ଏବଂ ବ୍ୟକ୍ତିକୁ ବ୍ୟକ୍ତିକୈନ୍ଦ୍ରିକ ନକରାଇ ସମାଜ କୈନ୍ଦ୍ରିକ କରାଇଥାଏ । ଯଥାର୍ଥରେ କୁହାଯାଇପାରେ ଯେ 'ମଣିଷ ଏକ ସଙ୍ଗପ୍ରିୟ / ଗୋଷ୍ଠି ପ୍ରିୟ ଜୀବ ଅଟେ । ସଙ୍ଗ ପ୍ରିୟତା ବ୍ୟକ୍ତିର ସହଜାତ ପ୍ରବୃତ୍ତି ଅଟେ ।

ବାସ୍ତବରେ ପ୍ରକୃତି ଏବଂ ଆବଶ୍ୟକତାକୁ ନେଇ ବ୍ୟକ୍ତି ସମାଜରେ ବାସ କରିଥାଏ । ମାନବୀୟ ବଂଶ ପାଇଁ ସମାଜ ଅପରିହାର୍ଯ୍ୟ ଅଟେ । ଏକ ସାଂସ୍କୃତିକ ତଥା ସାମାଜିକ ପରିବେଶରେ ବ୍ୟକ୍ତି ପାରସ୍ପରିକ ସମ୍ପର୍କ ସ୍ଥାପନ କରିଥାଏ । କେତେକ ନିର୍ଦ୍ଦିଷ୍ଟ ଭିତ୍ତିଭୂମି ଗୁଡିକୁ ପ୍ରାଧାନ୍ୟ ଦେଇ 'ମଣିଷ ଏକ ସାମାଜିକ ପ୍ରାଣୀର ଯଥାର୍ଥତାକୁ ପ୍ରତିପାଦନ କରାଯାଇପାରେ । ସେଗୁଡିକ ନିମ୍ନରେ ଆଲୋଚନା କରାଗଲା ।

**(୧) ସାମାଜିକ ମନୁଷ୍ୟର ସହଜାତ ପ୍ରବୃତ୍ତି (Man is Social by Nature) :** ପ୍ରଥମତଃ, ପ୍ରକୃତି / ପ୍ରବୃତ୍ତି ଦୃଷ୍ଟିରୁ ମନୁଷ୍ୟ ଏକ ସାମାଜିକ ପ୍ରାଣୀ ଅଟେ । ଏହି ସହଜାତ ପ୍ରବୃତ୍ତି ମନୁଷ୍ୟକୁ ସମାଜରେ ବାସ କରାଇବାରେ ବାଧ୍ୟ କରାଇଥାଏ । ତେଣୁ ନିଃସଂଗତା ମନୁଷ୍ୟ ପାଇଁ ଦୁର୍ବିସହ ହୋଇପଡେ । ଶିକ୍ଷା ଆହରଣରେ ଦକ୍ଷତା, ଭାଷା ଶିକ୍ଷଣ, ଅନ୍ୱେଷଣ ଏବଂ ଚିନ୍ତନ, ସ୍ଥିର ଦୃଷ୍ଟିରେ ନିରୀକ୍ଷଣ ଇତ୍ୟାଦି ମନୁଷ୍ୟ ସମାଜରୁ ଶିକ୍ଷା ଲାଭ କରିଥାଏ । ମାନବ ଶିଶୁଟିଏ କେତେକ ଜୈବିକ ଆବଶ୍ୟକତା ନେଇ ସଂସାରକୁ ଆସିଥାଏ ଏବଂ ସମୟାନୁକ୍ରମେ ସାମଜ ସମୂହ ଏବଂ ସାମାଜିକ ସମ୍ପର୍କର ସଂସ୍ପର୍ଶରେ ଆସି ଏକ ସାମାଜିକ ପ୍ରାଣୀରେ ପରିଗଣିତ ହୋଇଥାଏ । ଯେଉଁ ଶିଶୁ ଏଥିରୁ ବଂଚିତ ହୋଇଥାଏ ଜୀବନ ତାର ଦୁର୍ବିସହ ହୋଇପଡେ । ଏଥି ସଂକ୍ରାନ୍ତରେ ସମାଜ ବିଜ୍ଞାନୀ ମାକାଇଭର ତିନିଗୋଟି ଦୃଷ୍ଟାନ୍ତ କରିଅଛନ୍ତି ଯାହା ସୂଚାଇ ଦେଇଛନ୍ତି ଯାହା ସୂଚାଇ ଦେଉଅଛି ଯେ, ସମାଜବିନା ମନୁଷ୍ୟର ସ୍ଥିତି ଅସମ୍ଭବ ।

**(କ) କାସପର ହାଉସ୍‌ର ଘଟଣା (Case of Kasper Hauser) :** ଜର୍ମାନ ବାଳକ କାସ୍‌ପର ହାଉସର ୧୯୧୧ ମସିହାରେ ଜନ୍ମ ଗ୍ରହଣ କରିଥିଲା । ରାଜନୈତିକ ଷଡଯନ୍ତ୍ର କାରଣ ହେତୁ ୧୭ ବର୍ଷ ବୟସ ପର୍ଯ୍ୟନ୍ତ ନ୍ୟୁରେମବର୍ଗ ଜଙ୍ଗଲରେ ନିଃସଙ୍ଗ ଜୀବନ ଯାପନ କରୁଥିଲେ । ୧୯୨୮ ମସିହାରେ ତାଙ୍କୁ ଉଦ୍ଧାର କରାଯାଇଥିଲା ଏବଂ ଦେଖାଯାଇଥିଲା ଯେ, ସେ ଭଲ ଭାବରେ ଚଳପ୍ରଚଳ ହୋଇପାରୁନଥିଲା । ଶିଶୁର ଲକ୍ଷଣ ଏହି ଆଦ୍ୟ ଯୁବକ ଅବସ୍ଥାରେ ପରିଲକ୍ଷିତ ହୋଇଥିଲା । ବସ୍ତୁ ଓ ଅବସ୍ତୁ ମଧ୍ୟରେ ପ୍ରଭେଦ ଦର୍ଶାଇ ପାରୁନଥିଲା । ତାହାର ମାନସିକ ବିକାଶ ଘଟିନଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଶିକ୍ଷା ଦେବା ସତ୍ତ୍ୱେ ଆଶାନୁରୂପକ ଉନ୍ନତି ପରିଲକ୍ଷିତ ହୋଇନଥିଲା ।

**(ଖ) ଅମଲା ଓ କମଳା ଘଟଣା (Case of Amala and Kamala) :** ଅମଲା ଓ କମଳା, ଏହି ଦୁଇ ହିନ୍ଦୁ ଶିଶୁଙ୍କୁ ଗଧିଆ ଜଙ୍ଗଲକୁ ନେଇ ନିଜ ଗୁମ୍ଫାରେ ରଖିଥିଲା । ୧୯୨୦ ମସିହାରେ ଦୁହିଁଙ୍କୁ ଗୁମ୍ଫାରୁ ଉଦ୍ଧାର କରାଯାଇଥିଲା । ଉଦ୍ଧାର ସମୟରେ ଅମଲାକୁ ୨ ବର୍ଷ ଏବଂ କମଳାକୁ ୮ ବର୍ଷ ହୋଇଥିଲା । ଉଦ୍ଧାର ହେବାପରେ ଅମଲାର ମୃତ୍ୟୁ ହୋଇଗଲା । କିନ୍ତୁ ୧୯୨୯ ମସିହା ପର୍ଯ୍ୟନ୍ତ କମଳା ବଂଚିଥିଲା । ଉଦ୍ଧାର ସମୟରେ କମଳା ଗଧିଆମାନଙ୍କ ଭଳି ଉଭୟ ଗୋଡ ଏବଂ ହାତରେ ଚଳପ୍ରଚଳ ହେଉଥିଲା । କୌଣସି ଭାଷା ବ୍ୟବହାର କରୁନଥିଲା । ସମସ୍ତ ବ୍ୟବହାର ଗଧିଆ ଭଳି ହେଉଥିଲା । ମଣିଷମାନଙ୍କୁ ଭୟ କରୁଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ସମାଜର ସଂସ୍ପର୍ଶରେ ଆସିବାରୁ ତାକୁ ସାମାଜିକରଣ ଦ୍ୱାରା ଅନେକ ଶିକ୍ଷା ଦିଆଯାଇଥିଲା, ହେଲେ କେତେକ ପ୍ରାରମ୍ଭିକ ସାମାଜିକ ଅଭ୍ୟାସ ଗୁଡିକୁ ଶିଖିପାରିଥିଲା । ଖାଦ୍ୟ, ଭାଷାର ବ୍ୟବହାର, ପୋଷାକ ପରିଧାନ ସମ୍ବନ୍ଧିତ ଶିକ୍ଷା ଦେବା ଫଳରେ ସେ କିଛିଟା ଶିକ୍ଷା ଲାଭ କରିଥିଲା । ତେଣୁ ମାକାଇଭରଙ୍କ ମତରେ, ବ୍ୟକ୍ତିର ଅବସ୍ଥିତି ଏବଂ ସ୍ୱାତନ୍ତ୍ର୍ୟତା ନିର୍ଭର କରେ ତାର ସାମାଜିକ ଅଥବା ସମାଜର ସଦସ୍ୟ ରୂପରେ ।

**(ଗ) ଆନ୍ନା ଘଟଣା (Case of Anna) :** ଆନ୍ନା ଏକ ଅବୈଧ ସନ୍ତାନ ଅଟେ । ସେ ଆମେରିକାର ଏକ ଘରୋଇ ନର୍ସିଂହୋମରେ ଜନ୍ମଲାଭ କରିଥିଲା । ମାତ୍ର ୬ ମାସର ଶିଶୁ ଅବସ୍ଥାରୁ ସେ ସମସ୍ତ ପ୍ରକାର ମଣିଷ ସମ୍ପର୍କଠାରୁ ଦୂରରେ ଥିଲା ଏବଂ ଏକ ନିର୍ଦ୍ଦିଷ୍ଟ କୋଠରୀରେ ଆବଦ୍ଧ ଥିଲା । ୫ବର୍ଷ ପରେ ଅର୍ଥାତ୍ ୧୯୩୮ ମସିହାରେ ତାକୁ ସେହି ରୁଦ୍ଧ କୋଠରୀରୁ ଉଦ୍ଧାର କରାଯାଇଥିଲା ଏବଂ ଦେଖାଯାଇଥିଲା ସେ ଚାଲିପାରୁନଥିଲା ।

କଥା ମଧ୍ୟ ଠିକ୍ ଭାବରେ କହିପାରୁନଥିଲା । ସମୟ କ୍ରମେ ସେ ସମାଜର ସଂସ୍ପର୍ଶରେ ଆସି ସମସ୍ତ ମାନବୀୟ ଗୁଣ ଗୁଡ଼ିକୁ ଧାରଣ କରି ସକ୍ରିୟ ହୋଇଯାଇଥିଲା ଏବଂ ସଭ୍ୟ ମାନବ ପରି ସମାଜରେ ବ୍ୟବହାର ପ୍ରଦର୍ଶନ କରୁଥିଲା । ଆନ୍ନା ଘଟଣା ସୂଚାଇ ଦେଉଅଛି ଯେ ମଣିଷର ପ୍ରକୃତିରେ ଉନ୍ନତି ଘଟିବ ଯେତେବେଳେ ସେହି ମଣିଷ ମଣିଷମାନଙ୍କ ଭିତରେ ରହି ସାଧାରଣ ଜୀବନରେ ଅଂଶୀଦାର ହୋଇପାରିବ ।

**(୨) ଆବଶ୍ୟକତା ମନୁଷ୍ୟକୁ ସାମାଜିକ ପ୍ରାଣୀରେ ପରିଣତ କରେ (Necessity Makes a Man Social) :** ଦ୍ୱିତୀୟତଃ, ମନୁଷ୍ୟର ଆବଶ୍ୟକତା ହିଁ ତାକୁ ସାମାଜିକ ପ୍ରାଣୀରେ ପରିଣତ କରିଥାଏ । ଯଦି ମନୁଷ୍ୟ ଅନ୍ୟର ସାହାଯ୍ୟ ଲୋଡ଼ିନଥାଏ ତେବେ ତାର ଆବଶ୍ୟକତା ଗୁଡ଼ିକର ପରିପୂରଣ ହୋଇପାରେ ନାହିଁ । ମନୁଷ୍ୟର ମୌଳିକ ଆବଶ୍ୟକତା ଗୁଡ଼ିକ ଯଥା - ଖାଦ୍ୟ, ବସ୍ତ୍ର, ପରିଧାନ ଓ ବାସଗୃହ ସମାଜର ସହାୟତାରେ ପୂରଣ ହୋଇଥାଏ । ଶିଶୁର ଲାଳନପାଳନ ନିର୍ଭର କରିଥାଏ ପରିବାରର ସଦସ୍ୟମାନଙ୍କ ଉପରେ । ପିତାଙ୍କର ନିୟନ୍ତ୍ରଣ ଓ ମାତାଙ୍କର ସ୍ନେହରୁ ଶିଶୁର ବିକାଶ ସମ୍ଭବପର । ମନୁଷ୍ୟ ମଧ୍ୟ ସମାଜର ସହାୟତାରେ ଶିକ୍ଷା, ସୁରକ୍ଷା, ଆଶା ଓ ଆକାଂକ୍ଷାର ପରିପୂରଣ କରିଥାଏ ଏବଂ ସୁଯୋଗର ସଦ୍‌ଉପଯୋଗ କରିଥାଏ । ତେଣୁ ମନୁଷ୍ୟର ଶାରିରୀକ ଓ ମାନସିକ ଆବଶ୍ୟକତା ପୂରଣ କରି ଆନନ୍ଦ ପ୍ରଦାନ କରିଥାଏ ।

**(୩) ସମାଜ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ନିର୍ଦ୍ଧାରଣ କରିଥାଏ (Society Determines Human Personality) :** ତୃତୀୟତଃ, ମନୁଷ୍ୟ ନିଜର ମନସ୍ତାତ୍ତ୍ୱିକ ଏବଂ ବୌଦ୍ଧିକ ବିକାଶ ନିମନ୍ତେ ସମାଜରେ ବାସ କରିଥାନ୍ତି । କେତେକ କ୍ଷେତ୍ରରେ ସମାଜ ବ୍ୟକ୍ତିର ବ୍ୟବହାରକୁ ନିୟନ୍ତ୍ରିତ କରିବା ସହିତ ଅନ୍ୟକ୍ଷେତ୍ରରେ ବ୍ୟକ୍ତିକୁ ନିଜର କର୍ତ୍ତବ୍ୟ ସମ୍ପାଦନ ନିମନ୍ତେ ସ୍ୱାଧୀନତା ଦେଇଥାନ୍ତି । ନିୟନ୍ତ୍ରଣ ଏବଂ ସ୍ୱାଧୀନତା ଦ୍ୱାରା ସମାଜ ବ୍ୟକ୍ତିର ମନୋଭାବ, ବିଶ୍ୱାସ, ନୈତିକତା ଏବଂ ଆଦର୍ଶକୁ ପରିମାର୍ଜିତ କରନ୍ତି । ଏଥିସହିତ ସଂସ୍କୃତି, ଲୋକରୀତି, ପ୍ରତିମାନ, ମୂଲ୍ୟବୋଧ ଇତ୍ୟାଦିର ସଂରକ୍ଷଣ କରି ବ୍ୟକ୍ତି ନିଜକୁ ଏକ ସାଂସ୍କୃତିକ ପ୍ରାଣୀ ହିସାବରେ ବିବେଚନା କରିଥାନ୍ତି । ତେଣୁ ବ୍ୟକ୍ତିର ବ୍ୟବହାରର ଗୁଣାତ୍ମକ ଉନ୍ନତି କେବଳ ସମାଜ ସହାୟତାରେ ହୋଇପାରିଥାଏ ।

ଉପରୋକ୍ତ ଆଲୋଚନାରୁ ଜଣାପଡ଼େ ଯେ, ମନୁଷ୍ୟ ଓ ସମାଜ ପରସ୍ପର ନିର୍ଭରଶୀଳ ଓ ସମ୍ବନ୍ଧିତ ଅଟନ୍ତି । ସମାଜବିଜ୍ଞାନୀ ମାକାଇଭରଙ୍କ ମତରେ, 'ବାସ୍ତବରେ କୌଣସି ବ୍ୟକ୍ତି ସମ୍ପୂର୍ଣ୍ଣ ଭାବରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟବାଦୀ ହୋଇ ପାରିବ ନାହିଁ ।

## ମନୁଷ୍ୟ ଏକ ସାମାଜିକ ପ୍ରାଣୀ

### Man is a Social Animal

ଗ୍ରୀକ୍ ଦାର୍ଶନିକ ଆରିଷ୍ଟୋଟଲ କହିଛନ୍ତି, "ମନୁଷ୍ୟ ଏକ ସାମାଜିକ ପ୍ରାଣୀ" (Man is a Social Animal) । ଯେଉଁ ବ୍ୟକ୍ତି ସମାଜରେ ବାସ କରେ ନାହିଁ, ସେ ହୁଏତ ଦେବତା ବା ପଶୁ ହୋଇପାରେ । ମଣିଷ ସମାଜରେ ଜନ୍ମ ନିଏ, ବଞ୍ଚେ ଏବଂ ମରେ । ମଣିଷ ପାଇଁ ସମାଜ ଅପରିହାର୍ଯ୍ୟ । ସମାଜକୁ ଛାଡି ମଣିଷ ବଂଚି ପାରିବ ନାହିଁ । ନିଃସଂଗ ଜୀବନ ଯାପନ ତା ପାଇଁ ଏକ ଦଣ୍ଡ ସ୍ୱରୂପ ଅଟେ । ସାମାଜିକତା ହେଉଛି ତା'ର ସହଜାତ

ପ୍ରକୃତି । ପାର୍କ (Park) କହିଛନ୍ତି, "ବ୍ୟକ୍ତି ମାନବ ହୋଇ ଜନ୍ମ ହୋଇ ନଥାଏ, ମାତ୍ର ମାନବିକତା ଲାଭ ପାଇଁ ଜନ୍ମ ହୋଇଥାଏ," (Man is not bor human but to be made human) ନିମ୍ନଲିଖିତ କେତେକ କାରଣରୁ ମଣିଷକୁ ଏକ ସାମାଜିକ ପ୍ରାଣୀ ବୋଲି କୁହାଯାଏ ।

**୧ . ସାମାଜିକତା ମଣିଷର ସହଜାତ ପ୍ରକୃତି :** ମାନବ ଶିଶୁ ଅତ୍ୟନ୍ତ ଅସହାୟ ଅବସ୍ଥାରେ ଜନ୍ମ ନେଇଥାଏ । ପିତାମାତାଙ୍କର ଉପଯୁକ୍ତ ଯତ୍ନବିନା ସେ ବଂଚି ପାରିବ ନାହିଁ । ମାନବିକ ବ୍ୟକ୍ତିତ୍ୱ କେବଳ ସମାଜରେ ହିଁ ବିକଶିତ ହୋଇଥାଏ । ସମାଜରେ ବାସ କରିବାକୁ ସେ ବାଧ୍ୟ ହୋଇଥାଏ । ମାନବ ଶିଶୁ କେତେକ ଅନ୍ତର୍ନିହିତ ଶକ୍ତିର ଅଧିକାରୀ ଅଟେ । ଭାଷାକୁ ଶିକ୍ଷାକରିବା, ଚିନ୍ତାକରିବା, ଖେଳିବା ଇତ୍ୟାଦି ମାନବିକ ଗୁଣଗୁଡିକ ସମାଜରେ ଅନ୍ୟର ସଂସ୍ପର୍ଶରେ ଆସିବା ଦ୍ୱାରା ବୃଦ୍ଧିଲାଭ କରିଥାଏ । ମାକାଇଭର (MacIver) କେତେକ ପରିକ୍ଷାମୂଳକ ଘଟଣା ଦର୍ଶାଇଛନ୍ତି । ଏଥିରୁ ଜଣାଯାଏ ଯେ ମାନବିକ ଗୁଣ ସମାଜରେ ହିଁ ବିକଶିତ ହୋଇଥାଏ ।

### କାସ୍ପର ହାଉସର ଘଟଣା

ହାଉସର ଏକ ଜର୍ମାନ ବାଳକ । ପିଲାଦିନରୁ ତାକୁ ନ୍ୟୁରେମ୍ବର୍ଗ ଜଂଗଲରେ ଲୁଚାଇ ଦିଆଯାଇଥିଲା । ମଣିଷ ସହିତ ତାର କୌଣସି ସମ୍ପର୍କ ନଥିଲା । ୧୭ ବର୍ଷ ବୟସରେ ୧୯୨୮ ମସିହାରେ ତାକୁ ନ୍ୟୁରେମ୍ବର୍ଗ ସହରକୁ ଅଣାଗଲା । ଦେଖାଗଲା ଯେ, ସେ ଭଲଭାବରେ ଚାଲିପାରୁ ନାହିଁ କି କଥା କହିପାରୁ ନାହିଁ । ଅଳ୍ପ କେତୋଟି ଅର୍ଥହୀନ ଶବ୍ଦ କେବଳ ଉଚ୍ଚାରଣ କରୁଛି । ମୃତ୍ୟୁପରେ ତାର ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାଗଲା ଯେ, ତାର ମସ୍ତିଷ୍କ ଉପଯୁକ୍ତ ଭାବରେ ବିକଶିତ ହୋଇନାହିଁ ।

### ଦୁଇଟି ହିନ୍ଦୁ ସନ୍ତାନ ଘଟଣା

୧୯୨୮ ମସିହାରେ ଗୋଟିଏ ଗଧିଆ ଗାତରୁ ୨ଟି ହିନ୍ଦୁ ସନ୍ତାନକୁ ଆବିଷ୍କାର କରାଯାଇଥିଲା । ପୁଅଟିର ନାମ ଅମଳା ଓ ଝିଅଟିର ନାମ ଥିଲା କମଳା । ସେତେବେଳେ ଅମଳାକୁ ୨ ବର୍ଷ ଓ କମଳାକୁ ୮ ବର୍ଷ ହୋଇଥିଲା । ଅମଳା ଅଳ୍ପଦିନ ପରେ ମରିଗଲା ଏବଂ କମଳା ୧୯୨୯ ମସିହା ଯାଏ ବଞ୍ଚିଥିଲା । ସେ ଗଧିଆ ପରି ଗୁରୁଣ୍ଡି ଗୁରୁଣ୍ଡି ଏବଂ ହାତ ଓ ପାଦ ସବୁ ଭୂମିରେ ଭରାଦେଇ ଚାଲୁଥିଲା । ମାତ୍ର ଯତ୍ନସହକାରେ ତାଲିମ ଦେବାରେ କମଳା କେତେକ ସାମାଜିକ ଅଭ୍ୟାସକୁ ଶିକ୍ଷାଲାଭ କରିଥିଲା ।

### ଆନା ଘଟଣା

ଆନା ଏକ ଆମେରିକୀୟ ଜାରଜ ସନ୍ତାନ । ୬ ମାସ ବୟସରୁ ତା'ର ମା ତାକୁ ଗୋଟିଏ ବଖରାରେ ଲୁଚାଇ ରଖିଥିଲା । ୫ବର୍ଷ ପରେ ୧୯୩୮ ମସିହାରେ ତାକୁ ଆବିଷ୍କାର କରାଗଲା ଦେଖଗଲା ଯେ, ୫ ବର୍ଷ ଝିଅ ପରି ସେ ଚାଲିପାରୁ ନାହିଁ କି କଥା କହିପାରୁନାହିଁ । ୧୯୪୨ ମସିହାରେ ତା'ର ମୃତ୍ୟୁ ଘଟିଲା ।

ଏହି ସବୁ ଘଟଣାରୁ ଜଣାଯାଏ ଯେ ସମାଜ ଭିତରେ ହିଁ ମାନବିକ ଗୁଣର ବିକଶିତ ହୋଇଥାଏ । ସମାଜ ବ୍ୟତିତ ଶିଶୁ ପଶୁରେ ପରିଣତ ହୁଏ ।

**୨ . ବ୍ୟକ୍ତିତ୍ୱର ବିକାଶ :** ଶିଶୁର ବ୍ୟକ୍ତିତ୍ୱ ବିଶେଷଭାବେ ତାର ସାମାଜିକ ପରିବେଶରେ ନିର୍ଭର କରିଥାଏ । ମାନବିକ ଗୁଣ ଓ ବ୍ୟକ୍ତିତ୍ୱର ପରିପ୍ରକାଶ ସମାଜ ଦ୍ୱାରା ସମ୍ଭବ ହୋଇଥାଏ । ଜନ୍ମ ସମୟରୁ ମାନବଶିଶୁ 'ଅହଂ'

(self) ବିଷୟରେ ଅଜ୍ଞ ଥାଏ। ଯେତେବେଳେ ସେ ନିଜକୁ ଜଣେ ବ୍ୟକ୍ତି ହିସାବରେ ଜାଣେ, ସେତେବେଳେ 'ଅହଂ' ବିଷୟରେ ତା'ର ଧାରଣା ଆସିଥାଏ। କୁଲେ କହିଛନ୍ତି ଯେ, ଯେତେବେଳେ ଶିଶୁ ଅନ୍ୟମାନଙ୍କର ସଂସ୍ପର୍ଶରେ ଆସେ, ସେତେବେଳେ 'ଅହଂ' କିମ୍ବା 'ମୁଁ' ବିଷୟରେ ତାର ଧାରଣା ଆସିଥାଏ।

**୩. ବ୍ୟକ୍ତି ଓ ସଂସ୍କୃତି ମଧ୍ୟରେ ନିର୍ଭରଶୀଳତା :** ମଣିଷ ଏକ ସାମାଜିକ ପ୍ରାଣୀ, କାରଣ ଯେ ସେ ସାମାଜିକ ବା ସାଂସ୍କୃତିକ ଐତିହ (Cultural heritage) ଉପରେ ନିର୍ଭର କରିଥାଏ। ଏହି ସାଂସ୍କୃତିକ ଐତିହ ବିଭିନ୍ନ ପ୍ରଥା, ପରମ୍ପରା, ବିଶ୍ୱାସ ଏବଂ ଆଦର୍ଶକୁ ନେଇ ଗଠିତ ଅଟେ। ସମାଜ ଏହାକୁ ସଂରକ୍ଷିତ କରି ରଖିଥାଏ ଏବଂ ପରବର୍ତ୍ତୀ ବଂଶଧରମାନଙ୍କୁ ହସ୍ତାନ୍ତରିତ କରିଥାଏ। ଏହା ମଣିଷର ଅଭିବୃତ୍ତି (attitude), ବିଶ୍ୱାସ ଏବଂ ଧାରଣାକୁ ପରିଚାଳିତ କରିଥାଏ। ଏହା ଯଥାର୍ଥରେ କୁହାଯାଇଛି ଯେ, "ମଣିଷଙ୍କ ମଧ୍ୟରେ ହିଁ ମଣିଷ ପରି ହୋଇପାରିବ। ମାନବ କେତେକ ଜନ୍ମଗତ ପ୍ରବୃତ୍ତିକୁ ନେଇ ଜନ୍ମ ହୋଇଥାଏ। ମାତ୍ର ଏହି ଅନ୍ତର୍ନିହିତ ଶକ୍ତିର କିପରି ପରିପ୍ରକାଶ ହେବ, ତାହା ସଂସ୍କୃତି ଦ୍ୱାରା ସ୍ଥିରୀକୃତ ହୋଇଥାଏ। ତେଣୁ ସମାଜ ଆମର ମାନବିକ ଅବସ୍ଥାକୁ ନିର୍ଦ୍ଧାରଣ କରିବା ସଂଗେ ସଂଗେ ଆମର ଚିନ୍ତାଧାରା ଏବଂ ଆବେଗକୁ ନିୟନ୍ତ୍ରଣ କରିଥାଏ।

**୪. ଆବଶ୍ୟକତା ମଣିଷକୁ ସମାଜିକ କରିଥାଏ :** ବିଭିନ୍ନ ପ୍ରକାର ଆବଶ୍ୟକତା ମଣିଷକୁ ସମାଜରେ ବାସ କରିବାପାଇଁ ବାଧ୍ୟ କରିଥାଏ। ଯଦି ମଣିଷ ତାରି ସାଂଗସାଥିମାନଙ୍କ ସହିତ ସଂପର୍କ ରକ୍ଷା କରିବ ନାହିଁ, ତାହାହେଲେ ତାର ବହୁ ଆବଶ୍ୟକତା ପୂରଣ ହୋଇପାରିବ ନାହିଁ। ମଣିଷ ଶିଶୁ ଖୁବ୍ ଅସହାୟ ଅଟେ। ଉପଯୁକ୍ତ ଯତ୍ନବିନା ତା'ର ବିକାଶ ଅସମ୍ଭବ। ବାଲ୍ୟାବସ୍ଥାରେ ଶିଶୁ ନିମନ୍ତେ ଉପଯୁକ୍ତ ଭାବେ ଖାଦ୍ୟ, ବାସଗୃହ, ଯତ୍ନ ଆବଶ୍ୟକ। ଶିଶୁକୁ ବଞ୍ଚିବାପାଇଁ ସମାଜ ସୁରକ୍ଷା ପ୍ରଦାନ କରିବା ସଂଗେ ସଂଗେ ବିଭିନ୍ନ ପ୍ରକାର ସୁବିଧା ଯୋଗାଇ ଥାଏ। ପିତାମାତା ଏବଂ ଅନ୍ୟାନ୍ୟ ସଂପର୍କୀୟ ମାନଙ୍କର ଯତ୍ନ ଫଳରେ ଶିଶୁ କୈଶୋର ଅସହାୟତାକୁ ଅତିକ୍ରମ କରିଥାଏ। ସମାଜରେ ଶିଶୁ ଶିକ୍ଷା ପାଇଥାଏ। ଏହା ବ୍ୟକ୍ତିର ଆଶା, ଆକାଂକ୍ଷାକୁ ପୂରଣ କରିଥାଏ। ଆତ୍ମ-ରକ୍ଷାର ଆବଶ୍ୟକତା, ଯାହାକୁ କି ପ୍ରତ୍ୟେକ ବ୍ୟକ୍ତି ଅନୁଭବ କରିଥାଏ, ତାହା ସମାଜ ଦ୍ୱାରା ପୂରଣ ହୋଇଥାଏ। ସମାଜ ଶିଶୁର ଶାରିରୀକ ଓ ମାନସିକ ବ୍ୟାଧିର ଆରୋଗ୍ୟ ପାଇଁ ବ୍ୟବସ୍ଥା କରିଥାଏ ଏବଂ ବ୍ୟକ୍ତିର ବ୍ୟକ୍ତିତ୍ୱର ପୂର୍ଣ୍ଣ ବିକାଶ ଘଟାଇବାରେ ସାହାଯ୍ୟ କରିଥାଏ।

## ସମୁଦାୟ
### Community

ସମୁଦାୟ ସମାଜ ବିଜ୍ଞାନର ଏକ ପ୍ରଧାନ ତଥା ମୌଳିକ ଅବଧାରଣ ଅଟେ। ଏହା ଏକ ଆତ୍ମସଚେତନଶୀଳ ସାମାଜିକ ଏକକ। ଏହାର ସଦସ୍ୟଗଣ ନିଜ ନିଜର କର୍ତ୍ତବ୍ୟ ବିଷୟରେ ସଚେତନ ଥାଆନ୍ତି ଏବଂ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ଗୁଡିକୁ ସଠିକ ଭାବରେ ତୁଲାଇଥାନ୍ତି। ସମୁଦାୟ ପ୍ରତ୍ୟେକ ଲୋକମାନଙ୍କୁ ଏକାଠି କରି ଦଳ ବା ସମୂହର ପରିଚୟ ଦେଇଥାଏ। ଇତିହାସର ଆରମ୍ଭରୁ ମଣିଷ ସମୁଦାୟ ଗୁଡିକରେ ବାସ କରିଆସୁଅଛି। ଏହାରି ମାଧ୍ୟମରେ ସାମାଜିକ ସମ୍ପର୍କ ସ୍ଥାପନ କରିପାରୁଅଛି ଏବଂ ନିଜର ମୌଳିକ ଆବଶ୍ୟକତାଗୁଡିକ ପୂରଣ କରିପାରୁଅଛି।

ଏହି ସମୁଦାୟ ଶବ୍ଦଟି ଜାତୀୟ ସମୁଦାୟ, ଆନ୍ତର୍ଜାତୀୟ ସମୁଦାୟ, ଗ୍ରାମ୍ୟ ସମୁଦାୟ, ସହର ସମୁଦାୟ, ହିନ୍ଦୁ ସମୁଦାୟ ପ୍ରଭୃତି ରୂପେ ମଧ୍ୟ ବ୍ୟବହାର କରାଯାଉଅଛି । ଜୀବ ବିଜ୍ଞାନ ଦୃଷ୍ଟିକୋଣରୁ ସମୁଦାୟ ନିର୍ଦ୍ଦିଷ୍ଟ ସ୍ଥାନରେ ବାସ କରୁଥିବା ବିକାଶମୁଖୀ ଜୀବ, ଚଳନଶକ୍ତି ନଥିବା ଜୀବନ୍ତ ପଦାର୍ଥ ବା ଉଦ୍ଭିଦର ଏକ ସମୂହ ଅଟେ ।

## ସମୁଦାୟର ଅର୍ଥ ଏବଂ ସଂଜ୍ଞା

## (Meaning and Definition of Community)

'ସମୁଦାୟ'ଶବ୍ଦଟି ଦୁଇଟି ଲାଟିନ୍ ଭାଷାରୁ ଆସିଅଛି ବା ଉଦ୍ଧୃତ ହୋଇଅଛି । ଅର୍ଥାତ୍ 'Com' ଏବଂ 'Munis' (କମ୍ ଏବଂ ମୁନିସ୍) । ଇଂରାଜୀ ଭାଷାକୋଷରୁ ଜଣାପଡେ ଏହି 'Com' (କମ୍)ର ଅର୍ଥ 'ଏକତ୍ରିତ ହେବା ଏବଂ 'Munis' (ମୁନିସ୍)ର ଅର୍ଥ 'ସେବା କରିବା ବା କାର୍ଯ୍ୟ କରିବା' । ତେଣୁ ସମୁଦାୟ ଏକତ୍ରିତ ଭାବରେ କାର୍ଯ୍ୟକରିବା ବା ସେବା କରିବାକୁ ବୁଝାଇଥାଏ ।

ଏହି ଶବ୍ଦ 'ସମୁଦାୟ' ଭିନ୍ନ ଭିନ୍ନ ଅର୍ଥରେ ପ୍ରୟୋଗ କରାଯାଇଅଛି । କିନ୍ତୁ ସମାଜବିଜ୍ଞାନୀଗଣ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ଏହି 'ସମୁଦାୟ' ଶବ୍ଦଟିର ସଂଜ୍ଞା ପ୍ରଦାନ କରିଅଛନ୍ତି । ସେଗୁଡିକ ନିମ୍ନରେ ପ୍ରଦାନ କରାଯାଇଅଛି ।

**ପ୍ରଫେସର କେ. ଡେଭିସ୍ (Prof. K. Davis) :** "ସାମାଜିକ ଜୀବନର ସମସ୍ତ ବିଭାବଗୁଡିକୁ ଧାରଣ କରୁଥିବା କ୍ଷୁଦ୍ରାତିକ୍ଷୁଦ୍ର ଆଞ୍ଚଳିକ ସମୂହକୁ ସମୁଦାୟ କୁହାଯାଏ ।"

(Comunity is the smallest territorial group that can embrace all aspects of social life)

**ଇ.ଏସ୍. ବୋଗାର୍ଡସ୍ (E.S. Bogardus) :** "ଆମ ଭାବନା ଥିବା ଏବଂ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାସକରୁଥିବା ଏକ ସାମାଜିକ ସମୂହକୁ ସମୁଦାୟ କୁହାଯାଏ ।"

(A community is a social group with some degree of we-feeling and living in a given area)

**ଅଗବର୍ଣ୍ଣ ଓ ନିମ୍‌କଫ (Ogburn & Nimkoff) :** "ଏକ ସୀମିତ ଅଞ୍ଚଳ ମଧ୍ୟରେ ଥିବା ସାମାଜିକ ଜୀବନର ସମ୍ପୂର୍ଣ୍ଣ ସଂଗଠନକୁ ସମୁଦାୟ କୁହାଯାଏ ।"

(Community is the total organisation of social life within a limited area)

**ଲୁଣ୍ଡବର୍ଗ (Lundberg) :** " ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ଅଞ୍ଚଳରେ ବାସ କରୁଥିବା ଏବଂ ପାରସ୍ପରିକ ନିର୍ଭରଶୀଳ ଏକ ସାଧାରଣ ଜୀବନକୁ ଅତିବାହିତ କରୁଥିବା ଏକ ଜନସମୂହକୁ ସମୁଦାୟ କୁହାଯାଏ ।

(Community is a human population living within a limited geographical area and carrying on a common interdependent life)

**ମାକାଇଭର୍ ଏବଂ ପେଜ୍ (MacIver and Page) :** "ଯେତେବେଳେ ଯେକୌଣସି କ୍ଷୁଦ୍ର ବା ବୃହତ୍ ସମୂହର ସଦସ୍ୟମାନେ ଏଭଳି ଭାବରେ ଏକତ୍ରିତ ବାସକରି କୌଣସି ନିର୍ଦ୍ଦିଷ୍ଟ ସ୍ୱାର୍ଥରେ ଭାଗ ନ ନେଇ ଏକ ସାଧାରଣ ଜୀବନର ମୌଳିକ ଅବସ୍ଥାରେ ଭାଗୀଦାର ହୋଇଥାନ୍ତି । ସେହି ସମୂହକୁ ଆମେ ସମୁଦାୟ କହିଥାଉ ।" (Whenever the member of any group small or large live together in such a way that they share, not this or that particular interest but the basic conditions at a common life, we call that group a community)

ଉପରୋକ୍ତ ସଂଜ୍ଞାଗୁଡିକ ମୂଖ୍ୟତଃ ଦୁଇଗୋଟି ସ୍ୱତନ୍ତ୍ର ଅର୍ଥକୁ ଗୁରୁତ୍ୱ ଆରୋପ କରିଅଛି । ସେଗୁଡିକ ହେଲା –

(୧) ନିର୍ଦ୍ଦିଷ୍ଟ ସ୍ଥାନରେ ଏକ ସମୟରେ ସମ୍ପର୍କ ସ୍ଥାପନ କରି ପଡୋଶୀ ଭାବରେ ବାସ କରୁଥିବା ଦଳେ ଲୋକଙ୍କୁ ସମୁଦାୟ କୁହାଯାଏ । ଏବଂ

(୨) ସମୁଦାୟ ସାଧାରଣତଃ ଗୃହ ତଥା ପରିବାର ଠାରୁ ବୃହତ୍ ଏକ ସାମାଜିକ ଏକକ ଅଟେ । ଏହାର ସଦସ୍ୟମାନେ ଏକ ସାଧାରଣ ମୂଲ୍ୟବୋଧକୁ ଆବଣ୍ଟନ କରି ସାମାଜିକ ଘନିଷ୍ଠତା ରକ୍ଷା କରିଥାଆନ୍ତି ।

ତେଣୁ, ସମୁଦାୟ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସାମାଜିକ ଜୀବନ ଧାରଣ କରୁଥିବା ବ୍ୟକ୍ତିବିଶେଷଙ୍କୁ ବୁଝାଇଥାଏ ଏବଂ ସେମାନଙ୍କ ମଧ୍ୟରେ କେତେକ ପରିମାଣରେ ଆମ ଭାବନା ରହିଥାଏ । ଗ୍ରାମ, ସହର, ଜନଜାତି ଇତ୍ୟାଦି ସମୁଦାୟର ଗୋଟିଏ ଗୋଟିଏ ଉଦାହରଣ ଅଟନ୍ତି ।

## ସମୁଦାୟର ଗୁଣାବଳୀ (Characteristics of Community)

ସମାଜବିଜ୍ଞାନୀଗଣ ସମୁଦାୟର କେତେକ ବୈଶିଷ୍ଟ୍ୟ ଆଲୋଚନା କରିଅଛନ୍ତି । ସେଗୁଡିକ ନିମ୍ନରେ ଆଲୋଚନା କରାଯାଇଅଛି ।

**(୧) ଦଳେ ବ୍ୟକ୍ତି (Group of People) :** ଏକରୁ ଅଧିକ ବ୍ୟକ୍ତିଙ୍କୁ ନେଇ ସମୁଦାୟ ଗଠିତ ହୋଇଥାଏ । ଦଳେ ବ୍ୟକ୍ତି ସମୁଦାୟର ଏକ ପ୍ରଧାନ ବୈଶିଷ୍ଟ୍ୟ ଅଟେ । ଏକାଧିକ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବାସ କରିଥାନ୍ତି ଏବଂ ସେହି ସଦସ୍ୟମାନଙ୍କ ମଧ୍ୟରେ ସାଧାରଣ ବିଶ୍ୱାସ ଓ ସାମୁହିକ ଇଚ୍ଛାଶକ୍ତି ରହିଥାଏ । ସେମାନେ ଏକ ସାଧାରଣ ପ୍ରଥା ଦ୍ୱାରା ପରିଚାଳିତ ହୋଇ ସାମୁଦାୟିକ ସଂହତି ରକ୍ଷା କରିଥାନ୍ତି ଏବଂ ସାଧାରଣ ଜୀବନର ଏକ ମୌଳିକ ଅବସ୍ଥାର ଭାଗୀଦାର ହୋଇଥାନ୍ତି । ତେଣୁ ବ୍ୟକ୍ତିର ସମଷ୍ଟି ବିନା ସମୁଦାୟ ସମ୍ଭବ ନୁହେଁ ।

**(୨) ନିର୍ଦ୍ଦିଷ୍ଟ ଅଞ୍ଚଳ (Definite Locality) :** ଏକ ଅଞ୍ଚଳର ପ୍ରାକୃତିକ ପରିବେଶରୁ ହିଁ ସମୁଦାୟ ସୃଷ୍ଟି ହୋଇଥାଏ । ସମାଜ ବିଜ୍ଞାନୀ ଅଗବର୍ଣ୍ଣ ଏବଂ ନିମକଫଙ୍କ ମତରେ; "ସମୁଦାୟ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ଲୋକମାନଙ୍କର ବାସସ୍ଥାନ ରୂପରେ ଆବଦ୍ଧ ହୋଇଥାଏ ଯାହା ଅନ୍ୟାନ୍ୟ ସାମାଜିକ ସମୂହଗୁଡିକ ଠାରୁ ଭିନ୍ନ ହୋଇଥାଏ ।" ତେଣୁ ନିର୍ଦ୍ଦିଷ୍ଟ ଅଞ୍ଚଳ ସମୁଦାୟର ଏକ ପ୍ରମୁଖ ବୈଶିଷ୍ଟ୍ୟ ଅଟେ । ଏହି ବୈଶିଷ୍ଟ୍ୟଟି ବହୁ ଆଦିମ କାଳରୁ ପରିଲକ୍ଷିତ ହୋଇଆସୁଅଛି । ଅଦ୍ୟାବଧି ଏହି ବୈଶିଷ୍ଟଟି ଜନବସତି ସ୍ଥାପନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଅଛି । ଏହି ବୈଶିଷ୍ଟ୍ୟରୁ ଛୋଟ ଗାଁ ଅଥବା ସହର ସୃଷ୍ଟି ହୋଇଥାଏ । କେତେକ ବ୍ୟକ୍ତିଙ୍କୁ ନେଇ ସମୁଦାୟଟି ଗଠିତ । ସେମାନେ ନିର୍ଦ୍ଦିଷ୍ଟ ଭୌଗଳିକ ପରିସୀମା ମଧ୍ୟରେ ବାସ କରିଥାନ୍ତି ଏବଂ ସାମାଜିକ ବୁଝାମଣା ମାଧ୍ୟମରେ ସାଧାରଣ ଜୀବନର ମୌଳିକ ଆବଶ୍ୟକତା ପୂରଣ କରିବା ଦିଗରେ ପ୍ରଚେଷ୍ଟା କରିଥାନ୍ତି ।

**(୩) ସାମୁଦାୟିକ ମନୋଭାବ (Community Sentment) :** ସାମୁଦାୟିକ ମନୋଭାବ କହିଲେ ଜାତଭାବକୁ ବୁଝାଇଥାଏ । ସଦସ୍ୟମାନଙ୍କ ମଧ୍ୟରେ ପରିଚିତ, ସଚେତନତା ମାଧ୍ୟମରେ ସମୁଦାୟର ଏହି 'ଜାତ ଭାବ'ଟି ଗଢ଼ି ଉଠିଥାଏ । କେବଳ ନିର୍ଦ୍ଦିଷ୍ଟ ଅଞ୍ଚଳ ଏବଂ ବ୍ୟକ୍ତିବିଶେଷଙ୍କର ଅବସ୍ଥିତିକୁ ନେଇ ସମୁଦାୟଟି ଗଢ଼ିଉଠିନଥାଏ । ସମୁଦାୟଟି ବ୍ୟକ୍ତିମାନଙ୍କର ଏକତ୍ରିତ ଭାବରୁ ଗଢ଼ି ଉଠିଥାଏ । ଯଦି ବ୍ୟକ୍ତିବିଶେଷଙ୍କ ନିକଟରେ ଏହି ଏକତ୍ରିତ ଭାବ ବା ଆମ ଭାବଟି ନଥିବ ତେବେ ସମୁଦାୟ ଗଠନ ଅସମ୍ଭବ ହୋଇପଡିବ । ସମାଜବିଜ୍ଞାନୀ ମାକାଇଭର ଏବଂ ପେଜ୍ ମତ ପୋଷଣ କରିଛନ୍ତି ଯେ, 'ସମୁଦାୟ ଏକ ସର୍ବସାଧାରଣ ବାସ କରୁଥିବା ସ୍ଥାନ

ଅଟେ ।' (A community is an area of living) ଏହି ସାମୁଦାୟିକ ମନୋଭାବଟି ସମାଜିକରଣ ପ୍ରକ୍ରିୟାରୁ ପରିପ୍ରକାଶ ହୋଇଥାଏ । ଏହା ସ୍ୱତଃ ବ୍ୟକ୍ତିର ମନରେ ରହିଥାଏ । କୌଣସି ବାଧବାଧକତାରୁ ଏହା ଗଢ଼ିଉଠିନଥାଏ । ଏହି ଭାବଟି ଆମ ଭାବନା, ପରସ୍ପର ନିର୍ଭରଶୀଳତା, ଅଂଶଗ୍ରହଣ ଓ ସାମୁଦାୟିକ ନିୟନ୍ତ୍ରଣରୁ ହିଁ ସୁଦୃଢ଼ ହୋଇଥାଏ ।

**(୪) ସ୍ଥାୟିତ୍ୱ (Permanency) :** ସମୁଦାୟ ଦୀର୍ଘସ୍ଥାୟୀ ଅଟେ । ଏହା ଜନସଂକୁଳ (Crowd) ପରି ଅସ୍ଥାୟୀ ବା କ୍ଷଣସ୍ଥାୟୀ ନୁହେଁ । ଏହା ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସ୍ଥାୟୀ ଭାବରେ ବାସକରୁଥିବା ବ୍ୟକ୍ତିବିଶେଷଙ୍କୁ ନେଇ ଗଠିତ ହୋଇଥାଏ । ଏହି ସ୍ଥାୟିତ୍ୱ ଫଳରେ ବାସ କରୁଥିବା ଲୋକମାନେ ନିଜକୁ ସୁରକ୍ଷିତ ମନେ କରୁଥାନ୍ତି ।

**(୫) ନିର୍ଦ୍ଦିଷ୍ଟ ନାମ (Particular Name) :** ସର୍ବଦା ସମୁଦାୟ ନିଜର ନିର୍ଦ୍ଦିଷ୍ଟ ନାମ ଦ୍ୱାରା ପରିଚିତ ହୋଇଥାଏ । ତେଣୁ ଏକ ନିର୍ଦ୍ଦିଷ୍ଟ ଭୌଗଳିକ ଅଞ୍ଚଳରେ ବାସକରୁଥିବା ଦଳେ ବ୍ୟକ୍ତିଙ୍କର ନିର୍ଦ୍ଦିଷ୍ଟ ନାମ ଥାଏ ଯାହା ନିର୍ଦ୍ଦିଷ୍ଟ ସମୁଦାୟର ପରିଚୟ ପ୍ରଦାନ କରିବା ସହିତ ଏହାର ଗୁଣ ଦର୍ଶାଇଥାଏ । ଏହା ମଧ୍ୟ ସଦସ୍ୟମାନଙ୍କର ସ୍ୱାତନ୍ତ୍ର୍ୟତାକୁ ଏବଂ ବ୍ୟକ୍ତିତ୍ୱକୁ ପରିପ୍ରକାଶ କରିଥାଏ । ସମୁଦାୟର ନିର୍ଦ୍ଦିଷ୍ଟ ନାମ ଥିବାରୁ ଏହା ପରସ୍ପରକୁ ଏକତା ସୂତ୍ରରେ ବାନ୍ଧି ରଖିଥାଏ । ଫଳରେ ସାମାଜିକ ସମ୍ପର୍କ ସୁଦୃଢ଼ ହୋଇଥାଏ ।

**(୬) ସ୍ୱତଃପ୍ରବୃତ୍ତ ଅଭିବୃଦ୍ଧି (Spontaneous Growth) :** କୌଣସି ସମୁଦାୟ ଇଚ୍ଛାକୃତ ଭାବରେ ସୃଷ୍ଟି ହୋଇନଥାଏ । ଏହା ଯୋଜନାବଦ୍ଧ ଭାବରେ ଗଠିତ ହୋଇନଥାଏ ବରଂ ସ୍ୱତଃପ୍ରବୃତ୍ତ ଭାବରେ ଏହା ସୃଷ୍ଟି ହୋଇଥାଏ । ପ୍ରାକୃତିକ ଭାବରେ ଏହି ସମୁଦାୟଟି ଗଠିତ ହୋଇଥାଏ । ଏକ ନିର୍ଦ୍ଦିଷ୍ଟ ଭୌଗଳିକ ଅଞ୍ଚଳରେ ଏକାଧିକ ବ୍ୟକ୍ତି ବାସକରି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ସାଧନା କରିବା ପରିବର୍ତ୍ତେ ପ୍ରତ୍ୟେକଙ୍କର ମୌଳିକ ଆବଶ୍ୟକତାଗୁଡିକ ପୂରଣ କରିବା ନିମନ୍ତେ ପ୍ରଚେଷ୍ଟା କରିଥାନ୍ତି । ପ୍ରତ୍ୟେକ ମନୁଷ୍ୟ ଜାଣିଶୁଣି ଏହାର ସଦସ୍ୟତା ଗ୍ରହଣ କରିନଥାନ୍ତି । ଆପଣାଛାଏଁ ଏହାର ସଦସ୍ୟତା ଗ୍ରହଣ କରିନେଇଥାନ୍ତି ଓ ଏହାର ବିକାଶ ଦିଗରେ ସଚେତନ ହୋଇଥାନ୍ତି ।

**(୭) ସମାନତା (Likeness) :** ପ୍ରତ୍ୟେକ ସମୁଦାୟର ନିର୍ଦ୍ଦିଷ୍ଟ ପ୍ରଥା, ଚଳଣି, ଧର୍ମ, ବିଶ୍ୱାସ, ପ୍ରତିନିୟମ ପ୍ରଭୃତି ରହିଅଛି । ସମାଜବିଜ୍ଞାନୀ ଏ. ଡବ୍ଲ୍ୟୁ. ଗ୍ରୀନ୍ ମତପୋଷଣ କରିଅଛନ୍ତି ଯେ, "ଏକ ସମୁଦାୟ କେତେଗୁଡିଏ ବ୍ୟକ୍ତିଙ୍କର ସମଷ୍ଟିରେ ଗଠିତ ଅଟେ ଏବଂ ସେମାନେ ଏକ ଅବିଚ୍ଛିନ୍ନ କ୍ଷୁଦ୍ରଅଞ୍ଚଳରେ ବାସ କରିଥାନ୍ତି ଓ ଏକ ସାଧାରଣ ଜୀବନ ଧାରାରେ ଭାଗୀଦାର ହୋଇଥାନ୍ତି ।" ତେଣୁ ସମୁଦାୟର ପ୍ରତ୍ୟେକ ସଦସ୍ୟ ସାମୁଦାୟିକ ଭାବଧାରା ଓ ମୂଲ୍ୟବୋଧ ଦ୍ୱାରା ପରିଚାଳିତ ଓ ନିୟନ୍ତ୍ରିତ ହୋଇଥାନ୍ତି । ପ୍ରତ୍ୟେକ ସମୁଦାୟରେ ଭାଷାର ସାଦୃଶ୍ୟତା ମଧ୍ୟ ପରିଲକ୍ଷିତ ହୋଇଥାଏ ଯାହା ଉତ୍ତମ ବୁଝାମଣାରେ ସାହାଯ୍ୟ କରିଥାଏ ।

**(୮) ବ୍ୟାପକ ଲକ୍ଷ୍ୟ (Wider Ends) :** କୌଣସି ସମୁଦାୟ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ନେଇ ଗଠନ କରାଯାଇନଥାଏ । ସମୁଦାୟର ଲକ୍ଷ୍ୟ ବ୍ୟାପକ ଅଟେ । କ୍ଷୁଦ୍ର, ଅଥବା ବୃହତ୍ ସମୁଦାୟ ପ୍ରତ୍ୟେକ ସଦସ୍ୟ ମୌଳିକ ଆବଶ୍ୟକତା ପୂରଣ କରିବା ପାଇଁ ଉଦ୍ୟମ କରିଥାନ୍ତି । କେତେକ ବ୍ୟକ୍ତିଗତ ସ୍ୱାର୍ଥକୁ ନେଇ ସମୁଦାୟଟି ଗଠନ କରାଯାଇନଥାଏ । ଏହା ସାମୁହିକ ସ୍ୱାର୍ଥକୁ ଗୁରୁତ୍ୱ ପ୍ରଦାନ କରିଥାଏ । ଏଥିପାଇଁ ସାମୁହିକ ଉଦ୍ୟମ ହୋଇଥାଏ । ଫଳରେ ସମୁଦାୟରେ ସୁସ୍ଥ ପରିବେଶ ସୃଷ୍ଟି ହୋଇଥାଏ ।

**(୯) ଆକାର (Size) :** ସମୁଦାୟ ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ସୀମାରେ ଅବସ୍ଥିତ। ଏହାର ନିର୍ଦ୍ଦିଷ୍ଟ ଆକାର ରହିଅଛି। ଏହା କ୍ଷୁଦ୍ର ଯଥା - ଗ୍ରାମ ଅଥବା ବୃହତ୍ ଯଥା - ସହର, ରାଷ୍ଟ୍ର ବା ବିଶ୍ୱ ସମୁଦାୟ ହୋଇପାରେ। ଏହି ନିର୍ଦ୍ଦିଷ୍ଟ ପରିସୀମା ଦ୍ୱାରା ସମୁଦାୟର ରୂପ ରେଖ ଜଣାପଡିଥାଏ। ଏକ ଭାଗବତ ପରିବେଶ ମଧ୍ୟ ସୃଷ୍ଟି କରିଥାଏ। ପ୍ରତ୍ୟେକ ସମୁଦାୟ ଆକାର ଦ୍ୱାରା ହିଁ ପରିଚିତ ହୋଇଥାଏ ଏବଂ ପ୍ରତ୍ୟେକ ସଦସ୍ୟଙ୍କ ମଧ୍ୟରେ ଏକତ୍ୱବୋଧ ସୃଷ୍ଟି କରିପାରିଥାଏ।

**(୧୦) ନିୟନ୍ତ୍ରଣର ପଦ୍ଧତି (System of Regulation) :** ପ୍ରତ୍ୟେକ ସମୁଦାୟର ନିର୍ଦ୍ଦିଷ୍ଟ ନୀତିନିୟମ ରହିଅଛି, ଯାହା ସମୁଦାୟର ପ୍ରତ୍ୟେକ ସଦସ୍ୟଗଣଙ୍କୁ ସୁନିୟନ୍ତ୍ରିତ କରିଥାଏ। ନିର୍ଦ୍ଦିଷ୍ଟ ଅଞ୍ଚଳରେ ଗଠିତ ହୋଇଥିବା ସମୁଦାୟରେ ନିର୍ଦ୍ଦିଷ୍ଟ ପ୍ରଥା, ପରମ୍ପରା, ଲୋକନୀୟମ ଓ ପ୍ରଚଳିତ ପଦ୍ଧତି ଗୁଡିକ ରହିଅଛି, ଯାହା ପ୍ରତ୍ୟେକ ସଦସ୍ୟଙ୍କୁ ଦୈନନ୍ଦିନ ଜୀବନ ପରିଚାଳିତ କରିବା ନିମନ୍ତେ ସ୍ୱାଧୀନତା ଦେବା ସହିତ ବ୍ୟବହାର ଏବଂ କାର୍ଯ୍ୟକଳାପ ଗୁଡିକୁ ନିୟନ୍ତ୍ରିତ କରିଥାଏ। ଏହା ଫଳରେ ଏକ ସମୁଦାୟ ତା'ର ଧାରାବାହିକତା ରକ୍ଷାକରିଥାଏ ଏବଂ ବ୍ୟକ୍ତିର ମୌଳିକ ଆବଶ୍ୟକତା ପୂରଣ ହୋଇପାରିଥାଏ।

ତେଣୁ ସମୁଦାୟ ସାମାଜିକ ଅବସ୍ଥାର ବିଭିନ୍ନ ବିଭାଗ ଗୁଡିକୁ ଗୁରୁତ୍ୱ ପ୍ରଦାନ କରିଥାଏ। ନିର୍ଦ୍ଦିଷ୍ଟ ପରିସୀମା ଓ ବ୍ୟକ୍ତିବିଶେଷ ଏବଂ ସେମାନଙ୍କର ଭାବଗତ ସମ୍ପର୍କକୁ ନେଇ ଗଠିତ ସମୁଦାୟ ବ୍ୟକ୍ତିକୁ ଶୃଙ୍ଖଳିତ କରିବା ସହିତ ନିରାପତ୍ତା ଯୋଗାଇଥାଏ।

## ସଂଘ
## Association

ମନୁଷ୍ୟର ଅନେକ ଆବଶ୍ୟକତା ରହିଅଛି। ସେହି ଆବଶ୍ୟକତାଗୁଡିକ ପୂରଣ କରିବା ନିମନ୍ତେ ସାଧାରଣତଃ ୩ ଗୋଟି ମାଧ୍ୟମ ପୂରଣ ନିମନ୍ତେ କାହାର ସାହାଯ୍ୟ ଲୋଡି ନଥାନ୍ତି। ସ୍ୱାଧୀନ ଭାବରେ ନିଜ ଉଦ୍ୟମରେ ସଫଳତା ହାସଲ କରିଥାନ୍ତି। ଏହି କ୍ଷେତ୍ରରେ ସେ ଅନ୍ୟର ଉପଦେଶ ମଧ୍ୟ ଗ୍ରହଣ କରିନଥାଏ। ଦ୍ୱିତୀୟତଃ, ନିଜ ନିଜର ଆବଶ୍ୟକତାର ପୂରଣ ନିମନ୍ତେ ସେମାନେ ସଂଘର୍ଷର ପଥ ଅନୁସରଣ କରିଥାନ୍ତି। ଯେକୌଣସି ଭାବରେ ଲକ୍ଷ୍ୟହାସଲ କରିଥାନ୍ତି। ତୃତୀୟତଃ, ନିଜ ନିଜର ଆବଶ୍ୟକତା ପୂରଣ ନିମନ୍ତେ ସେମାନେ ଅନ୍ୟର ସାହାଯ୍ୟ ଲୋଡିଥାନ୍ତି ଏବଂ ସେହି ସହଯୋଗ ମାଧ୍ୟମରେ ଆବଶ୍ୟକତାଗୁଡିକୁ ପୂରଣ କରିଥାନ୍ତି। ମଣିଷ ଏକ ସାମାଜିକ ପ୍ରାଣି ଅଟେ। ନିଜର ଆବଶ୍ୟକତା ଅଥବା ଯେକୌଣସି ଲକ୍ଷ୍ୟ ହାସଲ ନିମନ୍ତେ ପ୍ରଥମ ଓ ଦ୍ୱିତୀୟ ପନ୍ଥା ଗୁଡିକ ପ୍ରାୟତଃ ଅନୁସରଣ କରିନଥାନ୍ତି କିନ୍ତୁ ତୃତୀୟ ପନ୍ଥା ତଥା ସହଯୋଗିତାର ପଥ ଅନୁସରଣ କରି ଲକ୍ଷ୍ୟ ହାସଲ କରିଥାନ୍ତି। ଫଳରେ ନିଜର ଲକ୍ଷ୍ୟ ହାସଲ କରିବାରେ ବ୍ୟକ୍ତିବିଶେଷଙ୍କର ଅବଦାନ ରହିଅଛି। ଅପର ପକ୍ଷରେ, ଏକ ସମୂହ ସୁସଂଗଠିତ ହୋଇପାରେ ଏବଂ ଏକତ୍ରିତ ଭାବରେ ସାମୁହିକ ଲକ୍ଷ୍ୟ ହାସଲ କରିବାରେ ସଫଳ ହୋଇପାରେ। ସେଥିରୁ ହିଁ ସଂଘର ସୃଷ୍ଟି।

## ସଂଘ ଅର୍ଥ ଏବଂ ସଂଜ୍ଞା

## (Meaning and Definitions of Association)

ଯେତେବେଳେ ଏକାଧିକ ବ୍ୟକ୍ତି ଇଚ୍ଛାକୃତ ଭାବରେ ସଂଘଟିତ ହୋଇ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ପୂରଣ କରିଥାନ୍ତି, ତାହାକୁ ସଂଘ କୁହାଯାଏ । ଶ୍ରମିକ ସଂଘ, ରାଜନୈତିକ ସଂଘ, ପରିବାର, ରାଷ୍ଟ୍ର ଇତ୍ୟାଦି ସଂଘର ଅନ୍ତର୍ଭୁକ୍ତ ଅଟନ୍ତି । ଏହି ସଂଘଗୁଡିକ ମାଧ୍ୟମରେ ବ୍ୟକ୍ତିବିଶେଷ ସେମାନଙ୍କର ଅଭିଳାଷ ପୂରଣ କରିଥାନ୍ତି ।

ସଂଘର ଆଭିଧାନିକ ଅର୍ଥ ସମୂହ ବା ଦଳ ଅଟେ । କିନ୍ତୁ ସାମାଜ ବିଜ୍ଞାନୀ ସଂଘର ବିଭିନ୍ନ ସଂଜ୍ଞା ପ୍ରଦାନ କରିଅଛନ୍ତି । ସେଗୁଡିକ ନିମ୍ନରେ ଆଲୋଚନା କରାଯାଇଅଛି ।

**ଇ.ଏସ୍. ବୋଗାର୍ଡସ୍ (E.S. Bogardus) :** "ଯେତେବେଳେ କେତେକ ଲୋକ ଏକତ୍ର ହୋଇ କେତେକ ଉଦ୍ଦେଶ୍ୟ ପୂରଣ ପାଇଁ କାର୍ଯ୍ୟ କରିଥାନ୍ତି, ତାକୁ ସଂଘ କୁହାଯାଏ"

(Association is usually working together of people to achieve some purposes)

**ଗିଲିନ୍ ଓ ଗିଲିନ୍ (Gillin and Gillin) :** "ଏକ ବା ଏକାଧିକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପୂରଣ ନିମିତ୍ତ ସଂଗଠିତ ଦଳେ ବ୍ୟକ୍ତିଙ୍କୁ ସଂଘ କୁହାଯାଏ ଏବଂ ସେମାନେ ସ୍ୱୀକୃତିପ୍ରାପ୍ତ ଅଥବା ଅନୁମୋଦିତ କାର୍ଯ୍ୟରୀତି ଅଥବା ବ୍ୟବହାର ଦ୍ୱାରା ଏକତ୍ରିତ ହୋଇଥାନ୍ତି ।

(An association is a group of individuals united for a specific purpose or purposes on held together by recognised or sanctioned nodes at procedure or behaviour.)

**ଏମ୍. ଜିନ୍ସବର୍ଗ (M. Ginsberg) :** "ପରସ୍ପର ସଂପୃକ୍ତ ଥିବା ଦଳେ ସାମାଜିକ ଜୀବକୁ ସଂଘ କୁହାଯାଏ ଏବଂ ସେମାନେ ଏକ ବା ଏକାଧିକ ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ପୂରଣ କରିବା ନିମିତ୍ତ ଏକ ସାଧାରଣ ସଂଗଠନ କରିଥାନ୍ତି ।" (An association is a group of social beings related to one another by the fact that they possess or have instituted in common an organisation with a view to securing a specific and or specific ends.)

**କେ. ଡାଭିସ୍ (K. Davis) :** "ପାରସ୍ପରିକ କ୍ରିୟା ଅବସ୍ଥାରେ ଥିବା କେତେକ ସଂଗଠନର ସମୂହକୁ ସଂଘ କୁହାଯାଏ ।" (Association is a group of a set of organisations in a state interaction with each other)

**ମାକାଇଭର୍ (Mac Iver) :** "କେତେକ ସ୍ୱାର୍ଥ ଅଥବା ସାମୁହିକ ସ୍ୱାର୍ଥ ହାସଲ ନିମନ୍ତେ ଇଚ୍ଛାକୃତ ଭାବରେ ଗଠିତ ଏକ ସଂଗଠନ ହେଉଛି ସଂଘ ଅଟେ ।"

(An association is an organisation deliberately formed for the collective purnsuit of some interest or set of interest which its members share)

ଉପରୋକ୍ତ ସଂଜ୍ଞା ଗୁଡିକର ସାରାଂଶରୁ ଜଣାପଡେ ଯେ, ସଂଘ ଆନୁଷ୍ଠାନିକ ଭାବରେ ଲୋକମାନଙ୍କର ଅଥବା ସମୂହ ଗୁଡିକର ସଂଗଠନ ଅଟେ । ଏହା ଏକାଧିକ ଲୋକମାନଙ୍କର ଏକ ଏକକ ଅଟେ । ସେହି ଏକକ ସମାଜରେ ବାସ କରୁଥିବା ଏକାଧିକ ଲୋକଙ୍କୁ ଉଦ୍ଦେଶ୍ୟ ସାଧନ ନିମନ୍ତେ ଏକାଠି କରିଥାଏ । ସଂଘ ଏକ ସଂଗଠନ ଅଟେ ଏବଂ ଏହା

ସଂଗଠିତ ଉପାୟରେ ଲକ୍ଷ୍ୟ ପୂରଣ କରିଥାଏ। ସଂଘଗୁଡିକର ନିର୍ଦ୍ଦିଷ୍ଟ ନୀତିନିୟମ ରହିଥାଏ ଯାହା ଦଳର ସଦସ୍ୟମାନଙ୍କୁ ପରିଚାଳିତ କରିଥାଏ। ସଂଘ ସାମୂହିକ ଉଦ୍ଦେଶ୍ୟକୁ ପ୍ରାଧାନ୍ୟ ଦେଇଥାଏ। ପ୍ରତ୍ୟେକ ମଣିଷର ଅନେକ ଆବଶ୍ୟକତା ରହିଥିବାରୁ, ତାହାର ପୂରଣ ନିମନ୍ତେ ଭିନ୍ନ ଭିନ୍ନ ସଂଘ ଗୁଡିକ ଗଠନ କରିଥାନ୍ତି। ଉଦାହରଣ ସ୍ୱରୂପ,-

- ଜୈବିକ ସଂଘ - ପରିବାର ଅଟେ
- ରାଜନୈତିକ ସଂଘ - କଂଗ୍ରେସ, ବିଜେବି ଦଳ
- ଅର୍ଥନୈତିକ ସଂଘ - ହୋଟେଲ ମାଲିକ ସଂଘ
- ଧର୍ମୀୟ ସଂଘ - ଆର୍ଯ୍ୟ ସମାଜ
- ଜନହିତୈଷୀ ସଂଘ - ରୋଟାରୀ କ୍ଲବ୍
- ବୃତ୍ତିଗତ ସଂଘ - ଶ୍ରମିକ ସଂଘ, ଶିକ୍ଷକ ସଂଘ
- ଚିତ୍ତବିନୋଦନ ସଂଘ - ଟେନିସ୍ କ୍ଲବ, ମ୍ୟୁଜିକ୍ କ୍ଲବ୍ ଇତ୍ୟାଦି

### ସଂଘର ଗୁଣାବଳୀ
### Characteristces of Association)

ସଂଘର ମୌଳିକ ଗୁଣାବଳୀକୁ ନିମ୍ନରେ ପ୍ରଦାନ କରାଗଲା।

**(୧) ଦଳେ ବ୍ୟକ୍ତି (A Group of People) :** ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ସଂଘଟିଏ ସୃଷ୍ଟି ହୋଇଥାଏ ଅଥବା ଗଢ଼ାଯାଇଥାଏ। ଏଥିରେ ବ୍ୟକ୍ତିର ଉଦ୍ଦେଶ୍ୟ ବା ଆବଶ୍ୟକତାକୁ ଗୁରୁତ୍ୱ ପ୍ରଦାନ କରାଯାଇଅଛି। ତେଣୁ କେତେକ ବ୍ୟକ୍ତିମାନଙ୍କ ବ୍ୟତିରେକ ସଂଗ ଗଠନ କରାଯାଇପାରିବ ନାହିଁ। ତେଣୁ ଏକାଧିକ ବ୍ୟକ୍ତି ସଂଘର ଏକ ମୌଳିକ ଗୁଣାବଳୀ ଅଟେ।

**(୨) ସାଧାରଣ ସ୍ୱାର୍ଥ (Common Interest) :** ଗୋଟିଏ ସଂଘ କେବଳ ବ୍ୟକ୍ତିମାନଙ୍କର ସମଷ୍ଟିକୁ ନେଇ ଗଠିତ ହୋଇନଥାଏ। ଏହା ଉଣା ଅଧିକ ସାଧାରଣ ଉଦ୍ଦେଶ୍ୟଧାରୀ ଏକାଧିକ ବ୍ୟକ୍ତିଙ୍କୁ ନେଇ ଗଠିତ। ସେହି ଅନୁସାରେ ଯେଉଁ ବ୍ୟକ୍ତିମାନେ ଯାହାଙ୍କର ରାଜନୈତିକ ସ୍ୱାର୍ଥ ରହିଅଛି ସେମାନେ ଏକା ପରିମାଣର ସେହି ରାଜନୈତିକ ସଂଘର ସଦସ୍ୟତା ଗ୍ରହଣ କରିଥାନ୍ତି। ଠିକ୍ ସେହିପରି ଯେଉଁମାନଙ୍କର ଧର୍ମ ସମ୍ବନ୍ଧୀୟ ସ୍ୱାର୍ଥ ରହିଅଛି, ସେମାନେ ସେହି ଧର୍ମୀୟ ସଂଘର ସଦସ୍ୟତା ଗ୍ରହଣ କରିଥାନ୍ତି। ତେଣୁ ନିର୍ଦ୍ଦିଷ୍ଟ ତଥା ସାମୁହିକ ବା ସାଧାରଣ ସ୍ୱାର୍ଥ ହାସଲ କରିବା ନିମନ୍ତେ ସଂଘର ଆବଶ୍ୟକତା ରହିଅଛି। ତେଣୁ ସାଧାରଣ ସ୍ୱାର୍ଥ ସଂଘର ଏକ ପ୍ରଧାନ ଏବଂ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ଅଟେ। ସାଧାରଣ ସ୍ୱାର୍ଥ ନଥିଲେ ସଂଘର ସ୍ଥିତି ଅସମ୍ଭବ ଅଟେ।

**(୩) ସହଯୋଗୀ ଉତ୍ସାହ (Co-operative Spirit) :** ଏହି ସହଯୋଗୀ ଉତ୍ସାହ ଉପରେ ସଂଘ ପ୍ରତିଷ୍ଠିତ ହୋଇଥାଏ। ସାମାଜ ବିଜ୍ଞାନୀ ଇ.ଏସ୍. ବୋଗାର୍ଡସ୍‌ଙ୍କ ମତରେ 'ଯେତେବେଳେ କେତେକ ଲୋକ ଏକତ୍ର ହୋଇ କେତେକ ଉଦ୍ଦେଶ୍ୟ ପୂରଣ ପାଇଁ କାର୍ଯ୍ୟ କରିଥାନ୍ତି, ତାହାକୁ ସଂଘ କୁହାଯାଏ।" ତେଣୁ ପ୍ରତ୍ୟେକ ବ୍ୟକ୍ତି ଏକତ୍ରିତ ଭାବରେ କାର୍ଯ୍ୟକରି ସାଧାରଣ ଉଦ୍ଦେଶ୍ୟ ପୂରଣ କରିବା ନିମନ୍ତେ ସଂଘ ସେମାନଙ୍କୁ ସୁଯୋଗ ଦେଇଥାଏ।

ଉଦାହରଣ ସ୍ୱରୂପ, ରାଜନୈତିକ ଦଳ ସଂଘ ମାଧ୍ୟମରେ ଏକତ୍ରିତ ହୋଇ କ୍ଷମତାକୁ ପାଇବାର ଲକ୍ଷ୍ୟ ହାସଲ କରିଥାନ୍ତି । ତେଣୁ ପରସ୍ପର ସହଯୋଗ ମାଧ୍ୟମରେ ଏକାଧିକ ବ୍ୟକ୍ତି ସଂଘଟିଏ ଗଠନ କରିଥାନ୍ତି ଏବଂ ସାଧାରଣ ଲକ୍ଷ୍ୟ ହାସଲ କରିବାପାଇଁ ସାମୁହିକ ଉଦ୍ୟମ କରିଥାନ୍ତି ।

**(୪) ସଂଗଠନ (Organisation) :** ନିର୍ଦ୍ଦିଷ୍ଟ ସଂଗଠନ ସଂଘର ଏକ ମୌଳିକ ବୈଶିଷ୍ଟ୍ୟ ଅଟେ । ନିର୍ଦ୍ଦିଷ୍ଟ ଅଥବା ସାଧାରଣ ଉଦ୍ଦେଶ୍ୟ ସାଧନ ନିମନ୍ତେ ଏକାଧିକ ବ୍ୟକ୍ତି ସଂଗଠିତ ହୋଇ ସଂଘଟିଏ ଗଠନ କରିଥାନ୍ତି । ତେଣୁ ସଂଘ ଏକ ସଂଗଠିତ ଦଳ ରୂପେ ପରିଚିତ ଅଟେ । ଏହି ସଂଗଠନର ନିର୍ଦ୍ଦିଷ୍ଟ ଲକ୍ଷ୍ୟ, ସାଧାରଣ ଆବେଗ, ଅଂଶୀଦାର ଓ ନିୟନ୍ତ୍ରଣ ଭାବ ରହିଥାଏ ଯାହା ସଂଘକୁ ସ୍ଥିରତା ଆଣିବାରେ ଏବଂ ସମ୍ପୂର୍ଣ୍ଣ ରୂପ ଦେବାରେ ସହାୟକ ହୋଇଥାଏ ।

**(୫) ସମ୍ପର୍କର ନିୟନ୍ତ୍ରଣ (Regulation of Relations) :** ପ୍ରତ୍ୟେକ ସଂଘର ନିଜସ୍ୱ ଲକ୍ଷ୍ୟ ସାଧନର ଉପାୟମାନ ରହିଥାଏ । ସଂଘର ସଦସ୍ୟମାନେ ନିର୍ଦ୍ଦିଷ୍ଟ ନୀତି ନିର୍ଦ୍ଧାରଣ କରିଥାନ୍ତି, ସେହି ନିୟମ ଗୁଡ଼ିକ ମାଧ୍ୟମରେ ସେମାନେ ନିର୍ଦ୍ଦିଷ୍ଟ ତଥା ସାଧାରଣ ସ୍ୱାର୍ଥ ହାସଲ କରିଥାନ୍ତି । ତେଣୁ ସଂଘ ନୀତି ନିୟମର ସମାହାର କହିଲେ ଅତ୍ୟୁକ୍ତି ହେବନାହିଁ । ନୀତି, ନିୟମ ଏଭଳି ଭାବରେ ପ୍ରସ୍ତୁତ କରାଯାଉଥାଏ ଯେ ସଂଘର ପ୍ରତ୍ୟେକ ସଦସ୍ୟ ମାନିନେବାପାଇଁ ବାଧ୍ୟ ହୋଇଥାନ୍ତି । ଏହି ଆଚରଣ ପନ୍ଥା, ନିୟମ ଶାସ୍ତ୍ର, କର୍ତ୍ତବ୍ୟାକର୍ତ୍ତବ୍ୟ ବିଚାର ଗୁଡ଼ିକୁ ସଂଘର ସଦସ୍ୟ ଗ୍ରହଣ କରିଥାନ୍ତି ଏବଂ ଶୃଙ୍ଖଳିତ ଉପାୟାରେ ଲକ୍ଷ୍ୟସ୍ଥଳରେ ସହଜରେ ପହଞ୍ଚିପାରିଥାନ୍ତି । ନୀତିର ଉଲ୍ଲଙ୍ଘନ କରୁଥିବା ବ୍ୟକ୍ତି ସେହି ସଂଘରୁ ବହିଷ୍କାର ହୋଇଥାଏ ।

**(୬) ସ୍ଥାୟିତ୍ୱ (Durability) :** ସଂଘଟିଏ ଦୀର୍ଘସ୍ଥାୟୀ ଅଥବା କ୍ଷଣସ୍ଥାୟୀ ହୋଇପାରେ । କେତେକ ସଂଘ ସ୍ଥାୟିତ୍ୱର ଗୁଣ ଧାରଣ କରିଥାନ୍ତି । ଉଦାହରଣ ସ୍ୱରୂପ, ରାଷ୍ଟ୍ର ଏବଂ ପରିବାର । ରାଷ୍ଟ୍ର ଏବଂ ପରିବାର ଦୀର୍ଘସ୍ଥାୟୀ ସଂଘ ଅଟନ୍ତି । ଅନ୍ୟ କେତେକ ସଂଘ ଅସ୍ଥାୟୀ ଭାବରେ ସଂଗଠିତ ହୋଇଥାନ୍ତି । ନିର୍ଦ୍ଦିଷ୍ଟ ସ୍ୱାର୍ଥ ହାସଲ ହୋଇଗଲେ ସେହି ସଂଘ ଆପରାଛାଏଁ ନିଜର ସ୍ଥିତି ହରାଇବସିଥାନ୍ତି । ଉଦାହରଣ ସ୍ୱରୂପ, ବନ୍ୟାପ୍ରତିକାର ସମିତି । ଏହା ଏକ ଅସ୍ଥାୟୀ ସଂଘ ଅଟେ । ପ୍ରାୟତଃ ସଂଘ ନିଜର ସ୍ଥାୟିତ୍ୱକୁ ବଜାୟ ରଖିଥାଏ । ପରିବାର ରୂପକ ସ୍ଥାୟୀ ଦୈବିକ ସଂଘଟିରେ ସଦସ୍ୟ ଜନ୍ମ ଓ ମୃତ୍ୟୁକୁ ନେଇ ସ୍ଥାୟିତ୍ୱ ରକ୍ଷା କରାଯାଇଥାଏ ।

**(୭) ଇଚ୍ଛାକୃତ ସଭ୍ୟପଦ (Voluntary Membership) :** ସଂଘର ସଦସ୍ୟତା ବାଧ୍ୟତାମୂଳକ ନୁହେଁ । ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ କେତେକ କ୍ଷେତ୍ରରେ ବ୍ୟକ୍ତି ନିଜେ ପୂରଣ କରିବାରେ ଅସମର୍ଥ ହୋଇଥାଏ । ତେଣୁ ସହଯୋଗିତା ନାମକ ସମ୍ବନ୍ଧକାରୀ ପ୍ରକ୍ରିୟାର ସାହାଯ୍ୟ ଲୋଡ଼ିଥାଏ । ଇଚ୍ଛାକୃତ ଭାବରେ ସଂଘର ସଦସ୍ୟତାକୁ ଗ୍ରହଣ କରିନେଇ ସାଧାରଣ ସ୍ୱାର୍ଥରେ ନିଜର ସ୍ୱାର୍ଥକୁ ସାମିଲ କରାଇଦେଇଥାଏ ଏବଂ ନିଜର ସ୍ୱାର୍ଥ ସାଧନ କରିଥାଏ । ବ୍ୟକ୍ତି ନିଜର ସ୍ୱାର୍ଥ ହାସଲ ପାଇଁ ସଂଘର ସାହାଯ୍ୟ ଲୋଡ଼ିଥାଏ ଏବଂ ନିର୍ଦ୍ଦିଷ୍ଟ ସଂଘର ସଦସ୍ୟତା ଗ୍ରହଣ କରିନେଇଥାଏ । ଆବଶ୍ୟକତା ପୂରଣ ହୋଇଗଲେ ଇଚ୍ଛାକୃତ ଭାବରେ ସଂଘର ସଦସ୍ୟତାକୁ ଗ୍ରହଣ କରିନଥାଏ । ତେଣୁ ବ୍ୟକ୍ତିର ସଦସ୍ୟତା ନିଜର ଇଚ୍ଛା ଉପରେ ସାଧାରଣତଃ ନିର୍ଭର କରିଥାଏ ।

**(୮) ସଂଘ ଏକ ପ୍ରତିନିଧି (Association as Agencies) :** ସଂଘ ସାଧାରଣତଃ ପ୍ରତିନିଧିଙ୍କ ଦ୍ୱାରା କାର୍ଯ୍ୟକ୍ଷମ ହୋଇଥାଏ। ସଂଘରେ ସାମିଲ ହୋଇଥିବା ପ୍ରତ୍ୟେକ ସଦସ୍ୟ ଜଣେ ଜଣେ ପ୍ରତିନିଧି ଅଟନ୍ତି। ଏହି ପ୍ରତିନିଧିଗଣ ସଂଘର ବିଶ୍ୱସ୍ତ ଅଟନ୍ତି। ନିର୍ଦ୍ଦିଷ୍ଟ କାର୍ଯ୍ୟରେ ନିୟୋଜିତ ଏହି ସଂଘର ସଦସ୍ୟଗଣ ଉପଯୁକ୍ତ କ୍ଷମତାପ୍ରାପ୍ତ ପ୍ରତିନିଧି ଅଟନ୍ତି।

ଉପରୋକ୍ତ ଆଲୋଚନାରୁ ଏହା ସୁସ୍ପଷ୍ଟ ଯେ, ସଂଘ ହେଉଛି ସାମାଜିକ ଏକତାର ନିର୍ଦ୍ଧାରକ ଅଟେ। ସମାଜବିଜ୍ଞାନୀ ମାକାଇଭର କୁହନ୍ତି ଯେ, ସଂଘ ସାଧାରଣ ଉଦ୍ଦେଶ୍ୟ ସାଧନ ନିମନ୍ତେ ଉଦ୍ଦିଷ୍ଟ। ଏହି ସଂଘ ଏକତ୍ରିତ ଭାବରେ ଚିନ୍ତା ଏବଂ କାର୍ଯ୍ୟ କରିବାପାଇଁ ବ୍ୟକ୍ତି ଓ ସମୂହକୁ ସୁଯୋଗ ଦେଇଥାଏ।

# ସାମାଜିକ ସମୂହ
## Social Group

ସାମାଜିକ ସମୂହ ସାମାଜ ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ସଂପ୍ରତ୍ୟୟ ଅଟେ। ମାନବଜାତିର ପ୍ରାରମ୍ଭରୁ ମଣିଷ ସମୂହରେ ବାସକରି ଆସୁଅଛି। ଶିଶୁଟିଏ ଅନେକ କଥା ଏହି ସମୂହରୁ ଶିକ୍ଷାଲାଭ କରିଥାଏ ଏବଂ ସମୟ କ୍ରମେ ନିଜର ବ୍ୟକ୍ତିତ୍ୱର ପରିପ୍ରକାଶ କରିଥାଏ। ସମୂହ ବିନା ବ୍ୟକ୍ତିର ସ୍ଥିତି ଅସମ୍ଭବ ହୋଇପଡେ। ମନୁଷ୍ୟର ବ୍ୟବହାର ଓ ବ୍ୟକ୍ତିତ୍ୱ ଯିଏ ଯେଉଁ ସମୂହରୁ ଜାତ / ଜନ୍ମ ହୋଇଅଛି ସେହି ସମୂହରୁ ହିଁ ପରିକଳ୍ପିତ ବା ସଂକଳ୍ପିତ ହୋଇଥାଏ। ଆକ୍ଷରିକ ଅର୍ଥରେ ସାମାଜିକ ସମୂହ ଲୋକମାନଙ୍କର ଯେ କୌଣସି ଶାରୀରିକ ସାନ୍ନିଧ ଅଥବା ସମୀପକୁ ସୂଚିତ କରିଥାଏ। ପାରସ୍ପରିକ କ୍ରିୟା ଅଥବା ଆନ୍ତଃକ୍ରିୟା ଫଳରେ ସମୂହର ସଦସ୍ୟମାନେ ସାଧାରଣ ଜାତ ଭାବଟି ଅନୁଭବ କରିଥାନ୍ତି। ପରିବାର, ଗ୍ରାମ, ବିଦ୍ୟାଳୟ, ରାଷ୍ଟ୍ର ଇତ୍ୟାଦି ସାମାଜିକ ସମୂହର ଉଦାହରଣ ଅଟନ୍ତି।

### ସାମାଜିକ ସମୂହର ସଂଜ୍ଞା
### (Definition of Social Group)

ସାମଜବିଜ୍ଞାନୀଗଣ ସାମାଜିକ ସମୂହର ଭିନ୍ନ ଭିନ୍ନ ସଂଜ୍ଞା ପ୍ରଦାନ କରିଅଛନ୍ତି। ସେଗୁଡିକ ନିମ୍ନରେ ଆଲୋଚନା କରାଯାଇଅଛି।

**ମାକାଇଭର ଏବଂ ପେଜ୍ (MacIver & Page) :** "ପରସ୍ପର ମଧ୍ୟରେ ସାମାଜିକ ସମ୍ପର୍କଥିବା କେତେକ ବ୍ୟକ୍ତିଙ୍କର ସମଷ୍ଟିକୁ ଆମେ ସାମାଜିକ ସମୂହ ବୁଝିଥାଉ।"
(By group we mean any collection of human beings who are brought in to social relationship with one another)

**ଇ.ଏସ୍. ବୋଗାର୍ଡସ୍ (E.S. Bogardus) :** "ସମୂହ ହେଉଛି, ଦୁଇ ବା ତତୋଽଧିକ ବ୍ୟକ୍ତିଙ୍କର ସମଷ୍ଟି, ଯେଉଁମାନଙ୍କର ସାଧାରଣ ଉଦ୍ଦେଶ୍ୟ ପୂରଣ କରିବା ପାଇଁ ଲକ୍ଷ୍ୟ ଥାଏ, ଯେଉଁମାନେ ପରସ୍ପରକୁ ଉଦ୍ଦୀପିତ କରାଇଥାନ୍ତି, ଯେଉଁମାନଙ୍କର ସାଧାରଣ ଆନୁଗତ୍ୟ ଭାବ ଥାଏ ଏବଂ ଏକ ପ୍ରକାର କାର୍ଯ୍ୟରେ ଭାଗ ନେଇଥାଆନ୍ତି।"
(A group is a number of persons, two or more who have common object of attention, who are stinulating to eachother, who have common loyality and participate in similar activities)

**ଅଗବର୍ଣ୍ଣ ଏବଂ ନିମ୍‌କଫ୍ (Ogburn and Nimkoff) :** "ଯେତେବେଳେ ଦୁଇ ବା ତତୋଧିକ ବ୍ୟକ୍ତି ଏକତ୍ର ହୁଅନ୍ତି ଏବଂ ପରସ୍ପରକୁ ପ୍ରଭାବିତ କରନ୍ତି, ସେତେବେଳେ ସେମାନେ ଗୋଟିଏ ସାମାଜିକ ସମୂହ ଗଠନ କରନ୍ତି ବୋଲି କୁହାଯାଇଥାଏ।"

(Whenever two or more individual come together and influence one another, they may be said to constitute a social group.)

**ହର୍ଟନ ଏବଂ ହଣ୍ଟ (Horton & Hunt) :** "ସମୂହ ହେଉଛି, କେତେକ ପ୍ରକାରର ବ୍ୟକ୍ତିଙ୍କର ସମଷ୍ଟି ଯେଉଁମାନେ ସଦସ୍ୟତା ଏବଂ ପାରସ୍ପରିକ କ୍ରିୟା ପ୍ରତି ସଚେତନ ଥାଆନ୍ତି।"

(Groups are aggregates of categorgies of people who have a consciousness of membership and of interaction.)

ସଂକ୍ଷେପରେ କୁହାଯାଇପାରେ ଯେ, ସାମାଜିକ ସମୂହ ବ୍ୟକ୍ତିମାନଙ୍କର ସମଷ୍ଟି ଅଟେ ଯେଉଁଥିରେ ବ୍ୟକ୍ତିମାନଙ୍କ ମଧ୍ୟରେ ନିର୍ଦ୍ଦିଷ୍ଟ ସମ୍ପର୍କ ଥାଏ ଏବଂ ପ୍ରତ୍ୟେକ ବ୍ୟକ୍ତି ସେହି ସମୂହ ପ୍ରତି ସଚେତନ ରହିଥାନ୍ତି। ସାମାଜିକ ସମୂହ ଆଭାଷି ଦଳ (Quasi Group) ଠାରୁ ଭିନ୍ନ ଅଟେ। ଆଭାଷିଦଳ ଏକ ସମୂହ ଯେଉଁଥିରେ ସଂରଚନାର ଅଭାବ ରହିଥାଏ କିନ୍ତୁ ଏହାର ସଦସ୍ୟଗଣ କମ୍ ପରିମାଣରେ ସଚେତନ ଥାଆନ୍ତି ଅଥବା ସମୂହର ଅବସ୍ଥିତି ପ୍ରତି ଏପରିକି ଅଜଣା ହୋଇଥାନ୍ତି। ତେଣୁ ଆଭାଷିଦଳ ଅସଂରଚିତ ଓ ଅସଂଗଠିତ ବ୍ୟକ୍ତିମାନଙ୍କର ସମଷ୍ଟି ଅଟେ। ତେବେ ଯେତେବେଳେ ଆଭାଷିଦଳ ଯେ କୌଣସି ଉଦ୍ଦେଶ୍ୟ ସାଧନ ନିମନ୍ତେ ସଂରଚିତ ଏବଂ ସଂଗଠିତ ହୋଇଥାନ୍ତି ସେତେବେଳେ ସେହି ଆଭାଷିଦଳ ସାମାଜିକ ସମୂହ ଅଥବା ଦଳର ପରିଚୟ ଲାଭ କରିଥାଏ।

## ସାମାଜିକ ସମୂହର ଗୁଣାବଳୀ
## (Characteristics of Social Group)

ସାମାଜିକ ସମୂହ ଦୁଇ ଅଥବା ତତୋଧିକ ବ୍ୟକ୍ତିଙ୍କୁ ନେଇ ଗଠିତ। ସେମାନେ ପରସ୍ପର ସହିତ ଆନ୍ତଃକ୍ରିୟା ସମାପନ କରିଥାନ୍ତି, ସମାନ ବୈଶିଷ୍ଟ୍ୟର ଭାଗହାରୀ ବା ଅଂଶିଦାର ହୋଇଥାନ୍ତି ଏବଂ ସାମୂହିକ ଏକତାବୋଧ ସେମାନଙ୍କ ମଧ୍ୟରେ ରହିଥାଏ।

ସାମାଜିକ ସମୂହର ପ୍ରଧାନ ଗୁଣାବଳୀକୁ ନିମ୍ନରେ ଆଲୋଚନା କରାଯାଇଅଛି।

**(୧) ସାମୁହିକତା / ବ୍ୟକ୍ତିଙ୍କର ସମଷ୍ଟି (Collectivity / Collection of Individuals) :** ଏକାଧିକ ବ୍ୟକ୍ତିଙ୍କର ଅବସ୍ଥିତି ଏକ ସମୂହର ମୌଳିକ ପ୍ରାକ୍ ଆବଶ୍ୟକତା ଅଟେ। ଏହା ବ୍ୟତିରକେ ସମୂହର ସ୍ଥିତି ଅସମ୍ଭବ ହୋଇପଡେ। ସମୂହଗୁଡିକ ଆକାରରେ ଭିନ୍ନ ଧରଣର ଅଟେ। କେତେକ ସମୂହ ଆକାରରେ କ୍ଷୁଦ୍ର ଅଟନ୍ତି ଏବଂ କେତେକ ବୃହତ୍ ଅଟନ୍ତି କିନ୍ତୁ ସମୂହର ସଦସ୍ୟମାନେ ସଚେତନ ହୋଇଥାନ୍ତି ଯେ, ସେମାନେ ସେହି ସମ ସମୂହର ସଭ୍ୟ ଅଟନ୍ତି।

**(୨) ପାରସ୍ପରିକ ସମ୍ପର୍କ (Recipaocal Relation) :** ସମୂହର ସଦସ୍ୟମାନଙ୍କ ମଧ୍ୟରେ ସାମାଜିକ ସମ୍ପର୍କ ରହିଥାଏ। ସେମାନେ ପରସ୍ପର ଅନ୍ତଃ ସମ୍ବନ୍ଧିତ ଅଟନ୍ତି। ସରଳ ଭାବରେ କୁହାଯାଇପାରେ ଯେ, ସାଧାରଣତଃ ଲୋକମାନଙ୍କର ଏକତ୍ରିତ, ସମୂହ ଗଠନ କରିନଥାଏ ଅଥବା ପାରସ୍ପରିକ ଆଦାନ ପ୍ରଦାନ ସମ୍ପର୍କମାନ ସାମାଜିକ ସମୂହର ଗଠନ ନିମନ୍ତେ ଜରୁରୀ ବୋଲି ବିବେଚନା କରାଯାଇ ଥାଏ। ତେଣୁ ଏହି ସମ୍ପର୍କ ମାଧ୍ୟମରେ ସମୂହର

ସଦସ୍ୟମାନେ ପ୍ରତ୍ୟେକ୍ଷ ଅଥବା ପରୋକ୍ଷରେ ପରସ୍ପର ସହିତ ସମ୍ପର୍କିତ ଏବଂ ଏକ ନିର୍ଦ୍ଦିଷ୍ଟ ଦିଗରୁ ପରସ୍ପରକୁ ପ୍ରଭାବିତ କରିଥାନ୍ତି।

**(୩) ଐକ୍ୟଭାବ (Feeling of Unity) :** ଏକତାଭାବ ସାମାଜିକ ସମୂହର ପ୍ରଧାନ ବୈଶିଷ୍ଟ୍ୟ ଅଟେ। ଏହା ସମସ୍ତ ସମାଜର ସଦସ୍ୟମାନଙ୍କ ପାଇଁ ଦରକାରୀ ଅଟେ। ଏହି ଐକ୍ୟଭାବ ଦ୍ୱାରା ସମୂହର ସଦସ୍ୟମାନଙ୍କ ମଧ୍ୟରେ ଆନୁଗତ୍ୟ ଭାବ ସୃଷ୍ଟି ହୋଇଥାଏ ଏବଂ ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଆପଣେଇ ନେଇ ପାରିଥାନ୍ତି। ସେମାନେ ମଧ୍ୟ ପରସ୍ପର ପ୍ରତି ସମ୍ବେଦନଶୀଳ ଅଟନ୍ତି। ସୁଖ ଦୁଃଖରେ ସମଭାଗୀ ମଧ୍ୟ ଅଧିକାଂଶ କ୍ଷେତ୍ରରେ ହୋଇଥାନ୍ତି। ପରସ୍ପରର ଉତ୍ତମ ବୁଝାମଣା ହେତୁ ସମୂହର ପ୍ରତ୍ୟେକ କାର୍ଯ୍ୟ ସହଜ ଏବଂ ସରଳ ଭାବରେ ସମ୍ପାଦନ କରିପାରିଥାନ୍ତି।

**(୪) ଆମେ ଭାବନା (We-feeling) :** 'ଆମେ ଭାବନା' ସାମାଜିକ ସମୂହର ପ୍ରଧାନ ବୈଶିଷ୍ଟ୍ୟ ଅଟେ। ସମୂହର ପ୍ରତ୍ୟେକ ସଦସ୍ୟମାନଙ୍କ ନିକଟରେ ସେହି ଆମେ-ଭାବନାଟି ରହିଥାଏ। ସେହି ଭାବନା ସମୂହର ସଦସ୍ୟମାନଙ୍କ ମଧ୍ୟରେ ଐକ୍ୟଭାବ ସୃଷ୍ଟି କରିଥାଏ ଏବଂ ପ୍ରତ୍ୟେକଙ୍କୁ ଏକତାସୂତ୍ରରେ ବାନ୍ଧି ରଖିଥାଏ। ସେମାନେ ସହଯୋଗ ଏକ ସମ୍ବନ୍ଧକାରୀ କର୍ତ୍ତବ୍ୟଗୁଡିକ ସମ୍ପାଦନ କରିଥାନ୍ତି। ପ୍ରତ୍ୟେକ ସମୂହର ସଦସ୍ୟଗଣ ନିଜ ସମୂହ ସମୃଦ୍ଧିଶାଳୀ ତଥା ବିଭବଶାଳୀ କରିବାପାଇଁ ଉଦ୍ୟମ କରିଥାନ୍ତି। ସାମୂହିକ ଭାବରେ ସଦସ୍ୟମାନଙ୍କର ଆବଶ୍ୟକତା ଗୁଡିକ ପରିପୂରଣ କରି ସମୂହକୁ ଆତ୍ମନିର୍ଭରଶୀଳ ଏବଂ ସ୍ୱାବଲମ୍ବୀ କରିଥାନ୍ତି।

**(୫) ସାଧାରଣ ସ୍ୱାର୍ଥ / ଉଦ୍ଦେଶ୍ୟ (Common Interest / Purpose) :** ସାମାଜିକ ସମୂହ ଦଳେ ବ୍ୟକ୍ତିଙ୍କୁ ନେଇ ଗଠିତ ହୋଇଥାଏ। ସାଧାରଣ ସ୍ୱାର୍ଥ ଅଥବା ଉଦ୍ଦେଶ୍ୟ ହାସଲ କରିବାପାଇଁ ସେମାନେ ପରସ୍ପର ମଧ୍ୟରେ ସମ୍ପର୍କ ସ୍ଥାପନ କରିଥାନ୍ତି ଏବଂ ଭାବ ଓ ବିଚାରର ଆଦାନ ପ୍ରଦାନ କରିଥାଆନ୍ତି। ସାମାଜିକ ସମୂହଗୁଡିକ ବ୍ୟକ୍ତି ତଥା ଦଳର ଆଶା ଓ ପ୍ରତ୍ୟାଶା ଗୁଡିକୁ ଧ୍ୟାନ ଦେଇଥାଏ। ଏକ ନିର୍ଦ୍ଦିଷ୍ଟ ପ୍ରକାରର ସାମୁହିକ ଜୀବନ ଏହି ଆବଶ୍ୟକତା ଗୁଡିକ ପୂରଣ କରିବାରେ ଉଦ୍ୟମ କରିଥାଏ। ସାମୁହିକ ଅର୍ଥାତ୍ ମିଳିମିଶି କାମ କରି ସାଧାରଣ ସ୍ୱାର୍ଥ, ଆଶା ଓ ପ୍ରତ୍ୟାଶା ଗୁଡିକ ହାସଲ କରିପାରିଥାଏ। ତେଣୁ ସାମୁହିକ ଜୀବନ ଶୈଳୀରେ ସଂପୃକ୍ତି ହିଁ ସାଧାରଣ ଉଦ୍ଦେଶ୍ୟକୁ ସାଧନ କରିପାରିଥାଏ। ଏହି ସମୂହର ସାଧାରଣ ସ୍ୱାର୍ଥକୁ ବିଚାରକୁ ନେଇ ସାମାଜିକ ସମୂହ ଶ୍ରେଣୀଭୁକ୍ତ ହୋଇଅଛି ଯଥା, ରାଜନୈତିକ ସମୂହ, ଧର୍ମୀ ସମୂହ, ଅର୍ଥନୈତିକ ସମୂହ ଇତ୍ୟାଦି। ଏହି ସମୂହ ଗୁଡିକ ଭିନ୍ନ ଭିନ୍ନ ଦିଗରୁ ସମୂହର ଆବଶ୍ୟକତା ଗୁଡ଼ିକ ହାସଲ କରିପାରିଥାନ୍ତି।

**(୬) ସମୂହ ପ୍ରତିମାନ (Group Norms) :** ପ୍ରତ୍ୟେକ ସମୂହର ନିଜର ନୀତିନିୟମ ରହିଅଛି। ସେହି ନୀତି, ନିୟମ ଗୁଡିକୁ ସମୂହର ସଦସ୍ୟମାନେ ମାନିନେବାପାଇଁ ବାଧ୍ୟ ହୋଇଥାନ୍ତି। ଏହି ପ୍ରତିମାନ, ଅଥବା ବ୍ୟବହାରର ମାନକଗୁଡିକ ଆମର ପ୍ରଥା, ଲୋକରୀତି, ପ୍ରତିନିୟମ, ପରମ୍ପରା, ଆଇନ ଇତ୍ୟାଦି ଅଟେ। ପ୍ରତ୍ୟେକ ସାମାଜିକ ସମୂହରେ ମଧ୍ୟ ଲିଖିତ ଅଥବା ମୌଖିକ ନିୟମ ଗୁଡିକ ରହିଥାଏ। ଏହି ନିୟମଗୁଡିକ ସମୂହର ସଦସ୍ୟମାନଙ୍କୁ ପରିଚାଳିତ ଓ ନିୟନ୍ତ୍ରିତ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ସହଯୋଗ କରିଥାଏ। ସମୂହର ଏହି ପ୍ରତିନିୟମ ଗୁଡିକ ପ୍ରତି ପ୍ରତ୍ୟେକ ସଚେତନ ଥାଆନ୍ତି। ସେମାନେ ଏହି ନିୟମାନୁଯାୟୀ ନିଜକୁ ପରିଚାଳିତ ନକଲେ ସମାଲୋଚନାର ସରବ୍ୟ ହୋଇଥାନ୍ତି।

**(୭) ସଂଗଠନ (Organisation) :** ସମୂହର ଏକ ନିର୍ଦ୍ଦିଷ୍ଟ ସଂଗଠନ ରହିଥାଏ । ସମୂହର ସଦସ୍ୟମାନେ ସୁସଂଗଠିତ ହୋଇ ସୁସଙ୍ଗତ ଭାବରେ କାର୍ଯ୍ୟମାନ କରିଥାନ୍ତି । ଏହି ସମୂହ କେତେକ ପ୍ରତିମାନ ଓ ନୀତିନିୟମକୁ ନେଇ ଲୋକମାନଙ୍କ ଦ୍ୱାରା ସୁସଂଗଠିତ ହୋଇଥାଏ । ଏହା ସାଧାରଣତଃ ସାମାଜିକ ଏକତାକୁ ଗୁରୁତ୍ୱପ୍ରଦାନ କରିଥାଏ । ସମୂହରେ ଯାହା ସର୍ବସମ୍ମତି ଭାବରେ ଗ୍ରହଣ କରାଯାଇଥାଏ ତାହା ପ୍ରତ୍ୟେକ ସଦସ୍ୟ ମାନି ନେଇଥାନ୍ତି । ତେଣୁ ଏହି ସାମାଜିକ ଐକ୍ୟଭାବ ସ୍ଥାପନ ନିମନ୍ତେ ସାଧାରଣ ଭାବ, ଉତ୍ତମ ବୁଝାମଣା ଏବଂ ମନୋବୃତ୍ତି ଗୁଣଗୁଡ଼ିକ ଧାରଣ କରିଥାନ୍ତି ଏବଂ ସାମୂହିକ ଭାବରେ ପରସ୍ପରକୁ ପ୍ରଭାବିତ କରି ସାଧାରଣ ଲକ୍ଷ୍ୟ ବା ଉଦ୍ଦେଶ୍ୟ ହାସଲ କରିଥାନ୍ତି ।

**(୮) ସମୂହର ଆକାର (Size of the Group) :** ପ୍ରତ୍ୟେକ ବ୍ୟକ୍ତି ଏକରୁ ଅଧିକ ସମୂହର ସଦସ୍ୟତା ଲାଭ କରିଥାନ୍ତି । ଏହି ସମୂହ ଆକାରରେ କ୍ଷୁଦ୍ର ଅଥବା ବୃହତ୍ ହୋଇପାରେ । କ୍ଷୁଦ୍ର ଆକାରଧାରୀ ସମୂହ ପରିବାର (ସ୍ୱାମୀ ଓ ସ୍ତ୍ରୀକୁ ନେଇ) ଗଠିତ ହୋଇପାରେ ଅଥବା ଲୋକମାନଙ୍କ ଦ୍ୱାରା ଗଠିତ ରାଜନୈତିକ ଦଳ ପରି ବୃହତ୍ ସମୂହ । କିନ୍ତୁ ପ୍ରତ୍ୟେକ ସମୂହ ସାଧାରଣ ସ୍ୱାର୍ଥ ଓ ଆଦର୍ଶକୁ ପରିଚାଳିତ ହୋଇଥାନ୍ତି ଓ ସମୂହର ସଦସ୍ୟମାନଙ୍କୁ ନିୟନ୍ତ୍ରିତ କରିଥାନ୍ତି ।

**(୯) ବ୍ୟବହାରରେ ସମାନତା / ସାଧାରଣ ବ୍ୟବହାର (Similar Behaviour / Common Behaviour):** ସମୂହର ପ୍ରତ୍ୟେକ ସଦସ୍ୟ ସମାନ ବ୍ୟବହାର ପ୍ରଦର୍ଶନ କରିଥାନ୍ତି । ସେମାନେ ପରସ୍ପର ସହଯୋଗ କରିଥାନ୍ତି ଏବଂ ସେହି ସହଯୋଗିତା ମାଧ୍ୟମରେ ସାଧାରଣ ଉଦ୍ଦେଶ୍ୟ ହାସଲ କରିଥାନ୍ତି । ଯେହେତୁ ସମୂହର ସ୍ୱାର୍ଥ, ପ୍ରତିମାନ, ମୂଲ୍ୟବୋଧ ଇତ୍ୟାଦି ସମାନ ତେଣୁ ସମୂହର ପ୍ରତ୍ୟେକ ସଦସ୍ୟମାନେ ସାଧାରଣ ବ୍ୟବହାର ପ୍ରଦର୍ଶନ କରିଥାନ୍ତି । ପରସ୍ପର ମିଳିମିଶି ସମୂହ ସ୍ୱାର୍ଥ / ଉଦ୍ଦେଶ୍ୟ ହାସଲ କରି ଆତ୍ମସନ୍ତୋଷ ଲାଭ କରିଥାନ୍ତି, ଏଥିସହିତ ସୁରକ୍ଷିତ ହୋଇଥାନ୍ତି ।

**(୧୦) ସ୍ଥିରତା (Stability) :** ସମୂହ ଗୁଡ଼ିକ ସ୍ଥାୟୀ ଅଥବା ଅସ୍ଥାୟୀ ହୋଇଥାଏ । କେତେକ ସମୂହ ଯଥା ଜନସମାଗମ, ଅଥବା ବିଶୃଙ୍ଖଳ ଜନତା ଇତ୍ୟାଦି ଅସ୍ଥାୟୀ ଏବଂ ଅସ୍ଥିର ଅଟନ୍ତି କିନ୍ତୁ ସମୂହ ଯଥା; ପରିବାର ଅପେକ୍ଷାକୃତ ସ୍ଥାୟୀ ଏବଂ ସ୍ଥିର ଅଟେ । ପରିବାର ଏକ ସ୍ଥାୟୀ ସମୂହ ହୋଇଥିବାରୁ ଏହାର ସଦସ୍ୟମାନେ ପରସ୍ପର ପ୍ରତି ସଚେତନ ଥାଆନ୍ତି ଏବଂ ସୁସମ୍ପର୍କ ସ୍ଥାପନ କରିଥାନ୍ତି । ଏହାଦ୍ୱାରା ଏହି ସ୍ଥାୟୀ ସମୂହରେ ସ୍ଥିରତା ରକ୍ଷା କରାଯାଇ ପାରିଥାଏ ।

**(୧୧) ଗତିଶୀଳ ସମୂହ (Groups are Dynamic) :** ସାଧାରଣତଃ ସାମାଜିକ ସମୂହ ଗୁଡ଼ିକ ଗତିଶୀଳ ଅଟନ୍ତି, ତେଣୁ ସ୍ଥିର ନୁହଁନ୍ତି । ଗତିଶୀଳତାରୁ ପରିବର୍ତ୍ତନ ଆସିଥାଏ ଏବଂ ସେହି ପରିବର୍ତ୍ତନର ଗତି ଧୀର ଅଥବା ମନ୍ଥର ହୋଇଥାଏ । କେତେକ କ୍ଷେତ୍ରରେ ଏହା ମଧ୍ୟ କ୍ଷିପ୍ର ଅଥବା ଚଞ୍ଚଳ ହୋଇଥାଏ । ପରିବାରରେ ସଦସ୍ୟଙ୍କ ମୃତ୍ୟୁ ଏବଂ ନୂତନ ସଦସ୍ୟଙ୍କ ଜନ୍ମ ସମୂହର ଗତିଶୀଳତା ଭାବକୁ ସୂଚାଇ ଦେଇଥାଏ । ସମୂହ ଗୁଡ଼ିକରେ ବାହ୍ୟ ଏବଂ ଅନ୍ତଃ ଚାପ ଦ୍ୱାରା ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ ।

ପ୍ରତ୍ୟେକ ମନୁଷ୍ୟ ସମୂହରେ ବାସ କରିଥାଏ ଏବଂ ନିଜ ନିଜର କାର୍ଯ୍ୟ ସୂଚାରୁରୂପେ ପାଳନ କରି ଲକ୍ଷ୍ୟ ବା ଉଦ୍ଦେଶ୍ୟ ହାସଲ କରିଥାଏ । ମନୁଷ୍ୟର ଦୈନନ୍ଦିନ ଜୀବନକୁ ପରିଚାଳିତ ଏବଂ ନିୟନ୍ତ୍ରିତ କରିବାରେ ସାମାଜିକ ସମୂହ ବିଶେଷ ସହାୟକ ହୋଇଥାଏ । ସାମାଜିକ ସମୂହ ସଦସ୍ୟର ସାମାଜିକ ପରିଚୟ ପ୍ରଦାନ କରିଥାଏ । ଏହା ମଧ୍ୟ ସଂସ୍କୃତିର ରକ୍ଷକ ଏବଂ ସଞ୍ଚାରକ ହୋଇ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ଶୃଙ୍ଖଳିତ ଓ ପରିମାର୍ଜିତ କରିଥାଏ ।

# ପ୍ରାଥମିକ ସମୂହ
## Primary Group

ଆମେରିକାର ସମାଜଶାସ୍ତ୍ରବିତ୍ ଚାର୍ଲସ୍ ହର୍ଟନ କୁଲେ (Charles Horton Cooley) ୧୯୦୯ ମସିହାରେ ତାଙ୍କର ରଚିତ ପୁସ୍ତକ 'Social Organisation'ରେ 'ପ୍ରାଥମିକ ସମୂହ' (Primary Group) ଶବ୍ଦଟି ପ୍ରୟୋଗ କରିଥିଲେ। ଏହି ସମୂହ ସର୍ବାପେକ୍ଷା ସରଳ ଏବଂ ସାର୍ବଜନୀନ ଅଟେ। ଏହା ସାମାଜିକ ସଂଗଠନର ଭ୍ରୂଣକୋଷ (Nucleus) କହିଲେ ଅତ୍ୟୁକ୍ତି ହେବନାହିଁ। ଆକାରରେ ଏହି ପ୍ରାଥମିକ ସମୂହ କ୍ଷୁଦ୍ର ଅଟେ ଏବଂ ଏହାର ସଦସ୍ୟମାନଙ୍କ ମଧ୍ୟରେ ମୁହାଁମୁହିଁ ତଥା ଆତ୍ମୀୟ ସଂପର୍କ ରହିଥାଏ। ପ୍ରାଥମିକ ସମୂହରେ ଅନୌପଚାରିକ ସମ୍ପର୍କ ଅଧିକମାତ୍ରାରେ ପରିଲକ୍ଷିତ ହୋଇଥାଏ। ଆମ ପରିବାର ପ୍ରାଥମିକ ସମୂହର ଅନନ୍ୟ ଉଦାହରଣ ଅଟେ ଯାହା ବାଲ୍ୟାବସ୍ଥାରେ ଶିଶୁକୁ ବିଶେଷ ପ୍ରଭାବିତ କରିଥାଏ।

### ପ୍ରାଥମିକ ସମୂହର ସଂଜ୍ଞା
### (Definition of Primary Group)

**ଚାର୍ଲସ ହର୍ଟନ କୁଲେ (C. H. Cooley):** ପ୍ରାଥମିକ ସମୂହର ସଂଜ୍ଞା ପ୍ରଦାନ କରିଅଛନ୍ତି ଯେ, "ପ୍ରାଥମିକ ସମୂହ କହିଲେ ମୁଁ ବୁଝେ, ଯେଉଁଗୁଡ଼ିକ ଘନିଷ୍ଠ, ମୁହାଁମୁହିଁ ସମ୍ବନ୍ଧ ଓ ସହଯୋଗିତା ଦ୍ୱାରା ବିଶେଷ ଭାବରେ ଚିହ୍ନିତ ହୋଇଥାଏ। ଅଧିକାଂଶ ଭାବରେ ସେଗୁଡ଼ିକ ପ୍ରାଥମିକ କିନ୍ତୁ ବ୍ୟକ୍ତିର ସାମାଜିକ ପ୍ରକୃତି ଓ ଆଦର୍ଶଗୁଡ଼ିକର ନିର୍ମାଣର ମୂଳଭିତ୍ତି। ସରଳ ଭାବରେ କହିବାକୁ ଗଲେ ଏହାକୁ 'ଆମେ' କୁହାଯାଏ। ପାରସ୍ପରିକ ଏକାତ୍ମୀକରଣ ସହାନୁଭୂତିର ପରିପ୍ରକାଶ ହେଉଛି 'ଆମେ'।

(By Primary Group I mean those characterised by intimate face to face association and co-operation. They are primary in several sense, but chiefly in that they are fundamental in forming the social nature, and ideals of the individual. Perhaps the simplest way of describing the wholeness is by saying that it is a 'We' it involves the short of sympathy and mutual identification for which 'we' is the natural expression)

କୁଲେଙ୍କ ମତରେ 'ବ୍ୟକ୍ତିର ସାମାଜିକ ପ୍ରକୃତି ଏବଂ ଆଦର୍ଶ ଗଠନରେ ପ୍ରାଥମିକ ସମୂହର ଭୂମିକା ମୌଳିକ ଅଟେ।' ପ୍ରାଥମିକ ସମୂହ ଆକାରରେ କ୍ଷୁଦ୍ର ହୋଇଥିବାରୁ ପରସ୍ପର ମଧ୍ୟରେ ଘନିଷ୍ଠତା ବୃଦ୍ଧି ପାଇଥାଏ ଏବଂ ସେମାନେ ପରସ୍ପରର ସୁଖ ଦୁଃଖରେ ଭାଗୀଦାର ହୋଇପାରିଥାନ୍ତି। ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶରେ ଏହି ସମୂହ ବିଶେଷ ଭାବରେ ସହାୟକ ହୋଇଥାଏ।

### ପ୍ରାଥମିକ ସମୂହର ଗୁଣାବଳୀ
### (Characteristics of Primary Group)

ସମାଜବିଜ୍ଞାନୀ ପ୍ରଫେସର କେ. ଡାଭିସ (Prof. K. Davis) ନିଜ ରଚିତ ପୁସ୍ତକ 'ହ୍ୟୁମାନ ସୋସାଇଟି' (Human Society) ରେ ପ୍ରାଥମିକ ସମୂହର ବାହ୍ୟ (External) ଗୁଣ ତିନିଗୋଟି ଉଲ୍ଲେଖ କରିଅଛନ୍ତି। ସେଗୁଡ଼ିକ ସେ ଶାରିରୀକ ଅବସ୍ଥା ବା ଗୁଣ ରୂପେ ଅବିହିତ କରିଅଛନ୍ତି। ସେଗୁଡ଼ିକ ହେଲା :

୧. ଶାରୀରିକ ସାନ୍ନିଧ (Physical Proximity)

୨. କ୍ଷୁଦ୍ର ଆକାର (Small Size)

ଏବଂ ୩. ସଂପର୍କର ସ୍ଥାୟୀତ୍ୱ (Durability of Relationship)

**୧. ଶାରୀରିକ ସାନ୍ନିଧ (Physical Proximity) :** ଶାରିରୀକ ସାନ୍ନିଧ ବା ନିକଟତା ଏକ ପ୍ରାଥମିକ ସମୂହର ଗଠନ ପାଇଁ ନିତ୍ୟାନ୍ତ ଆବଶ୍ୟକ । ପ୍ରାଥମିକ ସମୂହର ସଦସ୍ୟଗଣ ନିକଟତର ହୋଇ ରହିଥାନ୍ତି ଫଳରେ ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ହୋଇପାରିଥାଏ ଏବଂ ଘନିଷ୍ଠତା ବୃଦ୍ଧି ପାଇଥାଏ । ପରସ୍ପର ମଧ୍ୟରେ ମୁହାଁମୁହିଁ ସମ୍ପର୍କରୁ ଆମ ଭାବନା ଜାଗ୍ରତ ହୋଇଥାଏ । ସେହି ନିକଟତର ମୁହାଁମୁହିଁ ସମ୍ପର୍କରୁ ପରିବାର ଗଠନ ହୋଇଥାଏ ଏବଂ ସାମୂହିକ ଉଦ୍ଦେଶ୍ୟ ପୂରଣରେ ସହାୟକ ହୋଇପାରିଥାଏ ।

**୨. କ୍ଷୁଦ୍ର ଆକାର (Small Size) :** ପ୍ରାଥମିକ ସମୂହ ଆକାରରେ କ୍ଷୁଦ୍ର ଅଟେ । ଅନ୍ୟ ସମୂହ ତୁଳନାରେ ପ୍ରାଥମିକ ସମୂହରେ ଅଳ୍ପ ସଂଖ୍ୟକ ସଦସ୍ୟ ରହିଥାନ୍ତି ଏବଂ ପରସ୍ପରର ନିକଟବର୍ତ୍ତୀ ହୋଇ ଆମ ଭାବନାକୁ ସୁଦୃଢ଼ କରିଥାନ୍ତି । କ୍ଷୁଦ୍ର ଆକାର ସଦସ୍ୟମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଓ ବନ୍ଧୁତ୍ୱଭାବ ସୃଷ୍ଟି କରିଥାଏ ।

**୩. ସମ୍ପର୍କର ସ୍ଥାୟିତ୍ୱ (Durability of Relationship) :** ପ୍ରାଥମିକ ସମୂହର ସଦସ୍ୟଗଣଙ୍କ ମଧ୍ୟରେ ସର୍ବଦା ପରସ୍ପର ସାକ୍ଷାତ ହେଉଥିବାରୁ ସେମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ସଠିକ ଭାବରେ ହୋଇପାରିଥାଏ ଏବଂ ପରସ୍ପର ମଧ୍ୟରେ ଘନିଷ୍ଠତା ବୃଦ୍ଧିପାଇଥାଏ । ସେମାନେ ପରସ୍ପରର ସୁଖ ଦୁଃଖରେ ସମଭାଗୀ ହୋଇପାରିଥାନ୍ତି । ଆତ୍ମୀୟତା ଭାବ ମଧ୍ୟ ସୁଦୃଢ଼ ହୋଇପାରିଥାଏ ।

## ପ୍ରାଥମିକ ସମୂହର ଅନ୍ତଃ ଗୁଣାବଳୀ
## (Internal Characteristics of Primary Group)

ପ୍ରାଥମିକ ସମୂହର ଅନ୍ତଃଗୁଣ ଗୁଡିକ ନିମ୍ନରେ ପ୍ରଦାନ କରାଯାଇଅଛି ।

୧. ଲକ୍ଷ୍ୟର ଅଭିନ୍ନତା (Identity of Ends)
୨. ସମ୍ପର୍କ ନିଜେ ଏକ ଲକ୍ଷ୍ୟ ଅଟେ । (The Relationship is an end in itself)
୩. ବୈୟକ୍ତିକ ସମ୍ପର୍କ (Personal Relationship)
୪. ସମ୍ପର୍କ ବାସ୍ତବ ଅଟେ (Relationship & Inclusive)
୫. ସମ୍ପର୍କ ସ୍ୱତଃସ୍ଫୁର୍ତ୍ତ ଅଟେ । (Relationship is Spontaneous)
୬. ସଦସ୍ୟମାନଙ୍କ ଉପରେ ଅତ୍ୟଧିକ ନିୟନ୍ତ୍ରଣ (Maximum Control over the Members)

**୧. ଲକ୍ଷ୍ୟର ଅଭିନ୍ନତା (Identity of Ends) :** ପ୍ରାଥମିକ ସମୂହର ସଦସ୍ୟମାନଙ୍କର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟରେ ସମାନତା ପରିଲକ୍ଷିତ ହୋଇଥାଏ । ସାମୂହିକ ଲକ୍ଷ୍ୟ ସାଧନ ନିମନ୍ତେ ପ୍ରତ୍ୟେକ ସଦସ୍ୟ ଏକତ୍ର ସହଯୋଗ ମାଧ୍ୟମରେ କାର୍ଯ୍ୟ କରିଥାନ୍ତି । ସେମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହୁଥିବାରୁ ଲକ୍ଷ୍ୟ ହାସଲରେ କୌଣସି ବାଧା ଉପୁଜିନଥାଏ । ଉଦାହରଣସ୍ୱରୂପ ପରିବାରର ସଦସ୍ୟମାନଙ୍କ ମଧ୍ୟରେ ଐକ୍ୟ ଭାବ ଥିବାରୁ ପରିବାରର ସମ୍ମାନାର୍ଥେ ଏବଂ କଲ୍ୟାଣ ନିମନ୍ତେ ସଦସ୍ୟମାନେ ଏକତ୍ର କାର୍ଯ୍ୟ କରିଥାନ୍ତି । ସମାଜବିଜ୍ଞାନୀ କେ.ଡେଭିସ୍‌ଙ୍କ ଭାଷାରେ 'ଶିଶୁର ଉଦ୍ଦେଶ୍ୟ ହିଁ

ମାଆର ଦୃଷ୍ଟିକୋଣ ଅଟେ'। ତେଣୁ ପ୍ରାଥମିକ ସମୂହରେ ଲକ୍ଷ୍ୟର ଅଭିନ୍ନତା ସମୂହର ସ୍ଥାୟୀତ୍ୱକୁ ବଜାୟ ରଖିବାରେ ସହାୟକ ହୋଇଥାଏ।

**୨. ସମ୍ପର୍କ ନିଜେ ଏକ ଲକ୍ଷ୍ୟ ଅଟେ (Relationship is an end in itself) :** ପ୍ରାଥମିକ ସମୂହର ସଦସ୍ୟଗଣ ସାମୂହିକ ସ୍ୱାର୍ଥସାଧନ ଉପରେ ଗୁରୁତ୍ୱ ପ୍ରଦାନ କରିଥାନ୍ତି। ଏକ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ପରସ୍ପର ମଧ୍ୟରେ ସୁସମ୍ପର୍କ ସ୍ଥାପନ ସ୍ୱତଃ କରିଥାନ୍ତି। ତେଣୁ ଏହି ସମ୍ପର୍କ ନିଜେ ଏକ ଲକ୍ଷ୍ୟ ଅଟେ। ମାତ୍ର ଏହା ଲକ୍ଷ୍ୟ ସାଧନର ମାଧ୍ୟମ ନୁହେଁ।

**୩. ବୈୟକ୍ତିକ ସମ୍ପର୍କ (Personal Relationship) :** ପ୍ରାଥମିକ ସମୂହର ସଦସ୍ୟମାନେ ପରସ୍ପରକୁ ଉତ୍ତମ ରୂପେ ବୁଝିପାରିଥାନ୍ତି, ଯେହେତୁ ସେମାନଙ୍କ ମଧ୍ୟରେ ମୁହାଁମୁହିଁ, ପ୍ରତ୍ୟକ୍ଷ ଓ ବ୍ୟକ୍ତିଗତ ସମ୍ପର୍କ ଗଢ଼ି ଉଠିଥାଏ। ସମାଜବିଜ୍ଞାନୀ ମାକାଇଭର କହିଅଛନ୍ତି ଯେ, "ପ୍ରାଥମିକ ସମୂହ ଜୀବନରେ ଅନ୍ୟମାନଙ୍କ ସହିତ ଆମମାନଙ୍କର ସମ୍ପର୍କ ସର୍ବଦା କେତେକାଂଶରେ ବୈୟକ୍ତିକ ଅଟେ। ଏଠାରେ ଆମେ ସହାନୁଭୂତି କିମ୍ୱା ବିଦ୍ୱେଶ, ପ୍ରେମ କିମ୍ୱା ଘୃଣା ଭାବକୁ ଅନୁଭବ କରିଥାଉ।" ପରିବାରର ପ୍ରତ୍ୟେକ ସଦସ୍ୟ ଯଥା, ସ୍ୱାମୀ-ସ୍ତ୍ରୀ, ପିତା-ପୁତ୍ରଙ୍କର ସମ୍ପର୍କ ବୈୟକ୍ତିକ ସମ୍ପର୍କ ରୂପେ ପରିଚିତ ଅଟେ।

**୪. ସମ୍ପର୍କ ବାସ୍ତବ ଅଟେ (Relationship is Inclusive) :** ପ୍ରାଥମିକ ସମୂହରେ ବ୍ୟକ୍ତିଗତ ସମ୍ପର୍କ ପରିଲକ୍ଷିତ ହୋଇଥାଏ ସେହି ସମ୍ପର୍କର ବାସ୍ତବତାକୁ ନେଇ ସଦସ୍ୟଗଣ ସମୂହରେ ସକ୍ରିୟ ଅଂଶ ଗ୍ରହଣ କରିଥାନ୍ତି। ପ୍ରତ୍ୟେକ ସଦସ୍ୟ ପରସ୍ପରର ଆବେଗକୁ ବୁଝିପାରିଥାନ୍ତି ଏବଂ ଆତ୍ମୀୟତା ଭାବକୁ ସୁଦୃଢ଼ କରିଥାନ୍ତି। ପରସ୍ପରର ବ୍ୟକ୍ତିଗତ ଜୀବନରେ ନିଜକୁ ସାମିଲ କରି ଆବଶ୍ୟକତା ପୂରଣ କରିବାରେ ସହାୟତା କରିଥାନ୍ତି।

**୫. ସମ୍ପର୍କ ସ୍ୱତଃସ୍ଫୂର୍ତ ଅଟେ (Relationship is Spontaneous) :** ପ୍ରାଥମିକ ସମୂହର ସମ୍ପର୍କ ସ୍ୱତଃ ଜାଗ୍ରତ ହୋଇଥାଏ। ଏଥିରେ ବାଧ୍ୟବାଧ୍ୟକତାର ପ୍ରଶ୍ନ ନଥାଏ। ପରିବାରରେ ପରିଲକ୍ଷିତ ମାଆ ଓ ଶିଶୁ ମଧ୍ୟରେ ଥିବା ସମ୍ପର୍କ ସ୍ୱତଃସ୍ଫୂତ ଅଟେ। ଏହି ସମ୍ପର୍କକୁ ମପାଯାଇପାରେ ନାହିଁ। ପ୍ରତ୍ୟେକ ପ୍ରତ୍ୟେକଙ୍କର ସ୍ୱାର୍ଥ ସାଧନରେ ଅଂଶୀଦାର ହୋଇଯାଆନ୍ତି।

**୬. ସଦସ୍ୟମାନଙ୍କ ଉପରେ ସର୍ବାଧିକ ନିୟନ୍ତ୍ରଣ (Maximum Control Over the members)** : ଅତ୍ୟଧିକ ଘନିଷ୍ଠତା, ସ୍ୱତଃସ୍ଫୂର୍ତ୍ତ ସମ୍ପର୍କ, ଶାରୀରିକ ସାନ୍ନିଧ୍ୟ ଏବଂ କ୍ଷୁଦ୍ର ଆକାର ପ୍ରାଥମିକ ସମୂହର ସଦସ୍ୟମାନଙ୍କର ପରସ୍ପରର ନିକଟତର ହେବାପାଇଁ ସୁଯୋଗ ସୃଷ୍ଟି କରିଥାନ୍ତି। କୌଣସି ବିଷୟ ପରସ୍ପର ମଧ୍ୟରେ ଲୁଚାଇ ରଖିବା କଷ୍ଟକର ହୋଇପଡେ। ତେଣୁ ସମୂହର ସଦସ୍ୟମାନଙ୍କ ଉପରେ ଅତ୍ୟଧିକ ନିୟନ୍ତ୍ରଣ ପ୍ରୟୋଗ କରିପାରିଥାଏ।

## ପ୍ରାଥମିକ ସମୂହର ଗୁରୁତ୍ୱ

## (Importance of Primary Group)

ପରିବାରରୁ ପ୍ରାଥମିକ ସମୂହର ସୃଷ୍ଟି। ତେଣୁ ଏହି ସମୂହ ବ୍ୟକ୍ତି ତଥା ସମାଜ ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ସମୂହର ପ୍ରକାର୍ଯ୍ୟ ଗୁଡିକ ମାଧ୍ୟମରେ ଗୁରୁତ୍ୱ ନିମ୍ନରେ ଆଲୋଚନା କରାଯାଇଅଛି।

୧. ବ୍ୟକ୍ତିତ୍ୱର ବିକାଶ (Development of Personality)

୨. ମନସ୍ତାତ୍ତ୍ୱିକ ଆବଶ୍ୟକତା ଗୁଡିକର ପରିପୂରଣ (Satisfaction of Psychological Needs)

୩. ପ୍ରେରଣା ବା ଉତ୍ସାହର ବ୍ୟବସ୍ଥା (Provision of Stimulus)
୪. ଗଣତାନ୍ତ୍ରିକ ଶକ୍ତିକୁ ବଳିଷ୍ଠ କରିଥାଏ (Strengthens the Democratic Spirit)
୫. ସାମାଜିକ ନିୟନ୍ତ୍ରଣର ମାଧ୍ୟମ (Agency of Social Control)
୬. ସଂସ୍କୃତିର ବାହକ (Transmitter of Culture)
୭. ଦକ୍ଷତା ବୃଦ୍ଧି (Increase Efficiency)

**୧. ବ୍ୟକ୍ତିତ୍ୱର ବିକାଶ (Development of Personality) :** ପ୍ରାଥମିକ ସମୂହ ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ପରିବାର ପ୍ରାଥମିକ ସମୂହର ଉଦାହରଣ ଅଟେ । ସେହି ପରିବାରରୁ ଶିଶୁର ଜନ୍ମ ଓ ବିକାଶ । ଶିଶୁର ବିକାଶ ଧାରାରେ ପରିବାରର ସଦସ୍ୟମାନେ ପ୍ରାଥମିକ ଭୂମିକା ଗ୍ରହଣ କରିଥାନ୍ତି । ଶିଶୁକୁ ସମାଜୀକୃତ କରିବାରେ ପରିବାର ବ୍ୟତିତ ପଡ଼ୋଶୀ ଓ ସାଙ୍ଗସାଥୀ ବିଶେଷତଃ ସାହାଯ୍ୟ କରିଥାନ୍ତି । ଶିଶୁ ପର୍ଯ୍ୟାୟକ୍ରମେ ପରିବାର ମାଧ୍ୟମରେ ଲୋକ ରୀତି, ନୀତି, ପ୍ରତିମାନ, ମୂଲ୍ୟବୋଧ ଇତ୍ୟାଦି ଶିକ୍ଷା ଲାଭ କରିଥାଏ ଏବଂ ସମୂହର ସହଯୋଗ ଓ ବ୍ୟକ୍ତିଗତ ପ୍ରତ୍ୟକ୍ଷ ସମ୍ପର୍କ ମାଧ୍ୟମରେ ଅହଂର ବିକାଶ ସମ୍ଭବତାର ହୋଇଥାଏ । ପରିବାର ରୂପକ ପ୍ରାଥମିକ ସମୂହରୁ ବାଲ୍ୟାବସ୍ଥାରୁ କେତେକ ବିଶେଷ ଗୁଣ ଯଥା, ସ୍ନେହ, ଶ୍ରଦ୍ଧା, ସହାନୁଭୂତି, ସହଯୋଗ, ଦୟା, କ୍ଷମା, ସହନଶୀତଳା ଇତ୍ୟାଦି ଶିକ୍ଷାଲାଭ କରିଥାଏ ଯାହା ପରବର୍ତ୍ତୀ ସମୟରେ ବ୍ୟକ୍ତିତ୍ୱ ବିକାଶର ଧାରାକୁ ତ୍ୱରାନ୍ୱିତ କରି ସଂସ୍କାର ସମ୍ପନ୍ନ କରିଥାଏ ।

**୨. ମନସ୍ତାତ୍ତ୍ୱିକ ଆବଶ୍ୟକତା ଗୁଡିକର ପରିପୂରଣ (Satisfaction of Psychological needs) :** ପ୍ରାଥମିକ ସମୂହର ସଦସ୍ୟଗଣ ପରସ୍ପରର ସାମାଜିକ ଆବଶ୍ୟକତା ପୂରଣ ସହିତ ମନସ୍ତାତ୍ତ୍ୱିକ ଆବଶ୍ୟକତାର ପରିପୂରଣ ପାଇଁ ଧ୍ୟାନ ଦେଇଥାନ୍ତି । ମଣିଷ ଏକ ସାମାଜିକ ପ୍ରାଣୀ । କେତେକ ମନସ୍ତାତ୍ତ୍ୱିକ ଆବଶ୍ୟକତା ଯଥା– ସ୍ନେହ, ଶ୍ରଦ୍ଧା, ଆବେଗ, ସହାନୁଭୂତି, ଆତ୍ମିୟତା ଇତ୍ୟାଦି ପ୍ରତ୍ୟେକ ଆଶା କରିଥାନ୍ତି, ଯାହା ପ୍ରାଥମିକ ସମୂହର ସଦସ୍ୟଗଣ ପୂରଣ ନିମନ୍ତେ ସଚେତନ ଥାଆନ୍ତି ଓ ଅଭିଳାଷା ପୂରଣ ଦିଗରେ ଉଦ୍ୟମ କରିଥାନ୍ତି । ଫଳରେ ସେମାନେ ସାମାଜିକ ଆବଶ୍ୟକତା ପୂରଣ ସହିତ ମାନସିକ ଶାନ୍ତି ଓଇ ସ୍ଥିରତା ପାଇଥାନ୍ତି ।

**୩. ପ୍ରେରଣା ବା ଉତ୍ସାହର ବ୍ୟବସ୍ଥା (Provision of Stimulus) :** ପ୍ରାଥମିକ ସମୂହର ସଦସ୍ୟଗଣ ପାରସ୍ପରିକ କ୍ରିୟାକଳାପ ଯଥା, ସହଯୋଗିତା, ପ୍ରତିଯୋଗିତା ଇତ୍ୟାଦି ମାଧ୍ୟମରେ ବ୍ୟକ୍ତି ତଥା ବ୍ୟକ୍ତିସମୂହଙ୍କୁ ପ୍ରେରଣା ବା ଉତ୍ସାହ ପ୍ରଦାନ କରିଥାନ୍ତି । ଫଳରେ ସଦସ୍ୟମାନେ ଅଧିକ ନିଷ୍ଠା, ଆଗ୍ରହ ଓ ସାହାସର ସହିତ ଲକ୍ଷ୍ୟହାସଲ କରିବା ନିମନ୍ତେ ଉଦ୍ୟମ କରିଥାଆନ୍ତି ଏବଂ ନିଜର କାର୍ଯ୍ୟଦକ୍ଷତା ବୃଦ୍ଧି କରିଥାନ୍ତି । ପ୍ରୋତ୍ସାହନ ବ୍ୟକ୍ତିର ବିକାଶଧାରାକୁ ଲକ୍ଷ୍ୟାଭିମୁଖୀ କରାଇଥାଏ । ପରିବାରର ସଦସ୍ୟଗଣଙ୍କର ପ୍ରେରଣା ଓ ଆନ୍ତରୀକତା ଭାବ ସନ୍ତାନକୁ କାର୍ଯ୍ୟକ୍ଷମ କରାଇବାରେ ସହାୟକ ହୋଇଥାଏ ।

**୪. ଗଣତାନ୍ତ୍ରିକ ଶକ୍ତିକୁ ବଳିଷ୍ଠ କରିଥାଏ (Strengthens the Democratic Spirit) :** ପ୍ରାଥମିକ ସମୂହ ଗଣତାନ୍ତ୍ରିକ ଚିନ୍ତାଧାରା ଉପରେ ପ୍ରାଧାନ୍ୟ ଦେଇଥାଏ ଯାହା ସଦସ୍ୟମାନଙ୍କର ଚିନ୍ତାଧାରା ଓ ବ୍ୟବହାରକୁ ସମାଜ ଆଭିମୁଖ୍ୟ କରାଇଥାଏ । ବ୍ୟକ୍ତି ନିଜ ସ୍ୱାର୍ଥ ସାଧନ ନିମନ୍ତେ କାର୍ଯ୍ୟକରିବା ସହିତ ସମାଜର ହିତ ତଥା ବିକାଶ ଓ ସମୃଦ୍ଧି ନିମନ୍ତେ ଉଦ୍ୟମ କରିଥାଏ । ଏହି ଗଣତାନ୍ତ୍ରିକ ଚିନ୍ତାଧାରା ସାମାଜିକ ସଂହତି ରକ୍ଷା କରି ବ୍ୟକ୍ତି ଓ

ସମାଜ ମଧ୍ୟରେ ସମ୍ପର୍କର ସେତୁ ବାନ୍ଧିଥାଏ । ପ୍ରାଥମିକ ସମୂହର ଦୟା. ସହାନୁଭୂତି, ସହନଶୀଳତା, ସହଯୋଗିତା, ପାରସ୍ପରିକ ସାହାଯ୍ୟ ଏବଂ ସ୍ୱାର୍ଥତ୍ୟାଗ ଇତ୍ୟାଦି ମନୋଭାବ ସାମାଜିକ ସଂରଚନାକୁ ଦୃଢ଼ କରିଥାଏ ।

**୫. ସାମାଜିକ ନିୟନ୍ତ୍ରଣର ମାଧ୍ୟମ (Agency of Social Control) :** ପ୍ରାଥମିକ ସମୂହ ସାମାଜିକ ନିୟନ୍ତ୍ରଣର ମାଧ୍ୟମ ଅଟେ । ପରିବାର ସଦସ୍ୟମାନଙ୍କ ବ୍ୟବହାର ଓ କାର୍ଯ୍ୟକାରୀ ଶୈଳୀକୁ ନିୟନ୍ତ୍ରିତ କରିଥାଏ ଏବଂ ଉଚିତ୍ ମାର୍ଗରେ ପରିଚାଳିତ କରାଇ ଆବଶ୍ୟକତା ପୂରଣ କରିବାରେ ସହାୟତା କରିପାରିଥାଏ । ଏତଦ୍ ବ୍ୟତିତ ବ୍ୟକ୍ତିକୁ ନିରାପତା ଯୋଗାଇ ଦେଇଥାଏ । ସମାଜର ଲୋକରୀତି, ପ୍ରତିମାନ, ପ୍ରଥା, ପରମ୍ପରା ସହିତ ବ୍ୟକ୍ତିର ସୁସମ୍ପର୍କ ସ୍ଥାପନରେ ସହାୟକ ହୋଇ ବ୍ୟକ୍ତିର ମାର୍ଗ ଦର୍ଶକ ହୋଇଥାଏ ଏବଂ ବ୍ୟକ୍ତିକୁ ସଂସ୍କାର ସମ୍ପନ୍ନ କରିବାରେ ବିଶେଷ ଭୂମିକା ଗ୍ରହଣ କରିଥାଏ ।

**୬. ସଂସ୍କୃତିର ବାହକ (Transmitter of Culture) :** ସଂସ୍କୃତି ଏକ ଭାବଧାରା, ଯାହା ଜୀବନକୁ ଶୃଙ୍ଖଳିତ କରିଥାଏ । ବ୍ୟକ୍ତି ନିଜର ଦୈନନ୍ଦିନ ଜୀବନରେ ସାମାଜିକ ବିଚାରଧାରା ଦ୍ୱାରା ପରିଚାଳିତ ଓ ନିୟନ୍ତ୍ରିତ ହୋଇଥାଏ । ପ୍ରାଥମିକ ସମୂହରୁ ବାଲ୍ୟାବସ୍ଥାରୁ ପ୍ରତ୍ୟେକ ସଂସ୍କୃତିର ବିଶେଷ ଗୁଣ ଗୁଡିକ ଅନୁସରଣ ଓ ଅନୁକରଣ କରି ବ୍ୟକ୍ତିତ୍ୱକୁ ପରିମାର୍ଜିତ କରିଥାନ୍ତି ।

**୭. ଦକ୍ଷତା ବୃଦ୍ଧି (Increase Efficiency) :** ବ୍ୟକ୍ତିର ଦକ୍ଷତା ବୃଦ୍ଧିରେ ପ୍ରାଥମିକ ସମୂହର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ପରିବାରର ଯତ୍ନ, ସାମାଜିକରଣ ପ୍ରକ୍ରିୟା ବ୍ୟକ୍ତିର କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିଥାଏ । ପରିବାରର ଶିକ୍ଷା ଓ ସଂସ୍କୃତି ବ୍ୟକ୍ତିକୁ କାର୍ଯ୍ୟକ୍ଷମ କରାଇଥାଏ । ଶାରିରୀକ ଅଭିବୃଦ୍ଧି ଏବଂ ମାନସିକ ଉନ୍ନତିରେ ପ୍ରାଥମିକ ସମୂହର ପ୍ରମୁଖ ଭୂମିକା ରହିଥିବାରୁ ବ୍ୟକ୍ତି ପରିବାର ବିନା ବଂଚବା କଷ୍ଟକର ହୋଇପଡେ । ଦକ୍ଷତାର ଅଭିବୃଦ୍ଧି ହେବା ସହିତ ବ୍ୟକ୍ତିର ଆତ୍ମବିଶ୍ୱାସ ବୃଦ୍ଧି ପାଇଥାଏ । ଏହି କାର୍ଯ୍ୟ କରିବାର ଶୈଳୀ ବ୍ୟକ୍ତିକୁ ନିଜର ଆବଶ୍ୟକତା ପୂରଣ କରିବାରେ ସମ୍ପୂର୍ଣ୍ଣ ରୂପେ ସହାୟକ ହୋଇଥାଏ ।

## ଗୌଣ ସମୂହ
### Secondary Group

ଆଧୁନିକ ଔଦ୍ୟୋଗିକ ସମାଜରେ ଗୌଣ ସମୂହ ଗୁରୁତ୍ୱପୂର୍ଣ୍ଣ ଅଟେ । ସମାଜବିଜ୍ଞାନୀ କେ. ଡାଭିସ୍, ଓଗବର୍ଣ୍ଣ, ମାକାଇଭର ଏବଂ ଅନ୍ୟମାନେ ଏହି ଗୌଣ ସମୂହ ଧାରଣା ସମ୍ବନ୍ଧରେ ଆଲୋଚନା କରିଅଛନ୍ତି ଏବଂ ଏହି ଧାରାଣାଟିକୁ ବେଶ୍ ଲୋକପ୍ରିୟ କରିପାରିଅଛନ୍ତି । ଗୌଣସମୂହ ପ୍ରାଥମିକ ସମୂହର ବିପରିତ ଅଟେ । ଏହି ସମୂହରେ ଔପଚାରିକ, ପରୋକ୍ଷ ଓ ବିଭାଜିତ ସାମାଜିକ ସମ୍ପର୍କ ପରିଲକ୍ଷିତ ହୋଇଥାଏ । ଏହି ଗୌଣସମୂହ 'ସ୍ୱତନ୍ତ୍ର ସ୍ୱାର୍ଥ କୈନ୍ଦ୍ରିକ ସମୂହ' (Special Interest Group) ନାମରେ ପରିଚିତ ଅଟେ । ଗୌଣ ସମୂହର ସଦସ୍ୟମାନଙ୍କ ମଧ୍ୟରେ ନିବିଡ ସମ୍ପର୍କ ପରିଲକ୍ଷିତ ହୁଏନାହିଁ ଯାହା ପ୍ରାଥମିକ ସମୂହର ସଦସ୍ୟମାନଙ୍କ ମଧ୍ୟରେ ବହୁମାତ୍ରାରେ ଦେଖିବାକୁ ମିଳିଥାଏ । ଟ୍ରେଡ୍ ଇଉନିୟନ୍, ରାଜନୈତିକ ଦଳ, ସରକାରୀ ଅଫିସ୍ ପ୍ରଭୃତି ଗୌଣ

ସମୂହର ଉଦାହରଣ ଅଟନ୍ତି । ଏଥିରେ ସଦସ୍ୟମାନଙ୍କ ଉପରେ ପ୍ରତ୍ୟେକ୍ଷ ନିୟନ୍ତ୍ରଣ ରହିନଥାଏ । ଏଗୁଡ଼ିକ ଆକାରରେ ପ୍ରାଥମିକ ସମୂହ ତୁଳନାରେ ବୃହତ ଏବଂ ଏହାର ସଦସ୍ୟମାନେ ବିକ୍ଷିପ୍ତ ଭାବରେ ରହିଥାଆନ୍ତି ।

## ଗୌଣ ସମୂହର ସଂଜ୍ଞା
## (Definition of Secondary Group)

ଗୌଣ ସମୂହର ସଂଜ୍ଞାଗୁଡ଼ିକ ନିମ୍ନରେ ପ୍ରଦାନ କରାଯାଇଅଚି -

**ଓଗବର୍ଣ୍ଣ ଓ ନିମ୍‌କଫ (Ogburn and Nimkoff) :** "ଯେଉଁ ସମୂହ ଅନୁଭୂତିରେ କୌଣସି ଘନିଷ୍ଠତା ନଥାଏ, ତାହାକୁ ଗୌଣ ସମୂହ କୁହାଯାଏ ।"

(The groups which provide experience lacking in intimacy are called Secondary Groups)

**ଏଚ.ଟି. ମଜୁମଦାର (H.T. Mazumdar) :** "ଯେତେବେଳେ ସଦସ୍ୟମାନଙ୍କ ସମ୍ପର୍କରେ ମୁଖୋମୁଖି ସଂସର୍ଗ ନଥାଏ, ସେତେବେଳେ ଏହାକୁ ଗୌଣ ସମୂହ କୁହାଯାଏ ।"

(When face to face contacts are not present in the relations of members, we have Secondary Groups)

**ପି.ଏଚ୍. ଲାଣ୍ଡିସ୍ (P.H. Landis) :** "ଯେଉଁଗୁଡ଼ିକ ଗୌଣସମୂହ ତାହା ଆପେକ୍ଷିକ ଭାବେ ସେମାନଙ୍କର ସମ୍ପର୍କରେ ସାମୟିକ ଏବଂ ଅବୈୟକ୍ତିକ ଅଟନ୍ତି । ସେମାନଙ୍କ ମଧ୍ୟରେ ଥିବା ସମ୍ପର୍କ ସାଧାରଣତଃ ପାରସ୍ପରିକ ସହଯୋଗ ଅପେକ୍ଷା ପ୍ରତିଯୋଗିତାମୂଳକ ଅଟେ ।"

(Secondary Groups are those that are relatively casual and impersonal in their relationships... Relationships in them are usually competitive rather than mutually helpful.)

## ଗୌଣ ସମୂହର ଗୁଣାବଳୀ
## (Characteristics of Secondary Group)

ଗୌଣସମୂହର ଗୁଣାବଳୀକୁ ନିମ୍ନରେ ଆଲୋଚନା କରାଯାଇଅଛି ।

୧. ବୃହତ ଆକାର (Large Size)
୨. ଔପଚାରିକ ଏବଂ ଅବୈୟକ୍ତିକ ସମ୍ପର୍କ (Formal and Impersonal Relationship)
୩. ସକ୍ରିୟ ଏବଂ ନିଷ୍କ୍ରିୟ ସଭ୍ୟ (Active and Inactive Members)
୪. ସଭ୍ୟପଦ (Membership)
୫. ବ୍ୟକ୍ତିର ସାମାଜିକ ପ୍ରସ୍ଥିତି ତାର ଭୂମିକା ଉପରେ ନିର୍ଭର କରିଥାଏ । (Status of individual depends on his role)
୬. ବ୍ୟକ୍ତିମାନଙ୍କ ଠାରେ ବ୍ୟକ୍ତି-ସ୍ୱାତନ୍ତ୍ର୍ୟ ଥାଏ (Individuality in Person)
୭. ସଦସ୍ୟମାନଙ୍କ ମଧ୍ୟରେ ଆତ୍ମନିର୍ଭରଶୀଳତା (Self-dependence among members)
୮. ଔପଚାରିକ ନିୟମ (Formal Rules)
୯. ଲକ୍ଷ୍ୟ ଆଧାରିତ (Goal Oriented)

**୧. ବୃହତ ଆକାର (Large Size) :** ପ୍ରାଥମିକ ସମୂହ ତୁଳନାରେ ଗୌଣ ସମୂହ ଆକାରରେ ବୃହତ ଅଟେ। ଏହି ସମୂହ ବହୁସଂଖ୍ୟକ ଲୋକମାନଙ୍କୁ ନେଇ ଗଠିତ। ଟ୍ରେଡ ଇଉନିୟନ, ରାଜନୈତିକ ଦଳ ପ୍ରଭୃତି ଏହି ସମୂହର ଉଦାହରଣ ଅଟନ୍ତି। ଗୌଣ ସମୂହର ଆକାର ବୃହତ ହୋଇଥିବାରୁ ଏହାର ସଦସ୍ୟମାନଙ୍କ ମଧ୍ୟରେ ପରୋକ୍ଷ ଓ ଅବୈୟକ୍ତିକ ସମ୍ପର୍କ ପରିଲକ୍ଷିତ ହୋଇଥାଏ। ପ୍ରତ୍ୟେକ ପ୍ରତ୍ୟେକଙ୍କର ସ୍ୱାର୍ଥସାଧନରେ ଲାଗି ପଡିଥାନ୍ତି।

**୨. ଔପଚାରିକ ଏବଂ ଅବୈୟକ୍ତିକ ସମ୍ପର୍କ (Formal and Impersonal Relationship) :** ଗୌଣ ସମୂହର ସଦସ୍ୟମାନଙ୍କ ମଧ୍ୟରେ ଔପଚାରିକ ଏବଂ ଅବୈୟକ୍ତିକ ସମ୍ପର୍କ ଦେଖାଯାଇଥାଏ। ସଦସ୍ୟମାନଙ୍କ ମଧ୍ୟରେ ମୁହାଁମୁହିଁ ସମ୍ପର୍କ ନଥାଏ ତେଣୁ ସେମାନଙ୍କ ମଧ୍ୟରେ ଗଢ଼ିଉଠିଥିବା ସମ୍ପର୍କ ସାଧାରଣତଃ ବ୍ୟକ୍ତିଗତ ହୋଇନଥାଏ। ସମାଜ ବିଜ୍ଞାନୀ କେ. ଡାଭିସ୍ (K.Davis)ଙ୍କ ଭାଷାରେ ଏହା ଠିକ ଛୁଇଁବା ଏବଂ ଯିବା ପରି (touch and go variety)। ପରସ୍ପର ମଧ୍ୟରେ ନୀତିଗତ ସମ୍ପର୍କ ଥାଏ। ପ୍ରତ୍ୟେକ ନୀତି, ନିୟମ ଦ୍ୱାରା ପରିଚାଳିତ ଓ ନିୟନ୍ତ୍ରିତ ହୋଇଥାନ୍ତି।

**୩. ସକ୍ରିୟ ଏବଂ ନିଷ୍କ୍ରିୟ ସଭ୍ୟ (Active and Inactive Members):** ଗୌଣ ସମୂହର ସଦସ୍ୟମାନଙ୍କ ମଧ୍ୟରେ ଅବୈୟକ୍ତିକ ସମ୍ପର୍କ ରହିଥିବାରୁ କେତେକ ସଦସ୍ୟ ସମୂହର କ୍ରିୟାକଳାପରେ ସକ୍ରିୟ ଅଂଶ ଗ୍ରହଣ କରୁଥିବାସ୍ଥଳେ କେତେକ ନୀରବଦ୍ରଷ୍ଟା ବା ନିଷ୍କ୍ରିୟ ହୋଇପଡିଥାଆନ୍ତି। ଉଦାହରଣ ସ୍ୱରୂପ, ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳରେ କେତେକ ସଭ୍ୟ ସକ୍ରିୟ ହୋଇ ଦଳ ଆନୁଗତ୍ୟ ହୋଇ ବିଶେଷ ଦାୟିତ୍ୱ ଗ୍ରହଣ କରିଥାନ୍ତି। ଅନ୍ୟପକ୍ଷରେ କେତେକ ସଭ୍ୟ ସେହି ସମୂହରେ ପ୍ରତ୍ୟେକ କାର୍ଯ୍ୟରେ ଉଦାସୀନ ଭାବ ଦେଖାଇଥାନ୍ତି। ତେଣୁ ସଭ୍ୟମାନଙ୍କ ବ୍ୟବହାରରେ ସମାନତା ଦେଖାଯାଇନଥାଏ।

**୪. ସଭ୍ୟପଦ (Membership) :** ଗୌଣ ସମୂହର ସଦସ୍ୟଗଣ ଇଚ୍ଛାକୃତ ଭାବରେ ସଭ୍ୟପଦ ଗ୍ରହଣ କରିଥାନ୍ତି। ବ୍ୟକ୍ତି ନିଜର ବ୍ୟକ୍ତିଗତ ସ୍ୱାର୍ଥସାଧନରେ ଇଚ୍ଛାକୃତ ସମ୍ପୃକ୍ତି ରହିଥାଏ ଏବଂ ଆବଶ୍ୟକତା ପୂରଣ ହୋଇସାରିବା ପରମୁହୂର୍ତ୍ତରେ ଇଚ୍ଛାକୃତ ଭାବରେ ସଭ୍ୟପଦରୁ ଓହରି ଆସିଥାନ୍ତି। ତେଣୁ ଗୌଣସମୂହର ସଭ୍ୟପଦରେ ବାଧ୍ୟବାଧକତା ନଥାଏ ଏହା ସମ୍ପୂର୍ଣ୍ଣ ବ୍ୟକ୍ତିର ସ୍ୱାର୍ଥ ଓ ଇଚ୍ଛାଶକ୍ତି ଉପରେ ନିର୍ଭର କରିଥାଏ। ଉଦାହରଣସ୍ୱରୂପ, ବ୍ୟକ୍ତି ରାଜନୈତିକ ଦଳ, ରୋଟାରୀ କ୍ଲବ କିମ୍ବା କୌଣସି ବ୍ୟବସାୟିକ ପ୍ରତିଷ୍ଠାନରେ ନିଜ ଇଚ୍ଛାନୁସାରେ ସଭ୍ୟପଦ ଗ୍ରହଣ କରିଥାନ୍ତି।

**୫. ବ୍ୟକ୍ତିର ସାମାଜିକ ପ୍ରସ୍ଥିତି ତାର ଭୂମିକା ଉପରେ ନିର୍ଭର କରିଥାଏ (Status of Individual Depends on his Role) :** ଗୌଣସମୂହରେ ସମୂହର ସଦସ୍ୟମାନଙ୍କ ପ୍ରସ୍ଥିତି ବା ପଦମର୍ଯ୍ୟାଦା ନିଜ ଅର୍ଜିତ ଭୂମିକା ଉପରେ ନିର୍ଭର କରିଥାଏ। ଏହି ପ୍ରସ୍ଥିତି ବ୍ୟକ୍ତିର ଜନ୍ମକୁ ନେଇ ନିର୍ଦ୍ଧାରଣ କରାଯାଇନଥାଏ। ବରଂ ନିଜର ସମୂହରେ କାର୍ଯ୍ୟ କରିବାର ଦକ୍ଷତାକୁ ଗୁରୁତ୍ୱଦେଇ ପ୍ରସ୍ଥିତି ସୂଚୀତ ହୋଇଥାଏ। ଉଦାହରଣସ୍ୱରୂପ, ଏକ ଟ୍ରେଡ୍ ଇଉନିୟନର ସଭାପତିଙ୍କ ପ୍ରସ୍ଥିତି ତାଙ୍କର ଭୂମିକା ଉପରେ ନିର୍ଭର କରିଥାଏ।

**୬. ବ୍ୟକ୍ତିମାନଙ୍କଠାରେ ବ୍ୟକ୍ତି-ସ୍ୱାତନ୍ତ୍ର୍ୟ ଥାଏ (Individuality in Person) :** ଗୌଣ ସମୂହଗୁଡିକ 'ସ୍ୱତନ୍ତ୍ର-ସ୍ୱାର୍ଥକୈନ୍ଦ୍ରିକ ସମୂହ' ନାମରେ ପରିଚିତ ଅଟନ୍ତି। ଗୌଣସମୂହର ସଦସ୍ୟଗଣ ସାମୂହିକ ସ୍ୱାର୍ଥ ସାଧନ

ଅପେକ୍ଷା ବ୍ୟକ୍ତି-ସ୍ୱାର୍ଥକୁ ପ୍ରାଥମିକତା ପ୍ରଦାନ କରିଥାନ୍ତି । ସମୂହର ଉଦ୍ଦେଶ୍ୟ ପୂରଣ ହେବା ସହିତ ନିଜର ବ୍ୟକ୍ତିଗତ ସମସ୍ୟାର ସମାଧାନ ନିମନ୍ତେ ଉପାୟ ଖୋଜିଥାନ୍ତି ଏବଂ ସୁଯୋଗ ହାସଲ ନିମନ୍ତେ ଯଥାସାଧ୍ୟ ଚେଷ୍ଟା କରିଥାନ୍ତି ।

**୭. ସଦସ୍ୟମାନଙ୍କ ମଧ୍ୟରେ ଆତ୍ମନିର୍ଭରଶୀଳତା (Self -Dependence among Members) :** ଗୌଣ ସମୂହର ସଦସ୍ୟଗଣ ବ୍ୟକ୍ତିଗତ ସ୍ୱାର୍ଥ ସାଧନ ନିମନ୍ତେ ସଦସ୍ୟମାନଙ୍କର ସହାୟତା ଲୋଡିଥାନ୍ତି କିନ୍ତୁ ସମୂହର ସଦସ୍ୟମାନେ ପ୍ରାୟତଃ ଆତ୍ମନିର୍ଭରଶୀଳ ଅଟନ୍ତି । ଗୌଣ ସମୂହର ଆକାର ବୃହତ ହୋଇଥିବାରୁ ସଦସ୍ୟମାନଙ୍କ ସହିତ ନିବିଡ ତଥା ପ୍ରତ୍ୟେକ୍ଷ ସମ୍ପର୍କ ରକ୍ଷା କରି ସ୍ୱାର୍ଥସାଧନ କରିବା କଷ୍ଟକର ହୋଇପଡେ । ତେଣୁ ପ୍ରତ୍ୟେକ ସଦସ୍ୟ ନିଜର ସ୍ୱାର୍ଥ ରକ୍ଷା କରିବାକୁ ସର୍ବଦା ଚେଷ୍ଟା କରିଥାଏ ।

**୮. ଔପଚାରିକ ନିୟମ (Formal Rules) :** ପ୍ରତ୍ୟେକ ଗୌଣ ସମୂହରେ ଔପଚାରିକ ନିୟମମାନ ରହିଥାଏ । ଏହି ସମୂହର ପ୍ରତ୍ୟେକ ସଦସ୍ୟ ସେହି ନିୟମ ଗୁଡିକୁ ମାନିନେବାପାଇଁ ବାଧ୍ୟ ହୋଇଥାନ୍ତି । ନୀତି, ନିୟମ, ଆଇନ କାନୁନ୍ ଇତ୍ୟାଦି ଗୌଣ ସମୂହ ଦ୍ୱାରା ପ୍ରଣୋଦିତ । ଏହାର ଅମାନ୍ୟ ଦଣ୍ଡନୀୟ ଅଟେ । ଏହି ନିୟମ ସଦସ୍ୟମାନଙ୍କର କାର୍ଯ୍ୟକାରୀ ପଦ୍ଧତିକୁ ଶୃଙ୍ଖଳିତ କରିଥାଏ ଓ ବ୍ୟବହାରକୁ ନିୟନ୍ତ୍ରିତ କରିଥାଏ ।

**୯. ଲକ୍ଷ୍ୟ ଆଧାରିତ (Goal Oriented) :** ଗୌଣ ସମୂହ ସର୍ବଦା ଲକ୍ଷ୍ୟ ଏବଂ ଏହାର ପୂରଣ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ଟ୍ରେଡ ଇଉନିୟନର ଗଠନର ମୁଖ୍ୟ ଉଦ୍ଦେଶ୍ୟ, ଶ୍ରମିକମାନଙ୍କର ସମସ୍ୟାର ସମାଧାନ ଓ ସେମାନଙ୍କ ଆର୍ଥିକ ଓ ସ୍ୱାସ୍ଥ୍ୟଗତ ଅବସ୍ଥାର ଉନ୍ନତି ଆଣିବାରେ ଉଦ୍ୟମ କରିବା ।

## ଗୌଣ ସମୂହର ଗୁରୁତ୍ୱ
### (Importance of Secondary Group)

ଆଧୁନିକ ଶିଳ୍ପ ଉଦ୍ୟୋଗ ସମାଜରେ ଗୌଣ ସମୂହର ଗୁରୁତ୍ୱ ବିଶେଷ ଭାବରେ ପରିଲକ୍ଷିତ ହୋଇଥାଏ । ବ୍ୟକ୍ତିର ଅତ୍ୟାବଶ୍ୟକ ଆବଶ୍ୟକତାର ପୂରଣ ପ୍ରାଥମିକ ସମୂହ କେବଳ କରିବାରେ ସମର୍ଥ ହୋଇଥାଏ । ବ୍ୟକ୍ତି ସେହି ସ୍ୱାର୍ଥ ସାଧନ ନିମିତ୍ତ ଗୌଣ ସମୂହର ସଦସ୍ୟତା ଇଚ୍ଛାକୃତ ଭାବରେ ନେଇଥାଏ । ଗୌଣ ସମୂହ ସାମୁହିକ ସହଯୋଗିତା, ପ୍ରତିଯୋଗିତା ମାଧ୍ୟମରେ ବ୍ୟକ୍ତିର ବ୍ୟକ୍ତିଗତ ସ୍ୱାର୍ଥ ସାଧନ କରିଥାଏ । ପରିବର୍ତ୍ତିତ ସମାଜରେ ଜଗତୀକରଣ, ଶୀଳ୍ପ କରଣ ଉଦାରିକରଣ ଇତ୍ୟାଦି ଗୌଣସମୂହର ଗୁରୁତ୍ୱ ଏବଂ ପ୍ରକାର୍ଯ୍ୟ ଗୁଡିକୁ ପ୍ରାଧାନ୍ୟ ଦେଇଆସୁଅଛନ୍ତି । ଗୌଣ ସମୂହର ମୁଖ୍ୟ କାର୍ଯ୍ୟ ଏବଂ ଗୁରୁତ୍ୱ ନିମ୍ନରେ ଆଲୋଚନା କରାଯାଇଅଛି ।

୧. କାର୍ଯ୍ୟଦକ୍ଷତା (Efficiency)
୨. ସୁବିଧା ସୁଯୋଗ (Opportunity)
୩. ବ୍ୟାପକ ଦୃଷ୍ଟିଭଙ୍ଗୀ (Wider Outlook)
୪. ଆନୁଗତ୍ୟ ଭାବ (Serse of loyality)
୫. ପ୍ରଗତିର ସହାୟକ (Conducive to Progress)

**୧. କାର୍ଯ୍ୟଦକ୍ଷତା (Efficiency) :** ଗୌଣ ସମୂହର ସହାୟତାରେ ବ୍ୟକ୍ତିର କାର୍ଯ୍ୟଦକ୍ଷତାର ଅଭିବୃଦ୍ଧି ଘଟିଥାଏ । ଶ୍ରମ ବିଭାଜନ ମାଧ୍ୟମରେ ସମୂହର ସଦସ୍ୟ ନିଜର ଦକ୍ଷତା ପ୍ରଦର୍ଶନ କରି ସରଳ ଉପାୟରେ କର୍ତ୍ତବ୍ୟ ସମ୍ପାଦନ କରିଥାଏ ଓ ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହୋଇଥାଏ ।

**୨. ସୁବିଧା ସୁଯୋଗ (Opportunity) :** ଗୌଣ ସମୂହ ବ୍ୟକ୍ତିର ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ ନିମନ୍ତେ ସୁଯୋଗ ସୃଷ୍ଟି କରିଥାଏ। ବ୍ୟକ୍ତିର ଅଭିବୃଦ୍ଧି ଓ ପ୍ରଗତି ହାସଲରେ ଏହି ସମୂହ ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଲକ୍ଷ୍ୟ ହାସଲରେ ଯେଉଁସବୁ ସୁବିଧା ଓ ସୁଯୋଗର ଆବଶ୍ୟକତା ରହିଥାଏ ସେଗୁଡିକ ଗୌଣ ସମୂହ ପଦ୍ଧତିଗତ ଭାବରେ ଅନୁଧ୍ୟାନ କରି ତାହା ପୂରଣ କରିବାରେ ବ୍ୟକ୍ତିକୁ ସହାୟତା କରିଥାଏ। ବର୍ତ୍ତମାନ ଯୁଗରେ ବିଭିନ୍ନ ପ୍ରକାର ବ୍ୟବସାୟ ବ୍ୟକ୍ତିର ଜୀବିକା ନିର୍ବାହ ପନ୍ଥାକୁ ସୁଗମ କରିଥାଏ। ପ୍ରତିଭାସମ୍ପନ୍ନ ବ୍ୟକ୍ତି ବାଣିଜ୍ୟ ବ୍ୟବସାୟ ଦ୍ୱାରା କିମ୍ବା ଶିଳ୍ପ ଦ୍ୱାରା ସମାଜରେ ଉଚ୍ଚତର ପ୍ରସ୍ଥିତି ଏବଂ ପଦମର୍ଯ୍ୟାଦା ହାସଲ କରିପାରିଥାଏ।

**୩. ବ୍ୟାପକ ଦୃଷ୍ଟିଭଙ୍ଗୀ (Wider Outlook) :** ଗୌଣ ସମୂହ ସଦସ୍ୟମାନଙ୍କର ଦୃଷ୍ଟିଭଙ୍ଗୀକୁ ବ୍ୟାପକ କରିଥାଏ। ଏକ ସଂକୀର୍ଣ୍ଣ ମନୋଭାବଠାରୁ ଦୂରେଇଯାଇ ଗୌଣ ସମୂହର ସଦସ୍ୟ ଉଚ୍ଚଅଭିଳାଷୀ ହୋଇଥାଏ ଏହି ସମୂହରେ ସଭ୍ୟସଂଖ୍ୟା ଅଧିକଥିବାରୁ ବ୍ୟକ୍ତି ସମନ୍ୱିତ ଧାରାରେ ପ୍ରତିଯୋଗିତା ମନୋଭାବ ରଖି ନିଜର ଦକ୍ଷତା ବୃଦ୍ଧି କରିଥାଏ। ଏହି ଦକ୍ଷତାରୁ ଆତ୍ମପ୍ରତ୍ୟୟ ସୃଷ୍ଟି ହୋଇଥାଏ। ବ୍ୟକ୍ତି ନିଜର ସ୍ଥିତି ପ୍ରତି ସଚେତନଥାଏ। ପ୍ରତ୍ୟେକ କାର୍ଯ୍ୟରେ ସେ ସମୂହ ମଧ୍ୟରେ ରହି ପରୋକ୍ଷ ଓ ଅବୈୟକ୍ତିକ ସମ୍ପର୍କ ସ୍ଥାପନ କରି ଆତ୍ମନିର୍ଭରଶୀଳ ଭାବେ ଲକ୍ଷ୍ୟାଭିମୁଖୀ ହୋଇଥାଏ।

**୪. ଆନୁଗତ୍ୟ (Sense of Loyality) :** ପ୍ରାଥମିକ ସମୂହରେ ଆନୁଗତ୍ୟଭାବ ଯେପରି ପରିଲକ୍ଷିତ ହୋଇଥାଏ, ଠିକ୍ ସେହିପରି ଗୌଣ ସମୂହରେ ରହିଥାଏ। ଗୌଣ ସମୂହର ସଦସ୍ୟମାନେ ସମୂହର ସ୍ଥିତି ଓ ପ୍ରସ୍ଥିତି ପ୍ରତି ବେଶ୍ ସଚେତନ ଥାଆନ୍ତି। ପ୍ରତ୍ୟେକଙ୍କ ଐକ୍ୟଭାବ, ସମଦୃଷ୍ଟିଭଙ୍ଗୀ, ସହଯୋଗ, ଉତ୍ସାହ ଇତ୍ୟାଦି ଏକ ସ୍ୱତନ୍ତ୍ର ସୂତ୍ରରେ ବାନ୍ଧି ରଖିଥାଏ। ରାଜନୀତି କ୍ଷେତ୍ରରେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳପ୍ରତି ଆନୁଗତ୍ୟଭାବ ଦଳକୁ ସୁଦୃଢ଼ କରିବାରେ ସମର୍ଥ ହୋଇଥାଏ ଏବଂ ସଦସ୍ୟ ପ୍ରତିଶୃତିବଦ୍ଧ ହୋଇ ବ୍ୟକ୍ତି ସ୍ୱାର୍ଥ ସାଧନ ସହିତ ସମାଜର ହିତସାଧନ କରିଥାଏ।

**୫. ପ୍ରଗତିର ସହାୟକ (Conducive to Progress) :** ଗୌଣ ସମୂହର ସଦସ୍ୟ ବ୍ୟକ୍ତିଗତ ଆବଶ୍ୟକତା ପୂରଣ ସହିତ ସମାଜ ତଥା ରାଷ୍ଟ୍ରର ପ୍ରଗତି ଓ ସମୃଦ୍ଧି ଆଣିବାରେ ପ୍ରଚେଷ୍ଟା କରିଥାଏ। ରାଷ୍ଟ୍ରର ବିକାଶଧାରାରେ ସମୂହର ସଦସ୍ୟମାନଙ୍କର ଆନୁଗତ୍ୟ ଭାବ ରହିଥାଏ। ସେମାନେ ରାଷ୍ଟ୍ରକୁ ଏକ ଉନ୍ନତ ଏବଂ ବିକଶିତ ରାଷ୍ଟ୍ରରେ ପରିଗଣିତ କରିବାପାଇଁ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ ସମ୍ପାଦନା କରିଥାଆନ୍ତି।

ପରିବର୍ତ୍ତିତ ସମାଜରେ ଗୌଣ ସମୂହର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ କ୍ଷେତ୍ରରେ ସମ୍ମାନ ହାସଲ ନିମନ୍ତେ ସମୂହର ସଦସ୍ୟମାନେ ପ୍ରୟାସ କରିଥାନ୍ତି।

## ପ୍ରାଥମିକ ସମୂହ ଓ ଗୌଣ ସମୂହ ମଧ୍ୟରେ ପାର୍ଥକ୍ୟ
## (Difference between Primary Group and Secondary Group)

ପ୍ରାଥମିକ ଓ ଗୌଣ ସମୂହ ମଧ୍ୟରେ ଥିବା ପାର୍ଥକ୍ୟଗୁଡିକ ନିମ୍ନରେ ଅଲୋଚନା କରାଯାଇଅଛି।

**୧. ଆକାର (Size) :** ପ୍ରାଥମିକ ସମୂହର ଆକାର କ୍ଷୁଦ୍ର ଅଟେ। କମ ସଂଖ୍ୟକ ଲୋକମାନେ ଏକତ୍ରିତ ହୋଇ ପରସ୍ପରକୁ ପ୍ରଭାବିତ କରିଥାନ୍ତି ଓ ଲକ୍ଷ୍ୟସାଧନ କରିଥାନ୍ତି। ଅପରପକ୍ଷରେ ଗୌଣ ସମୂହର ଆକାର ପ୍ରାଥମିକ ସମୂହର ଆକାର ଠାରୁ ଅପେକ୍ଷାକୃତ ବୃହତ୍ ଅଟେ।

ପରିବାର ପ୍ରାଥମିକ ସମୂହର ଉଦାହରଣ ଥିବା ସ୍ଥଳେ ରାଜନୈତିକ ଦଳ ଗୌଣ ସମୂହର ଉଦାହରଣ ଅଟେ ।

**୨. ଶାରୀରିକ ସାନ୍ନିଧ (Physical Proximity) :** ପ୍ରାଥମିକ ସମୂହରେ ଶାରୀରିକ ସାନ୍ନିଧତା ଅଧିକ ଭାବରେ ପରିଲକ୍ଷିତ ହୋଇଥାଏ । ପ୍ରତ୍ୟେକ ସଦସ୍ୟ ପରସ୍ପରର ନିକଟତର ହୋଇଥାନ୍ତି ଓ ନିବିଡତର ସମ୍ପର୍କ ସ୍ଥାପନ କରିଥାନ୍ତି । ପ୍ରାଥମିକ ସମୂହ ଆକାରରେ କ୍ଷୁଦ୍ର ହୋଇଥିବାରୁ ଅଳ୍ପ ସଂଖ୍ୟକ ସଦସ୍ୟମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ସହଜସାଧ ହୋଇପାରିଥାଏ ।

ଅନ୍ୟ ପକ୍ଷରେ ଗୌଣ ସମୂହର ସଦସ୍ୟମାନଙ୍କ ସଂଖ୍ୟା ଅଧିକ ହୋଇଥିବାରୁ ଶାରୀରିକ ସାନ୍ନିଧତାର ଅଭାବ ପରିଲକ୍ଷିତ ହୋଇଥାଏ ଓ ନିବିଡତର ସମ୍ପର୍କ ସ୍ଥାପନରେ ବାଧା ଉପୁଜିଥାଏ ।

**୩. ସ୍ଥାୟିତ୍ୱ (Durability) :** ପ୍ରାଥମିକ ସମୂହ ଗୁଡ଼ିକ ଅପେକ୍ଷାକୃତ ଦୀର୍ଘସ୍ଥାୟୀ ଅଟନ୍ତି । ପରିବାରର ସଦସ୍ୟମାନେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରାଥମିକ ସମୂହର ସଦସ୍ୟ ହୋଇ ରହିଥାନ୍ତି ।

ଅନ୍ୟପକ୍ଷରେ ଗୌଣ ସମୂହ କେତେକ କ୍ଷେତ୍ରରେ ଦୀର୍ଘସ୍ଥାୟୀ ଓ ଅନ୍ୟ କେତେକ କ୍ଷେତ୍ରରେ କ୍ଷଣସ୍ଥାୟୀ ହୋଇଥାଏ ।

**୪. ସ୍ୱାର୍ଥ (Interest) :** ପ୍ରାଥମିକ ସମୂହର ସଦସ୍ୟମାନଙ୍କର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମାନ ଅଟେ । ଏଥିରେ କେତେକ ସାମୂହିକ ସ୍ୱାର୍ଥ ଥାଏ । ଜଣେ ବ୍ୟକ୍ତିର ସ୍ୱାର୍ଥ ସମସ୍ତଙ୍କ ସ୍ୱାର୍ଥ ରୂପରେ ଧରାଯାଇଥାଏ । ମାତ୍ର ଗୌଣ ସମୂହ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମାନ ନଥାଏ । ଏହାର ସଦସ୍ୟଗଣ ମୁଖ୍ୟତଃ ଆତ୍ମସ୍ୱାର୍ଥ ଦ୍ୱାରା ପରିଚାଳିତ ହୋଇଥାନ୍ତି ଏବଂ ଏହାକୁ ପୂରଣ କରିବାପାଇଁ ବିଶେଷ ଭାବରେ ଆତ୍ମସ୍ୱାର୍ଥ ଦ୍ୱାରା ପରିଚାଳିତ ହୋଇଥାଆନ୍ତି ଏବଂ ଏହାକୁ ପୂରଣ କରିବାପାଇଁ ବିଶେଷ ଭାବରେ ଆଗ୍ରହୀ ଥାଆନ୍ତି ।

**୫. ସମ୍ପର୍କ (Relationship) :** ପ୍ରାଥମିକ ସମୂହ ସଦସ୍ୟମାନଙ୍କ ମଧ୍ୟରେ ମୁହାଁମୁହିଁ, ପ୍ରତ୍ୟେକ୍ଷ ଏବଂ ବୈୟକ୍ତିକ ସଂପର୍କ ଥାଏ । ମାତ୍ର ଗୌଣ ସମୂହରେ ସମୂହ ପରୋକ୍ଷ ଓ ଅବୈୟକ୍ତିକ ସମ୍ପର୍କ ପରିଲକ୍ଷିତ ହୋଇଥାଏ । ପ୍ରାଥମିକ ସମୂହରେ ସମ୍ପର୍କ ବାସ୍ତବତାକୁ ନେଇ ଗଢ଼ିଉଠିଥାଏ । ତେଣୁ ଜଣଙ୍କର ଅନୁପସ୍ଥିତି ଅନ୍ୟଦ୍ୱାରା ପୂରଣ ହୋଇପାରି ନଥାଏ । ମାତ୍ର ଗୌଣ ସମୂହରେ ସଂଯୋଗାତ୍ମକ ସମ୍ପର୍କ ନଥାଏ ଫଳସ୍ୱରୂପ, ଜଣେ ବ୍ୟକ୍ତି ଅନ୍ୟ ଜଣଙ୍କର ସ୍ଥାନକୁ ସହଜରେ ପୂରଣ କରିପାରିଥାଏ ।

ପ୍ରାଥମିକ ସମୂହରେ ସଦସ୍ୟମାନଙ୍କ ମଧ୍ୟରେ ଥିବା ସମ୍ପର୍କ ଲକ୍ଷ୍ୟର ଏକ ମାଧ୍ୟମ ହୋଇନଥାଏ ମାତ୍ର ସମ୍ପର୍କ ନିଜେ ଏକ ଲକ୍ଷ୍ୟ ଅଟେ । ଏହି ସମ୍ପର୍କ ସ୍ୱେଚ୍ଛାକୃତ ଏବଂ ସ୍ୱତଃସ୍ଫୂର୍ତ୍ତ ଅଟେ । ଅନ୍ୟପକ୍ଷରେ ଗୌଣ ସମୂହର ସମ୍ପର୍କ ଲକ୍ଷ୍ୟପୂରଣର ଏକ ମାଧ୍ୟମ ଅଟେ । ଏହି ସମ୍ପର୍କ ସ୍ଥାପନ ସ୍ୱତଃସ୍ଫୂର୍ତ୍ତ ହୋଇନଥାଏ ।

**୬. ସହଯୋଗିତାର ପ୍ରକାରଭେଦ (Kind of Co-operation) :** ପ୍ରାଥମିକ ସମୂହରେ ସଦସ୍ୟମାନଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସହଯୋଗିତା ଦେଖାଯାଇଥାଏ । ଏହାର ସଦସ୍ୟମାନେ ଏକତ୍ର କାର୍ଯ୍ୟକରିଥାନ୍ତି ଏବଂ ସମ୍ବନ୍ଧକାରୀ ସାମାଜିକ ପ୍ରକ୍ରିୟା ଯଥା – ସହଯୋଗିତା ଓ ଆତ୍ମିକରଣ ମାଧ୍ୟମରେ ଯେକୌଣସି ସମସ୍ୟାର ସମାଧାନ କରିଥାନ୍ତି ।

ଅପରପକ୍ଷରେ ଗୌଣ ସମୂହର ସଦସ୍ୟମାନଙ୍କ ମଧ୍ୟରେ ପରୋକ୍ଷ ସହଯୋଗିତା ଦେଖାଯାଇଥାଏ । ଗୌଣ ସମୂହକୁ ସଂଗଠନ କରିବାରେ ସୁବିବେଚିତ ଉଦ୍ୟମ ଆବଶ୍ୟକ ହୋଇଥାଏ । ଏକ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ପୂରଣ କରିବାପାଇଁ ସହଯୋଗିତାର ଆବଶ୍ୟକତା ପଡିଥାଏ ।

**୭. ସଂରଚନାର ପ୍ରକାରଭେଦ (Types of Structure) :** ପ୍ରାଥମିକ ସମୂହ ଅନୌପଚାରିକ ସଂରଚନା ଉପରେ ପ୍ରତିଷ୍ଠିତ ହୋଇଥାଏ । ଏଥିପାଇଁ କଠୋର ଔପଚାରିକ ନିୟମର ଆବଶ୍ୟକତା ନଥାଏ । ଏହାର ସଂରଚନା ଅତ୍ୟନ୍ତ ସରଳ ଅଟେ । ଅପରପକ୍ଷରେ, ଗୌଣ ସମୂହ ଔପଚାରିକ ନିୟମ ଦ୍ୱାରା ପରିଚାଳିତ ହୋଇଥାଏ । ଏଥିରେ ସଦସ୍ୟମାନଙ୍କର ସାମାଜିକ ଭୂମିକା ଓ ପ୍ରସ୍ଥିତି, ଅଧିକାର ଏବଂ କ୍ଷମତା ସ୍ପଷ୍ଟଭାବରେ ନିର୍ଦ୍ଧାରିତ ହୋଇଥାଏ । ଗୌଣ ସମୂହର ସଂରଚନା ଅତ୍ୟନ୍ତ ଜଟିଳ ଅଟେ ।

**୮. ବ୍ୟକ୍ତିତ୍ୱ ଉପରେ ପ୍ରଭାବ (Effect on Personality) :** ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶରେ ପ୍ରାଥମିକ ସମୂହର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ସମୂହ ବ୍ୟକ୍ତିର ଚାଲିଚଳଣି ଓ ବ୍ୟବହାର ଶୈଳୀକୁ ପରିମାର୍ଜିତ କରିଥାଏ । ଅପର ପକ୍ଷରେ ଗୌଣ ସମୂହ ବ୍ୟକ୍ତିତ୍ୱର ଏକ ନିର୍ଦ୍ଦିଷ୍ଟ ଦିଗ ସହିତ ଜଡିତ ଥାଏ ଏବଂ ଏହି ଦିଗର ଅଭିବୃଦ୍ଧି ସହ ସଂପୃକ୍ତ ହୋଇଥାଏ ।

ପ୍ରାଥମିକ ସମୂହରେ ସ୍ନେହ-ଶ୍ରଦ୍ଧା, ସହାନୁଭୂତି, ପାରସ୍ପରିକ ସହଯୋଗ ଇତ୍ୟାଦି ଗୁଣ ପରିଲକ୍ଷିତ ହୋଇଥାଏ । ଯାହା ବ୍ୟକ୍ତିର ପ୍ରକୃତ ପରିଚୟ ପ୍ରଦାନ କରିବାରେ ସହାୟକ ହୋଇଥାଏ । ଗୌଣ ସମୂହରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟକୁ ପ୍ରାଧାନ୍ୟ ଦିଆଯାଇଥାଏ ଏବଂ ଆତ୍ମ-ସ୍ୱାର୍ଥର ଗୁରୁତ୍ୱ ଉପଲବ୍ଧି କରିବାରେ ସୁଯୋଗ ସୃଷ୍ଟି କରିଥାଏ ।

**୯. ପ୍ରସ୍ଥିତି (Status) :** ପ୍ରାଥମିକ ସମୂହରେ ପ୍ରସ୍ଥିତି ପ୍ରଦତ୍ତ (ascribed) ଅଟେ । ଏହି ପ୍ରସ୍ଥିତି ଜନ୍ମଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । କିନ୍ତୁ ଗୌଣସମୂହରେ ପ୍ରସ୍ଥିତି ଅର୍ଜିତ (achieve) ଅଟେ । ସମୂହ ସଦସ୍ୟର କାର୍ଯ୍ୟଶୈଳୀ, ଦକ୍ଷତାକୁ ଭିତ୍ତିକରି ପ୍ରସ୍ଥିତି ସୂଚୀତ ହୋଇଥାଏ ।

**୧୦. ନିୟନ୍ତ୍ରଣ ପ୍ରକୃତି (Nature of Control) :** ପ୍ରାଥମିକ ସମୂହର ସଦସ୍ୟମାନଙ୍କୁ ସାଧାରଣତଃ ଅନୌପଚାରିକ ପଦ୍ଧତି ମାଧ୍ୟମରେ ନିୟନ୍ତ୍ରିତ କରାଯାଇଥାଏ । ସମାଜର ପ୍ରଥା, ପରମ୍ପରା, ଲୋକରୀତି, ଲୋକନୀତି ଇତ୍ୟାଦି ସମୂହର ସଦସ୍ୟଗଣଙ୍କୁ ନିୟନ୍ତ୍ରିତ କରିଥାଏ । ଅପରପକ୍ଷରେ, ଗୌଣ ସମୂହର ସଦସ୍ୟମାନଙ୍କୁ ଔପଚାରିକ ପଦ୍ଧତି ମାଧ୍ୟମରେ ନିୟନ୍ତ୍ରିତ କରାଯାଇଥାଏ, ଯଥା - ନିୟମ, ଆଇନ କାନୁନ୍ ଇତ୍ୟାଦି ।

## ଅନ୍ତଃସମୂହ ଏବଂ ବହିଃସମୂହ (In-Group and Out-Group)

ଆମେରିକୀୟ ସମାଜବିଜ୍ଞାନୀ ଉଇଲିୟମ ଗ୍ରାହାମ୍ ସମନର (William Graham Sumner) ଲିଖିତ ପୁସ୍ତକ 'ଫୋକ୍‌ୱେଜ' (Folkways) ରେ 'ଅନ୍ତଃସମୂହ' (In-Group) ଏବଂ 'ବହିଃ-ସମୂହ' (Out-Group) ଶବ୍ଦ ଦୁଇଟି ଉଲ୍ଲେଖ କରିଅଛନ୍ତି । ସେ ସାମାଜିକ ସମୂହର ଘନିଷ୍ଠତା ଓ ସମ୍ପର୍କର ବ୍ୟବଧାନକୁ ନେଇ ଏହି ଦୁଇଟି ସାମାଜିକ ସମୂହର ବର୍ଗୀକରଣ କରିଅଛନ୍ତି । ଏହା ନିମ୍ନରେ ଆଲୋଚନା କରାଯାଇଅଛି ।

**'ଅନ୍ତଃସମୂହ' (In-Group) :** ଯେଉଁ ସମୂହରେ ବ୍ୟକ୍ତି ନିଜେ ବାସକରେ, ସେହି ସମୂହ ତା'ର ଅନ୍ତଃସମୂହ ନାମରେ ପରିଚିତ ଅଟେ । ଉଦାହରଣସ୍ୱରୂପ, ବ୍ୟକ୍ତିର ନିଜର ପରିବାର, ଜାତି, ଗ୍ରାମ, ସେ ପଢୁଥିବା ବିଦ୍ୟାଳୟ ପ୍ରଭୃତି ତାର ଅନ୍ତଃ-ସମୂହ ଅଟନ୍ତି । ଅନ୍ୟ ଭାଷାରେ ଯେଉଁ ସମୂହ ଗୁଡିକରେ ବ୍ୟକ୍ତି ନିଜକୁ ସମ୍ପୂର୍ଣ୍ଣରୂପେ ପରିଚିତ କରିଥାଏ ସେହି ସମୂହ ଗୁଡିକ ତା'ର ଅନ୍ତଃ-ସମୂହ ରୂପେ ପରିଚିତ ଅଟେ । ସର୍ବଦା ବ୍ୟକ୍ତି ନିଜ ସମୂହର ଅନ୍ୟ ସଦସ୍ୟମାନଙ୍କ ସହିତ ସହାନୁଭୂତି, ସ୍ନେହ, ଶ୍ରଦ୍ଧା ଏବଂ ଦୟାଶୀଳ ମନୋଭାବ ପ୍ରଦର୍ଶନ କରିଥାଏ । ଏକ ଅନ୍ତଃସମୂହର ସଦସ୍ୟମାନେ ଅନୁଭବ କରିଥାନ୍ତି ଯେ ସେମାନଙ୍କର ବ୍ୟକ୍ତିଗତ କଲ୍ୟାଣ ସମୂହର ଅନ୍ୟ ସଦସ୍ୟମାନଙ୍କର କଲ୍ୟାଣ

ସହିତ ଜଡିତ ଅଟେ। ସେମାନେ ପରସ୍ପରର ଅଧିକାର ପ୍ରତି ସହଯୋଗିତା, ସଦିଚ୍ଛା, ପାରସ୍ପରିକ ସାହାଯ୍ୟ ଓ ସମ୍ମାନ ପ୍ରଦର୍ଶନ କରିଥାନ୍ତି। ସେମାନଙ୍କର ମନରେ ଏକତା ମନୋଭାବ ଏବଂ ଭାତୃଭାବ ରହିଥାଏ ଏବଂ ସମୂହପ୍ରତି ସେମାନଙ୍କର ଆନୁଗତ୍ୟଭାବ ରହିଥାଏ। ସେମାନେ ସ୍ୱାର୍ଥତ୍ୟାଗ କରିବାକୁ ମଧ୍ୟ ପ୍ରସ୍ତୁତଥାଆନ୍ତି। ସେମାନଙ୍କ ମଧ୍ୟରେ ସର୍ବଦା 'ଆମ ଭାବନା' (we-feeling) ରହିଥାଏ। ସେହି ଭାବନା ଅନ୍ତଃସମୂହର ସଦସ୍ୟମାନଙ୍କୁ ଏକତ୍ରିତ କରିଥାଏ ଏବଂ ପରସ୍ପର ମଧ୍ୟରେ ଐକ୍ୟଭାବ ସୃଷ୍ଟି କରି ବ୍ୟକ୍ତି କଲ୍ୟାଣ ସହିତ ସାମୂହିକ କଲ୍ୟାଣ ସାଧନ କରିଥାଏ। ସମନର୍‌ଙ୍କର ମତରେ ସ୍ୱ-ଜାତି କୈନ୍ଦ୍ରିକତା (Ethnocentrism) ଅନ୍ତଃସମୂହର ଏକ ବିଶେଷ ଗୁଣ ଅଟେ।

**'ବହିଃସମୂହ' (Out-Group) :** ଯେଉଁ ସମୂହରେ ବ୍ୟକ୍ତି ନିଜେ ବାସ କରିନଥାଏ, ତାହା ତାହାର ବହିଃସମୂହ ଅଟେ। ବାହ୍ୟସମୂହ ଏକ ସାମାଜିକ ଏକକ ଅଟେ, ଏଥିରେ ବ୍ୟକ୍ତି ଏକ ଅଂଶୀଦାର ହୋଇନଥାଏ ଏବଂ ସମୂହ ଦ୍ୱାରା ପରିଚିତ ହୋଇନଥାଏ। ତଥାପି ବ୍ୟକ୍ତି ସଦସ୍ୟତା ଗ୍ରହଣ ନ କରୁଥିବା ସତ୍ତ୍ୱେ ବାହ୍ୟସମୂହ ବ୍ୟକ୍ତିର ବ୍ୟବହାରକୁ ପରୋକ୍ଷରେ ପ୍ରଭାବିତ କରୁଥାଏ। ଉଦାହରଣସ୍ୱରୂପ, ରେଭେନ୍‌ସା କଲେଜ ହେଉଛି, ରେଭେନ୍‌ସା କଲେଜରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କର ଅନ୍ତଃସମୂହ। ମାତ୍ର ଅନ୍ୟ କଲେଜ ଗୁଡିକ ଏହି ଛାତ୍ରମାନଙ୍କ ପାଇଁ ବହିଃସମୂହ ରୂପେ ପରିଗଣିତ ଅଟନ୍ତି। ବହିଃସମୂହ ପ୍ରତି ବ୍ୟକ୍ତିର ବିଦ୍ୱେଷ ଭାବ ଥିବା ଦେଖାଯାଇଥାଏ। ସାଧାରଣତଃ ବହିଃସମୂହର ସଦସ୍ୟମାନଙ୍କୁ 'ସେମାନେ' (They) କିମ୍ବା 'ଅନ୍ୟମାନେ' (Others) ଭାବରେ ସମ୍ବୋଧନ କରାଯାଇଥାଏ।

ଉଭୟ ଅନ୍ତଃ ଓ ବହିଃ ସମୂହ ପରସ୍ପରଠାରୁ ଭିନ୍ନ ଅଟନ୍ତି। ସେଗୁଡିକ ନିମ୍ନରେ ଆଲୋଚନା କରାଯାଇଅଛି।

୧. ଯେଉଁ ସମୂହରେ ବ୍ୟକ୍ତି ଅଂଶୀଦାର ହୋଇ ନିଜର ପରିଚୟ ପ୍ରଦାନ କରିଥାନ୍ତି ତାହା ବ୍ୟକ୍ତିର ଅନ୍ତଃସମୂହ ଅଟେ। ଅପରପକ୍ଷରେ ଯେଉଁ ସମୂହରେ ବ୍ୟକ୍ତି ଅଂଶୀଦାର ହୋଇନଥାଏ ନତୁବା ପରିଚିତ ହୋଇଥାଏ ତାହା ବ୍ୟକ୍ତି ପାଇଁ ବହିଃସମୂହ ଅଟେ।

୨. ଅନ୍ତଃସମୂହର ସଦସ୍ୟମାନଙ୍କ ମଧ୍ୟରେ 'ଆମେ ଭାବନା' (we-feeling) ରହିଥାଏ କିନ୍ତୁ ବହିଃ ସମୂହରେ ଏହି ଭାବନା ପରିଲକ୍ଷିତ ହୁଏନାହିଁ। ବହିଃସମୂହର ସଦସ୍ୟମାନଙ୍କ ପ୍ରତି 'ସେମାନେ' ଭାବନା ରହିଥାଏ।

୩. ଅନ୍ତଃସମୂହର ସଦସ୍ୟମାନଙ୍କ ମଧ୍ୟରେ ଆନୁଗତ୍ୟଭାବ ଏବଂ ସାହାଯ୍ୟ ମନୋବୃତ୍ତି ଦେଖାଯାଇଥାଏ। ଅନ୍ୟପକ୍ଷରେ ବହିଃସମୂହରେ ଆମର ଆଶା ପ୍ରତ୍ୟାଶାରେ ବ୍ୟତିକ୍ରମ ଦେଖାଯାଇଥାଏ।

୪. ଅନ୍ତଃସମୂହର ସଦସ୍ୟମାନଙ୍କ ମଧ୍ୟରେ ସ୍ନେହ, ଶ୍ରଦ୍ଧା, ଦକ୍ଷା, କ୍ଷମା, ସହନଶୀଳତା ଇତ୍ୟାଦି ଗୁଣଗୁଡିକ ପରିଲକ୍ଷିତ ହୋଇଥାଏ, କିନ୍ତୁ ଅନ୍ତଃସମୂହର ସଦସ୍ୟମାନଙ୍କର ବହିଃସମୂହର ସଦସ୍ୟମାନଙ୍କ ପ୍ରତି ପ୍ରତିଯୋଗିତା ଓ ଈର୍ଷା ପରାୟଣଭାବ ପରିଲକ୍ଷିତ ହୋଇଥାଏ।

୫. ଉଭୟ ଅନ୍ତଃ ଓ ବହିଃସମୂହର ସଦସ୍ୟତା ସ୍ୱଜାତିକୈନ୍ଦ୍ରିକ ଅଟେ। ପ୍ରତ୍ୟେକ ସମୂହର ସଂସ୍କୃତି, ରୀତି, ନୀତି ଇତ୍ୟାଦି ଭିନ୍ନ ଭିନ୍ନ। ପ୍ରତ୍ୟେକ ସମୂହର ସଦସ୍ୟ ନିଜ ସମୂହର ପ୍ରସ୍ଥିତି ପ୍ରତି ବେଶ୍ ସଚେତନ ରହିଥାନ୍ତି ଏବଂ ନିଜ ସମୂହ ସର୍ବୋତ୍କୃଷ୍ଟ ବୋଲି ବିବେଚନା କରିଥାନ୍ତି।

# ସଂସ୍କୃତି
# Culture

ମଣିଷ ଏକ ସ୍ୱତନ୍ତ୍ର ଜୀବ ଅଟେ । ଅନ୍ୟ ଜୀବମାନଙ୍କ ପରି ମଣିଷ ଏକ ଜୈବିକ ପ୍ରାଣୀ ଅଟେ । କିନ୍ତୁ ସଂସ୍କୃତି ଏହି ମଣିଷକୁ ଏକ ସ୍ୱତନ୍ତ୍ର ସାମାଜିକ ପ୍ରାଣୀ ରୂପେ ପରିଗଣିତ କରିଅଛି । ଏହା ମଣିଷକୁ ଦକ୍ଷତାର ସହିତ ପରିବେଶ ଓ ପରିସ୍ଥିତି ସହିତ ନିଜକୁ ପରିଚାଳିତ କରିବାରେ ସୁଯୋଗ ଦେଇଥାଏ । ଫଳରେ ମନୁଷ୍ୟ ଏକ ଉତ୍କୃଷ୍ଟ ଏବଂ ସନ୍ତୋଷ ଦାୟକ ଜୀବନ ଗଠନ କରିପାରିଥାଏ । ଏତଦ୍ ବ୍ୟତିତ ମଣିଷ ଏକ ସାମାଜିକ ପ୍ରାଣୀ ଏବଂ ତାର ଭୂମିକା ସମ୍ବନ୍ଧରେ ଜାଣିବାକୁ ହେଲେ ସଂସ୍କୃତି ସମ୍ବନ୍ଧୀତ ଜ୍ଞାନର ଆବଶ୍ୟକତା ରହିଅଛି । ପ୍ରତ୍ୟେକ ବ୍ୟକ୍ତି ଯେଉଁମାନେ ସାମାଜିକ ସମୂହ / ଦଳ ମଧ୍ୟରେ ଲାଳିତ ପାଳିତ ହୋଇଥାନ୍ତି ସେମାନେ ସଂସ୍କୃତିସମ୍ପନ୍ନ ଅଟନ୍ତି । ଏକ ସାଂସ୍କୃତିକ ପ୍ରାଣୀ ରୂପେ ଦୈନନ୍ଦିନ ଜୀବନକୁ ପରିଚାଳିତ କରିଥାନ୍ତି । ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ମଣିଷ ସମାଜରେ ବାସ କରି ପରସ୍ପରକୁ ସେମାନେ ପ୍ରଭାବିତ କରିଥାନ୍ତି । ସଂସ୍କୃତି ଏକ ବିଚାରଧାରା । ଏକ ବ୍ୟବହାରିକ ପଦ୍ଧତି, ଯାହାକୁ ଶିକ୍ଷଣୀୟ ପଦ୍ଧତିରେ ବ୍ୟକ୍ତି ଗ୍ରହଣ କରିଥାଏ ଏବଂ ସମୂହର ସଂସ୍କୃତି ମଧ୍ୟରେ ନିଜକୁ ଅନ୍ତର୍ଭୁକ୍ତ ବା ସମ୍ମିଳିତ କରିଥାଏ ।

### ସଂସ୍କୃତିର ଅର୍ଥ ଓ ସଂଜ୍ଞା
### Meaning and Definition of Culture

'ସଂସ୍କୃତି' ଶବ୍ଦଟି ଲାଟିନ୍ ଭାଷା 'କୋଲେରେ' (Colere) ରୁ ଆସିଅଛି, ଯାହାର ଅର୍ଥ ଜମି ଚାଷ କରିବା । କେତେକ ମଧ୍ୟ 'ସଂସ୍କୃତି' ଶବ୍ଦଟିକୁ ଭିନ୍ନ ଭାବରେ ଗ୍ରହଣ କରିଅଛନ୍ତି । ସେମାନଙ୍କ ମଧ୍ୟରେ ଏହି 'ସଂସ୍କୃତି' ଶବ୍ଦ ଜର୍ମାନ ଭାଷା 'କୁଲ୍‌ତୁରେ' (Kulture) ରୁ ଆସିଅଛି । ଏହାର ଅର୍ଥ 'ଉର୍ଦ୍ଧ୍ୱସ୍ତର ଜୀବନ ଓ ସଭ୍ୟତାର ସଫଳ ସମ୍ପାଦ୍ନ' (Attaiment of high level of life and Civilisation) ଯେତେବେଳେ ଅଷ୍ଟାଦଶ ଏବଂ ଊନବିଂଶ ଶତାବ୍ଦିରେ ଇଉରୋପୀୟମାନଙ୍କ ଦ୍ୱାରା ଏହି 'ସଂସ୍କୃତି' ଶବ୍ଦଟି ବ୍ୟବହୃତ ହେଲା । ଏହା ଶସ୍ୟ ଉତ୍ପାଦନ ଅଥବା ଶସ୍ୟ ଉତ୍ପାଦନର ଉତ୍କର୍ଷତା ପ୍ରକ୍ରିୟା ଭାବରେ ସୂଚିତ ହେଲା । ଊନବିଂଶ ଶତାବ୍ଦିରେ ଏହି ଶବ୍ଦଟି ପ୍ରଥମେ ବ୍ୟକ୍ତିର ଜୀବନ ଧାରଣ ସ୍ତରର ଉନ୍ନତି ଏବଂ ସଂସ୍କାର ଭାବରେ ଦର୍ଶାଯାଇଥିଲା । ଏହା ପ୍ରଥମତଃ ଶିକ୍ଷା ଏବଂ ପରବର୍ତ୍ତୀ ସମୟରେ ଆଦର୍ଶ ପାଳନ ରୂପେ ଗ୍ରହଣ କରାଯାଇଥିଲା । ଇଂରେଜୀ ନୃ ବିଜ୍ଞାନୀ ଇ.ବି. ଟାଇଲର ଅଷ୍ଟାଦଶ ଶତାବ୍ଦୀରେ 'ସଂସ୍କୃତି' ଶବ୍ଦଟିକୁ ପ୍ରଥମେ ବ୍ୟବହାର କରିଥିଲେ । ସେ ହେଉଛନ୍ତି ପ୍ରଥମ ନୃ ବିଜ୍ଞାନୀ ଯେ କି ୧୮୭୧ରେ ଲିଖିତ ପୁସ୍ତକ 'ପ୍ରିମିଟିଭ୍ କଲଚର' (Primitive Culture) ରେ ସଂସ୍କୃତିର ବିସ୍ତୃତ ସଂଜ୍ଞା ପ୍ରଦାନ କରିଅଛନ୍ତି ।

**ଇ.ବି. ଟିଲର୍** (E.B. Tylor) : "ଯେଉଁ ସବୁ ଜ୍ଞାନ, ବିଶ୍ୱାସ, କଳା, ନୈତିକତା, ଆଇନ, ପ୍ରଥା ଏବଂ ଅନ୍ୟାନ୍ୟ ସାମର୍ଥ୍ୟ ଓ ଅଭ୍ୟାସ ଗୁଡିକୁ ମନୁଷ୍ୟ ସମାଜର ଏକ ସଦସ୍ୟ ହିସାବରେ ଅର୍ଜନ କରିଥାଏ, ସେ ସବୁର ସମ୍ମିଶ୍ରଣକୁ ସଂସ୍କୃତି କୁହାଯାଏ ।"

(Culture is that complex whole which includes knowledge, belief, art, morals, laws, custom and any other capabilities acquired by man as a member of society)

**ବି. ମାଲିନୋସ୍କି** (B. Malinowaski) **:** "ସଂସ୍କୃତି ହେଉଛି ମଣିଷର ହସ୍ତକର୍ମ ଏବଂ ମାଧ୍ୟମ ଯାହାଦ୍ୱାରା ସେ ତାର ଲକ୍ଷ୍ୟ ହାସଲ କରିପାରେ।"

(Culture is that handiwork of man and the medium through which he achieves his ends)

**ମାକାଇଭର୍** (MacIver) **:** "ସଂସ୍କୃତି ଆମ ପ୍ରକୃତି, ଆମ ଜୀବନଯାପନ ପ୍ରଣାଳୀ, ଆମ ଚିନ୍ତାଧାରା, ଆମ ସାହିତ୍ୟ, ଧର୍ମ, ଆମୋଦ ପ୍ରମୋଦ ଏବଂ ଆନନ୍ଦ ଆଦାନ ପ୍ରଦାନର ପରିପ୍ରକାଶ ଅଟେ।"

(Culture is the expression of our nature, in our modes of living and our thinking, intercourse, in our litenature, in religion in recreation and enjoyment)

**ରାଲଫ୍ ଲିନଟନ୍** (Ralph Linton) **:** "ସମାଜର ସଂସ୍କୃତି ଏହାର ସଦସ୍ୟମାନଙ୍କର ଜୀବନର ଧାରା ଅଟେ। ଅଭ୍ୟାସ ଓ ଆଦର୍ଶ ଗୁଡିକର ସମଷ୍ଟି ଯାହାକୁ ସେମାନେ ଶିକ୍ଷା କରନ୍ତି, ବାଣ୍ଟନ୍ତି ଏବଂ ଏକ ପୁରୁଷରୁ ଅନ୍ୟ ଗୋଟିଏ ପୁରୁଷକୁ ସ୍ଥାନାନ୍ତରିତ କରିପାରିଥାନ୍ତି ।"

(The Culture of the society is the way of life of its members, the collection of ideas and habits which they learn, share and transmit from generation to generation)

ତେଣୁ, ସଂସ୍କୃତି ହେଉଛି ଯାହାକିଛି ମନୁଷ୍ୟ ଗଢ଼ିଥାଏ, ବ୍ୟବହାର କରିଥାଏ, ଶିକ୍ଷାଲାଭ କରିଥାଏ, ଜାଣିଥାଏ ଏବଂ ବିଶ୍ୱାସ କରିଥାଏ। ସମାଜବିଜ୍ଞାନର ବ୍ୟବହାର ପ୍ରଣାଳୀରେ ସମାଜର ସଦସ୍ୟ ହିସାବରେ ବ୍ୟକ୍ତି ଯାହା ସମ୍ପୂର୍ଣ୍ଣ ଭାବରେ ଶିକ୍ଷାଲାଭ କରିଥାଏ ତାହାକୁ ସଂସ୍କୃତି ବୋଲି ଗ୍ରହଣ କରାଯାଇଥାଏ। ଏହା ସମାଜର ସଦସ୍ୟଗଣ କିପରି ଚିନ୍ତା ଏବଂ ଅନୁଭବ କରିଥାନ୍ତି ତାହା ସୂଚାଇ ଦେଇଥାଏ। ଏହା ମଧ୍ୟ ପ୍ରତ୍ୟକ୍ଷ ଭାବରେ ସେମାନଙ୍କର କ୍ରିୟା କଳାପକୁ ସଠିକ୍ ମାର୍ଗରେ ପରିଚାଳିତ ଓ ନିୟନ୍ତ୍ରିତ କିରଥାଏ ଏବଂ ସେହି ସମାଜର ପ୍ରତ୍ୟେକ ସଦସ୍ୟ ସଂସ୍କୃତିର ଏହି ଶିକ୍ଷଣୀୟ ଏବଂ ବ୍ୟବହାରିକ ପଦ୍ଧତିକୁ ପ୍ରାଧାନ୍ୟ ଦେଇଥାନ୍ତି ଏବଂ ସତ୍ୟ ବୋଲି ମାନିନେଇଥାନ୍ତି।

## ସଂସ୍କୃତିର ବୈଶିଷ୍ଟ୍ୟ / ଲକ୍ଷଣ
### Characteristics of Culture

ସଂସ୍କୃତି ଆମର ସାମାଜିକ ଐତିହ୍ୟ ଅଟେ। ଏହା ବ୍ୟକ୍ତି ପାଇଁ ସମାଜର ଉପହାର ଅଟେ। ଏହା ଆମ ଭାବର ଅଭିବ୍ୟକ୍ତି ଅଟେ। ଏହା ମଧ୍ୟ ମଣିଷର ଜୀବନଶୈଳୀ ଅଟେ। ସମାଜବିଜ୍ଞାନୀମାନେ ଏହି 'ସଂସ୍କୃତି'ର ଧାରଣାଟିକୁ ନିଜ ନିଜର ଗବେଷଣାରେ ଗୁରୁତ୍ୱ ପ୍ରଦାନ କରିଆସୁଅଛନ୍ତି। ଉପରୋକ୍ତ ସଂଜ୍ଞା ଗୁଡ଼ିକୁ ବିଚାରକୁ ନେଇ ସଂସ୍କୃତିର ବିଭିନ୍ନ ଲକ୍ଷଣ ଅଥବା ବୈଶିଷ୍ଟ୍ୟକୁ ସେମାନେ ଆଲୋଚନା କରିଅଛନ୍ତି। ସେଗୁଡିକ ନିମ୍ନରେ ଆଲୋଚନା କରାଯାଇଅଛି।

**(୧) ସଂସ୍କୃତି ସାମାଜିକ ଅଟେ (Culture is Social) :** ୱାଲଟର ପଲ୍‌ଙ୍କର ମତ ଅନୁସାରେ, ସଂସ୍କୃତି ସାମୁହିକ ଧାରା, ବିଚାରଧାରା ଏବଂ କାର୍ଯ୍ୟକଳାପର ସମଷ୍ଟି ଅଟେ, ଯାହା ସମୂହର ସଦସ୍ୟମାନେ ଅନୁମୋଦନ କରି ସେଗୁଡିକୁ ଅନୁକରଣ କରିଥାନ୍ତି। ତେଣୁ ସଂସ୍କୃତି ଓ ବ୍ୟକ୍ତି ଉଭୟ ପରିପୂରକ। ସଂସ୍କୃତି ସମାଜଠାରୁ ବିଚ୍ଛିନ୍ନ ନୁହେଁ। ଏହା ସମାଜରୁ ହିଁ ଉତ୍ପତ୍ତି ଲାଭ କରିଅଛି ଏବଂ ସାମାଜିକ ଅନ୍ତଃକ୍ରିୟା ମାଧ୍ୟମରେ ମଣିଷର ଗୁଣ ଗୁଡିକ ବିକଶିତ ହେବାରେ ସାହାଯ୍ୟ କରିଥାଏ। ତେଣୁ ସଂସ୍କୃତି ସାମାଜିକ ଅଟେ। ସମୂହର ସହଯୋଗରେ ସଂସ୍କୃତିର ଗୁଣଗୁଡିକ ଗ୍ରହଣ କରି ବ୍ୟକ୍ତି ଏକ ସାମାଜିକ ଏବଂ ସାଂସ୍କୃତିକ ପ୍ରାଣୀ ହିସାବରେ ପରିଚିତ ହୋଇଥାଏ।

**(୨) ସଂସ୍କୃତି ଶିକ୍ଷଣୀୟ ଅଟେ (Culture is Learnt) :** ସଂସ୍କୃତି ଏକ ଶିକ୍ଷଣୀୟ ବ୍ୟବହାର ଅଟେ । ମଣିଷ ସମାଜରେ ବାସ କରିଥାଏ । ସମାଜର ସ୍ୱୀକୃତ ଓ ଅନୁମୋଦିତ ବ୍ୟବହାର ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ ହୋଇ ସାମାଜିକ ପ୍ରାଣୀଟିଏ ହୋଇଥାଏ । ଏତଦ୍ ବ୍ୟତିତ ସେ ସମାଜରେ ବାସ କରି ସଂସ୍କୃତି ମାଧ୍ୟମରେ ଯଥା ସାମାଜିକ ବିଚାରଧାରା ଦ୍ୱାରା ନିଜର ଜୀବନ ଶୈଳୀକୁ ରୁଚିସମ୍ପନ୍ନ କରିପାରିଥାଏ । ସାମାଜିକରଣ ପ୍ରକ୍ରିୟା ମଣିଷକୁ ଶୃଙ୍ଖଳିତ କରିଥାଏ । ଏପରିକି ସମାଜର ନିର୍ଦ୍ଦିଷ୍ଟ ସଂସ୍କୃତି ଯଥା, ଜ୍ଞାନ, ବିଶ୍ୱାସ, ନୈତିକତା, ପ୍ରଥା ଏବଂ ଅନ୍ୟାନ୍ୟ ଦକ୍ଷତା ହାସଲ କରି ମଣିଷର ସ୍ୱତନ୍ତ୍ରତା ବଜାୟ ରଖିପାରିଥାଏ । ମଣିଷ ବ୍ୟବହାରିକ ପଦ୍ଧତିଗୁଡ଼ିକ ଶିକ୍ଷାଲାଭ କରି ଦୈନନ୍ଦିନ ଜୀବନକୁ ପରିଚାଳିତ କରିଥାଏ । ଭାଷା ମାଧ୍ୟମରେ ଭାବର ଆଦାନପ୍ରଦାନ କରିପାରିଥାଏ । ଅନେକ ଗୁଡ଼ିଏ ଗୁଣ ଯଥା – ପୋଷାକ ପରିଧାନ, ମୁଣ୍ଡ କୁଣ୍ଡାଇବା, ଅଳଙ୍କାର ପିନ୍ଧିବା, ଖାଦ୍ୟ ରନ୍ଧନ, ପାତ୍ରରେ ପାନୀୟ ଜଳ ଗ୍ରହଣ ପତ୍ର ଅଥବା ପାତ୍ରରେ ଖାଦ୍ୟଗ୍ରହଣ, ସମ୍ବାଦପଠନ, ସଂଗୀତ ଗାୟନ, ପୂଜାପାଠ ଇତ୍ୟାଦି ସଂସ୍କୃତିର ଅନ୍ତର୍ଭୁକ୍ତ ଅଟେ । ବ୍ୟକ୍ତି ସମାଜିକରଣ ପ୍ରକ୍ରିୟା ଦ୍ୱାରା ଏହି ସମସ୍ତ ଗୁଡିକ ଶିକ୍ଷାଲାଭ କରିଥାଏ ।

**(୩) ସଂସ୍କୃତି ଭାଗୀଦାର ଅଟେ (Culture is Shared) :** ସଂସ୍କୃତି ବ୍ୟକ୍ତି ତଥା ନିର୍ଦ୍ଦିଷ୍ଟ ବ୍ୟକ୍ତି ନିକଟରେ ସିମୀତ ହୋଇ ରହିନଥାଏ । ସମାଜର ପ୍ରଚଳିତ ପ୍ରଥା, ପରମ୍ପରା, ବିଶ୍ୱାସ, ବିଚାର, ମୂଲ୍ୟବୋଧ, ନୈତିକତା ଇତ୍ୟାଦି ଗୁଡିକୁ ସାମୁହିକ ଭାବରେ ପ୍ରତ୍ୟେକ ବ୍ୟକ୍ତି ଅନୁକରଣ କରି ତଦନୁଯାୟୀ ପରିଚାଳିତ ହୋଇଥାନ୍ତି । ସମାଜର ସଦସ୍ୟ ହିସାବରେ ପ୍ରତ୍ୟେକ ବ୍ୟକ୍ତି ସାମୁହିକ ତଥା ସାମାଜିକ ବିଚାରଧାରାରେ ଭାଗୀଦାର ହୋଇ ପ୍ରତ୍ୟେକ ନିଜ ନିଜକୁ ସଂସ୍କୃତି ସମ୍ପନ୍ନ ପ୍ରାଣୀ ହିସାବରେ ବିବେଚନା କରିଛନ୍ତି । ସାମୂହିକ ଜୀବନଯାପନ ନିମନ୍ତେ ପ୍ରତ୍ୟେକ ବ୍ୟକ୍ତି ସାହିତ୍ୟ, କଳା, ସଙ୍ଗୀତ ଇତ୍ୟାଦିର ଆଦର କରିଥାନ୍ତି ଏବଂ ଗୋଷ୍ଠୀର ସାମାଜିକ ରୀତି ଓ ସଭ୍ୟତା ସହିତ ନିଜକୁ ସାମିଲ କରିଦେଇଥାନ୍ତି ।

**(୪) ସଂସ୍କୃତି ସଂଚାରଣ ଯୋଗ୍ୟ ଅଟେ (Culture is Transmissive) :** ସଂସ୍କୃତି ଗୋଟିଏ ବଂଶରୁ ପରବର୍ତ୍ତୀ ବଂଶକୁ ସ୍ଥାନାନ୍ତରିତ ହୋଇଥାଏ । ସାଧାରଣତଃ ପରିବାରରେ ପିତାମାତାମାନେ ଚାଲିଚଳଣ, ଆଚରଣ, କାର୍ଯ୍ୟକଳାପ ଇତ୍ୟାଦି ଗୁଣଗୁଡ଼ିକୁ ପରବର୍ତ୍ତୀ ପିଢ଼ୀର ପିଲାମାନଙ୍କ ପାଖକୁ ସ୍ଥାନାନ୍ତରିତ କରିଥାନ୍ତି । ଏହି ବ୍ୟବହାରିକ ପଦ୍ଧତି ପିଢ଼ୀ ପିଢ଼ୀକୁ ମାନସିକ ସ୍ତରରେ ସ୍ଥାନାନ୍ତରିତ ହୋଇଥାଏ । ସାଧାରଣତଃ ଭାଷା ହେଉଛି ଏକ ମାଧ୍ୟମ, ଯାହାରି ମାଧ୍ୟମରେ ସାଂସ୍କୃତିକ ବିଚାରଧାରା ଏକ ବଂଶରୁ ପରବର୍ତ୍ତୀ ବଂଶକୁ ସ୍ଥାନାନ୍ତରିତ ହୋଇଥାଏ । ଏବଂ ସଂଚାରଣ / ପ୍ରସାରଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । କାର୍ଯ୍ୟକଳାପର ସଂଯୋଜକ ହିସାବରେ ଭାଷା କାର୍ଯ୍ୟକରି ବ୍ୟକ୍ତି ବ୍ୟକ୍ତି ତଥା ବ୍ୟକ୍ତି ଓ ସମାଜ ମଧ୍ୟରେ ସଠିକ୍ ଭାବ ବିନିମୟ କରିବାରେ ସମର୍ଥ ହୋଇଥାଏ ।

**(୫) ସଂସ୍କୃତି ନିରବଚ୍ଛିନ୍ନ ଏବଂ କ୍ରମବର୍ଦ୍ଧନଶୀଳ ଅଟେ (Culture is Continuous and Cumulative) :** ସଂସ୍କୃତି ସାମାଜିକ ସମନ୍ୱୟ ରକ୍ଷା କରିବାରେ ସହାୟତା କରିଥାଏ । କେଉଁ ପରିସ୍ଥିତି ଅର୍ଥାତ୍ ସ୍ଥାନ, କାଳ, ପାତ୍ରକୁ ଦେଖି ସାଂସ୍କୃତିକ ଗୁଣ ଗୁଡ଼ିକ ନିର୍ଦ୍ଧାରିତ ହୋଇଥାଏ । ସମାଜର ସଦସ୍ୟଗଣ ତଦନୁଯାୟୀ ନିଜକୁ ନିୟନ୍ତ୍ରିତ ତଥା ପରିଚାଳିତ କରିଥାନ୍ତି । ଯୁବକ ଅଥବା ବୃଦ୍ଧ ବ୍ୟକ୍ତିମାନଙ୍କର ଯତ୍ନ ନେବା ନିମନ୍ତେ କେଉଁମାନେ ଉତ୍ତରଦାୟୀ ତାହା ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରଚଳିତ ଉପରେ ନିର୍ଭର କରିଯାଇଥାଏ । ଏହାର ଐତିହାସିକ ପ୍ରକ୍ରିୟା ନିରବଚ୍ଛିନ୍ନ

ଏବଂ କ୍ରମବର୍ଦ୍ଧିଷ୍ଣୁ ଅଟେ । ବହୁ ଆବାହମାନ କାଳରୁ ବଂଶାନୁକ୍ରମିକ ଭାବରେ ବାର୍ତ୍ତା, ଭାବ ଏବଂ ଧାରଣା ଗୁଡିକ ପ୍ରେରିତ ହୋଇଥାଏ । ତେଣୁ ସଂସ୍କୃତି ମନୁଷ୍ୟର ଏକ ସାମାଜିକ ଐତିହ୍ୟ ଅଟେ ।

**(୬) ସଂସ୍କୃତି ଗତିଶୀଳ ଅଟେ (Culture is Dynamic) :** କୌଣସି ସ୍ଥାନରେ ବ୍ୟବହୃତ ଏବଂ ପରିଚାଳିତ ସଂସ୍କୃତି ସ୍ଥିର ନଥାଏ । ଏହା ପରିବର୍ତ୍ତନଶୀଳ ଅଟେ । କିନ୍ତୁ ଏହି ପରିବର୍ତ୍ତନର ଗତି ମନ୍ଥର ଥାଏ ଏବଂ ଏହା ସଂସ୍କୃତିର ନୂତନ ରୂପରେଖ ହୋଇଥାଏ । ନୂତନ ବିଚାରମାନ, ମୂଲ୍ୟବୋଧ ଗୁଡ଼ିକ ସଠିକ୍ ସମୟରେ ସମାଜର ସଦସ୍ୟମାନଙ୍କୁ ପ୍ରୋତ୍ସାହିତ କରି ବ୍ୟବହାରକୁ ନିୟନ୍ତ୍ରିତ କରିଥାଏ ଏବଂ ପୁରାତନ ଧାରାଗୁଡ଼ିକୁ ନୂତନ ଢ଼ଙ୍ଗରେ ପରିବର୍ତ୍ତୀତ କରିଥାଏ ।

**(୭) ସଂସ୍କୃତି ଅଭିଯୋଜିତ ଅଟେ (Culture is Adaptive) :** ପରିବର୍ତ୍ତୀତ ସମାଜରେ ବ୍ୟକ୍ତି ନିଜକୁ ଏବଂ ସମାଜ ସହିତ ସମାଯୋଜନ ଅର୍ଥାତ୍ ଖାପ ଖୁଆଇ ଚଳିବା ନିମନ୍ତେ ସଂସ୍କୃତିର ସହଯୋଗ ଲୋଡ଼ିଥାଏ । ସଂସ୍କୃତି ମଧ୍ୟ ଏ କ୍ଷେତ୍ରରେ ବ୍ୟକ୍ତି ବିଶେଷଙ୍କୁ ସାହାଯ୍ୟ ସହଯୋଗ କରିଥାଏ । କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରଚଳିତ ସଂସ୍କୃତି ସ୍ଥିରି ନୁହେଁ । ପ୍ରଚଳିତ ପ୍ରଥା, ପରମ୍ପରା, ଜ୍ଞାନ ଇତ୍ୟାଦିରେ ସମୟାନୁଯାୟୀ କିଛି ମାତ୍ରାରେ ପରିବର୍ତ୍ତନ ଆସିଥାଏ । ନିର୍ଦ୍ଦିଷ୍ଟ ସଂସ୍କୃତିରେ କିଛି ପୁରୁଣା ସାଂସ୍କୃତିକ ଗୁଣ ଅଥବା ଲକ୍ଷଣ ଗୁଡ଼ିକରେ ପରିବର୍ତ୍ତନ ଆସିଥାଏ ଏବଂ କିଛି ନୂତନ ଗୁଣ ବା ଲକ୍ଷଣ ଗୁଡ଼ିକ ସାମିଲ ହୋଇଥାଏ । ଏହି ପରିବର୍ତ୍ତିତ ପରିସ୍ଥିତିରେ ମନୁଷ୍ୟକୁ ସମାଜ ସହିତ ପରିଚିତ ଓ ସମନ୍ୱିତ କରାଇବାରେ ସଂସ୍କୃତି ସାହାଯ୍ୟ କରି ମଣିଷର ଜୀବନଶୈଳୀକୁ ପ୍ରଭାବିତ କରିଥାଏ । ଫଳରେ ବ୍ୟକ୍ତି ସମାଜ ଓ ସାମାଜିକ ସମ୍ପର୍କ ସହିତ ସୁସମ୍ପର୍କ ରକ୍ଷା କରିପାରିଥାଏ ଏବଂ ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ଠିକ୍ ଭାବରେ ନିୟନ୍ତ୍ରିତ ଓ ପରିଚାଳିତ କରି ଆବଶ୍ୟକତା ଗୁଡିକର ପରିପୂରଣରେ ସମର୍ଥ ହୋଇଥାଏ ।

**(୮) ପ୍ରତ୍ୟେକ ସମାଜରେ ସଂସ୍କୃତିର ଭିନ୍ନତା ଥାଏ (Culture Varies from Society to Society):** ପ୍ରତ୍ୟେକ ସମାଜର ନିଜସ୍ୱ ସଂସ୍କୃତି ରହିଅଛି । ଗୋଟିଏ ସମାଜର ସଂସ୍କୃତିଠାରୁ ଆଉ ଗୋଟିଏ ସଂସ୍କୃତି ଭିନ୍ନ ଅଟେ । ସାଂସ୍କୃତିକ ଉପାଦାନ ଗୁଡ଼ିକ ଯଥା – ପରମ୍ପରା, ପ୍ରଥା, ନୈତିକତା ଇତ୍ୟାଦିର ସର୍ବବ୍ୟାପକତା ନଥାଏ । ନିର୍ଦ୍ଦିଷ୍ଟ ସଂସ୍କୃତି ସେହି ନିର୍ଦ୍ଦିଷ୍ଟ ସମାଜରେ ହିଁ ସିମୀତ ରହିଥାଏ । ଖାଦ୍ୟ, ପାନୀୟ, ପୋଷାକ ପରିଧାନ କଥା କହିବା ଶୈଳୀ ଜୀବନଶୈଳୀ ଇତ୍ୟାଦି ଭିନ୍ନ ଭିନ୍ନ ସମାଜରେ ଭିନ୍ନ ଭିନ୍ନ ଥାଏ । ତେଣୁ ନିଜର ସାମାଜିକ ଚଳଣୀ ପରିପ୍ରେକ୍ଷୀରେ ପ୍ରତ୍ୟେକ ସମାଜର ସଂସ୍କୃତି ଆଲୋଚିତ ହୋଇଥାଏ ଏବଂ ନିର୍ଦ୍ଦିଷ୍ଟ ସଂସ୍କୃତି ଅର୍ଥାତ୍ ଭାବଧାରା ବିଚାର ଜୀବନଶୈଳୀ ହିଁ ବ୍ୟକ୍ତିମାନଙ୍କର ଆବଶ୍ୟତାଗୁଡିକୁ ସନ୍ତୋଷଜନକ ଭାବରେ ପରିପୂରଣ କରିଥାଏ ।

**(୯) ସଂସ୍କୃତି ପ୍ରତୀକାତ୍ମକ ଅଟେ (Culture is Symbolic):** ସଂସ୍କୃତିର ଏକ ନିର୍ଦ୍ଦିଷ୍ଟ ପ୍ରତୀକ ରହିଥାଏ । ଏହାହିଁ ମଣିଷ ସମାଜର ସ୍ୱତନ୍ତ୍ରତା ଅଟେ । ଏହି ପ୍ରତୀକ ମଧ୍ୟରେ ସ୍ୱତନ୍ତ୍ର ବିଚାର, ମୂଲ୍ୟବୋଧ, ନୈତିକତା ଇତ୍ୟାଦି ରହିଥାଏ । ଏହା ସମାଜରେ ବାସକରୁଥିବା ମନୁଷ୍ୟ ମନରେ ଏକ ସାକାରାତ୍ମକ ପ୍ରଭାବ ପକାଇଥାଏ । ଫଳରେ ପ୍ରତ୍ୟେକ ମଣିଷ ନିଜକୁ ନିୟନ୍ତ୍ରିତ କରିବା ସହିତ ନିଜ ନିଜର ସ୍ଥିତି ଏବଂ କର୍ତ୍ତବ୍ୟବୋଧ

ପ୍ରତି ପୂର୍ଣ୍ଣମାତ୍ରାରେ ସଚେତନ ହୋଇ ପଡିଥାନ୍ତି । ସାଧାରଣତଃ ମଣିଷକୁ ଏକ ସଂସ୍କୃତି ବାହକ ପ୍ରାଣୀ ରୂପେ ଗ୍ରହଣ କରାଯାଇଥାଏ । କାରଣ ସେମାନଙ୍କର ବ୍ୟବହୃତ ପ୍ରତୀକ ଅନୁଯାୟୀ ପରିଚାଳିତ ଓ ନିୟନ୍ତ୍ରିତ କରିବାର ଦକ୍ଷତା ଅଥବା ସାମର୍ଥ୍ୟ ରହିଅଛି ।

**(୧୦) ସଂସ୍କୃତି ବସ୍ତୁଭିତ୍ତିକ ଏବଂ ଅବସ୍ତୁଭିତ୍ତିକ ବିଷୟ ରହିଅଛି (Culture has both Material and Non-material Contents):** ସଂସ୍କୃତି ବସ୍ତୁଭିତ୍ତିକ ଓ ଅବସ୍ତୁଭିତ୍ତିକ ଅଟେ । ବସ୍ତୁଭିତ୍ତିକ ସଂସ୍କୃତି ମୂର୍ତ୍ତ ଅଟେ । ଏହା ସ୍ପର୍ଶ କରିପାରୁଥିବା ବସ୍ତୁଗୁଡିକୁ ନେଇ ଗଠିତ ଯଥା - ପୋଷାକ, ବହିପତ୍ର, ରେଡ଼ିଓ, ସାଇକେଲ, ଯନ୍ତ୍ରପାତି ଇତ୍ୟାଦି । ଅବସ୍ତୁଭିତ୍ତିକ ସଂସ୍କୃତି ଅମୂର୍ତ୍ତ ଓ ସ୍ପର୍ଶହୀନ ଅଟେ । ବିଚାର, ମୂଲ୍ୟବୋଧ, ଜ୍ଞାନ, ବ୍ୟବହାରିକ ପଦ୍ଧତି ଏବଂ ଅନୁଷ୍ଠାନମାନ ଅବସ୍ତୁଭିତ୍ତିକ ସଂସ୍କୃତିର ଅନ୍ତର୍ଭୁକ୍ତ ଅଟନ୍ତି । ଅଧିକାଂଶ ଅବସ୍ତୁଭିତ୍ତିକ ସଂସ୍କୃତି ପ୍ରତିମାନୀୟ ଅଟନ୍ତି । ସଂସ୍କୃତି ସର୍ବଦା ଅନ୍ତର୍ନିହିତ ପ୍ରକୃତିକୁ ଗୁରୁତ୍ୱ ପ୍ରଦାନ କରିଥାଏ । ସଂସ୍କୃତିକୁ ଧାରଣ କରି ପ୍ରତ୍ୟେକ ମନୁଷ୍ୟ ପରସ୍ପରକୁ ପ୍ରଭାବିତ କରିଥାନ୍ତି ଏବଂ ପାରସ୍ପରିକ କ୍ରିୟା ମାଧ୍ୟମରେ ସମ୍ବନ୍ଧକାରୀ ସମ୍ପର୍କ ସ୍ଥାପନ କରିଥାନ୍ତି ।

**(୧୧) ସଂସ୍କୃତି ସନ୍ତୋଷପ୍ରଦାନକାରୀ ଅଟେ (Culture is Gratifying):** ସଂସ୍କୃତି ମଣିଷର ଜୈବିକ ତଥା ସାମାଜିକ ଆବଶ୍ୟକତା ଗୁଡିକ ପୂରଣ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇଥାଏ । ଏହା ଉତ୍ତମ ବିଚାର ଗୁଡିକୁ ନେଇ ଗଠିତ । ବିଚାର, ପ୍ରଥା, ପରମ୍ପରା, ବ୍ୟବହାରିକ ପଦ୍ଧତି ପ୍ରଭୃତି ଗୁଣଗୁଡିକୁ ଗ୍ରହଣ କରି ମନୁଷ୍ୟ ନିଜର ଲକ୍ଷ୍ୟସାଧନ କରି ସନ୍ତୋଷ ଲାଭ କରିଥାଏ । ତେଣୁ ସଂସ୍କୃତିର ଏହି ବିଚାରଧାରା ସମାଜର ସଦସ୍ୟମାନଙ୍କୁ ସେମାନଙ୍କୁ ନିୟନ୍ତ୍ରଣରୁ ମୁକ୍ତ କରିଥାଏ । ସମାଜର କଠୋର ସାମାଜିକ ପ୍ରଥାରୁ ମଧ୍ୟ ମୁକ୍ତ କରିଥାଏ । ତେଣୁ ସର୍ବୋପରି ସଂସ୍କୃତି ବ୍ୟକ୍ତି ତଥା ସମୂହର ନୈତିକ ଏବଂ ସାମାଜିକ ଆବଶ୍ୟକତା ଗୁଡିକ ପୂରଣ କରିବାରେ ସହାୟତା କରିଥାଏ । ଫଳରେ ବ୍ୟକ୍ତି ମାନସିକ ସନ୍ତୋଷ ଲାଭ କରିଥାଏ ।

**(୧୨) ସଂସ୍କୃତିର ଆଦର୍ଶବାଦୀ ଅଟେ (Culture is Idealistic):** ପ୍ରତ୍ୟେକ ସମାଜରେ କେତେକ ପ୍ରତିମାନ ତଥା ବ୍ୟବହାରର ମାନକ ରହିଥାଏ । ନୈତିକ ବିଚାରଧାରା ଦ୍ୱାରା ସମାଜର ସଦସ୍ୟମାନେ ଦୈନନ୍ଦିନ ଜୀବନକୁ ସୁପରିଚାଳିତ କରିଥାନ୍ତି ଏବଂ ଏହି ବିଚାରଧାରା ଗୁଡିକୁ ସମାଜର ଆଦର୍ଶରୂପେ ଗ୍ରହଣ କରିଆସୁଛନ୍ତି । ନୈତିକ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ ହୋଇ ପ୍ରତ୍ୟେକ ସମାଜରେ ସାମାଜିକ ସ୍ୱୀକୃତି ଲାଭ କରିଥାନ୍ତି । ଉଦାହରଣସ୍ୱରୂପ, ଭାରତର ଜାତୀୟ ପତାକା ଯେ କେବଳ ଏକ ରଙ୍ଗୀନ କପଡ଼ା ହୋଇ ରହିଥାଏ, ତାହା ନୁହେଁ । ଏହାର ଏକ ସାମାଜିକ ତଥା ସାଂସ୍କୃତିକ ମୂଲ୍ୟବୋଧ ରହିଅଛି । ଏହି ମୂଲ୍ୟବୋଧ ଭାରତୀୟଙ୍କ ମଧ୍ୟରେ ଐକ୍ୟ, ସଂହତି, ଭାତୃତ୍ୱ ଭାବ ସୃଷ୍ଟି କରିବାରେ ସହାୟକ ହୋଇପାରୁଅଛି । ଏତଦ୍ ବ୍ୟତିତ ଏହି ତ୍ରିରଙ୍ଗା ପତାକା ଜାତୀୟବୋଧ, ଦେଶବତ୍ସଳତା ଭାବ ସୃଷ୍ଟି କରି ପରସ୍ପର ମଧ୍ୟରେ ଆବେଗିକ ସମ୍ପର୍କ ରକ୍ଷା କରିବାରେ ସମର୍ଥ ହୋଇପାରୁଅଛି ।

ଉପରୋକ୍ତ ଆଲୋଚନାରୁ ଏହା ସୁସ୍ପଷ୍ଟ ଯେ, ସଂସ୍କୃତି ଏକ ନିର୍ଦ୍ଦିଷ୍ଟ ସମାଜ ସହିତ ଏକାତ୍ମ ତଥା ଅନ୍ତରଂଗ ହେବାର ଅନୁରାଗ ସୃଷ୍ଟି କରିଥାଏ । ସାମୁହିକ ଚେତନା ବ୍ୟକ୍ତି ବା ଗୋଷ୍ଠୀକୁ ଶୃଙ୍ଖଳିତ ନାଗରିକ ହେବାର ପ୍ରେରଣା

ଦେଇଥାଏ। ମାନବିକ ପ୍ରୟାସ ଗୁଡ଼ିକ ପ୍ରତି ପ୍ରତିବଦ୍ଧତା ସୃଷ୍ଟି କରିଥାଏ ଏବଂ ସାମାଜିକ ହିତସାଧନକୁ ଗୁରୁତ୍ୱ ପ୍ରଦାନ କରିଥାଏ। ସଂସ୍କୃତିର ଗୁଣାତ୍ମକ ମୂଲ୍ୟବୋଧ ସୁସ୍ଥ ସମାଜ ପାଇଁ ହିତକର ହୋଇଥାଏ। ଏହା ମଣିଷ ଭିତରେ ସୁସମ୍ପର୍କ ସ୍ଥାପନ କରିଥାଏ। ବ୍ୟକ୍ତିତ୍ୱର ପରିପ୍ରକାଶରେ ମଧ୍ୟ ଏହା ସହାୟକ ହୋଇଥାଏ। ମଣିଷର ଚିନ୍ତାଧାରା ମଧ୍ୟରେ ଥାଏ ତା'ର ସାମାଜିକ ତଥା ସାଂସ୍କୃତିକ ଜୀବନ।

## ବସ୍ତୁଭିତ୍ତିକ ଏବଂ ଅବସ୍ତୁଭିତ୍ତିକ ସଂସ୍କୃତି

**Material and Non-material Culture**

ସମାଜର ସଦସ୍ୟମାନଙ୍କର ମନୋଭାବ, ବିଶ୍ୱାସ, ମୂଲ୍ୟବୋଧ ଇତ୍ୟାଦି ସଂସ୍କୃତି ଭିତ୍ତିକ ଅଟେ। ସମାଜର ପ୍ରତିମାନ ମଧ୍ୟ ଏହି ଭାବଧାରାରେ ଅର୍ଥାତ୍ ସଂସ୍କୃତିକୁ ଆଧାର କରି ବ୍ୟକ୍ତିକୁ ପରିଚାଳିତ ଏବଂ ନିୟନ୍ତ୍ରିତ କରିଥାନ୍ତି। ଏହି ସ୍ୱୀକୃତ ବ୍ୟବହାରଗୁଡ଼ିକ ଅଧିକ ଶିକ୍ଷଣୀୟ ହୋଇଥାଏ, ଯାହା ପିଢ଼ୀ ପିଢ଼ୀକୁ ସ୍ଥାନାନ୍ତରିତ ହୋଇଥାଏ। ଏକ ଗ୍ରହଣୀୟ, ସ୍ୱୀକୃତ ବ୍ୟବହାର ଦ୍ୱାରା ବ୍ୟକ୍ତି ନିଜ ଦୈନନ୍ଦିନ ଜୀବନକୁ ଶୃଙ୍ଖଳିତ କରିଥାଏ।

ଓଗ୍‌ବର୍ଣ୍ଣନ ସଂସ୍କୃତିକୁ ଦୁଇ ଭାଗରେ ବିଭକ୍ତ କରିଅଛନ୍ତି । (୧) ବସ୍ତୁଭିତ୍ତିକ ସଂସ୍କୃତି (Material Culture) ଏବଂ (୨) ଅବସ୍ତୁଭିତ୍ତିକ ସଂସ୍କୃତି (Non-material Culture)\

ଉଭୟ ବସ୍ତୁଭିତ୍ତିକ ଓ ଅବସ୍ତୁଭିତ୍ତିକ ସଂସ୍କୃତି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ଅଟନ୍ତି। କେତେକ ସମାଜ ବସ୍ତୁଭିତ୍ତିକ ସଂସ୍କୃତିକୁ ପ୍ରାଥମିକତା ଦେଉଥିବାବେଳେ ଅନ୍ୟ କେତେକ ଗୌଣ କରିଥାନ୍ତି ଓ ଅବସ୍ତୁଭିତ୍ତିକ ସଂସ୍କୃତିକୁ ଆପଣେଇ ଥାଆନ୍ତି। ଉଭୟ ପ୍ରକାରର ସଂସ୍କୃତିକୁ ନିମ୍ନରେ ଆଲୋଚନା କରାଗଲା।

**ବସ୍ତୁଭିତ୍ତିକ ସଂସ୍କୃତି (Material Culture) :** ବସ୍ତୁଭିତ୍ତିକ ସଂସ୍କୃତି କେତେକ ମୂର୍ତ୍ତ (Concrete) ଏବଂ ସ୍ପର୍ଶଯୋଗ୍ୟ (Tangible) ପଦାର୍ଥ ଗୁଡ଼ିକୁ ନେଇ ଗଠିତ, ଯଥା- ବିଭିନ୍ନ ପ୍ରକାର ଉପକରଣ, ସଡ଼କ, ପୋଲ, ସାଜସରଞ୍ଜାମ, ଅସ୍ତ୍ରଶସ୍ତ୍ର, ବେଶ ପୋଷାକ, ରେଡ଼ିଓ, ବହିପତ୍ର ଇତ୍ୟାଦି। ଏହା ବାହ୍ୟ ଉପଯୋଗୀ ବସ୍ତୁସହ ସଂପୃକ୍ତ, ହକି ଖେଳରେ ଉଦାହରଣ ସ୍ୱରୂପ ବ୍ୟାଟ, ବଲ ଇତ୍ୟାଦି କେତେକ ବସ୍ତୁଭିତ୍ତିକ ସଂସ୍କୃତିର ଅନ୍ତର୍ଭୁକ୍ତ ଅଟେ।

**ଅବସ୍ତୁଭିତ୍ତିକ ସଂସ୍କୃତି (Non-material Culture) :** ଅବସ୍ତୁଭିତ୍ତିକ ସଂସ୍କୃତି ଅମୂର୍ତ୍ତ (Abstract) ଏବଂ ସ୍ପର୍ଶହୀନ (Intangible) ଅଟନ୍ତି। ବିଭିନ୍ନ ପ୍ରକାର ବିଶ୍ୱାସ, ଚିନ୍ତାଧାରା, ଆଦର୍ଶ, କଳାକୌଶଳ, ଜ୍ଞାନ, ଧର୍ମ, ବିଜ୍ଞାନ, ଆଇନ ଇତ୍ୟାଦି ଏହି ସଂସ୍କୃତିର ଅନ୍ତର୍ଭୁକ୍ତ ଅଟନ୍ତି। ଉଦାହରଣ ସ୍ୱରୂପ ହକି ଖେଳର ସରଞ୍ଜାମ ଗୁଡ଼ିକ ବସ୍ତୁଭିତ୍ତିକ ସଂସ୍କୃତି ଥିଲାବେଳେ ଖେଳର ନିୟମ, ଖେଳାଳୀଙ୍କର ଖେଳ କୌଶଳ, ଅବସ୍ତୁଭିତ୍ତିକ ସଂସ୍କୃତିର ଅନ୍ତର୍ଭୁକ୍ତ ଅଟନ୍ତି। ଇତ୍ୟାଦି ଏହି ସଂସ୍କୃତିର ଅନ୍ତର୍ଭୁକ୍ତ ଅଟନ୍ତି। ଉଦାହରଣ ସ୍ୱରୂପ ହକି ଖେଳର ସରଞ୍ଜାମ ଗୁଡ଼ିକ ବସ୍ତୁଭିତ୍ତିକ ସଂସ୍କୃତି ଥିଲାବେଳେ ଖେଳର ନିୟମ, ଖେଳାଳୀଙ୍କର ଖେଳ କୌଶଳ, ଅବସ୍ତୁଭିତ୍ତିକ ସଂସ୍କୃତିର ଅନ୍ତର୍ଭୁକ୍ତ ଅଟନ୍ତି।

ପ୍ରତ୍ୟେକ ସମାଜ ନିଜର ଭାଷା, ପ୍ରଥା, ପରମ୍ପରା ଓ ବ୍ୟବହାରର ପ୍ରତିମାନରେ ଅନ୍ୟ ସମାଜଠାରୁ ଭିନ୍ନ ହେବା ସହିତ ସେମାନଙ୍କର ଔଦ୍ୟୋଗିକ ବିକାଶର ଧାରାରେ ମଧ୍ୟ ମୂର୍ତ୍ତ ଏବଂ ସ୍ପର୍ଶଯୋଗ୍ୟ ପଦାର୍ଥଗୁଡ଼ିକୁ ବ୍ୟବହାର କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାନ୍ତି। ସମାଜର ଔଦ୍ୟୋଗିକ ବିକାଶରେ ନୀତି, ନିୟମ,

ବିଶେଷ ସହାୟକ ହୋଇଥାଏ । ତେଣୁ ବସ୍ତୁଭିତ୍ତିକ ଏବଂ ଅବସ୍ତୁଭିତ୍ତିକ ସଂସ୍କୃତି ପରସ୍ପର ପରିପୂରକ ଓ ନିର୍ଭରଶୀଳ ଅଟନ୍ତି ।

### ସାଂସ୍କୃତିକ ବିଳମ୍ବନ (Cultural Lag)

ସାଂସ୍କୃତିକ ବିଳମ୍ବନ ବିଚାରକୁ ସର୍ବପ୍ରଥମେ ସମାଜବିଜ୍ଞାନୀ ଡବ୍ଲ୍ୟୁ, ଏଫ୍. ଓଗବର୍ଣ୍ଣ (W.F. Ogbum) ୧ ୯ ୫ ୦ ମସିହାରେ ନିଜର ରଚିତ ପୁସ୍ତକ 'ସୋସିଆଲ୍ ଚେଂଜ' (Social Change) ରେ ଉଲ୍ଲେଖ କରିଅଛନ୍ତି । ସଂସ୍କୃତି ପରିବର୍ତ୍ତନଶୀଳ । ଓଗ୍‌ବର୍ଣ୍ଣଙ୍କ ମତରେ ବସ୍ତୁଭିତ୍ତିକ ଓ ଅବସ୍ତୁଭିତ୍ତିକ ସଂସ୍କୃତି ଏକ ସମୟରେ ସମାନ ଭାବରେ ପରିବର୍ତ୍ତନ ହୋଇନଥାନ୍ତି । ବସ୍ତୁଭିତ୍ତିକ ସଂସ୍କୃତିରେ ପରିବର୍ତ୍ତନର ଗତି ଅଧିକ ରହିଥାଏ । ବସ୍ତୁଭିତ୍ତିକ ସଂସ୍କୃତି ତୁଳନାରେ ଅବସ୍ତୁଭିତ୍ତିକ ସଂସ୍କୃତିରେ ପରିବର୍ତ୍ତନ ଅପେକ୍ଷାକୃତ ମନ୍ଥର ହୋଇଥାଏ । ଫଳରେ ପରିବର୍ତ୍ତନରେ ଉଭୟ ସଂସ୍କୃତି ମଧ୍ୟରେ ବ୍ୟବଧାନ ସୃଷ୍ଟି ହୋଇଥାଏ ।  ସେହି ବ୍ୟବଧାନକୁ ଓଗ୍‌ବର୍ଣ୍ଣ 'ସାସ୍କୃତିକ ବିଳମ୍ବନ' (Cultural Lag) ନାମରେ ଅଭିହିତ କରିଅଛନ୍ତି ।

ଓଗ୍‌ବର୍ଣ୍ଣ ଉଦାହରଣ ଦେଇ କହିଅଛନ୍ତି, ଜନସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି, ସେହି ଅନୁପାତରେ ଏହାକୁ ନିୟନ୍ତ୍ରଣ କରିବାପାଇଁ ପରିବାର ନିୟନ୍ତ୍ରଣ ପଦ୍ଧତି ଅବଲମ୍ବନ କରାଯାଉଥିବା ସତ୍ତ୍ୱେ ପାରମ୍ପରିକ ଧାର୍ମିକ ମୂଲ୍ୟବୋଧ ଯୋଗୁ ପ୍ରାୟ ପରିବାରର ସଦସ୍ୟଗଣ ଏହାକୁ ସହଜରେ ଗ୍ରହଣ କରିପାରୁ ନାହାଁନ୍ତି । ଫଳରେ ସାଂସ୍କୃତିକ ବିଳମ୍ବନ ସୃଷ୍ଟି ହେଉଅଛି । ଅର୍ଥାତ୍ ବସ୍ତୁ ଏବଂ ଅବସ୍ତୁଭିତ୍ତିକ ସଂସ୍କୃତି ମଧ୍ୟରେ ସମନ୍ୱୟ ନରହିଲେ ପରିବର୍ତ୍ତନ ସମାନ ଭାବରେ ହୋଇନଥାଏ । ସେହି ବ୍ୟବଧାନରୁ ବିଳମ୍ବନର ସୃଷ୍ଟି ହୋଇଥାଏ ।

⊠○⊠

# ଆଦର୍ଶ ପ୍ରଶ୍ନାବଳୀ

## Group - A
## Objective Type
## 'କ' ବିଭାଗ
### ଅତି ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

**କ. ନିମ୍ନଲିଖିତବିକଳ୍ପ ଗୁଡିକ ମଧ୍ୟରୁ ସଠିକ୍ ଉତ୍ତର ପ୍ରଦାନ କର ।**

**(Multiple Choice Questions)**

୧. ସମାଜ କେଉଁ ଶବ୍ଦରୁ ଆସିଅଛି ?
(କ) ଜର୍ମାନ (ଖ) ଲାଟିନ୍ (ଗ) ଗ୍ରୀକ୍

୨. 'ସୋସିଅସ୍'ର ଅର୍ଥ କ'ଣ ?
(କ) ସଂଘ (ଖ) ସଂସ୍କୃତ (ଗ) ଅନୁଷ୍ଠାନ (ଘ) ସମାଜ

୩. ମନୁଷ୍ୟର ବ୍ୟବହାର ଏବଂ ସ୍ୱାଧୀନତାକୁ ନିୟନ୍ତ୍ରଣ କରୁଥିବା ପ୍ରଚଳିତ ଚଳଣି, ପ୍ରାଧିକାର, ପାରସ୍ପରିକ ସହଯୋଗ, ବହୁଦଳ ଓ ବିଭାଜନର ବ୍ୟବସ୍ଥାକୁ ସମାଜ କୁହାଯାଏ - ଏହି ଉକ୍ତିଟି କିଏ କହିଥିଲେ ?
(କ) ଏମ୍.ଜିନ୍ସବର୍ଗ (ଖ) ଏଫ୍. ଏଚ୍. ଗିଡିଙ୍ଗସ୍
(ଗ) ମାକାଇଭର ଏବଂ ପେଜ୍

୪. 'ସମାଜ ଏକ ସାମାଜିକ ସମ୍ପର୍କର ଗୁଚ୍ଛ ଅଟେ' - ଏହି ଉକ୍ତିଟି କେଉଁ ସାମଜଶାସ୍ତ୍ରବିତ୍‌ଙ୍କର ଅଟେ ?
(କ) କୋଲେ (ଖ) ଲାପିଏର୍ (ଗ) ମାକାଇଭର

୫. ସାମାଜିକ ଚୁକ୍ତିତତ୍ତ୍ୱର ପ୍ରତିଷ୍ଠାତା କିଏ ?
(କ) ସ୍ପେନସର୍ (ଖ) ହବସ୍ (ଗ) ଦୁର୍ଖେଇମ୍

୬. ଜୈବତତ୍ତ୍ୱର ପ୍ରତିଷ୍ଠାତା କିଏ ?
(କ) ହବସ୍ (ଖ) ସ୍ପେନସର (ଗ) ଦୁର୍ଖେଇମ୍

୭. ସମୁଦାୟ କେଉଁ ଭାଷାରୁ ଆସିଅଛି ?
(କ) ଗ୍ରୀକ୍ (ଖ) ଲାଟିନ୍ (ଗ) ଫରାସୀ

୮. ନିମ୍ନଲିଖିତ ମଧ୍ୟରୁ କେଉଁଟି ସମୁଦାୟ ଅଟେ ?
(କ) ବିଦ୍ୟାଳୟ (ଖ) ଦେବାଳୟ (ଗ) ଗ୍ରାମ

୯. "କିଛି ପରିମାଣରେ 'ଆମ-ଭାବନା' ଥିବା ଏବଂ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାସ କରୁଥିବା ଏକ ସାମାଜିକ ସମୂହକୁ ସମୁଦାୟ କୁହାଯାଏ" - ଏହି ଉକ୍ତିଟି କିଏ ବ୍ୟକ୍ତ କରିଅଛନ୍ତି ?
(କ) କେ.ଡାଭିସ (ଖ) ଲୁଣ୍ଡବର୍ଗ (ଗ) ଇ.ଏସ୍. ବୋଗାର୍ଡସ

୧୦. ନିମ୍ନଲିଖିତ କେଉଁଟି ସମୁଦାୟର ପ୍ରମୁଖ ବୈଶିଷ୍ଟ୍ୟ ଅଟେ ?
(କ) ବ୍ୟକ୍ତି (ଖ) ସାମୁଦାୟିକ ମନୋଭାବ (ଗ) ମୁଁ-ଭାବନା

୧୧. ଏକାଧିକ ବ୍ୟକ୍ତି ଇଚ୍ଛାକୃତ ଭାବରେ ସଂଗଠିତ ହୋଇ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ପୂରଣ କରିଥାନ୍ତି ତାହାକୁ କ'ଣ କୁହାଯାଏ ?
(କ) ସମାଜ (ଖ) ଅନୁଷ୍ଠାନ (ଗ) ସଂଘ

୧୨. ସଂଘର ଆଭିଧାନିକ ଅର୍ଥ କ'ଣ ?
(କ) ବ୍ୟକ୍ତି (ଖ) ସମୂହ ବା ଦଳ (ଗ) ସହଯୋଗିତା

୧୩. 'ଯେତେବେଳେ କେତେକ ଲୋକ ଏକତ୍ର ହୋଇ କେତେକ ଉଦ୍ଦେଶ୍ୟ ପୂରଣପାଇଁ କାର୍ଯ୍ୟ କରିଥାନ୍ତି, ତାକୁ ସଂଘ କୁହାଯାଏ' - ଏହି ଉକ୍ତିଟି କାହାର ଅଟେ ?
(କ) କେ. ଡାଭିସ୍ (ଖ) ଇ.ଏସ୍. ବୋଗାର୍ଡସ (ଗ) ଏମ୍. ଜିନ୍ସବର୍ଗ

୧୪. ପରିବାର କେଉଁ ଶ୍ରେଣୀୟ ସଂଘ ଅଟେ ?
(କ) ବୃତ୍ତିଗତ (ଖ) ଜୈବିକ (ଗ) ଧର୍ମୀୟ

୧୫. ଶିକ୍ଷକସଂଘ କେଉଁ ସଂଘ ଅଟେ ?
(କ) ରାଜନୈତିକ (ଖ) ବୃତ୍ତିଗତ (ଗ) ଜୈବିକ

୧୬. ସଂଘର ସଦସ୍ୟମାନଙ୍କର ସଦସ୍ୟତା କେଉଁ ପ୍ରକାର ?
(କ) ଇଚ୍ଛାକୃତ (ଖ) ବାଧ୍ୟତାମୂଳକ (ଗ) ଜନ୍ମଗତ

୧୭. ସଂଘର ସଦସ୍ୟମାନଙ୍କ ମଧ୍ୟରେ କେଉଁ ପ୍ରକାର ସମ୍ପର୍କ ଦେଖିବାକୁ ମିଳିଥାଏ ?
(କ) ସଂଘର୍ଷଗତ (ଖ) ସହଯୋଗିତା ମୂଳକ (ଗ) ପ୍ରତିଯୋଗିତା ମୂଳକ

୧୮. ପରସ୍ପର ମଧ୍ୟରେ ସାମାଜିକ ସମ୍ପର୍କ ଥିବା କେତେକ ବ୍ୟକ୍ତିଙ୍କର ସମଷ୍ଟିକୁ ଆମେ ସାମାଜିକ ସମୂହ ବୁଝିଥାଉ - ଏହି ଉକ୍ତିଟି କିଏ କହିଥିଲେ ?
(କ) କେ. ଡାଭିସ୍ (ଖ) ମାକାଇଭର ଏବଂ ପେଜ୍ (ଗ) ଇ.ଏସ୍. ବୋଗାର୍ଡସ୍

୧୯. ଏକ ଅସଂରଚିତ ଏବଂ ଅସଂଗଠିତତ ବ୍ୟକ୍ତିମାନଙ୍କର ସମଷ୍ଟି କେଉଁ ଦଳର ଅନ୍ତର୍ଭୁକ୍ତ ଅଟେ ?
(କ) ପ୍ରାଥମିକ ସମୂହ (ଖ) ଆଭାଷିକ ଦଳ (ଗ) ଗୌଣ ସମୂହ

୨୦. କେଉଁ ସମାଜବିଜ୍ଞାନୀ 'ପ୍ରାଥମିକ ସମୂହ' ଶବ୍ଦଟି ପ୍ରୟୋଗ କରିଥିଲେ ?
(କ) ଅଗବର୍ଣ୍ଣ (ଖ) ସି.ଏଚ୍. କୁଲେ (ଗ) ନିମକଫ୍

୨୧. କେଉଁ ସମୂହକୁ ସାମାଜିକ ସଂଗଠନର ଭୃଣକୋଷ ବୋଲି କୁହାଯାଇଥାଏ ?
(କ) ପ୍ରାଥମିକ ସମୂହ (ଖ) ଗୌଣ ସମୂହ (ଗ) ଆଭାଷିଦଳ

୨୨. କେଉଁ ସମୂହରେ ସମ୍ପର୍କ ନିଜେ ଏକ ଲକ୍ଷ୍ୟ ଅଟେ ?
(କ) ପ୍ରାଥମିକ ସମୂହ (ଖ) ଗୌଣ ସମୂହ (ଗ)ବର୍ହିଃ ସମୂହ
୨୩. ପ୍ରାଥମିକ ସମୂହରେ କେଉଁ ପ୍ରକାର ସମ୍ପର୍କ ପରିଲକ୍ଷିତ ହୋଇଥାଏ ?
(କ) ଅବୈୟକ୍ତିକ (ଖ) ବ୍ୟକ୍ତିଗତ (ଗ) ଚୁକ୍ତିଗତ
୨୪. କେଉଁ ସମୂହ କୁ 'ସ୍ୱତନ୍ତ୍ର-ସ୍ୱାର୍ଥ-କୈନ୍ଦ୍ରିକ ସମୂହ' ନାମରେ ପରିଚିତ ଅଟେ ?
(କ) ପ୍ରାଥମିକ ସମୂହ (ଖ) ଗୌଣ ସମୂହ (ଗ) ବର୍ହିଃ ସମୂହ
୨୫. ଟ୍ରେଡ୍ ଇଉନିୟନ କେଉଁ ସମୂହର ଅନ୍ତର୍ଭୁକ୍ତ ଅଟେ ?
(କ) ପ୍ରାଥମିକ ସମୂହ (ଖ) ଗୌଣ ସମୂହ (ଗ) ଅନ୍ତଃ ସମୂହ
୨୬. କେଉଁ ସମୂହରେ ଔପଚାରିକ ଏବଂ ଅବୈୟକ୍ତିକ ସମ୍ପର୍କ ଦେଖାଯାଇଥାଏ ?
(କ) ପ୍ରାଥମିକ ସମୂହ (ଖ) ଗୌଣ ସମୂହ (ଗ) ଅନ୍ତଃ ସମୂହ
୨୭. ଅନ୍ତଃସମୂହ ଏବଂ ବର୍ହିଃସମୂହ ଶବ୍ଦ ଦୁଇଟି କେଉଁ ସମାଜବିଜ୍ଞାନୀ ଉଲ୍ଲେଖ କରିଅଛନ୍ତି ?
(କ) କେ. ଡାଭିସ୍ (ଖ) ଗ୍ରାହାମ୍ ସମନର (ଗ) ସି.ଏଚ୍. କୁଲେ
୨୮. ସଂସ୍କୃତି ଶବ୍ଦ କେଉଁ ଭାଷାରୁ ଆସିଅଛି ?
(କ) ଜର୍ମାନ (ଖ) ଫ୍ରାନ୍ସ (ଗ) ଭାରତୀୟ
୨୯. 'କୁଲଚୁରେ'ର ଅର୍ଥ କ'ଣ ?
(କ) ସୁନ୍ଦରତ ବିଶୁଦ୍ଧ (ଖ) ଆନନ୍ଦ ଓ ତୃପ୍ତି (ଗ) ଉର୍ଦ୍ଧ୍ୱସ୍ତର ଜୀବନ ଓ ସଭ୍ୟତାର ସଫଳ ସମ୍ପାଦନ
୩୦. କେଉଁ ସମାଜବିଜ୍ଞାନୀ ପ୍ରଥମେ ସଂସ୍କୃତି ଶବ୍ଦକୁ ବ୍ୟବହାର କରିଥିଲେ ?
(କ) ମାଲିନୋସ୍କି (ଖ) ଇ.ବି. ଟିଇଲର (ଗ) ମାକାଇଭର
୩୧. ଇ.ବି. ଟାଇଲର କେଉଁ ମସିହାରେ 'ସଂସ୍କୃତ' ଶବ୍ଦଟି ବ୍ୟବହାର କରିଥିଲେ ?
(କ) ୧୮୭୦ (ଖ) ୧୮୭୧ (ଗ) ୧୮୮୦
୩୨. ଇ.ବି. ଟିଇଲରଙ୍କର ଲିଖିତ ପୁସ୍ତକର ନାମ କ'ଣ ଅଟେ ?
(କ) ହ୍ୟୁମାନ ସୋସାଇଟି (ଖ) ମଡର୍ଣ୍ଣାଇଜେସନ୍ ଇଣ୍ଡିଆନ୍ ଟ୍ରାଡିସନ (ଗ) ପ୍ରିମିଟିଭ କଲଚର
୩୩. 'ସଂସ୍କୃତି ହେଉଛି ମଣିଷର ହସ୍ତକର୍ମ ଏବଂ ମାଧ୍ୟମ, ଯାହାଦ୍ୱାରା ସେ ତାର ଲକ୍ଷ୍ୟ ହାସଲ କରିପାରେ'
- ଏହି ଉକ୍ତିଟି କେଉଁ ସାମଜବିଜ୍ଞାନୀ ପ୍ରଦାନ କରିଅଛନ୍ତି ?
(କ) ମାକାଇଭର (ଖ) ଇ.ବି. ମାଲିନୋସ୍କି (ଗ)ଇ.ବି. ଟିଇଲର
୩୪. କେଉଁଟି ବସ୍ତୁଭିତ୍ତିକ ସଂସ୍କୃତିର ଅନ୍ତର୍ଭୁକ୍ତ ଅଟେ ?
(କ) କବିତା (ଖ) ବିଶ୍ୱାସ (ଗ) ରେଡ଼ିଓ
୩୫. କେଉଁଟି ଅବସ୍ତୁଭିତ୍ତିକ ସଂସ୍କୃତିର ଅନ୍ତର୍ଭୁକ୍ତ ଅଟେ ?
(କ) ମୂଲ୍ୟବୋଧ (ଖ) ପୋଷାକ (ଗ) ଯନ୍ତ୍ରପାତି
୩୬. ଓଗବର୍ଣ୍ଣଙ୍କ ଲିଖିତ ପୁସ୍ତକର ନାମ କ'ଣ ?
(କ) ସୋସାଇଟି (ଖ) ସୋସିଆଲ ଚେଞ୍ଜ (ଗ) ସୋସିଓଲଜି

**ଖ. ନିମ୍ନ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଶବ୍ଦ କିମ୍ବା ଗୋଟିଏ ବାକ୍ୟରେ ପ୍ରଦାନ କର ।**

୧. କେଉଁ ଶବ୍ଦରୁ ସମାଜ ଶବ୍ଦଟି ଆସିଅଛି ?

୨. 'ସମାଜ ଦଳେ ବ୍ୟକ୍ତିଙ୍କୁ ବୁଝାଇନଥାଏ, ମାତ୍ର ସେମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ପାରସ୍ପରିକ କ୍ରିୟା, ପ୍ରତିମାନର ଜଟିଳ ସଂରୂପକୁ ବୁଝାଇଥାଏ - ଏହି ଉକ୍ତିଟି କେଉଁ ସମାଜଶାସ୍ତ୍ରବିତ୍‌ଙ୍କର ?

୩. 'ସମାଜ ଏକ ସାମାଜିକ ସମ୍ପର୍କର ଗୁଚ୍ଛ ଅଟେ' - ଉକ୍ତିଟି କିଏ କହିଥିଲେ ?

୪. ସମାଜଶାସ୍ତ୍ରବିତ୍ ଏଚ୍.ଏମ୍.ଜନସନ ସମାଜର କେତେଗୋଟି ବୈଶିଷ୍ଟ୍ୟ ଉଲ୍ଲେଖ କରିଅଛନ୍ତି ?

୫. 'ମଣିଷ ଏକ ସାମାଜିକ ପ୍ରାଣୀ' - ଏହା କେଉଁ ଦାର୍ଶନିକଙ୍କ ମତ ଅଟେ ?

୬. ସାମାଜିକ ଚୁକ୍ତିତତ୍ତ୍ୱର ପ୍ରତିଷ୍ଠାତା କିଏ ?

୭. ଜୈବତତ୍ତ୍ୱର ପ୍ରତିଷ୍ଠାତା କିଏ ?

୮. ସମୂହତତ୍ତ୍ୱର ପ୍ରତିଷ୍ଠାତା କିଏ ?

୯. କାସ୍‌ପର ହାଉସର କେଉଁ ଦେଶର ବାଳକ ଅଟେ ?

୧୦. ଅମଲା ଓ କମଲାଙ୍କୁ କେଉଁଠାରୁ ଉଦ୍ଧାର କରାଯାଇଥିଲା ?

୧୧. କେଉଁ ଦୁଇଟି ଭାଷାରୁ ସମୁଦାୟ ଆସିଅଛି ?

୧୨. 'କମ୍'ର ଅର୍ଥ କ'ଣ ?

୧୩. ମୁନିସ୍‌ର ଅର୍ଥ କ'ଣ ?

୧୪. ସମୁଦାୟର ଗୋଟିଏ ଉଦାହରଣ ଦିଅ

୧୫. ସମୁଦାୟର ସଦସ୍ୟମାନଙ୍କ ମଧ୍ୟରେ କେଉଁ ଭାବନା ରହିଥାଏ ?

୧୬. ସମୁଦାୟର ମୁଖ୍ୟ ଉଦ୍ଦେଶ୍ୟ କ'ଣ ?

୧୭. ସାମୁଦାୟିକ ମନୋଭାବ କହିଲେ କ'ଣ ବୁଝାଏ ?

୧୮. ସଂଘର ମୁଖ୍ୟ ଉଦ୍ଦେଶ୍ୟ କ'ଣ ?

୧୯. ସଂଘର ସଦସ୍ୟତା କିପରି ଥାଏ ?

୨୦. ସଂଘର ଆଭିଧାନିକ ଅର୍ଥ କ'ଣ ?

୨୧. ଏକ ବା ଏକାଧିକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପୂରଣ ନିମିତ୍ତ ସଂଗଠିତ ଦଳେ ବ୍ୟକ୍ତିଙ୍କୁ କ'ଣ କୁହାଯାଏ ?

୨୨. ପରିବାର କେଉଁ ପ୍ରକାର ସଂଘ ଅଟେ ?

୨୩. ରୋଟାରୀ କ୍ଲବ କେଉଁ ପ୍ରକାର ସଂଘ ଅଟେ ?

୨୪. ଶ୍ରମିକ ସଂଘ କେଉଁ ପ୍ରକାର ସଂଘ ଅଟେ ?

୨୫. ସଂଘର ସଦସ୍ୟତା କିପରି ହୋଇଥାଏ ?

୨୬. "ସମୂହ ହେଉଛି, ଦୁଇ ବା ତତୋଧିକ ବ୍ୟକ୍ତିଙ୍କର ସମଷ୍ଟି, ଯେଉଁମାନଙ୍କର ସାଧାରଣ ଉଦ୍ଦେଶ୍ୟ ପୂରଣ କରିବା ପାଇଁ ଲକ୍ଷ୍ୟ ଥାଏ ଯେଉଁମାନେ ପରସ୍ପରକୁ ଉଦ୍ଦିପିତ କରାଇଥାନ୍ତି, ଯେଉଁମାନଙ୍କର ସାଧାରଣ ଆନୁଗତ୍ୟଭାବ ଥାଏ ଏବଂ ଏକ ପ୍ରକାର କାର୍ଯ୍ୟରେ ଭାଗନେଇଥାନ୍ତି" - ଏହି ଉକ୍ତିଟି କେଉଁ ସମାଜବିଜ୍ଞାନୀ କହିଅଛନ୍ତି ?

୨୭. ସମୂହର ସଦସ୍ୟମାନଙ୍କ ମଧ୍ୟରେ କେଉଁ ସମ୍ପର୍କ ଦେଖାଯାଇଥାଏ ?

୨୮. କେଉଁ ସମାଜବିଜ୍ଞାନୀ 'ପ୍ରାଥମିକ ସମୂହ' ଶବ୍ଦଟି ପ୍ରୟୋଗ କରିଥିଲେ ?

୨୯. ଚାର୍ଲସ ହର୍ଟନ କୁଲେ କେଉଁ ପୁସ୍ତକରେ ପ୍ରାଥମିକ ସମୂହ ଶବ୍ଦଟି ଉଲ୍ଲେଖ କରିଅଛନ୍ତି ?

୩୦. ଚାର୍ଲସ ହର୍ଟନ କୁଲେ କେଉଁ ମସିହାରେ 'ପ୍ରାଥମିକ ସମୂହ' ଶବ୍ଦଟି ନିଜ ରଚିତ ପୁସ୍ତକ 'ସୋସିଆଲ ଅର୍ଗାନାଇଜେସନ୍'ରେ ଉଲ୍ଲେଖ କରିଅଛନ୍ତି ?

୩୧. ପ୍ରାଥମିକ ସମୂହର ଅନ୍ତଃଗୁଣ ଗୋଟିଏ ଉଲ୍ଲେଖ କର ।

୩୨. ପ୍ରାଥମିକ ସମୂହରେ କେଉଁପ୍ରକାର ସମ୍ପର୍କ ପରିଲକ୍ଷିତ ହୋଇଥାଏ ?

୩୩. ଗୌଣ ସମୂହକୁ କେଉଁ ସମୂହ ରୂପେ ପରିଚିତ କରାଯାଇଅଛି ?

୩୪. ପ୍ରାଥମିକ ସମୂହର ଗୋଟିଏ ଉଦାହରଣ ଉଲ୍ଲେଖ କର ।

୩୫. ଗୌଣ ସମୂହର ଗୋଟିଏ ଉଦାହରଣ ଉଲ୍ଲେଖ କର ।

୩୬. "ଯେତେବେଳେ ସଦସ୍ୟମାନଙ୍କ ସମ୍ପର୍କରେ ମୁଖୋନ୍ମୁଖ ସଂସର୍ଗ ନଥାଏ, ସେତେବେଳେ ଏହାକୁ ଗୌଣ ସମୂହ କୁହାଯାଏ" । - ଏହି ଉକ୍ତିଟି କିଏ ପ୍ରଦାନ କରିଅଛନ୍ତି ?

୩୭. ଯେଉଁ ସମୂହର ଅଭିଜ୍ଞତାରେ କୌଣସି ଘନିଷ୍ଠତା ନଥାଏ ସେହି ସମୂହକୁ କେଉଁ ସମୂହ କୁହାଯାଏ ?

୩୮. ଔପଚାରିକ ଏବଂ ଅବୈୟକ୍ତିକ ସମ୍ପର୍କ କେଉଁ ସମୂହରେ ପରିଲକ୍ଷିତ ହୋଇଥାଏ ?

୩୯. ପ୍ରାଥମିକ ସମୂହରେ କେଉଁ ପ୍ରକାର ସମ୍ପର୍କ ରହିଥାଏ ?

୪୦. ଗୌଣ ସମୂହରେ କେଉଁ ପ୍ରକାର ପ୍ରସ୍ଥିତି ସୂଚୀତ ହୋଇଥାଏ ?

୪୧. ପ୍ରାଥମିକ ସମୂହରେ କେଉଁ ପ୍ରକାର ପ୍ରସ୍ଥିତି ସୂଚୀତ ହୋଇଥାଏ ?

୪୨. ଅନ୍ତଃ ଓ ବର୍ହିଃ ସମୂହ ଶବ୍ଦଟି କେଉଁ ସମାଜବିଜ୍ଞାନୀ ଉଲ୍ଲେଖ କରିଅଛନ୍ତି ?

୪୩. ଉଇଲିୟମ୍ ଗ୍ରାହାମ୍ ସମନର ନିଜ ଲିଖିତ କେଉଁ ପୁସ୍ତକରେ ଅନ୍ତଃ-ସମୂହ ଓ ବର୍ହିଃସମୂହ ଶବ୍ଦ ଦୁଇଟି ଉଲ୍ଲେଖ କରିଅଛନ୍ତି ?

୪୪. ଅନ୍ତଃ ସମୂହର ଗୋଟିଏ ଉଦାହରଣ ଦିଅ ।

୪୫. ଅନ୍ତଃ ସମୂହରେ କେଉଁ ଭାବନା ବିଶେଷ ପରିଲକ୍ଷିତ ହୋଇଥାଏ ?

୪୬. ବର୍ହିଃ ସମୂହରେ କେଉଁ ଭାବନା ପରିଲକ୍ଷିତ ହୋଇଥାଏ ?

୪୭. କୋଲେରେର ଅର୍ଥ କ'ଣ ?

୪୮. କୁଲଚୁରେ ର ଅର୍ଥ କ'ଣ ?

୪୯. ଇ.ବି. ଟିଇଲର ନିଜର ଲିଖିତ କେଉଁ ପୁସ୍ତକରେ ସଂସ୍କୃତିର ବିସ୍ତୃତ ସଂଜ୍ଞା ପ୍ରଦାନ କରିଅଛନ୍ତି ?

୫୦. "ଯେଉଁ ସବୁ ଜ୍ଞାନ, ବିଶ୍ୱାସ, କଳା, ନୈତିକତା, ଆଇନ, ପ୍ରଥା ଏବଂ ଅନ୍ୟାନ୍ୟ ସାମର୍ଥ୍ୟ ଓ ଅଭ୍ୟାସ ଗୁଡିକୁ ମନୁଷ୍ୟ ସମାଜର ଏକ ସଦସ୍ୟ ହିସାବରେ ଅର୍ଜନ କରିଥାଏ, ସେ ସବୁର ସମ୍ମିଶ୍ରଣକୁ ସଂସ୍କୃତି କୁହାଯାଏ।" – ଉକ୍ତ ସଂଜ୍ଞାଟି କେଉଁ ସମାଜବିଜ୍ଞାନୀ ପ୍ରଦାନ କରିଅଛନ୍ତି ?

୫୧. ସଂସ୍କୃତି ହେଉଛି ମଣିଷର ହସ୍ତକର୍ମ – ଏହା କିଏ କହିଅଛନ୍ତି ?

୫୨. ଯେଉଁ ସଂସ୍କୃତି ମୂର୍ତ୍ତ ଏବଂ ସ୍ପର୍ଶଯୋଗ୍ୟ ତାହାକୁ କେଉଁ ସଂସ୍କୃତି କୁହାଯାଏ ?

୫୩. ଯେଉଁ ସଂସ୍କୃତି ଅମୂର୍ତ୍ତ ଏବଂ ସ୍ପର୍ଶହୀନ ତାହାକୁ କେଉଁ ସଂସ୍କୃତି ବୋଲାଯାଏ ?

୫୪. ଡବ୍ଲ୍ୟୁ. ଏଫ୍. ଓଗବର୍ଣ୍ଣଙ୍କ ନିଜ ରଚିତ ପୁସ୍ତକର ନାମ କ'ଣ ?

୫୫. ଡବ୍ଲ୍ୟୁ.ଏଫ୍. ଓଗବର୍ଣ୍ଣ କେଉଁ ମସିହାରେ 'ସୋସିଆଲ ଚେଞ୍ଜ' (Social Change) ନାମକ ପୁସ୍ତକ ରଚନା କରିଥିଲେ ?

୫୬. କେଉଁ ପ୍ରକାରର ସଂସ୍କୃତିରେ ପରିବର୍ତ୍ତନର ଗତି ଅଧିକ ଥାଏ ?

୫୭. କେଉଁ ପ୍ରକାର ସଂସ୍କୃତିରେ ପରିବର୍ତ୍ତନର ଗତି ଅପେକ୍ଷାକୃତ ମନ୍ଥର ରହିଥାଏ ?

୫୮. ଯେତେବେଳେ ବସ୍ତୁଭିତ୍ତିକ ଓ ଅବସ୍ତୁଭିତ୍ତିକ ସଂସ୍କୃତି ପରିବର୍ତ୍ତନରେ ବ୍ୟବଧାନ ସୃଷ୍ଟି ହୋଇଥାଏ ଓ ପରିବର୍ତ୍ତନ ସମ୍ପର୍କରେ ହୋଇନଥାଏ, ତାହାକୁ କ'ଣ କୁହାଯାଏ ?

## Group - B
## Short Type Questions
## 'ଖ' ବିଭାଗ
### (ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ)

**ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ଦୁଇଟି ବା ତିନୋଟି ବାକ୍ୟରେ ପ୍ରଦାନ କର।**

୧. ସମାଜର ସଂଜ୍ଞା ପ୍ରଦାନ କର।

୨. ସମାଜର ଲକ୍ଷ୍ୟ କ'ଣ ?

୩. ସମାଜର ମୂଳ୍ୟ ବୈଶିଷ୍ଟ୍ୟ ଲେଖ।

୪. ସଂସ୍କୃତି କହିଲେ କ'ଣ ବୁଝ ?

୫. ସାମାଜିକ ଚୁକ୍ତି ତତ୍ତ୍ୱ କ'ଣ ?

୬. ଜୈବତତ୍ତ୍ୱ କ'ଣ ?

୭. ସମୂହତତ୍ତ୍ୱ କ'ଣ ?
୮. ସମୁଦାୟର ସଂଜ୍ଞା ପ୍ରଦାନ କର।
୯. ସମୁଦାୟର ଯେ କୌଣସି ଦୁଇଟି ବୈଶିଷ୍ଟ୍ୟ ଉଲ୍ଲେଖ କର।
୧୦. ସାମୁଦାୟିକ ମନୋଭାବ କହିଲେ କ'ଣ ବୁଝ ?
୧୧. ସଂଘର ସଜ୍ଞା ପ୍ରଦାନ କର ?
୧୨. ସଂଘର ମୂଖ୍ୟ ବୈଶିଷ୍ଟ୍ୟ ତିନୋଟି ଉଲ୍ଲେଖ କର ?
୧୩. ସଂଗଠନର ନିର୍ଦ୍ଦିଷ୍ଟ ଲକ୍ଷ୍ୟ କ'ଣ ?
୧୪. ସଂଘର କେଉଁ ଉଦ୍ଦେଶ୍ୟ ନେଇ ସଂଗଠିତ ?
୧୫. ସଂଘର ଦୁଇଟି ବୈଶିଷ୍ଟ୍ୟ ଉଲ୍ଲେଖ କର ?
୧୬. ସାମାଜିକ ସମୂହର ସଂଜ୍ଞା ପ୍ରଦାନ କର।
୧୭. ସାମାଜିକ ସମୂହର ଦୁଇଟି ବୈଶିଷ୍ଟ୍ୟ ସମ୍ବନ୍ଧରେ ଲେଖ।
୧୮. ପ୍ରାଥମିକ ସମୂହର ସଂଜ୍ଞା ପ୍ରଦାନ କର।
୧୯. ପ୍ରାଥମିକ ସମୂହରେ ଥିବା ଆମ ଭାବନା ସମୂହ ଉପରେ କି ପ୍ରଭାବ ପକାଇଥାଏ ?
୨୦. ପ୍ରାଥମିକ ସମୂହର ଦୁଇଟି ବୈଶିଷ୍ଟ୍ୟ ସମ୍ବନ୍ଧରେ ଲେଖ।
୨୧. ପ୍ରାଥମିକ ସମୂହର ଦୁଇଟି ବାହ୍ୟଗୁଣ ସମ୍ବନ୍ଧରେ ଲେଖ।
୨୨. ପ୍ରାଥମିକ ସମୂହର ଦୁଇଟି ପ୍ରଧାନ ଗୁରୁତ୍ୱ ସମ୍ବନ୍ଧରେ ଲେଖ।
୨୩. ପ୍ରାଥମିକ ସମୂହ ସଂସ୍କୃତିର ବାହକ କିପରି ଅଟେ।
୨୪. ପ୍ରାଥମିକ ସମୂହରେ କିପରି ବ୍ୟକ୍ତିତ୍ୱର ବିକାଶ ହୋଇଥାଏ ?
୨୫. ଗୌଣ ସମୂହର ସଂଜ୍ଞା ପ୍ରଦାନ କର।
୨୬. ଗୌଣ ସମୂହର ଦୁଇଟି ପ୍ରଧାନ ବୈଶିଷ୍ଟ୍ୟ ସମ୍ବନ୍ଧରେ ଲେଖ।
୨୭. ଗୌଣ ସମୂହର ଦୁଇଟି ପ୍ରଧାନ ଗୁରୁତ୍ୱ ସମ୍ବନ୍ଧରେ ଲେଖ।
୨୮. ସଂସ୍କୃତିର ସଂଜ୍ଞା ପ୍ରଦାନ କର।
୨୯. ସଂସ୍କୃତିର ବୈଶିଷ୍ଟ୍ୟ ଦୁଇଟି ସମ୍ବନ୍ଧରେ ଲେଖ
୩୦. ସଂସ୍କୃତି ସାମାଜିକ ଅଟେ କି ? ବୁଝାଅ।
୩୧. ସଂସ୍କୃତି ଗତିପ୍ରବର୍ତ୍ତକ ଅଟେ କି ? ବୁଝାଅ।
୩୨. ବସ୍ତୁଭିତ୍ତିକ ସଂସ୍କୃତି କହିଲେ କ'ଣ ବୁଝ ?
୩୩. ଅବସ୍ତୁଭିତ୍ତିକ ସଂସ୍କୃତି କହିଲେ କ'ଣ ବୁଝ ?
୩୪. ସାଂସ୍କୃତିକ ବିଳମ୍ବନ କ'ଣ ?

## Group - C
## Long Type Questions
## 'ଗ' ବିଭାଗ
### (ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ)

୧. ସମାଜର ସଂଜ୍ଞା ପ୍ରଦାନ କର ଏବଂ ଏହା ବୈଶିଷ୍ଟ୍ୟ ଆଲୋଚନା କର।
୨. 'ମନୁଷ୍ୟ ଏକ ସାମାଜିକ ପ୍ରାଣୀ' - ଯଥାର୍ଥତା ପ୍ରତିପାଦନ କର।
୩. 'ବ୍ୟକ୍ତି ଓ ସମାଜ ଉଭୟ ପରିପୂରକ' - ଯଥାର୍ଥତା ପ୍ରତିପାଦନ କର।
୪. ସମୁଦାୟର ସଂଜ୍ଞା ପ୍ରଦାନ କର ଏବଂ ଏହାର ବୈଶିଷ୍ଟ୍ୟ ଆଲୋଚନା କର।
୫. ସାମୁଦାୟିକ ମନୋଭାବରୁ ସମୁଦାୟର ଉତ୍ପତ୍ତି - ଯଥାର୍ଥତା ପ୍ରତିପାଦନ କର।
୬. ସମୁଦାୟ କହିଲେ କ'ଣ ବୁଝ ? ଏହାର ଉପାଦାନ ସାମୁଦାୟିକ ମନୋଭାବର ବିସ୍ତୃତ ଆଲୋଚନା କର।
୭. ସଂଘର ସଂଜ୍ଞା ପ୍ରଦାନ କର ଏବଂ ଏହାର ବୈଶିଷ୍ଟ୍ୟ ବର୍ଣ୍ଣନା କର।
୮. ସଂଘ କହିଲେ କ'ଣ ବୁଝ ଏବଂ ସଂଘ ଓ ସମୁଦାୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ।
୯. ସଂଘ ଓ ସମାଜ ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଅ।
୧୦. ସାମାଜିକ ସମୂହର ସଂଜ୍ଞା ପ୍ରଦାନ କର ଏବଂ ଏହାର ଗୁରୁତ୍ୱ ବର୍ଣ୍ଣନା କର।
୧୧. ପ୍ରାଥମିକ ସମୂହର ସଂଜ୍ଞା ପ୍ରଦାନ କର ଏବଂ ଏହାର ବୈଶିଷ୍ଟ୍ୟ ବର୍ଣ୍ଣନା କର।
୧୨. ପ୍ରାଥମିକ ସମୂହ କହିଲେ କ'ଣ ବୁଝ ? ଏହାର ଗୁରୁତ୍ୱ ବର୍ଣ୍ଣନା କର।
୧୩. ଗୌଣ ସମୂହର ସଂଜ୍ଞା ପ୍ରଦାନ କର ଏବଂ ଏହାର ବୈଶିଷ୍ଟ୍ୟ ଆଲୋଚନା କର।
୧୪. ଗୌଣ ସମୂହର ସଂଜ୍ଞା ପ୍ରଦାନ କର ଏବଂ ଏହାର ଗୁରୁତ୍ୱ ବର୍ଣ୍ଣନା କର।
୧୫. ଗୌଣ ସମୂହ କହିଲେ କ'ଣ ବୁଝ ? ପ୍ରାଥମିକ ଓ ଗୌଣ ସମୂହ ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଅ।
୧୬. ଗୌଣ ସମୂହ ଏକ 'ସ୍ୱତନ୍ତ୍ର ସ୍ୱାର୍ଥକୈନ୍ଦ୍ରିକ ସମୂହ ଅଟେ' - ଯଥାର୍ଥତା ପ୍ରତିପାଦନ କର।
୧୭. 'ସ୍ୱଜାତି କୈନ୍ଦ୍ରିକତା ଅନ୍ତଃ ସମୂହର ପ୍ରଧାନ ଗୁଣ ଅଟେ' - ଯଥାର୍ଥତା ପ୍ରତିପାଦନ କର।
୧୮. ସଂସ୍କୃତିର ସଂଜ୍ଞା ପ୍ରଦାନ କର ଏବଂ ଏହାର ବୈଶିଷ୍ଟ୍ୟ ବର୍ଣ୍ଣନା କର।
୧୯. ସଂସ୍କୃତିର ସଂଜ୍ଞା ପ୍ରଦାନ କର ଏବଂ ଏହାର ସାମାଜିକ ଗୁରୁତ୍ୱ ଆଲୋଚନା କର।
୨୦. ସାଂସ୍କୃତିକ ବିଳମ୍ବନ କହିଲେ କ'ଣ ବୁଝ ଏବଂ ଏହାର ସାମାଜିକ ପ୍ରଭାବ ବର୍ଣ୍ଣନା କର।
୨୧. ସଂସ୍କୃତି କହିଲେ କ'ଣ ବୁଝ ? ବସ୍ତୁଭିତ୍ତିକ ଓ ଅବସ୍ତୁଭିତ୍ତିକ ସଂସ୍କୃତି ମଧ୍ୟରେ ପାର୍ଥକ୍ୟ ଦର୍ଶାଅ।

## ତୃତୀୟ ପରିଚ୍ଛେଦ

# ସାମାଜିକ ଅନୁଷ୍ଠାନ
# Social Institution

## ପରିବାର, ଜ୍ଞାତିତ୍ୱ, ଶିକ୍ଷା, ଅର୍ଥନୈତିକ ଅନୁଷ୍ଠାନ
### Family, Kinship, Education, Economic Institution

## ପରିବାର
## Family

ଅନୁଷ୍ଠାନ ସମାଜର ସ୍ତମ୍ଭ ଅଟେ । ଅନୁଷ୍ଠାନ ବିନା ସମାଜ ତିଷ୍ଠି ରହିବା ଅସମ୍ଭବ । ବ୍ୟକ୍ତି ଓ ସମାଜର ବିକାଶ ପାଇଁ ଅନୁଷ୍ଠାନ ଗୁଡିକ ଗଢି ଉଠିଥାନ୍ତି । ସାମାଜିକ ଅନୁଷ୍ଠାନ କହିଲେ କେତେକ ନୀତିନିୟମ, ପ୍ରତିମାନ ଓ ସାମାଜିକ ମୂଲ୍ୟବୋଧକୁ ବୁଝାଇଥାଏ । ଅନୁଷ୍ଠାନ ଗୁଡିକ ମଣିଷର ଜୀବନକୁ ନିୟମିତ, ନିୟନ୍ତ୍ରିତ ଓ ଶୃଙ୍ଖଳିତ କରିବାରେ ସାହାଯ୍ୟ କରିଥାନ୍ତି । ଅନୁଷ୍ଠାନ ଗୁଡିକ ବ୍ୟକ୍ତିର ଭିନ୍ନ ଭିନ୍ନ ଆବଶ୍ୟକତାକୁ ପୂରଣ କରିଥାନ୍ତି । ଯେଉଁସବୁ ଅନୁଷ୍ଠାନ ମଣିଷର ମୌଳିକ ଆବଶ୍ୟକତାକୁ ପୂରଣ କରିବାର ଦାୟୀତ୍ୱ ବହନ କରିଥାନ୍ତି, ସେମାନଙ୍କ ମଧ୍ୟରେ ପରିବାର, ବିବାହ, ଧର୍ମ ଓ ଜ୍ଞାତିତ୍ୱ ମୁଖ୍ୟ ବା ପ୍ରଧାନ ଅଟନ୍ତି ।

ପରିବାର ସାମଜିକ ସଂଗଠନର ଏକ ମୌଳିକ ଏକକ । ଏହା ସମାଜର ଏକ କ୍ଷୁଦ୍ରତ୍ତମ ପ୍ରାଥମିକ ସମୂହ । ପରିବାର ଉଭୟ ଏକ ସଂଘ ଓ ଅନୁଷ୍ଠାନ । ପ୍ରାଚୀନ ସମାଜରୁ ଆରମ୍ଭ କରି ଆଧୁନିକ ସଭ୍ୟ ସମାଜ ପର୍ଯ୍ୟନ୍ତ ପ୍ରତ୍ୟେକ ସମୟରେ ପରିବାର ଦୃଷ୍ଟିଗୋଚର ହୋଇଅଛି । ବାସ୍ତବରେ ପରିବାର ବିନା ସମାଜର ସୃଷ୍ଟି ଅସମ୍ଭବ । ବ୍ୟକ୍ତିର ଜୀବନ ତାର ପରିବାରରୁ ହିଁ ଆରମ୍ଭ ହୋଇଥାଏ । ପରିବାରର ପରିବେଶ ମଧ୍ୟରେ ଶିଶୁ ସନ୍ତାନଟିର ସମାଜିକ ପ୍ରକୃତି ଓ ବ୍ୟକ୍ତିତ୍ୱର ବିକାଶ ଘଟିଥାଏ । ପରିବାର ବ୍ୟକ୍ତି ମଧ୍ୟରେ ସାମାଜିକ ମୂଲ୍ୟବୋଧ, ପ୍ରତିମାନ ଓ ଆଚାର ବ୍ୟବହାରର ପ୍ରଣାଳୀ ସୃଷ୍ଟି କରେ, ଶିକ୍ଷା ଦିଏ, ଯାହା ବ୍ୟକ୍ତିକୁ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥାଏ । ପରିବାର ବ୍ୟକ୍ତିର ମୌଳିକ ଆବଶ୍ୟକତାଗୁଡିକ ପୂରଣ କରିଥାଏ । ସଂକ୍ଷେପରେ କହିଲେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପରିବାର ଓ ବ୍ୟକ୍ତି ମଧ୍ୟରେ ନିରବଚ୍ଛିନ୍ନ ଓ ଅନ୍ତରଙ୍ଗ ସର୍ମ୍ପକ ଥାଏ ।

### ପରିବାରର ଅର୍ଥ ଓ ସଂଜ୍ଞା (Meaning & Definition of Family)

ପରିବାରର ଇଂରାଜୀ ଶବ୍ଦ ହେଉଛି Family । ଏହି Family ଇଂରାଜୀ ଶବ୍ଦଟି ଲାଟିନ୍ ଭାଷାର 'Famulus' ମୂଳ ଶବ୍ଦରୁ ଆନୀତ ହୋଇଅଛି ଯାହାର ଅର୍ଥ 'ଚାକର' । ପୂର୍ବକାଳରେ ଚାକରମାନେ ପରିବାରର ଏକ ସଦସ୍ୟରୂପେ ଗଣାଯାଉଥିଲେ । ରୋମାନ୍ ଆଇନ୍ ଅନୁସାରେ 'Famulus' ଶବ୍ଦର ଅର୍ଥ ହେଉଛି ସାଧାରଣ ବଂଶାନୁକ୍ରମ ବା

ବିବାହ ସମ୍ବନ୍ଧରେ ସମ୍ପର୍କିତ ଦଳେ ଉତ୍ପାଦନକାରୀ ଏବଂ କ୍ରୀତଦାସ ତଥା ଅନ୍ୟ କେତେକ ଚାକର । ସାଧାରଣତଃ ପିତାମାତା, ସେମାନଙ୍କର ସନ୍ତାନସନ୍ତତି ତଥା ଚାକାରମାନଙ୍କୁ ନେଇ ଗଠିତ ସାମାଜିକ ସମୂହକୁ ପରିବାର କୁହାଯାଏ । ପରିବାର ଏକ ଜୈବିକ ସମୂହ ନୁହେଁ ବରଂ ସ୍ୱାମୀ, ସ୍ତ୍ରୀ ଏବଂ ସେମାନଙ୍କର ସନ୍ତାନସନ୍ତତିମାନଙ୍କର ଏକ ସାମାଜିକ ଏକକ ଅଟେ ଯେଉଁ ସଦସ୍ୟମାନଙ୍କ ମଧ୍ୟରେ ରକ୍ତଗତ ସମ୍ପର୍କ ଓ ଦୀର୍ଘସ୍ଥାୟୀ ଆବେଗପୂର୍ଣ୍ଣ ସମ୍ପର୍କ ଥାଏ ସେହି ସମୂହକୁ ପରିବାର କୁହାଯାଏ ।

ପରିବାରର ଅର୍ଥକୁ ଅଧିକ ସୁସ୍ପଷ୍ଟ ଓ ସହଜ କରିବାକୁ ଯାଇ ବିଭିନ୍ନ ସମାଜତତ୍ତ୍ୱବିତ୍‌ମାନେ ସେମାନଙ୍କର ସଞ୍ଜ୍ଞା ପ୍ରଦାନ କରିଛନ୍ତି । ସେହି ସଂଜ୍ଞା ଗୁଡ଼ିକ ନିମ୍ନରେ ପ୍ରଦାନ କରାଯାଇଅଛି ।

**ଅଗବର୍ଣ୍ଣ ଏବଂ ନିମ୍‌କୋଫ (Ogburn & Nimkoff) :** "ସନ୍ତାନ କିମ୍ବା ନିଃସନ୍ତାନ ସ୍ୱାମୀ-ସ୍ତ୍ରୀଙ୍କର କିମ୍ବା ଗୋଟିଏ ପୁରୁଷ କିମ୍ବା ଗୋଟିଏ ସ୍ତ୍ରୀର ସେମାନଙ୍କ ସନ୍ତାନମାନଙ୍କ ସହିତ ସ୍ୱଳ୍ପ କିମ୍ବା ଦୀର୍ଘକାଳୀନ ବସବାସକୁ ପରିବାର କୁହାଯାଏ"

(Family is more or less durable association of husband & wife with or without children or man or woman along with children)

**ମାକାଇଭର୍ ଓ ପେଜ୍ (Mac Iver & Page) :** "ପରିବାର ଏକ ସମୂହ ଯାହା ସୂକ୍ଷ୍ମ ଓ ସ୍ଥାୟୀ ଯୌନ ସମ୍ପର୍କ ଉପରେ ଆଧାରିତ ଏବଂ ଯାହା ସନ୍ତାନ ଜନ୍ମ ଓ ସେମାନଙ୍କର ଲାଳନପାଳନ ପାଇଁ ଉଦ୍ଦିଷ୍ଟ" ।

(Family is a group defined by a sex relationship sufficiently precise and enduring to provide for the procreation and upbringing of children)

**କେ. ଡାଭିସ୍ (K.Davis) :** "ପରିବାର କେତେକ ବ୍ୟକ୍ତିଙ୍କର ସମଷ୍ଟି, ଯେଉଁମାନେ ପରସ୍ପର ରକ୍ତ ସମ୍ପର୍କୀୟ ଅଟନ୍ତି ଓ ସେମାନେ ପରସ୍ପରର ଜ୍ଞାତିରୂପେ ପରିଚିତ ହୋଇଥାନ୍ତି"

(Family is a group of persons whose relation to one another are based upon consanguinity and who are therefore kin to another.)

**ବର୍ଗେସ ଏବଂ ଲକ୍ (Burgess and Locke) :** "ପରିବାର ବ୍ୟକ୍ତିମାନଙ୍କ ଦ୍ୱାରା ସଂଗଠିତ ଏକ ସମୂହ ଯେଉଁମାନେକି ବିବାହ ବନ୍ଧନ, ରକ୍ତ ସମ୍ପର୍କ କିମ୍ବା ପୋଷ୍ୟପୁତ୍ର ସୂତ୍ରରେ ଆବଦ୍ଧ ହୋଇ ଗୋଟିଏ ଗୃହରେ ବାସ କରିଥାନ୍ତି ଏବଂ ସ୍ୱାମୀ ସ୍ତ୍ରୀ, ପିତାମାତା, ପୁଅ, ଝିଅ, ଭାଇଭଉଣୀ ଆଦି ସାମାଜିକ ଭୂମିକା ଅନୁସାରେ ପରସ୍ପର ସହିତ ଅନ୍ତକ୍ରିୟା ଓ ଯୋଗାଯୋଗ ରକ୍ଷା କରି ଏକ ସାଧାରଣ ସଂସ୍କୃତି ସୃଷ୍ଟି କରିଥାନ୍ତି ।"

(Family is a group of person's untied by the ties of marriage, blood or adoption, constituting a single household interacting and intercommunicating with each other in their respective roles of husband and wife, mother & father, son & daughter, brother & sister and maintaining a common culture)

ଉପରୋକ୍ତ ସଂଜ୍ଞାମାନଙ୍କରୁ ଏହା ସ୍ପଷ୍ଟ ଯେ ପରିବାର ଏକ କ୍ଷୁଦ୍ର ଜୈବିକ ଏକକ ଅଟେ । ଏହା ପିତା ମାତା ଓ ସେମାନଙ୍କର ଏକ ବା ଏକାଧିକ ସନ୍ତାନକୁ ନେଇ ଗଠିତ । ସଭ୍ୟମାନେ ପରସ୍ପର ସହିତ ରକ୍ତ ସମ୍ପର୍କ, ବିବାହ ଓ ପୌଷପୁତ୍ର ବା ପୌଷକନ୍ୟା ସମ୍ପର୍କ ଦ୍ୱାରା ଆବଦ୍ଧ । ଏହାର ସଦସ୍ୟମାନେ ପ୍ରଜନନ ପ୍ରକ୍ରିୟା ମାଧ୍ୟମରେ ପରସ୍ପର ସହିତ ନିବିଡ଼ ଜୈବିକ ସମ୍ପର୍କ ଦ୍ୱାରା ବାନ୍ଧି ହୋଇଥାନ୍ତି । ପରିବାର ନୂତନ ସନ୍ତାନମାନଙ୍କର ପ୍ରଜନନ ଓ ଲାଳନପାଳନ ପାଇଁ ମୁଖ୍ୟତଃ ଉଦ୍ଦିଷ୍ଟ ।

**ପରିବାରର ସାଧାରଣ ଲକ୍ଷଣ (Characteristics of the family)**

**ସାଧାରଣ ଦୃଷ୍ଟିକୋଣରୁ ପରିବାରର ବୈଶିଷ୍ଟଗୁଡିକୁ ନିମ୍ନରେ ପ୍ରଦାନ କରାଗଲା -**

**(୧) ଏକ ଯୌନ ସର୍ମ୍ପକ (A Mating Relationship) :** ଯୌନ ସର୍ମ୍ପକ ପରିବାର ସୃଷ୍ଟି ପାଇଁ ଏକାନ୍ତ ଆବଶ୍ୟକ । ପରିବାର ଗଢିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ଅଟେ । ପରିବାରରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଏହି ଦୈହିକ ସର୍ମ୍ପକ ଆଇନ୍ ଓ ସମାଜ ଦ୍ୱାରା ସୀକୃତି ପ୍ରାପ୍ତ ହୋଇଥାଏ । ଏହି ଯୌନ ସର୍ମ୍ପକ କ୍ଷଣସ୍ଥାୟୀ ବା ଚିରସ୍ଥାୟୀ ହୋଇପାରେ, ମାତ୍ର ଏ ସର୍ମ୍ପକର ଅଭାବରେ ପରିବାର ଗଠନ ଅସମ୍ଭବ ।

**(୨) ସାଥୀ ମନୋନୟନ (Rules of mate Selection) :** ପ୍ରତ୍ୟେକ ପରିବାର ସାଥୀ ମନୋନୟନ ସମୟରେ ନିର୍ଦ୍ଦିଷ୍ଟ ସାମାଜିକ ନିୟମ ବା ଚଳଣୀ ଉପରେ ଗୁରୁତ୍ୱ ଦେଇଥାନ୍ତି । ପରିବାରର ମୁଖ୍ୟ ବା ମୁରବି ସ୍ଥାନୀୟ ବ୍ୟକ୍ତି ସାଥି ନିର୍ବାଚନ କରିଥାନ୍ତି । ଏହା ମଧ୍ୟ ଇଚ୍ଛାଧୀନ ହୋଇପାରେ । ବ୍ୟକ୍ତି ନିଜ ସମୂହ ଭିତରେ କିମ୍ବା ନିଜ ସମୂହ ବାହାରେ ଅନ୍ୟ ଏକ ସମୂହରେ ତାର ଜୀବନସାଥୀ ବାଛିଥାଏ ।

**(୩) ଏକ ପ୍ରକାର ବିବାହ(A form of Marriage) :** ବିବାହ ପରିବାରର ଏକ ମୁଖ୍ୟ ବୈଶିଷ୍ଟ ବା ଲକ୍ଷଣ । ଏହା ସମାଜର ଏକ ଆନୁଷ୍ଠାନିକ ବ୍ୟବସ୍ଥା । ଏହି ସାମାଜିକ ନିୟମ ବଳରେ ବ୍ୟକ୍ତି ଏକ ବିବାହ, ବହୁ ବିବାହ, ସମୁହ ବିବାହ ଓ ଚୁକ୍ତି ବିବାହ ଦ୍ୱାରା ଯୌନ ସର୍ମ୍ପକକୁ ଶୃଙ୍ଖଳିତ କରିବା ସହିତ ପରିବାର ସ୍ଥାପନରେ ସହାୟକ ହୋଇଥାଏ ।

**(୪) ଏକ ନାମକରଣ ପଦ୍ଧିତ (A System of Nomenclature) :** ପ୍ରତ୍ୟେକ ପରିବାର ଏକ ସ୍ୱତନ୍ତ୍ର ନାମ ଦ୍ୱାରା ପରିଚିତ ହୋଇଥାନ୍ତି । ପରିବାର ଏକ ନାମକରଣ ପଦ୍ଧତି ଉପରେ ପ୍ରତିଷ୍ଠିତ । ପ୍ରତ୍ୟେକ ଶିଶୁ ନିଜନିଜର ପରିବାରର ବଂଶନାମକୁ ଗ୍ରହଣ କରିଥାନ୍ତି । ବିଭିନ୍ନ ସମାଜରେ ଭିନ୍ନ ଭିନ୍ନ ବଂଶନାମ ପ୍ରଚଳିତ ଥାଏ ଏବଂ ଏହା ଗୋଟିଏ ପିଢୀରୁ ଅନ୍ୟ ପିଢୀକୁ ହସ୍ତାନ୍ତରିତ ହୋଇଥାଏ । ମାତୃବଂଶୀୟ ସମାଜରେ ଏହି ବଂଶନାମ ମା'ଙ୍କ ନାମାନୁସାରେ, ପିତୃବଂଶୀୟ ସମାଜରେ ବାପାଙ୍କ ନାମାନୁସାରେ ଏବଂ ଅନ୍ୟ କେତେକ ସମାଜରେ ଉଭୟଙ୍କ ନାମାନୁସାରେ ହୋଇଥାଏ ।

**(୫) ଏକ ଅର୍ଥନୈତକ ବ୍ୟବସ୍ଥା (An Economic Provision) :** ପ୍ରତ୍ୟେକ ପରିବାରରେ ସଭ୍ୟମାନଙ୍କର ଅର୍ଥନୈତିକ ଆବଶ୍ୟକତା ଗୁଡ଼ିକୁ ପୂରଣ କରିବା ପାଇଁ ଏକ ଅର୍ଥନୈତିକ ବ୍ୟବସ୍ଥା ରହିଥାଏ । ସାଧାରଣତଃ ପରିବାରର ମୁଖ୍ୟ ଅର୍ଥନୈତିକ ଆବଶ୍ୟକତା ପୂରଣ ଦାୟିତ୍ୱ ବହନ କରିଥାନ୍ତି । ଏହାଛଡା ପରିବାରର ସମସ୍ତ ସଦସ୍ୟ ପରିବାରର ଅର୍ଥନୀତିରେ ସାହାଯ୍ୟ ଓ ସହଯୋଗର ହାତ ବଢାଇଥାନ୍ତି ।

**(୬) ଏକ ସାଧାରଣ ବାସସ୍ଥଳୀ (A common habitation) :** ପରିବାରର ସଦସ୍ୟମାନଙ୍କ ପାଇଁ ଏକ ସାଧାରଣ ବାସସ୍ଥଳୀ ଥାଏ । ସନ୍ତାନ ଜନ୍ମ ଏବଂ ଲାଳନପାଳନ ପାଇଁ ଏହି ସାଧାରଣ ବାସସ୍ଥଳୀ ଏକାନ୍ତ ଆବଶ୍ୟକ ଅଟେ । ବିବାହ ପରେ ପତିପତ୍ନୀ ପତିର ପିତାଙ୍କ ଗୃହରେ ରହିଥାନ୍ତି । କେତେକ ସ୍ଥଳେ ପତ୍ନୀ ନିଜର ପିତାଙ୍କ ଗୃହରେ ରହିଥାଏ ଏବଂ ସ୍ୱାମୀ ଶ୍ୱଶୁରାଳୟ ଯିବା ଆସିବା କରନ୍ତି । ଏହି ପରିବାର ଯଥାକ୍ରମେ ପିତୃସ୍ଥାନିକ ଓ ମାତୃସ୍ଥାନିକ ପରିବାର ରୂପେ ପରିଚିତ ।

ଉପରୋକ୍ତ ସାଧାରଣ ବୈଶିଷ୍ଟଗୁଡିକ ବ୍ୟତୀତ ପରିବାରର କେତେଗୁଡିଏ ସ୍ୱତନ୍ତ ଲକ୍ଷଣ ଅଛି । ଏହି ଲକ୍ଷଣ ଗୁଡିକ ପରିବାରକୁ ଅନ୍ୟ ଅନୁଷ୍ଠାନ ଓ ସଂଘଠାରୁ ସ୍ୱତନ୍ତ୍ର ସ୍ଥାନ ଦେଇଛି ।

**(୧) ସାର୍ବଜନୀନତା (Universality):-** ପରିବାର ଏକ ସାର୍ବଜନୀନ ଅନୁଷ୍ଠାନ । ସୃଷ୍ଟିର ଆରମ୍ଭରୁ ମଣିଷ ପରିବାର ଗଠନ କରିଆସିଛି । ପୁରାତନ ସମାଜରୁ ଆରମ୍ଭ କରି ଆଧୁନିକ ସମାଜ ପର୍ଯ୍ୟନ୍ତ ପରିବାର ସବୁସ୍ଥାନରେ ଓ ସବୁ ସମୟରେ ବିଦ୍ୟମାନ । ମଣିଷ ସମାଜ ପରି ପଶୁସମାଜରେ ମଧ ପରିବାର ଦୃଷ୍ଟିଗୋଚର ହୁଏ ।

**(୨) ଆବେଗମୟ ଆଧାର(Emotional Basis) :** ପରିବାର ଆବେଗମୟ ଭିତ୍ତି ଉପରେ ପ୍ରତିଷ୍ଠିତ । ପରିବାରର ପ୍ରତ୍ୟେକ ବ୍ୟକ୍ତି ସ୍ନେହ,ଶ୍ରଦ୍ଧା, ଅନୁରାଗ, ପ୍ରେମ, ଦୟା, କ୍ଷମା, ତ୍ୟାଗ, ବନ୍ଧୁତା ଓ ସହଯୋଗିତା ଆଦି ଆବେଗପୂର୍ଣ୍ଣ ସମ୍ପର୍କ ଦ୍ୱାରା ପରସ୍ପର ସହିତ ବାନ୍ଧି ହୋଇଥାନ୍ତି । ସ୍ୱାମୀ ଓ ସ୍ତ୍ରୀ, ପିତାମାତା ଓ ସନ୍ତାନସନ୍ତତି ମଧ୍ୟରେ ଥିବା ସମ୍ପର୍କ ଆବେଗପୂର୍ଣ୍ଣ ଅଟେ ।

**(୩) କ୍ଷୁଦ୍ର ଆକାର (Limited Size) :** ପରିବାରର ଆକାର କ୍ଷୁଦ୍ର ଅଟେ । ଏକ ପ୍ରାଥମିକ ସମୂହ ହୋଇଥିବାରୁ ଏହାର ଆକାର ସୀମିତ ଅଟେ । ପରିବାର ପିତାମାତା ସେମାନଙ୍କର ସନ୍ତାନସନ୍ତତି ତଥା ପୋଷ୍ୟପୁତ୍ର ଥିବା ସଦସ୍ୟ, ରକ୍ତ ସମ୍ପର୍କୀୟଙ୍କୁ ନେଇ ଗଠିତ ହୋଇଥାଏ । ଜୈବିକ କାରଣ ମଧ ପରିବାରର ଆକାରକୁ ପ୍ରଭାବିତ କରିଥାଏ ।

**(୪) ରଚନାତ୍ମକ ପ୍ରଭାବ (Formative Influence):** ପରିବାର ତାର ସଦସ୍ୟମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଥାଏ । ପରିବାରର ଏକ ନିର୍ଦ୍ଦିଷ୍ଟ ସଂସ୍କୃତି, ସାମାଜିକ ନିୟମ ଓ ମୂଲ୍ୟବୋଧ ଥାଏ । ପାରିବାରିକ ସଂସ୍କୃତି ପରିବାରର ସଦସ୍ୟମାନଙ୍କୁ ପ୍ରଭାବିତ କରିଥାଏ । ପରିବାର ମଧ୍ୟରେ ଶିଶୁଟିର ସାମାଜିକୀକରଣ ହୋଇଥାଏ । ପରିବାର ତାର ସଭ୍ୟମାନଙ୍କୁ ଦୟା, କ୍ଷମା, ତ୍ୟାଗ, ସହଯୋଗିତା ଓ ସହନଶୀଳତା ଇତ୍ୟାଦି ସାମାଜିକ ଗୁଣ ଶିକ୍ଷା ଦେଇଥାଏ । ଏହା ବ୍ୟକ୍ତିର ବ୍ୟକ୍ତିତ୍ୱ ଗଠନରେ ସାହାଯ୍ୟ କରିଥାଏ ।

**(୫) ମୂଳ କେନ୍ଦ୍ର (Nucleous Position) :** ପରିବାର ସାମାଜିକ ସଂଗଠନର କେନ୍ଦ୍ରବିନ୍ଦୁ । ପରିବାରକୁ କେନ୍ଦ୍ରକରି ସମାଜର ଅନ୍ୟାନ ସଂଘ ଓ ସମୂହଗୁଡ଼ିକ ଉତ୍ପତ୍ତି ହୋଇଥାଏ । ଏହା ବ୍ୟକ୍ତିର ସମସ୍ତ ପ୍ରକାର କାର୍ଯ୍ୟକ୍ରମର କେନ୍ଦ୍ରସ୍ଥଳୀ । ପରିବାର ତାର ସଦସ୍ୟମାନଙ୍କ ପାଇଁ ବିଭିନ୍ନ ପ୍ରକାର ପ୍ରକାର୍ଯ୍ୟ ସମ୍ପାଦନ କରିଥାଏ ।

**(୬) ସଦସ୍ୟମାନଙ୍କର ଦାୟିତ୍ୱ (Responsibilities of the members) :** ପରିବାରରେ ପ୍ରତ୍ୟେକ ସଦସ୍ୟଙ୍କର ଅନ୍ୟମାନଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ଉତ୍ତରଦାୟିତ୍ୱ ଥାଏ । ଏହି ଦାୟିତ୍ୱଗୁଡ଼ିକ ପାରସ୍ପରିକ ଅଟେ । ପରିବାରର ସଦସ୍ୟମାନେ ପରସ୍ପରର ସୁଖଦୁଃଖରେ, ସୁବିଧାଅସୁବିଧାରେ ସାମୂହିକ ଭାବରେ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରିଥାଆନ୍ତି ।

**(୭) ସାମାଜିକ ନୀତିନିୟମ (Social regulation ) :** ପ୍ରତ୍ୟେକ ପରିବାରର କେତେକ ସାମାଜିକ ନିୟମ ଥାଏ । ପରିବାର ଅନୌପଚାରିକ ଭାବରେ ଚାପ ସୃଷ୍ଟିକରି ସଦସ୍ୟମାନଙ୍କ ମଧ୍ୟରେ ଶୃଙ୍ଖଳା ଜ୍ଞାନ ଆଣିଥାଏ । ସାମାଜୀକିକରଣ ମାଧ୍ୟମରେ ପରିବାର ଏହି ନିୟମ ତଥା ପରିବାରର ସଂସ୍କୃତିକୁ ସଦସ୍ୟମାନଙ୍କୁ ଶିକ୍ଷା ଦେଇଥାଏ ଏବଂ ସମସ୍ତ ସଦସ୍ୟ ଏହି ନୟମକୁ ମାନିବା ପାଇଁ ଶିକ୍ଷା କରିଥାଆନ୍ତି ଓ କୌଣସି ପରିସ୍ଥିତିରେ ଅବମାନନା କରିବାକୁ ସାହାସ କରିନଥାନ୍ତି । ସେଥିପାଇଁ ଯଥାର୍ଥରେ କୁହାଯାଇଛି "ପରିବାର ସ୍ଥାପନ କରିବା ସହଜ ମାତ୍ର ଏହାକୁ ଭାଙ୍ଗିବା କଷ୍ଟକର" ।

**(୮) ସ୍ଥାୟୀ ଓ ଅସ୍ଥାୟୀ ପ୍ରକୃତି (Permanent and Temporary in Nature) :** ପରିବାର ଉଭୟ ଏକ ସଂଘ ଓ ଅନୁଷ୍ଠାନ ଅଟେ । ଅନୁଷ୍ଠାନ ଭାବରେ ଏହା ସ୍ଥାୟୀ ମାତ୍ର ସଂଘ ରୂପେ ଏହାର ପ୍ରକୃତି ଅସ୍ଥାୟୀ ଅଟେ । ବିବାହବିଚ୍ଛେଦ, ଚୁକ୍ତି ବିବାହ, ମୃତ୍ୟୁ, ସନ୍ତାନଙ୍କ ବିବାହ, ଶିଶୁଜନ୍ମ ବଶତଃ ପରିବାର ବିଭାଜିତ ହୁଏ,ଏହାର ଆକାରରେ ପରିବର୍ତ୍ତନ ଘଟିଥାଏ ବା ନୂତନ ପରିବାର ସୃଷ୍ଟି ହୋଇଥାଏ । ସେହିଭଳି ପରିବାରକୁ ଯଦି ଏକ ସାଧାରଣ ନିୟମ ବା କାର୍ଯ୍ୟରୀତିର ବ୍ୟବସ୍ଥା ରୂପେ ଦେଖାଯାଏ ତାହେଲେ ପରିବାର ଏକ ଅନୁଷ୍ଠାନ। ତେଣୁ ଅନୁଷ୍ଠାନ ଭାବରେ ପରିବାର ସ୍ଥାୟୀ ଅଟେ ।

## ପରିବାରର ପ୍ରକାରଭେଦ (Types or forms of family)

ପରିବାର ଏକ ସାର୍ବଜନୀନ ସାମାଜିକ ଅନୁଷ୍ଠାନ । ଏହାର ରୂପ ବା ଗଠନ ପ୍ରଣାଳୀରେ ଭିନ୍ନତା ପରିଲକ୍ଷିତ ହୁଏ । ନିର୍ଦ୍ଦିଷ୍ଟ ସମାଜର ସଂସ୍କୃତି,ସାମାଜିକ ମୂଲ୍ୟବୋଧ, ସାମାଜିକ ବ୍ୟବସ୍ଥା, ଜୀବନ ଶୈଳୀ ବା ଜୀବନ ପଦ୍ଧତିରେ ଭିନ୍ନତା ସାମାଜିକ ଅନୁଷ୍ଠାନକୁ ପ୍ରଭାବିତ କରିଥାଏ । ବିଶେଷକରି ଏହି ଭିନ୍ନତା ପରିବାରର ରୂପ ଓ ଗଠନରେ ଭିନ୍ନତା ଆଣିଥାଏ । ତେଣୁ ପରିବାରକୁ ଏକ ନିର୍ଦ୍ଦିଷ୍ଟ ପ୍ରକାରରେ ବିଭକ୍ତ କରିବା କଷ୍ଟକର ଅଟେ । ସମାଜବିଜ୍ଞାନୀମାନେ ପରିବାରର ସ୍ୱରୂପକୁ ଭିନ୍ନଭିନ୍ନ ଭିତ୍ତିରେ ବର୍ଗୀକରଣ କରିଛନ୍ତି । ସେଗୁଡ଼ିକୁ ନିମ୍ନରେ ପ୍ରଦତ୍ତ କରାଯାଇଛି ।

**(୧) ଆକାର ଓ ସଂରଚନା ଭିତ୍ତିରେ :** ଆକାର ଓ ସଂରଚନା ଭିତ୍ତିରେ ପରିବାରକୁ ଦୁଇ ଭାଗରେ ବିଭକ୍ତ କରାଯାଇଅଛି । ଯଥା- ଏକକ ପରିବାର ଓ ଯୌଥ ପରିବାର ।

**(କ) ଏକକ ପରିବାର (Nuclear Family) :** ସ୍ୱାମୀସ୍ତ୍ରୀ ଓ ସେମାନଙ୍କର ଅବିବାହିତ ସନ୍ତାନସନ୍ତତିକୁ ନେଇ ଏକକ ପରିବାର ଗଠିତ । ଏହି ପରିବାରର ଆକାର କ୍ଷୁଦ୍ର ଏବଂ ଏଥିରେ କମ୍ ସଂଖ୍ୟକ ସଦସ୍ୟ ଥାଆନ୍ତି । ଆଧୁନିକ ଶିଳ୍ପ ଭିତ୍ତିକ ସମାଜରେ ଏକକ ପରିବାର ଏକ ଗ୍ରହଣୀୟ ଓ ଆଦର୍ଶ ପରିବାର ଅଟେ । ଏହା ଏକ ସ୍ୱୟଂଶାସିତ ଏକକ ଅଟେ । ସମାଜବିଜ୍ଞାନୀ ମୁରଡ଼କ୍ ଏକକ ପରିବାରକୁ ଦୁଇଭାଗରେ ବିଭକ୍ତ କରିଛନ୍ତି, ଯଥା- ଜନ୍ମିତ ଓ ପାଳିତ ପରିବାର (Family of Orientation) ବିବାହ ଦ୍ୱାରା ସ୍ଥାପିତ ପରିବାର (Family of Procreation) । ଜନ୍ମିତ ବା ପାଳିତ ପରିବାରରେ ବ୍ୟକ୍ତି ଜନ୍ମ ନିଏ ଓ ଲାଳନପାଳନ ହୋଇଥାଏ । ଏହି ପରିବାରରେ ପିତାମାତା, ଭାଇ ଓ ଭଉଣୀ ସଦସ୍ୟ ଅଟନ୍ତି । ଅପରପକ୍ଷରେ ବିବାହଦ୍ୱାରା ଗଠିତ ପରିବାର ସ୍ୱାମୀ ସ୍ତ୍ରୀ ଓ ସେମାନଙ୍କର ସନ୍ତାନ ଓ ସନ୍ତତିଙ୍କୁ ନେଇ ଗଠିତ । ଏକକ ପରିବାରକୁ ପ୍ରାଥମିକ ପରିବାର ବା ବ୍ୟକ୍ତିବାଦୀ ପରିବାର ବୋଲି ମଧ୍ୟ କୁହାଯାଏ । ଯେତେବେଳେ ଏକକ ପରିବାର ସହିତ ଅନ୍ୟ କେତେକ ସଦସ୍ୟ ବିବାହ ଦ୍ୱାରା ସମ୍ବନ୍ଧିତ ହୋଇଥାଆନ୍ତି ସେହି ପରିବାରକୁ ଦାମ୍ପତ୍ୟ ପରିବାର (Conjugal Family) କୁହାଯାଏ ।

**(ଖ) ଯୌଥ ପରିବାର (Joint Family/Extended Family):** ପିତାମାତା ସେମାନଙ୍କର ବିବାହିତ ପୁତ୍ର, ନାତି ନାତୁଣୀ, ସେମାନଙ୍କର ଅବିବାହିତ ଓ ବିବାହିତ ଭ୍ରାତୃବର୍ଗ, ପରିବାରର ସମ୍ପର୍କୀୟ ବ୍ୟକ୍ତିଙ୍କୁ ନେଇ ଯୌଥ ପରିବାର ଗଠିତ । ଏକାଧିକ ଏକକ ପରିବାରର ମିଶ୍ରଣରେ ଯୌଥ ପରିବାର ସୃଷ୍ଟି ହୋଇଥାଏ । ଅନେକ ସମାଜବିଜ୍ଞାନୀ ଯୌଥ ପରିବାରକୁ ବିସ୍ତାରିତ ପରିବାର ବୋଲି କହିଥାନ୍ତି । ଯୌଥ ପରିବାର ସଦସ୍ୟମାନେ ଗୋଟିଏ ଛାତତଳେ, ଏକ ସାଧାରଣ ରୋଷେଇଶାଳ ବ୍ୟବହାର କରିଥାନ୍ତି । ପରିବାରର

ବୟୋଜ୍ୟେଷ୍ଠ ବ୍ୟକ୍ତି ମୁଖ୍ୟକର୍ତ୍ତା ରୂପେ ଗୃହ ପରିଚାଳନା କରିଥାନ୍ତି । ଗୃହର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସାମୁହିକ ସମ୍ପତ୍ତି ରୂପେ ବ୍ୟବହୃତ ହୁଏ ।

**(୨) ବିବାହ ଭିତ୍ତିରେ ପରିବାରର ପ୍ରକାର** (**Family based on marriage**): ବିବାହ କ୍ଷେତ୍ରରେ ସ୍ୱାମୀ ଓ ସ୍ତ୍ରୀଙ୍କର ସଂଖ୍ୟାକୁ ଆଧାରକରି ପରିବାର ଗଠନ ହୋଇଥାଏ । ସେଗୁଡ଼ିକୁ ନିମ୍ନରେ ପ୍ରଦାନ କରାଗଲା

**(କ) ଏକପତ୍ନୀକ ପରିବାର (Monogamous Family)** : ଯେଉଁ ପରିବାରରେ ଗୋଟିଏ ପୁରୁଷ ଗୋଟିଏ ସ୍ତ୍ରୀକୁ ବିବାହ କରି ପରିବାର ସୃଷ୍ଟି କରିଥାଏ, ସେହି ପରିବାରକୁ ଏକପତ୍ନୀକ ପରିବାର କୁହାଯାଏ । ପତି କିମ୍ବା ପତ୍ନୀ ଉଭୟଙ୍କ ଜୀବିତାବସ୍ଥାରେ ଅନ୍ୟ ଏକ ସ୍ତ୍ରୀ ବା ସ୍ୱାମୀ ଗ୍ରହଣ କରିବା ନିଷେଧ ଅଟେ । ଏହି ପରିବାର ଏକ ଆଦର୍ଶ ପରିବାର ରୂପେ ପରିଚିତ ।

**(ଖ) ବହୁପତ୍ନୀକ ପରିବାର** (**Palygynous Family**) : ଯେଉଁ ପରିବାରରେ ଗୋଟିଏ ପୁରୁଷ ଏକାଧିକ ନାରୀଙ୍କୁ ବିବାହ କରି ନିଜର ସନ୍ତାନସନ୍ତତିମାନଙ୍କ ସହିତ ଏକାଠି ବାସ କରୁଥାଏ ତାହାକୁ ବହୁପତ୍ନୀକ ପରିବାର କୁହାଯାଏ । ଏହି ପ୍ରକାର ପରିବାର ମୁସଲମାନ ସମ୍ପ୍ରଦାୟରେ ଆଫ୍ରିକା ଓ ଆମେରିକାର କିଛି ଜନଜାତିଙ୍କ ମଧ୍ୟରେ ଦେଖାଯାଏ ।

**(ଗ) ବହୁପତିକ ପରିବାର (Polyandrous Family)**: ଯେଉଁ ପରିବାରରେ ଗୋଟିଏ ସ୍ତ୍ରୀ ଅନେକ ପୁରୁଷଙ୍କ ସହିତ ବୈବାହିକ ସମ୍ପର୍କ ରଖି ପରିବାର ସ୍ଥାପନ କରିଥାଏ, ସେହି ପରିବାରକୁ ବହୁପତିକ ପରିବାର କୁହାଯାଏ । ଉତ୍ତର ଭାରତର ଜନଜାତି, ସିଂହଳୀ,ତିବତ ଓ ମୁଣ୍ଡା ଆଦିବାସୀ ସମାଜରେ ଏହି ପରିବାର ଦେଖିବାକୁ ମିଳିଥାଏ ।

**(ଘ) ଅନ୍ତର୍ବିବାହୀ ପରିବାର** (**Endogamous Family**) : ଯେଉଁ ପରିବାର ଅନ୍ତଃବିବାହ ନିୟମ ଅନୁଯାୟୀ ତାର ସଦସ୍ୟମାନଙ୍କୁ ନିଜଜାତି, ପ୍ରଜାତି ବା ଗୋତ୍ର ମଧ୍ୟରେ ବିବାହ କରିଥାଏ, ସେ ପ୍ରକାରର ପରିବାରକୁ ଅନ୍ତଃର୍ବିବାହୀ ପରିବାର କୁହାଯାଏ । ସାଧାରଣତଃ ଏହି ପ୍ରକାର ଜାତିଭିତ୍ତିକ ବିବାହ ହିନ୍ଦୁ ସମାଜରେ ଗ୍ରହଣୀୟ ଅଟେ । କିନ୍ତୁ ଅନ୍ୟ ଜାତିରେ ବିବାହ ନିଷେଧ ଅଟେ ।

**(ଙ) ବହିର୍ବିବାହୀ ପରିବାର** (**Exogamous Family**) **:** ଏହି ପରିବାର ଅନ୍ତଃର୍ବିବାହୀ ପରିବାରର ଠିକ୍ ବିପରୀତ । ଅର୍ଥାତ୍ ବହିଃର୍ବିବାହ ପରିବାରର ସଭ୍ୟମାନେ ନିଜ ଜାତି, ଗୋତ୍ର ବାହାରେ ବିବାହ କରିଥାନ୍ତି ।

**(୩) ବଂଶାନୁକ୍ରମିକ ଭିତ୍ତିରେ (On the basis of descent or ancestry) :** ବଂଶାନୁକ୍ରମ ଭିତ୍ତିରେ ପରିବାରକୁ ତିନିଭାଗରେ ବିଭକ୍ତ କରାଯାଇଅଛି, ଯଥା- ପିତୃବଂଶୀୟ, ମାତୃବଂଶୀୟ, ଦ୍ୱିବଂଶୀୟ ।

**(କ) ପିତୃବଂଶୀୟ ପରିବାର** (**Patrilineal Family**) : ଯେଉଁ ପରିବାରରେ ବଂଶ ପରିଚୟ ଓ ବଂଶନାମ ପିତାଙ୍କ ବଂଶ ବା ନାମ ଅନୁସାରେ ନିର୍ଦ୍ଧାରିତ ହୋଇଥାଏ, ସେହି ପରିବାରକୁ ପିତୃବଂଶିକ ପରିବାର କୁହାଯାଏ । ଏହି ପରିବାରରେ ପିତାଙ୍କ ନାମ ଅନୁସାରେ ଉତ୍ତରାଧିକାରୀ ଓ ବଂଶାନୁକ୍ରମିକତା ସ୍ଥିର କରାଯାଏ ।

ପରିବାରର ସମ୍ପତ୍ତି ଉପରେ ପିତାଙ୍କର ସଂପୂର୍ଣ୍ଣ ଅଧିକାର ଥାଏ । ପିତାଙ୍କ ମୃତ୍ୟୁପରେ ପୁତ୍ର ଏହାର ଉତ୍ତରାଧିକାରୀ ହୋଇଥାଏ । ପିତାଙ୍କର ନାମରେ ଥିବା ସମସ୍ତ ସମ୍ପତ୍ତି ପୁତ୍ର ହାତକୁ ହସ୍ତାନ୍ତର ହୋଇଥାଏ ।

**(ଖ) ମାତୃବଂଶୀୟ ପରିବାର (Matrilineal Family)** : ଯେଉଁ ପରିବାରରେ ବଂଶାନୁକ୍ରମିକତା ଓ ଉତ୍ତରାଧିକାରୀ ମା'ଙ୍କ ନାମରେ ନିର୍ଦ୍ଧାରିତ ହୁଏ, ସେହି ପରିବାରକୁ ମାତୃବଂଶୀୟ ପରିବାର କୁହାଯାଏ । ଏହି ପରିବାରରେ ମା' ମୁରବୀ ବା ଘରର ମୁଖ୍ୟ ଅଟନ୍ତି ଏବଂ ସମସ୍ତ ସମ୍ପତ୍ତି ତାଙ୍କ ନାମରେ ଥାଏ । ମୁଖ୍ୟତଃ ଏହା ମାତୃବଂଶୀୟ ହୋଇଥିବାରୁ ବଂଶାନୁକ୍ରମ ଓ ଉତ୍ତରାଧିକାରୀତ୍ୱ ମା' ଙ୍କ ପରେ ଝିଅ ଏବଂ ତାପରେ ଝିଅର ଝିଅକୁ ହସ୍ତାନ୍ତରିତ ହୋଇଥାଏ ।

**(ଗ) ଦ୍ୱିବଂଶୀୟ ପରିବାର (Bi-lineal Family)** : ଯେଉଁ ପରିବାରରେ ଉଭୟ ପିତା ଓ ମାତାଙ୍କ ନାମରେ ସନ୍ତାନର ବଂଶ ପରିଚୟ ଓ ବଂଶନାମ ସ୍ଥିର ହୋଇଥାଏ, ସେହି ପରିବାରକୁ ଦ୍ୱିବଂଶୀୟ ପରିବାର କୁହାଯାଏ ।

**(୪) ପ୍ରାଧିକାର ଭିତ୍ତିରେ (On the basis of authority ) :** ପ୍ରାଧିକାରକୁ ଭିତ୍ତିକରି ପରିବାରକୁ ତିନି ଭାଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ପିତୃତାନ୍ତ୍ରିକ ପରିବାର, ମାତୃତାନ୍ତ୍ରିକ ପରିବାର ଓ ସମାନୁପାତିକ ପରିବାର ଅଟେ ।

**(କ) ପିତୃତାନ୍ତ୍ରିକ ପରିବାର (Patriarchal Family)** : ଯେଉଁ ପରିବାରରେ ପିତା ବା ବୟସ୍କ ବ୍ୟକ୍ତି ଘରର ମୁଖ୍ୟ କର୍ତ୍ତା ବା ମୁରବୀ ହୋଇଥାଆନ୍ତି ସେଇ ପରିବାରକୁ ପିତୃତାନ୍ତ୍ରିକ ପରିବାର କୁହାଯାଏ । ପିତା ସମସ୍ତ କ୍ଷମତାର ଅଧିକାରୀ ହୋଇଥାଆନ୍ତି । ପରିବାରରେ ତାଙ୍କର ଅଧିପତ୍ୟ ଥାଏ । ପରିବାରର ସମ୍ପତ୍ତି ତାଙ୍କ ନାମରେ ଥାଏ । ପରିବାର ପରିଚାଳନା ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତଥାଏ । ପିତା ସବୁଦୃଷ୍ଟିରୁ ମୁଖ୍ୟ ହୋଇଥିବାରୁ ଏ ପ୍ରକାର ପରିବାରକୁ ପିତୃତାନ୍ତ୍ରିକ ପରିବାର କୁହାଯାଏ । ପିତାଙ୍କ ପରେ ପୁତ୍ର ଉତ୍ତରାଧିକାରୀ ରୂପେ ଦାୟିତ୍ୱ ନେଇଥାନ୍ତି ।

**(ଖ) ମାତୃତାନ୍ତ୍ରିକ ପରିବାର (Matriarchal Family)**: ଏହି ପରିବାରରେ ମାତା ବା ବୟୋଜେଷ୍ଠା ନାରୀ ପରିବାର ମୁଖ୍ୟ ବା ଗୃହ କର୍ତ୍ତ୍ରୀ ହୋଇଥାଆନ୍ତି । ମା' ସମସ୍ତ କ୍ଷମତାର ଅଧିକାରୀ ହୋଇଥାନ୍ତି । ତାଙ୍କ ନାମରେ ସମ୍ପତ୍ତି ଥାଏ । ମାତାଙ୍କ ମୃତ୍ୟୁପରେ ସେହି ପରିବାରରେ ଝିଅ ଉତ୍ତରାଧିକାରୀ ହୋଇଥାନ୍ତି । ସମ୍ପତ୍ତି ମାଲିକାନା ଝିଅ ଉପରେ ନ୍ୟସ୍ତ ଥାଏ । ପରିବାରରେ ସ୍ୱାମୀ ବା ପିତାଙ୍କର ଭୂମିକା ଗୌଣ ଥାଏ । ଏହି ପ୍ରକାର ପରିବାର କେରଳର ନାୟାର ଏବଂ ଟିଆ ସମ୍ପ୍ରଦାୟରେ, ଆସାମର ଗୋରୋ ଏବଂ ଖାସି ଜନଜାତିମାନଙ୍କ ମଧ୍ୟରେ ଦେଖାଯାଏ ।

**(ଗ) ସମାନୁପାତିକ ପରିବାର (Egalitarian Family)**: ଯେତେବେଳେ ପରିବାରରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ସମାନଭାଗରେ କ୍ଷମତାର ଅଧିକାରୀ ହୋଇଥାନ୍ତି ଏବଂ ପରିବାରର ଦାୟିତ୍ୱ ସମାନଭାଗରେ ଗ୍ରହଣ କରିଥାନ୍ତି, ସେହି ପରିବାରକୁ ଦ୍ୱିବଂଶୀୟ ପରିବାର କୁହାଯାଏ । ଏହି ପରିବାରରେ ବଂଶାନୁକ୍ରମିକତା ଓ ଉତ୍ତରାଧିକାରୀ ଉଭୟ ପିତା ଓ ମାତାଙ୍କ ନାମରେ ସ୍ଥିରିକୃତ ହୁଏ ।

**(୫) ବାସସ୍ଥାନ ଭିତ୍ତିରେ (On the basis of residence ):** ବାସସ୍ଥାନ ଅନୁଯାୟୀ ପରିବାରକୁ ନିମ୍ନପ୍ରକାରରେ ବିଭକ୍ତ କରାଯାଇଅଛି ।

**(କ) ପିତୃଆବାସିକ ପରିବାର(Patrilocal Family):** ବିବାହ ପରେ ସ୍ତ୍ରୀ ନିଜ ପିତାଙ୍କ ଘର ଛାଡ଼ି ସ୍ୱାମୀଙ୍କ ଗୃହରେ ସ୍ଥାୟୀଭାବରେ ବାସ କରେ, ସେ ପ୍ରକାର ପରିବାରକୁ ପିତୃଆବାସିକ ବା ପିତୃସ୍ଥାନିକ ପରିବାର କୁହାଯାଏ ।

**(ଖ) ମାତୃଆବାସିକ ପରିବାର (Matrilocal Family):** ଏହି ପରିବାରରେ ବିବାହ ପରେ ସ୍ୱାମୀ ନିଜଗୃହ ପରିତ୍ୟାଗ କରି ସ୍ତ୍ରୀର ଗୃହରେ ବାସକରେ । ମାତୃଆବାସିକ ପରିବାରରେ ସ୍ତ୍ରୀର ପ୍ରଧାନ୍ୟତା ଥାଏ ମାତ୍ର ସ୍ୱାମୀର ଭୂମିକା ଗୌଣ ହୋଇଥାଏ । ଏହି ପରିବାର ପିତୃଆବାସିକ ପରିବାରର ଠିକ୍ ବିପରୀତ ଅଟେ ।

**(ଗ) ଉଭୟଆବାସିକ ପରିବାର (Bilocal Family) :** କେତେକ ସମାଜରେ ବିବାହ ପରେ ସ୍ୱାମୀ ସ୍ତ୍ରୀ କିଛି ଦିନ ସ୍ୱାମୀର ମୂଳଗୃହରେ ବା ସ୍ତ୍ରୀର ପିତାଙ୍କ ଗୃହରେ ବସବାସ କରିଥାଆନ୍ତି । ଏହି ପ୍ରକାର ପରିବାରକୁ ଉଭୟ ଆବାସିକ ପରିବାର କୁହାଯାଏ । ଏହା ପରିବର୍ତ୍ତିତ ଆବାସ ନାମରେ ପରିଚିତ ।

**(ଘ) ନବସ୍ଥାନିକ ପରିବାର (Neo-Local Family) :** ବିବାହ ପରେ ନବବିବାହିତ ଦମ୍ପତ୍ତି ସେମାନଙ୍କର ପିତାମାତାଙ୍କ ଗୃହରେ ନ ରହି ଅଲଗା ସ୍ଥାନରେ ସ୍ୱାଧୀନ ଭାବରେ ନିଜର ପରିବାର ସ୍ଥାପନ କରି ରହିଥାନ୍ତି ସେ ପ୍ରକାର ପରିବାରକୁ ନବସ୍ଥାନିକ ପରିବାର କୁହାଯାଏ ।

**(ଙ) ମାତୁଳସ୍ଥାନିକ ପରିବାର (Avuncu-local Family)** : ବିବାହ ପରେ ପତିପତ୍ନୀ ଯଦି ସେମାନଙ୍କର ମାମୁଁଙ୍କ ଘରେ ରହିଥାନ୍ତି । ତେବେ ସେହି ପ୍ରକାର ପରିବାରକୁ ମାତୁଳସ୍ଥାନିକ ପରିବାର କୁହାଯାଏ ।

## ପରିବାରର ପ୍ରକାର୍ଯ୍ୟ (Functions of Family)

ପରିବାର ମାନବ ସମାଜର ଏକ ମୁଖ୍ୟ ସମାଜିକ ଅନୁଷ୍ଠାନ ଭାବରେ ଅନେକ ପ୍ରକାର୍ଯ୍ୟ ସମ୍ପାଦନ କରିଥାଏ । ପରିବାର ପ୍ରକାର୍ଯ୍ୟକୁ ନେଇ ସାମାଜତତ୍ତ୍ୱବିତ୍‌ମାନେ ଭିନ୍ନ ଭିନ୍ନ ମତ ପୋଷଣ କରୁଛନ୍ତି । ସେମାନେ ପରିବାରର ପ୍ରକାର୍ଯ୍ୟକୁ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା କରିଛନ୍ତି ।

ପ୍ରଖ୍ୟାତ ସମାଜବିତ୍ କେ.ଡାଭିସ୍ ପରିବାରର ପ୍ରକାର୍ଯ୍ୟକୁ ଚାରିଭାଗରେ ବିଭକ୍ତ କରିଛନ୍ତି ଯଥା-(୧) ପ୍ରଜନନ (୨) ପ୍ରତିପୋଷଣ (୩)ବ୍ୟବସ୍ଥାପନ ଏବଂ (୪) ସାମାଜିକୀକରଣ ।

ଅଗବର୍ଣ୍ଣ ଓ ନିମକଫ୍ ପରିବାରର ପ୍ରକାର୍ଯ୍ୟକୁ ଛଅ ଭାଗରେ ବିଭକ୍ତ କରିଛନ୍ତି । ଯଥା:- (୧) ସ୍ନେହାତ୍ମକ (୨)ଅର୍ଥନୈତିକ (୩)ମନୋରଞ୍ଜନ (୪) ସୁରକ୍ଷା (୫) ଧାର୍ମିକ (୬) ଶିକ୍ଷା ।

ପ୍ରଖ୍ୟାତ ସମାଜବିତ୍ ଗୁଡେଙ୍କ ମତ ଅନୁସାରେ ପରିବାରର ପ୍ରକାର୍ଯ୍ୟ ହେଲା (୧) ପ୍ରଜନନ (୨) ପରିବାର ସଦସ୍ୟମାନଙ୍କର ସାମଜିକ ଓ ଅର୍ଥନୈତକ ସୁରକ୍ଷା (୩) ପରିବାର ସଦସ୍ୟମାନଙ୍କର ପ୍ରସ୍ଥିତି ନିର୍ଦ୍ଧାରଣ (୪) ସାମଜିକୀକରଣ (୫) ସାମାଜିକ ନିୟନ୍ତ୍ରଣ ।

ମାକାଇଭର୍ ଓ ପେଜ୍ ପରିବାରର ପ୍ରକାର୍ଯ୍ୟକୁ ଦୁଇ ଭାଗରେ ବିଭକ୍ତ କରିଛନ୍ତି । (୧) ଅତ୍ୟାବଶ୍ୟକ ପ୍ରକାର୍ଯ୍ୟ (୨) ଗୌଣ ବା ଅତିରିକ୍ତ ପ୍ରକାର୍ଯ୍ୟ ।

ବିଭିନ୍ନ ସାମାଜତତ୍ତ୍ୱବିତ୍‌ମାନଙ୍କ ଦ୍ୱାରା ବାଖ୍ୟା କରାଯାଇଥିବା ପରିବାରର ପ୍ରକାର୍ଯ୍ୟକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଅଛି । ସେଗୁଡିକ ନିମ୍ନରେ ପ୍ରଦତ୍ତ କରାଗଲା ।

**ଅପରିହାର୍ଯ୍ୟ ପ୍ରକାର୍ଯ୍ୟ (Primary or Essential Functions) :** ଯେଉଁ ପ୍ରକାର୍ଯ୍ୟ ଗୁଡିକ ପରିବାର ବ୍ୟତୀତ ଅନ୍ୟ କୌଣସି ଅନୁଷ୍ଠାନରେ ସମ୍ପାଦନ କରିବା ସମ୍ଭବ ନୁହେଁ, ସେଗୁଡିକୁ ପରିବାରର ଅତ୍ୟାବଶ୍ୟକ ବା ଅପରିହାର୍ଯ୍ୟ ପ୍ରକାର୍ଯ୍ୟ କୁହାଯାଏ ।

**(୧) ସ୍ଥାୟୀ ଯୌନ ଆବଶ୍ୟକତା ପୂରଣ (Stable Satisfaction of Sex Need) :** ଯୌନ ଇଚ୍ଛା ପରିତୃପ୍ତି ପରିବାରର ଏକ ମୁଖ୍ୟ ପ୍ରକାର୍ଯ୍ୟ ଅଟେ । ଏହା ମନୁଷ୍ୟର ଏକ ପ୍ରାକୃତିକ ଆବଶ୍ୟକତା ଅଟେ । ସଭ୍ୟତାର ଆରମ୍ଭରୁ ପରିବାର ଏହି ପ୍ରକାର୍ଯ୍ୟଟିକୁ ସମ୍ପାଦନ କରିଆସୁଛି । ପରିବାର ଭିତରେ ସ୍ୱାମୀ ଓ ସ୍ତ୍ରୀ ସାମାଜିକ ସ୍ୱୀକୃତି ମାଧ୍ୟମରେ ଯୌନ ଆବଶ୍ୟକତା ପୂରଣ କରିଥାନ୍ତି । ବିବାହ ନିୟମ ଦ୍ୱାରା ପରିବାର ଯୌନ ଆବଶ୍ୟକତାକୁ ପରିଚାଳନା କରିଥାଏ ।

**(୨) ପ୍ରଜନନ (Reproduction or Pro-creation) :** ସନ୍ତାନ ଜନ୍ମ ପରିବାରର ଏକ ମୁଖ୍ୟ କାର୍ଯ୍ୟ । ପୁରୁଷ ଓ ନାରୀ ମଧ୍ୟରେ ଯୌନସମ୍ପର୍କ ରକ୍ଷା କରି ସନ୍ତାନ ସୃଷ୍ଟି କରିବାରେ ପରିବାର ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଏହାଦ୍ୱାରା ନୂତନ ବଂଶଧରଙ୍କୁ ସମାଜ ପାଇଥାଏ । ପ୍ରଜନନ ପ୍ରକ୍ରିୟା ଦ୍ୱାରା ପରିବାର ଗୋଟିଏ ପିଢୀରୁ ଅନ୍ୟ ଏକ ପିଢୀକୁ ବଂଶାନୁକ୍ରମିକ ଭାବରେ ଗତି କରିଥାଏ ।

**(୩) ସନ୍ତାନମାନଙ୍କର ନିରାପତ୍ତା ଓ ଯତ୍ନ (Protection & care of the young) :** ପରିବାର ସନ୍ତାନମାନଙ୍କୁ ଜନ୍ମଦେବା ସଙ୍ଗେ ସଙ୍ଗେ ସେମାନଙ୍କର ନିରାପତ୍ତା ଓ ଲାଳନପାଳନ ଦାୟିତ୍ୱ ମଧ୍ୟ ନେଇଥାଏ । ଜନ୍ମ ସମୟରେ ଶିଶୁ ଅତ୍ୟନ୍ତ ଅସହାୟ ଥାଏ । ପରିବାର ବିନା ବଞ୍ଚିବା ଶିଶୁପକ୍ଷରେ ଅସମ୍ଭବ ହୋଇଥାଏ । ପରିବାର ଶିଶୁର ଆବଶ୍ୟକତା ପୂରଣ କରିବା ସହିତ ତାର ଶାରୀରିକ ଓ ମାନସିକ ବିକାଶରେ ସହାଯ୍ୟ କରିଥାଏ ।

**(୪) ବାସଗୃହ ବ୍ୟବସ୍ଥା (A Provision of Home) :** ପରିବାର ଏହାର ସଦସ୍ୟମାନଙ୍କ ପାଇଁ ବାସସ୍ଥାନର ବ୍ୟବସ୍ଥା କରିଥାଏ । ବିବାହ ପରେ ପତିପତ୍ନୀ ଗୋଟିଏ ଗୃହରେ ବାସ କରିଥାଆନ୍ତି ଏବଂ ସେମାନେ ବୈବାହିକ କାର୍ଯ୍ୟ, ଯଥା- ଯୌନତୃଷ୍ଣା ପୂରଣ, ସନ୍ତାନ ଜନ୍ମ ଓ ଲାଳନପାଳନ ଇତ୍ୟାଦି ମୁଖ୍ୟ କାର୍ଯ୍ୟଗୁଡିକୁ ସମ୍ପାଦନ କରିଥାଆନ୍ତି । ପରିବାର ସଦସ୍ୟମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିଥାଏ । ଗୋଟିଏ ସ୍ଥାନରେ ବାସକରୁଥିବାରୁ ସଦସ୍ୟମାନଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ସୃଷ୍ଟି ହୋଇଥାଏ । ଫଳରେ ପରସ୍ପର ମଧ୍ୟରେ ସ୍ନେହ ଓ ସହାନୁଭୂତି ବଢେ ।

**(୫) ସାମାଜିକୀକରଣ (Socialisation):** ସାମାଜିକୀକରଣ ପରିବାରର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକାର୍ଯ୍ୟ ଅଟେ । ଏହା ଏକ ମୁଖ୍ୟ ମାଧ୍ୟମ ରୂପେ କାର୍ଯ୍ୟ କରିଥାଏ । ଏହି ପ୍ରକ୍ରିୟା ଦ୍ୱାରା ପରିବାରରେ ଶିଶୁ ସାମାଜିକ ଗୁଣଗୁଡିକୁ ଶିକ୍ଷା କରିବା ସଙ୍ଗେ ସଙ୍ଗେ ସାମାଜିକ ମୂଲ୍ୟବୋଧ, ନୈତିକତା, ଆଦର୍ଶ ତଥା ସାମାଜିକ ପ୍ରତିମାନ ଗୁଡିକୁ ଶିକ୍ଷାଲାଭ କରିଥାଏ । ଏହା ତାର ଚରିତ୍ର ଗଠନ ଓ ବ୍ୟକ୍ତିତ୍ୱର ବିକାଶରେ ସାହାଯ୍ୟ କରିଥାଏ । ପରିବାର ବ୍ୟକ୍ତିର ବ୍ୟବହାରକୁ ନିୟନ୍ତ୍ରଣ କରି ସାମାଜିକ ନିୟମର ଅନୁକୂଳ କରିଥାଏ ।

**ଗୌଣ ବା ଅତିରିକ୍ତ ପ୍ରକାର୍ଯ୍ୟ (Non-essential function) :** ପରିବାରର ଅପରିହାର୍ଯ୍ୟ ପ୍ରକାର୍ଯ୍ୟଗୁଡିକ ବ୍ୟତୀତ ଅନ୍ୟ କେତେକ କାର୍ଯ୍ୟ ପରିବାର ବାହାରେ ଅନ୍ୟ କେତେକ ଅନୁଷ୍ଠାନ ଦ୍ୱାରା ସମ୍ପାଦିତ ହୋଇଥାଏ, ସେଗୁଡିକୁ ପରିବାରର ଅତିରିକ୍ତ ପ୍ରକାର୍ଯ୍ୟ ରୂପେ ବିବେଚିତ କରାଯାଇଅଛି । ବ୍ୟକ୍ତି ପରିବାରରେ ଏହି ଆବଶ୍ୟକତା

ପୂରଣ କରିବା ସହିତ ପରିବାର ବାହାରେ ମଧ୍ୟ ଉପଲବ୍ଧ କରିଥାଏ । ପରିବାରର ସେହି ଗୌଣ ବା ଅତିରିକ୍ତ ପ୍ରକାର୍ଯ୍ୟଗୁଡିକ ସର୍ମ୍ପକରେ ନିମ୍ନରେ ଆଲୋଚନା କରାଯାଇଅଛି ।

**(୧) ଅର୍ଥନୈତିକ ପ୍ରକାର୍ଯ୍ୟ (Economic Function) :** ପ୍ରତ୍ୟେକ ପରିବାରର ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା ଥାଏ । ପରିବାର ସଦସ୍ୟମାନଙ୍କର ଆର୍ଥିକ ବ୍ୟବସ୍ଥାର କେନ୍ଦ୍ରସ୍ଥଳ ଅଟେ । ଏହା ମାଧ୍ୟମରେ ପରିବାର ବ୍ୟକ୍ତିର ଖାଦ୍ୟ,ବସ୍ତ୍ର, ବାସଗୃହ ଆଦି ସର୍ବନିମ୍ନ ଆବଶ୍ୟକତାଗୁଡିକୁ ପୂରଣ କରିଥାଏ । ପରିବାର ମଧ୍ୟରେ ଉତ୍ପାଦନ, ବଣ୍ଟନ ଓ ଉପଭୋଗ ଇତ୍ୟାଦି ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥାଏ । ପରିବାର ଶ୍ରମବିଭାଜନ ନୀତି ଉପରେ ପ୍ରତିଷ୍ଠିତ ଥାଏ । ସମସ୍ତ ସଦସ୍ୟ ନିଜନିଜର ଦକ୍ଷତା ଅନୁସାରେ କାମ କରିଥାଆନ୍ତି ଓ ପରିବାର ଚଳାଇଥାନ୍ତି । ପୁରୁଷ ସଦସ୍ୟମାନେ କୃଷି ଓ ବାହାରର ସମସ୍ତ କାର୍ଯ୍ୟ ସମ୍ପାଦନ କରୁଥିବାବେଳେ, ନାରୀମାନେ ପରିବାର ଭିତରେ ସମସ୍ତ କାର୍ଯ୍ୟ କରିବା ସହିତ ଗୃହର ସମସ୍ତ ଜିନିଷର ରକ୍ଷଣାବେକ୍ଷଣ କରିଥାଆନ୍ତି । ପ୍ରତ୍ୟେକ ପରିବାରର କିଛି ପୈତୃକ ସମ୍ପତ୍ତି ଥାଏ । ଏହି ସମ୍ପତ୍ତିରୁ ଉତ୍ପାଦିତ ପଦାର୍ଥ ଗୃହର ଆର୍ଥିକ ପରିଚାଳନାରେ ଲଗାଯାଇଥାଏ । ବଂଶପରମ୍ପରା ଅନୁସାରେ ପ୍ରତ୍ୟେକ ବ୍ୟକ୍ତିର ସମ୍ପତ୍ତିରେ ଅଧିକାର ଥାଏ ।

**(୨) ଧାର୍ମିକ ପ୍ରକାର୍ଯ୍ୟ (Religious Function):** ପରିବାର ଧାର୍ମିକ କାର୍ଯ୍ୟ ସମ୍ପାଦନର ଏକ ପ୍ରକୃଷ୍ଟ ସ୍ଥାନ ଅଟେ । ପରିବାରର ସଦସ୍ୟମାନେ ପୂଜା, ପାର୍ବଣ, ପ୍ରାର୍ଥନା, ମୂର୍ତ୍ତିପୂଜା, ଯଜ୍ଞ, ହୋମ ଇତ୍ୟାଦି ଧାର୍ମିକ କାର୍ଯ୍ୟମାନ ସମ୍ପାଦନ କରିଥାଆନ୍ତି । ପୂର୍ବପୁରୁଷମାନଙ୍କୁ ଶ୍ରାଦ୍ଧ ଓ ତର୍ପଣ ଆଦି ଦେବା ପରିବାର ମୁଖ୍ୟ କର୍ତ୍ତବ୍ୟ ଗୁଡିକୁ ସମ୍ପାଦନ କରାଯାଏ । ପରିବାରର ପ୍ରତ୍ୟେକ ଧାର୍ମିକ କାର୍ଯ୍ୟ ସାମୂହିକ ଭାବରେ ପାଳନ କରାଯାଏ । ଶିଶୁମାନେ ଧାର୍ମିକ କାର୍ଯ୍ୟରେ ଅନୁପ୍ରାଣିତ ହୋଇଥାଆନ୍ତି ଓ ବିଭିନ୍ନ ଧାର୍ମିକ ଗୁଣମାନ ଶିକ୍ଷା କରିଥାଆନ୍ତି ।

**(୩) ଚିତ୍ତବିନୋଦନ ପ୍ରକାର୍ଯ୍ୟ (Recreational Function):** ସଦସ୍ୟମାନଙ୍କର ଚିତ୍ତ ବିନୋଦନପାଇଁ ପରିବାରରେ କେତେକ ଆମୋଦ ପ୍ରମୋଦର ବ୍ୟବସ୍ଥା ଥାଏ । ଜଞ୍ଜାଳମୟ ଓ କାର୍ଯ୍ୟବ୍ୟସ୍ତ ଜୀବନକୁ କିଛି ସମୟପାଇଁ ଆନନ୍ଦିତ କରିବା ପାଇଁ ପରିବାର ମଧ୍ୟରେ ବିଭିନ୍ନ ପୂଜାପାର୍ବଣ, ଉତ୍ସବ, ଜନ୍ମଦିନ, ବିବାହବ୍ରତର ଆୟୋଜନ ହୋଇଥାଏ । କେତେକ ସମୟରେ ପରିବାରର ସଭ୍ୟମାନେ ଏକାଠି ବସି ପରସ୍ପର ଭିତରେ ଆଲୋଚନା ଓ ଭାବର ଆଦାନପ୍ରଦାନ କରିଥାନ୍ତି ତଥା ଥଟାମଜା ହୋଇଥାନ୍ତି । ଅବସର ସମୟରେ ପରିବାରର କେତେକ ସଦସ୍ୟ ତୀର୍ଥସ୍ଥାନ ବା ଦର୍ଶନୀୟ ସ୍ଥାନ ବା ବନ୍ଧୁବାନ୍ଧବଙ୍କ ଗୃହକୁ ବୁଲିବାକୁ ଯିବାଦ୍ୱାରା ସେମାନଙ୍କର ମନୋରଞ୍ଜନ ହୋଇଥାଏ ।

**(୪) ଶିକ୍ଷାଗତ ପ୍ରକାର୍ଯ୍ୟ (Educational Function) :** ପରିବାର ଶିଶୁର ପ୍ରାଥମିକ ଶିକ୍ଷାକେନ୍ଦ୍ର ଅଟେ। ଶିଶୁ ଅସହାୟ ଅବସ୍ଥାରେ ପରିବାରରେ ଜନ୍ମ ନେଇଥାଏ । ପରିବାର ହିଁ ପ୍ରଥମେ ଶିଶୁକୁ ଶିକ୍ଷାଦାନ ଦେଇଥାଏ । ବାଲ୍ୟକାଳରୁ ଶିଶୁଟି ପରିବାରର ସଦସ୍ୟମାନଙ୍କଠାରୁ ଭାଷା ଜ୍ଞାନ, ଲିପି ଓ କଥା କହିବା ଇତ୍ୟାଦି ଶିକ୍ଷା କରିଥାଏ । ସେ ପରିବାରରୁ ଶିଷ୍ଟାଚାର, ଚାଲିଚଳନ, ଅନୁଶାସନ, ଶୃଙ୍ଖଳା ଇତ୍ୟାଦି ଶିକ୍ଷା ଲାଭ କରିଥାଏ । ଏହି ଶିକ୍ଷା ମାଧ୍ୟମରେ ଶିଶୁର ଚରିତ୍ର ଗଠନ ହେବା ସହିତ ବ୍ୟକ୍ତିତ୍ୱର ବିକାଶ ଘଟିଥାଏ । ଶିଶୁଟି ପରିବାର ମଧ୍ୟରୁ କଳା,

କୌଶଳ, ବାଣିଜ୍ୟ ଓ ଧନ୍ଦାମୂଳକ ଜ୍ଞାନ ଲାଭ କରିଥାଏ । ଏହା ଭବିଷ୍ୟତରେ ଭରଣପୋଷଣ ଓ ବୃତ୍ତି ନିର୍ଣ୍ଣୟର ସହାୟକ ହୋଇଥାଏ ।

**(୫) ସୁରକ୍ଷାମୂଳକ ପ୍ରକାର୍ଯ୍ୟ (Protective Function) :** ପରିବାର ସମସ୍ତ ସଦସ୍ୟମାନଙ୍କୁ ଆବଶ୍ୟକୀୟ ସୁରକ୍ଷା ଯୋଗାଇଥାଏ । ଏହା ଶିଶୁମାନଙ୍କୁ ଲାଳନପାଳନ କରିବା ସହିତ ଉଭୟ ଶିଶୁ ଓ ବୃଦ୍ଧମାନଙ୍କର ଯତ୍ନ ନେଇଥାଏ । ରୋଗୀ ଓ ଅକର୍ମଣ୍ୟ ବ୍ୟକ୍ତିଙ୍କର ଉପଯୁକ୍ତ ଯତ୍ନ ପରିବାର ମଧ୍ୟରେ ହୋଇଥାଏ । ଏହାଦ୍ୱାରା ପରିବାର ତାର ସଦସ୍ୟମାନଙ୍କୁ ଶାରୀରିକ ଓ ମାନସିକ ସୁରକ୍ଷା ପ୍ରଦାନ କରିଥାଏ । ଅକର୍ମଣ୍ୟ, ବୃଦ୍ଧ, ବିଧବା ଓ ମସ୍ତିଷ୍କ ବିକୃତି ଇତ୍ୟାଦି ସମସ୍ତ ସଭ୍ୟଙ୍କର ଆବଶ୍ୟକତା ପରିବାର ଭିତରେ ଅନ୍ୟ ସଦସ୍ୟମାନଙ୍କ ଭଳି କରାଯାଇଥାଏ ।

**(୬) ସାମାଜିକ ନିୟନ୍ତ୍ରଣ ପ୍ରକାର୍ଯ୍ୟ (Social Control Function) :** ପରିବାର ସାମାଜିକ ନିୟନ୍ତ୍ରଣର ଏକ ମୁଖ୍ୟ ମାଧ୍ୟମ ଅଟେ । ପରିବାର ତାର ସଦସ୍ୟମାନଙ୍କୁ ପ୍ରଥା, ପରମ୍ପରା, ଆଦର୍ଶ, ନୈତିକତା ଓ ସାମାଜିକ ମୂଲ୍ୟବୋଧ ଇତ୍ୟାଦିକୁ ସାମାଜିକୀକରଣ ମାଧ୍ୟମରେ ଶିକ୍ଷା ଦେଇଥାଏ । ଏହାଦ୍ୱାରା ବ୍ୟକ୍ତିର ଆଚାର ବ୍ୟବହାର ଓ ଚାଲିଚଳନ ସମାଜ ଉପଯୋଗୀ ହୋଇଥାଏ ।

## ପରିବାରର ପରିବର୍ତ୍ତନୀୟ ପ୍ରକାର୍ଯ୍ୟ (Changing Functions of Family)

ସମାଜ ପରିବର୍ତ୍ତନଶୀଳ । ଏହି ପରିବର୍ତ୍ତନ ସାମାଜିକ ଗଠନ ଓ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ସହିତ ବ୍ୟକ୍ତିର ବୌଦ୍ଧିକ ଚିନ୍ତାଧାରା ତଥା ଜ୍ଞାନକୌଶଳରେ ଉନ୍ନତି ଆଣିଅଛି । ସାମାଜିକ ସଂରଚନାରେ ପରିବର୍ତ୍ତନ ଆସିଲେ ନୂତନ ଆବଶ୍ୟକତାକୁ ପୂରଣ କରିବା ପାଇଁ ସାମାଜିକ ଅନୁଷ୍ଠାନଗୁଡିକ ପରିବର୍ତ୍ତନ ହୋଇ ନୂଆ ରୂପ ନେଇଥାନ୍ତି ଓ ପୁରାତନ ଅନୁଷ୍ଠାନଗୁଡିକର କାର୍ଯ୍ୟ ନୂତନ ଅନୁଷ୍ଠାନଗୁଡିକୁ ହସ୍ତାନ୍ତରିତ ହୋଇଥାଏ । ଏହି ପରିବର୍ତ୍ତନ ସହିତ ଖାପଖୁଆଇ ଏକ ଅନୁଷ୍ଠାନ ଭାବେ ପରିବାରର ସଂରଚନା ଓ ପ୍ରକାର୍ଯ୍ୟରେ ଅନେକ ପରିବର୍ତ୍ତନ ପ୍ରତୀୟମାନ ହୋଇଅଛି । ଆଧୁନିକୀକରଣ, ପାଶ୍ଚାତ୍ୟକରଣ, ଉଦ୍ୟୋଗୀକରଣ, ଆଧୁନିକ ଶିକ୍ଷା, ଯାତାୟତ ଓ ଗମନାଗମନର ସୁବିଧା ଓ ବୈଜ୍ଞାନିକ ଚିନ୍ତାଧାରାର ଉନ୍ନତି ପରିବାରକୁ ବହୁଭାବରେ ପ୍ରଭାବିତ କରିଛି ଏବଂ ଏହାର ପାରମ୍ପରିକ ପ୍ରକାର୍ଯ୍ୟରେ ପରିବର୍ତ୍ତନ ହୋଇଅଛି । ପରିବାରର କାର୍ଯ୍ୟ ପ୍ରଣାଳୀରେ ଯେଉଁ ସବୁ ପରିବର୍ତ୍ତନମାନ ଘଟିଛି ସେଗୁଡିକୁ ନିମ୍ନରେ ଆଲୋଚନା କରାଗଲା ।

**(୧) ଅର୍ଥନୈତିକ ପ୍ରକାର୍ଯ୍ୟରେ ପରିବର୍ତ୍ତନ (Change in economic function ) :** ପୁରାତନ ପରିବାର ବ୍ୟକ୍ତିର ସମସ୍ତ ମୌଳିକ ଆବଶ୍ୟକତାକୁ ପୂରଣ କରୁଥିଲା । ପରିବାର ଆର୍ଥିକ ବ୍ୟବସ୍ଥାର ଏକ କେନ୍ଦ୍ରସ୍ଥଳୀ ଥିଲା । ଏକ ସ୍ଥାନରେ ଦ୍ରବ୍ୟ ଉତ୍ପାଦନ, ବଣ୍ଟନ ଓ ଉପଭୋଗ ଇତ୍ୟାଦି କାର୍ଯ୍ୟ ସମ୍ପନ୍ନ ହେଉଥିଲା । ଆଧୁନିକ ସମାଜରେ ପରିବାର ଏକ ସ୍ୱୟଂସମ୍ପନ୍ନ ସଂସ୍ଥା ରୂପେ କାର୍ଯ୍ୟ କରିବା ସମ୍ଭବ ହୋଇପାରୁନାହିଁ । ବର୍ତ୍ତମାନ ପରିବାର ଏକ ଉତ୍ପାଦନକାରୀ ସଂସ୍ଥା ପରିବର୍ତ୍ତେ ଏକ ଉପଭୋଗକାରୀ ସଂସ୍ଥାର ରୂପ ନେଇଅଛି । ପରିବାରର ସଦସ୍ୟମାନେ ସେମାନଙ୍କର ଏହି ଆବଶ୍ୟକୀୟ ଜିନିଷଗୁଡିକୁ ଅନ୍ୟ ଅର୍ଥନୈତିକ ସଂସ୍ଥା, ଯଥା- ବଜାର ବ୍ୟବସ୍ଥା ମାଧ୍ୟମରେ ପୂରଣ କରୁଛନ୍ତି । ପରିବାରର କୁଟୀର ଶିଳ୍ପ ବଦଳରେ ଯାନ୍ତ୍ରିକ କଳକାରଖାନାମାନ ଗଢିଉଠିଛି ଓ ବ୍ୟକ୍ତି କୌଳିକ

ବୃତ୍ତି ପରିବର୍ତ୍ତେ ଏହି କଳକାରଖାନାରେ ଯୋଗ୍ୟତା ଭିତ୍ତିରେ ବୃତ୍ତି ଅବଲମ୍ବନ କରିଛନ୍ତି ଏବଂ ନିଜର ଆବଶ୍ୟକତା ପାଇଁ ପରିବାର ଅପେକ୍ଷା ବଜାର ଉପରେ  ନିର୍ଭରଶୀଳ ହୋଇଛନ୍ତି ।

**(୨) ଧାର୍ମିକ ପ୍ରକାର୍ଯ୍ୟରେ ପରିବର୍ତ୍ତନ (Change in Religious Function) :** ପୂର୍ବକାଳରେ ଧର୍ମ ସାମାଜିକ ନିୟନ୍ତ୍ରଣର ଏକ ମୁଖ୍ୟ ମାଧ୍ୟମ ଥିଲା । ପରିବାର ଧାର୍ମିକ  ବ୍ୟବସ୍ଥା ମାଧ୍ୟରେ ତାର ସଦସ୍ୟମାନଙ୍କର ବ୍ୟବହାରକୁ ନିୟନ୍ତ୍ରଣ କରୁଥିଲା । ଧାର୍ମିକ ନୀତିବାଣୀ ଓ ବିଶ୍ୱାସ ବ୍ୟକ୍ତିର  ଚରିତ୍ର ଓ ବ୍ୟବହାରକୁ ପ୍ରଭାବିତ  କରିବା ସହିତ ସାମାଜିକ ଚଳଣି ଉପଯୋଗୀ କରାଉଥିଲା । ଆଧୁନିକ ସମାଜରେ ବିଜ୍ଞାନର ଅଗ୍ରଗତି  ହେବା ଫଳରେ  ପରିବାରର ଧାର୍ମିକ ପ୍ରକାର୍ଯ୍ୟରେ ପରିବର୍ତ୍ତନ ଦେଖାଦେଇଛି । ଧାର୍ମିକ ଚିନ୍ତାଧାରା ପରିବର୍ତ୍ତେ ବିଜ୍ଞାନ ସମ୍ମତ ଚିନ୍ତାଧାରାକୁ  ମନୁଷ୍ୟ ଗ୍ରହଣ କରିଛି । ପରିବର୍ତ୍ତିତ ପରିବାରରେ ଆଧ୍ୟାତ୍ମିକ  ମୂଲ୍ୟବୋଧ ଧିରେ ଧିରେ  ହ୍ରାସ ପାଇବାକୁ ଲାଗିଲାବେଳେ ଧର୍ମନିରପେକ୍ଷତା ଭାବନାର ବିକାଶ ଲାଭ ଘଟିଛି ।

**(୩) ଚିତ୍ତବିନୋଦନ ପ୍ରକାର୍ଯ୍ୟରେ ପରିବର୍ତ୍ତନ (Change in Recreational Function):** ପୂର୍ବେ ଅବସର ସମୟକୁ ଅତିବାହିତ କରିବା ପାଇଁ ପରିବାରରେ ଯେଉଁସବୁ ବ୍ୟବସ୍ଥା ଥିଲା, ତାହାର ଗୁରୁତ୍ୱ  କ୍ରମଶଃ ହ୍ରାସ ପାଇଅଛି । ଆଧୁନିକ ସମାଜର ଚାକଚକ୍ୟ ବ୍ୟକ୍ତିକୁ ଆକର୍ଷିତ କରିଛି । ମନୋରଞ୍ଜନ ପାଇଁ ପରିବାର ପରିବର୍ତ୍ତେ ସିନେମା, ପାର୍କ,କ୍ଲବ୍ ଓ ବାର୍‌ଗୁଡିକ ପ୍ରତି ବ୍ୟକ୍ତି  ବହୁଭାବରେ  ଆକୃଷ୍ଟ ହୋଇଅଛି ।  ପରିବାରରେ ପାଳନ ହେଉଥିବା ପର୍ବପର୍ବାଣି ଓ ଜନ୍ମଉତ୍ସବ ଗୁଡିକରେ ପାରମ୍ପରିକ ଚଳଣିକୁ ମନୁଷ୍ୟ ଉପାଦେୟ ମନେ ନ କରି ଆଧୁନିକତା ପଛରେ  ପଡିଅଛି । ଗମନାଗମନର ସୁବିଧା ଦୃଷ୍ଟିରୁ ଦୂରସ୍ଥାନକୁ ଯାତ୍ରା କରି ପରିବାରର ସଦସ୍ୟମାନେ ଅବସର ସମୟ ବିତାଉଛନ୍ତି  ।

**(୪) ଶିକ୍ଷାଗତ ପ୍ରକାର୍ଯ୍ୟରେ ପରିବର୍ତ୍ତନ (Change in Educational Function) :**  ବହୁ ପୁରାତନ ଯୁଗରୁ ପରିବାର ଶିଶୁର ପ୍ରାଥମିକ ଶିକ୍ଷାକେନ୍ଦ୍ର ରୂପେ କାର୍ଯ୍ୟ କରୁଥିଲା ।  ପରିବାର ପ୍ରଥମ ଅବସ୍ଥାରୁ  ଶିକ୍ଷା ମାଧ୍ୟମରେ ଶିଶୁକୁ ସାମାଜିକ ପ୍ରକୃତି ଓ ପ୍ରବୃତ୍ତି ଶିକ୍ଷାଦେଇ ସମାଜ ଉପଯୋଗୀ କରାଉଥିଲା । ପରିବାରରେ ପିତାମାତା ଶିଶୁର ପ୍ରଥମ ଶିକ୍ଷକ ଥିଲେ । ପରିବାରର  ସଦସ୍ୟମାନେ ବୟସ୍କ ସଦସ୍ୟମାନଙ୍କଠାରୁ ନୈତିକ ଶିକ୍ଷା ବ୍ୟତୀତ କୌଳିକବୃତ୍ତି  ଓ ବିଭିନ୍ନ ଧନ୍ଦାମୂଳକ ଶିକ୍ଷା ସର୍ମ୍ପକରେ  ଶିକ୍ଷା ଲାଭ କରୁଥିଲେ  । ମୋଟ ଉପରେ ପରିବାର ଏକ ଅଣଆନୁଷ୍ଠାନିକ ଶିକ୍ଷାକେନ୍ଦ୍ର ଥିଲା । ପରିବାରର ଏହି ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟରେ ବହୁ ପରିବର୍ତ୍ତନ ଦେଖାଦେଇଛି । ପରିବାରର ଏହି କାର୍ଯ୍ୟଗୁଡିକ ଅନ୍ୟାନ୍ୟ ସଂସ୍ଥାକୁ ହସ୍ତାନ୍ତର ହୋଇଅଛି,  ଯଥା – ନର୍ସରୀ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଇତ୍ୟାଦି ସଂସ୍ଥାଗୁଡିକରେ ସମ୍ପାଦିତ ହେଉଅଛି ।

**(୫) ସୁରକ୍ଷାମୂଳକ ପ୍ରକାର୍ଯ୍ୟରେ ପରିବର୍ତ୍ତନ (Change in Protective Function) :** ପାରମ୍ପରିକ ପରିବାର ବ୍ୟକ୍ତିକୁ ସମସ୍ତ ପ୍ରକାର ସୁରକ୍ଷା ପ୍ରଦାନ କରୁଥିଲା । ରୁଗ୍ଣ, ବୃଦ୍ଧ, ଅକର୍ମଣ୍ୟ ଓ ଶିଶୁମାନଙ୍କ ପାଇଁ ପରିବାର ଏକମାତ୍ର ନିରାପଦ ଓ ଭରସାଯୋଗ୍ୟ ସ୍ଥାନ ହୋଇରହିଥିଲା । ଆଧୁନିକ ସମାଜରେ ପରିବାରର ଏହି

ପ୍ରକାର୍ଯ୍ୟରେ ପରିବର୍ତ୍ତନ ଦେଖାଦେଇଛି । ଆଜି ପରିବାର ସଦସ୍ୟମାନଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟଗୁଡିକୁ ଡାକ୍ତରଖାନା ଓ ଡାକ୍ତର, ନର୍ସଙ୍କ ସହାୟତାରେ ସମ୍ପାଦନ କରାଯାଉଅଛି । ରୋଗୀର ସେବା ସୁଶ୍ରୁଷା ପରିବାର ସଦସ୍ୟମାନଙ୍କ ପରିବର୍ତ୍ତେ ଡାକ୍ତର ଓ ନର୍ସଙ୍କ ଦ୍ୱାରା କରାଯାଉଅଛି ଓ ବିଭିନ୍ନ ବିକଳ୍ପ ସଂସ୍ଥାମାନ ଏହି ସ୍ୱତନ୍ତ୍ର ପ୍ରକାର୍ଯ୍ୟ କରିବା ପାଇଁ ଗଢି ଉଠିଛି । ବୃଦ୍ଧ ଓ ଅକର୍ମଣ୍ୟ ବ୍ୟକ୍ତି କାହାରି ଉପରେ ବୋଝ ନ ହୋଇ ଗଢି ଉଠିଥିବା ଜରାନିବାସ (old age home) ରେ ରହିବାକୁ ପସନ୍ଦ କରୁଛନ୍ତି । ଏହାଛଡା ସରକାର ବୃଦ୍ଧ ଓ ଅକର୍ମଣ୍ୟ ବ୍ୟକ୍ତିମାନଙ୍କପାଇଁ ବାର୍ଦ୍ଧକ୍ୟଭତ୍ତା ଓ ଅକର୍ମଣ୍ୟ ଭତ୍ତା ବ୍ୟବସ୍ଥା କରିଛନ୍ତି । ଶିଶୁମାନଙ୍କର ଲାଳନପାଳନ ଧାଇଗୃହ ଦ୍ୱାରା ସମ୍ଭବ ହେଉଅଛି ।

**(୬) ସାମାଜିକୀକରଣ ପ୍ରକାର୍ଯ୍ୟରେ ପରିବର୍ତ୍ତନ(Change in Socialization Function) :** ଅତୀତରେ ଶିଶୁର ସାମାଜିକୀକରଣ କାର୍ଯ୍ୟ ମୁଖ୍ୟତଃ ପରିବାର ଦ୍ୱାରା ହେଉଥିଲା । ପରିବାରର ପିତାମାତା ସନ୍ତାନର ପ୍ରଥମ ଶିକ୍ଷକ ଥିଲେ। ପିତାମାତା ଓ ପରିବାରର ଅନ୍ୟ ସଦସ୍ୟମାନଙ୍କର ତତ୍ତ୍ୱାବଧାନରେ ଶିଶୁର ବାଲ୍ୟଅବସ୍ଥା ଗଢି ଉଠୁଥିଲା । ବର୍ତ୍ତମାନ ଶିଳ୍ପୀକରଣ, ସହରୀକରଣ, ନାରୀଶିକ୍ଷା ଇତ୍ୟାଦିର ପ୍ରଭାବ ଫଳରେ ଶିଶୁର ଲାଳନପାଳନର ଦାୟିତ୍ୱ ମା ପରିବର୍ତ୍ତେ ଧାଇ ମା' ଏବଂ ପାଶ୍ଚାତ୍ୟ ଦେଶଗୁଡିକରେ ବାଳଭବନ, ନର୍ସରୀ ସ୍କୁଲ୍, କ୍ରେଚ୍ ମାଧ୍ୟମରେ ହେଉଅଛି ।

ବହୁ କାରଣରୁ ପରିବାରର ପ୍ରକାର୍ଯ୍ୟରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହେଉଥିଲେ ମଧ୍ୟ ଏହି ପରିବର୍ତ୍ତିତ ପରିସ୍ଥିତିରେ ପରିବାର ତାର ଅତ୍ୟାବଶ୍ୟକୀୟ ପ୍ରକାର୍ଯ୍ୟଗୁଡିକୁ ସମ୍ପାଦନ କରି ଏକ ମୁଖ୍ୟ ସାମାଜିକ ଅନୁଷ୍ଠାନ ରୂପେ ପ୍ରତିଷ୍ଠିତ ହୋଇଅଛି । ପରିବାରର ପାରମ୍ପାରିକ କାର୍ଯ୍ୟଧାରା ସମ୍ପୂର୍ଣ୍ଣ ଭାବେ ଲୋପ ପାଇନାହିଁ । ଏବେ ମଧ୍ୟ ଯୌନ-ତୃଷ୍ଣାର ପରିତୃପ୍ତି, ପ୍ରଜନନ, ସାମାଜିକୀକରଣ ଇତ୍ୟାଦି ଅପରିହାର୍ଯ୍ୟ ପ୍ରକାର୍ଯ୍ୟଗୁଡିକୁ ପରିବାର ବ୍ୟତୀତ ଅନ୍ୟ କୌଣସି ଅନୁଷ୍ଠାନ ମାଧ୍ୟମରେ ସାଧନ କରିବା ସମ୍ଭବ ହୋଇପାରିନାହିଁ ବା ଏହାର ବିକଳ୍ପ ବ୍ୟବସ୍ଥା ସୃଷ୍ଟି ହୋଇପାରିନାହିଁ । ମୋଟ ଉପରେ ପରିବାର ପରିବର୍ତ୍ତିତ ପରିସ୍ଥିତ ସହିତ ଖାପଖୁଆଇ ବ୍ୟକ୍ତିର ପ୍ରାଥମିକ ଆବଶ୍ୟକତାଗୁଡିକୁ ପୂରଣ କରିବାରେ ସମର୍ଥ ହୋଇଅଛି ।

## ଜ୍ଞାତିତ୍ୱ
### (Kinship)

ଜ୍ଞାତିତ୍ୱ ସମାଜର ଏକ ମୌଳିକ ଅନୁଷ୍ଠାନ ଅଟେ । ଏହା ଏକ ସର୍ବଜନୀନ ବ୍ୟବସ୍ଥା । ଏହା ଏକ ସାମାଜିକ ଶୃଙ୍ଖଳା ଓ ବ୍ୟକ୍ତିର ସାମାଜୀକରଣରେ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ । ଜ୍ଞାତିତ୍ୱ କହିଲେ ରକ୍ତ ସମ୍ପର୍କକୁ ବୁଝାଇଥାଏ । ଏହା ବୈବାହିକ ବା ଜୈବିକ ବନ୍ଧନକୁ ନେଇ ଗଠିତ । ଏହି ବ୍ୟବସ୍ଥା ଦ୍ୱାରା ବ୍ୟକ୍ତି ପରସ୍ପର ସହିତ ସାମାଜିକ ବନ୍ଧନରେ ବାନ୍ଧିହୋଇ ରହିଥାଏ । ନିଃସଙ୍ଗ ଜୀବନ ଯାପନ ମଣିଷ ପାଇଁ ଅସମ୍ଭବ ଅଟେ । ବ୍ୟକ୍ତି ନିଜର ଆବଶ୍ୟକତା ପୂରଣ କରିବାପାଇଁ ବିଭିନ୍ନ ସଂଘ ଓ ସମୂହରେ ସଦସ୍ୟତା ନେଇଥାଏ । ପାରସ୍ପାରିକ କ୍ରିୟା ମାଧ୍ୟମରେ ବ୍ୟକ୍ତିର ଆବଶ୍ୟକତା

ଗୁଡ଼ିକ ପୂରଣ ହେଉଥିବା ବେଳେ ଏହାର ଫଳସ୍ୱରୂପ ଅନେକ ସାମାଜିକ ସମ୍ବନ୍ଧ ସୃଷ୍ଟି ହୋଇଥାଏ । ଉଦାହରଣ ସ୍ୱରୂପ ପରିବାର ମଧ୍ୟରେ ଜଣେ ବ୍ୟକ୍ତି ସ୍ୱାମୀ, ପିତା, ଭାଇ ଓ ପୁଅ ସମ୍ପର୍କରେ ପରିଚିତ ହୋଇଥାଏ । ଠିକ୍ ସେହିପରି ଜଣେ ନାରୀ, ସ୍ତ୍ରୀ, ମା, ଭଉଣୀ ଓ ଝିଅ ସମ୍ପର୍କରେ ପରିଚିତ ହୋଇଥାଏ । ପରିବାରର ବ୍ୟକ୍ତି ମାନଙ୍କ ମଧ୍ୟରେ ଥିବା ରକ୍ତ ସମ୍ପର୍କ ଅଟେ । କିନ୍ତୁ ପରିବାରର ବ୍ୟକ୍ତି ମାନଙ୍କ ମଧ୍ୟରେ ଥିବା ସାମାଜିକ ସମ୍ପର୍କ ଅନ୍ୟ ସମସ୍ତ ସମ୍ପର୍କଠାରୁ ଭିନ୍ନ ଅଟେ । ସେଥିପାଇଁ ମୁରଡ଼କ୍ କହିଛନ୍ତି ପ୍ରତ୍ୟେକ ବ୍ୟକ୍ତି ଦୁଇଟି ଏକକ ପରିବାରର ଅଂଶ ବିଶେଷ । ଗୋଟିଏ ହେଲା ବ୍ୟକ୍ତି ଯେଉଁ ପରିବାରରେ ଜନ୍ମ ନିଏ ଓ ଲାଳନପାଳନ ହୋଇଥାଏ ଏବଂ ଅନ୍ୟଟି ବିବାହ ଦ୍ୱାରା ସମ୍ପର୍କ ସ୍ଥାପନ କରାଯାଇଥାଏ । ଏହି ଦୁଇଗୋଟି ସମ୍ପର୍କ ଜ୍ଞାତିତ୍ୱ ବ୍ୟବସ୍ଥା ସୃଷ୍ଟି କରେ । ଜ୍ଞାତିତ୍ୱ କହିଲେ କେବଳ ରକ୍ତଗତ ସମ୍ବନ୍ଧ ନୁହେଁ ବରଂ ଏହା ସମାଜ ଦ୍ୱାରା ସ୍ୱୀକୃତ ବନ୍ଧନ ଯାହା ବ୍ୟକ୍ତିକୁ ଗୋଟିଏ ସମୂହ ଭାବରେ ବାନ୍ଧି ରଖିଥାଏ । ସେହି ବନ୍ଧନକୁ ଜ୍ଞାତିତ୍ୱ କୁହାଯାଏ ।

**ସଂଜ୍ଞା (Definition)**

**ନୃତତ୍ତ୍ୱର ଶବ୍ଦକୋଷ :** "ସମାଜଦ୍ୱାରା ସ୍ୱୀକୃତି ପ୍ରାପ୍ତ କରିଥିବା କଳ୍ପିତ ତଥା ରକ୍ତ ସମ୍ବନ୍ଧ ଦ୍ୱାରା ଆଧାରିତ ସମ୍ବନ୍ଧ ହେଉଛି ଜ୍ଞାତିତ୍ୱ"

(According to the Dictionary of Anthropology "Kinship System includes socially recognized relationship based on supposed as well as actual genealogical ties")

**ଥିଓଡ଼ରସନ (Theodorson) :** "ଜ୍ଞାତିତ୍ୱ ଏକ ପାରମ୍ପାରିକ ପ୍ରସ୍ଥିତି ଓ ଭୂମିକାର ବ୍ୟବସ୍ଥା ଯାହାକି ବ୍ୟକ୍ତିର ବ୍ୟବହାରକୁ ନିୟନ୍ତ୍ରିତ କରିଥାଏ ଯେଉଁ ବ୍ୟକ୍ତିମାନେ ପରସ୍ପର ବିବାହ ବନ୍ଧନ ବା ଏକ ସାଧାରଣ ପୂର୍ବପୁରୁଷର ବଂଶଧର ଭାବରେ ପରସ୍ପର ସମ୍ପର୍କିତ ହୋଇଥାନ୍ତି"

(Kinship system is the customary system of statuses and roles that governs the behaviour of people who are related to each other through marriage or descent from a common ancestor.)

**ମୁରଡ଼କ୍ (Murdock) :** "ଜ୍ଞାତିତ୍ୱ ଏକ ସୁବ୍ୟବସ୍ଥିତ ସମ୍ପର୍କର ବ୍ୟବସ୍ଥା ଅଟେ। ଯେଉଁଥିରେ ଜ୍ଞାତିମାନେ ପରସ୍ପର ଜଟିଳ ସାମଜିକ ବନ୍ଧନରେ ବାନ୍ଧି ହୋଇ ରହିଥାନ୍ତ ।

(Kinship is a structured system of relationship in which kin are bound to one another by complex inter-locking ties.)

**ସ୍ମେଲସର (Smelser) :** "ଜ୍ଞାତିତ୍ୱ ଜୈବିକ ବନ୍ଧନ ବିବାହ ଓ ଅଭିଭାବକତ୍ୱ ପୋଷ୍ୟପୁତ୍ର ଗ୍ରହଣ ସମ୍ବନ୍ଧୀୟ ଆଇନ୍‌କାନୁନ୍‌କୁ ଭିତ୍ତିକରି ଗଢ଼ି ଉଠୁଥିବା ସାମାଜିକ ସମ୍ପର୍କକୁ ବୁଝାଏ"

(Kinship as a cluster of social relations based on such factors as biological ties, marriage & legal rules regarding adoptions, guardianship and the like).

ଉପରୋକ୍ତ ସଂଜ୍ଞାଗୁଡ଼ିକ ରୁ ସ୍ପଷ୍ଟ ଯେ ଜ୍ଞାତିତ୍ୱ ଏକ ସାମାଜିକ ସମ୍ପର୍କ ଯାହା ରକ୍ତ ସର୍ମ୍ପକ,ବିବାହ ବନ୍ଧନ ଦ୍ୱାରା ବ୍ୟକ୍ତିଙ୍କ ମଧ୍ୟରେ ପାରସ୍ପାରିକ ସମ୍ପର୍କ ସୃଷ୍ଟି ହୋଇଥାଏ ।

- ପୌଷ୍ୟପୁତ୍ର ବା ପୌଷ୍ୟକନ୍ୟା ଗ୍ରହଣ ଦ୍ୱାରା ସୃଷ୍ଟି ହେଉଥିବା କାଳ୍ପନିକ ରକ୍ତ ସମ୍ପର୍କକୁ ଜ୍ଞାତିତ୍ୱ କୁହାଯାଏ ।
- ଜ୍ଞାତିତ୍ୱ ପରିବାରରେ ବ୍ୟକ୍ତିର ପ୍ରସ୍ଥିତି ଓ ଭୂମିକା ନିର୍ଦ୍ଧାରଣ କରେ ।
- ଜ୍ଞାତିତ୍ୱ କେତେକ ନିୟମ ଦ୍ୱାରା ଆଧାରିତ । ଏହି ନିୟମକୁ ପ୍ରଥା ବା ପରମ୍ପରା ରୂପେ ଗ୍ରହଣ ହୋଇଥାଏ ।
- ଜ୍ଞାତିତ୍ୱ ବ୍ୟକ୍ତିକୁ ଏକ ନିର୍ଦ୍ଦିଷ୍ଟ ନାମ ବା ପରିଚୟ ପ୍ରଦାନ କରିଥାଏ ।

## ଜ୍ଞାତିତ୍ୱର ଆଧାର (Bases of Kinship)

ହାରି ଏମ୍.ଜନ୍‌ସନଙ୍କ ମତରେ ଜ୍ଞାତିତ୍ୱର ୬ଗୋଟି ପ୍ରଧାନ ବା ମୁଖ୍ୟ ଭିତ୍ତି ଅଛି । ସେଗୁଡ଼ିକ ହେଲା :

**(୧) ଲିଙ୍ଗ (Sex)** – ଲିଙ୍ଗ ଅନୁସାରେ ଜ୍ଞାତିତ୍ୱକୁ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ, ଯଥା– ପୁରୁଷ ଓ ସ୍ତ୍ରୀ ଜ୍ଞାତି । ଉଦାହରଣସ୍ୱରୂପ ବାପା ଓ ମା, ଭାଇ ଓ ଭଉଣୀ ।

**(୨) ପିଢ଼ି (Generation)**– ପୁରୁଷାନୁକ୍ରମିକ ଭିତ୍ତରେ ଜ୍ଞାତିତ୍ୱ ସ୍ଥିର କରାଯାଏ । ଗୋଟିଏ ପିଢ଼ୀର ସଦସ୍ୟମାନଙ୍କ ସହିତ ଅନ୍ୟ ଏକ ପିଢ଼ୀର ସଦସ୍ୟମାନଙ୍କ ସହିତ ସମ୍ବନ୍ଧ ସ୍ଥାପନ କରାଯାଇଥାଏ, ଯଥା – ପିତା ଓ ପୁତ୍ର, ଜେଜେବାପା ଓ ନାତି ଇତ୍ୟାଦି ଅଟନ୍ତି ।

**(୩) ବିବାହ ଭିତ୍ତିକ (Affinal)** – ବିବାହ ବନ୍ଧନ ଦ୍ୱାରା ସଂଯୋଗ ହୋଇଥିବା ସଦସ୍ୟ ଏହି ଶ୍ରେଣୀ ଅର୍ନ୍ତଭୁକ୍ତ ସ୍ୱାମୀ, ସ୍ତ୍ରୀ, ଶଳା, ଶାଳୀ ନଣନ୍ଦ, ଦିଅର, ମଉସା, ପିଉସା ଇତ୍ୟାଦି ଏହି ଶ୍ରେଣୀର ଅଟନ୍ତି ।

**(୪) ସଗୋତ୍ର ଜ୍ଞାତି (Collateral)** – ରକ୍ତ ସମ୍ବନ୍ଧ ଥିବା ବ୍ୟକ୍ତିମାନଙ୍କୁ ରକ୍ତ ସମ୍ପର୍କୀୟ ଜ୍ଞାତି ବା ସଗୋତ୍ର ଜ୍ଞାତି କୁହାଯାଏ । ଏହା ଦୁଇ ଭାଗରେ ବିଭକ୍ତ, ଯଥା – ୧. ଏକ ବଂଶୀୟ (Lineal), ୨. ସପିଣ୍ଡିୟ ବା ସଗୋତ୍ରିୟ (Collateral). ଜେଜେବାପା,ବାପା, ପୁଅ ଓ ନାତି ଏକବଂଶୀୟ ଜ୍ଞାତି ରୂପେ ଗ୍ରହଣୀୟ ଅଟନ୍ତି । ବୈବାହିକ ସମ୍ବନ୍ଧ ଛଡ଼ା ଦାଦାପୁଅ ଭାଇ, ପୁତୁରା, ବଡ଼ଜେଜେ ଓ ବଡ଼ ବାପା ଇତ୍ୟାଦି ସପିଣ୍ଡ ଜ୍ଞାତିର ଉଦାହରଣ ଅଟନ୍ତି ।

**(୫) ଦ୍ୱିଶାଖୀୟ ଜ୍ଞାତି (Bifurcation)** – ଜ୍ଞାତି ପୁରୁଷ ବା ନାରୀ ଉଭୟ ସମ୍ପର୍କିତ ହୋଇଥିଲେ ତାହା ଦୁଇପ୍ରକାର ଜ୍ଞାତିତ୍ୱ ସମ୍ବନ୍ଧକୁ ସୂଚିତ କରିଥାଏ, ଯଥା – ଝିଆରୀ, ଏହା ଭାଇର ଝିଅ ବା ଭଉଣୀର ଝିଅକୁ ବୁଝାଇଥାଏ । ସେହିପରି ବାପାଙ୍କ ଭାଇ ଦାଦା ଓ ମା ଙ୍କ ଭାଇ ମାମୁଁଙ୍କୁ ବୁଝାଇଥାଏ ।

**(୬) ସଂଯୋଗ ଭିତ୍ତିକ (Binding Thread)** – ବୈବାହିକ ବନ୍ଧନ ମାଧ୍ୟମରେ କିମ୍ବା ରକ୍ତ ସଂର୍ପକ ଦ୍ୱାରା ଜ୍ଞାତିମାନଙ୍କ ମଧ୍ୟରେ ସଂଯୋଗ ସ୍ଥାପନ କରାଯାଇଥାଏ, ତାହାକୁ ସଂଯୋଗ ଭିତ୍ତିକ ଜ୍ଞାତି କହନ୍ତି, ଯଥା– ଭିଣୋଇ ଏବଂ ଶଳା । ଏହି ଜ୍ଞାତି ସମ୍ବନ୍ଧ ଉଭୟ ପକ୍ଷ ମଧ୍ୟରେ ଥିବା ସମ୍ବନ୍ଧକୁ ବୁଝାଯାଏ ।

## ଜ୍ଞାତିତ୍ୱର ପ୍ରକାର ଭେଦ (Types of Kinship)

ଜ୍ଞାତିତ୍ୱକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇଅଛି, ଯଥା:-ଗୋଟିଏ ସମାଜରୁ ଅନ୍ୟ ସମାଜକୁ ଏହାର ଭିନ୍ନତା ପରିଲକ୍ଷିତ ହୁଏ, ଯଥା - (୧)ରକ୍ତ ସମ୍ବନ୍ଧୀୟ ଜ୍ଞାତିତ୍ୱ (୨) ବିବାହ ସମ୍ବନ୍ଧୀୟ ଜ୍ଞାତିତ୍ୱ ।

**୧. ରକ୍ତ ସମ୍ବନ୍ଧୀୟ ଜ୍ଞାତିତ୍ୱ (Consanguineous Kinship)** ଏହି ପ୍ରକାର ଜ୍ଞାତିତ୍ୱ ରକ୍ତ ସମ୍ବନ୍ଧ ଉପରେ ଆଧାରିତ । ଅର୍ଥାତ ଯେଉଁ ସବୁ ବ୍ୟକ୍ତି ପରସ୍ପର ରକ୍ତ ସମ୍ପର୍କ ଦ୍ୱାରା ଅବଦ୍ଧ ହୋଇଥାଆନ୍ତି ସେମାନଙ୍କୁ ରକ୍ତ ସମ୍ବନ୍ଧୀୟ ଜ୍ଞାତି କୁହାଯାଏ । ଉଦାହରଣ ସ୍ୱରୂପ - ପୁଅ, ଝିଅ, ଭାଇ, ଭଉଣୀ ଇତ୍ୟାଦି ରକ୍ତ ସମ୍ବନ୍ଧୀୟ ଜ୍ଞାତିତ୍ୱ ଶ୍ରେଣୀୟ ଅଟନ୍ତି । କେତେକ ସମାଜରେ ରକ୍ତ ସମ୍ବନ୍ଧୀୟ ଜ୍ଞାତିତ୍ୱ ବାସ୍ତବିକ ନହୋଇ କାଳ୍ପନିକ ହୋଇଥାଏ, ଯଥା - ପୌଷ୍ୟପୁତ୍ର ବା ପୌଷ୍ୟକନ୍ୟା ଇତ୍ୟାଦି ।

**୨. ବିବାହ ସମ୍ବନ୍ଧୀୟ ଜ୍ଞାତିତ୍ୱ (Affinal Kinship)** ଏହି ପ୍ରକାର ଜ୍ଞାତିତ୍ୱ ବିବାହ ଦ୍ୱାରା ପ୍ରତିଷ୍ଠିତ ହୋଇଥାଏ । ବିବାହ ଦ୍ୱାରା ଉଭୟ ପତି ଓ ପତ୍ନୀଙ୍କର ଦୁଇଟି ନୂତନ ପରିବାର ସହିତ ସମ୍ପର୍କ ସ୍ଥାପନ ହୁଏ । ଏହାକୁ ବିବାହ ସମ୍ବନ୍ଧୀୟ ଜ୍ଞାତିତ୍ୱ କୁହାଯାଏ । ବିବାହ ପରେ ସ୍ୱାମୀର ପତ୍ନୀ ପରିବାରର ସଭ୍ୟମାନଙ୍କ ସହିତ ସମ୍ପର୍କ ଶାଶୁ, ଶ୍ୱଶୁର, ଶଳା ଓ ଶାଳୀ ଇତ୍ୟାଦି ହୋଇଥାଏ । ଠିକ୍ ସେହିପରି ପତ୍ନୀର ସ୍ୱାମୀ ପକ୍ଷର ସଭ୍ୟମାନଙ୍କ ସହିତ ସମ୍ପର୍କ ଶାଶୁ, ଶ୍ୱଶୁର, ନଣନ୍ଦ ଓ ଦିଅର ଇତ୍ୟାଦି ହୋଇଥାଏ । ଏହି ପ୍ରକାର ସମ୍ବନ୍ଧ ବିବାହ ଉପରେ ପ୍ରତିଷ୍ଠିତ ହୋଇଥିବାରୁ ଏହାକୁ ବିବାହ ସମ୍ବନ୍ଧୀୟ ଜ୍ଞାତିତ୍ୱ କୁହାଯାଏ ।

**ଘନିଷ୍ଠତା ଓ ଦୂରତା ଅନୁସାରେ ବର୍ଗୀକରଣ (Classification of kin on the basis of nearness & distance) :** ଘନିଷ୍ଠତା ଓ ଦୂରତା ଦୃଷ୍ଟିରୁ ତଥା ଉତ୍ତରାଧିକାର ନିୟମ ଅନୁସାରେ ଜ୍ଞାତିତ୍ୱର ପ୍ରକାର ଭେଦ ରହିଛି ।

**(କ) ପ୍ରାଥମିକ ଜ୍ଞାତି (Primary Kins)** - ଯେଉଁ ଜ୍ଞାତି ମାନଙ୍କ ମଧ୍ୟରେ ପ୍ରତ୍ୟେକ୍ଷ ଓ ଘନିଷ୍ଠ ସମ୍ବନ୍ଧ ଥାଏ ସେଗୁଡ଼ିକୁ ପ୍ରାଥମିକ ଜ୍ଞାତି କୁହାଯାଏ । ବ୍ୟକ୍ତି ଯେଉଁ ଦୁଇଟି ପରିବାର ସହିତ ସମ୍ପୃକ୍ତ ସେଇ ପରିବାରର ସଭ୍ୟମାନେ ପ୍ରାଥମିକ ଜ୍ଞାତି ଅଟନ୍ତି । ଅର୍ଥାତ ବ୍ୟକ୍ତି ଯେଉଁ ପରିବାରରେ ଜନ୍ମନେଇଥାଏ ସେହିପରିବାରରେ ତାର ପିତା, ମାତା, ଭାଇ, ଭଉଣୀ ଏବଂ ବିବାହପରେ ସ୍ୱାମୀ, ସ୍ତ୍ରୀ, ଓ ତାଙ୍କର ପୁଅ ଝିଅମାନେ ପ୍ରାଥମିକ ଜ୍ଞାତିର ଅନ୍ତର୍ଭୁକ୍ତ ଅଟନ୍ତି । ଏହି ପ୍ରକାରର ଜ୍ଞାତି ଆଠ (୮) ପ୍ରକାର ଅଟନ୍ତି ।

**(ଖ) ଗୌଣ ଜ୍ଞାତି (Secondary Kins)** - ବ୍ୟକ୍ତିର ପ୍ରାଥମିକ ଜ୍ଞାତିମାନଙ୍କର ପ୍ରାଥମିକ ଜ୍ଞାତି ସେହି ବ୍ୟକ୍ତିର ଗୌଣ ଜ୍ଞାତି ଅଟନ୍ତି, ଯଥା - ବାପାଙ୍କ ବାପା, (ଜେଜେ) ବାପାଙ୍କ ଭାଇ (ଦାଦା) ମାଙ୍କ ଭାଇ (ମାମୁଁ), ଭଉଣୀଙ୍କ ସ୍ୱାମୀ (ଭିଣୋଇ) ଭାଇର ସ୍ତ୍ରୀ (ଭାଉଜ) ଗୌଣ ଜ୍ଞାତି ଶ୍ରେଣୀୟ ଅଟନ୍ତି । ସମାଜବିଜ୍ଞାନୀଙ୍କ ମତରେ ୩୩ ପ୍ରକାରର ଗୌଣ ଜ୍ଞାତି ଦେଖିବାକୁ ମିଳିଥାଏ ।

**(ଗ) ତୃତୀୟକ ଜ୍ଞାତି (Tertiary Kins)** - ଜଣେ ବ୍ୟକ୍ତିର ଗୌଣ ଜ୍ଞାତିର ପ୍ରାଥମିକ ଜ୍ଞାତି, ସେହି ବ୍ୟକ୍ତିର ତୃତୀୟକ ଜ୍ଞାତି ଅଟନ୍ତି । ସ୍ୱାମୀର ଭାଇର ସ୍ତ୍ରୀ (ଜା) ସ୍ତ୍ରୀଙ୍କ ଭାଇର ସ୍ତ୍ରୀ (ଶଳା ଭାଉଜ) ଭିଣୋଇଙ୍କ ବାପା ଇତ୍ୟାଦି ତୃତୀୟକ ଜ୍ଞାତି ଅଟନ୍ତି । ଏହି ପ୍ରକାରର ଜ୍ଞାତି (୧୫୧) ପ୍ରକାର ଅଟେ ।

**(୨) ଉତ୍ତରାଧିକାର ନିୟମ ଅନୁସାରେ ଜ୍ଞାତିର ବର୍ଗୀକରଣ (Classification of kins on the basis of rules of descent)**

**ଉତ୍ତାରାଧିକାର ନିୟମାନୁସାରେ ଜ୍ଞାତିତ୍ୱ**

- **ସଗୋତ୍ରୀୟ ଉତ୍ତରାଧିକାର ନିୟମ**
  - **ଉଭୟ ପକ୍ଷୀୟ ସଂଶ୍ଲିଷ୍ଟ ଉତ୍ତରାଧିକାରୀ**
  - **ଅସଂଶ୍ଲିଷ୍ଟ ଉତ୍ତରାଧିକାରୀ**
- **ଏକ ପକ୍ଷୀୟ ଉତ୍ତରାଧିକାର ନିୟମ**
  - **ପିତୃରେଖୀୟ ଉତ୍ତରାଧିକାରୀ ନିୟମ**
  - **ମାତୃରେଖୀୟ ଉତ୍ତରାଧିକାରୀ ନିୟମ**

ଉତ୍ତରାଧିକାରୀ ନିୟମ ରକ୍ତ ସମ୍ପର୍କ ଉପରେ ପ୍ରତିଷ୍ଠିତ । ଏହି ନିୟମ ଅନୁସାରେ ବ୍ୟକ୍ତିର ରକ୍ତ ସମ୍ପର୍କୀୟମାନେ ନିର୍ଦ୍ଧାରିତ ହୋଇଥାନ୍ତି । ଉତ୍ତରାଧିକାରୀ ନିୟମ ବିଭିନ୍ନ ପ୍ରକାରର ଅଟେ, ଯଥା – ଉତ୍ତରାଧିକାରୀ ନିୟମକୁ ଦୁଇଭାଗରେ ବିଭକ୍ତ କରାଯାଇଅଛି, ଯଥା – ସଗୋତ୍ରୀୟ ଏବଂ ଏକ ପକ୍ଷୀୟ । ଯେଉଁ ନିୟମ ଅନୁସାରେ ଉତ୍ତରାଧିକାରୀ ପୁରୁଷ ବା ନାରୀଙ୍କ ଠାରୁ ବଂଶ ଗଣନା କରାଯାଏ, ଅନ୍ୟ ଅର୍ଥରେ ଉଭୟ ପୁରୁଷ ଓ ସ୍ତ୍ରୀ ଯେଉଁମାନେ ରକ୍ତ ସମ୍ବନ୍ଧରେ ସମ୍ବନ୍ଧିତ ସେମାନଙ୍କୁ "ସଗୋତ୍ରୀୟ" କୁହାଯାଏ । ସଗୋତ୍ରୀୟ ଉତ୍ତରାଧିକାରୀ ନିୟମ ଦୁଇଭାଗରେ ବିଭକ୍ତ, ଯଥା – ଉଭୟପକ୍ଷୀୟ ଓ ଅଂସଶ୍ଲିଷ୍ଟ ବଂଶୀୟ । ଉଭୟ ପକ୍ଷୀୟ ଉତ୍ତରାଧିକାରୀ ଉଭୟ ମାତା ଓ ପିତାଙ୍କର ପୂର୍ବ ଓ ପର ପିଢ଼ୀର ସଦସ୍ୟମାନଙ୍କୁ ଗ୍ରହଣ କରାଯାଇଥାଏ । ଏହି ନିୟମ ଅନୁସାରେ ବଂଶାନୁକ୍ରମିକ ସମାନ ଭାବରେ ଜେଜେବାପା, ଜେଜେମା, ବାପା ଓ ମାଙ୍କ ବଂଶକ୍ରମ ସହିତ ଯୋଡ଼ି ଦିଆଯାଇଥାଏ । କିନ୍ତୁ ଅସଂଶ୍ଲିଷ୍ଟ ଉତ୍ତରାଧିକାରୀ ନିୟମ ଅନୁସାରେ ବଂଶ ପରିଚୟ ଉଭୟପକ୍ଷ ସହିତ ସଂଯୁକ୍ତ ହୋଇନଥାଏ । ଯେତେବେଳେ ବଂଶାନୁକ୍ରମିକତା କେବଳ ପୁରୁଷ ବା ନାରୀକୁ ନେଇ ପ୍ରତିଷ୍ଠିତ ହୁଏ, ତାହାକୁ ଏକପକ୍ଷୀୟ ଉତ୍ତରାଧିକାରୀ ନିୟମ କୁହାଯାଏ । ଏହି ବଂଶଧର ଦୁଇଭାଗରେ ବିଭକ୍ତ, ଯଥା- ପିତୃବଂଶୀୟ ଓ ମାତୃବଂଶୀୟ । ପିତୃବଂଶୀୟ ଉଭୟ ପୂର୍ବ ଓ ପର ପିଢ଼ୀ ପୁରୁଷ ସଦସ୍ୟଙ୍କୁ ନେଇ ଗଠିତ ହୋଇଥିବା ବେଳେ ମାତୃବଂଶୀୟ ସ୍ତ୍ରୀ ସଦସ୍ୟମାନେ ପୂର୍ବ ଓ ପର ପିଢ଼ୀର ହୋଇଥାଆନ୍ତି ।

ଜ୍ଞାତିତ୍ୱ ଏକ ସୁବ୍ୟବସ୍ଥିତ ସାମାଜିକ ବନ୍ଧନ ଅଟେ । ସମାଜରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ବ୍ୟକ୍ତିକୁ ସାମାଜିକ ସୁରକ୍ଷା ପ୍ରଦାନ କରିବାରେ ସହାୟକ ହୋଇଥାଏ । ଜ୍ଞାତିତ୍ୱ ବିବାହ ସ୍ଥିର କରିଥାଏ ଏବଂ ବିଶେଷ କ୍ଷେତ୍ରରେ ବିବାହ ସମ୍ପର୍କକୁ ନିଷେଧ କରିଥାଏ । ବିବାହ ଓ ବ୍ରତ ଇତ୍ୟାଦିରେ ବ୍ୟକ୍ତିର ଅଧିକାର ଓ ଦାୟିତ୍ୱ ନିର୍ଦ୍ଧାରଣ କରିଥାଏ । ଜ୍ଞାତିତ୍ୱ ଗୋତ୍ର, କୂଳ ଓ ବଂଶ ରକ୍ଷା କରିବାରେ ସହାୟକ ହୋଇଥାଏ । ଆଧୁନିକ ସମାଜରେ ବ୍ୟକ୍ତିଗତ କୃତିତ୍ୱକୁ ଗୁରୁତ୍ୱ ଦିଆଯାଉଥିବାରୁ ପରିବାରରେ ଜ୍ଞାତିମାନଙ୍କର ଭୂମିକା ଗୌଣ ହୋଇଅଛି । ଶିଳ୍ପୀକରଣ,

ଆଧୁନିକୀକରଣ ଓ ଆଧୁନିକ ଶିକ୍ଷା ପରିବାରର ଗଠନରେ ପରିବର୍ତ୍ତନ ଆଣିଛି । ବୃତ୍ତିଗତ ବା ଆର୍ଥିକ ସୁବିଧା ଦୃଷ୍ଟିରୁ ବ୍ୟକ୍ତି ନିଜ ପରିବାର ଛାଡି ଏକାକୀ ପରିବାର ଗଠନ କରିବାପାଇଁ ବାଧ ହୋଇଛି । ଫଳରେ ପରିବାରରେ ବୟସ୍କ ବ୍ୟକ୍ତିଙ୍କ ନିୟନ୍ତ୍ରଣ ହ୍ରାସ ପାଇବା ସହିତ ଜ୍ଞାତିମାନଙ୍କର ଭୂମିକା ଗୌଣ ହୋଇଅଛି ।

## ଶିକ୍ଷା
## (EDUCATION)

ଶିକ୍ଷା ସମାଜର ଏକ ମୌଳିକ ଉପାଦାନ । ଏହା ଏକ ମୁଖ୍ୟ ସାମାଜିକ ପ୍ରକିୟା ଅଟେ । ସମାଜରେ ମନୁଷ୍ୟ ବଞ୍ଚିବାପାଇଁ ଛଅଗୋଟି ସର୍ବନିମ୍ନ ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଅଛି, ଯଥା– ଖାଦ୍ୟ, ବସ୍ତ୍ର, ବାସଗୃହ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଅବସର ବିନୋଦନ ଇତ୍ୟାଦି । ଶିକ୍ଷାବିନା ମନୁଷ୍ୟ ପଶୁତୁଲ୍ୟ । ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସମାଜ ବିନା ସେ ବଞ୍ଚିପାରିବ ନାହିଁ । ସେ ସମାଜରେ ଜନ୍ମ ନିଏ,ବଞ୍ଚିରହେ ଓ ବିକାଶ ଲାଭ କରି ନିଜର ତଥା ସମାଜର ଆବଶ୍ୟକତାକୁ ପୂରଣ କରିବା ପାଇଁ ସମର୍ଥ ହୁଏ । ଯେଉଁ ପ୍ରକିୟା ମଣିଷକୁ ସମାଜ ଉପଯୋଗୀ କରାଇ ସମାଜରେ ବଞ୍ଚିବାକୁ ସମର୍ଥ କରାଏ ତାହାହିଁ ଶିକ୍ଷା । ଶିକ୍ଷା ପ୍ରତ୍ୟେକ ମଣିଷର ଏକ ସାମାଜିକ ଆବଶ୍ୟକତା ।

ବର୍ତ୍ତମାନ ପ୍ରତ୍ୟେକ ବିକାଶଶୀଳ ରାଷ୍ଟ୍ରରେ ଶିକ୍ଷାକୁ ଏକ ଅଧିକାର ଭାବରେ ବିଚାରକରି ଗୁରୁତ୍ୱ ଦିଆଯାଇଅଛି । ଆମ ଦେଶରେ ମଧ୍ୟ ଶିକ୍ଷାକୁ ଏକ ଅଧିକାର ରୂପେ ସ୍ୱୀକୃତି ଦିଆଯାଇଅଛି, ଯଥାର୍ଥରେ ଶିକ୍ଷିତ ସମାଜ ହିଁ ପ୍ରକୃତ ମାନବ ସମ୍ବଳ । ଶିକ୍ଷାବିନା ମନୁଷ୍ୟ, ସମାଜ ଓ ରାଷ୍ଟ୍ରର ବିକାଶ ସମ୍ଭବପର ନୁହେଁ । ବ୍ୟକ୍ତିର ପ୍ରତିଭା, ଚିନ୍ତା ଓ ଚେତନାକୁ ସମୃଦ୍ଧ କରି ଉପଯୁକ୍ତ ଚରିତ୍ର ଗଠନ ଓ ବ୍ୟକ୍ତିତ୍ୱ ସୃଷ୍ଟି କରିବାରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ଭବିଷ୍ୟତ ବଂଶଧରମାନଙ୍କୁ ତାଲିମ୍ ପ୍ରଦାନ କରିଥାଏ । ବ୍ୟକ୍ତିର ସାମାଜିକୀକରଣ, ସଂସ୍କୃତିର ପ୍ରସାରଣ, ଶିକ୍ଷା ଆହରଣ ଓ ଆତ୍ମୀକରଣ କ୍ଷେତ୍ରରେ ଶିକ୍ଷା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହା ମନୁଷ୍ୟକୁ କୁସଂସ୍କାରରୁ ନିବୃତ୍ତ କରିଥାଏ ଓ ଭଲମନ୍ଦ, ଉଚିତ୍ ଅନୁଚିତ୍‌ର ବିଚାର ସୂଚାଇଥାଏ । ଉପଯୁକ୍ତ ଶିକ୍ଷା ବ୍ୟକ୍ତିକୁ ରୋଜଗାରକ୍ଷମ କରାଇଥାଏ ଓ ଅର୍ଥନୈତିକ ନିରାପତ୍ତା ପ୍ରଦାନ କରିଥାଏ ।

**ଶିକ୍ଷା ଏକ ସାମାଜିକ ପ୍ରକ୍ରିୟା** (Education as a social process)

ଶିକ୍ଷା ଏକ ସାମାଜିକ ପ୍ରକ୍ରିୟା ଅଟେ । ଶିକ୍ଷାଦ୍ୱାରା ଉପଯୁକ୍ତ ସାମାଜିକୀକରଣ ହୋଇଥାଏ । ବ୍ୟକ୍ତି ଶିକ୍ଷା ମାଧ୍ୟମରେ ସମାଜର ପ୍ରଥା, ପରମ୍ପରା, ସଂସ୍କୃତି, ଆଦର୍ଶ, ରୀତିନୀତି, ଚାଲିଚଳନ ଓ ବିଚାରଧାରା ଇତ୍ୟାଦିକୁ ଗ୍ରହଣ କରିଥାଏ ।

**୧. ଶିକ୍ଷା ସାମାଜିକୀକରଣ ପ୍ରକ୍ରିୟାର ସହାୟକ :** ଶିକ୍ଷା ସାମାଜିକୀକରଣ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସାମାଜିକୀକରଣ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା । ଶିକ୍ଷା ସମାଜରେ ମନୁଷ୍ୟକୁ ସାମାଜିକ ଗୁଣ ସହିତ

ପରିଚିତ କରାଇଥାଏ । ଅର୍ଥାତ୍ ବ୍ୟକ୍ତି ସମାଜର ଚାଲିଚଳନ, ରୀତିନୀତି, ବିଚାରଧାରା, ଆଦର୍ଶ, ପ୍ରଥା, ପରମ୍ପରା ଓ ସଂସ୍କୃତିକୁ ଶିକ୍ଷା ମାଧ୍ୟମରେ ଗ୍ରହଣ କରିଥାଏ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜଣେ ବ୍ୟକ୍ତି ଭିନ୍ନ ଭିନ୍ନ ଭୂମିକା ଗ୍ରହଣ କରିଥାଏ ଓ ନୂତନ ଜ୍ଞାନ ଆହରଣ କରିଥାଏ । ଶିକ୍ଷା ଏହି ଜ୍ଞାନ ଆହରଣକୁ ସୁଚାରୁରୂପେ ପରିଚାଳନା କରିଥାଏ ।

**୨. ଶିକ୍ଷା ସଂସ୍କୃତିର ବାହକ :** ସମାଜ ଓ ଅନୁଷ୍ଠାନର ବିକାଶ ନିମନ୍ତେ ଶିକ୍ଷା ଏକାନ୍ତ ଉପାଦେୟ ଅଟେ । ଶିକ୍ଷା ଓ ଶିକ୍ଷାନୁଷ୍ଠାନ ସଂସ୍କୃତିର ବାହକ ଅଟନ୍ତି । ଶିକ୍ଷା ମାଧ୍ୟମରେ ସଂସ୍କୃତିର ଉପାଦାନ ଗୁଡ଼ିକ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ହସ୍ତାନ୍ତରିତ ହୋଇଥାଏ ଓ ସମାଜ କ୍ରିୟାଶୀଳ ହୋଇଥାଏ । ପରିବାର, ବିଦ୍ୟାଳୟ, ସାଙ୍ଗସାଥି ପଡ଼ୋଶୀ ଓ ଅନ୍ୟ ଅନୁଷ୍ଠାନ ସଂସ୍କୃତିର ପ୍ରସାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ଶିକ୍ଷା ଆନୁଷ୍ଠାନିକ ବା ଅଣଆନୁଷ୍ଠାନିକ ଭାବରେ ବ୍ୟକ୍ତିକୁ ସଂସ୍କୃତି ବିଷୟରେ ଜ୍ଞାନ ଆହରଣ କରାଇଥାଏ ଓ ଏକ ସାଂସ୍କୃତିକ ପ୍ରାଣୀରେ ପରିଣତ କରାଇଥାଏ ।

**ଶିକ୍ଷା ଜ୍ଞାନପ୍ରାପ୍ତିର ମାଧ୍ୟମ :** ଶିକ୍ଷାର ପରିସର ବ୍ୟାପକ । ଏହା ଅସୀମ ଅଟେ, ଶିକ୍ଷା ଜ୍ଞାନର ଗନ୍ତାଘର ଅଟେ । ଏହାକୁ ସମ୍ପୂର୍ଣ୍ଣରୂପେ ଆହରଣ କରିବା ସମ୍ଭବ ନୁହେଁ, ତଥାପି ମନୁଷ୍ୟ ଆଦିମ କାଳରୁ ବର୍ତ୍ତମାନ ପର୍ଯ୍ୟନ୍ତ ନିଜର ଶିକ୍ଷା ବଳରେ ପ୍ରକୃତି ଓ ପରିବେଶକୁ ତନ୍ନ ତନ୍ନ କରି ପରୀକ୍ଷା କରି ଓ ଅନୁସନ୍ଧାନ କରି ଯେଉଁ ନୂତନ ଅନୁଭୂତି, ଆବିଷ୍କାର ଓ ଉଦ୍ଭାବନ କରିଛି ତାହା ମନୁଷ୍ୟର ଜୀବନକୁ ଓ ସମାଜକୁ ନୂତନ ରୂପ ପ୍ରଦାନ କରିଛି ଓ ବ୍ୟକ୍ତି ନିଜ ସାମାଜିକ ଜୀବନରେ ବ୍ୟବହାର କରିବାର ନିରବିଚ୍ଛିନ୍ନ ଉଦ୍ୟମ କରିଆସୁଅଛି ।

## ଶିକ୍ଷାର ଅର୍ଥ (Meaning of Education)

ଶିକ୍ଷା ଏକ ବ୍ୟାପକ ଅର୍ଥବୋଧକ ଶବ୍ଦ । ଶିକ୍ଷାର କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ସଂଜ୍ଞା ବା ଅର୍ଥ ନାହିଁ। ଶିକ୍ଷା ବହୁ ଆଦିମ କାଳରୁ ମନୁଷ୍ୟ ସଭ୍ୟତାର ଆରମ୍ଭରୁ ବର୍ତ୍ତମାନର ଆଧୁନିକ ସଭ୍ୟତା ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଭାବରେ ବ୍ୟାଖ୍ୟା କରାଯାଇଛି । ଶିକ୍ଷା (Education) ଶବ୍ଦର ଅର୍ଥ ବୁଝିବାପାଇଁ ବହୁ ଦାର୍ଶନିକ, ଶିକ୍ଷାବିତ୍, ସମାଜବିଜ୍ଞାନୀ ତଥା ଅଭିଜ୍ଞ ଓ ଧୀସମ୍ପନ୍ନ ବ୍ୟକ୍ତିତ୍ୱମାନେ ଭିନ୍ନ ଭିନ୍ନ ଭାବରେ ଶିକ୍ଷାକୁ ବ୍ୟାଖ୍ୟା କରିଛନ୍ତି । ଶିକ୍ଷାକୁ ତିନୋଟି ଅର୍ଥରେ ବୁଝିବାକୁ ଶିକ୍ଷାବିତ୍‌ମାନେ ଉଦ୍ୟମ କରିଛନ୍ତି । ସେଗୁଡ଼ିକ ହେଲା (୧) ବ୍ୟୁତ୍ପତ୍ତିଗତ ଅର୍ଥ (୨) ସଂକୀର୍ଣ୍ଣ ଅର୍ଥ (୩) ବ୍ୟାପକ ଅର୍ଥ । ଇଂରାଜୀ ଭାଷାରେ 'Education' ଏଜୁକେସନ ଶବ୍ଦଟିର ବ୍ୟୁତ୍ପତ୍ତି ଆଲୋଚନା କଲେ ଜଣାଯାଏ ଯେ ଏହି ଶବ୍ଦଟି ପ୍ରାଚୀନ ଲାଟିନ୍ ଭାଷା Educare (ଏଜୁକେୟାର) Educatum (ଏଜୁକେଟମ) ଶବ୍ଦରୁ ସୃଷ୍ଟି ହୋଇଅଛି ଯାହାର ଅର୍ଥ ଯଥାକ୍ରମେ ଜାଣିବା (to know), ଜ୍ଞାନ ଆହାରଣ କରିବା ବା ଶିଖିବା (to learn) ଓ ଅନ୍ତର୍ନିହିତ ଗୁଣର ପ୍ରକାଶ କରିବା (to lead out) ଅଟେ । ତେଣୁ ଶିକ୍ଷା ଶବ୍ଦର ଆକ୍ଷରିକ ଅର୍ଥ ଶିଶୁର ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରିବାକୁ ବୁଝାଏ । ଅର୍ଥାତ୍ ଯେଉଁ ପ୍ରକ୍ରିୟା ମାଧ୍ୟମରେ ଅସହାୟ ନବଜାତ ଶିଶୁଟି ସମୟକ୍ରମେ ନିଜର ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରି ଓ ନିଜର ସାମର୍ଥ୍ୟ ଲାଭକରି ଆବଶ୍ୟକତାକୁ ପୂରଣ କରେ ତାହାହିଁ ଶିକ୍ଷା ଅଟେ ।

ପ୍ରାଚୀନ ଭାରତୀୟ ଚିନ୍ତାଧାରା ଅନୁସାରେ ଶିକ୍ଷା ଶବ୍ଦ ସଂସ୍କୃତ ଶବ୍ଦ 'ଶାସ୍' ଶିକ୍ଷ୍ ଓ ବିଦ୍ ଶବ୍ଦରୁ ଆସିଅଛି । ଶାସ୍ ଶବ୍ଦର ଅର୍ଥ ନିୟନ୍ତ୍ରଣ କରିବା (To control), ଶୃଙ୍ଖଳିତ କରିବା (To Discipline), ଶିକ୍ଷାଦାନ କରିବା ବା ଅବଗତ କରିବା (To instruct) । ତେଣୁ ଶିକ୍ଷାର ଆକ୍ଷରିକ ଅର୍ଥ ଶିଶୁର ଅନ୍ତର୍ନିହିତ ଗୁଣ ଓ ଜ୍ଞାନର ପରିପ୍ରକାଶକୁ ବୁଝାଇଥାଏ । ଏହି ଜ୍ଞାନ ମନକୁ ନିୟନ୍ତ୍ରଣ କରି ଶୃଙ୍ଖଳାର ସହିତ ଅର୍ଜନ କରାଯାଇଥାଏ । ଶିକ୍ଷ୍ ଶବ୍ଦର ଅର୍ଥ ଜାଣିବା । ଶିକ୍ଷା ପ୍ରତ୍ୟେକ ସମୟରେ ଅଭିଜ୍ଞତା ଓ ଜ୍ଞାନ ଅର୍ଜନ କରିବାରେ ସହାୟକ ହୋଇଥାଏ ଏବଂ ବିଦ୍ୟା ଶବ୍ଦଟି ସଂସ୍କୃତ ଧାତୁରୂପ ବିଦ୍ ଶବ୍ଦରୁ ଆସିଅଛି ଯାହାର ଅର୍ଥ ଜାଣିବା (To know)ବା ଜ୍ଞାନ ଆହରଣ କରିବା । ଉକ୍ତ ବ୍ୟୁତ୍ପତ୍ତିଗତ ଅର୍ଥ ଅନୁଯାୟୀ ଶିକ୍ଷା ଏକ ଜ୍ଞାନ ଆହରଣ କରିବାର ପ୍ରକ୍ରିୟା ଅଟେ । ଶିକ୍ଷା ଶିଶୁକୁ ଉଚିତ୍ ମାର୍ଗ ଦେଖାଇଥାଏ ଓ ସମୟକ୍ରମେ ଉପଯୁକ୍ତ ତାଲିମ୍ ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷା ମଧ୍ୟମରେ ତାର ଉତ୍ତମ ଚରିତ୍ରର ବିକାଶ ଘଟିବା ସହିତ ଶିଶୁ ତା'ର ପରିବେଶ ଓ ସମାଜ ସହିତ ଖାପ ଖୁଆଇ ଚଳିଥାଏ ।

**୨. ସଂକୀର୍ଣ୍ଣ ଅର୍ଥ –** ସଂକୀର୍ଣ୍ଣ ଅର୍ଥରେ ଶିକ୍ଷା କହିଲେ ଶିକ୍ଷାନୁଷ୍ଠାନମାନଙ୍କରେ ପ୍ରଦାନ କରାଯାଉଥିବା ଶିକ୍ଷାକୁ ବୁଝାଇଥାଏ, ଯଥା – ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଇତ୍ୟାଦି ଅଟନ୍ତି । ଏହି ଶିକ୍ଷା ପାଠ୍ୟ ପୁସ୍ତକଗତ ବିଦ୍ୟା ବା ଜ୍ଞାନ ଆହରଣକୁ ବୁଝାଇଥାଏ । ଏହା ଶିକ୍ଷାନୁଷ୍ଠାନ ମଧ୍ୟରେ ସୀମିତ ଥାଏ । ଜନ୍ ଆଡ଼ାମ୍‌ସଙ୍କ ମତରେ ଶିକ୍ଷା ଏକ ଦ୍ୱିମେରୁ ପ୍ରକ୍ରିୟା ଯାହା ଶିକ୍ଷକ ବା ଜ୍ଞାନଦାତା ଶିକ୍ଷାର୍ଥୀ ବା ଶିକ୍ଷାଗ୍ରହୀତାଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ମାଧ୍ୟମରେ ସଂଘଟିତ ହୋଇଥାଏ ଏବଂ ଏହା ଜ୍ଞାନ ବିନିମୟର ସ୍ଥାନ ବିଦ୍ୟାଳୟରେ ସମ୍ପାଦିତ ହୋଇଥାଏ । ଶିକ୍ଷକ ଶିକ୍ଷାଦାନ କରି ଶିକ୍ଷାର୍ଥୀକୁ ଏକ ଅବୋଧ ଓ ଅପରିପକ୍ୱ ଅବସ୍ଥାରୁ ଜଣେ ଅଭିଜ୍ଞ, ପରିପକ୍ୱ ଓ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱରେ ପରିଣତ କରିଥାନ୍ତି ।

**୩. ବ୍ୟାପକ ଅର୍ଥ –** ବ୍ୟାପକ ଅର୍ଥରେ ଶିକ୍ଷା ଶିଶୁର ଜନ୍ମଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ଚାଲୁରହିଥାଏ । ଶିକ୍ଷାପାଇଁ କୌଣସି ନିର୍ଦ୍ଦିଷ୍ଟ ବୟସ ସୀମା ବା ସମୟ ସୀମାର ଆବଶ୍ୟକତା ନଥାଏ । ଏହା ଏକ ସାର୍ବଜନୀନ ପ୍ରକ୍ରିୟା ହୋଇଥିବାରୁ ଯେକୌଣସି ସ୍ଥାନରେ ବ୍ୟକ୍ତି ଶିକ୍ଷା ଆହରଣ କରିଥାଏ ।

ସଂକ୍ଷେପରେ ଶିକ୍ଷାର ଅର୍ଥ କହିଲେ ବୁଝୁ ଯେ ଶିକ୍ଷା ବ୍ୟକ୍ତିର ଆତ୍ମବିକାଶରେ ସାହାଯ୍ୟ କରେ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଉପାୟରେ ଆମେ ଯେଉଁ ଜ୍ଞାନ ଓ ଅନୁଭୂତି ଲାଭ କରୁ ବା ଶକ୍ତି ସାମର୍ଥ୍ୟର ବିକାଶ କରୁ ତାହାକୁ ଶିକ୍ଷା ବୁଝାଇଥାଏ । ପ୍ରତ୍ୟେକ ଅଭିଜ୍ଞତାହିଁ ଶିକ୍ଷା ଓ ପ୍ରତ୍ୟେକ ଅନୁଭୂତି ଶିକ୍ଷଣୀୟ । ଏକ ଜୀବନବ୍ୟାପୀ ଓ ନିରବଚ୍ଛିନ୍ନ ପ୍ରକ୍ରିୟା ଭାବରେ ଶିଶୁଠାରୁ ବୃଦ୍ଧ ପର୍ଯ୍ୟନ୍ତ ଶିକ୍ଷା ସମସ୍ତଙ୍କ ଆଚରଣକୁ ପରିମାର୍ଜିତ କରିବାରେ ସାହାଯ୍ୟ କରିଥାଏ ।

### ଶିକ୍ଷାର ସଂଜ୍ଞା (Definition of Education )

ବିଭିନ୍ନ ଦାର୍ଶନିକ, ଶିକ୍ଷାବିତ୍ ଓ ଜନନାୟକମାନେ ନିଜ ନିଜର ଦୃଷ୍ଟିକୋଣ ଓ ଚିନ୍ତାଧାରା ଅନୁଯାୟୀ ଶିକ୍ଷାର ଭିନ୍ନ ଭିନ୍ନ ସଂଜ୍ଞା ପ୍ରଦାନ କରିଛନ୍ତି । ସେଗୁଡ଼ିକୁ ନିମ୍ନରେ ପ୍ରଦାନ କରାଯାଇଅଛି ।

## ଭାରତୀୟ ଚିନ୍ତାଧାରାରେ ଶିକ୍ଷାର ସଂଜ୍ଞା

୧. ଋକ୍‌ବେଦ ଅନୁସାରେ "ଶିକ୍ଷା ମନୁଷ୍ୟକୁ ଆତ୍ମବିଶ୍ୱାସୀ ଓ ନିଃସ୍ୱାର୍ଥପର କରିବାରେ ସାହାଯ୍ୟ କରେ"।

୨. ଉପନିଷଦ-ଶିକ୍ଷାର ଶେଷ ଲକ୍ଷ୍ୟ ନିର୍ବାଣ ପ୍ରାପ୍ତି ।

୩. କୌଟିଲ୍ୟଙ୍କ ମତରେ ଦେଶ ଓ ଜାତି ପାଇଁ ବ୍ୟକ୍ତିକୁ ତାଲିମ୍ ଦେବା ଓ ସ୍ୱଦେଶ ପ୍ରୀତି ଜାଗ୍ରତ କରିବାକୁ ଶିକ୍ଷା କୁହାଯାଏ ।

୪. ଶଙ୍କରାଚାର୍ଯ୍ୟଙ୍କ ମତରେ ଆତ୍ମସାକ୍ଷାତ୍ ହିଁ ଶିକ୍ଷା ଅଟେ ।

୫. ସ୍ୱାମୀ ବିବେକାନନ୍ଦଙ୍କ ମତରେ ମନୁଷ୍ୟ ମଧ୍ୟରେ ଅନ୍ତର୍ନିହିତ ଦେବୀ ଶକ୍ତିର ପରିପ୍ରକାଶ ହେଉଛି ଶିକ୍ଷା ।

୬. ରବିନ୍ଦ୍ରନାଥ ଠାକୁର – "ଚିରନ୍ତନ ସତ୍ୟ ଅନୁସନ୍ଧାନ କରିବାପାଇଁ ମନୁଷ୍ୟକୁ ପ୍ରବର୍ତ୍ତନା ଦେବା ହିଁ ଶିକ୍ଷା" ।

୭. ଶ୍ରୀଅରବିନ୍ଦଙ୍କ ଅନୁସାରେ ଯାହା ଆତ୍ମଶକ୍ତିର ବିକାଶରେ ସାହାଯ୍ୟ କରେ ତାହାହିଁ ଶିକ୍ଷା ।

୮. ମହାତ୍ମାଗାନ୍ଧୀ- "ଶିଶୁ ବା ମନୁଷ୍ୟର ଦେହ, ମନ ଓ ଅତ୍ମାର ସର୍ବୋତ୍କୃଷ୍ଟ ପରିପ୍ରକାଶ ହେଉଛି ଶିକ୍ଷା"

୯. ଗୋପବନ୍ଧୁଙ୍କ ମତରେ ଶିକ୍ଷା ହେଉଛି ମନୁଷ୍ୟର ହୃଦୟକୁ ଜୟ କରିବାର ଏକ ସଫଳ ମାଧ୍ୟମ । ଶିଶୁର ଚରିତ୍ର ଗଠନ, ମାନବିକତାର ବିକାଶ ଓ ବ୍ୟକ୍ତିର ସ୍ୱୟଂସମ୍ପୂର୍ଣ୍ଣତାହିଁ ପ୍ରକୃତ ଶିକ୍ଷା ।

୧୦. ଜାତୀୟ ଶିକ୍ଷା ନୀତି (୧୯୮୬) ଅନୁସାରେ ଶିକ୍ଷା ହେଉଛି ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଏକ ସ୍ୱତନ୍ତ୍ର ପୁଞ୍ଜି ।

୧୧. ବିଶ୍ୱ ବିଦ୍ୟାଳୟ ଶିକ୍ଷା କମିସନ୍-"ଶିକ୍ଷାର ଲକ୍ଷ୍ୟ କେବଳ ଜୀବିକା ଅର୍ଜନ ଓ ନାଗରିକ ଗଠନ ନୁହେଁ, ବଂର ଏହା ଏକ ଲୁକ୍‌କାୟିତ ଓ ଆଲୌକିକ ଶକ୍ତିର ଉପଲବ୍ଧି ଓ ଅନୁସନ୍ଧାନର ଏକ ଅଭ୍ୟାସ"।

## ପାଶ୍ଚାତ୍ୟ ଚିନ୍ତାଧାରାରେ ଶିକ୍ଷାର ସଂଜ୍ଞା

୧. ପ୍ଲାଟୋ- "ଉପଯୁକ୍ତ ସମୟରେ ସୁଖ ଓ ଦୁଃଖ ଅନୁଭବ କରିବାର ଶକ୍ତିକୁ ଶିକ୍ଷା କୁହାଯାଏ" ।

୨. ଆରିଷ୍ଟୋଟଲ- "ସୁସ୍ଥ ଶରୀର ମାଧ୍ୟମରେ ସୁସ୍ଥ ମନର ବିକାଶ ସାଧନ କରିବା ଶିକ୍ଷା ଅଟେ" ।

୩. ଜନ୍ ଆଡ଼ାମ୍‌ସଙ୍କ ମତରେ କୌଣସି ଏକ ବ୍ୟକ୍ତିତ୍ୱ ଅନ୍ୟ ଏକ ବ୍ୟକ୍ତିତ୍ୱ ଉପରେ ପ୍ରଭାବ ପକାଇ ଜ୍ଞାନ ମାଧ୍ୟମରେ ପରିବର୍ତ୍ତନ ଆଣିବାକୁ ଶିକ୍ଷା କୁହାଯାଏ ।

୪. ଫ୍ରୋବେଲ- "ଶିଶୁର ଅନ୍ତର୍ନିହିତ ଶକ୍ତି ସମୂହର ପରିପ୍ରକାଶକୁ ଶିକ୍ଷା କୁହାଯାଏ" ।

୫. ଜନ୍ ଡୁଇ-ବ୍ୟକ୍ତିର ଅନୁଭୂତିର ନିରନ୍ତର ପରିବର୍ତ୍ତନ ମାଧ୍ୟମରେ ବଞ୍ଚିରହିବାର ଧାରାକୁ ଶିକ୍ଷା କୁହାଯାଏ ।

୬. ସ୍ପେନସରଙ୍କ ମତରେ "ମନୁଷ୍ୟକୁ ପୂର୍ଣ୍ଣାଙ୍ଗ ଜୀବନଯାପନ ପାଇଁ ପ୍ରସ୍ତୁତ କରିବା ହିଁ ଶିକ୍ଷା" ।

ଶିକ୍ଷାର ଉପରୋକ୍ତ ସଂଜ୍ଞାଗୁଡ଼ିକର ପର୍ଯ୍ୟାଲୋଚନାରୁ ଜଣାଯାଏ ଯେ ଶିକ୍ଷା ଜ୍ଞାନର ଗନ୍ଥାଘର ଅଟେ । ଏହା ମନୁଷ୍ୟ ମଧ୍ୟରେ ଥିବା ଅଜ୍ଞାନତାକୁ ଦୂର କରି ଆଲୋକର ମାର୍ଗ ଦେଖାଇଥାଏ ।

ଶିକ୍ଷା ଶିଶୁର ଅନ୍ତର୍ନିହିତ ଶକ୍ତିର ପରିପ୍ରକାଶ କରିବାରେ ସହାୟକ ହୋଇଥାଏ । ଏହା ବ୍ୟକ୍ତିକୁ ତାର ପରିବେଶ ସହିତ ସୁସଂହତି ଓ ସହଯୋଗ ରକ୍ଷା କରିବାରେ ସାହାଯ୍ୟ କରିଥାଏ । ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ମାଧ୍ୟମରେ ପରିପୂର୍ଣ୍ଣ ବ୍ୟକ୍ତିତ୍ୱ ଗଠନ କରିବାର ଶିକ୍ଷା ସାହାଯ୍ୟ କରେ ।

ପ୍ରାଚୀନ ସମାଜରୁ ଆରମ୍ଭ କରି ଜଟିଳ ଆଧୁନିକ ସମାଜ ପର୍ଯ୍ୟନ୍ତ ପ୍ରତ୍ୟେକ ସମୟରେ ଶିକ୍ଷାର ଗୁରୁତ୍ୱ ଅନୁଭବ ହୋଇଅଛି । ପ୍ରାଚୀନ ଭାରତୀୟ ଦାର୍ଶନିକମାନେ ଶିକ୍ଷାର ଆବଶ୍ୟକତାକୁ ଅନୁଭବ କରି ଏକ ଅନୁଷ୍ଠାନ ଭାବେ ସର୍ବୋଚ୍ଚ ସ୍ଥାନ ପ୍ରଦାନ କରିଛନ୍ତି । ବ୍ୟକ୍ତି ଓ ସମାଜପାଇଁ ଶିକ୍ଷାର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ । ଏହା ଏକ ବ୍ୟାପକ ଓ ନିରବଚ୍ଛିନ୍ନ ପ୍ରକ୍ରିୟା ଯାହା ଶୈଶବରୁ ଆରମ୍ଭ କରି ଶେଷ ଅବସ୍ଥା ପର୍ଯ୍ୟନ୍ତ ବ୍ୟକ୍ତିର ମନ,ଚରିତ୍ର ଓ କାର୍ଯ୍ୟ ଦକ୍ଷତା ଉପରେ ଗଠନ ମୂଳକ ପ୍ରଭାବ ପକାଇଥାଏ । ଶିକ୍ଷା ସାମାଜିକୀକରଣ ମାଧ୍ୟମରେ ଶିଶୁର ବ୍ୟକ୍ତିତ୍ୱର ପୂର୍ଣ୍ଣାଙ୍ଗ ବିକାଶ ଆଣିଥାଏ । ଏହା ସଂସ୍କୃତି,ଅର୍ଜିତ ଜ୍ଞାନ,ମୂଲ୍ୟବୋଧ,କଳା ଓ କୌଶଳ ବୈଷୟିକ ଜ୍ଞାନକୁ ଆନୁଷ୍ଠାନିକ ଭାବେ ଗୋଟିଏ ପିଢ଼ିରୁ ଅନ୍ୟ ଏକ ପିଢ଼ିକୁ ହସ୍ତାନ୍ତର କରିଥାଏ । ବାସ୍ତବରେ ଶିକ୍ଷା ହିଁ ଜୀବନ ଅଟେ । ବ୍ୟକ୍ତି,ସମାଜ ଓ ଜାତିର ପ୍ରଗତି ପାଇଁ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ଏହାର ଅବଦାନକୁ ମୁଖ୍ୟତଃ ତିନିଗୋଟି ଶ୍ରେଣୀରେ ବିଭକ୍ତ କରାଯାଇଅଛି ।

## ଶିକ୍ଷାର ଗୁରୁତ୍ୱ (Importance of Education)

### ବ୍ୟକ୍ତି ପାଇଁ ଶିକ୍ଷାର ଗୁରୁତ୍ୱ

**୧ . ଅନ୍ତର୍ନିହିତ ଗୁଣର ବିକାଶ –** ଶିଶୁର ଅନ୍ତର୍ନିହିତ ଶକ୍ତି ସମୂହର ଉପଯୁକ୍ତ ବିକାଶ ଶିକ୍ଷା ମାଧ୍ୟମରେ ସମ୍ପାଦନ ହୋଇଥାଏ । ଉପଯୁକ୍ତ ଶିକ୍ଷାଦ୍ୱାରା ବ୍ୟକ୍ତି ଭିତରେ ଲୁଚି ରହିଥିବା ମାନବୀୟ ପ୍ରକୃତି, ସଦ୍‌ଗୁଣ ଶକ୍ତି ଓ ସାମର୍ଥ୍ୟର ପରିପ୍ରକାଶ ଘଟିଥାଏ ଓ ବ୍ୟକ୍ତି ଉତ୍ତମ ଚରିତ୍ରର ଅଧିକାରୀ ହୋଇଥାଏ ।

**୨ . ପରିମାର୍ଜିତ ଆଚରଣ** – ବାସ୍ତବରେ "ଶିକ୍ଷା ବ୍ୟକ୍ତିର ବ୍ୟବହାରକୁ ପରିମାର୍ଜିତ କରେ" ଜନ୍ମ ସମୟରେ ଶିଶୁ ସନ୍ତାନ ଓ ପଶୁ ଶାବକ ପ୍ରବୃତ୍ତି ଭିତରେ ବିଶେଷ ପ୍ରଭେଦନଥାଏ । ଶିଶୁର ଏହି ପ୍ରବୃତ୍ତିଗତ ବ୍ୟବହାରକୁ ସାମାଜିକ ବ୍ୟବହାରରେ ରୂପାନ୍ତର କରିବାରେ ଶିକ୍ଷା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଶିଶୁର ଆଚରଣ, ଅଭ୍ୟାସ, ରୁଚି ଚିନ୍ତାଧାରା ଇତ୍ୟାଦିକୁ ପରିମାର୍ଜିତ କରି ସମାଜ ଉପଯୋଗୀ କରିବାପାଇଁ ଶିକ୍ଷା ଏକ ଫଳପ୍ରଦ ମାଧ୍ୟମ ଅଟେ ।

**୩. ପରିପୂର୍ଣ୍ଣ ବିକାଶ** – ବ୍ୟକ୍ତିର ସର୍ବାଙ୍ଗୀନ ଉନ୍ନତି, ଯଥା–ଶାରୀରିକ, ମାନସିକ,ସାମାଜିକ, ଆବେଗାତ୍ମକ ଓ ଆଧ୍ୟାତ୍ମିକ ବିକାଶ ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଜୀବନର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ବିକାଶ ସାଧନରେ ଶିକ୍ଷା ସହାୟକ ହୋଇଥାଏ ।

**୪. ବ୍ୟକ୍ତିତ୍ୱର ବିକାଶ** – ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶରେ ଶିକ୍ଷା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ଶିକ୍ଷା ଶିଶୁର ସାମାଜିକ ଯୋଗ୍ୟତା ତଥା ବ୍ୟକ୍ତିତ୍ୱ ନିର୍ଦ୍ଧାରଣ କରିଥାଏ । ଶିଶୁ ଶିକ୍ଷା ମାଧ୍ୟମରେ ସାମାଜିକ ମୂଲ୍ୟବୋଧ,ରୀତିନୀତି,ସଂସ୍କୃତି,ଜ୍ଞାନ କୌଶଳ ଓ ଆଭିମୁଖ୍ୟ ଶିକ୍ଷା କରିଥାଏ ଓ ଏହା ତାର ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥାଏ । ଶିକ୍ଷା ମାଧ୍ୟମରେ ସାଂସ୍କୃତିକ ଉପାଦାନଗୁଡ଼ିକ ଗୋଟିଏ ପିଢ଼ୀରୁ ଅନ୍ୟ ଏକ ପିଢ଼ିକୁ ସଂପ୍ରସାରିତ ହୋଇଥାଏ । ବ୍ୟକ୍ତିର ବ୍ୟକ୍ତିତ୍ୱ ତାର ଭୂମିକା ଓ ପ୍ରସ୍ଥିତି ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ଶିକ୍ଷା ଦ୍ୱାରା ଶିଶୁ ତାର ବ୍ୟକ୍ତିଗତ ତଥା ସାମାଜିକ ଦାୟିତ୍ୱ ସମ୍ପାଦନ କରିବା ନିମିତ୍ତ ସମର୍ଥ ହୋଇଥାଏ ।

**୫. ଜୀବିକାର୍ଜନ ପ୍ରସ୍ତୁତି–** ଶିକ୍ଷା ବ୍ୟକ୍ତି ଜୀବନରେ ସମସ୍ତ ମୌଳିକ ତଥା ସାମାଜିକ ଆବଶ୍ୟକତାକୁ ପୂରଣ କରିବାରେ ସହାୟକ ହୋଇଥାଏ । ବ୍ୟକ୍ତିର ସାମାଜିକ ଓ ଆର୍ଥିକ ନିରାପତ୍ତା ପାଇଁ ଶିକ୍ଷା କାର୍ଯ୍ୟ କରେ । ଶିକ୍ଷା ଶିଶୁର କାର୍ଯ୍ୟ ଦକ୍ଷତା ତଥା ଜୀବିକାର୍ଜନ ନିମିତ୍ତ ଦକ୍ଷତା ବିକାଶରେ ସାହାଯ୍ୟ କରିଥାଏ । ବ୍ୟକ୍ତି ଭବିଷ୍ୟତରେ ବୃତ୍ତି ନିର୍ବାଚନ ପାଇଁ ଶିକ୍ଷା ମାଧ୍ୟମରେ ନିଜକୁ ପ୍ରସ୍ତୁତ କରେ ।

**୬. ସମାଯୋଜନ ପ୍ରକ୍ରିୟାର ସହାୟକ** – ଶିକ୍ଷା ବ୍ୟକ୍ତିକୁ ତାର ସମସ୍ୟା ସମାଧାନ କରିବାରେ ସାହାଯ୍ୟ କରେ । ଶିଶୁ ଜନ୍ମ ସମୟରେ କେତେକ ସହଜାତ ପ୍ରବୃତ୍ତିକୁ ନେଇ ଜନ୍ମ ହୋଇଥାଏ। ଶିକ୍ଷା ଏହି ପ୍ରବୃତ୍ତିକୁ ପରିମାର୍ଜିତ କରି ସମାଜ ଉପଯୋଗୀ କରାଇଥାଏ । ଫଳରେ ବ୍ୟକ୍ତି ନିଜ ପରିବେଶ ଓ ପରିସ୍ଥିତି ସହିତ ଖାପଖୁଆଇ ଚଳିପାରେ । ବ୍ୟକ୍ତରି ପାରିପାର୍ଶ୍ୱିକ ପରିବେଶରେ ନୂଆ ନୂଆ ପ୍ରତିବନ୍ଧକ ଓ ସମସ୍ୟା ଦେଖା ଦେଇଥାଏ । ଶିକ୍ଷା ବ୍ୟକ୍ତିକୁ ସେହି ପରିସ୍ଥିତିକୁ ସାମ୍ନା କରିବାପାଇଁ ଦୃଢ଼ ମନୋବଳ ଓ ଶକ୍ତି ପ୍ରଦାନ କରିଥାଏ ।

## ସମାଜପାଇଁ ଶିକ୍ଷାର ଗୁରୁତ୍ୱ

**୧. ସାମାଜିକ ପରିବର୍ତ୍ତନ ଓ ସାମାଜିକ ନିୟନ୍ତ୍ରଣ :** ସମାଜ ଚିର ପରିବର୍ତ୍ତନଶୀଳ ଓ ପ୍ରଗତିଶୀଳ ସମାଜରେ ପରିବର୍ତ୍ତନ ହେଲେ ସାମାଜିକ ଅନୁଷ୍ଠାନ ନୀତିନିୟମ, ପ୍ରଥା ପରମ୍ପରା ଓ ବ୍ୟକ୍ତିର ମାନସିକତାରେ ପରିବର୍ତ୍ତନ ହୋଇଥାଏ । ଏହି ପରିବର୍ତ୍ତନରେ ଶିକ୍ଷା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଶିକ୍ଷା ବ୍ୟକ୍ତିର ବୌଦ୍ଧିକ ବିକାଶରେ ପରିବର୍ତ୍ତନ ଆଣିବା ଯୋଗୁଁ ବ୍ୟକ୍ତିର ରୁଚି,ଚିନ୍ତାଧାରା ଓ ବ୍ୟବହାରରେ ପରିବର୍ତ୍ତନ ଆସିଥାଏ ଓ ଏହା ସାମାଜିକ ଜୀବନକୁ ପ୍ରଭାବିତ କରିବା ସଙ୍ଗେ ସଙ୍ଗେ ସମାଜରେ ଥିବା ସଂକୀର୍ଣ୍ଣତା, ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ଦୂର କରିଥାଏ । ଆଧୁନିକ ଶିକ୍ଷା ବୈଷୟିକ ଜ୍ଞାନ କୌଶଳର ବିକାଶ ଓ ନୂତନ ଆବିଷ୍କାରରେ ସହାୟକ ହୋଇଥାଏ, ଯାହା ସମାଜପାଇଁ ଶିକ୍ଷାର ଅବଦାନ ଅଟେ ।

ଶିକ୍ଷା ମଧ୍ୟ ସାମାଜିକ ନିୟନ୍ତ୍ରଣର ଏକ ମୁଖ୍ୟ ମାଧ୍ୟମ ରୂପେ କାର୍ଯ୍ୟ କରିଥାଏ । ଅତୀତରେ ବହୁ ଅନୌପଚାରିକ ବ୍ୟବସ୍ଥା, ଯଥା– ଧର୍ମ, ପ୍ରଥାପରମ୍ପରା, ନୀତିବାଣୀ ଓ ସାମାଜିକ ପ୍ରତିମାନ ବ୍ୟକ୍ତିର ଜୀବନକୁ ଗଭୀର ଭାବରେ ପ୍ରଭାବିତ କରୁଥିଲା, ଓ ବ୍ୟବହାରକୁ ନିୟନ୍ତ୍ରିତ କରି ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନରେ ସାହାଯ୍ୟ କରୁଥିଲା ।

ବର୍ତ୍ତମାନର ଶିକ୍ଷାନୁଷ୍ଠାନ ବିଦ୍ୟାଳୟ,ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡିକ ସାମାଜିକ ନିୟନ୍ତ୍ରଣର ମୁଖ୍ୟ ମାଧ୍ୟମ ରୂପେ କାର୍ଯ୍ୟ କରୁଅଛି । ଶିକ୍ଷାନୁଷ୍ଠାନଗୁଡିକ ଶିଶୁକୁ ସାମାଜିକ ମୂଲ୍ୟବୋଧ, ନୈତିକତା, ଶୃଙ୍ଖଳା, ନିଷ୍ଠାପରତା, ସମୟାନୁବର୍ତ୍ତିତା ଇତ୍ୟାଦି ଗୁଣଗୁଡିକୁ ଶିକ୍ଷା ଦେଉଅଛି ଓ ସାମାଜିକ କର୍ତ୍ତବ୍ୟବୋଧ ଓ ସଚେତନତା ସୃଷ୍ଟି କରୁଅଛି

**୨. ସାମାଜିକ ଓ ନୈତିକ ମୂଲ୍ୟବୋଧର ବିକାଶ :** ଶିକ୍ଷା ବ୍ୟକ୍ତି ଭିତରେ ସତ୍ୟବାଦୀତା, ସାଧୁତା,ସହନଶୀଳତା, ଦୟା, କ୍ଷମା, ପ୍ରେମ ଓ ପରୋପକାର ଇତ୍ୟାଦି ମହତ୍ ଗୁଣ ଗୁଡିକ ସୃଷ୍ଟି କରିଥାଏ । ଫଳରେ ବ୍ୟକ୍ତି ଉତ୍ତମ ଚରିତ୍ରର ଅଧିକାରୀ ହୋଇଥାଏ । ବ୍ୟକ୍ତିର ସଦ୍‌ଗୁଣ ସମାଜର ମଙ୍ଗଳ ଓ ବିକାଶରେ ସହାୟକ ହୋଇଥାଏ । ସାମ୍ପ୍ରତିକ ସମାଜରେ ବ୍ୟକ୍ତି ଚରିତ୍ର ଓ ନୈତିକତାର ଅଧୋପତନ ହେତୁ ବ୍ୟକ୍ତିଗତ ଓ ସାମାଜିକ ଜୀବନ କଳୁଷିତ ଓ ବିପଦଗ୍ରସ୍ତ ହେବାକୁ ଲାଗିଛି ।

**୩. ସୁଯୋଗ ଓ ଅଧିକାର ପ୍ରଦାନ :** ଭାରତ ଏକ ବିଭିନ୍ନତାର ଦେଶ ଯାହା ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ଲିଙ୍ଗ ମାଧ୍ୟମରେ ପରିଲକ୍ଷିତ ହୋଇଥାଏ । ଏହି ବୈଷମ୍ୟତା ସାମାଜିକ ଅସମାନତା ଓ ଭେଦଭାବ ସୃଷ୍ଟି କରିଥାଏ ଓ ସମାଜର ବିକାଶରେ ପ୍ରତିବନ୍ଧକ ହୋଇଥାଏ । କିନ୍ତୁ ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବରୁ ଭାରତୀୟ ସମାଜରେ କେତେକାଂଶରେ ଅସମାନତା ଦୂର ହୋଇପାରିଛି । ଭାରତୀୟ ସମ୍ବିଧାନର ଆଇନ୍ ବ୍ୟବସ୍ଥା ଓ ମୌଳିକ ଅଧିକାର ସମାଜର ପ୍ରତ୍ୟେକ ବ୍ୟକ୍ତିବିଶେଷ ପାଇଁ ସମାନ ଅଧିକାର ଓ ସୁଯୋଗ ପ୍ରଦାନ କରିଅଛି । ଏହାଛଡା ଶିକ୍ଷାନୁଷ୍ଠାନମାନଙ୍କ ଦ୍ୱାରା ସମାଜରେ ଭେଦଭାବ ଦୂର କରିବା ସହିତ ବ୍ୟକ୍ତି ସଚେତନତା ସୃଷ୍ଟି କରାଯାଇପାରୁଛି ।

**୪. ପ୍ରସ୍ଥିତି ପ୍ରଦାନ :** ଶିକ୍ଷା ବ୍ୟକ୍ତିକୁ ସମାଜରେ ଏକ ନିର୍ଦ୍ଦିଷ୍ଟ ପ୍ରସ୍ଥିତି ପ୍ରଦାନ କରିଥାଏ । ବ୍ୟକ୍ତିର ପ୍ରସ୍ଥିତି ତାର ପରିଚୟ ଅଟେ । ସାମାଜିକ ପ୍ରସ୍ଥିତି ଶିକ୍ଷାସହ ସଂପୃକ୍ତ ଅଟେ । ଆଧୁନିକ ଶିଳ୍ପଭିତ୍ତିକ ସମାଜରେ ଶିକ୍ଷା ବ୍ୟକ୍ତିକୁ ତାର ଦକ୍ଷତା ଓ ଭୂମିକା ଅନୁସାରେ ବୃତ୍ତି ତଥା ପଦମର୍ଯ୍ୟାଦା ହାସଲ କରିବାରେ ସହାୟକ ହୋଇଥାଏ ।

**୫. ପ୍ରତିଦ୍ୱନ୍ଦିତାକୁ ପ୍ରୋତ୍ସାହନ :** ବିଦ୍ୟାଳୟ ସହଯୋଗମୂଳକ ମୂଲ୍ୟବୋଧ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଜୀବନରେ ପ୍ରତିଦ୍ୱନ୍ଦିତାକୁ ସାମ୍ନା କରିବାକୁ ମଧ୍ୟ ଶିକ୍ଷା ଦେଇଥାଏ । ଶ୍ରେଣୀ ଗୃହ ବା ବିଦ୍ୟାଳୟର ପରିସର ମଧ୍ୟରେ ଶିକ୍ଷାର୍ଥୀ ଭିତରେ ପ୍ରତିଦ୍ୱନ୍ଦିତା ଏବଂ ଜିତିବା ଓ ହାରିବା ମନୋବୃତ୍ତି ସୃଷ୍ଟି କରାଯାଇଥାଏ । ଫଳରେ ଭବିଷ୍ୟତ ସାମାଜିକ ଜୀବନରେ ବଞ୍ଚିବା ପାଇଁ ପ୍ରତିଦ୍ୱନ୍ଦିତା କରିବା ଶିକ୍ଷା କରିଥାଏ ।

## ଦେଶ ପାଇଁ ଶିକ୍ଷାର ଗୁରୁତ୍ୱ

**୧. ସୁନାଗରିକ ପ୍ରସ୍ତୁତି :** ଯେଉଁ ଦେଶର ନାଗରିକ ଯେତେ ଉନ୍ନତ ସେ ଦେଶ ସେତିକି ପ୍ରଗତିଶୀଳ । ଦେଶରେ ସୁନାଗରିକ ପ୍ରସ୍ତୁତି କରିବା ରାଷ୍ଟ୍ରର ପ୍ରଧାନ କର୍ତ୍ତବ୍ୟ ଅଟେ । ଶିକ୍ଷା ମାଧ୍ୟମରେ ଏହା ସମ୍ଭବ ହୋଇଥାଏ । ଶିକ୍ଷା ଉପଯୁକ୍ତ ତାଲିମ୍ ପ୍ରଦାନ କରିବାରେ ସହାୟକ ହୋଇଥାଏ । ଶିକ୍ଷା ବ୍ୟକ୍ତିକୁ ସାମାଜିକ ନେତୃତ୍ୱର ବିକାଶ ପାଇଁ ଶିକ୍ଷା ଦେଇଥାଏ । ଶିକ୍ଷା ବ୍ୟକ୍ତିକୁ ଉତ୍ତମ ଆଚରଣ, ସାଧୁତା, ଦେଶପ୍ରେମ, ଭାତୃତ୍ୱଭାବ, ଶୃଙ୍ଖଳା ଓ କର୍ତ୍ତବ୍ୟବୋଧ ଇତ୍ୟାଦି ମହାନ୍ ଗୁଣଗୁଡିକୁ ଶିକ୍ଷା ଦେଇଥାଏ ।

**୨. ନେତୃତ୍ୱ ଗଠନରେ ଶିକ୍ଷା :** ଗଣତନ୍ତ୍ରରେ ସୁସ୍ଥ ନେତୃତ୍ୱ ପାଇଁ ଶିକ୍ଷା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଶିକ୍ଷା ଭବିଷ୍ୟତର ନାଗରିକମାନଙ୍କ ମଧ୍ୟରେ ନେତୃତ୍ୱ ଜାଗ୍ରତ କରାଇଥାଏ । ଆଜିକାଲି ଶିକ୍ଷାନୁଷ୍ଠାନ ମାନଙ୍କରେ ଭବିଷ୍ୟତ ନେତୃତ୍ୱର ପ୍ରସ୍ତୁତି ପାଇଁ ନିର୍ବାଚନ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ନେତୃତ୍ୱ ନେବାପାଇଁ ସୁଯୋଗ ଦିଆଯାଉଅଛି । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ରାଷ୍ଟ୍ରରେ ନେତୃତ୍ୱ ନେବାପାଇଁ ପ୍ରସ୍ତୁତ ହେଉଅଛନ୍ତି ।

**୩. ଜାତୀୟ ସଂହତି ପ୍ରତିଷ୍ଠା :** ଭାରତ ଏକ ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର । ଏହା ଧର୍ମନିରପେକ୍ଷ ନୀତି ଉପରେ ଅଧାରିତ । ଏହା ସତ୍ତ୍ୱେ ଜାତି, ଧର୍ମ, ବର୍ଣ୍ଣ , ଓ ଭାଷାକୁ ନେଇ ସମାଜରେ ବହୁ ବିଭେଦତା ଦୃଶ୍ୟ ହୋଇଅଛି । ଆଞ୍ଚଳିକବାଦ, ସାମ୍ପ୍ରଦାୟିକତାବାଦ, ଭାଷାବାଦ ଓ ଜାତିବାଦ ଇତ୍ୟାଦି ସଂକୀର୍ଣ୍ଣ ଚିନ୍ତାଧାରା ଦେଶର ଏକତା, ଅଖଣ୍ଡତା ଓ ଶାନ୍ତିକୁ ବ୍ୟାହତ କରିଅଛି । ଫଳରେ ସାମାଜିକ, ରାଜନୈତିକ ଓ ଆର୍ଥିକ ବିକାଶରେ ପ୍ରତିବନ୍ଧକ ହେଉଅଛି । ଏହି ଦୃଷ୍ଟିରୁ ବିଚାର କଲେ ଶିକ୍ଷା ଅତ୍ୟନ୍ତ ଉପାଦେୟ ଅଟେ । ଏହା ବ୍ୟକ୍ତିର ଅଜ୍ଞାନତା ଓ ସଂକୀର୍ଣ୍ଣତାକୁ ଦୂର କରିଥାଏ ଓ ସୁସ୍ଥ ମାନସିକତା ସୃଷ୍ଟିକରେ । ଏହା ବ୍ୟକ୍ତି ଭିତରେ ଆବେଗମୟ ଏକତା ଦେଶପ୍ରେମ ଜାତୀୟତାବୋଧ ସୃଷ୍ଟି କରି ତାର ହୃଦୟକୁ ପରିବର୍ତ୍ତନ କରିଥାଏ । ଏହା ଭାତୃଭାବ ଓ ବିଶ୍ୱମାନବିକବାଦ ଭଳି ଚିନ୍ତାଧାରା ଉଦ୍ରେକ କରି ଜାତୀୟ ସଂହତି ପ୍ରତିଷ୍ଠା କରିବାରେ ସହାୟକ ହୋଇଥାଏ ।

**୪. ଜାତୀୟ ବିକାଶର ସହାୟକ :** ଶିକ୍ଷା ସମାଜର ଏକ ମୌଳିକ ଅଧିକାର ଅଟେ । ଏହା ସମାଜର ମାନଦଣ୍ଡ ଅଟେ । ଶିକ୍ଷା ମାନବସମ୍ବଳ ସୃଷ୍ଟିରେ ସହାୟକ ହୋଇଥାଏ । ବହୁ ସାମାଜିକ, ଅର୍ଥନୈତିକ ଓ ପରିବେଶ ଜନିତ ସମସ୍ୟାର ସମାଧାନ ପ୍ରାକୃତିକ ସମ୍ବଳ ଉପରେ ଯେତିକି ନିର୍ଭର କରେ ମାନବସମ୍ବଳର ଆବଶ୍ୟକତା ସେତିକି ଦରକାର ହୋଇଥାଏ । ଶିକ୍ଷା ବୃତ୍ତିଗତ ତଥା ଅର୍ଥନୈତିକ ବ୍ୟବସ୍ଥା ସମ୍ବନ୍ଧୀୟ ଦକ୍ଷତା ଓ ମାନବୃତ୍ତି ନିମନ୍ତେ ଜ୍ଞାନ ଓ କୌଶଳ ପ୍ରଦାନ କରିଥାଏ । ଯେତେବେଳେ ଦକ୍ଷ ମାନବସମ୍ବଳ ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ ଉଦ୍ୟମ ଜାରିରଖିଥାଆନ୍ତି, ସେତେବେଳେ ସମାଜର ସର୍ବାଙ୍ଗୀନ ଉନ୍ନତି ଘଟିଥାଏ । ଶିକ୍ଷା ବ୍ୟକ୍ତି, ସମାଜ ଓ ଜାତିପାଇଁ ଅତ୍ୟାବଶ୍ୟକ ଅଟେ । ଏହା ବ୍ୟକ୍ତିର ସହଜାତ ଗୁଣର ବିକାଶ, ବ୍ୟକ୍ତିତ୍ୱ ବିକାଶରେ ସାହାଯ୍ୟ କରିବା ସହିତ,ଏକ ଉତ୍ତମ ନାଗରିକର ଭୂମିକା ନିର୍ବାହ କରିବା ନିମନ୍ତେ ପ୍ରଭାବିତ କରିଥାଏ । ଶିକ୍ଷା ସାମାଜିକ ପରିବର୍ତ୍ତନ ଓ ସାମାଜିକ ନିୟନ୍ତ୍ରଣ ମାଧ୍ୟମରେ ସମାଜର ବିକାଶ ଆଣିଥାଏ । ଏହା ଐକ୍ୟ, ସଂହତି, ଭାତୃତ୍ୱ, ନାଗରିକର ଦାୟିତ୍ୱ ଓ ବଳିଷ୍ଠ ନେତୃତ୍ୱର ସହାୟକ ହୋଇଥାଏ ।

## ସମାଜ ବିଜ୍ଞାନ ଦୃଷ୍ଟିକୋଣରୁ ଶିକ୍ଷାର ଗୁରୁତ୍ୱ

ଶିକ୍ଷା ସମାଜର ଏକ ଉପବ୍ୟବସ୍ଥା ଅଟେ । ପ୍ରତ୍ୟେକ ସମାଜ ଆବଶ୍ୟକତା ଭିତ୍ତିରେ ତା'ର ଶିକ୍ଷା ବ୍ୟବସ୍ଥା ସ୍ଥିର କରିଥାଏ । ଶିକ୍ଷା ବ୍ୟବସ୍ଥା ଏକ ଉତ୍ପାଦନ ବ୍ୟବସ୍ଥା ଯାହା ଶିକ୍ଷିତ ମାନବପୁଞ୍ଜି କରିଥାଏ । ଏମାନେ ସୃଷ୍ଟି ସମାଜର ଉତ୍ପାଦନ ଓ ଉନ୍ନତି ପ୍ରକ୍ରିୟାକୁ ପ୍ରଭାବିତ କରିଥାଆନ୍ତି । ପ୍ରଖ୍ୟାତ ସମାଜ ବିଜ୍ଞାନୀ ଇମାଇଲ୍ ଦୁର୍ଖେମ୍ ଶିକ୍ଷାକୁ ପ୍ରକାର୍ଯ୍ୟାତ୍ମକ ଦୃଷ୍ଟିକୋଣରୁ ଆଲୋଚନା କରିଛନ୍ତି । ତାଙ୍କ ମତରେ ଶିକ୍ଷା ସାମାଜିକ ଲକ୍ଷ୍ୟ ପ୍ରାପ୍ତିର ଏକ ମାଧ୍ୟମ ଯାହା ସମାଜ ତିଷ୍ଠି ରହିବା ପାଇଁ ଓ ନିରବଛିନ୍ନ ଭାବେ କାର୍ଯ୍ୟସମ୍ପାଦନ କରିବା ପାଇଁ ଉଦ୍ଦିଷ୍ଟ । ଶିକ୍ଷଭିତ୍ତିକ

ସମାଜରେ ଶିକ୍ଷା ଉପଯୁକ୍ତ ମାନବ ସମ୍ବଳ ସୃଷ୍ଟି କରିଥାଏ । ଶିକ୍ଷା ଏକ ସୁସଂଗଠିତ ବ୍ୟବସ୍ଥା ଯାହା ବୈଜ୍ଞାନିକ ଜ୍ଞାନ କୌଶଳକୁ ଶିକ୍ଷାନୁଷ୍ଠାନ ମାଧ୍ୟମରେ ହସ୍ତାନ୍ତରିତ କରିଥାଏ । ବିଭିନ୍ନ ବୃତ୍ତିପାଇଁ ଦକ୍ଷ ଓ ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତି ଚୟନ କରି ଶିକ୍ଷା ଦକ୍ଷତା ଅନୁସାରେ ସମାଜରେ ଉପଯୁକ୍ତ ସ୍ଥାନରେ ସ୍ଥାନିତ କରିଥାଏ । ଶିକ୍ଷା ନୂତନ ପିଢ଼ୀକୁ ସମାଜର ମୁଖ୍ୟ ମୂଲ୍ୟବୋଧ ଓ ସଂସ୍କୃତି ସହିତ ସାମିଲ୍ କରି ଏହାକୁ ଗୋଟିଏ ପିଢ଼ୀରୁ ଅନ୍ୟ ପିଢ଼ୀକୁ ହସ୍ତାନ୍ତରିତ କରିଥାଏ । ସମାଜବିଜ୍ଞାନୀ ଟାଲ୍‌କଟ୍ ପାର୍‌ସନ୍‌ସ ଶିକ୍ଷାର ପ୍ରକାର୍ଯ୍ୟଗତ ଆବଶ୍ୟକତା ସପକ୍ଷରେ ମତ ଦେଇଛନ୍ତି । କାର୍ଲମାର୍କ୍ସଙ୍କ ମତରେ ଆଧୁନିକ ଶିକ୍ଷା ପୁଞ୍ଜିବାଦୀ ସମାଜ ସୃଷ୍ଟି କରିଥାଏ ଓ ସମାଜରେ ପ୍ରଭାବଶାଳୀ ଗୋଷ୍ଠୀର କ୍ଷମତା ବଜାୟ ରଖିବାରେ ସାହାଯ୍ୟ କରେ । ଶିକ୍ଷା ପୁଞ୍ଜିବାଦ ସମାଜରେ ଦକ୍ଷ, ନମ୍ର ଶ୍ରମଶକ୍ତି ସୃଷ୍ଟିକରେ । ଏହା ବାଧ୍ୟ ଓ ଆଜ୍ଞାଧିନ ଶ୍ରମିକ ଶ୍ରେଣୀ ସୃଷ୍ଟିକରି ପୁଞ୍ଜିବାଦର ଆବଶ୍ୟକତାକୁ ପୂରଣ କରିବା ସଙ୍ଗେ ସଙ୍ଗେ ଏହାକୁ ସୁଦୃଢ଼ କରିଥାଏ । କାର୍ଲ ମାର୍କ୍ସଙ୍କ ମତରେ ଶିକ୍ଷା ସମାନତା ପରିବର୍ତ୍ତେ ଅସମାନତା ସୃଷ୍ଟିକରି ଏହାକୁ ଆଇନ୍ ସମ୍ମତ କରିଥାଏ ।

## ଅର୍ଥନୈତିକ ଅନୁଷ୍ଠାନ

### (Economic Institution)

ସାମାଜିକ ସୁପରିଚାଳନା ପ୍ରତ୍ୟେକ ସମାଜର ସର୍ବପ୍ରଧାନ କାର୍ଯ୍ୟଅଟେ । ସେହିପରି ନିଜର ସଦସ୍ୟମାନଙ୍କର ମୌଳିକ ଆବଶ୍ୟକତାକୁ ପୂରଣ କରିବା ସମାଜର ମୂଳ ଲକ୍ଷ୍ୟ ଅଟେ । ସାମାଜିକ ବିକାଶର ପ୍ରତ୍ୟେକ ସ୍ତରରେ ମନୁଷ୍ୟ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଇତ୍ୟାଦିର ଆବଶ୍ୟକତା ଅନୁଭବ କରିଅଛି । ସଭ୍ୟତାର ଆରମ୍ଭରୁ ମନୁଷ୍ୟ ବଞ୍ଚିବା ପାଇଁ ଓ ତାର ଆବଶ୍ୟକତା ପୂରଣ କରିବା ପାଇଁ ବହୁ ସମୟ ବ୍ୟୟ କରୁଛି । ଆଧୁନିକ ଯୁଗରେ ମଣିଷ ମଧ୍ୟ ବଞ୍ଚିବା ପାଇଁ ତାର ଅଧିକାଂଶ ସମୟ ନିଜର ଅର୍ଥନୈତିକ ଆବଶ୍ୟକତା ପୂରଣ କରିବାରେ ବ୍ୟୟ କରୁଛି । ଅର୍ଥନୈତିକ ଆବଶ୍ୟକତା ଏକ ମୌଳିକ ଆବଶ୍ୟକତା ଅଟେ । ମନୁଷ୍ୟ ତାର ଏହି ଆବଶ୍ୟକତା ଗୁଡ଼ିକୁ କେତେକ ବ୍ୟବସ୍ଥା ଏବଂ ନିୟମ ଦ୍ୱାରା ପୂରଣ କରିଥାଏ । ଅର୍ଥାତ୍ ମନୁଷ୍ୟ ଅର୍ଥନୈତିକ ଆବଶ୍ୟକତା ସହିତ ଜଡ଼ିତ ଥିବା ବ୍ୟବସ୍ଥା ବା ନିୟମ ପଦ୍ଧତିକୁ ଅର୍ଥନୈତିକ ବ୍ୟବସ୍ଥା କୁହାଯାଏ । ମନୁଷ୍ୟ ନିଜର ଆବଶ୍ୟକତାକୁ ପୂରଣ କରିବା ପାଇଁ ଯେଉଁ ଉଦ୍ୟମ ଜାରି ରଖିଥାଏ, ତାହାକୁ ଅର୍ଥନୈତିକ ପ୍ରକାର୍ଯ୍ୟ କୁହାଯାଏ । ମନୁଷ୍ୟର ଏହି ଅର୍ଥନୈତିକ କାର୍ଯ୍ୟ ସହିତ ସଂପୃକ୍ତ ଅନୁଷ୍ଠାନଗୁଡ଼ିକର ଜଟିଳ ସଂରୂପକୁ ଅର୍ଥନୈତିକ ବ୍ୟବସ୍ଥା କୁହାଯାଏ । ଅର୍ଥନୈତିକ ବ୍ୟବସ୍ଥା ଦ୍ରବ୍ୟର ଉତ୍ପାଦନ, ଉପଭୋଗ ଓ ବଣ୍ଟନକୁ ବୁଝାଇଥାଏ ।

ଅର୍ଥନୀତି ଓ ସାମାଜିକ ଜୀବନର ବିଭିନ୍ନ ଦିଗ ପରସ୍ପର ସହିତ ଅଙ୍ଗାଅଙ୍ଗୀ ଭାବରେ ଜଡ଼ିତ । ସମାଜବିଜ୍ଞାନୀ ମାନେ ଏହି ଅର୍ଥନୀତି ବ୍ୟବସ୍ଥାକୁ ଅଧ୍ୟୟନ କରିବା ପାଇଁ ପ୍ରଚେଷ୍ଟା କରିଛନ୍ତି । ସମାଜ ବିଜ୍ଞାନ ସମାଜର ଏକ ଅଂଶ ଭାବେ ଅର୍ଥନୈତିକ ବ୍ୟବସ୍ଥାକୁ ଅଧ୍ୟୟନ କରିଥାଏ । ସମାଜ ବିଜ୍ଞାନ ସମାଜକୁ ଏକ ବ୍ୟବସ୍ଥା (System) ଓ ଅର୍ଥନୀତିକୁ ସମାଜର ଏକ ଉପବ୍ୟବସ୍ଥା (Sub-system) ରୂପେ ବିଚାର କରିଥାଏ । ସମାଜବିଜ୍ଞାନୀମାନେ ସମସ୍ତ ଅର୍ଥନୈତିକ କ୍ରିୟାକୁ ସାମାଜିକ କ୍ରିୟା ଭାବେ ଆଲୋଚନା କରିଥାନ୍ତି । ଅର୍ଥନୈତିକ କାର୍ଯ୍ୟଗୁଡ଼ିକ ସମାଜ

ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମନୁଷ୍ୟ ତାର ବିଭିନ୍ନ ଅର୍ଥନୈତିକ ଆବଶ୍ୟକତା ଗୁଡ଼ିକୁ ସାମାଜିକ ନୀତିନିୟମ ଅନୁସାରେ ପୂରଣ କରିଥାଏ । ଅର୍ଥନୈତିକ କାର୍ଯ୍ୟଗୁଡିକ ଅର୍ଥନୀତିରେ ଅଧ୍ୟୟନର ବିଷୟବସ୍ତୁ ଅଟେ । ଉତ୍ପାଦନ ସମୟରେ ସୃଷ୍ଟି ହେଉଥିବା ସାମାଜିକ ସଂପର୍କ ସମାଜ ବିଜ୍ଞାନ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ତେଣୁ ସମାଜ ବିଜ୍ଞାନ ଉତ୍ପାଦନ, ଉପଭୋଗ ଓ ବଣ୍ଟନ ପ୍ରଭୃତିରେ ବ୍ୟକ୍ତି ଭିତରେ ଯେଉଁ ଅନ୍ତଃକ୍ରିୟା ସୃଷ୍ଟି ହୁଏ, ତାହା ଉପରେ ଗୁରୁତ୍ୱ ଦେଇଥାଏ । ସମାଜ ଓ ଅର୍ଥନୀତି ପରସ୍ପର ପରିପୂରକ । ସମାଜବିନା ଅର୍ଥନୀତି ଅର୍ଥହୀନ ଅଟେ । ସେହିଭଳି ଅର୍ଥନୀତି ବିନା ସମାଜ ତିଷ୍ଠିବା ଅସମ୍ଭବ ଅଟେ । ଅର୍ଥନୀତି ସମାଜର ପରିଚାଳନା ଓ ବିକାଶରେ ସାହାର୍ଯ୍ୟ କରିଥାଏ । ଠିକ୍ ସେହିପରି ସମାଜ ଅର୍ଥନୀତିକୁ ପ୍ରଭାବିତ କରିଥାଏ ।

## ସଂପତ୍ତି

## (Property )

ସଂପତ୍ତି ସମାଜର ଏକ ମୌଳିକ ଓ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଅନୁଷ୍ଠାନ ଅଟେ । ସଂପତ୍ତି ସଂପ୍ରତ୍ୟୟକୁ ସାଧାରଣତଃ ଦୁଇଟି ଅର୍ଥରେ ବ୍ୟବହାର କରାଯାଇଅଛି । କେତେକଙ୍କ ମତରେ ସମ୍ପତ୍ତି କହିଲେ କିଛି ଦ୍ରବ୍ୟ ଓ ଜିନଷକୁ ବୁଝାଇଥାଏ । ସମ୍ପତ୍ତି ଜଣେ ବ୍ୟକ୍ତି ବା ଦଳେ ବ୍ୟକ୍ତିଙ୍କ ମାଲିକାନାରେ ଥିବା ବସ୍ତୁ ବା ଜିନିଷକୁ ବୁଝାଏ । ଏହି ଦୃଷ୍ଟିକୋଣରୁ ଜଣେ ବ୍ୟକ୍ତି ଧାରଣ କରିଥିବା ବସ୍ତୁ ବା ପଦାର୍ଥ ତାର ନିଜର ସଂମ୍ପତ୍ତି ଅଟେ । ଏହା ଉଭୟ ମୂର୍ତ୍ତ ଓ ଅମୂର୍ତ୍ତ ହୋଇପାରେ । ଯାହାକୁ ଛୁଇଁ ହୁଏ ବା ଦେଖିହୁଏ ତାହା ମୂର୍ତ୍ତ, ଯଥା - ବସ୍ତୁ , ଅଳଙ୍କାର, ବାସଗୃହ, ଯନ୍ତ୍ରପାତି, ଜମି ଇତ୍ୟାଦି ଅଟେ । ଯାହାକୁ ଦେଖିହୁଏ ନାହିଁ ବା ଛୁଇଁ ହୁଏ ନାହିଁ ତାହା ଅମୂର୍ତ୍ତ, ଯଥା- ଶୁଭେଚ୍ଛା , ସତ୍ତ୍ୱାଧିକାର (Copy right) **ବ୍ୟବସାୟ ସଂକେତ** (Trade mark) **ଅଟେ ।**

ଅନ୍ୟ କେତେକଙ୍କ ମତରେ ସମ୍ପତ୍ତି କେତେକ ଅଧିକାରକୁ ବୁଝାଇଥାଏ । ଏହା ମୋର ଓ ତୁମର ଧାରଣା ସୃଷ୍ଟି କରିଥାଏ । ଏହା ବ୍ୟକ୍ତିର ନିଜସ୍ୱ ଭାବେ ବା ମାଲିକାନାରେ ଯାହା ଥାଏ ତାହା ଦ୍ରବ୍ୟ ନୁହେଁ ବରଂ ଏହି ଦ୍ରବ୍ୟକୁ ବ୍ୟବହାର କରିବାର ଅଧିକାରକୁ ବୁଝାଏ । ସୀମିତ ଓ ମୂଲ୍ୟବାନ ଦ୍ରବ୍ୟ ଉପରେ ଥିବା ସାମାଜିକ ସ୍ୱୀକୃତିଭିତ୍ତିକ ଅଧିକାରକୁ ସମ୍ପତ୍ତି କୁହାଯାଏ । ସହଜ ଓ ମୁକ୍ତ ଭାବରେ ମିଳୁଥିବା ଦ୍ରବ୍ୟ ସମ୍ପତ୍ତି ହୋଇପାରିବ ନାହିଁ, ଯଥା - ପବନ ଓ ଆଲୋକ ।

### ସମ୍ପତ୍ତିର ସଂଜ୍ଞା ( Definition of property)

**ଆଣ୍ଡରସନ୍ ଏବଂ ପାର୍କର୍ (Anderson and Parker) :** "ସମ୍ପତ୍ତି କେତେକ ଦ୍ରବ୍ୟ ଓ ସେବାମାନଙ୍କୁ ନେଇ ଗଠିତ ଯାହା ସମାଜ ବ୍ୟକ୍ତିକୁ ବା ଦଳେ ବ୍ୟକ୍ତିକୁ ଏହାକୁ ଧାରଣ , ବ୍ୟବହାର ଓ ବିତରଣ କରିବାର ସ୍ୱତନ୍ତ୍ର ଅଧିକାର ପ୍ରଦାନ କରିଥାଏ" ।

(According to Anderson and Parker "property consists of goods and services that society gives an individual or group of individuals the exclusive right to possess, use and dispose off").

**କେ. ଡାଭିସ୍ (K Davis) :** "ସମ୍ପତ୍ତି କେତେକ ସ୍ୱଚ୍ଛ ଦ୍ରବ୍ୟ ଭିତ୍ତିରେ ଅନ୍ୟ ବ୍ୟକ୍ତି ବା ସମୂହମାନଙ୍କର ବିରୁଦ୍ଧରେ ଜଣେ ବ୍ୟକ୍ତି କିମ୍ବା ଦଳେ ବ୍ୟକ୍ତିମାନଙ୍କର ଅଧିକାର ଓ କର୍ତ୍ତବ୍ୟକୁ ନେଇ ଗଠିତ ।
(According to K Davis "Property consists of the rights and duties of one person or group as against all other persons and groups with respect to some scare goods").

**ମୋରିସ୍ ଜିନ୍ସବର୍ଗ (Morris Ginsberg) :** " ସଂପତ୍ତିକୁ କେତେଗୁଡିଏ ଅଧିକାର ଓ କର୍ତ୍ତବ୍ୟର ସମାହାର ରୂପେ ବର୍ଣ୍ଣନା କରାଯାଇ ପାରେ ଯାହାକି ବ୍ୟକ୍ତି ଓ ସମୂହ ମଧ୍ୟରେ ଥିବା ସଂପର୍କକୁ ସେମାନଙ୍କ ବସ୍ତୁବାଦୀ ଦ୍ରବ୍ୟ ଉପରେ ଥିବା ସେମାନଙ୍କର ନିୟନ୍ତ୍ରଣ ଭିତ୍ତିରେ ସଂଜ୍ଞା କରିଥାଏ ।
(According to Morris Ginsberg "property may be described as the set of rights and obligations which define the relations between individual or groups in respect of their control over material things").

**ଏଚ୍ .ଟି ମଜୁମଦାର (H.T Majumdar) :** "ସମ୍ପତ୍ତି ହେଉଛି ଉଭୟ ବସ୍ତୁବାଦୀ ଓ ଅବସ୍ତୁବାଦୀ । ବସ୍ତୁର ବ୍ୟବହାର ଏବଂ ବିତରଣ ବା ବିକ୍ରୟ ସମ୍ବନ୍ଧୀୟ ଅମୂର୍ତ୍ତ ଅଧିକାରକୁ ବୁଝାଏ । ଯେଉଁଠିକି ଲୋକରୀତି ଓ ଲୋକନିୟମ ଅନୁସାରେ ମାଲିକାନା ଅଧିକାର ବ୍ୟକ୍ତି ବା ସମୂହ ପାଇଁ ଘୋଷିତ ହୋଇଥାଏ ।
(According H.T Majumdar "property is the intangible right to use and disposal of a good material or non-material, in which ownership rights are affirmed for the group or a member or a set of members of the group by the people folkways and mores")

## ସମ୍ପତ୍ତିର ଲକ୍ଷଣ (Characteristics of Property)

**୧. ହସ୍ତାନ୍ତର ଯୋଗ୍ୟ (Transferability) :** ମାଲିକ ସମ୍ପତ୍ତିକୁ ବିକ୍ରି ,ବିନିମୟ ବା ଦାନଦ୍ୱାରା ହସ୍ତାନ୍ତର କରିପାରିବ । ତେଣୁ ସଂମ୍ପତ୍ତି ହସ୍ତାନ୍ତର ଯୋଗ୍ୟ ଅଟେ । ଜଣେ ଜମି ମାଲିକ ତାର ଜମିକୁ ଅନ୍ୟକୁ ବିକ୍ରୟ, ଦାନ ବା ବିନିମୟ ଦ୍ୱାରା ହସ୍ତାନ୍ତର କରିପାରିବ, କିନ୍ତୁ ଜଣେ ନିଜର କୌଶଳ ବା ଦକ୍ଷତାକୁ ହସ୍ତାନ୍ତର କରିପାରିବ ନାହିଁ । ତେଣୁ ଏହା ସମ୍ପତ୍ତି ନୁହେଁ ।

**୨.ସମ୍ପତ୍ତି ମାଲିକାନା ଓ ସମ୍ପତ୍ତି ଉପଭୋଗ (Property ownership and Property Enjoyment) :** ସମ୍ପତ୍ତି ମାଲିକାନା ଓ ସମ୍ପତ୍ତି ଅଧିକାର ଓ ଉପଭୋଗ ମଧ୍ୟରେ ପାର୍ଥକ୍ୟ ରହିଅଛି । ଜଣେ ବ୍ୟବହାର ବା ଉପଭୋଗ ନକରି ସମ୍ପତ୍ତିର ମାଲିକ ହୋଇପାରେ ଏବଂ ସେହିପରି ଅନ୍ୟ ଜଣେ ସମ୍ପତ୍ତିର ମାଲିକ ନହୋଇ ସମ୍ପତ୍ତି ତା ଅଧିନରେ ବା ଉପଭୋଗରେ ଥାଏ । ଉଦାହରଣ ସ୍ୱରୂପ ଜଣେ ରୟତ୍ (Tenant) ଅଧୀନରେ ବା ଉପଭୋଗରେ ଗୃହ ଥିଲାବେଳେ, ଏହାର ପ୍ରକୃତ ମାଲିକ ଅନ୍ୟଜଣେ ଥାଆନ୍ତି ।

**୩. ସମ୍ପତ୍ତି ଓ କ୍ଷମତାର ଦିଗ (Property and Power aspect) :** ସମ୍ପତ୍ତି ଅଧିକାର ବା ଧାରଣ କରିବାର ଅର୍ଥ ଅନ୍ୟମାନଙ୍କ ଉପରେ କ୍ଷମତାର ବ୍ୟବହାର କରିବାକୁ ବୁଝାଇଥାଏ । ସମ୍ପତ୍ତି ଥିବା ବ୍ୟକ୍ତି ସମ୍ପତ୍ତି ନ ଥିବା ବ୍ୟକ୍ତି ଉପରେ କ୍ଷମତା ଜାହିର୍ କରିଥାଏ । କିନ୍ତୁ ସମ୍ପତ୍ତି କେତେ ପରିମାଣରେ ମାଲିକଙ୍କୁ କ୍ଷମତାସୀନ କରାଇଥାଏ, ତାହା ତାର ଅଧିକାର ଉପରେ ନିର୍ଭର ନକରି ଅନ୍ୟମାନଙ୍କ ଆବଶ୍ୟକତାର ଗଭୀରତା ଓ ଦ୍ରବ୍ୟର ସ୍ୱଳ୍ପତା ଉପରେ ନିର୍ଭର କରିଥାଏ । ତେଣୁ ସମ୍ପତିର କ୍ଷମତାର ଦିଗ ରହିଅଛି ।

**୪. ସମ୍ପତ୍ତି ଓ ସ୍ୱଳ୍ପତା (Property and scarcity) :** ଉତ୍ପାଦନ ବା ଉତ୍ପତ୍ତିର ସ୍ୱଳ୍ପତା ଦୃଷ୍ଟିରୁ ସମ୍ପତ୍ତି ବ୍ୟବସ୍ଥା ସୃଷ୍ଟି ହୋଇପାରିଛି । ଯଦିଏହାର ଉତ୍ପତ୍ତି ପାଣି ଓ ପବନ ପରି ଅସୀମ ଓ ଅକ୍ଷୟ ହୋଇଥାଆନ୍ତା, ତା ହେଲେ ମାଲିକାନା ପାଇଁ କେହି ଦାବି କରିପାରିନଥାନ୍ତେ ।

**୫. ମୂର୍ତ୍ତ ଓ ଅମୂର୍ତ୍ତ :** ସମ୍ପତ୍ତିଗତ ଅଧିକାର ଉଭୟ ମୂର୍ତ୍ତ ଓ ଅମୁର୍ତ୍ତ ହୋଇପାରେ । ଜମି,ଘର ଓ ଅଳଙ୍କାର ମୂର୍ତ୍ତ ସମ୍ପତ୍ତି ହୋଇଥିବା ବେଳେ ବ୍ୟବସାୟରେ ସୁନାମ, ବହିର ସତ୍ତ୍ୱାଧିକାର ଅମୂର୍ତ୍ତ ଅଟେ ।

**୬. ସଂପତ୍ତି ଅଣମାନବୀୟ (Property is non-human) :** ସଂପତ୍ତି ଅର୍ନ୍ତଭୁକ୍ତ ଦ୍ରବ୍ୟ ବା ବସ୍ତୁର ନିଜସ୍ୱ ଅଧିକାର ନଥାଏ । ଉଦାହରଣ ସ୍ୱରୁପ ଘର ବା ଜମିର ନିଜସ୍ୱ ଅଧିକାର ନାହିଁ । ଏହା କେବଳ ଗୃହ ମାଲିକ ଓ ଜମିମାଲିକର ଉଦ୍ଦେଶ୍ୟ ପୂରଣ କରିଥାଏ ।

## ସମ୍ପତ୍ତିର ପ୍ରକାର ଭେଦ (Tytpes of property)

**୧ . ଘରୋଇ ସମ୍ପତ୍ତି (Private property) :** ଘରୋଇ ସମ୍ପତ୍ତି କହିଲେ ଯେଉଁ ଦ୍ରବ୍ୟଗୁଡିକ ଜଣେ ବ୍ୟକ୍ତି କିମ୍ବା ଦଳେ ବ୍ୟକ୍ତିଙ୍କ ମାଲିକାନାରେ ଥାଏ ଏବଂ ସେମାନେ ତାହାକୁ ନିଜ ଇଚ୍ଛାନୁସାରେ ବ୍ୟବହାର କରୁଥାନ୍ତି, ତାହାକୁ ଘରୋଇ ସମ୍ପତ୍ତି କୁହାଯାଏ । ଏହା କେବଳ ସେହି ବ୍ୟକ୍ତିର ସ୍ୱାର୍ଥ ପୂରଣ କରିଥାଏ । ଘରୋଇ ସମ୍ପତ୍ତି ଏକ ଅନୁଷ୍ଠାନ ଭାବେ ଆଧୁନିକ ସମାଜର ଏକ ବିଶେଷ ଲକ୍ଷଣ ଅଟେ ।

**୨. ଜନସାଧାରଣ ସମ୍ପତ୍ତି (Public property) :** ଜନସାଧାରଣ ସମ୍ପତ୍ତି ଘରୋଇ ସମ୍ପତ୍ତିର ବିପରୀତ ଅଟେ । ଜନସାଧାରଣ ସମ୍ପତ୍ତି ସାଧାରଣତଃ ସମୁଦାୟର ମାଲିକାନାରେ ରହିଥାଏ । କିନ୍ତୁ ବ୍ୟକ୍ତି ବା ସମୂହ ସମୁଦାୟର ପ୍ରତିନିଧି ଭାବେ ଦାୟିତ୍ୱରେ ରହିଥାଆନ୍ତି । ରେଳ ବିଭାଗ ଜନସାଧାରଣ ସମ୍ପତ୍ତିର ଉଦାହରଣ ଅଟେ । ଘରୋଇ ସମ୍ପତ୍ତି ଜନସାଧାରଣ ସମ୍ପତ୍ତିଠାରୁ ଭିନ୍ନ ଅଟେ । ଘରୋଇ ସମ୍ପତ୍ତି ଓ ଜନସାଧାରଣ ସମ୍ପତ୍ତି ମଧ୍ୟରେ ଥିବା ପାର୍ଥକ୍ୟ ଗୁଡିକ ନିମ୍ନରେ ପ୍ରଦାନ ହେଲା ।

୧ . ଘରୋଇ ସମ୍ପତ୍ତି ବ୍ୟକ୍ତି ବା ଦଳେ ବ୍ୟକ୍ତିଙ୍କ ମାଲିକାନାରେ ଥାଏ କିନ୍ତୁ ଜନସାଧାରଣ ସମ୍ପତ୍ତି ସମୁଦାୟ ବା ସମୁଦାୟର ପ୍ରତିନିଧି (ଜନସାଧାରଣ ) ବ୍ୟବହାର କରୁଥାଆନ୍ତି ।

୨. ଘରୋଇ ସମ୍ପତ୍ତି ମାଲିକଙ୍କ ଦ୍ୱାରା ବ୍ୟବହୃତ ହୋଇଥାଏ ଏବଂ ସେହି ବ୍ୟକ୍ତିଙ୍କର ହିତ ସାଧନା କରିଥାଏ । କିନ୍ତୁ ଜନସାଧାରଣଙ୍କ ହିତ ବା ମଙ୍ଗଳ ପାଇଁ ଜନସାଧାରଣ ସମ୍ପତ୍ତି ବ୍ୟବହୃତ ହୋଇଥାଏ ।

୩. ଘରୋଇ ସମ୍ପତ୍ତି ରାଷ୍ଟ୍ର ବା ଦେଶର ନିୟମ ପରିସରଭୁକ୍ତ । ଏହା ରାଷ୍ଟ୍ରର ନିୟମ ଦ୍ୱାରା ପରିଚାଳିତ ହୋଇଥାଏ ଓ ନିୟନ୍ତ୍ରିତ ହୋଇଥାଏ । ଜନସାଧାରଣ ସମ୍ପତ୍ତି ରାଷ୍ଟ୍ରର ସମ୍ପତ୍ତି ଓ ଏହାର ମାଲିକାନା ଅନ୍ତର୍ଭୁକ୍ତ ଅଟେ । ଏହା କୌଣସି ବାହ୍ୟ ନିୟମ ଦ୍ୱାରା ପରିଚାଳିତ ହୋଇ ନ ଥାଏ । ଘରୋଇ ସମ୍ପତ୍ତି ଏକ ବିବାଦୀୟ ଅନୁଷ୍ଠାନ ରୂପେ ପରିଗଣିତ ହୋଇଅଛି । ଏହାର ବହୁ ପୃଷ୍ଠପୋଷକ ଥିଲେ ମଧ୍ୟ ଏହା ସାମାଲୋଚିତ ହୋଇଅଛି । ଏହା ସାମାଜିକ ପ୍ରଗତିରେ ସହାୟକ ହୋଇଥାଏ । ପୁଞ୍ଜିବାଦ ଘରୋଇ ସମ୍ପତ୍ତି ଉପରେ ପ୍ରତିଷ୍ଠିତ ।

## ଘରୋଇ ସମ୍ପତ୍ତିର ଉପକାର (Advantages of Private Property )

**୧. କାର୍ଯ୍ୟ କରିବାର ଉତ୍ସାହ ସୃଷ୍ଟି (Incentive to work) :** ସମ୍ପତ୍ତି କାର୍ଯ୍ୟ କରିବାପାଇଁ ଉଦ୍ଦୀପନା ବା ଆଗ୍ରହ ସୃଷ୍ଟି କରିଥାଏ । ଏହା ବ୍ୟକ୍ତିକୁ କଠିନ ପରିଶ୍ରମ ପାଇଁ ଉତ୍ସାହିତ କରିଥାଏ ଓ ସମୁଦାୟର ହିତ ସାଧନ କରିଥାଏ ।

**୨. ପ୍ରାକୃତିକ ପ୍ରବୃତ୍ତିର ପୂର୍ଣ୍ଣତା (Satisfaction of Natural Instinct ) :** ପ୍ରତ୍ୟେକ ବ୍ୟକ୍ତି କୌଣସି ବସ୍ତୁକୁ ଲାଭକରିବା ପାଇଁ ଇଚ୍ଛା ପ୍ରକାଶ କରିବା ତାର ସହଜାତ ପ୍ରବୃତି ଅଟେ । ଅର୍ଥାତ୍ ବ୍ୟକ୍ତିର ଯାନବାହନ, ଘର, ସୁଖସ୍ୱଚ୍ଛନ୍ଦ, ବିଳାସବ୍ୟସନ ଇତ୍ୟାଦିକୁ ନିଜସ୍ୱ ଭାବରେ ଲାଭ କରିବାରେ ପ୍ରବୃତ୍ତି ବା ପ୍ରବଣତା ଥାଏ । ସେଥିପାଇଁ ସେ କଠିନ ପରିଶ୍ରମ କରିଥାଏ ଓ ଇଚ୍ଛାକୁ ପୂରଣ କରି ଗଭୀର ଆତ୍ମସନ୍ତୋଷ ଲାଭ କରିଥାଏ ।

**୩. ନିରାପଦ ଭ୍ୟବିଷ୍ୟତ (Security against Future ) :** ସମ୍ପତ୍ତି ବ୍ୟକ୍ତିକୁ ନିରାପଦ ଭବିଷ୍ୟତ ଯୋଗାଇଥାଏ । ସମ୍ପତ୍ତି ଦ୍ୱାରା ଭବିଷ୍ୟତ ଅନିଶ୍ଚିତତା, ଦୁର୍ଦ୍ଦିନ ଓ ଦାରିଦ୍ର୍ୟରୁ ରକ୍ଷା ମିଳିଥାଏ ।

**୪. ନୀତିଗତ ଯଥାର୍ଥତା (Ethically sound) :** ନୈତିକତା ଦୃଷ୍ଟିରୁ ଘରୋଇ ସମ୍ପତ୍ତି ପ୍ରଯୁଜ୍ୟ ଅଟେ । କାରଣ ଏହା ବ୍ୟକ୍ତିର କାର୍ଯ୍ୟଦକ୍ଷତା, ଉଦ୍ୟମ, କଠିନ ପରିଶ୍ରମ ଓ କର୍ମ ନିପୁଣତା ଇତ୍ୟାଦିକୁ ସମ୍ମାନ ଦେଇଥାଏ ଓ ପୁରସ୍କୃତ କରିଥାଏ । ଉଦାହରଣସ୍ୱରୂପ ପେନ୍‌ସିଲିନ୍ ଓ ରେଡ଼ିଓର ଉଦ୍ଭାବନ ଓ ଆବିଷ୍କାର କଠିନ ପରିଶ୍ରମ ପାଇଁ ସମ୍ଭବ ହୋଇଅଛି ।

**୫. ସାମାଜିକ ସଦ୍‌ଗୁଣର ବିକାଶ (Nurses social values ) :** ଘରୋଇ ସମ୍ପତ୍ତି ସଦ୍‌ଗୁଣ ସୃଷ୍ଟିରେ ସହାୟକ ହୋଇଥାଏ । ଏହା ବ୍ୟକ୍ତି ଭିତରେ ଉଦାରତା, ପରିବାର ପ୍ରତି ପ୍ରତିଶ୍ରୁତି, ସମାଜସେବା, ପରୋପକାର ଓ ସେବାପରାୟଣତା ଇତ୍ୟାଦି ଶିକ୍ଷା ଦେବାରେ ସହାୟକ ହୋଇଥାଏ ।

**୬. ଅର୍ଥନୈତିକ ପ୍ରଗତି (Economic progress) :** ସମ୍ପତ୍ତି ଅର୍ଥନୈତିକ ପ୍ରଗତିରେ ସହାୟକ ହୋଇଥାଏ । ପ୍ରତ୍ୟେକ ସଭ୍ୟତାକୁ ବିକାଶଶୀଳ କରିବାରେ ସମ୍ପତ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ସମ୍ପତ୍ତି ବ୍ୟକ୍ତିକୁ କଠିନ ପରିଶ୍ରମ କରିବାପାଇଁ ଉତ୍ସାହିତ କରିଥାଏ । ଫଳରେ ବ୍ୟକ୍ତି ଅର୍ଥ ଉପାର୍ଜନ କରିବାପାଇଁ ଉଦ୍ୟମ କରେ ଏବଂ ଶିଳ୍ପ, ବାଣିଜ୍ୟ ଓ କୃଷି କ୍ଷେତ୍ରରେ ନୂତନ ଉଦ୍ଭାବନ ଓ ଜ୍ଞାନ କୌଶଳ ସୃଷ୍ଟି କରି ଅର୍ଥନୈତିକ ପ୍ରଗତି ଆଣିଥାଏ ।

## ସମ୍ପତ୍ତିର ଅପକାର (Disadvantages of private property )

**୧. ଅସମାନତା ସୃଷ୍ଟି (Breeds in equality) :** ଘରୋଇ ସଂପତ୍ତି ସାମାଜିକ ଅସମାନତା ସୃଷ୍ଟି କରିଥାଏ । ସମ୍ପତ୍ତିର ସ୍ୱଳ୍ପତା ହେତୁ ପ୍ରତ୍ୟେକ ବ୍ୟକ୍ତି ଆବଶ୍ୟକତା ବା ଇଚ୍ଛାନୁସାରେ ଉପଲବ୍ଧ କରିପାରନ୍ତି ନାହିଁ । ବ୍ୟକ୍ତି କଠିନ ପରିଶ୍ରମ ଓ ଦକ୍ଷତା ଭିତ୍ତିରେ ସମ୍ପତ୍ତି ପ୍ରାପ୍ତ କରିଥାଏ । ଘରୋଇ ସମ୍ପତ୍ତି ଧନୀ ଓ ଦରିଦ୍ର ମଧ୍ୟରେ ଦୂରତା ସୃଷ୍ଟି କରିଥାଏ । ସମ୍ପତ୍ତିଗତ ଅଧିକାର ବ୍ୟକ୍ତିକୁ କ୍ଷମତାଶାଳୀ କରାଇଥାଏ । ସେମାନେ ସମାଜର ବଞ୍ଚିତଗୋଷ୍ଠୀ ଓ ଶାସନକଳକୁ ନିଜର ସ୍ୱାର୍ଥପାଇଁ ନିୟନ୍ତ୍ରିତ କରିଥାଆନ୍ତି ଓ ସାମୂହିକ ସ୍ୱାର୍ଥରେ ବାଧା ସୃଷ୍ଟି କରିଥାଆନ୍ତି ।

**୨. ପୁଞ୍ଜିବାଦର ପ୍ରୋତ୍ସାହକ (Encourages capitalism) :** ଘରୋଇ ସମ୍ପତ୍ତି ପୁଞ୍ଜିବାଦ ପ୍ରତିଷ୍ଠା କରିବାରେ ସହାୟକ ହୋଇଥାଏ ଯାହା ବ୍ୟକ୍ତି ଓ ସମାଜର କ୍ଷତିକାରକ ଅଟେ ।

**୩. ପ୍ରଲୋଭନ ବୃଦ୍ଧି (Encourages Greediness) :** ସମ୍ପତ୍ତି ଲୋଭ ଓ ଦୁର୍ନିତି ର ମୂଳ କାରଣ ଅଟେ । ଅଧିକ ଅର୍ଥ ଉପାର୍ଜନ କରିବା ପାଇଁ ଲୋଭ ଓ ମୋହ ସୃଷ୍ଟି କରିଥାଏ । ସମ୍ପତ୍ତି ବ୍ୟକ୍ତିକୁ ଲୋଭୀ କରିଥାଏ । ନୈତିକତା ଉପରେ ଏହାର ଗୁରୁତ୍ୱ ନଥାଏ । ଏହା ବ୍ୟକ୍ତି ଭିତରେ ନୈତିକତାର ଅଧୋପତନ ଆଣିଥାଏ ।

**୪. ମାନବିକ ମୂଲ୍ୟବୋଧର ଅବକ୍ଷୟ (Destruction of human values) :** ଘରୋଇ ସମ୍ପତ୍ତି ବ୍ୟକ୍ତିକୁ ସ୍ୱାର୍ଥପର କରିଥାଏ । ବ୍ୟକ୍ତି ଭିତରେ ବସ୍ତୁବାଦୀ ଚିନ୍ତାଧାରା ବୃଦ୍ଧି କରିଥାଏ । ଘରୋଇ ସମ୍ପତ୍ତି ବ୍ୟବସ୍ଥାରେ ପ୍ରତ୍ୟେକ ଜିନିଷ ଅର୍ଥଗତ ଦୃଷ୍ଟିରୁ ବିଚାର କରାଯାଏ ।

**୫. ଶୋଷଣ ନୀତି (Exploitation) :** ସମ୍ପତ୍ତି ସମାଜରେ ଅସମାନତାର ମୁଖ୍ୟ କାରଣ ଅଟେ । ଏହା ଶୋଷଣ ନୀତିକୁ ପ୍ରଶୟ ଦେଇଥାଏ ।

## ଶ୍ରମ ବିଭାଜନ

## Division of labour

ଶ୍ରମ ବିଭାଜନ ମାନବ ସମାଜର ଏକ ମୁଖ୍ୟ ସାମାଜିକ ଓ ଅର୍ଥନୈତିକ ଅନୁଷ୍ଠାନ ଅଟେ । ଏହା ଜଟିଳ ଆଧୁନିକ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ଅଟେ । ଶ୍ରମ ବିଭାଜନ ଏକ ପ୍ରକାର ବ୍ୟବସ୍ଥାକୁ ବୁଝାଏ ଯେଉଁଠି ଲୋକମାନେ ଏକ ସମୟରେ ଭିନ୍ନ ଭିନ୍ନ ପ୍ରକାର୍ଯ୍ୟ ସମ୍ପାଦନ କରିଥାନ୍ତି । ଯଦିଓ ଶ୍ରମବିଭାଜନ କହିଲେ କେବଳ ଶ୍ରମକୁ ବୁଝାଇଥାଏ ଏବଂ କେବଳ ଅର୍ଥନୈତିକ କ୍ଷେତ୍ରରେ ବ୍ୟବହୃତ ହୋଇଥାଏ, ତଥାପି ଆଧୁନିକ ସମାଜରେ ଏହା କେବଳ ଶ୍ରମ କ୍ଷେତ୍ରରେ ସୀମିତ ନରହି ଉତ୍ପାଦନର ସମସ୍ତ କ୍ଷେତ୍ରରେ ପ୍ରୟୋଗ ହୋଇଥାଏ ଏବଂ ଅର୍ଥନୀତି ବ୍ୟତିତ ଅନ୍ୟ କ୍ଷେତ୍ରରେ ମଧ ପରିଲକ୍ଷିତ ହୋଇଥାଏ । ପୁରାତନ ସମାଜରେ ସରଳ ଶ୍ରମ ବିଭାଜନ ଲିଙ୍ଗ ଭିତ୍ତିରେ ପରିଲକ୍ଷିତ ହେଉଥିଲା । ଶ୍ରମ ବିଭାଜନ ପ୍ରକାର୍ଯ୍ୟଗତ ଦୃଷ୍ଟିରୁ ଖୁବ୍ ଉଚ୍ଚ କୋଟୀର ହୋଇଥିବାରୁ ଏହା ପ୍ରତ୍ୟେକ ବୃହତ୍ ବା କ୍ଷୁଦ୍ର ମାନବ ସମାଜରେ ପରିଲକ୍ଷିତ ହୋଇଆସୁଅଛି । ଏହା ସହଯୋଗିତା ଓ ପରସ୍ପର ନିର୍ଭରଶୀଳ ନୀତି ଉପରେ ପ୍ରତିଷ୍ଠିତ । ଏହା ନିର୍ଦ୍ଦିଷ୍ଟ ବ୍ୟକ୍ତିକୁ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ନିଯୁକ୍ତି କରିଥାଏ ଏବଂ ବ୍ୟକ୍ତିକୁ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ସୁଦକ୍ଷ ଓ ନିପୁଣ କରିଥାଏ । ପ୍ରତ୍ୟେକ ବ୍ୟକ୍ତି ଦକ୍ଷତା, କ୍ଷମତା ଓ ଜ୍ଞାନ କୌଶଳରେ ପରସ୍ପର ଠାରୁ ଭିନ୍ନ ହୋଇଥାନ୍ତି । ଶ୍ରମ ବିଭାଜନ ସାଧାରଣତଃ ତିନି ପ୍ରକାର ଅଟେ ।

**୧. ସାମାଜିକ ଶ୍ରମ ବିଭାଜନ (Social Division of Labour)** : ଏହା ସାଧାରଣତଃ ବୃତ୍ତିଗତ ବିଭାଜନକୁ ବୁଝାଇଥାଏ । ସମାଜରେ ବିଭିନ୍ନ ବୃତ୍ତି ପରିଲକ୍ଷିତ ହୋଇଥାଏ , ଯଥା- କୃଷକ,ଶ୍ରମିକ,ବଢେଇ,ବୁଣାକାର, ଶିକ୍ଷକ, ଯନ୍ତ୍ରୀ ଡାକ୍ତର, ପୂଜକ,ସୈନିକ ଇତ୍ୟାଦି ଅଟେ ।

**୨. ଯାନ୍ତ୍ରିକ ଶ୍ରମବିଭାଜନ (Technical Division of Labour)** : ଏହା କୌଣସି କର୍ମ ସଂସ୍ଥା ବା ବଣିଜ୍ୟ ସଂସ୍ଥାରେ ଥିବା ବିଭାଜନକୁ ବୁଝାଇ ଥାଏ, ଯଥା – ମ୍ୟାନେଜର, ହିସାବରକ୍ଷକ,ବୁଣାକାର, ନକ୍ସାକାରୀ ବା ଅଙ୍କନକାରୀ, ଶ୍ରମିକ, ସମାପନକାରୀ ଇତ୍ୟାଦି ଅଟନ୍ତି । ଯାନ୍ତ୍ରିକ ବିଭାଜନ ଆଧୁନିକ ସମାଜର ଏକ ମୁଖ୍ୟ ଲକ୍ଷଣ ଅଟେ ।

**୩. ଆଞ୍ଚଳିକ ଶ୍ରମ ବିଭାଜନ (Territorial Division of Labour) :** କେତେକ ନିର୍ଦ୍ଦିଷ୍ଟ ସ୍ଥାନ ବା ଅଞ୍ଚଳ କିଛି ନିର୍ଦ୍ଦିଷ୍ଟ ଦ୍ରବ୍ୟ ପ୍ରସ୍ତୁତି ବା ଉତ୍ପାଦନ ପାଇଁ ସ୍ୱତନ୍ତ୍ର ଅଟେ, ଯଥା- ଅହମଦାବାଦ ଓ ବମ୍ବେର ସୂତା କାରଖାନା, ଆଗ୍ରା ଓ କାନପୁରର ଚମଡା କାରଖାନା ଅଟେ ।

ଶ୍ରମ ବିଭାଜନ ଆଧୁନିକ ଶିଳ୍ପଭିତ୍ତିକ ସମାଜର ଏକ ବିଶେଷ ଆବଶ୍ୟକୀୟ ଲକ୍ଷଣ ଅଟେ । ଏହାର ସାମାଜିକ ଓ ଅର୍ଥନୈତିକ ଦିଗକୁ ବୁଝିବା ପାଇଁ ଏହାର ଉପକାର ନିମ୍ନରେ ଆଲୋଚନା କରାଗଲା ।

## ଶ୍ରମ ବିଭାଜନର ଉପକାର (Merits of Division of Labour)

**୧. ଉପଯୁକ୍ତ ବ୍ୟକ୍ତି ଉପଯୁକ୍ତ ସ୍ଥାନ ପାଏ (The right man in the right place) :** ଶ୍ରମ ବିଭାଜନ ପ୍ରତ୍ୟେକ ବ୍ୟକ୍ତିକୁ ତାର ଯୋଗ୍ୟତା ଅନୁସାରେ ଉପଯୁକ୍ତ ବୃତ୍ତି ଯୋଗାଇଥାଏ । ବ୍ୟକ୍ତି ଯେଉଁ କାର୍ଯ୍ୟ ପାଇଁ ଦକ୍ଷ ଓ ଉପଯୁକ୍ତ ତାକୁ ସେହି କାର୍ଯ୍ୟରେ ବ୍ୟବହାର କରାଯାଏ । ଫଳରେ କାର୍ଯ୍ୟଗୁଡିକ ଠିକ୍ ଭାବରେ ସମ୍ପାଦିତ କରାଯାଏ ।

**୨. ବ୍ୟକ୍ତିର ଦକ୍ଷତା ବୃଦ୍ଧିରେ ସହାୟକ (Helps the worker to become expert) :** ଶ୍ରମ ବିଭାଜନ ଶ୍ରମିକର କାର୍ଯ୍ୟ ଦକ୍ଷତା ବୃଦ୍ଧିକରେ । ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ବାରମ୍ବାର କରିବା ଫଳରେ ସେହି କାର୍ଯ୍ୟରେ ବ୍ୟକ୍ତି ଅଭିଜ୍ଞତା ଲାଭ କରିଥାଏ । ଶ୍ରମ ବିଭାଜନ ଉତ୍କୃଷ୍ଟ ଉତ୍ପାଦନରେ ସହାୟକ ହୋଇଥାଏ ଓ କାରିଗରୀ ବିଦ୍ୟାରେ ଉନ୍ନତି ଆଣିଥାଏ ।

**୩. ଉତ୍ପାଦନର ବହୁଳତା (Largescale production) :** ଶ୍ରମ ବିଭାଜନରେ ଶ୍ରମିକମାନେ ଦକ୍ଷ ହୋଇଥିବାରୁ ଶିଳ୍ପାନୁଷ୍ଠାନ ଓ କଳକାରଖାନାଗୁଡିକ ଆଧୁନିକ ଯନ୍ତ୍ରପାତି ଓ କଳକବ୍ଜା ବ୍ୟବହାର କରି ଅଧିକରୁ ଅଧିକ ବସ୍ତୁ ବା ଦ୍ରବ୍ୟ ଉତ୍ପାଦନ କରିଥାନ୍ତି ।

**୪. ବସ୍ତୁର ଗୁଣାତ୍ମକ ମାନ ବୃଦ୍ଧି (Improved quality product at low cost) :** ଶ୍ରମବିଭାଜନ ବ୍ୟବସ୍ଥାରେ ଉତ୍ପାଦିତ ଦ୍ରବ୍ୟର ଗୁଣାତ୍ମକମାନ ବୃଦ୍ଧି କରାଯାଇଥାଏ । ଯନ୍ତ୍ରପାତି ଓ ଶିଳ୍ପଭିତ୍ତିକ ବ୍ୟବସ୍ଥାରେ ଦ୍ରବ୍ୟ ବହୁ ପରିମାଣରେ ଉତ୍ପାଦନ ହେଉଥିବାରୁ ଉତ୍ପାଦିତ ବସ୍ତୁ ବା ଦ୍ରବ୍ୟର ମୂଲ୍ୟ କମ୍ ଦାମ୍‌ରେ ଧାର୍ଯ୍ୟ କରାଯାଏ ।

**୫. ଉଦ୍ଭାବନ (Invention) :** ଏକ ପ୍ରକାର କାର୍ଯ୍ୟକୁ ବାରମ୍ବାର ଏବଂ ଧାରାବାହିକ ଭାବରେ କରିବା ଫଳରେ ବହୁ ସମୟରେ ନୂଆ ଚିନ୍ତାଧାରା ସୃଷ୍ଟି ହୋଇଥାଏ । ଏହା ନୂତନ ଉଦ୍ଭାବନ ସୃଷ୍ଟି କରିବାରେ ସହାୟକ ହୋଇଥାଏ । ଉଦ୍ଭାବନ ଅର୍ଥନୈତିକ ପ୍ରଗତି ଆଣିଥାଏ ।

**୬. କମ୍ ଶାରିରୀକ ଓ ମାନସିକ ଚାପ (Less Physical and Mental strains) :** କଳକାରଖାନାର ଉତ୍ପାଦନ ବ୍ୟବସ୍ଥାରେ ପ୍ରତ୍ୟେକ ବ୍ୟକ୍ତିକୁ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାପାଇଁ ଦାୟିତ୍ୱ ଦିଆଯାଇଥିବା ହେତୁ ବ୍ୟକ୍ତି ତାର କାର୍ଯ୍ୟ ସହିତ ଅଭ୍ୟସ୍ତ ଥାଏ । ଫଳରେ ବ୍ୟକ୍ତିର ଶାରିରୀକ ଓ ମାନସିକ ଚାପ କମ୍ ଥାଏ ।

## ଶ୍ରମ ବିଭାଜନର ଅପକାରିତା (Demerits of division of labour)

**୧. ନିରସତାବୋଧ (Monotony)** : ଶ୍ରମ ବିଭାଜନରେ ଏକପ୍ରକାର କାମକୁ ବାରମ୍ବାର କରିବା ଦ୍ୱାରା ଶ୍ରମିକର ନିଜ ବୃତ୍ତିରେ ନିରସତା ଓ ବିରକ୍ତିଭାବ ଆସିଥାଏ ।

**୨. ନିର୍ଭରଶୀଳତା (Dependence)** : ଉତ୍ପାଦନ ପ୍ରକ୍ରିୟାରେ ଯେ କୌଣସି ବସ୍ତୁ ଉତ୍ପାଦନ ନିମନ୍ତେ ବ୍ୟକ୍ତିକୁ ତାର କାର୍ଯ୍ୟ ପାଇଁ ଅନ୍ୟ ବ୍ୟକ୍ତିର କାର୍ଯ୍ୟ ଉପରେ ନିର୍ଭରଶୀଳ ହେବାକୁ ପଡ଼ିଥାଏ । ଅର୍ଥାତ ଶ୍ରମ ବିଭାଜନ ନିର୍ଭରଶୀଳତା ନୀତି ଉପରେ ପ୍ରତିଷ୍ଠିତ ଥାଏ ।

**୩. ବେକାରୀ ସମସ୍ୟା (Unemployment) :** ଶିଳ୍ପଭିତ୍ତିକ ଉତ୍ପାଦନ ବହୁ ପରିମାଣରେ ଯାନ୍ତ୍ରିକ ବ୍ୟବସ୍ଥା ଉପରେ ନିର୍ଭର କରିଥାଏ । ଆବଶ୍ୟକତା ଦୃଷ୍ଟିରୁ ବହୁ ଅତ୍ୟାଧୁନିକ ଯନ୍ତ୍ରପାତି କଳକାରଖାନାରେ ବ୍ୟବହୃତ ହେଉଥିବା ହେତୁ ଏଥିରେ ଖୁବ୍ କମ୍ ଶ୍ରମିକଙ୍କ ଆବଶ୍ୟକତା ପଡ଼େ । ତେଣୁ ବହୁ ବ୍ୟକ୍ତିକୁ କାର୍ଯ୍ୟରୁ ଅବ୍ୟାହତ ଦିଆଯାଇଥାଏ ।

**୪. ବ୍ୟକ୍ତିତ୍ୱର ବିକାଶରେ ପ୍ରତିବନ୍ଧକ (Checks Development of Personality) :** ଶ୍ରମ ବିଭାଜନରେ ବ୍ୟକ୍ତିର କାର୍ଯ୍ୟଦକ୍ଷତା ସୀମିତ ଥାଏ । ଏକ ପ୍ରକାର କାର୍ଯ୍ୟକୁ ବାରମ୍ବାର କରିବା ଫଳରେ ବ୍ୟକ୍ତିର ଜ୍ଞାନର ପରିସୀମା ସୀମିତ ହୋଇଥାଏ ଓ ଦକ୍ଷତା କମିଯାଏ । ଏହା ତାର ବ୍ୟକ୍ତିତ୍ୱର ବିକାଶରେ ବାଧା ସୃଷ୍ଟି କରେ ।

**୫. ସଞ୍ଚଳନରେ ବାଧା (Checks Mobility) :** ଏହା ବୃତ୍ତିଗତ ସଞ୍ଚଳନରେ ପ୍ରତିବନ୍ଧକ ସୃଷ୍ଟି କରେ । ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ଦ୍ୱାରା ବ୍ୟକ୍ତିର ସେହି କାର୍ଯ୍ୟରେ ଦକ୍ଷତା ବୃଦ୍ଧି ପାଇଥାଏ କିନ୍ତୁ ଅନ୍ୟାନ କାର୍ଯ୍ୟ ଗୁଡ଼ିକରେ ଯାନ୍ତ୍ରିକ ଜ୍ଞାନ ସୀମିତ ଥାଏ । ତେଣୁ ଏହି ଅଭିଜ୍ଞତାରେ ଅନ୍ୟ ସଂସ୍ଥାରେ ବୃତ୍ତି ପାଇବା ସମ୍ଭବ ହୁଏ ନାହିଁ ଫଳରେ ସଞ୍ଚଳନରେ ବାଧା ସୃଷ୍ଟି ହୋଇଥାଏ ।

**୬. କାର୍ଯ୍ୟପ୍ରତି ଦାୟିତ୍ୱବୋଧ ଓ ଗର୍ବ ହ୍ରାସ (Loss of Responsibility and Pride)**: ଶିଳ୍ପସଂସ୍ଥାମାନଙ୍କରେ ବସ୍ତୁର ଉତ୍ପାଦନ ଗୋଟିଏ ବ୍ୟକ୍ତି ଦ୍ୱାରା ସମ୍ପାଦିତ ନ ହୋଇ ବହୁବ୍ୟକ୍ତିଙ୍କ ମିଳିତ ଉଦ୍ୟମରେ ସମ୍ପନ୍ନ ହୋଇଥାଏ । ଉତ୍ପାଦିତ ବସ୍ତୁ ଉପରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଅବଦାନ କମ୍ଥାଏ । ଉତ୍ପାଦିତ ବସ୍ତୁକୁ ନେଇ ବ୍ୟକ୍ତି ଆତ୍ମସନ୍ତୋଷ ଲାଭ କରିପାରେ ନାହିଁ ।  ବ୍ୟକ୍ତି କାର୍ଯ୍ୟରୁ ଦାୟିତ୍ୱବୋଧ ଓ ଅଭିମାନ ହରାଇଥାଏ ।

ଶ୍ରମବିଭାଜନର ଜଟିଳ ପ୍ରକୃତି ସମ୍ପର୍କରେ ପ୍ରଖ୍ୟାତ ଅର୍ଥନୀତିଜ୍ଞ ଆଦାମ ସ୍ମିଥ (Adam Smith) ୧୭୭୬ ମସିହାରେ ପିନ୍ (Pin) ର ଉତ୍ପାଦନକୁ ବର୍ଣ୍ଣନା କରିବା ସମୟରେ ଉଲ୍ଲେଖ କରିଥିଲେ । କିନ୍ତୁ ଆଦାମ୍ ସ୍ମିଥ୍ଙ୍କ ଏହି ବାଖ୍ୟା ଜଟିଳ ଶ୍ରମ ବିଭାଜନର ସାମାଜିକ ଓ ମନସ୍ତାତ୍ତ୍ୱିକ ଫଳାଫଳ ବିଷୟରେ କୌଣସି ଆଲୋକପାତ କରିନଥିଲେ । କିନ୍ତୁ କାର୍ଲମାର୍କସ ଏବଂ ଇମାଇଲ୍ ଦୁର୍ଖିମ ଶ୍ରମ ବିଭାଜନକୁ ବିଭିନ୍ନ ଦିଗରୁ ବିଚାର କରି ନିଜ ନିଜ ଦୃଷ୍ଟି କୋଣରୁ ଆଲୋଚନା କରିଛନ୍ତି ।

## କାର୍ଲ ମାର୍କସ୍ଙ୍କ ଶ୍ରମ ବିଭାଜନ ସମ୍ବନ୍ଧୀୟ ମତ (Karl Marx view on Division of Labour)

ଶ୍ରମ ବିଭାଜନ ସମ୍ବନ୍ଧରେ କାର୍ଲମାର୍କସ୍ ନକରାତ୍ମକ ମତଘୋଷଣା କରିଛନ୍ତି । ତାଙ୍କ ମତରେ ସ୍ୱତନ୍ତ୍ର ଶ୍ରମ ବିଭାଜନ ଶ୍ରମିକକୁ ତାର ବୃତ୍ତିଗତ ଭୂମିକାରେ ବାନ୍ଧି ରଖିଥାଏ (Trapping) ଏବଂ ସମାଜକୁ ଦୁଇଗୋଟି ପରସ୍ପର ବିରୋଧୀ ସାମାଜିକ ଶ୍ରେଣୀରେ ବିଭକ୍ତ କରିଥାଏ । ମାର୍କସଙ୍କ ମତରେ ଏହି ପରସ୍ପର ବିରୋଧୀ ଶ୍ରେଣୀ ମଧ୍ୟରେ ସର୍ବଦା ସଂଘର୍ଷ ଦେଖାଦେଇଥାଏ । ପୁଞ୍ଜିବାଦୀ ସମାଜରେ ସ୍ୱତନ୍ତ୍ର ଶ୍ରମବିଭାଜନ ଯୋଗୁ ଶ୍ରମିକ କାର୍ଯ୍ୟରୁ ନିଜକୁ ଅଲଗା କରିଥାନ୍ତି, ଯାହାକୁ ମାର୍କସ ଶ୍ରମ ବିଚ୍ଛେଦ (Alienated Labour) ଆଖ୍ୟା ଦେଇଛନ୍ତି । ମାର୍କସଙ୍କ ମତ ଅନୁସାରେ

ଶ୍ରମର ଆଦର୍ଶଗତ ସମ୍ପର୍କ ବ୍ୟକ୍ତି ସହିତ ସୃଷ୍ଟିହେବା ସମ୍ଭବନୁହେଁ । ବ୍ୟକ୍ତି ନିଜର ଓ ଅନ୍ୟର ଆବଶ୍ୟକତା ପୂରଣ କରିବା ପାଇଁ କାର୍ଯ୍ୟ କରୁଥିବା ସମୟରେ ଶ୍ରମ ସଂପୂର୍ଣ୍ଣ ସନ୍ତୋଷଜନକ କାର୍ଯ୍ୟ ଭଳି ହୋଇଥାଏ । କିନ୍ତୁ ପ୍ରକୃତରେ ଏହା ମଣିଷର ଇଚ୍ଛା ଏବଂ ମାନବିକ ସମ୍ପର୍କକୁ ଧ୍ୱଂସ କରିଥାଏ । ଏହି ଅବସ୍ଥାରେ ବ୍ୟକ୍ତି କାର୍ଯ୍ୟରୁ ସନ୍ତୋଷ ଲାଭ କରିପାରେ ନାହିଁ । ଫଳରେ ସେ ନିଜ କାର୍ଯ୍ୟରୁ, ଉତ୍ପାଦନ ପ୍ରକ୍ରିୟାରୁ, ସମାଜରୁ ନିଜକୁ ଅଲଗା କରିଥାଏ । କାର୍ଯ୍ୟ ତା ପାଇଁ ସନ୍ତୋଷ ଆଣିବା ପରିବର୍ତ୍ତେ ବିରକ୍ତିକର ହୋଇଥାଏ ଓ ବ୍ୟକ୍ତିର କାର୍ଯ୍ୟ ବିଚ୍ୟୁତି ଘଟେ ।

**ଇମାଇଲ୍ ଦୁର୍ଖେଇମଙ୍କ ଶ୍ରମ ବିଭାଜନ ସମନ୍ଧୀୟ ମତ (Emile Durkheim's View on Division of Labour) :** 'ରାସୀ ସମାଜବିଜ୍ଞାନୀ ଇମାଇଲ୍ ଦୁର୍ଖ୍ୟମ୍ ଶ୍ରମ ବିଭାଜନକୁ ସକରାତ୍ମକ ଦୃଷ୍ଟିକୋଣରୁ ବିଚାର କରିଛନ୍ତି । ତାଙ୍କ ମତରେ ଶ୍ରମ ବିଭାଜନର ପ୍ରକାର୍ଯ୍ୟଗତ ଆବଶ୍ୟକତା ରହିଅଛି । ଦୁର୍ଖିମ୍ ଆଧୁନିକ ସମାଜରେ ଶ୍ରମ ବିଭାଜନର ସାମାଜିକ ଫଳାଫଳ ଗୁଡ଼ିକୁ ଆଲୋଚନା କରିଛନ୍ତି । ସେ ତାଙ୍କ ରଚିତ ପୁସ୍ତକ ସାମାଜିକ ଶ୍ରମ ବିଭାଜନରେ ବ୍ୟକ୍ତି (Individual ) ଓ ସମୁଦାୟର (Collectivity ) ସମ୍ପର୍କକୁ ବୁଝାଇଛନ୍ତି । ଦୁର୍ଖିମ ସାମାଜିକ ଏକତା ଓ ଶୃଙ୍ଖଳା ରକ୍ଷା କରୁଥିବା ବ୍ୟବହୃତ ମୂଲ୍ୟବୋଧ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଦୁର୍ଖିମଙ୍କ ମତରେ ଶ୍ରମବିଭାଜନ ଏକ ସାମାଜିକ ସତ୍ୟ (Social fact) ହୋଇଥିବାରୁ ଏହା ସମାଜ ବିଜ୍ଞାନ ଦୃଷ୍ଟି କୋଣରୁ ଆଲୋଚନା ଉପଯୋଗୀ ଅଟେ । ତାଙ୍କ ମତରେ ସାମାଜିକ ଏକତାର ପ୍ରକୃତି ଶ୍ରମ ବିଭାଜନ ଉପରେ ନିର୍ଭର କରେ । ଦୁର୍ଖିମ୍ ଦୁଇପ୍ରକାର ସାମାଜିକ ଏକତା ମଧ୍ୟରେ ପାର୍ଥକ୍ୟ ଦର୍ଶାଇଛନ୍ତି । ଯାନ୍ତ୍ରିକ ଏକତା (Mechanical Solidarity) ଓ ଜୈବିକ ଏକତା (Organic Solidarity)

ଯାନ୍ତ୍ରିକ ଏକତା ପ୍ରାଚୀନ ସରଳ ଓ ଦଳବଦ୍ଧ ସମାଜର ଏକ ଲକ୍ଷଣ ହୋଇଥିବାବେଳେ ଜୈବିକ ଏକତା ଆଧୁନିକ ଶିଳ୍ପଭିତ୍ତିକ ସମାଜର ଲକ୍ଷଣ ଅଟେ । ଦୁର୍ଖିମଙ୍କ ମତରେ ଯାନ୍ତ୍ରିକ ଏକତା ସ୍ତରରେ ସାମଞ୍ଜସ୍ୟତା ପରିଲକ୍ଷିତ ହେଉଥିଲା ବେଳେ ଜୈବିକ ଏକତା ସ୍ତରରେ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ ଓ ପରସ୍ପର ମଧ୍ୟରେ ଅନ୍ତଃନିର୍ଭରଶୀଳତା ସେମାନଙ୍କୁ ନିକଟତର କରି ସାମାଜିକ ଏକତା ସ୍ଥାପନ କରିଥାଏ । ଯାନ୍ତ୍ରିକ ଏକତାରେ ଶ୍ରମ ବିଭାଜନ ଅତ୍ୟନ୍ତ ସରଳ ହୋଇଥିବା ବେଳେ ଜୈବିକ ଏକତାରେ ଶ୍ରମ ବିଭାଜନ ଜଟିଳ ହୋଇଥାଏ । ସରଳ ସମାଜରେ ଯାନ୍ତ୍ରିକ ଏକତାରେ ବ୍ୟକ୍ତି ପରସ୍ପର ଠାରୁ ଅଲଗା ନଥିଲେ । ପ୍ରତ୍ୟେକ ଏକ ପ୍ରକାର କାର୍ଯ୍ୟ ସମ୍ପାଦନ କରୁଥିଲେ । ସମସ୍ତଙ୍କର ଅନୁଭୂତି ଓ ଚିନ୍ତା ଚେତନା ସମାନଥିଲା ଓ ସାଧାରଣ ପ୍ରତିମାନକୁ ଗ୍ରହଣ କରୁଥିଲେ । ଏଥିରେ ବ୍ୟକ୍ତି ବିଶେଷ ପରିବର୍ତ୍ତେ ସାମୁହିକ ସଚେତନତା ପରିଲକ୍ଷିତ ହେଉଥିଲା । ସାମୁହିକ ଚେତନା ବ୍ୟକ୍ତିଗତ ଚେତନାକୁ ନିୟନ୍ତ୍ରଣ କରୁଥିଲା । ପରସ୍ପର ମଧ୍ୟରେ ସାମଞ୍ଜସ୍ୟତା ପ୍ରତିଷ୍ଠା ହୋଇପାରିଥିଲା । ଚାପଜନିତ ଆଇନ୍ ଦ୍ୱାରା ଆଦିମ ସମାଜ ପରିଚାଳିତ ହେଉଥିଲା । ଜୈବିକ ଏକତାରେ ବ୍ୟକ୍ତି ଏକ ସମୁଦାୟର ହୋଇଥିଲେ ମଧ୍ୟ ସେମାନେ ପରସ୍ପର ଠାରୁ ଅଲଗା ହୋଇଥାନ୍ତି । ଉଭୟଙ୍କ ମଧ୍ୟରେ ସମାନତା ପରିବର୍ତ୍ତେ ବିଭିନ୍ନତା ଦେଖା ଦେଇଥାଏ । ପରସ୍ପର ନିର୍ଭରଶୀଳତା ମାଧ୍ୟମରେ ସାମାଜିକ ଏକତା ରହିଥାଏ । ସାମାଜିକ ସଂହତି ଓ ଶୃଙ୍ଖଳା ସଦସ୍ୟମାନଙ୍କର ସାମଞ୍ଜସ୍ୟତା ଉପରେ ନିର୍ଭର ନକରି ବିଭେଦତା ଉପରେ ପ୍ରତିଷ୍ଠିତ ଥିଲା । ଜନ ସଂଖ୍ୟା ଓ ଘନତ୍ୱର ବୃଦ୍ଧି, ବୃତ୍ତିଗତ ପାର୍ଥକ୍ୟ, ସାମାଜିକ ଜଟିଳତା, ଦ୍ରୁତ ଉଦ୍ୟୋଗୀକରଣ, ବ୍ୟକ୍ତିସ୍ୱାତନ୍ତ୍ର ଇତ୍ୟାଦି ଜୈବିକ ଏକତାରେ ପରିଲକ୍ଷିତ ହେଉଥିଲା । ଆଧୁନିକ ସମାଜରେ ସଂସ୍କାରମୂଳକ (Restitutive Law) ଆଇନ୍ ପ୍ରଚଳିତ ଥିଲା । ଆଧୁନିକ ସମାଜରେ ଅପରାଧର କାରଣ ଅନ୍ୱେଷଣ କରି ତାକୁ ସେଥିରୁ ନିବୃତ୍ତ କରିବାପାଇଁ ଗୁରୁତ୍ୱ ଦିଆଯାଉଅଛି ।

ଦୁର୍ଖିମଙ୍କ ମତରେ ମାନବ ସମାଜ ସମୟକ୍ରମେ ବିକାଶ ପ୍ରକ୍ରିୟା ଯୋଗୁ ଯାନ୍ତ୍ରିକ ଏକତାରୁ ଜୈବିକ ଏକତା ଆଡ଼କୁ ଗତି କରିଥାଏ । ଜନସଂଖ୍ୟାର ବୃଦ୍ଧି ଓ ସାମାଜିକ ମୂଲ୍ୟବୋଧ ଶ୍ରମ ବିଭାଜନକୁ ପ୍ରଭାବିତ କରିଥାଏ । ଜନସଂଖ୍ୟା ବୃଦ୍ଧି ଫଳରେ ସମାଜ କ୍ରମେ ଜଟିଳ ସମାଜରେ ପରିଣତ ହୋଇଥାଏ । ସମାଜରେ ଜଟିଳତା ବୃଦ୍ଧି ପାଇଲେ ଶ୍ରମ ବିଭାଜନରେ ଜଟିଳତା ଓ ଅଭିବୃଦ୍ଧି ଘଟିଥାଏ ।

ଦୁର୍ଖେଇମ୍ ଶ୍ରମ ବିଭାଜନକୁ ଦୁଇଭାଗରେ ବିଭକ୍ତ କରିଛନ୍ତି । ସାଧାରଣ ଶ୍ରମ ବିଭାଜନ (Normal Division of Labour) ଏବଂ ଅନିୟମିତ ଶ୍ରମ ବିଭାଜନ (Abnormal Division of Labour) ସାଧାରଣ ଶ୍ରମ ବିଭାଜନ ସାମାଜିକ ଏକତା ଓ ଶୃଙ୍ଖଳାକୁ ମଜବୁତ୍  କରୁଥିବା ବେଳେ ଅନିୟମିତ ଶ୍ରମ ବିଭାଜନ ସାମାଜିକ ଶୃଙ୍ଖଳାକୁ ଦୁର୍ବଳ କରିଥାଏ । ଅନିୟମିତ ଶ୍ରମ ବିଭାଜନ ଦୁଇ ପ୍ରକାର ଅଟେ । ଅପ୍ରତୀମାନ (Anomic) ଶ୍ରମ ବିଭାଜନ ଏବଂ ଚାପ ପ୍ରୟୋଗ (Forced) ଶ୍ରମ ବିଭାଜନ ।

ଶ୍ରମ ବିଭାଜନର ଜଟିଳତା ଯୋଗୁ ସାମାଜିକ ପ୍ରତିମାନର ନିୟନ୍ତ୍ରଣ ହ୍ରାସ ପାଇଥାଏ ଓ ଏହା କଳୁଷିତ ହୋଇଥାଏ । ବ୍ୟକ୍ତି ଓ ସମାଜ ଉଭୟଙ୍କ ମ୍ନରେ ଏକ ଅପ୍ରତୀମାନ ଅବସ୍ଥା ସୃଷ୍ଟି ହୁଏ । ଯାହାକୁ ଦୁର୍ଖିମ୍ ଆନୋମି ବୋଲି ବର୍ଣ୍ଣନା କରିଛନ୍ତି । ଦୁର୍ଖିମ୍ ଏହି ଶବ୍ଦଟିକୁ ବ୍ୟକ୍ତିର ମାନସିକ ସ୍ଥିତିକୁ ବୁଝିବାପାଇଁ ବ୍ୟବହୃତ କରିଛନ୍ତି । ଏହି ଅବସ୍ଥାରେ ବ୍ୟକ୍ତି ଅନ୍ୟ ସହିତ ସଂପର୍କ ଛିନ୍ନ କରିଥାଏ । ବ୍ୟକ୍ତି ନିଜର ଚରିତ୍ରକୁ ନିୟନ୍ତ୍ରିତ କରିବାପାଇଁ କୌଣସି ନିର୍ଦ୍ଦେଶନା ପାଏ ନାହିଁ । ସମାଜର ଆବଶ୍ୟକତା ପରିବର୍ତ୍ତେ ବ୍ୟକ୍ତି ନିଜର ବ୍ୟକ୍ତିଗତଇଚ୍ଛାକୁ ପୂର୍ଣ୍ଣ କରିବା ପାଇଁ ପ୍ରଭାବିତ ହୋଇଥାଏ । ସାମାଜିକ ନିୟନ୍ତ୍ରଣ ବ୍ୟକ୍ତି ଚରିତ୍ରକୁ ନିୟନ୍ତ୍ରିତ କରିବା ପାଇଁ ଅସମର୍ଥ ହୋଇପଡେ । ଫଳରେ ସମାଜ କଳୁଷିତ ହେବାକୁ ଲାଗେ ।

ଆର୍ କେ ମର୍ଟନ ଆନୋମିକୁ ଏକ ଭିନ୍ନ ଅର୍ଥରେ ବ୍ୟବହାର କରିଛନ୍ତି । ଦୁର୍ଖିମଙ୍କ ଆନୋମି ସଂପ୍ରତୟଟି ଆର୍ କେ ମର୍ଟନ ଦ୍ୱାରା ବିସ୍ତୃତ ଭାବରେ ବ୍ୟବହୃତ ହୋଇଅଛି । ତାଙ୍କ ମତରେ ଯେତେବେଳେ ସାଂସ୍କୃତିକ ପ୍ରତିମାନ ଏବଂ ଲକ୍ଷ ମଧ୍ୟରେ ବହୁ ବିଭେଦ ଥାଏ ଓ ସେଥିରେ ସଂଯୋଗ ନଥାଏ ଏବଂ ବ୍ୟକ୍ତି ମାନଙ୍କ ମଧ୍ୟରେ ସେହି ସାମାଜିକ ନିୟମ ଅନୁଯାୟୀ କାର୍ଯ୍ୟକରିବାର ସାମର୍ଥ ନଥାଏ, ସେତେବେଳେ ସମାଜରେ ଆନୋମି ବା ଅପ୍ରତିମାନ ଅବସ୍ଥା ସୃଷ୍ଟି ହୁଏ । ମର୍ଟନ ସାଂସ୍କୃତିକ ଲକ୍ଷ ଓ ଏହାକୁ ପୁରଣ କରିବା ପାଇଁ ଆନୁଷ୍ଠାନିକ ମଧ୍ୟମ ମଧ୍ୟରେ ପାର୍ଥକ୍ୟ ଦର୍ଶାଇଛନ୍ତି । କେତେକ ସମାଜରେ ଲକ୍ଷ ହାସଲର ମାଧ୍ୟମ ଅପେକ୍ଷା ଲକ୍ଷ ଉପରେ ଅଧିକ ଗୁରୁତ୍ୱ ଦେଇଥାନ୍ତି । ଆର୍ କେ ମର୍ଟନ ଆମେରିକା ସମାଜର ଉଦାହରଣ ଦେଇ ଏହାକୁ ଏକ ଆନୋମିକ୍ ସମାଜରୂପେ ଗ୍ରହଣ କରିଛନ୍ତି । ତାଙ୍କ ମତରେ ଏହି ସମାଜରେ ସାଂସାରିକ ସଫଳତା, ସଧାରଣତଃ ପ୍ରାଚୁର୍ଯ୍ୟ ବା ବିଭବ ଉପରେ ଗୁରୁତ୍ୱ ଦେଇଥାଏ । କିନ୍ତୁ ଲକ୍ଷପୂରଣ ପାଇଁ ଉଚିତ୍ ମାଧ୍ୟମ ଗ୍ରହଣ କରିବା ପାଇଁ ଗୁରୁତ୍ୱ ଦେଇନଥାଏ । ଫଳରେ ବ୍ୟକ୍ତି ବିପଦଗାମୀ ହୋଇଥାଏ । ତେଣୁ ମର୍ଟନଙ୍କ ମତରେ ସାଂସ୍କୃତିକ ଲକ୍ଷ ଓ ଏହାକୁ ପୂରଣ କରିବାପାଇଁ ସାମାଜିକ କଟକଣା ମଧ୍ୟରେ ଦେଖାଦେଇଥିବା ବିରୋଧଭାବ ଅପ୍ରତିମାନ ଅବସ୍ଥା ବା ଆନୋମି ସୃଷ୍ଟିକରିଥାଏ ।

⊠○⊠

# ଆଦର୍ଶ ପ୍ରଶ୍ନାବଳୀ

## Group - A
## Objective Type
## 'କ' ବିଭାଗ
### ଅତି ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

**କ. ନିମ୍ନଲିଖିତ ବିକଳ୍ପଗୁଡିକ ମଧ୍ୟରୁ ସଠିକ୍ ଉତ୍ତର ପ୍ରଦାନ କର ।**

**(Multiple Choice Questions)**

୧. ପରିବାର ଶବ୍ଦଟି କେଉଁ ଭାଷାରୁ ଆସିଅଛି ।
(କ)ଲାଟିନ୍ (ଖ) ଜର୍ମାନ (ଗ) ଫରାସୀ

୨. ପରିବାର ଶବ୍ଦଟି କେଉଁ ଶବ୍ଦରୁ ଆନୀତ ।
(କ) ସୋସିଅସ୍ (ଖ)ଲୋଗସ୍ (ଗ) ଫାମୁଲସ୍ (ଘ) ଅପେରାରି

୩. ଫାମୁଲସ୍ ଶବ୍ଦର ଅର୍ଥ କଣ ?
(କ) ବିବାହ (ଖ)ଚାକର (ଗ)ଜ୍ଞାତି (ଘ) ମାଲିକ

୪. ପରିବାର ଏକ
(କ) ରାଜନୈତିକ ଏକକ (ଖ) ସାମାଜିକ ଏକକ (ଗ) ଧର୍ମୀୟ ଏକକ

୫. ନିମ୍ନୋକ୍ତ ମଧ୍ୟରୁ କେଉଁଟି ପରିବାର ବୈଶିଷ୍ଟ୍ୟ ଅଟେ ।
(କ) ସାମାଜିକ ନୀତିନିୟମ (ଖ) ସାଧାରରଣ ବାସସ୍ଥଳୀ (ଗ) ଜନସଂଖ୍ୟା (ଘ) ଏକତା ମନୋଭାବ

୬. ପରିବାର କେଉଁମାନଙ୍କୁ ନେଇ ଗଠିତ ।
(କ) ମାଲିକ ଓ ଚାକର (ଖ) ପିତୃପୁରୁଷ (ଗ) ସ୍ୱାମୀ, ସ୍ତ୍ରୀ ଓ ସେମାନଙ୍କର ସନ୍ତାନ ସନ୍ତତି

୭. "ପରିବାର ହେଉଛି କେତେକ ବ୍ୟକ୍ତିଙ୍କର ଏକ ସମୂହ, ଯେଉଁମାନେ ପରସ୍ପର ରକ୍ତ ସମ୍ପର୍କୀୟ ଅଟନ୍ତି ଏବଂ ସେମାନେ ପରସ୍ପର ଜ୍ଞାତିରୂପେ ପରିଚିତ ହେଇଥାଆନ୍ତି" :- ଏହି ଉକ୍ତିଟି କିଏ ପ୍ରଦାନ କରିଛନ୍ତି ।
(କ) ମାକାଇଭର୍ ଏବଂ ପେଜ୍ (ଖ) କେ ଡେଭିସ୍ (ଗ) ଅଗବର୍ଣ୍ଣ ଏବଂ ନିମ୍‌କୋଫ୍

୮. ଏକାଧିକ ପରିବାରର ମିଶ୍ରଣରେ କେଉଁ ପରିବାର ସୃଷ୍ଟିହୁଏ ।
(କ) ଯୌଥ ପରିବାର (ଖ) ବହୁ ପତିକ ପରିବାର (ଗ)ଏକକ ପରିବାର (ଘ) ପିତୃ ସ୍ଥାନିକ ପରିବାର

୯. ନିମ୍ନୋକ୍ତ ମଧ୍ୟରୁ କେଉଁଟିକୁ ଯୌଥ ପରିବାର କୁହାଯାଏ ।
(କ) ଦାମ୍ପତ୍ୟ ପରିବାର (ଖ) ଏକକ ପରିବାର (ଗ) ବିସ୍ତାରିତ ପରିବାର (ଘ) ପିତୃସ୍ଥାନିକ ପରିବାର

୧୦. କାହାକୁ ବକ୍ତିବାଦୀ ପରିବାର କୁହାଯାଏ ।
(କ) ଯୌଥ ପରିବାର (ଖ) ଏକକ ପରିବାର (ଗ) ପିତୃସ୍ଥାନିକ ପରିବାର (ଘ) ମାତୃ କୈନ୍ଦ୍ରିକ ପରିବାର

୧୧. କେଉଁ ପରିବାରରେ ଅନ୍ତଃ ବିବାହର ନିୟମକୁ ଅନୁସରଣ କରି ତାର ସଦସ୍ୟମାନେ ନିଜ ଜାତି,ଗୋତ୍ର ବା ସମୂହ ମଧ୍ୟରେ ବୈବାହିକ ସମ୍ବନ୍ଧ ସ୍ଥାପନ କରିଥାନ୍ତି ।
(କ) ଅନ୍ତର୍ବିବାହୀ (ଖ) ବହିର୍ବିବାହୀ (ଗ) ପିତୃକୈନ୍ଦ୍ରିକ (ଘ) ମାତୃକୈନ୍ଦ୍ରିକ

୧୨. ଜ୍ଞାତିତ୍ୱ ଏକ ସାମାଜିକ ।
(କ) ଦଳ (ଖ) ସଂଘ (ଗ) ଅନୁଷ୍ଠାନ (ଘ) ସମିତି
୧୩. ପ୍ରତ୍ୟେକ ବ୍ୟକ୍ତି ଦୁଇଟି ଏକକ ପରିବାରର ଅଂଶବିଶେଷ । କିଏ କହିଛନ୍ତି ।
(କ) କମ୍‌ଟେ (ଖ)ମୁରଡକ୍ (ଗ) ରିଭର୍ସ (ଘ) ସ୍ପେନ୍ସର୍
୧୪. ଜ୍ଞାତିତ୍ୱ ଏକ ସୁବ୍ୟବସ୍ଥିତ ସମ୍ପର୍କର ବ୍ୟବସ୍ଥା ଯେଉଁଥିରେ ଜ୍ଞାତିମାନେ ପରସ୍ପର ଜଟିଳ ସାମାଜିକ ବନ୍ଧନରେ ବାନ୍ଧିହୋଇ ରହିଥାନ୍ତି । ଏହି ସଂଜ୍ଞାଟି କିଏ ଦେଇଛନ୍ତି ।
(କ) ରେଡ୍‌କ୍ଲିଫ୍ ବ୍ରାଉନ୍ (ଖ) ଥିଓଡରସନ୍ (ଗ) ସ୍ପେନ୍ସର୍ (ଘ) ମୁରଡକ୍
୧୫. ଜ୍ଞାତିତ୍ୱ ଏକ ସାମାଜିକ ସମ୍ପର୍କ ଯାହା
(କ) ରକ୍ତସମ୍ପର୍କ ଓ ବିବାହଦ୍ୱାରା ବ୍ୟକ୍ତିମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥାଏ ।
(ଖ) ପୋଷ୍ୟପୁତ୍ର ଦ୍ୱାରା ବ୍ୟକ୍ତି ମଧ୍ୟରେ ସୃଷ୍ଟି ହୋଇଥାଏ ।
(ଗ) ପୁରୁଷାନୁକ୍ରମିକ ଦ୍ୱାରା ସୃଷ୍ଟି ହୋଇଥାଏ ।
(ଘ) ସାମାଜିକ ଆଇନ୍ କାନୁନ୍ ଦ୍ୱାରା ସୃଷ୍ଟି ହୋଇଥାଏ ।
୧୬. ବ୍ୟକ୍ତି ପ୍ରତ୍ୟକ୍ଷ ଓ ଘନିଷ୍ଠ ସମ୍ପର୍କରେ ବନ୍ଧା ହୋଇଥିଲେ ତାହା କେଉଁ ପ୍ରକାର ଜ୍ଞାତି ?
(କ) ପିତୃ ରେଖୀୟ ଜ୍ଞାତି (ଖ) ମାତୃରେଖୀୟ ଜ୍ଞାତି (ଗ) ପ୍ରାଥମିକ ଜ୍ଞାତି (ଘ) ଗୌଣ ଜ୍ଞାତି
୧୭. ବ୍ୟକ୍ତିର ପ୍ରାଥମିକ ଜ୍ଞାତିର ପ୍ରାଥମିକ ଜ୍ଞାତି ସେହି ବ୍ୟକ୍ତିର
(କ) ପ୍ରାଥମିକ ଜ୍ଞାତି (ଖ) ଗୌଣ ଜ୍ଞାତି (ଗ) ତୃତୀୟକ ଜ୍ଞାତି
୧୮. ବ୍ୟକ୍ତିର ଗୌଣ ଜ୍ଞାତିର ପ୍ରାଥମିକ ଜ୍ଞାତି ସେହି ବ୍ୟକ୍ତିର
(କ) ପିତୃବଂଶୀୟ ଜ୍ଞାତି (ଖ) ମାତୃରେଖିୟ ଜ୍ଞାତି (ଗ) ତୃତୀୟକ ଜ୍ଞାତି
୧୯. ନିମ୍ନୋକ୍ତ ମଧ୍ୟରୁ କେଉଁଟି ପ୍ରାଥମିକ ଜ୍ଞାତି ନୁହେଁ ।
(କ) ପିତା (ଖ) ଭାଇ (ଗ) ଭଉଣୀ (ଘ) ଭାଉଜ
୨୦. କେଉଁଟି ବିବାହ ସମ୍ବନ୍ଧୀୟ ଜ୍ଞାତିତ୍ୱର ଅନ୍ତର୍ଭୁକ୍ତ ନୁହେଁ ।
(କ) ଶଶୁର (ଖ) ଶଳା (ଗ)ଶାଳୀ (ଘ) ଭାଇ
୨୧. ଯଦି ବ୍ୟକ୍ତି ପୂର୍ବ ଓ ପର ପିଢି ପୁରୁଷମାନଙ୍କୁ ନେଇ ଗଠିତ, ତେବେ ସେମାନଙ୍କୁ କେଉଁ ଜ୍ଞାତି କୁହାଯାଏ ।
(କ) ସଗୋତ୍ର ଜ୍ଞାତି (ଖ) ତୃତୀୟକ ଜ୍ଞାତି (ଗ) ପିତୃ ବଂଶୀୟ ଜ୍ଞାତି
୨୨. ଶିକ୍ଷାର ଲାଟିନ୍ ଭାଷା ଅଟେ ।
(କ) ଶିକ୍ଷ୍ (ଖ) ବିଦ୍ (ଗ) ଏଜୁକେୟାର୍
୨୩. ଶିକ୍ଷା ସଂସ୍କୃତ ଶବ୍ଦରୁ ଆସିଅଛି ।
(କ) ଶିକ୍ଷ୍ (ଖ) ଏଜୁସିଅର୍ (ଗ) ଏଜୁକେଟମ୍
୩୪. ଶିକ୍ଷା ଶବ୍ଦଟି 'ଶାସ୍' ଶବ୍ଦରୁ ଆସିଅଛି ଏହାର ଅର୍ଥ ।
(କ) ନିୟନ୍ତ୍ରଣ କରିବା (ଖ) ତାଲିମ୍ ଦେବା (ଗ) ଆଗେଇ ନେବା

୨୫. ଶିକ୍ଷା ଶବ୍ଦଟି ସଂସ୍କୃତ ଧାତୁରୁପ ବିଦ୍ ଶବ୍ଦରୁ ଆନୀତ । ଏହାର ଅର୍ଥ ।
(କ) ଜାଣିବା (ଖ) ଶୃଙ୍ଖଳା ରକ୍ଷା (ଗ)ନିର୍ଦ୍ଦେଶ ଦେବା

୨୬. ଶିକ୍ଷାର ଅର୍ଥ ।
(କ)ଅନ୍ତର୍ନିହିତ ଗୁଣର ପରିପ୍ରକାଶ (ଖ)ଶୃଙ୍ଖଳିତ ହେବା (ଗ) ଦିଗ୍ଦର୍ଶନ ଦେବା

୨୭. ଶିକ୍ଷା ଏକ ।
(କ) ନିରବଚ୍ଛିନ ପ୍ରକ୍ରିୟା (ଖ) ଆତ୍ମିକ ପ୍ରକ୍ରିୟା (ଗ) ସଂକୀର୍ଣ୍ଣ ପ୍ରକ୍ରିୟା

୨୮. ଏଜୁକେୟାର୍ ଅର୍ଥ ।
(କ)ଜାଣିବା (ଖ) ପାଳନ କରିବା (ଗ) ତାଲିମ୍ ଦେବା

୨୯. ଶିକ୍ଷା ବ୍ୟକ୍ତିକୁ ପ୍ରସ୍ଥିତି ପ୍ରଦାନ କରିଥାଏ ।
(କ) ଅଭିଜ୍ଞତାନୁସାରେ (ଖ) ଦକ୍ଷତାନୁସାରେ (ଗ) ପ୍ରତିଯୋଗିତାନୁସାରେ

୩୦. ଶିକ୍ଷା ଏକ ପ୍ରକ୍ରିୟା ଯାହାଦ୍ୱାରା ଅନ୍ତର୍ନିହିତ ଶକ୍ତିର ବହିଃପ୍ରକାଶ ସାଧିତ ହୋଇଥାଏ । ଉକ୍ତିଟି କିଏ ପ୍ରଦାନ କରିଛନ୍ତି ।
(କ) ଜନ୍ ଡୁଇ (ଖ)ଫ୍ରୋବେଲ୍ (ଗ) ଆଡାମସ୍

୩୧. ଆତ୍ମାର ମୁକ୍ତି ଶିକ୍ଷାର ଏକମାତ୍ର ଲକ୍ଷ୍ୟ ଅଟେ । ଏହି ଉକ୍ତିଟି କାହାର ?
(କ) ଋକ୍ ବେଦ (ଖ)ଉପନିଷଦ୍ (ଗ) ଭଗବତ ଗୀତା

୩୨. ମନୁଷ୍ୟକୁ ପୂର୍ଣ୍ଣାଙ୍ଗ ଜୀବନ ଯାପନ ପାଇଁ ପ୍ରସ୍ତୁତ କରିବା ହିଁ ଶିକ୍ଷା । କିଏ କହିଥିଲେ ।
(କ) ସ୍ପେନସର (ଖ)ପ୍ଲାଟୋ (ଗ) ଆରିଷ୍ଟୋଟଲ୍

୩୩. ଅର୍ଥନୀତି ସମାଜର ଏକ :-
(କ)ସାମାଜିକବ୍ୟବସ୍ଥା (ଖ)ଉପ-ବ୍ୟବସ୍ଥା (ଗ) ରାଜନୈତିକ ଅନୁଷ୍ଠାନ ।

୩୪. ଅର୍ଥନୈତିକ ଆବଶ୍ୟକତା ଏକ :-
(କ)ସାଧାରଣ ଆବଶ୍ୟକତା (ଖ) ମୌଳିକ ଆବଶ୍ୟକତା (ଗ) ସାମାଜିକ ଆବଶ୍ୟକତା

୩୫. ସମ୍ପତ୍ତି ଏକ :-
(କ)ସାମାଜିକ ଅନୁଷ୍ଠାନ (ଖ)ଅର୍ଥନୈତକି ଅନୁଷ୍ଠାନ (ଗ) ଧର୍ମୀୟ ଅନୁଷ୍ଠାନ

୩୬. ବସ୍ତ୍ର ଓ ଅଳଙ୍କାର କେଉଁ ସମ୍ପତ୍ତି ଅର୍ନ୍ତଭୂକ୍ତ:-
(କ) ମୂର୍ତ୍ତ (ଖ) ଅମୂର୍ତ୍ତ (ଗ) ଘରୋଇ

୩୭. ଶ୍ରମବିଭାଜନ କହିଲେ କେଉଁଟିକୁ ବୁଝାଯାଏ :-
(କ) ଲିଙ୍ଗ ଭିତ୍ତିକ (ଖ) ଶ୍ରମ ଭିତ୍ତିକ (ଗ)ଜାତି ଭିତ୍ତିକ

୩୮. ଶ୍ରମବିଭାଜନକୁ ସାଧାରଣତଃ କେତେ ଭାଗରେ ବିଭକ୍ତ କରାଯାଇଅଛି ।
(କ)ଦୁଇପ୍ରକାର (ଖ) ତିନିପ୍ରକାର (ଗ)ଚାରିପ୍ରକାର

୩୯. ସମ୍ପତ୍ତି କେତେକ ସ୍ୱଚ୍ଛ ଦ୍ରବ୍ୟଭିତ୍ତିରେ ଅନ୍ୟ ବ୍ୟକ୍ତି ବା ସମୂହ ମାନଙ୍କର ବିରୁଦ୍ଧରେ ଜଣେ ବ୍ୟକ୍ତି କିମ୍ବା ଦଳେ ବ୍ୟକ୍ତିମାନଙ୍କର ଅଧିକାର ଓ କର୍ତ୍ତବ୍ୟକୁ ନେଇ ଗଠିତ । ଏହି ଉକ୍ତିଟି କିଏ ପ୍ରଦାନ କରିଛନ୍ତି ।
(କ) ଆଣ୍ଡରସନ୍ ଏବଂ ପାର୍କର (ଖ) କେ ଡ଼େଭିସ୍ (ଗ) ଏଚ୍.ଟି. ମଜୁମଦାର

**(ଖ) ନିମ୍ନ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଶବ୍ଦ କିମ୍ବା ଗୋଟିଏ ବାକ୍ୟରେ ପ୍ରଦାନ କର ।**

୧. ପରିବାର କେଉଁ ଭାଷାରୁ ଆସିଅଛି ?
୨. ଫାମୁଲସର ଅର୍ଥ କଣ ?
୩. ପରିବାର କେଉଁ ସମ୍ପର୍କ ଉପରେ ପ୍ରତିଷ୍ଠିତ ।
୪. ପରିବାର କେଉଁମାନଙ୍କୁ ନେଇ ଗଠିତ ।
୫. ପରିବାରର ଦୁଇଟି ସାଧାରଣ ବୈଶିଷ୍ଟ ଉଲ୍ଲେଖ କର ।
୬. ପରିବାରର ଗୋଟିଏ ସ୍ୱତନ୍ତ ଲକ୍ଷଣ ଉଲ୍ଲେଖ କର ।
୭. ଆକାର ଅନୁସାରେ ପରିବାରକୁ କେତେ ଭାଗରେ ବିଭକ୍ତ କରାଯାଇଛି ।
୮. ମୁରଡକ୍ ଏକକ ପରିବାରକୁ କେତେ ଭାଗରେ ବିଭକ୍ତ କରିଛନ୍ତି ।
୯. ପିତୃତାନ୍ତ୍ରିକ ପରିବାରର ମୁଖ୍ୟ କିଏ ?
୧୦. ମାତୃତାନ୍ତ୍ରିକ ପରିବାରର ମୁଖ୍ୟ କିଏ ?
୧୧. ଗୋଟିଏ ପୁରୁଷ ଗୋଟିଏ ସ୍ତ୍ରୀକୁ ବିବାହ କରି ଯେଉଁ ପରିବାର ଗଠନ କରାଯାଏ, ତାକୁ କଣ କୁହାଯାଏ ।
୧୨. ପରିବାରର ଗୋଟିଏ ଅପରିହାର୍ଯ୍ୟ ପ୍ରକାର୍ଯ୍ୟ ଉଲ୍ଲେଖ କର ।
୧୩. ସମାଜଦ୍ୱାରା ସ୍ୱୀକୃତିପ୍ରାପ୍ତ, କଳ୍ପିତ ତଥା ରକ୍ତ ସମ୍ବନ୍ଧ ଦ୍ୱାରା ଆଧାରିତ ସମ୍ବନ୍ଧକୁ କଣ କୁହାଯାଏ ।
୧୪. ରକ୍ତ ସର୍ମ୍ପକ ଦ୍ୱାରା ସମ୍ପର୍କିତ ଜ୍ଞାତିକୁ କଣ କୁହାଯାଏ ।
୧୫. ବିବାହ ମାଧ୍ୟମରେ ଯେଉଁ ସର୍ମ୍ପକ ସ୍ଥାପନ କରାଯାଏ । ତାହା କେଉଁ ଶ୍ରେଣୀର ଜ୍ଞାତି ଅଟେ ।
୧୬. ଘନିଷ୍ଠତା ଓ ଦୂରତା ଅନୁସାରେ ଜ୍ଞାତିତ୍ୱକୁ କେତେ ଭାଗରେ ବିଭକ୍ତ କରାଯାଇଛି ।
୧୭. ଯେଉଁ ବ୍ୟକ୍ତିମାନେ ପ୍ରତ୍ୟକ୍ଷ ଓ ଘନିଷ୍ଠ ସର୍ମ୍ପକରେ ଆବଦ୍ଧ ହୋଇଥାଆନ୍ତି,ତାହା କେଉଁ ପ୍ରକାର ଜ୍ଞାତି ଅଟେ ।
୧୮. ବ୍ୟକ୍ତିର ପ୍ରାଥମିକ ଜ୍ଞାତିମାନଙ୍କର ପ୍ରାଥମିକ ଜ୍ଞାତି ସେହି ବ୍ୟକ୍ତିର କେଉଁ ଜ୍ଞାତି ଅଟେ ।
୧୯. ଦାଦା, ମାମୁଁ, ଭିଣୋଇ ଓ ଭାଉଜ କେଉଁ ଶ୍ରେଣୀୟ ଜ୍ଞାତି ଅଟନ୍ତି ।
୨୦. ଦାଦା,ମାମୁଁ, ଝିଆରୀ (ଭାଇର ଝିଅ ଓ ଭଉଣୀର ଝିଅ ) କେଉଁ ଶ୍ରେଣୀୟ ଜ୍ଞାତି ଅଟନ୍ତି ।
୨୧. ଯେତେବେଳେ ଉତ୍ତରାଧିକାର ସମାନ ଭାବରେ ପିତା ଓ ମାତା ଉଭୟଙ୍କ ମାଧ୍ୟମରେ ଗଣାଯାଏ,ତାହାକେଉଁ ନିୟମ ଅନ୍ତର୍ଭୁକ୍ତ ହୋଇଥାଏ ।
୨୨. ଶିକ୍ଷା ସଂସ୍କୃତ ଭାଷାର କେଉଁ ଶବ୍ଦରୁ ଆନୀତ ।
୨୩. ଶିକ୍ଷା ଏକ ଦ୍ୱିମୁଖୀ ପ୍ରକ୍ରିୟା । ଏହା କିଏ କହିଥିଲେ ।
୨୪. ଶିକ୍ଷାର ଅର୍ଥ ହେଉଛି ଆତ୍ମସାକ୍ଷାତ୍ –କିଏ କହିଥିଲେ ।
୨୫. ଶିଶୁର ଅନ୍ତର୍ନିହିତ ଗୁଣର ବହିଃପ୍ରକାଶ କହିଲେ କଣ ବୁଝାଯାଏ ।
୨୬. ବ୍ୟକ୍ତି ପାଇଁ ଶିକ୍ଷାର ଗୋଟିଏ ମୁଖ୍ୟ ଭୂମିକା ଉଲ୍ଲେଖ କର ।
୨୭. ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଶିକ୍ଷାକୁ କେଉଁ ଅର୍ଥରେ ବୁଝାଯାଏ ।

୨୮. ଶିକ୍ଷା କହିଲେ ଶିଶୁର ଦେହ,ମନ ଓ ଆତ୍ମାର ସଂପୂର୍ଣ୍ଣ ବିକାଶ ସାଧନ-କିଏ କହିଥିଲେ ।
୨୯. ଶିକ୍ଷାର ବ୍ୟାପକ ଅର୍ଥଟି କଣ ।
୩୦. ବ୍ୟକ୍ତିପାଇଁ ଶିକ୍ଷାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ଉଲ୍ଲେଖ କର ।
୩୧. ଅର୍ଥନୈତିକ ବ୍ୟବସ୍ଥା କହିଲେ କଣ ବୁଝ ?
୩୨. ସମ୍ପତ୍ତି କହିଲେ କଣ ବୁଝ ?
୩୩. ସମ୍ପତ୍ତି ସଂପ୍ରତୟର ଯେ କୌଣସି ଗୋଟିଏ ଅର୍ଥ ଉଲ୍ଲେଖ କର ।
୩୪. ବସ୍ତ୍ର ଓ ଅଳଙ୍କାର କେଉଁ ପ୍ରକାର ସମ୍ପତ୍ତି ଅଟେ ।
୩୫. ଶୁଭେଚ୍ଛା ଓ ସତ୍ତ୍ୱାଧିକାର କେଉଁ ପ୍ରକାର ସମ୍ପତ୍ତି ଅଟେ ।
୩୬. ମୂର୍ତ୍ତସମ୍ପତ୍ତି କହିଲେ କଣ ବୁଝ ?
୩୭. ଅମୂର୍ତ୍ତ ସମ୍ପତ୍ତି କହିଲେ କଣ ବୁଝ ?
୩୮. ସମ୍ପତ୍ତିକୁ କେତେ ଭାଗରେ ବିଭକ୍ତ କରାଯାଇଅଛି ।
୩୯. ସମ୍ପତ୍ତିର ୨ଟି ଲକ୍ଷଣ ଉଲ୍ଲେଖ କର ।
୪୦. ସମ୍ପତ୍ତିର ୨ଟି ଉପକାର ଉଲ୍ଲେଖ କର ।
୪୧. ସମ୍ପତ୍ତିର ୨ଟି ଅପକାର ଉଲ୍ଲେଖ କର ।

## Group - B
## Short Type Questions
## 'ଖ' ବିଭାଗ
### (ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ)

**ନିମ୍ନଲିଖିତ ପ୍ରଶ୍ନ ଗୁଡିକର ଉତ୍ତର ଦୁଇଟି ବା ତିନୋଟି ବାକ୍ୟରେ ପ୍ରଦାନ କର ।**

୧. ପରିବାର କହିଲେ କଣ ବୁଝ ?
୨. ପରିବାରର ଏକ ସଂଜ୍ଞା ପ୍ରଦାନ କର ।
୩. ପରିବାରର ଯେ କୌଣସି ୩ ଗୋଟି ସାଧାରଣ ଲକ୍ଷଣ ଉଲ୍ଲେଖ କର ।
୪. ପରିବାରର ଯେ କୌଣସି ୩ ଗୋଟି ସ୍ୱତନ୍ତ୍ର ଲକ୍ଷଣ ଉଲ୍ଲେଖ କର ।
୫. ଏକକ ପରିବାର କଣ ?
୬. ଯୌଥ ପରିବାରର ସଂଜ୍ଞା ପ୍ରଦାନ କର ।
୭. ଏକ ପତ୍ନୀକ ପରିବାର କହିଲେ କଣ ବୁଝ ?
୮. ପିତୃବଂଶୀୟ ପରିବାର କହିଲେ କଣ ବୁଝ ?
୯. ବହୁପତିକ ପରିବାର କହିଲେ କଣ ବୁଝ ?
୧୦. ସମାନୁପାତିକ ପରିବାର କହିଲେ କଣ ବୁଝ ?
୧୧. ଆଧୁନିକ ସମାଜରେ ପରିବାରର ଅର୍ଥନୈତିକ ପ୍ରକାର୍ଯ୍ୟରେ କି ପ୍ରକାର ପରିବର୍ତ୍ତନ ହୋଇପାରିଛି ।

୧୨. ଜ୍ଞାତିତ୍ୱର ଏକ ସଂଜ୍ଞା ପ୍ରଦାନ କର ।
୧୩. ଜ୍ଞାତିତ୍ୱର ଭିତ୍ତିଭୂମିଗୁଡିକ ଉଲ୍ଲେଖ କର ।
୧୪. ସଗୋତ୍ର ଜ୍ଞାତି କଣ ?
୧୫. ପ୍ରାଥମିକ ଜ୍ଞାତି କହିଲେ କଣ ବୁଝ ।
୧୬. ଗୌଣ ଜ୍ଞାତି କହିଲେ କଣ ବୁଝ ।
୧୭. ରକ୍ତ ସମ୍ପର୍କୀୟ ଜ୍ଞାତିତ୍ୱ କଣ ?
୧୮. ପିତୃବଂଶୀୟ ଜ୍ଞାତି କଣ ?
୧୯. ମାତୃବଂଶୀୟ ଜ୍ଞାତି କଣ ?
୨୦. ଶିକ୍ଷା କହିଲେ କଣ ବୁଝ ।
୨୧. ଶିକ୍ଷାର ବ୍ୟୁତ୍ପତ୍ତିଗତ ଅର୍ଥ କହିଲେ କଣ ବୁଝାଯାଏ ।
୨୨. ସଂକୀର୍ଣ୍ଣ ଅର୍ଥରେ ଶିକ୍ଷା କଣ ?
୨୩. ମହାତ୍ମାଗାନ୍ଧୀଙ୍କ ଦୃଷ୍ଟିରେ ଶିକ୍ଷା କଣ ?
୨୪. ଶ୍ରୀ ଅରବିନ୍ଦଙ୍କ ମତରେ ଶିକ୍ଷା କଣ ?
୨୫. ସଂସ୍କୃତି ହସ୍ତାନ୍ତରିତ କରିବାରେ ଶିକ୍ଷାର ଭୂମିକା ଉଲ୍ଲେଖ କର ।
୨୬. ଶିକ୍ଷା କିପରି ବ୍ୟକ୍ତିର ପ୍ରସ୍ଥିତି ନିର୍ଦ୍ଧାରଣ କରିଥାଏ, ବୁଝାଇଲେଖ ।
୨୭. ଦେଶପାଇଁ ନେତୃତ୍ୱ ପ୍ରସ୍ତୁତି କରିବାରେ ଶିକ୍ଷାର ଭୂମିକା ଉଲ୍ଲେଖ କର ।
୨୮. ଅର୍ଥନୈତିକ ଆବଶ୍ୟକତା ଏକ ମୌଳିକ ଆବଶ୍ୟକତା, ବୁଝାଇ ଲେଖ ।
୨୯. ଅର୍ଥନୈତିକ ବ୍ୟବସ୍ଥା କହିଲେ କଣ ବୁଝ ।
୩୦. ସଂମ୍ପତ୍ତିର ସଂଜ୍ଞା ପ୍ରଦାନ କର ।
୩୧, ସମ୍ପତ୍ତି ସଂପ୍ରତ୍ୟୟକୁ କେଉଁ ଦୁଇଟି ଅର୍ଥରେ ବ୍ୟବହାର କରାଯାଇଛି, ବୁଝାଇ ଲେଖ ।
୩୨. ଜନସାଧାରଣ ସମ୍ପତ୍ତି କହିଲେ କଣ ବୁଝ ।
୩୩. ସମ୍ପତ୍ତି ଅର୍ଥନୈତିକ ପ୍ରଗତିର ସହାୟକ ବୁଝାଇଲେଖ ।

## Group - C
## Long Type Questions
## 'ଗ' ବିଭାଗ
### (ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ)

୧. ପରିବାରର ସ୍ୱତନ୍ତ୍ର ପ୍ରକାର୍ଯ୍ୟଗୁଡିକ ଆଲୋଚନା କର ।
୨. ପରିବାରର ପ୍ରକାରଭେଦକୁ ଆଲୋଚନା କର ।
୩. ପରିବାରର ସଂଜ୍ଞା ପ୍ରଦାନ କର ।
୪. ପରିବାରର ଅତିରିକ୍ତ ପ୍ରକାର୍ଯ୍ୟ ଗୁଡିକ ଆଲୋଚନା କର ।
୫. ପରିବାରର ପରବର୍ତ୍ତନୀୟ କାର୍ଯ୍ୟଗୁଡିକ ବାଖ୍ୟା କର ।

୬. ଯୌଥ ପରିବାରର ସଂଜ୍ଞା ପ୍ରଦାନ କର । ଏହାର ବିଶେଷ ଲକ୍ଷଣ ଗୁଡିକ ଆଲୋଚନା କର ।

୭. ଯୌଥ ପରିବାରର ଉପକାରଗୁଡିକ ଆଲୋଚନା କର ।

୮. ଯୌଥ ପରିବାରର ଅପକାରିତା ଆଲୋଚନା କର ।

୯. ଯୌଥ ପରିବାର ବିଘଟନର କାରଣଗୁଡିକ ଆଲୋଚନା କର ।

୧୦. ଜ୍ଞାତିତ୍ୱର ସଂଜ୍ଞା ପ୍ରଦାନ କର । ଏହାର ପ୍ରକାର ଭେଦ ଆଲୋଚନା କର ।

୧୧. ଜ୍ଞତିତ୍ୱର ଭିତ୍ତିଭୂମିଗୁଡିକୁ ଆଲୋଚନା କର ।

୧୨. ଜ୍ଞାତିର ପ୍ରକାର ଭେଦ ଗୁଡିକୁ ଅଲୋଚନା କର ।

୧୩. ଶିକ୍ଷାର ସଂଜ୍ଞା ପ୍ରଦାନ କର । ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଆଲୋଚନା କର ।

୧୪. ଶିକ୍ଷା ଏକ ସାମାଜିକ ପ୍ରକ୍ରିୟା । ଆଲୋଚନା କର ।

୧୫. ଶିକ୍ଷା କହିଲେ କଣ ବୁଝ । ବ୍ୟକ୍ତିପାଇଁ ଶିକ୍ଷା କିପରି ଆବଶ୍ୟକ ତାହା ଆଲୋଚନା କର ।

୧୬. ରାଷ୍ଟ୍ରର ବିକାଶରେ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ । ଆଲୋଚନା କର ।

୧୭. ଶିକ୍ଷାର ସଂଜ୍ଞା ପ୍ରଦାନ କର । ସମାଜ ଉପରେ ଏହାର ପ୍ରଭାବଗୁଡିକ ଆଲୋଚନା କର ।

୧୮. ସମ୍ପତ୍ତି କହିଲେ କଣ ବୁଝ । ଏହାର ଲକ୍ଷଣ ଗୁଡିକୁ ଆଲେଚନା କର ।

୧୯. ସମ୍ପତ୍ତିର ଉପକାରଗୁଡିକୁ ଆଲୋଚନା କର ।

୨୦. ସମ୍ପତ୍ତିର ଅପକାରଗୁଡିକୁ ଆଲୋଚନା କର ।

୨୧. ଶ୍ରମ ବିଭାଜନ କହିଲେ କଣ ବୁଝ ।ଏହାର ପ୍ରକାର ଭେଦଗୁଡିକୁ ଆଲୋଚନା କର ।

୨୨. ଶ୍ରମ ବିଭାଜନର ଉପକାରଗୁଡିକୁ ଆଲୋଚନା କର ।

୨୩. ଶ୍ରମ ବିଭାଜନର ଅପକାରଗୁଡିକ ଆଲୋଚନା କର ।

୨୪. ଶ୍ରମ ବିଭାଜନ ସର୍ମ୍ପକରେ କାର୍ଲ ମାର୍କସଙ୍କ ମତ ପ୍ରଦାନ କର ।

୨୫. ଶ୍ରମ ବିଭାଜନ ସର୍ମ୍ପକରେ ସମ୍ବନ୍ଧରେ ଇମାଇଲ୍ ଦୁର୍ଖିମଙ୍କ ମତ ପ୍ରଦାନ କର ।

☒⊘☒

ଚତୁର୍ଥ ପରିଚ୍ଛେଦ

# ସାମାଜିକ ପ୍ରକ୍ରିୟା, ସ୍ତରୀକରଣ ଓ ପରିବର୍ତ୍ତନ

## ସାମାଜିକ ପ୍ରକ୍ରିୟା, ସାମାଜିକ ସ୍ତରୀକରଣ, ସାମାଜିକ ପରିବର୍ତ୍ତନ

**Social Processes, Social Stratification, Social Change**

## ସାମାଜିକ ପ୍ରକ୍ରିୟା

**(Social Porcess)**

### ସାମାଜିକ ଆନ୍ତଃ-କ୍ରିୟାର ଅର୍ଥ (Meaning of Social Interaction)

ମନୁଷ୍ୟ ଏକ ସାମାଜିକ ତଥା ସଂସ୍କୃତି ସମ୍ପନ୍ନ ପ୍ରାଣୀ । ଉଭୟ ପ୍ରକୃତି ଓ ଆବଶ୍ୟକତା ମନୁଷ୍ୟକୁ ସମାଜରେ ବାସ କରିବାକୁ ବାଧ କରିଥାଏ । ନିଃସଙ୍ଗ ଜୀବନ ମନୁଷ୍ୟ ପକ୍ଷେ ଏକ ଦଣ୍ଡ ସ୍ୱରୂପ । ଏହି ପରିପ୍ରେକ୍ଷୀରେ ଆରିଷ୍ଟୋଟଲ କହିଛନ୍ତି - "ଯିଏ ସମାଜ ବ୍ୟତିତ ବଞ୍ôଛିପାରେ ସେ ହୁଏତ ଈଶ୍ୱର କିମ୍ବା ପଶୁ ହୋଇଥିବ ।" ଏହି କାରଣରୁ ମନୁଷ୍ୟ ସଦାସର୍ବଦା ବିଭିନ୍ନ ସମୂହ ଓ ସଂଘରେ ବାସ କରିଥାଏ । ସେହି ସମୂହ ବା ସଂଘର ସଦସ୍ୟ ଭାବରେ ସେମାନେ କେତେକ ନିର୍ଦ୍ଦିଷ୍ଟ ଭାବର ଆଦନ ପ୍ରଦାନ କରିଥାଆନ୍ତି । ସମାଜରେ ପ୍ରତ୍ୟେକ ବ୍ୟକ୍ତିର ବ୍ୟବହାର ପରସ୍ପରକୁ ପ୍ରଭାବିତ କରିଥାଏ । ଯେତେବେଳେ ଦୁଇ ବା ତତୋଧିକ ବ୍ୟକ୍ତି ପରସ୍ପର ଏକ ପ୍ରତ୍ୟକ୍ଷ ଚୁକ୍ତିବଦ୍ଧ ହୋଇଥାଆନ୍ତି, ସେତେବେଳେ ସେମାନେ ଏପରି ବ୍ୟବହାର ପ୍ରଦର୍ଶନ କରନ୍ତି ଯେ ତାହାଦ୍ୱାରା ଅନ୍ୟର ବ୍ୟବହାର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ପ୍ରଭାବିତ ହୋଇଥାଏ । ବ୍ୟକ୍ତି-ବ୍ୟକ୍ତି, କିମ୍ବା ସମୂହ-ସମୂହ ମଧ୍ୟରେ ଥିବା ଏହି ପ୍ରକାର ପ୍ରକ୍ରିୟାକୁ ସାମାଜିକ ଆନ୍ତକ୍ରିୟା (Social Inter-action) କୁହାଯାଏ । ଅନ୍ୟ ଅର୍ଥରେ ଯେଉଁ ପ୍ରକ୍ରିୟା ଦ୍ୱାରା ମନୁଷ୍ୟ ପରସ୍ପରର ମନକୁ ଭେଦ କରିଥାନ୍ତି ତାହାକୁ ଆନ୍ତ-କ୍ରିୟା କୁହାଯାଏ । ଆନ୍ତଃକ୍ରିୟା ହେଉଛି ସାମାଜିକ ସମ୍ପର୍କର ଏକ ମାଧ୍ୟମ ସାମାଜିକ ଆନ୍ତ-କ୍ରିୟା ସାଧାରଣତଃ ସାମାଜିକ ଆନ୍ତଃ-ସମ୍ପର୍କକୁ ହିଁ ବୁଝାଇଥାଏ । କେତେକ ସମସ୍ୟାର ସମାଧାନ ପାଇଁ ଏବଂ ଲକ୍ଷ୍ୟ ପୁରଣ ପାଇଁ ବ୍ୟକ୍ତି ଓ ସମୂହ ମଧ୍ୟରେ ଥିବା ପାରସ୍ପରିକ ସମ୍ପର୍କକୁ ସାମାଜିକ ଆନ୍ତଃ-କ୍ରିୟା କୁହାଯାଏ । ସାଧାରଣ ଅର୍ଥରେ ସାମାଜିକ ଆନ୍ତକ୍ରିୟା ଏକ ସାମାଜିକ ପ୍ରକ୍ରିୟା ଯାହା ସମାଜରେ ଦୁଇ ବା ତତୋଽଧିକ ବ୍ୟକ୍ତିମାନଙ୍କ ମଧ୍ୟରେ ସଂଘଟିତ ହୁଏ ।

### ସାମାଜିକ ଆନ୍ତଃ-କ୍ରିୟାର ସଂଜ୍ଞା (Definition of Social Interaction)

ସାମାଜିକ ଆନ୍ତଃକ୍ରିୟାର କେତୋଟି ସଂଜ୍ଞାକୁ ନିମ୍ନରେ ଉଲ୍ଲେଖ କରାଗଲା।

**ଏ. ଡ଼ବ୍ଲୁ. ଗ୍ରୀନ୍ (A.W. Gree) :** "ସମସ୍ୟାଗୁଡ଼ିକର ସମାଧାନ ଓ ଲକ୍ଷ୍ୟ ପୂରଣ ପାଇଁ କରାଯାଉଥିବା ଉଦ୍ୟମ ଦ୍ୱାରା ବ୍ୟକ୍ତି ଏବଂ ସମୂହ ମଧ୍ୟରେ ସୃଷ୍ଟି ହୋଇଥିବା ପାରସ୍ପରିକ ପ୍ରଭାବକୁ ସାମାଜିକ ଆନ୍ତଃ-କ୍ରିୟା କୁହାଯାଏ।"

(By social interaction is meant that the mutual influences that individual and group have upon the one another in their attempts to solve problmes and in their striving towards goals.)

**ଡାଓସନ୍ ଏବଂ ଗେଟିସ୍ (Dowson and Gettys) :** "ଯେଉଁ ପ୍ରକ୍ରିୟା ଦ୍ୱାରା ମନୁଷ୍ୟମାନେ ପରସ୍ପର ମନ ମଧ୍ୟରେ ପ୍ରବେଶ କରିଥାଆନ୍ତି, ତାହାକୁ ସାମାଜିକ ଆନ୍ତଃ-କ୍ରିୟା କୁହାଯାଏ।"

(Social interaction is process where by men inter penetrate the minds of each other.)

**ଏଲଡ୍ରେଜ ଏବଂ ମେରିଲ୍ (Eldrege and Merril) :**"ସାମାଜିକ ଆନ୍ତଃ-କ୍ରିୟା ହେଉଛି ଏକ ସାଧାରଣ ପ୍ରକ୍ରିୟା ଯାହାଦ୍ୱାରା ଦୁଇ କିମ୍ବା ତତୋଽଧିକ ବ୍ୟକ୍ତି ପରସ୍ପର ମଧ୍ୟରେ ଅର୍ଥପୂର୍ଣ୍ଣ ସଂସର୍ଗ ସ୍ଥାପନ କରିଥାଆନ୍ତି, ଯାହା ଫଳରେ ସେମାନଙ୍କର ବ୍ୟବହାର କେତେକାଂଶରେ ପରିମାର୍ଜିତ ହୋଇଥାଏ।"

(Social iinteraction is the general processes where by two or more persons are in meaningful contact as a result of which their behaviour is modified, however slightly.)

ଉପରୋକ୍ତ ସଂଜ୍ଞାମାନଙ୍କରୁ ଜଣାଯାଏ ଯେ ବ୍ୟକ୍ତି ଏବଂ ସମୂହଗୁଡ଼ିକ ମଧ୍ୟରେ ସୃଷ୍ଟି ହେଉଥିବା ପାରସ୍ପରିକ ପ୍ରଭାବକୁ ସାମାଜିକ ଆନ୍ତଃ-କ୍ରିୟା କୁହାଯାଏ। ସାମାଜିକ ଆନ୍ତଃ-କ୍ରିୟା ଆନ୍ତଃ ସମ୍ପର୍କକୁ ହିଁ ବୁଝାଇଥାଏ।

## ସମ୍ବନ୍ଧକାରୀ ସାମାଜିକ ପ୍ରକ୍ରିୟା

## (Associative Social Processes)

ସକରାତ୍ମକ ସମ୍ବନ୍ଧକାରୀ ପ୍ରକ୍ରିୟା ଏକ ପ୍ରକ୍ରିୟାରୂପେ ପରିଚିତ। ଏହା ସମାଜର ସଂହତି ଏବଂ ଉପକାର ପାଇଁ ସର୍ବଦା କାର୍ଯ୍ୟକରେ। ଏହି ପ୍ରକାର ପ୍ରକ୍ରିୟା ସମାଜରେ ଉନ୍ନତି ଏବଂ ସ୍ଥାୟିତ୍ୱ ଆଣିଥାଏ। ଏହା ସହଯୋଗିତା, ଅଭିଯୋଜନ ଏବଂ ଆତ୍ମୀକରଣ ନାମକ ତିନୋଟି ପ୍ରକ୍ରିୟାକୁ ଅନ୍ତର୍ଭୁକ୍ତ କରିଥାଏ। ସୁତରାଂ ସହଯୋଗିତା, ଅଭିଯୋଜନ ଏବଂ ଆତ୍ମୀକରଣ ହେଉଛି ସମ୍ବନ୍ଧକାରୀ ସାମାଜିକ ପ୍ରକ୍ରିୟା।

### ସହଯୋଗ

### Co-operation

ସହଯୋଗିତା ହେଉଛି ଏକ ସମ୍ବନ୍ଧକାରୀ ପ୍ରକ୍ରିୟା। ସହଯୋଗ ବା 'Cooperation' ଶବ୍ଦ ଦୁଇଟି ଲାଟିନ୍ ଶବ୍ଦ 'କୋ' (CO) ଏବଂ 'ଅପେରାରୀ' (Operari) ର ସମ୍ମିଶ୍ରଣରେ ଗଠିତ। 'କୋ' ଅର୍ଥ 'ଏକତ୍ର'

(Together) ଓ 'ଅପେରାରୀ' ଅର୍ଥ 'କାର୍ଯ୍ୟକାରିବା' (To work) । ତେଣୁ ଶବ୍ଦ ପ୍ରକରଣ ତତ୍ତ୍ୱାନୁଯାୟୀ ସହଯୋଗର ପ୍ରକୃତ ଅର୍ଥ ଏକତ୍ରଭାବ କାର୍ଯ୍ୟକରିବାକୁ ବୁଝାଇଥାଏ । ଏକ ସାଧାରଣ ଲକ୍ଷ୍ୟକୁ ପୂରଣ କରିବା ନିମିତ୍ତ ଦୁଇ କିମ୍ବା ତତୋଽଧିକ ବ୍ୟକ୍ତିମାନଙ୍କର ମିଳିତ କାର୍ଯ୍ୟକ୍ରମକୁ ସହଯୋଗିତା କୁହାଯାଏ । ସହଯୋଗ ହେଉଛି ଏକ ପୂର୍ଣ୍ଣ ଆନ୍ତରିକତା ବା ଅକ୍ଷୁର୍ଣ୍ଣ କାର୍ଯ୍ୟକଳାପ ଏବଂ ଏହା ପ୍ରତିଯୋଗିତାର ବିପରିତ ଅଟେ । ସହଯୋଗ ବିଭିନ୍ନ ପ୍ରକାର ସାମାଜିକ ସମସ୍ୟାର ସମାଧାନ କରିଥାଏ । କାର୍ଲସ୍ ଡାର୍‌ଉଇନ କହିଛନ୍ତି "ପ୍ରତିଯୋଗିତା ଓ ସଂଘର୍ଷକୁ ବାଦ୍ ଦେଲେ ସହଯୋଗ ହିଁ ଜୀବନ ବିକାଶର ଏକମାତ୍ର ସୂତ୍ର ।"

**ସହଯୋଗର ସଂଜ୍ଞା (Definition of Co-operation)**

ସହଯୋଗିତାର କେତେକ ପ୍ରମୁଖ ସଂଜ୍ଞାକୁ ନିମ୍ନରେ ପ୍ରଦାନ କରାଗଲା ।

**ଏ ଡ଼ ବ୍ଲୁ ଗ୍ରୀନ୍ (A.W. Green) :** "କୌଣସି କାର୍ଯ୍ୟ ସମ୍ପାଦନ ନିମିତ୍ତ କିମ୍ବା ଏକ ସାଧାରଣ ଲକ୍ଷ୍ୟ ପୂରଣ ନିମନ୍ତେ ଦୁଇ କିମ୍ବା ତତୋଽଧିକ ବ୍ୟକ୍ତିଙ୍କ ଦ୍ୱାରା ନିରବଚ୍ଛିନ୍ନ ଓ ସାଧାରଣ ଉଦ୍ୟମକୁ ସହଯୋଗ କୁହାଯାଏ ।"

(Co-operation is the continuous or common endeavour of two or more persons to perform a task or to reach a goal that is commonly cherished.)

**ଏଲ୍‌ଡ୍ରେଜ୍ ଏବଂ ମେରିଲ୍ (Eldredge and Merril)** : "ସହଯୋଗ ଏକ ପ୍ରକାର ସାମାଜିକ ଆନ୍ତଃ-କ୍ରିୟା ଯେଉଁଥିରେ ଦୁଇ ବା ତତୋଽଧିକ ବ୍ୟକ୍ତି ବା ସାଧାରଣ ଲକ୍ଷ୍ୟ ସମ୍ପାଦନ ନିମନ୍ତେ କାର୍ଯ୍ୟ କରନ୍ତି ।"

(Co-operation is form of social interaction where in two or more persons work together to gain a common end.)

**ଏଚ୍.ପି. ଫେୟାର ଚାଇଲ୍ଡ (H.P. Fairchild) :** "ସହଯୋଗ ଏକ ପ୍ରକ୍ରିୟା ଯାହା ଦ୍ୱାରା ବ୍ୟକ୍ତି ବା ସମୂହ ଏକ ସାଧାରଣ ଲକ୍ଷ୍ୟ ସାଧନ ନିମନ୍ତେ ଅଳ୍ପେ ବହୁତ ସଙ୍ଗଠିତ ଉଦ୍ୟମ କରିଥାନ୍ତି ।"

(Co-operation is the process by which individual or groups combine their efforts in a more or less organised way for the attaiment of common objectives.)

**ସହଯୋଗର ଗୁଣ (Characteristics of Co-operation)**

୧. ସହଯୋଗ ଏକ ସମ୍ବନ୍ଧକାରୀ ପ୍ରକ୍ରିୟା, ଯାହା ଦୁଇ ବା ତତୋଽଧିକ ବ୍ୟକ୍ତି ଏବଂ ସମୂହ ମଧ୍ୟରେ ସଂଘଟିତ ହୁଏ ।

୨. ସହଯୋଗ ଏକ ସଚୈତନିକ (Conscious) ପ୍ରକ୍ରିୟା ଯେଉଁଥିରେ ସଙ୍ଗଠିତ ବ୍ୟକ୍ତି ବା ସମୂହ ସଚୈତନିକ ଭାବେ କାର୍ଯ୍ୟ କରନ୍ତି ।

୩. ସହଯୋଗ ଏକ ବ୍ୟକ୍ତିଗତ ପ୍ରକ୍ରିୟା ଯେଉଁଥିରେ ବ୍ୟକ୍ତି ଏବଂ ସମୂହମାନେ ଏକ ସାଧାରଣ ଉଦ୍ଦେଶ୍ୟ ପାଇଁ ଏକତ୍ର କାର୍ଯ୍ୟ କରିଥାନ୍ତି ।

୪. ସହଯୋଗ ଏକ ଧାରାବାହିକ ପ୍ରକ୍ରିୟା । କାରଣ ଏହାର ପରସମାପ୍ତି ଆଦୌ ଘଟିନଥାଏ ।

୫. ସହଯୋଗ ଏକ ସାର୍ବଜନୀନ ପ୍ରକ୍ରିୟା (Universal Process) ଯାହା ସମସ୍ତ ସମୂହ, ସମସ୍ତ ସମାଜ ଏବଂ ସବୁ ଜାତିରେ ପରିଦୃଷ୍ଟ ହୁଏ ।

୬. ସହଯୋଗ ସର୍ବଦା ସାଧାରଣ ଲକ୍ଷ୍ୟ (Common aim) ଏବଂ ସଙ୍ଗଠିତ ଉଦ୍ୟମ (Organised effort) ନାମକ ଦୁଇଟି ଉପାଦାନ ଉପରେ ପ୍ରତିଷ୍ଠିତ ।

**ସହଯୋଗର ପ୍ରକାରଭେଦ**

**(Types of Co-operation)**

ସହଯୋଗ ପ୍ରକାରଭେଦକୁ ଭିତ୍ତିକରି ସମାଜ ବିଜ୍ଞାନୀମାନେ ଭିନ୍ନ ଭିନ୍ନ ମତ ପ୍ରଦାନ କରିଛନ୍ତି । ମାକ୍ ଆଇଭର ଏବଂ ପେଜ୍ (MacIver and Page)ଙ୍କ ମତରେ ସହଯୋଗିତା ଦୁଇ ପ୍ରକାର ଯଥା – (୧) ପ୍ରତ୍ୟେକ୍ଷ ସହଯାଗ ଏବଂ (୨) ପରୋକ୍ଷ ସହଯୋଗ ।

**୧. ପ୍ରତ୍ୟକ୍ଷ ସହଯୋଗ (Direct Co-operation) :** ଯେତେବେଳେ ବ୍ୟକ୍ତି ବା ସମୂହଗୁଡିକ ପ୍ରତ୍ୟକ୍ଷ ଭାବେ ପରସ୍ପରକୁ ସହଯୋଗ କରି କାର୍ଯ୍ୟ କରନ୍ତି, ସେତେବେଳେ ଏହାକୁ ପ୍ରତ୍ୟକ୍ଷ ସହଯୋଗ କୁହାଯାଏ । ଏଥିରେ ଲୋକମାନେ ଗୋଟିଏ କାର୍ଯ୍ୟକୁ ଏକତ୍ର ସମ୍ପାଦନ କରିଥାନ୍ତି । ଏକତ୍ର ଖେଳିବା, ଏକତ୍ର ପୂଜା କରିବା କିମ୍ବା ଏକତ୍ର ଚାଷ କାର୍ଯ୍ୟ କରିବା ପ୍ରଭୃତି ପ୍ରତ୍ୟକ୍ଷ ସହଯୋଗର ଉଦାହରଣ । ଏହି ପ୍ରକାର ସହଯୋଗର ଏକ ମୁଖ୍ୟ ବିଶେଷତ୍ୱ ଯେ ଯେଉଁ କାର୍ଯ୍ୟକୁ ବ୍ୟକ୍ତିମାନେ ଏକାକୀ କରିବାକୁ ଅସମର୍ଥ, ସେହି କାର୍ଯ୍ୟକୁ ସେମାନେ ଏକତ୍ର ମିଶି ସମ୍ପାଦନ କରିଥାନ୍ତି । ଏହା ବ୍ୟତୀତ ଏକ କଠିନ କାର୍ଯ୍ୟକୁ ସମ୍ପାଦନ କରିବାପାଇଁ ପ୍ରତ୍ୟକ୍ଷ ସହଯୋଗର ଆବଶ୍ୟକ ପଡିଥାଏ । ପରିବାରର ସଦସ୍ୟମାନେ ପ୍ରତ୍ୟକ୍ଷ ସହଯୋଗ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଅଟନ୍ତି ।

**୨. ପରୋକ୍ଷ ସହଯୋଗ (Indirect Co-operation) :** ଏହି ପ୍ରକାର ସହଯୋଗର ଏକ ସାମୂହିକ ଲକ୍ଷ୍ୟ ପୂରଣ ପାଇଁ ବିଭିନ୍ନ କାର୍ଯ୍ୟକୁ ସମ୍ପାଦନ କରିବାକୁ ପଡିଥାଏ । ଏକ ସାମୂହିକ ଲକ୍ଷ୍ୟ ପୂରଣ ପାଇଁ ଲୋକମାନେ ବ୍ୟକ୍ତିଗତ ଭାବେ ଭିନ୍ନ ଭିନ୍ନ କାର୍ଯ୍ୟ ସମ୍ପାଦନ କଲେ, ତାହାକୁ ପରୋକ୍ଷ ସହଯୋଗ କୁହାଯାଏ । ଉଦାହରଣସ୍ୱରୂପ – ଗୋଟିଏ କୋଠାଘରକୁ ନିର୍ମାଣ କରିବାପାଇଁ କାଠ, କାରିଗର, ପାଇପ୍ ମିସ୍ତ୍ରୀ, ରାଜମିସ୍ତ୍ରୀ ପ୍ରଭୃତି ଭିନ୍ନ ଭିନ୍ନ କାର୍ଯ୍ୟକୁ ସମ୍ପାଦନ କରିଥାଆନ୍ତି । ଏହି ପରୋକ୍ଷ ସହଯୋଗ ଶ୍ରମ ବିଭାଜନ ନିୟମ ଉପରେ ପ୍ରତିଷ୍ଠିତ । ବଡ ବଡ କଳକାରଖାନାରେ ବିଭିନ୍ନ ଶ୍ରମିକ କଠିନ କାର୍ଯ୍ୟକୁ ଅଲଗା ଅଲଗା ସମ୍ପାଦନ କରିଥାଆନ୍ତି । ଏହି ପ୍ରକ୍ରିୟାରେ ପ୍ରତ୍ୟକ୍ଷ ସମ୍ପର୍କ ନଥାଏ । ଏକ ଉଦ୍ଦେଶ୍ୟ ପୂରଣ ପାଇଁ ସେମାନେ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିଥାଆନ୍ତି । ଆଧୁନିକ ପ୍ରୌଦ୍ୟୋଗିକ (Technological) ବ୍ୟବସ୍ଥାରେ ବିଭିନ୍ନ କଳକୌଶଳ ଏବଂ କାର୍ଯ୍ୟ ବିଶେଷୀକରଣ ଯୋଗୁଁ ପରୋକ୍ଷ ସହଯୋଗ ବିଶେଷ ଭାବରେ ପରିଦୃଷ୍ଟି ହୋଇଥାଏ । ପରୋକ୍ଷ ସହଯୋଗ ଆଧୁନିକ ଶିଳ୍ପ ଭିତ୍ତିକ ସମାଜର ମୁଖ୍ୟ ବିଶେଷତ୍ୱ ।

ଏ. ଡବ୍ଲ୍ୟୁ ଗ୍ରୀନ୍ (A.W. Green) ସହଯୋଗକୁ ତିନି ଭାଗରେ ବିଭକ୍ତ କରିଛନ୍ତି । ସେଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା :

**୧. ପ୍ରାଥମିକ ସହଯୋଗ (Primary Co-operation) :** ପ୍ରାଥମିକ ସହଯୋଗ ସାଧାରଣତଃ ପରିବାର ଓ ପଡୋଶୀ ପରି ବିଭିନ୍ନ ପ୍ରାଥମିକ ସମୂହରେ ଦେଖାଏ । ଏହି ପ୍ରକାର ସହଯୋଗରେ ସ୍ୱାର୍ଥର ସ୍ଥାନ ଆଦୌ ନଥାଏ । ସମସ୍ତ ସଦସ୍ୟ ସମସ୍ତଙ୍କର ସୁବିଧା ପାଇଁ କାର୍ଯ୍ୟ କରନ୍ତି । ଉଦାହରଣ ସ୍ୱରୂପ, ପରିବାରରେ ଉଭୟ ପିତା ମାତା ଏବଂ ସେମାନଙ୍କର ସନ୍ତାନମାନେ ପରସ୍ପରକୁ ସହଯୋଗ କରି କାର୍ଯ୍ୟ କରନ୍ତି । ଏହାକୁ ପ୍ରାଥମିକ ସହଯୋଗ କୁହାଯାଏ । ଏହି ସହଯୋଗ ପ୍ରାଥମିକ ସମ୍ପର୍କକୁ ବଳିଷ୍ଠ କରିଥାଏ । ସୁତରାଂ ପ୍ରାଥମିକ ସହଯୋଗ କହିଲେ ପ୍ରାଥମିକ ସମ୍ପର୍କକୁ ହିଁ ବୁଝାଇଥାଏ ।

**୨. ଗୌଣ ସହଯୋଗ (Secondary Co-operation) :** ଗୌଣ ସହଯୋଗ ବିଭିନ୍ନ ଅର୍ଥନୈତିକ, ଧାର୍ମିକ, ରାଜନୈତିକ, ସାମାଜିକ ପ୍ରଭୃତି ଗୌଣ ସମୂହ ଗୁଡ଼ିକରେ ଦେଖାଯାଇଥାଏ । ଅନ୍ୟ ଭାଷାରେ ଏହା ରାଜନୈତିକ ଦଳ, ଶ୍ରମିକ ସଂଘ, ଚର୍ଚ୍ଚା, ଛାତ୍ର ସଂସଦ ଏବଂ ଶିକ୍ଷ ସଂସ୍ଥା ଆଦିରେ ପରିଲକ୍ଷିତ ହୋଇଥାଏ । ଗୌଣ ସହଯୋଗ ଗୌଣ ସମୂହର ସମସ୍ତ ସଦସ୍ୟମାନଙ୍କୁ ସମାନ ସୁବିଧା ସୁଯୋଗ ଦେଇନଥାଏ । ଏହା ଶ୍ରମ ବିଭାଜନ ଏବଂ କାର୍ଯ୍ୟ ବିଶେଷୀକରଣ ନୀତି ଉପରେ ପ୍ରତିଷ୍ଠିତ । ନିଜର ପ୍ରସ୍ଥିତି, କ୍ଷମତା ଏବଂ ସମ୍ମାନ ପାଇଁ ସମସ୍ତେ ଗୌଣ ସହଯୋଗ ମାଧ୍ୟମରେ କାର୍ଯ୍ୟ କରନ୍ତି ।

**୩. ଆଂଶିକ ସହଯୋଗ (Tertiary Co-operation) :** ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ବିଭିନ୍ନ କ୍ଷୁଦ୍ର ଏବଂ ବୃହତ୍ ସମୂହ ମଧ୍ୟରେ ଥିବା ସାମାଜିକ ଆନ୍ତ-କ୍ରିୟାକୁ ଆଂଶିକ ସହଯୋଗ କୁହାଯାଏ । କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଏହି ପ୍ରକାର ସହଯୋଗର ଆବଶ୍ୟକତାକୁ ଉପଲବ୍ଧି କରାଯାଇଥାଏ । କେତେକ ବାଧ୍ୟତାମୂଳକ ପରିସ୍ଥିତିରେ ସମୂହ ଗୁଡ଼ିକ ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା କରିଥାଆନ୍ତି । ଉଦାହରଣ ସ୍ୱରୂପ- ଯେତେବେଳେ ଦୁଇଟି ରାଷ୍ଟ୍ର ଅନ୍ୟ ଏକ ରାଷ୍ଟ୍ରକୁ ପରାସ୍ତ କରିବା ପାଇଁ ଏକତ୍ର ହୁଅନ୍ତି କିମ୍ବା ଆଦର୍ଶ ଥିବା ଦୁଇଟି ରାଜନୈତିକ ଦଳ ତୃତୀୟ ଦଳକୁ ନର୍ବାଚନରେ ପରାସ୍ତ କରିବାପାଇଁ ଏକତ୍ର ହୋଇଥାଆନ୍ତି, ସେତେବେଳେ ତାହାକୁ ଆଂଶିକ ସହଯୋଗିତା କୁହାଯାଏ ।

### ସହଯୋଗର ଭୂମିକା
### (Role of Co-operation)

ସହଯୋଗ ପ୍ରତ୍ୟେକ ସମାଜରେ ସର୍ବତ୍ର ଦେଖାଯାଇଥାଏ । ଆଧୁନିକ ଯୁଗରେ ଲୋକମାନଙ୍କର ସକ୍ରିୟ ସହଯୋଗ ବିନା ଏକ ସୁଖ ସ୍ୱାଚ୍ଛନ୍ଦ୍ୟକର ଜୀବନଯାପନ ଅସମ୍ଭବ ଅଟେ । ସମାଜବିଜ୍ଞାନବିତ୍‌ମାନେ ମତଦିଅନ୍ତି ଯେ ସହଯୋଗ ବିନା ମାନବ ବଞ୍ଚିପାରିବ ନାହିଁ । ଏହି ସହଯୋଗ ପଶୁ ସମାଜରେ ମଧ୍ୟ ଦେଖାଯାଇଥାଏ । ସହଯୋଗ ହେଉଛି ସାମାଜିକ ଜୀବନର ଭିତ୍ତିସ୍ତମ୍ଭ । ସ୍ତ୍ରୀ ଏବଂ ପୁରୁଷର ପାରସ୍ପରିକ ସାହାଯ୍ୟ ଓ ସହଯୋଗ ଉପରେ ସମାଜର ସ୍ଥାୟିତ୍ୱ ନିର୍ଭର କରିଥାଏ । ପରିବାରର ସଦସ୍ୟମାନଙ୍କ ମଧ୍ୟରେ ବଂଶବୃଦ୍ଧି, ଶିଶୁମାନଙ୍କର ଲାଳନପାଳନ, ନିରାପତ୍ତା ଏବଂ ସାମାଜିକୀକରଣ ପାଇଁ ସହଯୋଗ ଅପରିହାର୍ଯ୍ୟ ଅଟେ । ସ୍ୱାମୀ ଓ ସ୍ତ୍ରୀର ସହଯୋଗ ବିନା ଦାମ୍ପତ୍ୟ ଜୀବନ

ସୁଖମୟ ହୋଇପାରିବ ନାହିଁ । ଆଧୁନିକ ଯୁଗରେ ଦେଶର ଉନ୍ନତି ଓ ସମୃଦ୍ଧି ଜନସାଧାରଣଙ୍କର ସଂକ୍ରିୟ ସହଯୋଗ ଉପରେ ନିର୍ଭର କରିଥାଏ । ଅର୍ଥନୈତିକ ପ୍ରଗତି, ବୈଜ୍ଞାନିକ ଉଦ୍ଭାବନ, ଶିକ୍ଷାର ପ୍ରସାର ପ୍ରଭୃତି କାର୍ଯ୍ୟ ସହଯୋଗ ଯୋଗୁ ସମ୍ଭବ ହୋଇଥାଏ । ମାନବ ପକ୍ଷରେ ସହଯୋଗ ଉଭୟ ମନସ୍ତାତ୍ତ୍ୱିକ ଏବଂ ସାମାଜିକ ଆବଶ୍ୟକତା ରୂପେ ପରିଗଣିତ ହୋଇଥାଏ । ସହଯୋଗ ବିନା ବ୍ୟକ୍ତିଗତ ଏବଂ ସାମୂହିକ ଉଦ୍ଦେଶ୍ୟ ପୂରଣ ହୋଇପାରେ ନାହିଁ । ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସହଯୋଗର ଆବଶ୍ୟକତା ରହିଛି । ସହଯୋଗ ବ୍ୟତିତ ବ୍ୟକ୍ତିର ଜୀବନ ନିଃସଙ୍ଗ, ତୁଚ୍ଛ, ନିର୍ବୋଧ, କଦର୍ଯ୍ୟ ଏବଂ କ୍ଷଣସ୍ଥାୟୀ ହୋଇଥାଏ । ସାମାଜିକ ଜୀବନରେ ସହଯୋଗର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ବ୍ୟକ୍ତିର ଜୀବନକୁ ସରସ ସୁନ୍ଦର କରିଥାଏ ।

## ଅଭିଯୋଜନ (Accommodation)

ଅଭିଯୋଜନ ହେଉଛି ଅନ୍ୟ ଏକ ସମ୍ବନ୍ଧକାରୀ ପ୍ରକ୍ରିୟା । ଏହା ହେଉଛି ଏକ ସାମାଜିକ ପ୍ରକ୍ରିୟା ଯେ କି ସମାଜରେ ସଂହତି ରକ୍ଷା କରିଥାଏ । ଅନେକ ସମୟରେ ସମାଜରେ ନୂତନ ଅବସ୍ଥା ଓ ପରିସ୍ଥିତିରେ ସ୍ୱତଃ ସୃଷ୍ଟି ହୋଇଥାଏ । ଏହି ନୂତନ ଅବସ୍ଥା ଓ ପରିସ୍ଥିତି ଅନେକ କ୍ଷେତ୍ରରେ ସଂଘର୍ଷର ରୂପ ନେଇଥାଏ । ଏହି ସଂଘର୍ଷ ସମାଧାନ ଉପାୟକୁ ଅଭିଯୋଜନ (Accommodation) କୁହାଯାଏ । ଅନ୍ୟ ଅର୍ଥରେ କୌଣସି ସ୍ୱତନ୍ତ୍ର ପରିବେଶ ସହିତ ଖାପ ଖୁଆଇ ଚଳିବା ପଦ୍ଧତିକୁ ଅଭିଯୋଜନ କୁହାଯାଏ । ସଂଘର୍ଷର ପରିସମାପ୍ତି ପରେ ଯଦି ସହଯୋଗ ସ୍ଥାପନ କରିବାକୁ ଉଦ୍ୟମ ହୁଏ, ତେବେ ଅଭିଯୋଜନର ଆବଶ୍ୟକତା ହୋଇଥାଏ । କିନ୍ତୁ ସାଧାରଣ ଅର୍ଥରେ ସାମାଜିକ ପରିବେଶ ସହିତ ସମଯୋଜନ (Adjustment) କୁ ଅଭିଯୋଜନ କୁହାଯାଏ । ଅଭିଯୋଜନ ହେଉଛି ଏକ ପ୍ରକ୍ରିୟା ଯାହାକି ସଂଘର୍ଷରେ ଲିପ୍ତଥିବା ବ୍ୟକ୍ତି କିମ୍ବା ସମୂହଗୁଡିକ ମଧ୍ୟରେ ଅସ୍ଥାୟୀ ରାଜିନାମା ଆଣିଥାଏ । ଅଭିଯୋଜନ ହେଉଛି ସହଯୋଗିତାର ପୂର୍ବ ସୋପାନ । ମାନବ ସମାଜକୁ ଉତ୍ତମ ରୂପେ ପରିଚାଳିତ କରିବାପାଇଁ ଅଭିଯୋଜନର ଆବଶ୍ୟକତା ଏକାନ୍ତ ଅପରିହାର୍ଯ୍ୟ ।

### ଅଭିଯୋଜନର ସଂଜ୍ଞା (Definition of Accomodation)

ବିଭିନ୍ନ ସମାଜବିଜ୍ଞାନୀ ଅଭିଯୋଜନ ପ୍ରକ୍ରିୟାର ବିଭିନ୍ନ ସଂଜ୍ଞା ପ୍ରଦାନ କରିଛନ୍ତି । ସେଗୁଡିକୁ ନିମ୍ନରେ ପ୍ରଦାନ କରାଗଲା ।

**ଗିଲିନ ଏବଂ ଗିଲିନ୍ (Gillin & Gillin) :** "ଅଭିଯୋଜନ ଏକ ପ୍ରକ୍ରିୟା ଯାହାଦ୍ୱାରା ପ୍ରତିଦ୍ୱନ୍ଦୀୟ ଏବଂ ବିବାଦୀୟ ବ୍ୟକ୍ତି ଓ ସମୂହଗୁଡ଼ିକ ପ୍ରତିଯୋଗିତା ସଂଘର୍ଷ ଭିତରେ ସୃଷ୍ଟି ହେଉଥିବା ସମସ୍ୟାଗୁଡିକର ଦୂରୀକରଣ ପାଇଁ ସେମାନଙ୍କ ସମ୍ପର୍କରେ ସମନ୍ୱୟ ଆଣିଥାଏ ।

(Accommodation is the process by which competing and conflicting individuals and groups adjust their relationship to each other in order to overcome the difficulties which arise in competition and conflict.)

**ମାକାଇଭର୍ ଏବଂ ପେଜ୍ (Mac Iver and Page) :** "ଯେଉଁ ପ୍ରକ୍ରିୟା ଦ୍ୱାରା ମନୁଷ୍ୟ ତା'ର ପରିବେଶ ସହିତ ସମନ୍ୱୟ ରକ୍ଷା କରିଥାଏ, ତାହାକୁ ଅଭିଯୋଜନ କୁହାଯାଏ ।"

(The term accomodation refersparticularly to the process in which man attains a sense of harmony with his environment).

**ଇ.ଏସ୍. ବୋଗାର୍ଡସ୍ (E.S. Bogardus) :** "ଅଭିଯୋଜନ ହେଉଛି ଏକ ଆନ୍ତଃକ୍ରିୟା, ଯେଉଁଥିରେ କି କେତେକାଂଶରେ ସମଯୋଜନ ନିହିତ ଥାଏ।"

(Accommodation is an interaction involving a mild degree of adjustment.)

**ହର୍ଟନ ଏବଂ ହଣ୍ଟ୍ (Hurton and Hunt) :** "ଅଭିଯୋଜନ ହେଉଛି ଏକ ପ୍ରକ୍ରିୟା, ଯାହା କି ସଂଘର୍ଷରେ ଲିପ୍ତ ଥିବା ବ୍ୟକ୍ତି କିମ୍ବା ସମୂହମାନଙ୍କ ମଧ୍ୟରେ ଅସ୍ଥାୟୀ ଭାବେ ରାଜିନାମା ଆଣିଥାଏ।"

(Accommodation is a process of developing temporary agreement between conflicting individuals or groups.)

### ଅଭିଯୋଜନର ଗୁଣ (Characteristics of Accomodation)

୧. ଅଭିଯୋଜନ ହେଉଛି ଏକ ସମ୍ବନ୍ଧକାରୀ ପ୍ରକ୍ରିୟା।

୨. ସଂଘର୍ଷ ପରେ ଅଭିଯୋଜନ ଦେଖାଯାଏ। ବିରୋଧୀ ବ୍ୟକ୍ତି କିମ୍ବା ସମୂହଗୁଡ଼ିକ ସଂଘର୍ଷରେ ଲିପ୍ତ ହୋଇସାରିବା ପରେ ଅଭିଯୋଜନର ଗୁରୁତ୍ୱକୁ ବୁଝିଥାଆନ୍ତି। ସଂଘର୍ଷ ନଥିଲେ ଅଭିଯୋଜନର ଆବଶ୍ୟକତା ପଡନ୍ତା ନାହିଁ।

୩. ଅଭିଯୋଜନ ମୁଖ୍ୟତଃ ଏକ ଅଚୈତନିକ (Universal) ପ୍ରକ୍ରିୟା। ମନୁଷ୍ୟର ସାମାଜିକ ପରିବେଶର ସର୍ବଦା ପରିବର୍ତ୍ତନ ହୋଇଥାଏ ଏବଂ ବ୍ୟକ୍ତିକୁ ସର୍ବଦା ପ୍ରଭାବିତ କରିଥାଏ। ବ୍ୟକ୍ତି ଅଚୈତନିକ ଭାବେ ବିଭିନ୍ନ ପ୍ରକାର ଜଟିଳ ପରିସ୍ଥିତି ସହିତ ନିଜକୁ ଖାପଖୁଆଇ ଚଳିଥାଏ।

୪. ଅଭିଯୋଜନ ହେଉଛି ଏକ ସାର୍ବଜନୀନ (Universal) ପ୍ରକ୍ରିୟା। ସମାଜରେ ସାମାଜିକ ସଂହତି ଏବଂ ସ୍ଥାୟିତ୍ୱ ରକ୍ଷା କରିବା ନିମିତ୍ତ ଲୋକମାନେ ବିଭିନ୍ନ ବ୍ୟକ୍ତି ଏବଂ ସମୂହ ମଧ୍ୟରେ ହେଉଥିବା ସଂଘର୍ଷର ସମାଧାନ ପାଇଁ ଉଦ୍ୟମ କରିଥାନ୍ତି। ଅଭିଯୋଜନ ପ୍ରତ୍ୟେକ ସମାଜରେ ସବୁ ସମୟରେ ଦେଖାଯାଇଥାଏ।

୫. ଅଭିଯୋଜନ ହେଉଛି ପ୍ରେମ ଓ ଘୃଣାର ଏକ ସମ୍ମିଶ୍ରଣ। ପ୍ରେମ ପରସ୍ପର ମଧ୍ୟରେ ସହଯୋଗିତା ସୃଷ୍ଟି କରିଥାଏ ଏବଂ ଘୃଣା ପରସ୍ପର ମଧ୍ୟରେ ସଂଘର୍ଷର ସୂତ୍ରପାତ କରିଥାଏ। ସୁତରାଂ ଉଭୟ ପ୍ରେମ ଏବଂ ଘୃଣା ଅଭିଯୋଜନର ଦୁଇଟି ମୁଖ୍ୟ ଉପାଦାନ।

୬. ଅଭିଯୋଜନ ହେଉଛି ଏକ ନିରବଚ୍ଛିନ୍ନ (Continuous) ସାମାଜିକ ପ୍ରକ୍ରିୟା। ମାନବ ସମାଜରେ ଏହା ସଦା ସର୍ବଦା ଦେଖାଯାଇଥାଏ। ଅଭିଯୋଜନର ଆଦୌ ପରିସମାପ୍ତି ଘଟିନଥାଏ।

## ଅଭିଯୋଜନର ଭୂମିକା ଓ ଗୁରୁତ୍ୱ (Role and Importance of Accomodation)

ଅଭିଯୋଜନ ସାମାଜିକ ଆନ୍ତଃ-କ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବନ୍ଧାରୀ ପ୍ରକ୍ରିୟା ଭାବେ କାର୍ଯ୍ୟ କରେ । ବ୍ୟକ୍ତି କିମ୍ବା ସମୂହଗୁଡ଼ିକ ମଧ୍ୟରେ ଥିବା ତାରତମ୍ୟକୁ ସମଯୋଜନ (Adjustment) କରିବା କ୍ଷେତ୍ରରେ ଏହା ବଳିଷ୍ଠ ଭୂମିକା ଗ୍ରହଣ କରିଥାଏ । ସଂଘର୍ଷ ସମାଜର ଐକ୍ୟ ଏବଂ ସଂହତିକୁ ବିପର୍ଯ୍ୟସ୍ତ କରେ । ଏହି ଦୃଷ୍ଟିରୁ ସାମାଜିକ କ୍ରମ (Social order) ପାଇଁ ସାମାଜିକ ସ୍ଥାୟିତ୍ୱ ଏକାନ୍ତ ଅପରିହାର୍ଯ୍ୟ । ଏହା କେବଳ ଅଭିଯୋଜନ ପ୍ରକ୍ରିୟା ଦ୍ୱାରା ସମ୍ଭବ ପରେ ହୋଇଥାଏ । ସୁତରାଂ ସମସ୍ତ ସମାଜରେ ବିରୋଧୀ ବ୍ୟକ୍ତି ବା ସମୂହଗୁଡ଼ିକ ମଧ୍ୟରେ ସୃଷ୍ଟି ହେଉଥିବା ସଂଘର୍ଷର ସମାଧାନ ପାଇଁ ଅଭିଯୋଜନ ମାଧ୍ୟମରେ ଉଦ୍ୟମ କରାଯାଇଥାଏ । ଅଭିଯୋଜନ ବ୍ୟତିତ ସଫଳ ଭାବେ କାର୍ଯ୍ୟ କରିପାରିବ ନାହିଁ । ଅଭିଯୋଜନ ସଂଘର୍ଷକୁ ପ୍ରତିରୋଧ କରି ବ୍ୟକ୍ତି ଏବଂ ସମୂହ ମଧ୍ୟରେ ସହଯୋଗିତା ରକ୍ଷାକରେ, ଯାହା ସାମାଜିକ ଜୀବନ ପାଇଁ ଖୁବ୍ ଆବଶ୍ୟକ । ଏହା କେବଳ ମାତ୍ର ସଂଘର୍ଷକୁ ସମାଧାନ କରି ନଥାଏ ମାତ୍ର ଏହା ସାମାଜିକ କ୍ରମକୁ ଆବଶ୍ୟକୀୟ ନିରାପତ୍ତା ମଧ୍ୟ ଯୋଗାଇ ଥାଏ । କାରଣ ଅଭିଯୋଜନ ବ୍ୟତିତ ବ୍ୟକ୍ତିମାନେ ଏକତ୍ର ସେମାନଙ୍କର ବିଭିନ୍ନ କାର୍ଯ୍ୟକଳାପକୁ ଉପଯୁକ୍ତ ଭାବେ ସମ୍ପାଦନ କରିପାରିବେ ନାହିଁ । ନିମ୍ନଲିଖିତ ଆଲୋଚନା ଅଭିଯୋଜନର ଗୁରୁତ୍ୱକୁ ସୁସ୍ପଷ୍ଟ କରିଥାଏ ।

୧. ଅଭିଯୋଜନ ସମାଜରେ ଶାନ୍ତି ଏବଂ ନିରାପତ୍ତା ରକ୍ଷା କରିଥାଏ ।

୨. ଅଭିଯୋଜନ ସାମାଜିକ ଏକତା ଏବଂ ସଂହତି ରକ୍ଷା ପାଇଁ ସଂଘର୍ଷ, ପ୍ରତିଯୋଗିତା ଏବଂ ଅସାମଞ୍ଜସ୍ୟକୁ ପ୍ରତିରୋଧ କରିଥାଏ ।

୩. ଅଭିଯୋଜନ ବିଭିନ୍ନ ସଂସ୍କୃତି ଏବଂ ସମୂହ ମଧ୍ୟରେ ଐକ୍ୟ ଏବଂ ସଂହତି ଆଣିଥାଏ ।

୪. ଅଭିଯୋଜନ ବ୍ୟକ୍ତି ଏବଂ ସମୂହଗୁଡ଼ିକର ସାମାଜିକ ପ୍ରସ୍ଥିତି (Status) ପ୍ରତିଷ୍ଠିତ କରିଥାଏ ।

୫. ଅଭିଯୋଜନ ଲୋକମାନଙ୍କର ଶୃଙ୍ଖଳାତ୍ମକ ପ୍ରବୃତ୍ତିକୁ ଉତ୍ସାହିତ କରେ ।

୬. ସମାଜରେ ସଂଘର୍ଷର ସମାଧାନ କ୍ଷେତ୍ରରେ ଅଭିଯୋଜନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

୭. ଅଭିଯୋଜନ ଆତ୍ମୀକରଣ ପାଇଁ ପଥ ପ୍ରସ୍ତୁତ କରିଥାଏ ।

୮. ସମାଜର ନୂତନ ପରିବର୍ତ୍ତିତ ଅବସ୍ଥା ସହିତ ଖାପଖୁଆଇ ଚଳିବା ଦିଗରେ ଅଭିଯୋଜନ ଲୋକମାନଙ୍କୁ ସାହାଯ୍ୟ କରିଥାଏ ।

୯. ଅଭିଯୋଜନ ଆଧୁନିକ ବିଷମସ୍ତରୀୟ (Heterogeneous) ଏବଂ ଜଟିଳ ସମାଜର ଲୋକମାନଙ୍କର ବିଭିନ୍ନ ଆଗ୍ରହ ଏବଂ ଦୃଷ୍ଟିଭଙ୍ଗୀକୁ ଉପସ୍ଥାପନ କରିଥାଏ ।

୧୦. ଅଭିଯୋଜନ ବ୍ୟକ୍ତି ଓ ସମୂହ ମଧ୍ୟରେ ଭାରସାମ୍ୟ ରକ୍ଷା କରିଥାଏ ଏବଂ ସମାଜର ସାମାଜିକ କ୍ରମରେ ସ୍ଥାୟିତ୍ୱ ଆଣିଥାଏ ।

# ବିସମ୍ବନ୍ଧକାରୀ ସାମାଜିକ ପ୍ରକ୍ରିୟା

## (Dissociative Social Processess)

ସାମାଜିକ ଆନ୍ତଃ-କ୍ରିୟାର ବିସମ୍ବନ୍ଧକାରୀ ପ୍ରକ୍ରିୟା ଏକ ନାସ୍ତ୍ୟାତ୍ମକ ପ୍ରକ୍ରିୟା ଭାବେ ପରିଚିତ। ଏହାକୁ ମଧ୍ୟ ଏକ 'ବିଶୃଙ୍ଖଳାତ୍ମକ ଆନ୍ତଃ-କ୍ରିୟା' କୁହାଯାଏ। କାରଣ ଏହା ସମାଜର ବିଶୃଙ୍ଖଳା ପାଇଁ ମୁଖ୍ୟତଃ ଦାୟୀ ଏବଂ ଏହା ସମାଜର ବିଘଟନ ପାଇଁ ସର୍ବଦା କାର୍ଯ୍ୟ କରେ। ଏହି ପ୍ରକାର ସାମାଜିକ ପ୍ରକ୍ରିୟା ସମାଜର ସମୁଦାୟ ପ୍ରଗତି ଏବଂ ବିକାଶକୁ ବିପର୍ଯ୍ୟସ୍ତ କରେ। ଏହା ପ୍ରତିଯୋଗିତା ଏବଂ ସଂଘର୍ଷ ନାମକ ଦୁଇଟି ପ୍ରକ୍ରିୟାକୁ ଅନ୍ତର୍ଭୁକ୍ତ କରିଥାଏ। ଏହା ପ୍ରତିଯୋଗିତା ଏବଂ ସଂଘର୍ଷ ନାମକ ଦୁଇଟି ପ୍ରକ୍ରିୟାକୁ ଅନ୍ତର୍ଭୁକ୍ତ କରିଥାଏ।

## ପ୍ରତିଯୋଗିତା
## (Competition)

ପ୍ରତିଯୋଗିତା ସାମାଜିକ ଆନ୍ତଃ-କ୍ରିୟାର ଏକ ବିସମ୍ବନ୍ଧକାରୀ ପ୍ରକ୍ରିୟା। ଦୁଇ ତାତୋଽଧିକ ବ୍ୟକ୍ତି କେତେକ ପାରସ୍ପରିକ ଅଭିଳାଷିତ ଲକ୍ଷ୍ୟ ବା ଉଦ୍ଦେଶ୍ୟ ପୂରଣ ନିମିତ୍ତ ପରସ୍ପର ମଧ୍ୟରେ କରୁଥିବା ନିରବଚ୍ଛିନ୍ନ ଉଦ୍ୟମକୁ ପ୍ରତିଯୋଗିତା କୁହାଯାଏ। ଆଧୁନିକ ସମାଜରେ ଦ୍ରବ୍ୟର ସ୍ୱଳ୍ପ ଓ ସୀମିତ ଯୋଗାଣ ପ୍ରତିଯୋଗିତା ସୃଷ୍ଟି କରୁଛି। ଓଗ୍‌ବର୍ଣ୍ଣ (Ogburn)ଙ୍କ ମତରେ ଯୋଗାଣ ଅପେକ୍ଷା ଚାହିଦା ଅଧିକ ହେଲେ ପ୍ରତିଯୋଗିତା ଦେଖାଯାଉଥାଏ। ଯେତେବେଳେ ଉତ୍ପାଦନ ଦ୍ରବ୍ୟର ପରିମାଣ ସ୍ୱଳ୍ପ ଅଟେ ଏବଂ ଏହାର ଅଭାବ ପରିଲକ୍ଷିତ ହୁଏ, ସେତେବେଳେ ବିଭିନ୍ନ ବ୍ୟକ୍ତି ଏବଂ ସମୂହ ମଧ୍ୟରେ ପ୍ରତିଯୋଗିତା ସୃଷ୍ଟି ହୋଇଥାଏ। ସମାଜରେ ସୂର୍ଯ୍ୟରଶ୍ମି, ମୁକ୍ତବାୟୁ ଓ କଳାପାଇଁ ପ୍ରତିଯୋଗିତା ହୋଇନଥାଏ। କାରଣ ଏଗୁଡିକ ପ୍ରଚୁର ପରିମାଣରେ ମିଳିଥାଏ। କିନ୍ତୁ ସମାଜରେ ଖାଦ୍ୟ, ବସ୍ତ୍ର, ବାସଗୃହ, ଯଶ, ଖ୍ୟାତି ପ୍ରଭୃତି ପାଇଁ ପ୍ରତିଯୋଗିତା ହୋଇଥାଏ। କାରଣ ଏଗୁଡିକ ସହଜରେ ଲାଭ କରି ହୋଇନଥାଏ। ତେଣୁ ଯେଉଁ ଦ୍ରବ୍ୟ ମନୁଷ୍ୟର ଅତ୍ୟାବଶ୍ୟକ ଏବଂ ଯେଉଁଗୁଡିକ ଅର୍ଜନ କରିବା ପାଇଁ ବ୍ୟକ୍ତି-ବ୍ୟକ୍ତି, ସମୂହ-ସମୂହ, ବ୍ୟକ୍ତି-ସମୂହ ମଧ୍ୟରେ ହେଉଥିବା ପ୍ରତିଦ୍ୱନ୍ଦିତାକୁ ପ୍ରତିଯୋଗିତା କୁହାଯାଏ। ପ୍ରତିଯୋଗିତା ହେଉଛି ବଞ୍ଚିବା ପାଇଁ ସାର୍ବଜନୀନ ସଂଘର୍ଷର ଏକ ପ୍ରାକୃତିକ ପରିଣାମ। ଏହା ଏକ ଅବୈୟୋକ୍ତିକ (Impersonal), ଅବୈତନିକ (Unconscious) ଏବଂ ଧାରାବାହିକ (Continuous) ପ୍ରକ୍ରିୟା ଅଟେ। ପ୍ରତିଯୋଗିମାନେ ସେମାନଙ୍କର ଲକ୍ଷ୍ୟ ବା ଉଦ୍ଦେଶ୍ୟ ପୂରଣ ନିମିତ୍ତ ଶୃଙ୍ଖଳିତ ଭାବରେ ଉଦ୍ୟମ କରିଥାଆନ୍ତି। ଏଣୁ ପ୍ରକୃତ ଅର୍ଥରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ବା ଉଦ୍ଦେଶ୍ୟ ହାସଲ କରିବା ପାଇଁ ଦୁଇ ବା ତତୋଽଧିକ ବ୍ୟକ୍ତି ବା ସମୂହ ଗୁଡିକର ପାରସ୍ପରିକ ଉଦ୍ୟମକୁ ପ୍ରତିଯୋଗିତା କୁହାଯାଏ। ଏହି ପ୍ରତିଯୋଗିତା ସାଧାରଣତଃ ଭାଇ-ଭାଇ, ଛାତ୍ର-ଛାତ୍ର, ବ୍ୟବସାୟୀ-ବ୍ୟବସାୟୀ ଏବଂ ରାଜନୈତିକ ଦଳ ମଧ୍ୟରେ ହୋଇଥାଏ। କୌଣସି ସମାଜ ପ୍ରତିଯୋଗିତାର ପରିସରରୁ ସମ୍ପୂର୍ଣ୍ଣ ମୁକ୍ତ ନୁହେଁ। ସମାଜର ପ୍ରତ୍ୟେକ କ୍ଷେତ୍ରରେ ଏବଂ ଜୀବନର ପ୍ରତ୍ୟେକ ସ୍ତରରେ ପ୍ରତିଯୋଗିତାର ଆବଶ୍ୟକତା ଏକାନ୍ତ ଅପରିହାର୍ଯ୍ୟ।

## ପ୍ରତିଯୋଗିତାର ସଂଜ୍ଞା (Definition of Competition)

ନିମ୍ନଲିଖିତ ପ୍ରତିଯୋଗିତାର ମୁଖ୍ୟ ସଂଜ୍ଞା ।

**ଏଚ୍.ପି. ଫେୟାରଚାଇଲଡ୍ (H.P. Fairchild) :** "ପ୍ରତିଯୋଗିତା ହେଉଛି ସୀମିତ ଦ୍ରବ୍ୟର ବ୍ୟବହାର କିମ୍ବା ଅଧିକାର ପାଇଁ ଏକ ସଂଘର୍ଷ ।

(Competition is the struggle for the use or possession of limited godos.)

**ଉଡ୍‌ୱାର୍ଡ୍ ସଦରଲାଣ୍ଡ ଏବଂ ମାକସ୍‌ୱେଲ୍ (Woodword Sutherland and Maxwell) :** "ସନ୍ତୋଷ ଲାଭ ପାଇଁ ବ୍ୟକ୍ତି ବା ସମୂହଗୁଡିକ ମଧ୍ୟରେ ହେଉଥିବା ଅବୈୟୋକ୍ତିକ, ଅବୈତନିକ ଏବଂ ନିରବଚ୍ଛିନ୍ନ ଉଦ୍ୟମକୁ ପ୍ରତିଯୋଗିତା କୁହାଯାଏ, ଯାହାକି ସୀମିତ ଯୋଗଣ ଫଳରେ ସମସ୍ତଙ୍କ ପକ୍ଷରେ ଏହାକୁ ଲାଭ କରିବା ସମ୍ଭବପର ହୋଇନଥାଏ ।"

(Competition is an impersona, unconscious, continuous struggle between individuals or groups for satisfaction which, because of their limited supply, all may not have.)

**ଇ.ଏସ୍. ବୋଗାର୍ଡସ (E.S. Bogardus) :** "ପ୍ରତିଯୋଗିତା ହେଉଛି କୌଣସି ଜିନିଷ ପାଇଁ ବିବାଦ ଯାହାକି ସମସ୍ତଙ୍କର ଚାହିଦା ଅନୁଯାୟୀ ଯଥେଷ୍ଟ ପରିମାଣରେ ମିଳିନଥାଏ ।"

(Competition is a contact to obtain something which does not exit in a quantity sufficient to meet the demand.)

**ପାର୍କ ଏବଂ ବର୍ଗେସ୍ (Park and Burgess) :** "ସାମାଜିକ ସଂସର୍ଗ ନଥିବା ପାରସ୍ପରିକ କ୍ରିୟାକୁ ପ୍ରତିଯୋଗିତା କୁହାଯାଏ ।"

(Completition is an interaction without social contact.)

**ବିସାଞ୍ଜ ଏବଂ ବିସାଞ୍ଜ (Biesanz and Biesanz) :** "ଏକ ଲକ୍ଷ୍ୟ ପାଇଁ ଦୁଇ କିମ୍ବା ତତୋଽଧିକ ବ୍ୟକ୍ତିଙ୍କ ମଧ୍ୟରେ ହେଉଥିବା ଉଦ୍ୟମକୁ ପ୍ରତିଯୋଗିତା କୁହାଯାଏ ଏବଂ ସିମୀତ ହୋଇଥିବା ଫଳରେ ସମସ୍ତେ ଏଥିରେ ଭାଗୀଦାର ହୋଇପାରନ୍ତି ନାହିଁ ।"

(Competition is the striving between two or more persons for the same goal which is limited so that all can not share it.)

## ପ୍ରତିଯୋଗିତାର ଗୁଣ (Characteristics of Competition)

ପ୍ରତିଯୋଗିତାର ମୁଖ୍ୟ ଗୁଣଗୁଡ଼ିକୁ ନିମ୍ନରେ ଆଲୋଚନା କରାଗଲା ।

**୧. ବିସମ୍ବନ୍ଧକାରୀ ପ୍ରକ୍ରିୟା (Dissociative Process) :** ପ୍ରତିଯୋଗିତା ହେଉଛି ଏକ ବିସମ୍ବନ୍ଧକାରୀ ପ୍ରକ୍ରିୟା ଯାହା ଦୁଇ ବା ତତୋଽଧିକ ବ୍ୟକ୍ତି କିମ୍ବା ସମୂହ ମଧ୍ୟରେ ସୃଷ୍ଟି ହୋଇଥାଏ । ଏହା ଲୋକମାନଙ୍କ ମଧ୍ୟରେ ସୁସମ୍ବନ୍ଧ ପ୍ରତିଷ୍ଠା କରି ନଥାଏ ।

**୨. ଅବ୍ୟକ୍ତିଗତ ପ୍ରକ୍ରିୟା (Impersonal Process) :** ପ୍ରତିଯୋଗିତା ଏକ ବ୍ୟକ୍ତିଗତ ପ୍ରକ୍ରିୟା ନୁହେଁ। ଏହା ହେଉଛି ବ୍ୟକ୍ତିଗତ ଭାବେ ଜାଣିନଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଏକ ଅବୈୟୋକ୍ତିକ ପ୍ରତିଦ୍ୱନ୍ଦିତା। ସ୍ୱତରାଂ ପାର୍କ ଏବଂ ବର୍ଗେସ (Park and Burgess) କହିଛନ୍ତି ପ୍ରତିଯୋଗିତା ହେଉଛି ସାମାଜିକ ସଂସର୍ଗ ନଥିବା ଏକ ଆନ୍ତଃ-କ୍ରିୟା। ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ସେମାନଙ୍କର ବ୍ୟକ୍ତିଗତ ସ୍ତରରେ ପ୍ରତିଯୋଗିତା କରିନଥାନ୍ତି। ସେମାନଙ୍କର ଉଦ୍ଦେଶ୍ୟ ଏକ ସାଧାରଣ ଲକ୍ଷ୍ୟ କିମ୍ବା ପୁରସ୍କାର ଉପରେ କେନ୍ଦ୍ରିଭୂତ ହୋଇଥାଏ।

**୩. ଅଚୈତନିକ ପ୍ରକ୍ରିୟା (Unconscious Process) :** ପ୍ରତିଯୋଗୀମାନେ ଅଚୈତନିକ ଭାବେ ପ୍ରତିଯୋଗିତା କରନ୍ତି ଏବଂ ଅନେକ କ୍ଷେତ୍ରରେ ପରସ୍ପରକୁ ଜାଣି ନଥାନ୍ତି। କିନ୍ତୁ ସେମାନଙ୍କର ଦୃଷ୍ଟିଭଙ୍ଗୀ ଲକ୍ଷ୍ୟ ଉପରେ କେନ୍ଦ୍ରିଭୂତ ହୋଇଥାଏ।

**୪. ସାର୍ବଜନୀନ ପ୍ରକ୍ରିୟା (Universal Process) :** ପ୍ରତିଯୋଗିତା ହେଉଛି ଏକ ସାର୍ବଜନୀନ ସାମାଜିକ ପ୍ରକ୍ରିୟା। ଏହା ପ୍ରତ୍ୟେକ ସମାଜ ଏବଂ ଜୀବନର ପ୍ରତ୍ୟେକ ସୋପାନରେ ଦେଖାଯାଏ। ଏହା ଏକ ପ୍ରକ୍ରିୟା ଯାହାକି ଛାତ୍ର, ଶ୍ରମିକ, କୃଷକ, ବୈଜ୍ଞାନିକ, ଡାକ୍ତର, ବ୍ୟବସାୟୀ, ରାଜନୀତିଜ୍ଞ, କ୍ରୀଡାବିତ୍, କଳାକାର ଏବଂ ସଙ୍ଗୀତଜ୍ଞ ଆଦିସବୁ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ଦେଖାଯାଏ।

**୫. ନିରବଛିନ୍ନ ପ୍ରକ୍ରିୟା (Contrinuous Process) :** ପ୍ରତିଯୋଗିତା ଏକ ଧାରାବାହିକ କାର୍ଯ୍ୟ। ଏହାର ଆଦୌ ପରିସମାପ୍ତି ଘଟି ନଥାଏ। ଏହାର ସଦାସର୍ବଦା ବିକାଶ ଘଟିଥାଏ। ଯେତେବେଳେ ଆବଶ୍ୟକ ଦ୍ରବ୍ୟର ଯୋଗାଣ ସୀମିତ ହୋଇଯାଏ, ସେତେବେଳେ ସେହି ଦ୍ରବ୍ୟର ଅଧିକାର ପାଇଁ ଲୋକମାନଙ୍କ ମଧ୍ୟରେ ତିବ୍ର ପ୍ରତିଯୋଗିତା ହୁଏ। ସୁତରାଂ ନୂତନ ଦ୍ରବ୍ୟର ଅଧିକାର ପ୍ରତିଯୋଗିତାକୁ ସମାଜରେ ଏକ ଧାରାବାହିକ ବା ନିରବଚ୍ଛିନ୍ନ ପ୍ରକ୍ରିୟାରେ ପରିଣତ କରିଥାଏ। ସମାଜର ସାମାଜିକ ପ୍ରସ୍ଥିତି, କ୍ଷମତା, ଧନ ସମ୍ପଦ, ଯଶ ଓ ଖ୍ୟାତି ପାଇଁ ନିରବଚ୍ଛିନ୍ନ ଭାବେ ପ୍ରତିଯୋଗିତା ଲାଗ ରହିଥାଏ।

## ପ୍ରତିଯୋଗିତାର ପ୍ରକାରଭେଦ (Types of Competition)

ଗିଲିନ୍ ଓ ଗିଲିନ୍ (Gillin and Gillin) ପ୍ରତିଯୋଗିତାକୁ ପାଞ୍ଚୋଟି ମୁଖ୍ୟ ବିଭାଗରେ ବିଭକ୍ତ କରିଛନ୍ତି। ସେଗୁଡିକୁ ନିମ୍ନରେ ଆଲୋଚନା କରାଗଲା।

**୧. ସାମାଜିକ ପ୍ରତିଯୋଗିତା (Social Competition) :** ସାମାଜିକ ପ୍ରତିଯୋଗିତା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଯାହାକି ମୁଖ୍ୟତଃ ଆଧୁନିକ ବିକାଶଶୀଳ ସମାଜରେ ଦେଖାଯାଏ। ଆଧୁନିକ ବିଶ୍ୱର ଏକ ମୌଳିକ ବୈଶିଷ୍ଟ୍ୟ। ସମାଜରେ ଏକ ଉଚ୍ଚ ପ୍ରସ୍ଥିତି, ଜନପ୍ରିୟତା, ସୁନାମ ଏବଂ ସୁଖ୍ୟାତି ଅର୍ଜନ ପାଇଁ ଲୋକମାନେ ପରସ୍ପର ମଧ୍ୟରେ ପ୍ରତିଯୋଗିତା କରିଥାଆନ୍ତି। ସାଧାରଣତଃ ଦେଖାଯାଏ ଯେ ଉଚ୍ଚାଭିଳାଷ ଆବଶ୍ୟକତା ଯୋଗୁଁ ପ୍ରତ୍ୟେକ ବ୍ୟକ୍ତି ସଦାସର୍ବଦା ପ୍ରତିଯୋଗିତାମୂଳକ କାର୍ଯ୍ୟ କଳାପରେ ଲିପ୍ତ ରହିଥାଏ। ସୁତରାଂ ସମାଜରେ ବ୍ୟକ୍ତିର ସାମାଜିକ ପ୍ରସ୍ଥିତି ନିର୍ଦ୍ଧାରଣ କ୍ଷେତ୍ରରେ ଉକ୍ତ ପ୍ରତିଯୋଗିତା ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ସମାଜରେ ଉଚ୍ଚ ପ୍ରସ୍ଥିତି ଅଧିକାର ପାଇଁ ଦୁଇଜଣ ଡାକ୍ତରଙ୍କ ମଧ୍ୟରେ ହେଉଥିବା ପ୍ରତିଯୋଗିତା ସାମାଜିକ ପ୍ରତିଯୋଗିତାର ଏକ ଆଦର୍ଶ ଉଦାହରଣ।

**୨. ଅର୍ଥନୈତିକ ପ୍ରତିଯୋଗିତା (Economic Completition) :** ଅର୍ଥନୈତିକ ପ୍ରତିଯୋଗିତା ସାଧାରଣତଃ ଅର୍ଥନୈତିକ କାର୍ଯ୍ୟକଳାପ କ୍ଷେତ୍ରରେ ପରିଦୃଷ୍ଟ ହୁଏ । ଏହା ହେଉଛି କେତେକ ବିରଳ ବସ୍ତୁଭିତ୍ତିକରେ ଦ୍ରବ୍ୟର ହାସଲ ନିମିତ୍ତ ବ୍ୟକ୍ତି ଏବଂ ସମୂହଗୁଡିକ ମଧ୍ୟରେ ଏକ ପ୍ରକାର ଦୌଡ । ସୁତରାଂ ଅର୍ଥନୈତିକ ପ୍ରତିଯୋଗିତା ସମ୍ପଦର ଉତ୍ପାଦନ, ଉପଭୋଗ, ବଣ୍ଟନ ଏବଂ ବିନିମୟ କ୍ଷେତ୍ରରେ ସୃଷ୍ଟି ହୋଇଥାଏ । ଅର୍ଥନୈତିକ ଦ୍ରବ୍ୟଗୁଡିକ ପ୍ରତିଯୋଗିତାର ଏକ ଉପଯୁକ୍ତ ଉଦାହରଣ । ନିଜ ନିଜର ଅର୍ଥନୈତିକ ସ୍ଥିତିକୁ ସୁଦୃଢ଼ କରିବା ଏହି ପ୍ରତିଯୋଗିତାର ମୂଳଲକ୍ଷ୍ୟ । ଆଧୁନିକ ଶିଳ୍ପଭିତ୍ତିକ ସମାଜରେ ଲୋକମାନଙ୍କର ବସ୍ତୁ ଭିତ୍ତିକ ପ୍ରବୃତ୍ତି ଅର୍ଥନୈତିକ ପ୍ରତିଯୋଗିତାକୁ ଆଶାତୀତ ଭାବେ ବୃଦ୍ଧି କରିଥାଏ ।

**୩. ସାଂସ୍କୃତିକ ପ୍ରତିଯୋଗିତା (Cultural Competition) :** ସାଂସ୍କୃତିକ ପ୍ରତିଯୋଗିତା ବିଭିନ୍ନ ସଂସ୍କୃତି ମଧ୍ୟରେ ପରିଦୃଷ୍ଟ ହୁଏ । ଯେତେବେଳେ ଏକ ସଂସ୍କୃତି ଅନ୍ୟ ଏକ ସଂସ୍କୃତି ଉପରେ ସେମାନଙ୍କର ଉତ୍କୃଷ୍ଟତାକୁ ପ୍ରତିଷ୍ଠିତ କରିବା ପାଇଁ ଚେଷ୍ଟା କରନ୍ତି ସେତେବେଳେ ଏହି ପ୍ରତିଯୋଗିତା ସୃଷ୍ଟି ହୁଏ । ଏହି ପ୍ରକାର ପ୍ରତିଯୋଗିତା ସମାଜରେ ସାଂସ୍କୃତିକ ବିଭିନ୍ନତା (Diversity) କୁ ବୃଦ୍ଧି କରିଥାଏ । ଯେତେବେଳେ ଗୋଟିଏ ସଂସ୍କୃତି ଅନ୍ୟ ଏକ ସଂସ୍କୃତି ଉପରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଚେଷ୍ଟାକରେ ସେତେବେଳେ ସାଂସ୍କୃତିକ ପ୍ରତିଯୋଗିତା ଜନ୍ମଲାଭ କରେ । ପ୍ରାଚୀନ ସମୟରେ ଆର୍ଯ୍ୟ ଏବଂ ଅନାର୍ଯ୍ୟ ସଂସ୍କୃତି ମଧ୍ୟରେ ତୀବ୍ର ପ୍ରତିଯୋଗିତା ସ୍ପଷ୍ଟ ପରିଦୃଷ୍ଟ ହୋଇଥିଲା । ହିନ୍ଦୁ ଏବଂ ମୁସଲମାନମାନଙ୍କ ମଧ୍ୟରେ ସୃଷ୍ଟି ହେଉଥିବା ଧାର୍ମିକ ପ୍ରତିଯୋଗିତା ସାଂସ୍କୃତିକ ପ୍ରତିଯୋଗିତାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ।

**୪. ପ୍ରଜାତୀୟ ପ୍ରତିଯୋଗିତା (Racial Competition) :** ପ୍ରଜାତିୟ ପ୍ରତିଯୋଗିତା ପୃଥିବୀର ମୁଖ୍ୟ ପ୍ରଜାତି (Race) ମଧ୍ୟରେ ଦେଖାଯାଏ । ଯେତେବେଳେ ଗୋଟିଏ ପ୍ରଜାତି ଅନ୍ୟ ପ୍ରଜାତିଗୁଡିକ ଉପରେ ତାହାର ପ୍ରାଧାନ୍ୟତାକୁ ପ୍ରତିଷ୍ଠିତ କରିବା ପାଇଁ ଚେଷ୍ଟାକରେ ସେତେବେଳେ ପ୍ରଜାତୀୟ ପ୍ରତିଯୋଗିତା ସୃଷ୍ଟି ହୁଏ । ସମୁଦାୟ ମାନବ ସମାଜ ବହୁସଂଖ୍ୟକ ପ୍ରଜାତିରେ ବିଭକ୍ତ ଏବଂ ଏହି ହେତୁ ସେମାନଙ୍କ ମଧ୍ୟରେ ସଦାସର୍ବଦା ତୀବ୍ର ପ୍ରଜାତୀୟ ପ୍ରତିଯୋଗିତା ହୋଇଥାଏ । ସୁତରାଂ ପ୍ରଜାତୀୟ ପ୍ରତିଯୋଗିତା ଆଧୁନିକ ବିଶ୍ୱର ଏକ ମୁଖ୍ୟ ବୈଶିଷ୍ଟ୍ୟ । ଭାରତରେ ଇଣ୍ଡୋ-ଆର୍ଯ୍ୟ ପ୍ରଜାତି ଏବଂ ଦ୍ରାବିଡୀୟ ପ୍ରଜାତି ମଧ୍ୟରେ ହେଉଥିବା ପ୍ରତିଯୋଗିତା ପ୍ରଜାତୀୟ ପ୍ରତିଯୋଗିତାର ଏକ ଉତ୍କୃଷ୍ଟ ଉଦାହରଣ । ସେହିପରି ଦକ୍ଷିଣ ଆଫ୍ରିକାରେ ଶ୍ୱେତାଙ୍ଗ ଏବଂ କୃଷ୍ଣକାୟ ପ୍ରଜାତି ମଧ୍ୟରେ ତୀବ୍ର ପ୍ରତିଯୋଗିତା ହେଉଥିବାର ଲକ୍ଷ୍ୟ କରାଯାଏ ।

**୫. ରାଜନୈତିକ ପ୍ରତିଯୋଗିତା (Political Competition) :** ରାଜନୈତିକ ପ୍ରତିଯୋଗିତା ଆଧୁନିକ ସମାଜର ଏକ ମୌଳିକ ବୈଶିଷ୍ଟ୍ୟ । ଏହା ରାଜନୈତିକ କ୍ଷେତ୍ରରେ ସୃଷ୍ଟି ହୋଇଥାଏ । ସମସ୍ତ ଗଣତାନ୍ତ୍ରିକ ଦେଶରେ ବିଭିନ୍ନ ସଦସ୍ୟମାନଙ୍କ ମଧ୍ୟରେ ରାଜନୈତିକ କ୍ଷମତା ହାସଲ ପାଇଁ ହେଉଥିବା ପ୍ରତିଯୋଗିତାକୁ ରାଜନୈତିକ ପ୍ରତିଯୋଗିତା କୁହାଯାଏ । ରାଜନୈତିକ କ୍ଷମତାକୁ ଭିତ୍ତି କରି କଂଗ୍ରେସ ଦଳ ଏବଂ ବି.ଜେ.ପି. ଦଳ ମଧ୍ୟରେ ହେଉଥିବା ପ୍ରତିଯୋଗିତା ରାଜନୈତିକ ପ୍ରତିଯୋଗିତାର ଏକ ଆଦର୍ଶ ଉଦାହରଣ । ସେହିପରି ଆନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଦେଶ ମଧ୍ୟରେ କୁଟନୈତିକ ପ୍ରତିଯୋଗିତାକୁ ମଧ୍ୟ ରାଜନୈତିକ ପ୍ରତିଯୋଗିତା କୁହାଯାଏ ।

ଏତଦ୍‌ଭିନ୍ନ ସମାଜରେ ଆଉ ଦୁଇ ପ୍ରକାର ପ୍ରତିଯୋଗିତା ଦେଖାଯାଏ ଯଥା, (୧) ବୈୟୋକ୍ତିକ ପ୍ରତିଯୋଗିତା ଏବଂ (୨) ଅବୈୟୋକ୍ତିକ ପ୍ରତିଯୋଗିତା ।

**୧. ବୈୟୋକ୍ତିକ ପ୍ରତିଯୋଗିତା (Personal Competition) :** ବୈୟୋକ୍ତିକ ପ୍ରତିଯୋଗିତା କହିଲେ ଅନ୍ୟ ଜଣକ ସହିତ ପ୍ରତ୍ୟକ୍ଷ ଭାବେ କରୁଥିବା ପ୍ରତିଯୋଗିତା ହିଁ ବୁଝାଏ । ଏହା ଦୁଇ ବିରୋଧି ବ୍ୟକ୍ତିଙ୍କ ମଧ୍ୟରେ ସେମାନଙ୍କର ବ୍ୟକ୍ତିଗତ ସ୍ତରରେ ସୃଷ୍ଟି ହୋଇଥାଏ । ଏହି ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ପରସ୍ପରକୁ ବ୍ୟକ୍ତିଗତ ଭାବେ ଜାଣିଥାଆନ୍ତି । ଏକ ଶ୍ରେଣୀ ଗୃହରେ ଦୁଇଜଣ ଛାତ୍ରଙ୍କ ମଧ୍ୟରେ କିମ୍ବା ଏକ ନିର୍ଦ୍ଦିଷ୍ଟ ଖେଳରେ ଦୁଇଜଣ ଖେଳାଳୀଙ୍କ ମଧ୍ୟରେ ହେଉଥିବା ପ୍ରତିଯୋଗିତା ବୈୟୋକ୍ତିକ ପ୍ରତିଯୋଗିତାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ।

**୨. ଅବ୍ୟକ୍ତିଗତ ପ୍ରତିଯୋଗିତା (Impersonal Competition) :** ଅବୈୟୋକ୍ତିକ ପ୍ରତିଯୋଗିତା ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ନୁହେଁ ମାତ୍ର ଦୁଇ ସମୂହ ମଧ୍ୟରେ ସୃଷ୍ଟି ହୋଇଥାଏ । ଏହି ପ୍ରତିଯୋଗିତାରେ ପ୍ରତିଯୋଗିମାନେ ବ୍ୟକ୍ତିଗତ ସ୍ତରରେ ପ୍ରତିଯୋଗିତା କରିନଥାନ୍ତି ମାତ୍ର ଏକ ସମୂହର ସଦସ୍ୟଭାବେ ସେମାନେ ଅନ୍ୟ ଏକ ସମୂହ ସହିତ ପ୍ରତିଯୋଗିତା କରିଥାନ୍ତି । ଭାରତବର୍ଷରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ, ଶିଖ୍ ପ୍ରଭୃତି ବିଭିନ୍ନ ଧାର୍ମିକ ସମୂହ ମଧ୍ୟରେ ହେଉଥିବା ପ୍ରତିଯୋଗିତା ଅବୈୟୋକ୍ତିକ ପ୍ରତିଯୋଗିତା ରୂପେ ପରିଚିତ ।

## ପ୍ରତିଯୋଗିତାର ପ୍ରକାର୍ଯ୍ୟ (Function of Competition)

ଏକ ସାମାଜିକ ପ୍ରକ୍ରିୟା ଭାବେ ପ୍ରତିଯୋଗିତା ବ୍ୟକ୍ତି ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସହଯୋଗିତା ସଦୃଶ୍ୟ ପ୍ରତିଯୋଗିତା ସାମାଜିକ ଜୀବନ ପାଇଁ ଏକାନ୍ତ ଅପରିହାର୍ଯ୍ୟ । ଏହା ଉଭୟ ସମାଜ ଏବଂ ସମୂହ ପାଇଁ ଗୁରୁତ୍ୱପୂର୍ଣ୍ଣ । ପ୍ରତିଯୋଗିତା ବ୍ୟତିତ ବ୍ୟକ୍ତି ଓ ସମାଜର ସମ୍ପୂର୍ଣ୍ଣ ବିକାଶ ଅସମ୍ଭବ ଏହା ମନୁଷ୍ୟର ଉଦ୍‌ବର୍ତ୍ତନ (Survival) ରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ପ୍ରତିଯୋଗିତା ଆଧୁନିକ ଜଟିଳ ଜୀବନର ନିର୍ଯ୍ୟାସ ରୂପେ ପରିଚିତ । ଏହା ବ୍ୟକ୍ତି ଓ ସମାଜର ଉପକାର ପାଇଁ ଅନେକ ନିୟନ୍ତ୍ରଣକାରୀ ପ୍ରକାର୍ଯ୍ୟମାନ ସମ୍ପାଦନ କରିଥାଏ । ସାମାଜିକ, ଅର୍ଥନୈତିକ, ଧାର୍ମିକ, ସାଂସ୍କୃତିକ ଏବଂ ରାଜନୈତିକ ଆଦି ପ୍ରତ୍ୟେକ ଦିଗ ପ୍ରତିଯୋଗିତାର ବନ୍ଧନରୁ ମୁକ୍ତ ନୁହେଁ । ପ୍ରଖ୍ୟାତ ସମାଜବିତ୍ ଏଚ୍.ଟି. ମଜୁମଦାର୍ (H.T. Mazumdar) ପ୍ରତିଯୋଗିତାର ସମସ୍ତ ପ୍ରକାର୍ଯ୍ୟକୁ ଦୁଇଟି ମୁଖ୍ୟ ବିଭାଗରେ ବିଭକ୍ତ କରିଛନ୍ତି, ଯଥା ସକରାତ୍ମକ କାର୍ଯ୍ୟ ଏବଂ ନକରାତ୍ମକ କାର୍ଯ୍ୟ ।

**ସକରାତ୍ମକ କାର୍ଯ୍ୟ (Positive Functions) :** ଏଚ୍.ଟି. ମଜୁମଦାରଙ୍କ ମତରେ ପ୍ରତିଯୋଗିତା ନିମ୍ନୋକ୍ତ ଗୁରୁତ୍ୱପୂର୍ଣ୍ଣ ଆସ୍ଥ୍ୟାତ୍ମକ କାର୍ଯ୍ୟମାନ ସମ୍ପାଦନ କରେ ।

(୧) ପ୍ରତିଯୋଗିତା ସମାଜରେ ବ୍ୟକ୍ତିମାନଙ୍କର ଭୂମିକା ଓ ପ୍ରସ୍ଥିତିକୁ ନିର୍ଦ୍ଧାରଣ କରିଥାଏ । ଏହା ସମାଜିକ ବ୍ୟବସ୍ଥାରେ ଉପଯୁକ୍ତ ବ୍ୟକ୍ତିକୁ ସ୍ଥାନରେ ଅବସ୍ଥାପିତ କରେ । ପ୍ରତିଯୋଗିତା ପ୍ରତ୍ୟେକ ବ୍ୟକ୍ତିର ଦକ୍ଷତା, କର୍ମକୁଶଳତା ଏବଂ ପାରଦର୍ଶିତାକୁ ମଧ୍ୟ ନିର୍ଦ୍ଧାରଣ କରିଥାଏ । ଆଧୁନିକ ସମାଜର ଶ୍ରମ ବିଭାଜନ, କାର୍ଯ୍ୟ-ବିଶେଷୀକରଣ ଅର୍ଥନୈତିକ ସଙ୍ଗଠନ ପ୍ରଭୃତି ପ୍ରତିଯୋଗିତା ଦ୍ୱାରା ସମ୍ଭବପର ହୋଇପାରିଛି । ସମାଜରେ, ଯଶ, ଖ୍ୟାତି ଏବଂ ସୁନାମ ଅର୍ଜନ କରିବା ନିମିତ୍ତ ପ୍ରତିଯୋଗିତା ଲୋକମାନଙ୍କ ମଧ୍ୟରେ ଉଦ୍ଦୀପନା ସୃଷ୍ଟି କରିଥାଏ ।

(୨) ପ୍ରତିଯୋଗିତା ପ୍ରତିଯୋଗୀମାନଙ୍କ ମଧ୍ୟରେ କାର୍ଯ୍ୟଦକ୍ଷତା ବୃଦ୍ଧି କରେ । ଏହା ସମାଜରେ ଅର୍ଥନୈତିକ ଉନ୍ନତି ଏବଂ ସାମାଜିକ ବିକାଶକୁ ତ୍ୱରାନ୍ବିତ କରିଥାଏ । ନୂତନ ଅଭିଜ୍ଞତା ଏବଂ ଉପଯୁକ୍ତ ସ୍ୱୀକୃତି ଲାଭ କରିବା ପାଇଁ ପ୍ରତିଯୋଗିତା ଲୋକମାନଙ୍କୁ ଆବଶ୍ୟକୀୟ ସୁବିଧା ସୁଯୋଗ ପ୍ରଦାନ କରେ । ଏହା ଲୋକମାନଙ୍କର ଉଚ୍ଚ ଅଭିଳାଷ ଓ ଉଚ୍ଚଆକାଂକ୍ଷାକୁ ସମ୍ପ୍ରସାରିତ କରିଥାଏ । ପ୍ରତିଯୋଗିତା କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଏକାଗ୍ରତାର ମୂଳଉତ୍ସ ଭାବେ କାର୍ଯ୍ୟକରେ ।

(୩) ପ୍ରତିଯୋଗିତା ବ୍ୟକ୍ତିମାନଙ୍କୁ ପ୍ରତ୍ୟକ୍ଷ ସଂଘର୍ଷରୁ ନିବୃତ୍ତ କରିଥାଏ । କେତେକ ବିରଳ ଦ୍ରବ୍ୟର ଅଧିକାର ପାଇଁ ଲୋକମାନେ ପରସ୍ପର ମଧ୍ୟରେ ପ୍ରତିଯୋଗିତା କରିଥାନ୍ତି । ଅନେକ ସମୟରେ ଏହା ସମାଜ ପାଇଁ ବହୁ ସମସ୍ୟା ସୃଷ୍ଟି କରିଥାଏ । ଏହି ପରିସ୍ଥିତିରେ ପ୍ରତିଯୋଗିତା ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପମାନ ଗ୍ରହଣ କରିଥାଏ । ସୁତରାଂ ପ୍ରତିଯୋଗିତା ମାନବ ସମାଜରୁ ଏକ ଉତ୍କୃଷ୍ଟ ଉପାୟରେ ସଙ୍ଗଠିତ କରିଥାଏ ।

(୪) ପ୍ରତିଯୋଗିତା କ୍ଷମତାର ଅବାଞ୍ଛିତ କେନ୍ଦ୍ରୀକରଣକୁ ପ୍ରତିରୋଧ କରିଥାଏ । ଯାହା ଏକ ବ୍ୟକ୍ତି କିମ୍ବା ଦଳେ ବ୍ୟକ୍ତିଙ୍କ ହସ୍ତରେ କେନ୍ଦ୍ରିଭୂତ ହୋଇଥାଏ । ସୁତରାଂ କ୍ଷମତାର ବିକେନ୍ଦ୍ରୀକରଣ (Decentralization of Power) ଏବଂ କାର୍ଯ୍ୟ ବିଶେଷିକରଣ ହେଉଛି ଆଧୁନିକ ଶିଳ୍ପଭିତ୍ତିକ ଏବଂ ଗଣତାନ୍ତ୍ରିକ ସମାଜର ମୌଳିକ ବୈଶିଷ୍ଟ୍ୟ, ଯାହା ଲୋକମାନଙ୍କ ମଧ୍ୟରେ ଥିବା ପ୍ରତିଯୋଗିତାମୂଳକ ମନୋଭାବ ଦ୍ୱାରା କେବଳ ସମ୍ଭବ ହୋଇଥାଏ ।

(୫) ନ୍ୟାୟସଙ୍ଗତ ଏବଂ ସ୍ୱାସ୍ଥ୍ୟଗତ ପ୍ରତିଯୋଗିତା ଉଭୟ ବ୍ୟକ୍ତି ଓ ସମାଜ ପାଇଁ ଏକାନ୍ତ ଅପରିହାର୍ଯ୍ୟ । ଏହା ହେଉଛି ସାମାଜିକ ଏବଂ ଅର୍ଥନୈତିକ ପ୍ରଗତିର ଏକ ପ୍ରତୀକ । ଏହାକୁ ମାନବିକ କଲ୍ୟାଣର ଏକ ଅପରିହାର୍ଯ୍ୟ ଅଂଶରୂପେ ମଧ୍ୟ ବିଚାର କରାଯାଏ । ସମାଜର ସମସ୍ତ ପ୍ରକାର ବସ୍ତୁଭିତ୍ତିକ ଏବଂ ଅବସ୍ତୁଭିତ୍ତିକ ବିକାଶ କେବଳମାତ୍ର ଲୋକମାନଙ୍କର ପ୍ରତିଯୋଗିତାମୂଳକ ପ୍ରକୃତି ଯୋଗୁ ସମ୍ଭବପର ହୋଇଥାଏ । ପ୍ରତିଯୋଗିତା ମଧ୍ୟ ଦେଶର ଔଦ୍ୟୋଗିକ ଏବଂ ବୈଜ୍ଞାନିକ ଉନ୍ନତିକୁ ତ୍ୱରାନ୍ୱିତ କରିଥାଏ । ଚଳନ୍ତି ଶତାବ୍ଦୀରେ ବିଭିନ୍ନ ପ୍ରକାର ବୈଜ୍ଞାନିକ ଉଦ୍ଭାବନ ଏବଂ ଆବିଷ୍କାର ପ୍ରତିଯୋଗିତା ଦ୍ୱାରା ସମ୍ଭବ ହୋଇଛି । ଏ ସମସ୍ତ ବ୍ୟକ୍ତି ତଥା ସମାଜର ସମ୍ପୂର୍ଣ୍ଣ ବିକାଶ ପ୍ରକ୍ରିୟାକୁ ବୃଦ୍ଧି କରିଥାଏ । ପ୍ରତିଯୋଗିତା ମଧ୍ୟ କଳା, ସାହିତ୍ୟ, ବିଜ୍ଞାନ, ଦର୍ଶନ ଏବଂ ବାଣିଜ୍ୟ ବ୍ୟବସାୟ ସମ୍ବନ୍ଧୀୟ ନୂତନ ଜ୍ଞାନକୁ ଜନ୍ମ ଦେଇଥାଏ, ଯେଉଁଗୁଡ଼ିକ ଆଧୁନିକ ସଭ୍ୟ ସମାଜ ପାଇଁ ଏକାନ୍ତ ଅପରିହାର୍ଯ୍ୟ ।

(୬) ପ୍ରତିଯୋଗିତା ପ୍ରତିଯୋଗିମାନଙ୍କର ବ୍ୟବହାର ଏବଂ ଦୃଷ୍ଟି ଭଙ୍ଗୀକୁ ସଂପୃକ୍ତ ନୀତିନିୟମ ମାଧ୍ୟମରେ ନିୟନ୍ତ୍ରିତ କରିଥାଏ । ପ୍ରତିଯୋଗିତା ପାଇଁ ଉଦ୍ଦିଷ୍ଟ ନୀତି ନିୟମକୁ ପ୍ରଦର୍ଶନ କରିବାପାଇଁ ଏହା ପ୍ରତିଯୋଗୀମାନଙ୍କୁ ନିର୍ଦ୍ଦେଶ ଦେଇଥାଏ ।

**ନକରାତ୍ମକ କାର୍ଯ୍ୟ (Negative Functions) :** ଆଲୋଚ୍ୟ ଆସ୍ତ୍ୟାତ୍ମକ କାର୍ଯ୍ୟ ବ୍ୟତିତ ପ୍ରତିଯୋଗିତା ସମାଜରେ ଅନେକ ନାସ୍ତ୍ୟାତ୍ମକ କାର୍ଯ୍ୟ ସମ୍ପାଦନ କରିଥାଏ । ଏହି କାର୍ଯ୍ୟମାନ ସମାଜର ବିଶୃଙ୍ଖଳା ପାଇଁ ମୁଖ୍ୟତଃ ଦାୟୀ ଏବଂ ଏଗୁଡ଼ିକ ସମୁଦାୟ ସାମାଜିକ ବିକାଶକୁ ବିପର୍ଯ୍ୟସ୍ତ କରିଥାନ୍ତି । ଏଚ୍.ଟି.ମଜୁମଦାର ପ୍ରତିଯୋଗିତାର ନିମ୍ନଲିଖିତ ନାସ୍ତ୍ୟାତ୍ମକ କାର୍ଯ୍ୟଗୁଡ଼ିକୁ ଉଲ୍ଲେଖ କରିଛନ୍ତି ।

(୧) ପ୍ରତିଯୋଗିତା ନୈରାଶ୍ୟ ମାଧ୍ୟମରେ ପ୍ରତିଯୋଗୀମାନଙ୍କର ସ୍ନାୟୁତନ୍ତ୍ରୀକୁ ଅବଶ କରିଦିଏ। ଯେତେବେଳେ ଆବଶ୍ୟକୀୟ ଜିନିଷଗୁଡ଼ିକର ଅଭାବ ପରିଲକ୍ଷିତ ହୁଏ ଏବଂ ପ୍ରତିଯୋଗୀମାନେ ଉକ୍ତ ଜିନିଷଗୁଡ଼ିକ ପାଇବା ଦିଗରେ ଅକ୍ଷମ ହୁଅନ୍ତି ସେତେବେଳେ ସେମାନଙ୍କ ମଧ୍ୟରେ ନୈରାଶ୍ୟ ବା ହତୋତ୍ସାହ ଭାବ ସୃଷ୍ଟି ହୁଏ।

(୨) ପ୍ରତିଯୋଗିତା ଏକାଦ୍‌ପତ୍ୟ (Monopoly) କୁ ବୃଦ୍ଧି କରିଥାଏ। ପୁଞ୍ଜିପତି ଅର୍ଥନୀତି ବ୍ୟବସ୍ଥାର ଅସୀମ ପ୍ରତିଯୋଗିତା ଏକାଧିପତ୍ୟକୁ ସୃଷ୍ଟି କରେ।

(୩) ପ୍ରତିଯୋଗିତା ଅନେକ ସମୟରେ ସଂଘର୍ଷର ରୂପ ଧାରଣ କରିଥାଏ। ଯେତେବେଳେ ପ୍ରତିଯୋଗିତା ଅସଙ୍ଗତ ପ୍ରକୃତିର ଆକାର ଧାରଣ କରେ, ସେତେବେଳେ ଏହା ପ୍ରତିଯୋଗୀଙ୍କ ମଧ୍ୟରେ ସଂଘର୍ଷ ସୃଷ୍ଟି କରେ। ସୁତରାଂ ପ୍ରତିଯୋଗିତାର ଅସଙ୍ଗତ ବ୍ୟବହାର ହେଉଛି ଏକ ମୁଖ୍ୟ ବିଶୃଙ୍ଖଳାତ୍ମକ ପରିଣାମ। ଏହା ଲୋକମାନଙ୍କର ସମସ୍ତ ଆଶାଭରସାକୁ ଧୂଳିସାତ କରିବା ସହିତ ଅର୍ଥନୈତିକ ବିକାଶକୁ ପ୍ରତିହତ କରିଥାଏ।

(୪) ପ୍ରତିଯୋଗିତା ସମାଜରେ ଆବେଗାତ୍ମକ ଏବଂ ମନସ୍ତାତ୍ତ୍ୱିକ ବିଶୃଙ୍ଖଳା ସୃଷ୍ଟି କରିଥାଏ। ଏହା ଲୋକମାନଙ୍କ ମଧ୍ୟରେ ଅସୌଜନ୍ୟମୂଳକ ଏବଂ ପ୍ରତିକୂଳ ମନୋଭାବ ବୃଦ୍ଧି କରିଥାଏ। ଅନେକ ସମୟରେ ପ୍ରତିଯୋଗିତା ପ୍ରତିଯୋଗୀମାନଙ୍କ ମଧ୍ୟରେ ହିଂସା, ଦ୍ୱେଷ, ପରଶ୍ରୀକାତରତା ଏବଂ ରକ୍ତପାତ ଆଦି ଅସମାଜିକ କାର୍ଯ୍ୟର ବୀଜରୋପଣ କରିଥାଏ।

(୫) ପ୍ରତିଯୋଗିତା ଶୋଷଣ (Exploitation)ର ଏକ ପ୍ରତିକ ଅଟେ। ଯେତେବେଳେ ପ୍ରତିଯୋଗିତା ଅସତ୍ ଉପାୟରେ ହୁଏ ଏବଂ ପ୍ରତିଯୋଗୀମାନେ ପ୍ରତିଯୋଗିତାର ନୀତିନିୟମରୁ ବିଚ୍ୟୁତ ହୁଅନ୍ତି, ସେତେବେଳେ ଏହା ଶୋଷଣ ଆକାର ଧାରଣ କରେ।

## ସଂଘର୍ଷ

### (Conflict)

ସଂଘର୍ଷ ସାମାଜିକ ଆନ୍ତଃ-କ୍ରିୟାର ଅନ୍ୟ ଏକ ମୁଖ୍ୟ ବିସମ୍ବନ୍ଧକାରୀ ପ୍ରକ୍ରିୟା। ଦୁଇ ବା ତୋତଃଧିକ ବ୍ୟକ୍ତି ବା ସମୂହ ଯେକୌଣସି ଲକ୍ଷ୍ୟ ବା ଉଦ୍ଦେଶ୍ୟ ପୂରଣ ନିମିତ୍ତ ପରସ୍ପର ମଧ୍ୟରେ କଳହରେ ଲିପ୍ତ ରହିଲେ ତାହାକୁ ସଂଘର୍ଷ (Conflict) କୁହାଯାଏ। ମାନବ ସମାଜରେ ସଂଘର୍ଷ ଏକ ସାର୍ବଜନୀନ ପ୍ରକ୍ରିୟା ଅଟେ। ଅନ୍ୟ ଅର୍ଥରେ ଯେକୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟର ଚରିତାର୍ଥ ପାଇଁ ବିବାଦୀୟ ବ୍ୟକ୍ତିମାନଙ୍କର ସମସ୍ତ କାର୍ଯ୍ୟକଳାପକୁ ସଂଘର୍ଷ କୁହାଯାଏ। ସଂଘର୍ଷ ହେଉଛି ସାମାଜିକ ସଂଗ୍ରାମର ଏକ ପରିମାର୍ଜିତ ରୂପ। ସଂଘର୍ଷ ସହଯୋଗିତାର ବିପରୀତ ଅଟେ ଏବଂ ପ୍ରତ୍ୟେକ ସମାଜରେ ପ୍ରତ୍ୟେକ ସମୟରେ ଦେଖାଯାଇଥାଏ। ଏହା ଧ୍ୱଂସ ଏବଂ ପ୍ରତିଶୋଧର ବୀଜ ଲୋକମାନଙ୍କଠାରେ ରୋପଣ କରିଥାଏ। ଏହି ପ୍ରକ୍ରିୟାରେ ଗୋଟିଏ ପକ୍ଷ ଅନ୍ୟ ଗୋଟିଏ ପକ୍ଷକୁ ଧ୍ୱଂସ କରିବାପାଇଁ ହିସାଂତ୍ମକ କାର୍ଯ୍ୟର ସାହାଯ୍ୟ ନେଉଥାଏ। ଯେତେବେଳେ ପ୍ରତିଯୋଗୀମାନଙ୍କର ଦୃଷ୍ଟିକୋଣ ପ୍ରତିଯୋଗିତାରୁ ବିଚ୍ୟୁତ ହୋଇ ନିଜ ଉପରେ ସନ୍ନିବଦ୍ଧ ହୋଇଥାଏ, ସେତେବେଳେ ସଂଘର୍ଷ ଜନ୍ମ ନେଇଥାଏ। ସମାଜରେ ଖାଦ୍ୟ, ବସ୍ତ୍ର, ବାସଗୃହ ଏବଂ ଯୌନ କ୍ଷୁଧାର ପରିତୃପ୍ତି ପାଇଁ ପରସ୍ପର ମଧ୍ୟରେ ପ୍ରତିଯୋଗିତା ହୋଇଥାଏ। ଏହି ପ୍ରତିଯୋଗିତା ହିଂସାତ୍ମକ ଏବଂ ପ୍ରତିଶୋଧ ପରାୟଣର ରୂପ ନେଲେ ତାହା ସଂଘର୍ଷରେ ପରିଣତ ହୋଇଥାଏ। ମାତ୍ର ବେଳେବେଳେ

ସଂଘର୍ଷରେ ହିଂସାର ସ୍ଥାନ ଥାଏ ଏବଂ ବେଳେବେଳେ ସଂଘର୍ଷରେ ହିଂସାର ସ୍ଥାନ ନଥାଏ । ଉଦାହରଣ ସ୍ୱରୂପ- ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ସୁଭାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ଗଠିତ ହୋଇଥିବା 'ଆଜାଦ୍ ହିନ୍ଦ୍ ଫୌଜ'ରେ ହିଂସାର ସ୍ଥାନ ଥିବାସ୍ଥଳେ ମହାତ୍ମାଗାନ୍ଧୀଙ୍କ ଦ୍ୱାରା ଗଠିତ 'ସତ୍ୟାଗ୍ରହ' ଓ 'ଅସହଯୋଗ ଆନ୍ଦୋଳନ'ରେ ହିଂସାର ସ୍ଥାନ ନଥିଲା । ଏହି ସଂଘର୍ଷ ବ୍ୟକ୍ତି-ବ୍ୟକ୍ତି, ଜାତି-ଜାତି, ବର୍ଣ୍ଣ-ବର୍ଣ୍ଣ, ଧର୍ମ-ଧର୍ମ ଏବଂ ଦେଶ-ଦେଶ ମଧ୍ୟରେ ସୃଷ୍ଟି ହୋଇଥାଏ ।

**ସଂଘର୍ଷର ସଂଜ୍ଞା (Definition of Conflict)**

**ଏ.ଡବ୍‌ଲ୍ୟୁ. ଗ୍ରୀନ୍ (A.W. Green) :** "ଅନ୍ୟର ବା ଅନ୍ୟମାନଙ୍କର ଇଚ୍ଛାକୁ ବିରୋଧ କରିବା, ବାଧାଦେବା କିମ୍ବା ଦମନ କରିବାର ସୁଚିନ୍ତିତ ପଦକ୍ଷେପକୁ ସଂଘର୍ଷ କୁହାଯାଏ ।"

(Conflict is the deleberate attempt to oppose, resist or coerce will of another or others)

କିଙ୍ଗ୍‌ସ୍ଲେ ଡାଭିସ୍ (Kingsiey Davis) : "ସଂଗ୍ରାମର ଏକ ପରିମାର୍ଜିତ ରୂପକୁ ସଂଘର୍ଷ କୁହାଯାଏ ।"

(Conflict is a modified form of struggle)

**ଗିଲିନ୍ ଏବଂ ଗିଲିନ୍ (Gillin and Gillin) :** "ସଂଘର୍ଷ ହେଉଛି ସାମାଜିକ ପ୍ରକ୍ରିୟା, ଯେଉଁଥିରେ କି ବ୍ୟକ୍ତି ବା ସମୂହ ପ୍ରତ୍ୟକ୍ଷ ଭାବରେ ବିରୋଧୀମାନଙ୍କୁ ହିଂସା ଦ୍ୱାରା ବା ହିଂସାର ଧମକ ଦେଇ ସେମାନଙ୍କର ଲକ୍ଷ୍ୟ ପୂରଣ କରିଥାନ୍ତି ।"

(Conflict is the social process in which individuals or groups seek their ends by directly challanging the antagonist by violence or the threat of violence.)

**ମାକ୍ ଆଇଭର୍ ଏବଂ ପେଜ୍ (Mack Iver and Page) :** ଯେକୌଣସି ଲକ୍ଷ୍ୟ ହାସଲ ପାଇଁ ବିବାଦମାନ ବ୍ୟକ୍ତିମାନଙ୍କର ସମସ୍ତ କାର୍ଯ୍ୟକଳାପକୁ ସଂଘର୍ଷ ଅନ୍ତର୍ଭୁକ୍ତ କରିଥାଏ ।"

(Social conflict includes all activity in which men contend against one another or any objective)

**ସଂଘର୍ଷର ଗୁଣ**

**(Characteristics of Conflict)**

ଆଲୋଚ୍ୟ ସଂଜ୍ଞାମାନଙ୍କରୁ ସଂଘର୍ଷର ନିମ୍ନଲିଖିତ ଗୁଣ ସମ୍ବନ୍ଧରେ ସ୍ପଷ୍ଟ ସୂଚନା ମିଳେ ।

**୧. ବିସମ୍ବନ୍ଧକାରୀ ପ୍ରକ୍ରିୟା (Dissociative Process) :** ସଂଘର୍ଷ ସାମାଜିକ ଆନ୍ତଃ-କ୍ରିୟାର ଏକ ବିସମ୍ବନ୍ଧକାର ପ୍ରକ୍ରିୟା । ଏକ ନିର୍ଦ୍ଦିଷ୍ଟ ସ୍ୱାର୍ଥ ସାଧନ ପାଇଁ ଦୂର ବା ତତୋଽଧିକ ବ୍ୟକ୍ତି ଏବଂ ସମୂହ ମଧ୍ୟରେ ସଂଘର୍ଷ ସୃଷ୍ଟି ହୋଇଥାଏ ।

**୨. ସଚୈତନିକ ପ୍ରକ୍ରିୟା (Conscious Process) :** ସଂଘର୍ଷ ଏକ ସଚୈତନିକ କାର୍ଯ୍ୟ, ଯାହା ଦ୍ୱାରା ବିବାଦୀୟ ଗୋଷ୍ଠୀମାନେ ପରସ୍ପରର ଅନିଷ୍ଟ କରିବା ପାଇଁ ଚେଷ୍ଟା କରନ୍ତି । ସଂଘର୍ଷରେ ସଂପୃକ୍ତ ଥିବା ପକ୍ଷମାନେ ସଚେତନ ଭାବରେ ପରସ୍ପରକୁ ପରାସ୍ତ କରିବା ପାଇଁ ଚେଷ୍ଟା କରିଥାନ୍ତି । ତେଣୁ ରର୍ବଟ ଏବଂ ପାର୍କ (Robbert and Park) କହିଛନ୍ତି ସଂଘର୍ଷ ସଦାସର୍ବଦା ସଚୈତନିକ ପ୍ରକୃତିର ଅଟେ ।

**୩. ବ୍ୟକ୍ତିଗତ ପ୍ରକ୍ରିୟା (Personal Process) :** ସଂଘର୍ଷ ଏକ ବ୍ୟକ୍ତିଗତ କାର୍ଯ୍ୟ, ଯେଉଁଥିରେ ଗୋଟିଏ ପକ୍ଷର ଲକ୍ଷ୍ୟ ହେଉଛି ଅପର ପକ୍ଷକୁ ପରାଜିତ କରିବା । ତେଣୁ ସଂଘର୍ଷରେ ଲିପ୍ତଥିବା ପକ୍ଷ ପରସ୍ପରକୁ ବ୍ୟକ୍ତିଗତ ଭାବେ ଜାଣିଥାନ୍ତି । ବିରୋଧି ପକ୍ଷକୁ ପରାସ୍ତ କରିବା ସଂଘର୍ଷର ମୂଖ୍ୟ ଲକ୍ଷ୍ୟ ।

**୪. ଅନିୟମିତ ପ୍ରକ୍ରିୟା (Intermittent Process) :** ପ୍ରତିଯୋଗିତା ସଦୃଶ ସଂଘର୍ଷ ଏକ ନିୟମିତ ବା ଧାରାବାହିକ ପ୍ରିକ୍ରିୟା ନୁହେଁ । ଏହା ଏକ ଅନିୟମିତ ପ୍ରକ୍ରିୟା । ଏହା ବେଳେବେଳେ ଆକସ୍ମିକ ଭାବେ ସୃଷ୍ଟି ହୁଏ । ସଂଘର୍ଷ ହଠାତ୍ ଆରମ୍ଭ ହୋଇଥାଏ ଏବଂ ଏହାର ଶୀଘ୍ର ପରିସମାପ୍ତ ଘଟିଥାଏ । ସୁତରାଂ ସଂଘର୍ଷ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା ନୁହେଁ । ଯେତେବେଳେ ବିବାଦୀୟ ପକ୍ଷର ଲକ୍ଷ୍ୟ ସାଧିତ ହୁଏ କିମ୍ବା ଯେତେବେଳେ ପରାଜିତ ଗୋଷ୍ଠୀ ବିଜୟୀ ଗୋଷ୍ଠୀ ନିକଟରେ ଆତ୍ମସମର୍ପଣ କରେ ସେତେବେଳେ ସଂଘର୍ଷର ପରିସମାପ୍ତି ଘଟେ ।

**୫. ସାର୍ବଜନୀନ ପ୍ରକ୍ରିୟା (Universal Process) :** ସଂଘର୍ଷ ଏକ ସାର୍ବଜନୀନ ପ୍ରକ୍ରିୟା । ଏହା ସବୁ ସ୍ଥାନରେ ଏବଂ ସବୁ ସମୟରେ ସଦୃଷ୍ଟ ହୁଏ । ସଂଘର୍ଷମାନବ ସମାଜର ପ୍ରତି କୋଣ ଏବଂ ଅନୁକୋଣରେ ତିଷ୍ଠି ରହିଥାଏ । ମନୁଷ୍ୟର ଆତ୍ମାସ୍ୱାର୍ଥ ଏବଂ ବସ୍ତୁବାଦୀ ପ୍ରବୃତ୍ତିର ମୁଖ୍ୟ କାରଣ ସଂଘର୍ଷର ସାର୍ବଜନୀନ ବିଶେଷତ୍ୱ ପାଇଁ ମୁଖ୍ୟତଃ ଦାୟୀ । ଯଦିଓ ସଂଘର୍ଷ ଏକ ସବିରାମ (Intermittent) ପ୍ରକ୍ରିୟା ତଥାପି ଏହା ସମସ୍ତ ପ୍ରକାର ସମାଜରେ ତିଷ୍ଠି ରହିଥାଏ । କୌଣସି ସମାଜ ସଂଘର୍ଷ ପ୍ରଭାବରୁ ମୁକ୍ତ ନୁହେଁ ।

## ସଂଘର୍ଷର ପ୍ରକାରଭେଦ
## (Types of Conflict)

ମାକ୍ ଆଇଭର ଏବଂ ପେଜ (Mac Iver and Page) ସଂଘର୍ଷକୁ ଦୁଇ ଭାଗରେ ବିଭକ୍ତ କରିଛନ୍ତି । ସେଗୁଡିକ ହେଲା - (୧) ପ୍ରତ୍ୟକ୍ଷ ସଂଘର୍ଷ ଏବଂ (୨) ପରୋକ୍ଷ ସଂଘର୍ଷ ।

**୧. ପ୍ରତ୍ୟକ୍ଷ ସଂଘର୍ଷ (Direct Conflict)** : ଯେତେବେଳେ ବ୍ୟକ୍ତି ବା ସମୂହଗୁଡିକ ମଧ୍ୟରେ ପ୍ରତ୍ୟକ୍ଷ ଭାବରେ ସଂଘର୍ଷ ସୃଷ୍ଟି ହୁଏ, ତାହାକୁ ପ୍ରତ୍ୟକ୍ଷ ସଂଘର୍ଷ କୁହାଯାଏ । ଏଥିରେ ପକ୍ଷ କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ପାଇଁ ଉଦ୍ୟମ କରିଥାଆନ୍ତି । ଏହି ପ୍ରକାର ସଂଘର୍ଷରେ ଉଭୟପକ୍ଷ ପରସ୍ପରର କ୍ଷୟକ୍ଷତି ଘଟାଇଥାନ୍ତି କିମ୍ବା ଧ୍ୱଂସ ସାଧନ କରିବାକୁ ମଧ୍ୟ ଚେଷ୍ଟା କରନ୍ତି । ଦୁଇ ଦେଶ ମଧ୍ୟରେ ଯୁଦ୍ଧ, ବିପ୍ଳବ, ସାମ୍ପ୍ରଦାୟିକ ଦଙ୍ଗା ଇତ୍ୟାଦି ପ୍ରତ୍ୟକ୍ଷ ସଂଘର୍ଷର ଉଦାହରଣ ।

**୨. ପରୋକ୍ଷ ସଂଘର୍ଷ (Indirect Conflict)** : ଯେତେବେଳେ ପରୋକ୍ଷଭାବେ ବିଭିନ୍ନ ବ୍ୟକ୍ତି ବା ଦଳଗୁଡିକ ପରସ୍ପରର ଉଦ୍ୟମକୁ ବ୍ୟର୍ଥ କରିବାପାଇଁ ଏବଂ ପରସ୍ପରର କ୍ଷତି ଘଟାଇବା ପାଇଁ ଚେଷ୍ଟା କରିଥାନ୍ତି; ସେତେବେଳେ ପରୋକ୍ଷ ସଂଘର୍ଷ ସୃଷ୍ଟି ହୁଏ । ଉଭୟ ପକ୍ଷ ଏକ ଲକ୍ଷ୍ୟ ପୂରଣ କରିବା ପାଇଁ ଚେଷ୍ଟା କରିଥାନ୍ତି । ଯେତେବେଳେ

ଦୁଇଜଣ ବ୍ୟବସାୟୀ ଅନ୍ୟ ଜଣେ ବ୍ୟବସାୟୀର କ୍ଷତି ଘଟାଇବା ପାଇଁ ନିଜେ କିଛି ପରିମାଣରେ କ୍ଷତି ସହି ସେମାନଙ୍କର ପଣ୍ୟଦ୍ରବ୍ୟକୁ କମ୍ ଦୂରରେ ବିକ୍ରି କରନ୍ତି, ସେତେବେଳେ ଯେଉଁ ସଂଘର୍ଷ ସୃଷ୍ଟି ହୁଏ, ତାହାକୁ ପରୋକ୍ଷ ସଂଘର୍ଷ କୁହାଯାଏ ।

ବିଖ୍ୟାତ ସମାଜବିଜ୍ଞାନୀ ଜର୍ଜ ସିମ୍ମେଲ (George Simmel) ସଂଘର୍ଷକୁ ଚାରିଭାଗରେ ବିଭକ୍ତ କରିଛନ୍ତି ।

**୧. ଯୁଦ୍ଧ (War) :** ଯେତେବେଳେ ଦୁଇଟି ରାଷ୍ଟ୍ର ମଧ୍ୟରେ ମତାନ୍ତରକୁ ସମାଧାନ କରିବାରେ ସମସ୍ତ ଉଦ୍ୟମ ବ୍ୟର୍ଥ ହୁଏ, ସେତେବେଳେ ସଂଘର୍ଷ ଯୁଦ୍ଧରରୂପ ନେଇଥାଏ । ସିମ୍ମେଲ କହିଛନ୍ତି ମାନବର ବିରୋଧୀ ପ୍ରବୃତ୍ତି ସଂଘର୍ଷର ମୁଖ୍ୟ କାରଣ ଅଟେ । ଅନ୍ୟ ଅର୍ଥରେ ଯେତେବେଳେ ଆନ୍ତର୍ଜାତିକ ସମସ୍ୟାକୁ ଭିତ୍ତିକରି ଦୁଇ ଦେଶ ମଧ୍ୟରେ ସଂଘର୍ଷ ସୃଷ୍ଟି ହୁଏ ତାହାକୁ ଯୁଦ୍ଧ କୁହାଯାଏ ।

**୨. ଗୋଷ୍ଠୀ ବିବାଦ (Feud or Fractional Strife) :** ଯୁଦ୍ଧ ଦୁଇଟି ଜାତି ବା ରାଷ୍ଟ୍ର ମଧ୍ୟରେ ହୋଇଥାଏ । ମାତ୍ର ଗୋଷ୍ଠୀ ବିବାଦ ଗୋଟିଏ ସମୂହରେ ଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ହୋଇଥାଏ । ଏହା ଏକ ଆନ୍ତଃ-ସମୂହ ସଂଘର୍ଷ ଯାହା ଏକ ସମୂହର ସଦସ୍ୟମାନଙ୍କ ମଧ୍ୟରେ ଅନ୍ୟାୟ କାର୍ଯ୍ୟ ଯୋଗୁଁ ଯୋଇଥାଏ ।

**୩. ମୋକଦ୍ଦମା (Litigation) :** ସଂଘର୍ଷରେ ଲିପ୍ତ ଥିବା ବ୍ୟକ୍ତିମାନେ ଉପଯୁକ୍ତ ନ୍ୟାୟ ପାଇବାପାଇଁ ଯେତେବେଳେ ବିଚାରାଳୟରେ ଆଶ୍ରୟ ନେଇଥାଆନ୍ତି, ସେତେବେଳେ ଏହି ପ୍ରକାର ସଂଘର୍ଷକୁ ମୋକଦ୍ଦମା କୁହାଯାଏ । ଏହାର ନିଷ୍ପତ୍ତି ବିଚାରାଳୟରେ ହୋଇଥାଏ । ସମ୍ପତ୍ତି ଅଧିକାର ଜନିତ ସଂଘର୍ଷ ମୋକଦ୍ଦମାର ଏକ ବଳିଷ୍ଠ ନମୁନା ।

**୪. ଅବୈୟୋକ୍ତିକ ଆଦର୍ଶର ସଂଘର୍ଷ (Conflict of Impersonal Idias) :** ଯେତେବେଳେ ବ୍ୟକ୍ତିମାନେ କେତେକ ଆଦର୍ଶ ପୂରଣ କରିବାପାଇଁ ସଂଘର୍ଷ କରିଥାଆନ୍ତି, ସେତେବେଳେ ତାହାକୁ ଆଦର୍ଶ ନିମିତ୍ତ ସଂଘର୍ଷ କୁହାଯାଏ । ଏହି ପ୍ରକାର ସଂଘର୍ଷରେ ସେମାନଙ୍କର ବ୍ୟକ୍ତିଗତ ସ୍ୱାର୍ଥ ନଥାଏ । ସେମାନେ ନିଜ ନିଜ ଆଦର୍ଶରେ ସତ୍ୟତାକୁ ପ୍ରତିପାଦନ କରିବା ପାଇଁ ଚେଷ୍ଟା କରିଥାନ୍ତି । ଉଦାହରଣ ସ୍ୱରୂପ-ବିଭିନ୍ନ ରାଜନୈତିକ ଦଳ ନିଜ ନିଜର ଆଦର୍ଶକୁ ପ୍ରତିଷ୍ଠା କରିବାପାଇଁ ଏହି ପ୍ରକାର ସଂଘର୍ଷ ସୃଷ୍ଟି କରିଥାଆନ୍ତି ।

ଗିଲିନ୍ ଏବଂ ଗିଲିନ୍ (Gillin and Gillin) ସଂଘର୍ଷକୁ ୫ ଭାଗରେ ବିଭକ୍ତ କରିଅଛନ୍ତି । ସେଗୁଡ଼ିକୁ ନିମ୍ନରେ ଆଲୋଚନା କରାଗଲା ।

**୧. ବ୍ୟକ୍ତିଗତ ସଂଘର୍ଷ (Personal Conflict) :** ଯେତେବେଳେ ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ଥିବା ଆଦର୍ଶ ଏବଂ ଲକ୍ଷ୍ୟର ଭିନ୍ନତା ଯୋଗୁଁ ସଂଘର୍ଷ ହୁଏ, ତାହାକୁ ବ୍ୟକ୍ତିଗତ ସଂଘର୍ଷ କୁହାଯାଏ । ଛାତ୍ର ସଂସଦର ସଭାପତି ସ୍ଥାନ ପାଇଁ ଦୁଇଜଣ ଛାତ୍ରଙ୍କ ମଧ୍ୟରେ ସଂଘର୍ଷ ହେଉଛି ବ୍ୟକ୍ତିଗତ ସଂଘର୍ଷର ଏକ ଉଦାହରଣ । ଏହି ପ୍ରକାର ସଂଘର୍ଷ ଯଦିଓ ବ୍ୟକ୍ତିଗତ ଜୀବନ ପାଇଁ ଖୁବ୍ ଉପଯୋଗୀ ତଥାପି ଏହା ସମାଜ ପାଇଁ କ୍ଷତିକାରକ ଅଟେ ।

**୨. ପ୍ରଜାତୀୟ ସଂଘର୍ଷ (Racial Conflict) :** କେତେକ ପ୍ରଜାତି ନିଜକୁ ଅନ୍ୟମାନଙ୍କଠାରୁ ଶ୍ରେଷ୍ଠ ବୋଲି ଭାବିଥାନ୍ତି । ଶ୍ରେଷ୍ଠମାନ୍ୟତା ଏବଂ ନ୍ୟୁନମନ୍ୟତା ପ୍ରଜାତୀୟ ସଂଘର୍ଷର ମୂଳ କାରଣ । ଯୁକ୍ତରାଷ୍ଟ୍ର ଆମେରିକାର ଶ୍ୱେତାଙ୍ଗ ଏବଂ ନିଗ୍ରୋମାନଙ୍କ ମଧ୍ୟରେ ଏହି ପ୍ରକାର ସଂଘର୍ଷ ଦେଖାଯାଇଥାଏ । ଏହି ଭାବନା ଯୋଗୁ ଭାରତବର୍ଷରେ ସଂଘର୍ଷ ସୃଷ୍ଟି ହୋଇଛି ।

**୩. ଶ୍ରେଣୀ ସଂଘର୍ଷ (Class Conflict) :** ଶ୍ରେଣୀ ସଂଘର୍ଷ ବିଭିନ୍ନ ସ୍ୱାର୍ଥ ପୂରଣ ପାଇଁ ବିଭିନ୍ନ ଶ୍ରେଣୀ ମଧ୍ୟରେ ସୃଷ୍ଟି ହୁଏ। ନିଜ ନିଜର ସ୍ୱାର୍ଥ ହାସଲ ହେଉଛି ଏହି ସଂଘର୍ଷର ମୁଖ୍ୟ ଉଦ୍ଦେଶ୍ୟ। ସାମନ୍ତବାଦ ଯୁଗରେ ଭୂମି ମାଲିକ ଏବଂ ଚାଷୀମାନଙ୍କ ମଧ୍ୟରେ, ପୁଞ୍ଜିବାଦ ସମାଜରେ ବୁର୍ଜୁଆ ଏବଂ ଶ୍ରମିକମାନଙ୍କ ମଧ୍ୟରେ, ଆଧୁନିକ ସମୟରେ ଥିଲାବାଲା (Haves) ଏବଂ ନଥିଲାବାଲା (Have nots) ମଧ୍ୟରେ ଶ୍ରେଣୀ ସଂଘର୍ଷ ସୃଷ୍ଟି ହୋଇଥାଏ।

**୪. ରାଜନୈତିକ ସଂଘର୍ଷ (Political Conflict) :** ରାଜନୈତିକ ସଂଘର୍ଷ ବିଭିନ୍ନ ରାଜନୈତିକ ଦଳମାନଙ୍କ ମଧ୍ୟରେ ଦେଖାଯାଇଥାଏ। ସେମାନେ ନିଜ ଆଦର୍ଶ ଦ୍ୱାରା ସେମାନଙ୍କର ସ୍ୱାର୍ଥ ଏବଂ ଉଦ୍ଦେଶ୍ୟ ପୂରଣ ପାଇଁ ଚେଷ୍ଟା କରିଥାନ୍ତି। କ୍ଷମତା ଲାଭ ଏହି ସଂଘର୍ଷର ମୁଖ୍ୟ କାରଣ ଅଟେ। ଜାତୀୟ ସ୍ତରରେ ଦୁଇଟି ଭିନ୍ନ ରାଜନୈତିକ ଦଳ ମଧ୍ୟରେ ସଂଘର୍ଷ ସୃଷ୍ଟି ହୁଏ।

**୫. ଆନ୍ତର୍ଜାତୀୟ ସଂଘର୍ଷ (International Conflict) :** ପୃଥିବୀରେ ବିଭିନ୍ନ ଜାତି ବା ଦେଶ ଦେଶ ମଧ୍ୟରେ ସଂଘର୍ଷ ହୋଇଥାଏ। ତାହା ଆନ୍ତର୍ଜାତୀୟ ସଂଘର୍ଷ ରୂପେ ପରିଚିତ। କାଶ୍ମୀର ସମସ୍ୟା ଉପରେ ଭାରତ ଏବଂ ପାକିସ୍ଥାନ ସଂଘର୍ଷ ଏହାର ଉଦାହରଣ ଅଟେ। ଏହି ସଂଘର୍ଷ ଆନ୍ତର୍ଜାତୀୟ ସ୍ତରରେ ଦେଖାଯାଏ।

ଏତଦ୍ ବ୍ୟତିତ ସମାଜରେ ଦୁଇ ପ୍ରକାର ସଂଘର୍ଷ ଦେଖାଯାଇଥାଏ। ତାହାକୁ ନିମ୍ନରେ ଆଲୋଚନା କରାଗଲା।

**୧. ବ୍ୟକ୍ତିଗତ ଏବଂ ସମ୍ମିଳିତ ସଂଘର୍ଷ (Personal and Corporate Conflict) :** ଯେଉଁ ସଂଘର୍ଷ ଗୋଟିଏ ସମୂହ ମଧ୍ୟରେ ଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥାଏ, ତାହା ବ୍ୟକ୍ତିଗତ ସଂଘର୍ଷରେ ନାମରେ ପରିଚିତ। ବିରୋଧୀ ମନୋଭାବ, ହିଂସା ଭଣ୍ଡାମି ଇତ୍ୟାଦି ବ୍ୟକ୍ତିଗତ କାରଣ ଯୋଗୁ ଏହି ପ୍ରକାର ସଂଘର୍ଷ ଉପୁଜିଥାଏ। ସ୍ୱାମୀ-ସ୍ତ୍ରୀ କଳହ, ଶିକ୍ଷକ-ଛାତ୍ର ବିବାଦ ଏବଂ ପିତାମାତା ସନ୍ତାନସନ୍ତତିମାନଙ୍କ ମଧ୍ୟରେ ଦ୍ୱନ୍ଦ ବ୍ୟକ୍ତିଗତ ସଂଘର୍ଷ କେତେକ ଉଦାହରଣ। କିନ୍ତୁ ସମାଜରେ ଥିବା ଗୋଟିଏ ସମୂହର ଅନ୍ୟ ଏକ ସମୂହ ସହିତ ହେଉଥିବା ସଂଘର୍ଷକୁ ସମ୍ମିଳିତ ସଂଘର୍ଷ କୁହାଯାଏ। ସାଂପ୍ରଦାୟିକ ଦଙ୍ଗା ହଙ୍ଗାମା, ଶ୍ରମିକ-ମାଲିକ ସଂଘର୍ଷ ଏହାର ଉଦାହରଣ। ସମୂହିକ ସ୍ୱାର୍ଥ ପାଇଁ ବ୍ୟକ୍ତିମାନେ ଏକତ୍ର ହୋଇ ସଂଘର୍ଷ କରିଥାଆନ୍ତି।

**୨. ଅବ୍ୟକ୍ତ ଏବଂ ପ୍ରକାଶ୍ୟ ସଂଘର୍ଷ (Latent and Overt Conflict) :** ବେଳେବେଳେ କୌଣସି କାରଣରୁ ବ୍ୟକ୍ତି ବା ସମୂହଗୁଡ଼ିକ ସେମାନଙ୍କର ସଂଘର୍ଷ ଜନିତ ମନୋଭାବକୁ ବ୍ୟକ୍ତ କରିନଥାନ୍ତି। ଏହା ଅପ୍ରକାଶିତ ସଂଘର୍ଷ ନାମରେ ପରିଚିତ ଅଟେ। ସାମାଜିକ ଉତ୍ତେଜନା ଏବଂ ଅସନ୍ତୋଷଜନୀତ ବିରୋଧି ମନୋଭାବ ଏହି ସଂଘର୍ଷର ମୁଖ୍ୟ କାରଣ। କିନ୍ତୁ ଯେତେବେଳେ ବ୍ୟକ୍ତି ବା ସମୂହଗୁଡ଼ିକ ମଧ୍ୟରେ ପ୍ରକାଶିତ ଭାବରେ ସଂଘର୍ଷ ସୃଷ୍ଟି ହୁଏ ସେତେବେଳେ ବ୍ୟକ୍ତି ବା ସମୂହଗୁଡ଼ିକ ମଧ୍ୟରେ ପ୍ରକାଶିତ ଭାବରେ ସଂଘର୍ଷ ସୃଷ୍ଟି ହୁଏ ସେତେବେଳେ ତାହାକୁ ପ୍ରକାଶ୍ୟ ସଂଘର୍ଷ କୁହାଯାଏ। ଦୁଇଟି ବ୍ୟକ୍ତି ମଧ୍ୟରେ ସଂଘର୍ଷ, ଭାରତ ଓ ପାକିସ୍ଥାନ ମଧ୍ୟରେ ଯୁଦ୍ଧ ପ୍ରଭୃତି ପ୍ରକାଶ୍ୟ ସଂଘର୍ଷ ରୂପେ ପରିଚିତ ଅଟେ।

## ସଂଘର୍ଷର ପ୍ରକାର୍ଯ୍ୟ (Functions of Conflict)

ସଂଘର୍ଷ ଉଭୟ ବ୍ୟକ୍ତି ଓ ସମାଜ ପାଇଁ ଖୁବ୍ ଆବଶ୍ୟକ। ଏହା ହେଉଛି ମାନବ ସମାଜର ଏକ ଅପରିହାର୍ଯ୍ୟ ଅଂଶ ଏବଂ ଏହା ମାନବିକ ସମ୍ପର୍କର ଏକ ସର୍ବବିଦ୍ୟାମାନ ପ୍ରକ୍ରିୟା। ସାମ୍ୟବାଦର ଆଧାତ୍ମିକ ଜନକ କାର୍ଲମାର୍କସ

(Karl Marx) କହିଛନ୍ତି "ଅଦ୍ୟାବଧି ତିଷ୍ଠି ରହିଥିବା ସମସ୍ତ ସମାଜର ଇତିହାସ ହେଉଛି ଶ୍ରେଣୀ ସଂଘର୍ଷର ଇତିହାସ। "(The history of all hitherto existing society is the history of class struggle)। ଜର୍ଜ ସିମ୍ମେଲ (George Simmel) ଙ୍କ ମତରେ ସଂଘର୍ଷ ବିହିନ ସମାଜ ବାସ୍ତବ ନୁହେଁ, ଏକ କଳ୍ପନା ମାତ୍ର। ମାନବ ସମାଜର ଉନ୍ନତି ଏବଂ ବିକାଶ ଉଭୟ ଐକ୍ୟ ଓ ଅନୈକ୍ୟ, ସହଯୋଗିତା ଓ ସଂଘର୍ଷ ଉପରେ ନିର୍ଭର କରିଥାଏ। ସୁତରାଂ ଏହି ହେତୁ ସଂଘର୍ଷ ଉଭୟ ଗଠନାତ୍ମକ ଏବଂ ଧ୍ୱଂସାତ୍ମକ କାର୍ଯ୍ୟ ସମ୍ପାଦନ କରିଥାଏ। ଯେତେବେଳେ ସଂଘର୍ଷର ପ୍ରକୃତି ଗଠନାତ୍ମକ ହୁଏ ସେତେବେଳେ ଏହା ସମାଜର ସମ୍ପୂର୍ଣ୍ଣ ବିକାଶକୁ ତ୍ୱରାନ୍ୱିତ କରେ ଏବଂ ଯେତେବେଳେ ସଂଘର୍ଷ ଧ୍ୱଂସାତ୍ମକ ପ୍ରକୃତିର ହୁଏ ସେତେବେଳେ ଏହା ସମୁଦାୟ ଶାନ୍ତ ବାତାବରଣକୁ ବିପର୍ଯ୍ୟସ୍ତ କରି ସମାଜର ସମସ୍ତ ବିକାଶକୁ ପ୍ରତିହତ କରେ। ସୁତରାଂ ଏହି ଦୃଷ୍ଟିରୁ ସଂଘର୍ଷର ସମସ୍ତ କାର୍ଯ୍ୟକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ, ଯଥା – ଆସ୍ତ୍ୟାତ୍ମକ କାର୍ଯ୍ୟ ଏବଂ ନାସ୍ତ୍ୟାତ୍ମକ କାର୍ଯ୍ୟ।

**ସକରାତ୍ମକ କାର୍ଯ୍ୟ (Positive Function) :** ପ୍ରତିଯୋଗିତା ସଦୃଶ ସଂଘର୍ଷ ମଧ୍ୟ ଅନେକ ଆସ୍ତ୍ୟାତ୍ମକ କାର୍ଯ୍ୟ ସମ୍ପାଦନ କରିଥାଏ। ଏଗୁଡିକ ସଂଘର୍ଷର ଗଠନାତ୍ମକ ଏବଂ ଶୃଙ୍ଖଳାତ୍ମକ କାର୍ଯ୍ୟ ରୂପେ ପରିଚିତ। ଜର୍ଜ ସିମ୍ମେଲ, ଲୁଇସ୍ କୋଜର ଏବଂ ଅନ୍ୟ ସମଜବିଜ୍ଞାନୀମାନଙ୍କ ମତରେ ବ୍ୟକ୍ତି ତଥା ସମାଜର ମଙ୍ଗଳ ନିମିତ୍ତ ସଂଘର୍ଷ ନିମ୍ନଲିଖିତ ଆସ୍ତ୍ୟାତ୍ମକ କାର୍ଯ୍ୟ ସମ୍ପାଦନ କରେ।

୧. ସଂଘର୍ଷ ସମୂହ ଏବଂ ସମାଜ ଭିତରେ ବାସ କରୁଥିବା ଲୋକମାନଙ୍କ ମଧ୍ୟରେ ସାମାଜିକ ସଂହତି ଏବଂ ସହାନୁଭୂତିକୁ ତ୍ୱରାନ୍ୱିତ କରିଥାଏ। ଏହା ଜାତୀୟ ସଂହତିର ଏକ ବଳିଷ୍ଠ ଅସ୍ତ୍ରଭାବେ କାର୍ଯ୍ୟକରେ। ଯୁଦ୍ଧ ସଂଘର୍ଷର ଏକ ଜ୍ୱଳନ୍ତ ଉଦାହରଣ, ଯାହାକି ଗୋଟିଏ ଦେଶର ନାଗରିକମାନଙ୍କ ମଧ୍ୟରେ ସହଯୋଗୀ ମନୋଭାବ ଏବଂ ସ୍ୱଦେଶୀପ୍ରୀତି ଧାରଣା ଜାଗ୍ରତ କରିଥାଏ। ଯୁଦ୍ଧ ସମୟରେ ସମସ୍ତ ନାଗରିକ ଭେଦଭାବ ଭୁଲି ଦେଶ ସମ୍ମୁଖୀନ ହୋଇଥିବା ଆହ୍ୱାନକୁ ମୁକାବିଲା କରିବାପାଇଁ ସରକାରଙ୍କୁ ପ୍ରତ୍ୟକ୍ଷ ଏବଂ ସହଯୋଗ କରିଥାନ୍ତି। ଏହା ଜାତୀୟ ଏକତା ଏବଂ ସହଂତିକୁ ବୃଦ୍ଧି କରିଥାଏ। ଓଗ୍‌ବର୍ଣ୍ଣ ଏବଂ ନିମ୍‌କୋପ (Ogburn and Nimkoff)ଙ୍କ ମତରେ "ଆନ୍ତଃ ସମୂହ ସଂଘଷ ହେଉଛି ଏକ ପ୍ରଭାବଶାଳୀ କାରକ ଯାହା ଆନ୍ତଃ-ସମୂହ ସହଯୋଗିତାକୁ ବଳିଷ୍ଠ କରିଥାଏ।"

୨. ବ୍ୟକ୍ତି ତଥା ସମାଜ ଜୀବନରେ ସଂଘର୍ଷ ସର୍ବାଙ୍ଗୀନ ଉନ୍ନତି ଆଣିଥାଏ। ସାମାଜିକ ତଥା ବ୍ୟକ୍ତିଗତ ସମସ୍ୟାଗୁଡିକର ସମାଧାନ ନିମିତ୍ତ ସଂଘର୍ଷର ଆବଶ୍ୟକତା ଯଥେଷ୍ଟ ଅଧିକ। ସଂଗ୍ରାମ ବ୍ୟତିତ କୌଣସି ବ୍ୟକ୍ତି ନିଜ ଜୀବନର ବିକାଶ ଘଟାଇ ପାରିବ ନାହିଁ। ତେଣୁ ଜୀବନ ହେଉଛି ସଂଘର୍ଷର ଏକ ପରିପୂର୍ଣ୍ଣ ସମାହାର। ସଂଘର୍ଷ ଦେଶର ଉତ୍ପାଦନକୁ ବୃଦ୍ଧି କରେ, ଜାତିର ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ ରଖେ ଏବଂ ସମସ୍ତ ଜାତୀୟ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିଥାଏ।

୩. ସଂଘର୍ଷ ସାମାଜିକ ପରିବର୍ତ୍ତନର ଏକ ଅପରିହାର୍ଯ୍ୟ ଉପାଦାନ। ଏହା ସମାଜରେ ଏକ ଐତିହାସିକ ଏବଂ ବୈପ୍ଳବିକ ପରିବର୍ତ୍ତନ ଆଣିଥାଏ। ସାମାଜିକ ପରିବର୍ତ୍ତନ ମାନବ ସମାଜର ଏକ ଅପରିହାର୍ଯ୍ୟ ଅଂଶ ଏବଂ

ଏହା କେବଳ ସଂଘର୍ଷ ଦ୍ୱାରା ସମ୍ଭବ । କାର୍ଲମାର୍କସ୍ (Karl Marx) ଙ୍କ ମତରେ ସଂଘର୍ଷ ବ୍ୟତିତ ସମାଜରେ କୌଣସି ମୌଳିକ ପରିବର୍ତ୍ତନ ସଂଘଟିତ ହୋଇପାରିବ ନାହିଁ । ସଂଘର୍ଷ ପ୍ରାଚୀନ ପ୍ରଥା, ପରମ୍ପରା, ଲୋକରୀତି, ଲୋକନିୟମ, ପ୍ରତିମାନ ଏବଂ ମୂଲ୍ୟବୋଧ ଆଦିରେ ଦ୍ରୁତ ପରିବର୍ତ୍ତନ ଆଣିଥାଏ । ଏହା ସଂଘର୍ଷରେ ଲିପ୍ତ ଥିବା ବ୍ୟକ୍ତିମାନଙ୍କର ଅଭିବୃଦ୍ଧି, ଆଦର୍ଶ ଏବଂ ଦୃଷ୍ଟିଭଙ୍ଗୀରେ ଘଟୁଥିବା ପରିବର୍ତ୍ତନର ବେଗକୁ ତ୍ୱରାନ୍ୱିତ କରିଥାଏ ।

୪. ସଂଘର୍ଷ ବିବାଦୀୟ ପକ୍ଷଙ୍କ ମଧ୍ୟରେ ଅନ୍ତରଙ୍ଗ, ଘନିଷ୍ଠ ତଥା ସୌହାର୍ଦ୍ଦ୍ୟ ପୂର୍ଣ୍ଣ ସମ୍ପର୍କ ପ୍ରତିଷ୍ଠା କରିବା ଦିଗରେ ଏକ ବଳିଷ୍ଠ ମାଧ୍ୟମ ରୂପେ କାର୍ଯ୍ୟ କରେ । ଉଦାହରଣ ସ୍ୱରୂପ - ସାଙ୍ଗାସାଥୀ, ପ୍ରେମିକ, ପ୍ରେମିକା ଏବଂ ବିବାହିତ ଦମ୍ପତ୍ତିଙ୍କ ମଧ୍ୟରେ ସୃଷ୍ଟି ହେଉଥିବା ସାଧାରଣ ବିବାଦ ସେମାନଙ୍କ ମଧ୍ୟରେ ଅନ୍ତରଙ୍ଗ ତଥା ନିବିଡ ସମ୍ପର୍କ ସୃଷ୍ଟି କରିଥାଏ । ସେହିପରି ସଂଘର୍ଷର ପରିସମାପ୍ତି ପରେ ଦୁଇପକ୍ଷଙ୍କ ମଧ୍ୟରେ ଅତି ଘନିଷ୍ଠ ସମ୍ପର୍କ ପ୍ରତିଷ୍ଠିତ ହୋଇଥାଏ ।

୫. ଦୁଇ ବିବାଦୀୟ ପକ୍ଷଙ୍କ ମଧ୍ୟରେ ସାଂସ୍କୃତିକ ମୂଲ୍ୟବୋଧର ବିନିମୟ କ୍ଷେତ୍ରରେ ସଂଘର୍ଷ ଏକ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିଥାଏ । ସଂଘର୍ଷର ପରିସମାପ୍ତି ପରେ ସଂଘର୍ଷରେ ଲିପ୍ତଥିବା ଉଭୟ ଦଳ ସେମାନଙ୍କର ସଂସ୍କୃତିକୁ ସହଜରେ ବିନିମୟ କରିଥାନ୍ତି । ଉଦାହରଣ ସ୍ୱରୂପ - ଆଲେକଜାଣ୍ଡାରଙ୍କ ଭାରତ ଆକ୍ରମଣ ପରେ ଭାରତୀୟ ଏବଂ ଗ୍ରୀକ୍‌ମାନଙ୍କ ମଧ୍ୟରେ ସାଂସ୍କୃତିକ ମୂଲ୍ୟବୋଧର ଆଦାନପ୍ରଦାନ ସମ୍ଭବପର ହୋଇଥିଲା ।

୬. ମାନବ ପ୍ରଜାତିର ବିକାଶ ଏବଂ ଉନ୍ନତି ପାଇଁ ସଂଘର୍ଷ ଏକାନ୍ତ ଅପରିହାର୍ଯ୍ୟ । ଏହା ମନୁଷ୍ୟର ଖରାପ ବା ମନ୍ଦ ଉପାଦାନଗୁଡିକୁ ପ୍ରତିରୋଧ ଏବଂ ଦମନ କରିଥାଏ । ସଂଘର୍ଷ ଦ୍ୱାରା ଶୋଷଣରୁ ମୁକ୍ତି ମିଳେ, ଅନ୍ୟାୟ ନ୍ୟାୟର ରୂପରେଖ ନିଏ, ପରାଧୀନତାର ଶୃଙ୍ଖଳ ସ୍ୱାଧୀନତାର ସ୍ୱାଦକୁ ଆହ୍ୱାନ କରେ ଏବଂ ଧନୀ ଦରିଦ୍ର ମଧ୍ୟରେ ଥିବା ଅସମାନତା ରୂପର ପ୍ରାଚୀର ଭୁଷୁଡି ପଡେ ।

**ନକରାତ୍ମକ କାର୍ଯ୍ୟ (Negative Functions) :** ଉପରୋକ୍ତ ଆସ୍ତ୍ୟାତ୍ମକ କାର୍ଯ୍ୟ ବ୍ୟତିତ ସଂଘର୍ଷ କେତେକ ନ୍ୟାସ୍ତ୍ୟାତ୍ମକ କାର୍ଯ୍ୟ ସମ୍ପାଦନ କରେ । ଏଗୁଡିକ ସଂଘର୍ଷର ଧ୍ୱଂସାତ୍ମକ ଏବଂ ଶୃଙ୍ଖଳାତ୍ମକ କାର୍ଯ୍ୟ ରୂପେ ପରିଚିତ, ଯାହା ସମାଜର ସମୁଦାୟ ପ୍ରଗତିକୁ ବିପର୍ଯ୍ୟସ୍ତ କରିଥାଏ । ନିମ୍ନଲିଖିତ ସଂଘର୍ଷର ମୁଖ୍ୟ ନାସ୍ତ୍ୟାତ୍ମକ କାର୍ଯ୍ୟ ।

୧. ସଂଘର୍ଷ ପ୍ରତିପକ୍ଷର ଏକ ଧ୍ୱଂସାତ୍ମକ ଆକୃତିକ ଭାବେ ପରିଚିତ ଏବଂ ଏହା ଅନୁତ୍ପାଦନଶୀଳ (Unproductive) ଅଟେ । ସଂଘର୍ଷରେ ପରାଜିତ ଦଳର ଅଜସ୍ର ଧନଜୀବନ ନଷ୍ଟ ହୁଏ । ହରାଇବା ତୁଳନାରେ ପାଇବାର ସ୍ଥାନ ଅତି ନଗଣ୍ୟ । ଏତଦ୍ ବ୍ୟତିତ ଉଭୟ ପକ୍ଷଙ୍କର ଶକ୍ତି ଏବଂ ସମ୍ବଳରେ ଯଥେଷ୍ଟ ଅପଚୟ ଘଟେ ।

୨. ସଂଘର୍ଷ ଅଗଣିତ ଲୋକମାନଙ୍କର ଅମୂଲ୍ୟ ଜୀବନ ଏବଂ ଅଜସ୍ର ଧନ ସମ୍ପତ୍ତିକୁ ଧ୍ୱଂସ କରିଥାଏ । ଏହା ଧ୍ୱଂସର କୂହେଳିକା ସୃଷ୍ଟି କରି ଅସଂଖ୍ୟ ଲୋକମାନଙ୍କୁ ଦୁଃଖ ଏବଂ ଯନ୍ତ୍ରଣାର ଚକ୍ରବ୍ୟୁହ ମଧ୍ୟକୁ ଠେଲି ଦେଇଥାଏ ।

୩. ସଂଘର୍ଷ ଲୋକମାନଙ୍କର ନୈତିକ ମୂଲ୍ୟବୋଧର ଅଧଃ ପତନ ଘଟାଇଥାଏ । ଏହା ସେମାନଙ୍କ ମଧ୍ୟରେ କ୍ରୋଧ ଏବଂ ଘୃଣାଭାବ ଉଦ୍ରେକ କରିଥାଏ । ସଂଘର୍ଷ ମାନବକୁ ଅମାନବରେ ପରିଣତ କରେ । ଏହା ମାନବ ଜାତିକୁ ଧ୍ୱଂସ ମୁଖକୁ ଠେଲି ଦେଇଥାଏ ।

୪. ସାମାଜିକ ସଂହତି ସଂଘର୍ଷର କୁପ୍ରଭାବ ଦ୍ୱାରା ଗଭୀରଭାବେ ପ୍ରଭାବିତ ହୁଏ । ଏହା ଜାତୀୟ ସଂହତିକୁ ବିପର୍ଯ୍ୟସ୍ତ କରିଥାଏ । ସମାଜର ବିଘଟନ ପାଇଁ ସଂଘର୍ଷ ମୁଖ୍ୟତଃ ଦାୟୀ ।

୫. ସଂଘର୍ଷର ଧ୍ୱଂସାତ୍ମକ ଆକୃତି ସର୍ବୋପରି ସ୍ଥାନୀୟ, ପ୍ରାଦେଶିକ, ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ଆତଙ୍କ (Terror) ଭାବେ କାର୍ଯ୍ୟ କରେ ।

ହର୍ଟନ ଏବଂ ହଣ୍ଟ (Horton and Hunt) ସଂଘର୍ଷର ନିମ୍ନୋକ୍ତ ନାସ୍ତ୍ୟାତ୍ମକ କାର୍ଯ୍ୟ ଉଲ୍ଲେଖ କରିଛନ୍ତି ।

୧. ସଂଘର୍ଷ ଲୋକମାନଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି କରିଥାଏ ।

୨. ସଂଘର୍ଷ ବିବାଦୀୟ ଦଳ ମଧ୍ୟରେ ଧ୍ୱଂସ ଏବଂ ରକ୍ତପାତର ତାଣ୍ଡବଲୀଳା ସୃଷ୍ଟି କରିଥାଏ ।

୩. ସଂଘର୍ଷ ଆନ୍ତଃ-ସମୂହ ଉତ୍ତେଜନାକୁ ବୃଦ୍ଧି କରି ସମୂହ ଏକତାକୁ ନଷ୍ଟ କରେ ।

୪. ସଂଘର୍ଷ ସହଯୋଗିତା, ଅଭିଯୋଜନ ଏବଂ ଆତ୍ମୀକରଣର ସାଧାରଣ ପ୍ରଣାଳୀକୁ ବିପର୍ଯ୍ୟସ୍ତ କରିଥାଏ ।

୫. ସଂଘର୍ଷ ସମୂହ ଆଭିମୁଖ୍ୟରୁ ସଦସ୍ୟମାନଙ୍କର ଦୃଷ୍ଟିଭଙ୍ଗୀକୁ ବିଚ୍ୟୁତ କରେ ।

ଉପରୋକ୍ତ ଆଲୋଚନାରୁ ଏହା ସୁସ୍ପଷ୍ଟ ଯେ ସଂଘର୍ଷର ନିଜସ୍ୱ ଉପକାରିତା ଏବଂ ଅପକାରିତା ରହିଛି । ଏହା ସଂପୂର୍ଣ୍ଣ ରୂପେ ଭଲ ନୁହେଁ କି ସମ୍ପୂର୍ଣ୍ଣ ରୂପେ ମନ୍ଦ ନୁହେଁ । ଏହା ସମାଜ ପାଇଁ ଯେତିକି ଆବଶ୍ୟକ ସେତିକି ମଧ୍ୟ କ୍ଷତିକାରକ । କିନ୍ତୁ ଏହାର ଉତ୍ତମ ଗୁଣାବଳୀ ମନ୍ଦ ଗୁଣାବଳୀଠାରୁ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ଏହା ସମାଜର ଆତ୍ମା ସଦୃଶ ଏବଂ ସାମାଜିକ ବିକାଶ ପାଇଁ ଏହା ମୁଖ୍ୟତଃ ଦାୟୀ । ସଂଘର୍ଷର ଅନୁପସ୍ଥିତି ସମାଜକୁ ସ୍ଥାଣୁ ଏବଂ ନିଶ୍ଚଳ କରିଥାଏ ।

## ପ୍ରତିଯୋଗିତା ଏବଂ ସଂଘର୍ଷ ମଧ୍ୟରେ ପାର୍ଥକ୍ୟ

### (Difference between Competition and Conflict)

ଯଦିଓ ଉଭୟ ପ୍ରତିଯୋଗିତା ଏବଂ ସଂଘର୍ଷ ସାମାଜିକ ଆନ୍ତଃ-କ୍ରିୟାର ବିସମ୍ବନ୍ଧକାରୀ ପ୍ରକ୍ରିୟା ରୂପେ ପରିଚିତ, ତଥାପି ସେମାନଙ୍କ ମଧ୍ୟରେ ବହୁ ପାର୍ଥକ୍ୟ ରହିଛି । ପ୍ରତିଯୋଗିତା କହିଲେ ଏକ ପ୍ରକାର ଦୌଡକୁ ବୁଝାଏ, ମାତ୍ର ସଂଘର୍ଷ ପ୍ରତିଯୋଗିତା ଦ୍ୱାରା ସୃଷ୍ଟି ହେଉଥିବା ଏକ ସଂଗ୍ରାମ ରୂପେ ପରିଚିତ । ଉଭୟ ପ୍ରତିଯୋଗିତା ଓ ସଂଘର୍ଷ ନିମ୍ନଲିଖିତ ଦୃଷ୍ଟିକୋଣରୁ ପରସ୍ପରଠାରୁ ପୃଥକ୍ ।

୧. ପ୍ରତିଯୋଗିତା ଏକ ଅବୈୟୋକ୍ତି (Impersonal) ପ୍ରକ୍ରିୟା । ଏହା ଆବଶ୍ୟକୀୟ ଲକ୍ଷ୍ୟ ସହିତ ସଂପୃକ୍ତ । ପ୍ରତିଯୋଗିତାରେ ପ୍ରତିଯୋଗୀମାନଙ୍କ ମଧ୍ୟରେ ବ୍ୟକ୍ତିଗତ ସମ୍ପର୍କ ନଥାଏ ଏବଂ ସେମାନେ ପରସ୍ପରକୁ ଜାଣନଥାନ୍ତି । କିନ୍ତୁ ଅପର ପକ୍ଷରେ ସଂଘର୍ଷ ହେଉଛି ଏକ ବ୍ୟକ୍ତିଗତ କାର୍ଯ୍ୟ । ଯେଉଁ ବ୍ୟକ୍ତି ବା ସମୂହ ସଂଘର୍ଷରେ ଲିପ୍ତ ଥାଆନ୍ତି ସେମାନେ ପରସ୍ପରକୁ ବ୍ୟକ୍ତିଗତ ଭାବେ ଜାଣିଥାନ୍ତି ।

୨. ପ୍ରତିଯୋଗିତା ଏକ ଅଚୈତନିକ (Uneconscious) ପ୍ରକ୍ରିୟା । ଏହା ଅଚୈତନିକ ଭାବେ ସୃଷ୍ଟି ହୋଇଥାଏ ଏବଂ ପ୍ରତିଯୋଗୀ ପରସ୍ପର ପ୍ରତି ସଚେତନ ନଥାନ୍ତି । ସେମାନଙ୍କର ଦୃଷ୍ଟି ଭଙ୍ଗୀ କେବଳ ଲକ୍ଷ୍ୟ ବା ପୁରସ୍କାର ଉପରେ ସନ୍ନିବଦ୍ଧ ହୋଇଥାଏ । ଏହି ହେତୁ ପ୍ରତିଯୋଗିତା ପୂର୍ଣ୍ଣମାତ୍ରାରେ ଏକ ଅଚୈତନିକ କାର୍ଯ୍ୟ । ଅପରନ୍ତୁ ସଂଘର୍ଷ ଏକ ସଚୈତନିକ ପ୍ରକ୍ରିୟା । ଏହା ସଚୈତନିକ ସ୍ତରରେ ସୃଷ୍ଟି ହୋଇଥାଏ । ସଂଘର୍ଷରେ ଲିପ୍ତଥିବା ବ୍ୟକ୍ତିମାନେ ପରସ୍ପର ପ୍ରତି ସଚେତନ ଥାଆନ୍ତି । ସୁତରାଂ ସଂଘର୍ଷ ଏକ ସଚୈତନିକ କାର୍ଯ୍ୟ ଅଟେ ।

୩. ପ୍ରତିଯୋଗିତା ସାଧାରଣତଃ ଏକ ଅବିରାମ ବା ନିରବଚ୍ଛିନ୍ନ (Continuous) ପ୍ରକ୍ରିୟା । ଏହା ସମସ୍ତ ସମାଜରେ ଏବଂ ସବୁ ସମୟରେ ଦେଖାଯାଏ । ସୁତରାଂ ପ୍ରତିଯୋଗିତା ଏକ ଅପରିସମାପ୍ତ ପ୍ରକ୍ରିୟା (Never ending process) ରୂପେ ପରିଚିତ । କିନ୍ତୁ ଅପରପକ୍ଷରେ ସଂଘର୍ଷ ଏକ ସବିରାମ (Intermittent) ପ୍ରକ୍ରିୟା ଅଟେ । ଏହା ଆକସ୍ମିକ ଭାବେ ସୃଷ୍ଟି ହୁଏ ଏବଂ ଶୀଘ୍ର ଏହାର ପରିସମାପ୍ତି ଘଟିଥାଏ । ସୁତରାଂ ସଂଘର୍ଷ ଏକ ପରିସମାପ୍ତ ପ୍ରକ୍ରିୟା ରୂପେ ପରିଚିତ ।

୪. ପ୍ରତିଯୋଗିତା ଏକ ଶାନ୍ତିପୂର୍ଣ୍ଣ ଏବଂ ଅହିଂସାତ୍ମକ ପ୍ରକ୍ରିୟା ଅଟେ । ଏହା ହିଂସାତ୍ମକ କାର୍ଯ୍ୟକୁ ବିରୋଧ କରେ । କାରଣ ପ୍ରତିଯୋଗିମାନେ ପ୍ରତିଯୋଗିତାର ନୀତି ନିୟମ ଦ୍ୱାରା ଆବଦ୍ଧ । କିନ୍ତୁ ସଂଘର୍ଷ ସାଧାରଣତଃ ଏକ ହିଂସାତ୍ମକ ଏବଂ ଧ୍ୱଂସକାରୀ ପ୍ରକ୍ରିୟା ଅଟେ । ବିରୋଧୀ ଦଳକୁ ପରାସ୍ତ କରିବା ସଂଘର୍ଷର ମୁଖ୍ୟ ଲକ୍ଷ୍ୟ । ସଂଘର୍ଷରେ ଲିପ୍ତଥିବା ଲୋକମାନେ ସର୍ବଦା ହିଂସାତ୍ମକ କାର୍ଯ୍ୟକଳାପରେ ସଂପୃକ୍ତ ଥାଆନ୍ତି ।

୫. ସଂଘର୍ଷ ସ୍ୱାର୍ଥପର ଲକ୍ଷ୍ୟ ପାଇଁ ସୃଷ୍ଟି ହୋଇଥାଏ । ମାତ୍ର ପ୍ରତିଯୋଗିତା ବ୍ୟକ୍ତିଗତ ଆଗ୍ରହ ପାଇଁ ସୃଷ୍ଟି ହୋଇଥାଏ ।

୬. ସମସ୍ତ ପ୍ରତିଯୋଗୀମାନେ ପ୍ରତିଯୋଗିତାରୁ କିଛି ନା କିଛି ଉପକାର ପାଇଥାନ୍ତି । କିନ୍ତୁ ସଂଘର୍ଷରେ କେବଳ ବିଜୟୀ ଦଳ ବିଶେଷ ଲାଭବାନ ହୋଇଥାଏ । ପରାଜିତ ଦଳ ବହୁ କ୍ଷତିର ସମ୍ମୁଖୀନ ହୁଏ ।

୭. ପ୍ରତିଯୋଗିତା ଏକ ନିମନ୍ତ୍ରଣକାରୀ ସାମାଜିକ ପ୍ରକ୍ରିୟା । କିନ୍ତୁ ସଂଘର୍ଷ ଏକ ଅନିୟମନ୍ତ୍ରିତ ଏବଂ ହିଂସାତ୍ମକ ପ୍ରକ୍ରିୟା ।

୮. ଶେଷରେ ପ୍ରତିଯୋଗିତା ସମାଜ ପାଇଁ ଖୁବ୍ ଉପଯୋଗୀ । ସଂଘର୍ଷ ସମାଜ ପାଇଁ ଖୁବ୍ କ୍ଷତିକାରକ ଅଟେ ।

# ସାମାଜିକ ପରିବର୍ତ୍ତନ

**(Social Change)**

ପରିବର୍ତ୍ତନ ପ୍ରକୃତିର ଏକ ନିୟମ । ଏହା ହେଉଛି ପ୍ରକୃତିର ଏକ ଅପରିବର୍ତ୍ତନୀୟ ନୀୟମ । ପ୍ରତ୍ୟେକ ସମାଜ ପରିବର୍ତ୍ତନଶୀଳ । କୌଣସି ସମାଜ ସ୍ଥାଣୁ ନୁହେଁ । ଏକ ସ୍ଥାଣୁ ସମାଜ କଳ୍ପନା କରିବା ଅସମ୍ଭବ । ସମାଜ ସଦାସର୍ବଦା ଗତିଶୀଳ । ସମାଜର ସଂରଚନା ଓ ପ୍ରକାର୍ଯ୍ୟରେ ଅହରହ ପରିବର୍ତ୍ତନ ଲାଗି ରହିଥାଏ । ବିନା ପରିବର୍ତ୍ତନରେ କୌଣସି ସମାଜ ତିଷ୍ଠି ପାରିବ ନାହିଁ ।

## ସାମାଜିକ ପରିବର୍ତ୍ତନର ଅର୍ଥ

**Meaning of Social Change**

ସମାଜରେ ଦେଖାଯାଉଥିବା ପରିବର୍ତ୍ତନକୁ ସାମାଜିକ ପରିବର୍ତ୍ତନ କୁହାଯାଏ । ଏହା ସମାଜର ସଂରଚନା ଓ ପ୍ରକାର୍ଯ୍ୟରେ ପରିବର୍ତ୍ତନକୁ ବୁଝାଇଥାଏ । ସମାଜରେ ଘଟୁଥିବା ସମସ୍ତ ପରିବର୍ତ୍ତନ ସାମାଜିକ ପରିବର୍ତ୍ତନ ନୁହେଁ ।

ଯେଉଁ ପରିବର୍ତ୍ତନ ଦ୍ୱାରା ସମାଜର ଅଧିକାଂଶ ବ୍ୟକ୍ତି ପ୍ରଭାବିତ ହୋଇଥାଆନ୍ତି ତାହାକୁ ସାମାଜିକ ପରିବର୍ତ୍ତନ କୁହାଯାଏ । ଯେତେବେଳେ କୌଣସି ଜୈବ ଓ ଅଜୈବ (Organic and inorganic) ବସ୍ତୁରେ ପରିବର୍ତ୍ତନ ହୋଇଥାଏ, ସେତେବେଳେ ଉକ୍ତ ପରିବର୍ତ୍ତନକୁ ଭୌତିକ ପରିବର୍ତ୍ତନ (Physical Change) କୁହାଯାଏ । ମନୁଷ୍ୟର ସଂସ୍କୃତି, କଳା, ସଂପର୍କ, ପ୍ରତିମାନ ଓ ପ୍ରଥା ପରମ୍ପରାରେ ହେଉଥିବା ପରିବର୍ତ୍ତନ ସାମାଜିକ ପରିବର୍ତ୍ତନ ପଦବାଚ୍ୟ । ଜଳବାୟୁର ପରିବର୍ତ୍ତନ, ଋତୁ ପରିବର୍ତ୍ତନ, ବାତ୍ୟା ଦ୍ୱାରା ଧ୍ୱଂସ ସାଧନ ପ୍ରଭୃତି ଭୌତିକକୁ ପରିବର୍ତ୍ତନ କୁହାଯାଏ।

ପରିବର୍ତ୍ତନ ଅଦଳବଦଳ, ତାରତମ୍ୟ ଓ ରୂପାନ୍ତର ଇତ୍ୟାଦିକୁ ବୁଝାଇଥାଏ । ପରିବର୍ତ୍ତନ ସମୟ ସହିତ ସଂଶ୍ଳିଷ୍ଟ। ଗୋଟିଏ ସମୟକୁ ଆଉ ଗୋଟିଏ ସମୟ ସହିତ ତୁଳନା ପରିବର୍ତ୍ତନ ସଂପର୍କରେ ସୂଚାଇଥାଏ । ଉଦାହରଣସ୍ୱରୂପ, ପରାଧୀନ ଭାରତର ସାମାଜିକ ଜୀବନ ସହିତ ସ୍ୱାଧୀନ ଭାରତର ସାମାଜିକ ଜୀବନ ତୁଳନା କଲେ ପରିବର୍ତ୍ତନ ସଂପର୍କରେ ସୂଚନା ମିଳିଥାଏ । ସାମାଜିକ ପରିବର୍ତ୍ତନ ହେଉଛି ଏକ ସାର୍ବଜନୀନ ପ୍ରକ୍ରିୟା । ସାମାଜିକ ସଂଗଠନ ଓ ପ୍ରକାର୍ଯ୍ୟରେ ପରିବର୍ତ୍ତନକୁ ସାମାଜିକ ପରିବର୍ତ୍ତନ କୁହାଯାଏ । ସମାଜ ହେଉଛି ସାମାଜିକ ସଂପର୍କଗୁଡ଼ିକର ଏକ ଜାଲ । ଏଗୁଡ଼ିକରେ ପରିବର୍ତ୍ତନ ଘଟିଥାଏ । ସାମାଜିକ ସଂପର୍କରେ ପରିବର୍ତ୍ତନର ଅର୍ଥ ହେଉଛି ସାମାଜିକ ପରିବର୍ତ୍ତନ।

ସାମାଜିକ ପ୍ରକ୍ରିୟା, ସାମାଜିକ ସଂଗଠନ ଓ ସାମାଜିକ ସଂପର୍କ ପ୍ରଭୃତିରେ ରୂପାନ୍ତରଣ ହେଲେ ସାମାଜିକ ପରିବର୍ତ୍ତନ ସମ୍ପାଦିତ ହୋଇଥାଏ । ସାମାଜିକ ପରିବର୍ତ୍ତନର ଅର୍ଥ ପ୍ରକାଶ କରିବାକୁ ହେଲେ ବିଭିନ୍ନ ସମାଜବିଜ୍ଞାନୀମାନଙ୍କ ପ୍ରଦତ୍ତ ସଂଜ୍ଞାଗୁଡ଼ିକର ଆଲୋଚନା କରିବା ଆବଶ୍ୟକ । ନିମ୍ନରେ ସାମାଜିକ ପରିବର୍ତ୍ତନର କେତୋଟି ସଂଜ୍ଞା ଦିଆଗଲା ।

**ମାକାଇଭର ଏବଂ ପେଜ୍ (MacIver and Page) :** "ସମାଜବିଜ୍ଞାନବିତ୍ ହିସାବରେ ଆମ୍ଭେମାନେ ସାମାଜିକ ସଂପର୍କ ସହିତ ପ୍ରତ୍ୟକ୍ଷଭାବେ ସଂପୃକ୍ତ ଅଟୁ । ଏହି ସାମାଜିକ ସଂପର୍କର ପରିବର୍ତ୍ତନକୁ କେବଳ ହିଁ ଆମ୍ଭେମାନେ ସାମାଜିକ ପରିବର୍ତ୍ତନ ବୋଲି ଗ୍ରହଣ କରୁ ।

(Our direct concern as sociologists is with social relationships. It is the change in these relationship which alone we shall regard as social change.)

**ଏମ୍.ଡି. ଜନ୍‌ସନ୍ (M.D. Jonson) :** "ବ୍ୟକ୍ତି ମାନଙ୍କର ଚିନ୍ତା କରିବା ଏବଂ କାର୍ଯ୍ୟ କିରବା ରିତିରେ ରୂପାନ୍ତରଣ ବା ପରିବର୍ତ୍ତନକୁ ସାମାଜିକ ପରିବର୍ତ୍ତନ କୁହାଯାଏ ।"

(Social change may by defined as modification in ways of doing and thinking of people)

**ଜୋନ୍‌ସ (Jones) :** " ସାମାଜିକ ପ୍ରକ୍ରିୟା, ସାମାଜିକ ସ୍ୱରୂପ, ସାମାଜିକ ଅନ୍ତଃକ୍ରିୟା ବା ସାମାଜିକ ସଂଗଠନର ଯେ କୌଣସି ବିଭାବର ପ୍ରଭେଦ ବା ରୂପାନ୍ତରଣକୁ ବୁଝାଇବା ପାଇଁ ସାମାଜିକ ପରିବର୍ତ୍ତନ ଶବ୍ଦ ବ୍ୟବହାର କରାଯାଇଥାଏ ।

(Social change is a term used to describe variations or modification of any aspect of social processes, social pattern, social interaction or social organisation)

**କେ. ଡାଭିସ (K. Davis)** : "ସାମାଜିକ ପରିବର୍ତ୍ତନ କହିଲେ ସାମାଜିକ ସଂଗଠନ ଅର୍ଥାତ, ସମାଜର ସଂରଚନା ଓ ପ୍ରକାର୍ଯ୍ୟରେ ଘଟୁଥିବା କେବଳ ଅଦଳବଦଳକୁ ହିଁ ବୁଝାଇଥାଏ ।"

(Social change is meant only such alteration as occurs in social organisation, that is the structure and functions of society)

**ଲୁଣ୍ଡବର୍ଗ (Lundberge) :** "ସାମାଜିକ ପରିବର୍ତ୍ତନ ମାନବିକ ଅନ୍ତଃସଂପର୍କର ପ୍ରତିଷ୍ଠିତ ସଂରୂପର ଯେ କୌଣସି ରୂପାନ୍ତରକୁ ବୁଝାଇଥାଏ ।

(Social change refers to the any modifications in established patterns of interhuman relationship and standard of conduct)

**ମୋରିସ୍ ଜିନ୍ସବର୍ଗ (Morris Ginsberg)** : "ସାମାଜିକ ପରିବର୍ତ୍ତନ କହିଲେ ମୁଁ ସାମାଜିକ ସଂରଚନା, ଯଥା-ସମାଜର ଆକାର, ଗଠନ କିମ୍ବା ଏହାର ବିଭିନ୍ନ ଅଂଶରେ ଭାରସାମ୍ୟ କିମ୍ବା ଏହାର ସଂଗଠନର ପ୍ରକାରଭେଦରେ ହେଉଥିବା ପରିବର୍ତ୍ତନକୁ ହିଁ ବୁଝିଥାଏ।"

(By social change I understand a change in social structure, e.g. the size of a society the composition or balance of its parts or the type of its organisation)

ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ ସମାଜର ସଂରଚନାରେ ସଂଗଠିତ ହେଉଥିବା ଯେ କୌଣସି ପରିବର୍ତ୍ତନକୁ ସାମାଜିକ ପରିବର୍ତ୍ତନ କୁହାଯାଏ ।

## ସାମାଜିକ ପରିବର୍ତ୍ତନର ଗୁଣାବଳୀ/ପ୍ରକୃତି
## Characteristics Nature of Social Change

ସାମାଜିକ ପରିବର୍ତ୍ତନର ନିମ୍ନଲିଖିତ ଗୁଣାବଳୀ ରହିଥାଏ ।

**୧. ସାମାଜିକ ପରିବର୍ତ୍ତନ ଏକ ସାର୍ବଜନୀନ ପ୍ରକ୍ରିୟା ଅଟେ (Social Change is a universal process) :** ଏହା ଏକ ସାର୍ବଜନୀନ ପ୍ରକ୍ରୟା । ସାମାଜିକ ପରିବର୍ତ୍ତନ ପ୍ରତ୍ୟେକ ସମାଜରେ ପରିଦୃଷ୍ଟ ହୁଏ । କୌଣସି ସମାଜ ସଂପୂର୍ଣ୍ଣଭାବେ ସ୍ଥାଣୁ ନୁହେଁ । ପ୍ରାଚୀନ ଏବଂ ଆଧୁନିକ ପ୍ରତ୍ୟେକ ସମାଜରେ ପରିବର୍ତ୍ତନ ସଂଘଟିତ ହୋଇଥାଏ, ଯଦିଓ ଏହି ପରିବର୍ତ୍ତନର ବେଗ ଓ ଗତି ସମସ୍ତ ସମାଜରେ ସମାନ ନଥାଏ ।

**୨. ସାମାଜିକ ପରିବର୍ତ୍ତନ ନିରନ୍ତର ଅଟେ (Social Change is Continous):** ସାମାଜିକ ପରିବର୍ତ୍ତନ ଏକ ନିରନ୍ତର ପ୍ରକ୍ରିୟା ଅଟେ । ଏହା ସବୁ ସମାଜର ନିରବଚ୍ଛିନ୍ନ ଭାବରେ ସଂଘଟିତ ହୋଇଥାଏ । କୌଣସି ସମୟରେ ଏହାକୁ ବନ୍ଦ କରାଯାଇ ପାରିବ ନାହିଁ । ଏହା ଏକ ଚଳନ୍ତି ପ୍ରକ୍ରିୟା ।

**୩. ସାମାଜିକ ପରିବର୍ତ୍ତନ ସାମାଜିକ ଅଟେ (Social Change is Social):** ସମାଜ ହେଲା ସାମାଜିକ ସଂପର୍କର ଏକ ବୁଡ଼ିଆଣି ଜାଲ ସଦୃଶ । ତେଣୁ ସାମାଜିକ ପରିବର୍ତ୍ତନ କହିଲେ ସାମାଜିକ ସଂପର୍କରେ ପରିବର୍ତ୍ତନକୁ ବୁଝାଇଥାଏ । ସାମାଜିକ ପରିବର୍ତ୍ତନ ସଂପୂର୍ଣ୍ଣ ସମୁଦାୟ (Community)ର ପରବର୍ତ୍ତନକୁ ବୁଝାଇଥାଏ । ଏହା ଜଣେ ବ୍ୟକ୍ତିର ଜୀବନ କିମ୍ବା ବହୁଗୁଡ଼ିଏ ବ୍ୟକ୍ତିବିଶେଷଙ୍କ ଜୀବନ ସଂରୂପର ପରିବର୍ତ୍ତନକୁ ବୁଝାଇ ନଥାଏ । ଯେଉଁ ପରିବର୍ତ୍ତନ ଦ୍ୱାରା ସଂପୂର୍ଣ୍ଣ ସମୁଦାୟ କିମ୍ବା ପ୍ରଭାବିତ ହେବ, କେବଳ ସେହି ପରିବର୍ତ୍ତନକୁ ସାମାଜିକ ପରିବର୍ତ୍ତନ କୁହାଯିବ । ସାମାଜିକ ପରିବର୍ତ୍ତନ ସାମାଜିକ ଅଟେ ମାତ୍ର ଏହା ବ୍ୟକ୍ତିଗତ ନୁହେଁ ।

**୪. ସାମାଜିକ ପରିବର୍ତ୍ତନର ହାର ଅସମାନ ଅଟେ (Rate of Social Change is not Same):** ବିଭିନ୍ନ ସମାଜରେ ସାମାଜିକ ପରିବର୍ତ୍ତନର ହାର (Rate)ସାମାନ ନୁହେଁ । ଯେଉଁ ସମାଜ ଅଧିକ ପାରମ୍ପରିକ ସେ ସମାଜରେ ପରିବର୍ତ୍ତନର ହାର ନ୍ୟୁନ ଅଟେ । ସେହିପରି ଆଧୁନିକ ସମାଜଗୁଡିକରେ ଏହି ପରିବର୍ତ୍ତନର ହାର ଅଧିକ ଅଟେ । ବିଭିନ୍ନ କାରଣ (Cause) ବା କାରକ (Factor) ଗୁଡିକର ଅବସ୍ଥିତି ଓ କାର୍ଯ୍ୟକାରିତା ଅନୁଯାୟୀ ସମାଜରେ ସାମାଜିକ ପରିବର୍ତ୍ତନର ହାର କମ୍ ବା ଅଧିକ ହୋଇଥାଏ ।

ବିଭିନ୍ନ ସମାଜରେ ଯେପରି ବିଭିନ୍ନ ହାରରେ ସାମାଜିକ ପରିବର୍ତ୍ତନ ପରିଦୃଷ୍ଟ ହୁଏ, ସେହିପରି ଗୋଟିଏ ସମାଜରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ହାରରେ ସାମାଜିକ ପରିବର୍ତ୍ତନ ସଂଗଠିତ ହୋଇଥାଏ । ଉଦାହରଣସ୍ୱରୂପ, ପ୍ରାଚୀନ ଭାରତୀୟ ସମାଜରେ ସାମାଜିକ ପରିବର୍ତ୍ତନର ମାତ୍ରା ଯଥେଷ୍ଟ ଅଳ୍ପ ଥିବାବେଳେ ଆଧୁନିକ ଭାରତରେ ତାହାର ମାତ୍ରା ଯଥେଷ୍ଟ ଅଧିକ ଅଟେ ।

**୫. ସମୟ ଦ୍ୱାରା ପ୍ରଭାବିତ (Affected by Time) :** ସାମାଜିକ ପରିବର୍ତ୍ତନ ସହ ଏକ ସମୟ କାରକ (Time factor) ସଂଶ୍ଳିଷ୍ଟ ଥାଏ । ତେଣୁ ସାମାଜିକ ପରିବର୍ତ୍ତନ କହିଲେ "କୌଣସି ଏକ ସମୟର ବ୍ୟବଧାନ" ମଧ୍ୟରେ ସଂଘଟିତ ହେଉଥିବା ପରିବର୍ତ୍ତନକୁ ବୁଝାଇଥାଏ । କୌଣସି ଏକ ସମୟ ବିନ୍ଦୁ (Time point)ରେ ସାମାଜିକ ପରିବର୍ତ୍ତନ ସଂପାଦିତ ହୋଇ ନଥାଏ । ବରଂ ଦୁଇଟି ସମୟ ବିନ୍ଦୁ ମଧ୍ୟରେ ସଂଘଟିତ ହେଉଥିବା ସମାଜ ସମ୍ବନ୍ଧୀୟ ପରିବର୍ତ୍ତନକୁ ସାମାଜିକ ପରିବର୍ତ୍ତନ କୁହାଯାଏ । ତେଣୁ କୌଣସି ଏକ ସମୟ-ବ୍ୟବଧାନ (Time gap) ଦ୍ୱାରା ସାମାଜିକ ପରିବର୍ତ୍ତନ ସୂଚିତ ହୋଇଥାଏ ।

**୬. ବହୁଦିଗ ସମ୍ବଳିତ (Multidirectional) :** ସାମାଜିକ ପରିବର୍ତ୍ତନର କୌଣସି ଗୋଟିଏ ଦିଗ (Direction)ରେ ହୋଇନଥାଏ । ଏହା ଉନ୍ନତ ବା ଅନୁନ୍ନତ ଦିଗକୁ ବୃଦ୍ଧି କ୍ଷୟ ଦିଗକୁ, ଉର୍ଦ୍ଧ୍ୱ ବା ନିମ୍ନ ଦିଗକୁ ଗତି କରିପାରେ । ଯେ କୌଣସି ଦିଗରେ ପରିବର୍ତ୍ତନ ଘଟିଲେ ମଧ ତାହା ସାମାଜିକ ପରିବର୍ତ୍ତନ ଭାବେ ପରିଚିତ । ସାମାଜିକ ପ୍ରଗତି (Social progress), ସାମାଜିକ ବିକାଶ (Social development), ସାମାଜିକ ଅଭିବୃଦ୍ଧି (Social growth),ସାମାଜିକ ପତ୍ୟାବର୍ତ୍ତନ (Social regression) ଇତ୍ୟାଦିର ଏକ ନିର୍ଦ୍ଦିଷ୍ଟ ଦିଗ ଥିବା ଭଳି ସାମାଜିକ ପରିବର୍ତ୍ତନର ଏକ ନିର୍ଦ୍ଦିଷ୍ଟ ଦିଗ ନଥାଏ ।

**୭. ଏକାଧିକ କାରକଗୁଡ଼ିକର ଅନ୍ତଃକ୍ରିୟା (Interaction of a Number of Factors):** ସାମାଜିକ ପରିବର୍ତ୍ତନ ଏକ ସାର୍ବଜନୀନ ତଥା ନିରବଚ୍ଛିନ୍ନ ପ୍ରକ୍ରିୟା ଅଟେ। ତେଣୁ କୌଣସି ଗୋଟିଏ କାରଣ ଏଥିପାଇଁ ଦାୟୀ

ନୁହେଁ। ଏକାଧିକ କାରକଗୁଡ଼ିକର ଅନ୍ତଃକ୍ରିୟାର ଫଳସ୍ୱରୂପ ସାମାଜିକ ପରିବର୍ତ୍ତନ ସୃଷ୍ଟି କରିପାରେ । ମାତ୍ର ଏହା ସଦାସର୍ବଦା ଅନ୍ୟାନ୍ୟ କାରକଗୁଡ଼ିକ ସହିତ ସଂଶ୍ଳିଷ୍ଟ ଥାଏ । କାରଣ ସାମାଜିକ ଘଟଣାଗୁଡ଼ିକ ପରସ୍ପର ଅନ୍ତଃ-ନିର୍ଭରଶୀଳ ଅଟନ୍ତି । ସାମାଜିକ ପରିବର୍ତ୍ତନ ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା କାରକଗୁଡ଼ିକ ହେଲା ଜୈବିକ କାରକ, ଭୌତିକ କାରକ, ଜନବିବରଣ ସମ୍ବନ୍ଧୀୟ କାରକ, ପ୍ରଦ୍ୟୋଗିକ କାରକ ଓ ସାଂସ୍କୃତିକ କାରକ ଇତ୍ୟାଦି ।

**୮. ଶୃଙ୍ଖଳ-ପ୍ରତିକ୍ରିୟା (Chain-reactions):** ସମାଜ ହେଉଛି ପରସ୍ପର ସହିତ ସଂପର୍କଥିବା ବିଭିନ୍ନ ଅଂଶଗୁଡ଼ିକର ଏକ ଗତିଶୀଳ (Dynamic) ବ୍ୟବସ୍ଥା । ଗୋଟିଏ ଅଂଶରେ ପରିବର୍ତ୍ତନ ଘଟିଲେ, ଏହାର ଅନ୍ୟ ଅଂଶ ଗୁଡ଼ିକରେ ମଧ୍ୟ ପରିବର୍ତ୍ତନ ଘଟିଥାଏ । ଉଦାହରଣସ୍ୱରୂପ, ପରିବାରର ପ୍ରକାର୍ଯ୍ୟରେ ପରିବର୍ତ୍ତନ ଘଟିବା ଫଳରେ ପରିବାର କାର୍ଯ୍ୟ ନିମନ୍ତେ ଅନ୍ୟାନ୍ୟ ଅନୁଷ୍ଠାନଗୁଡ଼ିକର ଉତ୍ପତ୍ତି ହୋଇଥାଏ । ସାମାଜିକ ପରିବର୍ତ୍ତନ ଦ୍ୱାରା ଗୋଟିଏ ପରେ ଗୋଟିଏ ପରିବର୍ତ୍ତନ ସୃଷ୍ଟି ହୁଏ ।

**୯. ଅଣଯୋଜନା ବା ଯୋଜନାବଦ୍ଧ ପରିବର୍ତ୍ତନ (Unplanned or Planned Social Change):** ସମାଜରେ ପରିବର୍ତ୍ତନ ପ୍ରାକୃତିକ ଉପାୟରେ ସଂଘଟିତ ହୋଇପାରେ ବା ଯୋଜନାବଦ୍ଧ ଭାବରେ ସମାଜର ପରିବର୍ତ୍ତନ ଅଣାଯାଇ ପାରେ । ସାମାଜିକ ପରିବର୍ତ୍ତନ ପ୍ରକୃତିର ନିୟମ ଅଟେ । ଏହା ପ୍ରାକୃତିକ ଭାବେ ସଂଗଠିତ ହୋଇଥାଏ । ସେଥିପାଇଁ କୌଣସି ସୁପରିକଳ୍ପିତ ଯୋଜନା ହୋଇନ ଥାଏ । ଉଦାହରଣସ୍ୱରୁପ, ବନ୍ୟା, ବାତ୍ୟା, ମରୁଡ଼ି ପ୍ରଭୃତି ଦୈବୀ ଦୁର୍ବିପାକ ଯୋଗୁଁ ସାମାଜିକ ପରିବର୍ତ୍ତନ ଘଟିଥାଏ । ସାମାଜିକ ପରିବର୍ତ୍ତନ ମାନବ ଦ୍ୱାରା ସୁପରିକଳ୍ପିତ ବିଧିବଦ୍ଧ ଯୋଜନା ଦ୍ୱାରା ମଧ୍ୟ ସଂଗଠିତ ହୋଇଥାଏ । ଉଦାହରଣସ୍ୱରୂପ, ସମୁଦାୟ ଉନ୍ନୟନ ଯୋଜନା ଦ୍ୱାରା ଗ୍ରାମ୍ୟ ଉନ୍ନୟନ ଯୋଜନା ସମ୍ଭବ ହୋଇଥାଏ ।

**୧୦. ସାମାଜିକ ପରିବର୍ତ୍ତନର ଭବିଷ୍ୟବାଣୀ କରିବା କଷ୍ଟକର (Prediction of Social Change is Impossible) :** ସାମାଜିକ ପରିବର୍ତ୍ତନର ନିର୍ଦ୍ଦିଷ୍ଟ ରୂପରେଖ ସମ୍ବନ୍ଧରେ ଭବିଷ୍ୟତ ବାଣୀ ଦେବା ଅସମ୍ଭବ । ଏପରି କୌଣସି ନିୟମ ନାହିଁ ଯାହା ଅନୁସାରେ ଏହାର ଆକାର କିପରି ହେବ, ସେ ବିଷୟରେ ଅନୁମାନ କରିହେବ । ଉଦାହରଣସ୍ୱରୂପ, ଆମେ କହିପାରିବା ଯେ ସାମାଜିକ ସଂସ୍କାର ଆନ୍ଦୋଳନ ଫଳରେ ଭାରତୀୟ ସମାଜରୁ ଅସ୍ପୃଶ୍ୟତା (untouchability) ଦୂର ହୋଇ ପାରିବ କିମ୍ବା ସରକାରଙ୍କ ଦ୍ୱାରା ବିବାହ ସମ୍ବନ୍ଧୀୟ ଆଇନ ପ୍ରଣୟନ ଫଳରେ ବିବାହର ଭିତ୍ତି ଓ ଆଦର୍ଶର ପରିବର୍ତ୍ତନ ଘଟିବ । ମାତ୍ର ଭବିଷ୍ୟତରେ ସାମାଜିକ ସମ୍ପର୍କର ରୂପରେଖ କିପରି ହେବ ସେ ବିଷୟରେ ଆମେ ନିର୍ଦ୍ଦିଷ୍ଟଭାବେ କୌଣସି ଭବିଷ୍ୟବାଣୀ କରିବା ଅସମ୍ଭବ । ମୋର୍ (More)ଙ୍କ ମତରେ ସାମାଜିକ ପରିବର୍ତ୍ତନ ସମ୍ବନ୍ଧରେ ଅନୁମାନ କରାଯାଇପାରେ ମାତ୍ର ଏ ସଂପର୍କରେ ନିଶ୍ଚିତ ଭାବରେ କିଛି କୁହାଯାଇପାରେ ନାହିଁ ।

# ସାମାଜିକ ପରିବର୍ତ୍ତନର କାରକ
# Factors of Social Change

## ସାଂସ୍କୃତିକ କାରକ
## (**Culture Factor**)

ସଂସ୍କୃତି ସମାଜର ମୂଳପିଣ୍ଡ । ତେଣୁ ସଂସ୍କୃତିରେ ପରିବର୍ତ୍ତନ ଘଟିଲେ ସମାଜରେ ପରିବର୍ତ୍ତନ ଘଟିଥାଏ । ସାମାଜିକ ପରିବର୍ତ୍ତନ ତାହାର ବ୍ୟବହାରିକ ସଂକୀର୍ଣ୍ଣ ସାମାଜିକ ପରିବର୍ତ୍ତନର ଅଂଶବିଶେଷ ଅଟେ।

ଇ.ବି. ଟାଇଲର୍ (E.B. Tylor)ଙ୍କ ମତରେ "ସମାଜର ଜଣେ ସଦସ୍ୟ ହିସାବରେ ମନୁଷ୍ୟ ଯେଉଁ ସମସ୍ତ ଜ୍ଞାନ, ବିଶ୍ୱାସ, କଳା, ନୈତିକ ଜ୍ଞାନ, ପ୍ରଥା ଏବଂ ଅନ୍ୟାନ୍ୟ ସାମର୍ଥ୍ୟ ଓ ଅଭ୍ୟାସପ୍ରାପ୍ତ ହୋଇଥାଏ, ସେ ସମସ୍ତ ସଂକୁଳ (Complex)କୁ ସଂସ୍କୃତି କୁହାଯାଏ। ସଂସ୍କୃତି ହେଉଛି ପରିବର୍ତ୍ତନଶୀଳ। ତେଣୁ ସମାଜରେ ସବୁବେଳେ ସଂସ୍କୃତିର ପରିବର୍ତ୍ତନ ଘଟିବା ସ୍ୱାଭାବିକ। ସଂସ୍କୃତିର ଏହି ପରିବର୍ତ୍ତନକୁ ସାଂସ୍କୃତିକ ପରିବର୍ତ୍ତନ କୁହାଯାଏ । ସଂସ୍କୃତିରେ ପରିବର୍ତ୍ତନ ଫଳରେ ସମାଜରେ ପରିବର୍ତ୍ତନ ହେଲେ ତାହାକୁ ସାମାଜିକ ପରିବର୍ତ୍ତନ କୁହାଯାଏ ।

ସାଂସ୍କୃତିକ ପରିବର୍ତ୍ତନ ସଂସ୍କୃତିର ଏକ ଅତି କ୍ଷୁଦ୍ର ଅଂଶରେ ସଂଘଟିତ ହୋଇପାରେ । ଏହା ଅଳ୍ପ କେତୋଟି ସାଂସ୍କୃତି ଅଂଶ (Cultural traits)ରେ ସଂଘଟିତ ହୋଇ ସମାଜ ଉପରେ ବିଶେଷ ପ୍ରଭାବ ପକାଇପାରିନଥାଏ । ପୁନଶ୍ଚ ଏହା ଅନେକ ସଂସ୍କୃତି ଅଂଶ ଓ ସଂସ୍କୃତି ସଂରୂପ (Culture patters)ରେ ସଂଘଟିତ ହୋଇ ସମାଜ ଉପରେ ବିଶେଷ ପ୍ରଭାବ ପକାଇ ପାରିଥାଏ। ଏହି ଧାରାରେ ସଂସ୍କୃତିର ପରିବର୍ତ୍ତନ ହେଲେ ତାହାକୁ ସାମାଜିକ ପରିବର୍ତ୍ତନ କୁହାଯାଏ । ସାଂସ୍କୃତିକ ପରିବର୍ତ୍ତନରେ ସାମାଜିକ ପରିବର୍ତ୍ତନ ହୋଇଥାଏ ।

ଡବ୍ଲ୍ୟୁ.ଇ. ମୋରେ (W.E. Moore) କହିଛନ୍ତି ଯେ ସାଂସ୍କୃତିକ ସଂଘର୍ଷ, ସାଂସ୍କୃତିକ ଏକୀକରଣ, ସାଂସ୍କୃତିକ ଯୋଗୁ ସାମାଜିକ ପରିବର୍ତ୍ତନ ହୋଇଥାଏ ।

ଡବ୍ଲ୍ୟୁ. ଏଫ୍. ଅଗ୍‌ବର୍ଣ୍ଣ (W.F. Ogburn) କହିଛନ୍ତି ଯେ ସାଂସ୍କୃତିକ ବିଳମ୍ବନ (Cultural lag) ହେଉଛି ସାମାଜିକ ପରିବର୍ତ୍ତନର ମୁଖ୍ୟ କାରଣ ।

**୧. ସାଂସ୍କୃତିକ ସଂଘର୍ଷ (Cultural Conflict):** ସାଂସ୍କୃତିକ ସଂଘର୍ଷ ଦ୍ୱାରା ସାମାଜିକ ପରିବର୍ତ୍ତନ ହୋଇଥାଏ । ସଂଘର୍ଷର ମୁଖ୍ୟ କାରଣ ହେଲା ଗୋଟିଏ ସାଂସ୍କୃତିକ ସମୂହ ଅନ୍ୟ ଏକ ସାଂସ୍କୃତିକ ସମୂହ ଉପରେ ନିଜର ପ୍ରଭାବ ବିସ୍ତାର କରିବା ପାଇଁ ଚେଷ୍ଟା କରିଥାଏ । କିନ୍ତୁ ଏହି ସଂଘର୍ଷରେ ଯେଉଁ ସମୂହ ବିଜୟୀ ହୁଏ ତାର ସଂସ୍କୃତିକୁ ପରାଜିତ ସମୂହ ଗ୍ରହଣ କରିବାକୁ ବାଧ ହୁଏ। ଅର୍ଥାତ୍ ପରାଜିତ ସମୂହ ବିଜୟୀ ସମୂହର ସାଂସ୍କୃତିକ ଉପାଦାନ ଗୁଡ଼ିକୁ ଗ୍ରହଣ କରିଥାଏ। ସ୍ୱାଧୀନତା ପୂର୍ବରୁ ଭାରତୀୟମାନଙ୍କ ଦ୍ୱାରା ପାଶ୍ଚାତ୍ୟ ସଂସ୍କୃତି ଗ୍ରହଣ ଏହାର ଏକ ଉଦାହରଣ । ତେଣୁ ସାଂସ୍କୃତିକ ସଂଘର୍ଷ ସାମାଜିକ ପରିବର୍ତ୍ତନ ନିମନ୍ତେ ଦାୟୀ ।

**୨. ସାଂସ୍କୃତିକ ଏକୀକରଣ (Cultural Assimilation):** ଯେତେବେଳେ ଗୋଟିଏ ସାଂସ୍କୃତିକ ସମୂହର ସଦସ୍ୟମାନେ ଅନ୍ୟ ଏକ ସାଂସ୍କୃତିକ ସମୂହର ସଂସ୍ପର୍ଶରେ ଆସନ୍ତି ସେତେବେଳେ ଦୁଇ ସମୂହ ମଧ୍ୟରେ ସାଂସ୍କୃତିକ ଭାବର ଆଦାନ ପ୍ରଦାନ ହୋଇଥାଏ। ଫଳରେ ଦୁଇ ସମୂହ ପରସ୍ପରର ସଂସ୍କୃତିକୁ ଗ୍ରହଣ କରିଥାନ୍ତି । ଏହି ପ୍ରକ୍ରିୟାକୁ "ସାଂସ୍କୃତିକ ଏକୀକରଣ" କୁହାଯାଏ। ଉଦାହରଣ ସ୍ୱରୂପ, ଆଲେକଜାଣ୍ଡାରଙ୍କ ଭାରତ ଆକ୍ରମଣ ପରେ ଗ୍ରୀସ୍ ଓ ଭାରତୀୟ ସଂସ୍କୃତି ମଧ୍ୟରେ ସାଂସ୍କୃତିକ ଏକୀକରଣ ସମ୍ଭବ ହୋଇଥିଲା । ଦୁଇ ସଂସ୍କୃତିର ଏକୀକରଣ ଫଳରେ ଏକ ନୂତନ ସଂସ୍କୃତି ଜନ୍ମ ନେଇ ସାମାଜିକ ପରିବର୍ତ୍ତନ ଆଣିଥାଏ । ଦୁଇ ସଂସ୍କୃତିର ମିଶ୍ରଣ ଯୋଗୁ ଦୁଇ ସମୂହର ଲୋକମାନଙ୍କର ସାଂସ୍କୃତିକ ଜୀବନରେ ଏକ ବ୍ୟାପକ ପରିବର୍ତ୍ତନ ଘଟିଥାଏ ।

**୩. ସାଂସ୍କୃତିକ ଉଦ୍ଭାବନ (Cultural Discovery):** ଦୁଇ ବା ତହିଁରୁ ଅଧିକ ସାଂସ୍କୃତିକ ଅଂଶ ଯଦି ସମ୍ମିଶ୍ରିତ ହୋଇ ଏକ ନୂତନ ରୂପ ଧାରଣ କରନ୍ତି ତେବେ ତାହାକୁ ସାଂସ୍କୃତିକ ଉଦ୍ଭାବନ କୁହାଯାଏ। ଅନେକ ସମୟରେ ସାଂସ୍କୃତିକ ଉଦ୍ଭାବନ ହୋଇଥାଏ। ସମାଜର ଏକ ବା ଏକାଧିକ ଅଂଶ ଏମାନଙ୍କୁ ଗ୍ରହଣ କରିନେଲେ ସଂସ୍କୃତି ପରିବର୍ତ୍ତନ ସଂଗଠିତ ହୋଇଥାଏ। ଏହି ଉଦ୍ଭାବନ ଦ୍ୱାରା ସମାଜରେ ବିଶେଷ ପରିବର୍ତ୍ତନ ଘଟିଲେ ସାମାଜିକ ପରିବର୍ତ୍ତନ ହୋଇଥାଏ ।

**୪. ସାଂସ୍କୃତିକ ପ୍ରସାରଣ (Cultural Diffusion):** ସଂସ୍କୃତି ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ସହଜରେ ଗତି କରିପାରେ। ଗୋଟିଏ ସ୍ଥାନର ସାଂସ୍କୃତିକ ଉଦ୍ଭାବନ ସମାଜର ଅନ୍ୟ ଏକ ସ୍ଥାନକୁ ତଥା ଅନ୍ୟ ଏକ ସମାଜକୁ ବିସ୍ତୃତିଲାଭ କରିଥାଏ। ସଂସ୍କୃତିର ଏହି ସଂଚଳନ (Mobility)କୁ "ସାଂସ୍କୃତିକ ପ୍ରସାରଣ" କୁହାଯାଏ ।

ଯେତେବେଳେ କୌଣସି ସମାଜର ସାଂସ୍କୃତିକ ଉଦ୍ଭାବନ ଓ ଆବିଷ୍କାର ଅନ୍ୟ ସମାଜ ପାଇଁ ଉପଯୋଗୀ ହୋଇଥାଏ, ସେତେବେଳେ ଏହା ଉକ୍ତ ସମାଜକୁ ପ୍ରସାରିତ ହୁଏ । ଉଦାହରଣସ୍ୱରୂପ, ଯେତେବେଳେ ଇଂରେଜମାନେ ଭାରତକୁ ଶାସନ କଲେ ସେତେବେଳେ ଭାରତୀୟ ସମାଜରେ ପାଶ୍ଚାତ୍ୟ ସଂସ୍କୃତିର ଆବଶ୍ୟକତା ଉପଲବ୍ଧ ହେଲା। ଫଳରେ ଭାରତୀୟମାନେ ପାଶ୍ଚାତ୍ୟ ସଂସ୍କୃତି ପ୍ରତି ଅଧିକ ଆକୃଷ୍ଟ ହେଲେ। ଏହାଦ୍ୱାରା ଭାରତରେ ପାଶ୍ଚାତ୍ୟ ସଂସ୍କୃତିର ଦ୍ରୁତ ପ୍ରସାର ଘଟିଲା । ପାଶ୍ଚାତ୍ୟ ସଂସ୍କୃତିର ପ୍ରସାରଣ ଫଳରେ ଭାରତୀୟ ସମାଜର ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ସୃଷ୍ଟି ହେଲା । ସେହିପରି ମିଶର ଦେଶରୁ କଳା ସ୍ଥାପତ୍ୟ ଏବଂ ରୋମ୍ ଦେଶରୁ ଆଇନ ପୃଥିବୀର ବହୁ ଦେଶକୁ ପ୍ରସାରିତ ହୋଇଥିଲା ।

**୫. ସାଂସ୍କୃତିକ ବିଳମ୍ବନ (Cultural Lag):** ସାଂସ୍କୃତିକ ବିଳମ୍ବନ ଯୋଗୁ ମଧ୍ୟ ସାମାଜିକ ପରିବର୍ତ୍ତନ ହୋଇଥାଏ । 'ସାସ୍କୃତିକ ବିଳମ୍ବନ' ସଂପ୍ରତ୍ୟୟକୁ ପ୍ରଥମେ ସମାଜବିଜ୍ଞାନୀ ଡବ୍ଲ୍ୟୁ.ଏଫ୍.ଅଗବର୍ଣ୍ଣ ତାଙ୍କ ପୁସ୍ତକ (Social Change)ରେ ଉଲ୍ଲେଖ କରିଥିଲେ । ଅଗବର୍ଣ୍ଣ ବସ୍ତୁଭିତ୍ତିକ ଓ ଅବସ୍ତୁଭିତ୍ତିକ ସଂସ୍କୃତି ମଧ୍ୟରେ ପାର୍ଥକ୍ୟ ଦର୍ଶାଇଛନ୍ତି । ତାଙ୍କ ମତରେ ବସ୍ତୁଭିତ୍ତିକ ସଂସ୍କୃତି କେତେକ ମୂର୍ତ୍ତ (Concrete) ଓ ସ୍ପର୍ଶଯୋଗ୍ୟ ପଦାର୍ଥକୁ ନେଇ ଗଠିତ। ତେଣୁ ସେ ବସ୍ତୁଭିତ୍ତିକ ସଂସ୍କୃତିରେ ବିଭିନ୍ନ ପ୍ରକାର ଯନ୍ତ୍ରପାତି, ବାସନକୁସନ, ବାସଗୃହ, କଳକବ୍ଜା, ଅସ୍ତ୍ରଶସ୍ତ୍ର ଓ ଉତ୍ପାଦିତ ଦ୍ରବ୍ୟ ପ୍ରଭୃତିକୁ ଅନ୍ତର୍ଭୁକ୍ତ କରିଛନ୍ତି । କିନ୍ତୁ ଅବସ୍ତୁଭିତ୍ତିକ ସଂସ୍କୃତି, ଅମୂର୍ତ୍ତ (Abstract) ଓ ସ୍ପର୍ଶହୀନ ଅଟେ । ତେଣୁ ସେ ପରିବାର, ଧର୍ମ, ଶିକ୍ଷା, କଳା, ସାହିତ୍ୟ, ଆଇନ ଓ ବିଜ୍ଞାନ ପ୍ରଭୃତିକୁ ଅବସ୍ତୁଭିତ୍ତିକ ସଂସ୍କୃତିରେ ଅନ୍ତର୍ଭୁକ୍ତ କରିଛନ୍ତି । ତାଙ୍କ ମତରେ ବସ୍ତୁଭିତ୍ତିକ ଓ ଅବସ୍ତୁଭିତ୍ତିକ ସଂସ୍କୃତିର ପରିବର୍ତ୍ତନ ବହୁ ସମୟରେ ସମାନ ଭାବରେ ହୋଇ ନଥାଏ । କେତେକ ସ୍ଥଳରେ ବସ୍ତୁଭିତ୍ତିକ ସଂସ୍କୃତି ଦ୍ରୁତଗତିରେ ପରିବର୍ତ୍ତିତ ହେଉଥିବା

ବେଳେ ଅବସ୍ତୁଭିତ୍ତିକ ସଂସ୍କୃତି ଧୀର ତଥା ମନ୍ଥର ଗତିରେ ପରିବର୍ତ୍ତିତ ହୋଇଥାଏ । ଅବସ୍ତୁଭିତ୍ତିକ ସଂସ୍କୃତିର ବେଗ ବା ଗତି ଅପେକ୍ଷାକୃତ ମନ୍ଥର ହୋଇଥିବାରୁ ଏହା ବସ୍ତୁଭିତ୍ତିକ ସଂସ୍କୃତି ସହିତ ସମତାଳରେ ଗତି କରିପାରେ ନାହିଁ । ତେଣୁ ଅବସ୍ତୁଭିତ୍ତିକ ସଂସ୍କୃତି ବସ୍ତୁଭିତ୍ତିକ ସଂସ୍କୃତିର ପଛରେ ପଡ଼ିଥାଏ । ଏହାଫଳରେ ଦୁଇ ସଂସ୍କୃତି ମଧ୍ୟରେ ଏକ ବ୍ୟବଧାନ ବା ବିଳମ୍ବନ ସୃଷ୍ଟି ହୋଇଥାଏ । ସେହି ବ୍ୟବଧାନ ବା ବିଳମ୍ବନକୁ ଅଗ୍‌ବର୍ଣ୍ଣ "ସାଂସ୍କୃତିକ ବିଳମ୍ବନ" ବା (Cultural Lag)ର ଆଖ୍ୟା ଦେଇଛନ୍ତି ।

ଅଗ୍‌ବର୍ଣ୍ଣ ସାଂସ୍କୃତିକ ବିଳମ୍ବନର କେତେକ ଉଦାହରଣ ଦେଇଛନ୍ତି । ସେ କହିଛନ୍ତି ଦେଶର ଜନସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି, ମାତ୍ର ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସମାନଙ୍କର ସଂଖ୍ୟା ସେହି ଅନୁପାତରେ ବୃଦ୍ଧି ହେଉନାହିଁ । ଏଠାରେ ଜନସଂଖ୍ୟା ବୃଦ୍ଧି ଏବଂ ପୋଲିସ୍ ସଂଖ୍ୟା ମଧ୍ୟରେ ସାଂସ୍କୃତିକ ବିଳମ୍ବନ ସୃଷ୍ଟି ହେଉଛି । ସେହିପରି ଆମ୍ଭମାନଙ୍କର ଖାଦ୍ୟପେୟ, ବେଶପୋଷାକ, ଚାଲିଚଳନ, ଆଚାର ବ୍ୟବହାର ଓ ବାସଗୃହର ଦ୍ରୁତ ପରିବର୍ତ୍ତନ ହେଲେ ସୁଦ୍ଧା ଆମ୍ଭମାନଙ୍କର ବିଭିନ୍ନ ପ୍ରଥା, ପରମ୍ପରା, ଚିନ୍ତାଧାରା, ଆଦର୍ଶ ଓ ମୂଲ୍ୟବୋଧର ତଦନୁରୂପ ପରିବର୍ତ୍ତନ ହେଉନାହିଁ । ଲୋକମାନେ ସେମାନଙ୍କର କୃଷି ପ୍ରଣାଳୀକୁ ପରିବର୍ତ୍ତନ କରିଥିଲେ ମଧ୍ୟ ଜମି ମାଲିକାନା ପଦ୍ଧତିକୁ ପରିବର୍ତ୍ତନ କରିନାହାନ୍ତି। ଅଗ୍‌ବର୍ଣ୍ଣ ମତବ୍ୟକ୍ତ କରିଛନ୍ତି ଯେ ସାଂସ୍କୃତିକ ବିଳମ୍ବନ ବ୍ୟକ୍ତିଗତ ତଥା ସାମାଜିକ ବିଗଠନର ଏକ ପ୍ରଧାନ କାରଣ।

**୬. ଧର୍ମ (Religion):** ଧର୍ମ ମାଧ୍ୟମରେ ସମାଜରେ କେତେକ ପରିବର୍ତ୍ତନ ସଂପାଦିତ ହୋଇଥାଏ । ଧର୍ମ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ବହୁ ସମୟରେ ଅନେକ ସାମାଜିକ ପରିବର୍ତ୍ତନ ଆଣିଥାଏ । ବିଖ୍ୟାତ ସମାଜବିଜ୍ଞାନୀ ମାକ୍ସ୍ ୱେବର୍‌ଙ୍କ ମତରେ ପ୍ରୋଟେଷ୍ଟାଣ୍ଟ ଖ୍ରୀଷ୍ଟିଆନ୍ ଧର୍ମ ବ୍ୟକ୍ତିବାଦକୁ ଅଧିକ ପ୍ରାଧାନ୍ୟ ଆରୋପ କରିଥାଏ । ତେଣୁ ଏହି ପ୍ରେଟେଷ୍ଟାଣ୍ଟ ନୀତି ପ୍ରଭାବରେ ମଧ୍ୟଯୁଗୀୟ ଇଉରୋପରେ ପୁଞ୍ଜିବାଦ ଉତ୍ପତ୍ତିଲାଭ କରିଅଛି ବୋଲି ସେ ଯୁକ୍ତି ବାଢ଼ନ୍ତି । ୱେବର୍‌ଙ୍କ ମତରେ ପାଶ୍ଚାତ୍ୟ ସମାଜଗୁଡ଼ିକରେ ପୁଞ୍ଜିବାଦ (Capitalism) ଅଧିକ ଭାବେ ବିକାଶଲାଭ କରୁଥିଲାବେଳେ ଭାରତ ଓ ଚୀନ୍ ପ୍ରଭୃତି ପ୍ରାଚ୍ୟ ଦେଶଗୁଡ଼ିକରେ ପୁଞ୍ଜିବାଦ ଆଦୌ ବିକାଶଲାଭ କରିପାରୁ ନାହିଁ । ମାକ୍ସ ୱେବର ଶେଷ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ପ୍ରୋଟେଷ୍ଟାଣ୍ଟବାଦର ବ୍ୟବହାରିକ ନୀତିଶାସ୍ତ୍ର ପାଶ୍ଚାତ୍ୟ ଦେଶରେ ପୁଞ୍ଜିବାଦର ବିକାଶକୁ ଉତ୍ସାହିତ କରିଥାଏ । ଫଳରେ ସେଠାରେ ଶିଳ୍ପଭିତ୍ତିକ ଓ ଅର୍ଥନୈତିକ ପ୍ରଗତି ଘଟିପାରୁଛି । କିନ୍ତୁ ପ୍ରାଚ୍ୟ ଦେଶଗୁଡ଼ିକରେ ହିନ୍ଦୁଧର୍ମ, ଇସ୍‌ଲାମଧର୍ମ ଓ ଇହୁଦୀଧର୍ମ ପୁଞ୍ଜିବାଦକୁ ଆଦୌ ଉତ୍ସାହିତ କରିନଥାନ୍ତି।

ଫଳରେ ଏହି ଦେଶଗୁଡ଼ିକ ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ହାସଲ କରିପାରିନଥାନ୍ତି । ଏଥିରୁ ଜଣାଯାଏ ଯେ ଧର୍ମ ଅର୍ଥନୈତିକ ପରିବର୍ତ୍ତନ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ ।

ଧର୍ମଭିତ୍ତିକ କାରଣ ଯୋଗୁ ନାନା ଅନ୍ତର୍ଜାତ (Endogenic) ପରିବର୍ତ୍ତନ ସଂପାଦିତ ହୋଇଥାଏ । ଧର୍ମ ମଧ୍ୟମରେ ନାନା ସଂସ୍କାରବାଦୀ ଆନ୍ଦୋଳନ ଓ ଧର୍ମଗୋଷ୍ଠୀ (Religious Sect) ର ଉଦ୍ରେକ ଘଟି ଉକ୍ତ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ନାନା ପରିବର୍ତ୍ତନ ଆଣିଥାଏ। ଖ୍ରୀଷ୍ଟିଆନ୍ ଧର୍ମରେ ପ୍ରୋଟେଷ୍ଟାଣ୍ଟ୍ ଆନ୍ଦୋଳନ, ହିନ୍ଦୁ ଧର୍ମରେ ବ୍ରାହ୍ମସମାଜ ଓ ମୁସଲମାନ୍ ଧର୍ମରେ ଅହମଦିଆ ଆନ୍ଦୋଳନ ଏ ପରିପ୍ରେକ୍ଷୀରେ କେତୋଟି ଉତ୍କୃଷ୍ଟ ଉଦାହରଣ। ଏମାନେ ମୁଖ୍ୟତଃ ଏକଏକ ଧର୍ମଗୋଷ୍ଠୀ ଭାବେ ସ୍ୱଧର୍ମରେ ସଂସ୍କାର ଆଣିବାରେ ଉଦ୍ୟମ କରିଥାନ୍ତି।

## ପ୍ରଦ୍ୟୋଗିକ କାରକ

## (Technological Factor)

ପ୍ରଦ୍ୟୋଗ ବା ପ୍ରଯୁକ୍ତି ବିଦ୍ୟା (Technology) ଆଧୁନିକ ସମାଜରେ ଦୃତଗତିରେ ପରିବର୍ତ୍ତନ ଆଣିଥାଏ । ସାମାଜିକ ପରିବର୍ତ୍ତନରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହା ସମାଜକୁ ଗଭୀରଭାବେ ପ୍ରଭାବିତ କରିଥାଏ । ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ଓ କୌଶଳର ଆବିଷ୍କାର ଓ ପ୍ରୟୋଗକୁ ପ୍ରଦ୍ୟୋଗ ବା ପ୍ରଯୁକ୍ତି ବିଦ୍ୟା କୁହାଯାଏ । ଲାପିଏର୍‌ଙ୍କ ମତରେ ପ୍ରଯୁକ୍ତି ବିଦ୍ୟା ହେଉଛି ସମସ୍ତ ଜ୍ଞାନ, କୌଶଳ ଓ ଯନ୍ତ୍ରାଂଶର ଏକ ସମଷ୍ଟି, ଯାହା ଦ୍ୱାରା ମନୁଷ୍ୟ ନିଜର ଭୌତିକ ଓ ଜୈବିକ ଆବଶ୍ୟତାଗୁଡ଼ିକୁ ପୁରଣ କରିଥାଏ । ଅଗ୍‌ବର୍ଣ୍ଣ (Ogburn) କହିଛନ୍ତି, "ପ୍ରଦ୍ୟୋଗ ଆମର ପରିବକ୍ଷେକୁ ପରିବର୍ତ୍ତନ କରିବା ସଙ୍ଗେ ସଙ୍ଗେ ସମାଜକୁ ମଧ୍ୟ ପରିବର୍ତ୍ତନ କରିଥାଏ, ଯାହା ସହିତ ଆମକୁ ଖାପଖୁଆଇ ଚଳିବାକୁ ପଡ଼ିଥାଏ । ଏହି ପରିବର୍ତ୍ତନ ବସ୍ତୁଭିତ୍ତିକ ପରିବେଷରେ ଘଟିଥାଏ ଏବଂ ଯେଉଁ ପରିବେଷ ସହିତ ଆମେ ଖାପଖୁଆଇ ଚଳିଥାଉ ତାହା ସର୍ବଦା ପ୍ରଥା ପରମ୍ପରା ଓ ସାମାଜିକ ଅନୁଷ୍ଠାନଗୁଡ଼ିକରେ ପରିବର୍ତ୍ତନ ଆଣିଥାଏ।" ପ୍ରଦ୍ୟୋଗିକ କାରକ ମନୁଷ୍ୟ ଦ୍ୱାରା ସୃଷ୍ଟି ଏକ ଅବସ୍ଥାକୁ ସୂଚାଇଥାଏ ଯାହା ମନୁଷ୍ୟର ଜୀବନକୁ ଗଭୀରଭାବେ ପ୍ରଭାବିତ କରିଥାଏ। ମନୁଷ୍ୟ ତାର ଅଭାବକୁ ପୁରଣ, ଆବଶ୍ୟକତାକୁ ପରିତୋଷ ଏବଂ ଜୀବନକୁ ଆରାମଦାୟକ କରିବା ପାଇଁ ମନୁଷ୍ୟ ସଭ୍ୟତାକୁ ତିଆରି କରିଥାଏ। ପ୍ରଦ୍ୟୋଗ ହେଉଛି ସଭ୍ୟତାର ଏକ ଫଳ ସ୍ୱରୂପ। ଯେତେବେଳେ ବୈଜ୍ଞାନିକ ଜ୍ଞାନକୁ ଜୀବନ ସମସ୍ୟା ପ୍ରତି ପ୍ରୟୋଗ କରାଯାଏ, ସେତେବେଳେ ଏହା ପ୍ରଦ୍ୟୋଗ ବା ପ୍ରଯୁକ୍ତିବିଦ୍ୟାରେ ପରିଣତ ହୁଏ ।

ପ୍ରଦ୍ୟୋଗ (Technology)ର ଉଦ୍ଭାବନ ଓ ପ୍ରବର୍ତ୍ତନ ଫଳରେ ସମାଜରେ ଦ୍ରୁତ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ । ଏହି ପ୍ରଦ୍ୟୋଗ ମାନବର ଜୀବନଧାରାକୁ ବିଭିନ୍ନ ଭାବେ ପ୍ରଭାବିତ କରିଥାଏ । ବିଜ୍ଞାନୀୟ କଳକୌଶଳର ଉଦ୍ଭାବନ ଓ ପ୍ରୟୋଗକୁ ପ୍ରଦ୍ୟୋଗ କୁହାଯାଇଥାଏ। ବିଭିନ୍ନ ବୈଜ୍ଞାନିକ ଯନ୍ତ୍ରପାତି, ଯାନବାହନ ଇତ୍ୟାଦି ସହ ପ୍ରଦ୍ୟୋଗ ନିବିଡ଼ ଭାବେ ସଂପୃକ୍ତ। ତେଣୁ ବୈଜ୍ଞାନିକ ଯନ୍ତ୍ରପାତି ପ୍ରଭୃତିର ପ୍ରସାରଜନିତ ସାମାଜିକ ପରିବର୍ତ୍ତନକୁ ପ୍ରୋଦ୍ୟୋଗିକ କାରଣ ଜନିତ ସାମାଜିକ ପରିବର୍ତ୍ତନ କୁହାଯାଇଥାଏ। ନିମ୍ନରେ ପ୍ରୋଦ୍ୟୋଗ ଦ୍ୱାରା କିପରି ସାମାଜିକ ପରିବର୍ତ୍ତନ ସମ୍ପାଦିତ ହୋଇଥାଏ ସେ ବିଷୟରେ ଆଲୋଚନା କରାଯାଇଛି ।

**୧. ଶିଳ୍ପୀକରଣ ଓ ସହରୀକରଣ (Industrialisation and Urbanisation) :** ବିଭିନ୍ନ ଔଦ୍ୟୋଗିକ ଯନ୍ତ୍ରପାତି (Industrial machinery)ର ଉଦ୍ଭାବାନ ହେତୁ ନାନା କଳକାରଖାନା ଗଢ଼ଉଠିଥାଏ । ଫଳରେ ସମାଜରେ ପୌରୀକରଣ (Urbanization) ସମ୍ପାଦିତ ହୋଇଥାଏ । ଏହାଦ୍ୱାରା ଯେଉଁ ସହର, ନଗର ପ୍ରଭୃତି ପୌରାଞ୍ଚଳ ଗଢ଼ିଉଠିଥାଏ, ସେଗୁଡ଼ିକର ସାମାଜିକ ପର୍ଯ୍ୟାବରଣ ନୂତନ ରୂପରେଖ ନିଏ । ଜନସଂଖ୍ୟାର ଆକାର ଓ ଘନତ୍ୱ (Density) ବୃଦ୍ଧିପ୍ରାପ୍ତ ହେବାଦ୍ୱାରା ନାନା ସାମାଜିକ ସମସ୍ୟାର ସୂତ୍ରପାତ ହୋଇଥାଏ । ଏହି ଔଦ୍ୟୋଗିକ ପୌର ସମାଜରେ ମଦ୍ୟପତା (Alcoholism), ଗୁଣ୍ଡାଗିରି, ବେଶ୍ୟାବୃତ୍ତି ପ୍ରଭୃତି ସମସ୍ୟା ଅହରହ ଲାଗି ରହିଥାଏ । ବହୁ ବେତନ ପ୍ରଦାନ କରୁଥିବା ଉଦ୍ୟୋଗମାନଙ୍କ ନିକଟବର୍ତ୍ତି ସମାଜରେ ସାଧାରଣତଃ ଉପରୋକ୍ତ ସମସ୍ୟା ବହୁଳଭାବେ ଦେଖାଯାଇଥାଏ । ପୁନଶ୍ଚ ଶ୍ରମିକମାନଙ୍କ ସ୍ୱାର୍ଥ ରକ୍ଷାପାଇଁ ଅନେକ ଟ୍ରେଡ୍ ଇଉନିଅନ୍ ଗଢ଼ିଉଠିଥାଏ ।

ଏଗୁଡ଼ିକ ରାଜନୀତିର କେନ୍ଦ୍ରବିନ୍ଦୁ ରୂପେ କାର୍ଯ୍ୟ କରୁଥାନ୍ତି । ଉଦ୍ୟୋଗମାନଙ୍କ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟଗୁଡ଼ିକ ବ୍ୟବହାର କରି ଲୋକମାନେ ସମାଜରେ ନିଜର ପ୍ରସ୍ଥିତି (Status) ଉନ୍ନତ କରିଥାନ୍ତି, ଭିନ୍ନଭିନ୍ନ ଫେସନ୍ ବା ନବ ରୁଚିକୁ ଯଥାଶୀଘ୍ର ପରିବର୍ତ୍ତନ କରିବାର ସୁଯୋଗ ଲାଭ କରନ୍ତି ଏବଂ ଅନେକ ସୁଖସ୍ୱାଚ୍ଛନ୍ଦ ଇତ୍ୟାଦି ଲାଭ କରିଥାନ୍ତି ।

**୨. ଗ୍ରାମାଞ୍ଚଳ ଉପରେ ପ୍ରଭାବ (Effect on Rural Areas) :** କୃଷିଭିତ୍ତିକ ପ୍ରଯୁକ୍ତି ବିଦ୍ୟାର ପ୍ରଚଳନ ଫଳରେ ବିକାଶଶୀଳ ରାଷ୍ଟ୍ରମାନଙ୍କର ଗ୍ରାମାଞ୍ଚଳରେ ନାନା ପରିବର୍ତ୍ତନ ସଂଘଟିତ ହେଉଅଛି । ଧର୍ମାନ୍ଧ ଗ୍ରାମବାସୀମାନେ ବିଜ୍ଞାନର ଅବଦାନକୁ ବ୍ୟବହାରିକ କ୍ଷେତ୍ରରେ ପ୍ରୟୋଗ କରି ସୁଫଳ ଲାଭକରିବା ଦ୍ୱାରା ଅନେକାଂଶରେ ସେମାନଙ୍କର ବିଜ୍ଞାନୀୟ ଦୃଷ୍ଟିଭଙ୍ଗୀ ବିକାଶଲାଭ କରୁଅଛି । ସେମାନେ କ୍ରମଶଃ ଭାଗ୍ୟବାଦୀ ହେବାରୁ ରହିତ ହେଉଛନ୍ତି । ସେମାନଙ୍କର ଅନେକ କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂରେଇ ଯାଉଛି । କୃଷିରେ ବିଜ୍ଞାନର ପ୍ରୟୋଗ ଫଳରେ ଅଧିକ ଉତ୍ପାଦନ ହୋଇ ଗ୍ରାମୀଣ ବ୍ୟକ୍ତିମାନଙ୍କର ଅର୍ଥନୈତିକ ତଥା ସାମାଜିକ ଅଭିବୃଦ୍ଧି ସଂଘଟିତ ହେଉଛି ।

**୩. ପରିବହନ ଓ ଯୋଗାଯୋଗ (Transport and Communication) :** ପରିବହନ ଓ ଯୋଗାଯୋଗ ମାଧ୍ୟମରେ ବିକାଶ ଫଳରେ ଅନେକ ସାମାଜିକ ପରିବର୍ତ୍ତନ ଦେଖାଦେଇଛି । ମଟର, ରେଳଗାଡ଼ି, ଉଡ଼ାଜାହାଜ, ଜଳଜାହାଜ ପ୍ରଭୃତିର ପ୍ରଚଳନ ଫଳରେ ବିଭିନ୍ନ ଅଞ୍ଚଳ ମଧ୍ୟରେ ଦୂରତ୍ୱ ହ୍ରାସ ପାଉଛି । ଫଳରେ ଲୋକମାନଙ୍କର ଦୃଷ୍ଟିଭଙ୍ଗୀ ସାର୍ବଜନୀନ ବା ଅନ୍ତରାଷ୍ଟ୍ରୀୟ ହେଉଅଛି । ତେଣୁ ଲୋକମାନଙ୍କର ଚିନ୍ତାଧାରା ସଂକୀର୍ଣ୍ଣ ହେବା ପରିବର୍ତ୍ତେ ବ୍ୟାପକ ହେଉଅଛି । ଏହାଦ୍ୱାରା ମଧ୍ୟ ସଂସ୍କୃତିର ଆଦାନପ୍ରଦାନ ସଂଘଟିତ ହୋଇପାରୁଛି । ତେଣୁ ଏକ ଅଞ୍ଚଳର କଳା, ବୈଜ୍ଞାନିକ ଉଦ୍ଭାବନ, ସ୍ଥାପତ୍ୟ, ପ୍ରଥା ପ୍ରଭୃତି ଅନ୍ୟ ଅଞ୍ଚଳକୁ ପ୍ରସାରିତ ହେଉଛି । ପୁନଶ୍ଚ ବିଭିନ୍ନ ଗଣମାଧ୍ୟମ (Mass Media) ଦ୍ୱାରା ଯୋଗାଯୋଗ ସମ୍ପାଦିତ ହୋଇ ବିଭିନ୍ନ ସମାଜମାନଙ୍କ ମଧ୍ୟରେ ସଂସ୍କୃତିର ଆଦାନ ପ୍ରଦାନ ସଂଘଟିତ ହେଉଅଛି । ଏଣୁ ପ୍ରତ୍ୟେକ ସମାଜ ବିଭିନ୍ନ ସାଂସ୍କୃତିକ ପରିବର୍ତ୍ତନର ସମ୍ମୁଖୀନ ହୋଇଥାନ୍ତି । ରେଡ଼ିଓ, ଟେଲିଭିଜନ ପ୍ରଭୃତି ଗଣମାଧ୍ୟମର ପ୍ରଭାବ ବ୍ୟକ୍ତିଗତ ଜୀବନ ଉପରେ ମଧ୍ୟ ସୁସ୍ପଷ୍ଟ । ମନୋରଞ୍ଜନ ପାଇଁ ସେ ପୂର୍ବରୁ ନିଜର ପଡ଼ୋଶୀ, ବନ୍ଧୁମହଲ ପ୍ରଭୃତିର ସାହାଯ୍ୟ ନେଉଥିଲା । ବର୍ତ୍ତମାନ ରେଡ଼ିଓ, ଟେଲିଭିଜନ ପ୍ରଭୃତି ସେହି ଆବଶ୍ୟକତାଗୁଡ଼ିକୁ ପୂରଣ କରୁଛି ।

**୪. ନୂତନ ସାମାଜିକ ଶ୍ରେଣୀଗୁଡ଼ିକର ଅଭ୍ୟୁଦୟ (Emergence of New Classes) :** ଶିଳ୍ପୀକରଣ ଓ ପୌରକରଣ ଫଳରେ ନୂତନ ଶ୍ରେଣୀଗୁଡ଼ିକର ଅଭ୍ୟୁଦୟ ହୋଇଛି । ଶିଳ୍ପଭିତ୍ତିକ ପୁଞ୍ଜିବାଦୀ ସମାଜରେ ପୁଞ୍ଜିପତି ଶ୍ରେଣୀ ଓ ଶ୍ରମିକଶ୍ରେଣୀମାନଙ୍କର ସୃଷ୍ଟି ହୋଇଛି । କାଳକ୍ରମେ ଏହି ଦୁଇ ଶ୍ରେଣୀ ମଧ୍ୟରେ ଏକ ନୂତନ ଶ୍ରେଣୀର ଅଭ୍ୟୁଦୟ ଘଟିଥାଏ, ଯାହା ମଧ୍ୟବିତ୍ତ ଶ୍ରେଣୀ (Middle Class) ଭାବେ ପରିଚିତ । ଏହି ଶ୍ରେଣୀର ଲୋକମାନେ ବାଣିଜ୍ୟ ବ୍ୟବସାୟ, ଚାକିରୀ ଓ ବିଭିନ୍ନ ଶିଳ୍ପାନୁଷ୍ଠାନରେ କାର୍ଯ୍ୟ କରି ଜୀବିକା ନିର୍ବାହ କରିଥାନ୍ତି । ଏମାନେ ସମାଜର ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ସାମାଜିକ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିଥାନ୍ତି ।

**୫. ବେକାରୀ ସମସ୍ୟା (Unemployment Problem) :** ପ୍ରଯୁକ୍ତି ବିଦ୍ୟା ନିଯୁକ୍ତି ସୁଯୋଗ ସୃଷ୍ଟିକରୁଥିବା ବେଳେ ବେକାରୀ ସମସ୍ୟା ସୃଷ୍ଟି ନିମନ୍ତେ ମଧ୍ୟ ଦାୟୀ । କଳକାରଖାନାଗୁଡ଼ିକରେ ବିଭିନ୍ନ ଯନ୍ତ୍ରପାତିର ବ୍ୟବହାର କେବଳ କର୍ମନିଯୁକ୍ତି ସୁବିଧା ସୃଷ୍ଟି କରିନଥାଏ, ଏହା ମଧ୍ୟ ଶ୍ରମ-ସଞ୍ଚୟ କୌଶଳ ଦ୍ୱାରା ଅଧିକାଂଶ ଶ୍ରମିକଙ୍କୁ କାର୍ଯ୍ୟରୁ ଅନ୍ତର କରି ସେମାନଙ୍କୁ ବେକାରୀ ସମସ୍ୟାର ସମ୍ମୁଖୀନ କରାଇଥାଏ ।

**୬. ମୂଲ୍ୟବୋଧରେ ପରିବର୍ତ୍ତନ (Change in Values) :** ଶିଳ୍ପୀକରଣ, ନଗରୀକରଣ, ଯାନବାହାନ ଓ ଯୋଗାଯୋଗ ମାଧ୍ୟମରେ ଉନ୍ନତି, ନୂତନ ରାଜନୈତିକ ଓ ଅର୍ଥନୈତିକ ସଂଗଠନର ଆବିର୍ଭାବ ପ୍ରଭୃତି ଲୋକମାନଙ୍କର ବିଶ୍ୱାସ, ଆଦର୍ଶ, ପ୍ରବୃତ୍ତି ଏବଂ ଚିନ୍ତାଧାରାକୁ ଗଭୀରଭାବେ ପ୍ରଭାବିତ କରିବା ଫଳରେ ନୂତନ ସାମାଜିକ ମୂଲ୍ୟବୋଧ ଓ ଦାର୍ଶନିକ ଚିନ୍ତାଧାରା ସୃଷ୍ଟି ହୋଇଛି। ପାରମ୍ପରିକ ମୁଲ୍ୟବୋଧର ଦ୍ରୁତ ପରିବର୍ତ୍ତନ ଘଟିଛି। ବର୍ତ୍ତମାନ ପ୍ରତ୍ୟେକ ଜିନିଷକୁ ଅର୍ଥନୈତିକ ଦୃଷ୍ଟିକୋଣରୁ ମପାଯିବା ଫଳରେ ନୈତିକ ମୂଲ୍ୟବୋଧର ଅଧୋଗତି ଘଟିଛି। ସଂପର୍କ କ୍ରମଶଃ ଅବୟୋକ୍ତିକ ଓ ଗୌଣରେ ପରିଣତ ହୋଇଛି। ମନୁଷ୍ୟ ଅଧିକ ମାତ୍ରାରେ "ବ୍ୟକ୍ତିକୈନ୍ଦ୍ରୀକ" ହୋଇପଡ଼ିଛି । ଫଳରେ ବ୍ୟକ୍ତିବାଦ (Individualism) ଚିନ୍ତାଧାରାର ଅଭ୍ୟୁଦୟ ଘଟିଛି । ବ୍ୟକ୍ତି ତା'ର ପରିବାର, ସାମୁଦାୟିକ ଆନୁଗତ୍ୟ ଓ ଦାୟିତ୍ୱ ଠାରୁ କ୍ରମଶଃ ଦୁରେଇ ଯାଇଅଛି । ସଂକ୍ଷେପରେ କହିବାକୁ ଗଲେ ସମସ୍ତ ପାରମ୍ପରିକ ସାମାଜିକ ମୂଲ୍ୟବୋଧର ଅଧୋଗତି ଘଟିଛି ।

**୭. ସାମାଜିକ ଅନୁଷ୍ଠାନ ଉପରେ ପ୍ରଭାବ (Effects of Social Institutions) :** ପ୍ରଦ୍ୟୋଗ ସାମାଜିକ ଅନୁଷ୍ଠାନ, ଯଥା- ପରିବାର, ବିବାହ ଓ ସମ୍ପତ୍ତି ଇତ୍ୟାଦିକୁ ଗଭୀରଭାବେ ପ୍ରଭାବିତ କରିଛି । ଫଳରେ ସାମାଜିକ ଅନୁଷ୍ଠାନ ଗୁଡ଼ିକରେ ପରିବର୍ତ୍ତନ ଦେଖାଦେଇଛି । ସାମାଜିକ ଅନୁଷ୍ଠାନଗୁଡ଼ିକରେ ଦେଖାଯାଉଥିବା ପରିବର୍ତ୍ତନ ସଂପର୍କରେ ନିମ୍ନରେ ଆଲୋଚନା କରାଗଲା ।

**(କ) ପରିବାର (Family):** ପ୍ରଦ୍ୟୋଗ ପରିବାର ସଂଗଠନ ଓ ପାରିବାରିକ ସଂପର୍କରେ ଦ୍ରୁତ ପରିବର୍ତ୍ତନ ଆଣିଛି । ଅଧୁନା ପରିବାରର ଅଧିକାଂଶ କାର୍ଯ୍ୟ ବାହ୍ୟ ସଂସ୍ଥା ଦ୍ୱାରା ସଂପାଦିତ ହେଉଛି। ଫଳତଃ ନାରୀମାନେ ଗୃହରେ ଅଧିକ ଅବକାଶ ଉପଭୋଗ କରୁଛନ୍ତି। ସେମାନଙ୍କର ଅଧିକାଂଶ କାର୍ଯ୍ୟ ଆଧୁନିକ ଗୃହୋପଯୋଗୀ ବୈଦ୍ୟୁତିକ ଉପକରଣ ଦ୍ୱାରା ସମ୍ପାଦିତ ହେଉଛି। ନାରୀମାନେ ଗୃହ ବାହାରେ ବିଭିନ୍ନ କଳକାରଖାନା ଅଫିସ ଓ ବାଣିଜ୍ୟ ବ୍ୟବସାୟ କେନ୍ଦ୍ରରେ କାର୍ଯ୍ୟ କରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଜନ୍ମ ନିୟନ୍ତ୍ରଣ ପଦ୍ଧତିର ଆବିଷ୍କାର ଫଳରେ ପରିବାରର ଆକାର ହ୍ରାସ ପାଇଛି ।

**(ଖ) ବିବାହ (Marriage):** ପ୍ରଦ୍ୟୋଗ ମଧ୍ୟ ବିଭିନ୍ନ ଦିଗରୁ ବିବାହ ଅନୁଷ୍ଠାନକୁ ଗଭୀରଭାବେ ପ୍ରଭାବିତ କରିଛି । ବର୍ତ୍ତମାନ ସମୟରେ ବିବାହର ସମସ୍ତ ପବିତ୍ରତା ନଷ୍ଟ ହୋଇଛି। ବିବାହ ପବିତ୍ର ବନ୍ଧନ ଅପେକ୍ଷା ଏକ ସାମାଜିକ ଚୁକ୍ତି ଭାବେ ଅଧିକ ପରିଗଣିତ ହେଉଛି। ଅଧୁନା ବିବାହ ଏମ ଅସ୍ଥାୟୀ ଅନୁଷ୍ଠାନରେ ପରିଗଣିତ ହୋଇଛି। ବିବାହ ବିଚ୍ଛେଦ ବା ଛାଡ଼ପତ୍ର (Divorce), ପରିତ୍ୟାଗ ଓ ପୃଥକୀକରଣ ଅଧିକ ପରିମାଣରେ ପରିଦୃଷ୍ଟ ହେଉଅଛି। ପ୍ରଦ୍ୟୋଗର ପ୍ରଭାବ ଫଳରେ ସମାଜରେ ପ୍ରେମବିବାହ, ଅନ୍ତଃ-ଜାତି ବିବାହ ଓ ବିଳମ୍ବ ବିବାହ ଅଧିକ ଭାବେ ପରିଲକ୍ଷିତ ହେଉଛି ।

**(ଗ) ଧର୍ମ (Religion):** ଧର୍ମ ମଧ୍ୟ ପ୍ରଦ୍ୟୋଗର ପ୍ରଭାବରୁ ମୁକ୍ତ ନୁହେଁ । ସମାଜରେ ଲୋକମାନଙ୍କ ଉପରେ ଧର୍ମୀୟ ପ୍ରଭାବର ହ୍ରାସ ଘଟିଛି। ଲୋକମାନେ ଅଧିକରୁ ଅଧିକ ଯୁକ୍ତିଯୁକ୍ତ ଓ ବୈଜ୍ଞାନିକ ଚିନ୍ତାଧାରା ଦ୍ୱାରା ପରିଚାଳିତ ହେଉଛନ୍ତି। ସେମାନଙ୍କର ଚିନ୍ତାଧାରା ଓ କର୍ତ୍ତବ୍ୟରେ ଧାର୍ମିକ ପ୍ରଭାବ ପରିଲକ୍ଷିତ ହେଉନାହିଁ। ପ୍ରଦ୍ୟୋଗିକ ତଥା ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ସଂପ୍ରସାରଣ ଫଳରେ ସମାଜରୁ ବିଭିନ୍ନ ପ୍ରକାର ପୂଜାପଦ୍ଧତି ଓ କ୍ରିୟାକର୍ମ ଆଦି

କାର୍ଯ୍ୟମାନ ହ୍ରାସ ପାଇଛି । ଅନ୍ଧବିଶ୍ୱାସ, କୁସଂସ୍କାର ପରମ୍ପରା, ଲୋକରୀତି, ଲୋକନିୟମ (Mores) ଓ ମୂଲ୍ୟବୋଧ ପ୍ରଭୃତିର ପରିବର୍ତ୍ତନ ଘଟିଛି ।

**(ଘ) ରାଷ୍ଟ୍ର (State):** ପ୍ରଦ୍ୟୋଗର ଦ୍ରୁତ ବିକାଶ ଫଳରେ ରାଷ୍ଟ୍ରର କାର୍ଯ୍ୟ ପରିସର ବୃଦ୍ଧିପାଇଛି । ରାଷ୍ଟ୍ରଗୁଡ଼ିକ ଜନମଙ୍ଗଳ ରାଷ୍ଟ୍ର (Welfare State)ରେ ପରିଣତ ହୋଇଛନ୍ତି । ରାଷ୍ଟ୍ରଗୁଡ଼ିକ ଲୋକମାନଙ୍କର କଲ୍ୟାଣ ସାଧନ କରୁଛନ୍ତି । ଏଗୁଡ଼ିକ ବୃଦ୍ଧ, ଅକର୍ମଣ୍ୟ, ଦୁର୍ବଳ ଗୋଷ୍ଠୀ ଓ ସଂଖ୍ୟାଲଘୁମାନଙ୍କ ପାଇଁ ସୁରକ୍ଷା ପ୍ରଦାନ, ଶିକ୍ଷାପାଇଁ ସ୍କୁଲ ଓ କଲେଜର ବ୍ୟବସ୍ଥା, ଶିଶୁ ଶ୍ରମିକ ପାଇଁ ଆଇନ ପ୍ରଣୟଣ, ରୋଗଗ୍ରସ୍ତ ଲୋକମାନଙ୍କ ପାଇଁ ଚିକିତ୍ସା ବ୍ୟବସ୍ଥା କରିଛି । ଆଧୁନିକ ସରକାର ଅମଲାତନ୍ତ୍ର (Bureaucracy) ଶାସନ ବ୍ୟବସ୍ଥା ମାଧ୍ୟମରେ ସମାଜରେ ବିଭିନ୍ନ ପ୍ରକାର ପରିବର୍ତ୍ତନ ଆଣୁଛନ୍ତି ।

**୮. ଅର୍ଥନୈତିକ ଜୀବନ ଉପରେ ପ୍ରଭାବ (Effects on Economic Life) :** ପ୍ରଦ୍ୟୋଗ ଅର୍ଥନୈତିକ ଜୀବନରେ ଦ୍ରୁତ ପରିବର୍ତ୍ତନ ଆଣିଛି । ଏହା ଦ୍ୱାରା ସୃଷ୍ଟି ହୋଇଥିବା ଉତ୍ପାଦନ ବ୍ୟବସ୍ଥା ଘରୋଇ ଉତ୍ପାଦନ ବ୍ୟବସ୍ଥାର ଧ୍ୱଂସ ସାଧନ କରି କଳକାରଖାନା, ପଣ୍ୟଗୃହ, ବ୍ୟାଙ୍କ, ସମବାୟ ସମିତି ଓ ନିଗମ ଆଦି ନୂତନ ଅର୍ଥନୈତିକ ସଙ୍ଗଠନମାନ ପ୍ରତିଷ୍ଠା କରିଛି । ଏହା ସମସ୍ତ ପ୍ରକାର କଳକାରଖାନା ଗୁଡ଼ିକୁ ସହରାଞ୍ଚଳରେ କେନ୍ଦ୍ରିଭୂତ କରି ଅତ୍ୟଧିକ ଜନଗହଳୀ ସୃଷ୍ଟିକରି ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟଗୁଡ଼ିକର ମୂଲ୍ୟ ବୃଦ୍ଧି କରିଛି । ଏହା ପୁଞ୍ଜିବାଦ (Capitalism) ଏବଂ ତାହାର କୁପ୍ରଭାବକୁ ଜନ୍ମ ଦେଇଛି । ପ୍ରଦ୍ୟୋଗ ଲୋକମାନଙ୍କର ଜୀବନ ଧାରଣ ମାନକୁ ଆଶାତିତ ଭାବେ ବୃଦ୍ଧି କରି ସେମାନଙ୍କର ସାମାଜିକ ପ୍ରସ୍ଥିତିରେ ଦ୍ରୁତ ପରିବର୍ତ୍ତନ ଆଣିଛି । ଏହା ଶ୍ରମ-ବିଭାଜନ ଓ କାର୍ଯ୍ୟ ବିଶେଷୀକରଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିଥାଏ । ପ୍ରଦ୍ୟୋଗ ଅର୍ଥନୈତିକ ଅସ୍ଥିରତା, ଶ୍ୱେତ-କୋଲାର ବେକାରୀ (White Collar Unemployment), ଔଦ୍ୟୋଗିକ ବିବାଦ, ଦୁର୍ଘଟଣା ଏବଂ ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରିଥାଏ । ଏହା ଶ୍ରମିକ ସଂଘ ଆନ୍ଦୋଳନକୁ ଜନ୍ମ ଦେଇଥାଏ । ପ୍ରଦ୍ୟୋଗ ମଧ୍ୟବିତ୍ତ ଶ୍ରେଣୀ ନାମରେ ଏକ ନୂତନ ଶ୍ରେଣୀର ଅଭ୍ୟୁଦୟ ଘଟାଇଛି ।

ଉପରୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ଯେ ପ୍ରଦ୍ୟୋଗ ସାମାଜିକ ପରିବର୍ତ୍ତନ ଅଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

⊠○⊠

# ଆଦର୍ଶ ପ୍ରଶ୍ନାବଳୀ

## Group - A
## Objective Type

## 'କ' ବିଭାଗ

### ଅତି ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

**କ. ନିମ୍ନଲିଖିତ ବିକଳ୍ପ ଗୁଡିକ ମଧ୍ୟରୁ ସଠିକ୍ ଉତ୍ତର ପ୍ରଦାନ କର ।**

**(Multiple Choice Questions)**

୧. ନିମ୍ନଲିଖିତ କେଉଁଟି ଏକ ସମ୍ବନ୍ଧକାରୀ ସାମାଜିକ ପ୍ରକ୍ରିୟା ।

(କ) ସହଯୋଗ (ଖ) ସଂଘର୍ଷ

(ଗ) ଆତ୍ମୀକରଣ (ଘ) ପ୍ରତିଯୋଗୀତା

୨.ନିମ୍ନଲିଖିତ କେଉଁଟି ସମ୍ବନ୍ଧକାରୀ ସାମାଜିକ ପ୍ରକ୍ରିୟା ନୁହେଁ ।

(କ) ସହଯୋଗ (ଖ) ଅଭିଯୋଜନ

(ଗ) ସଂଘର୍ଷ (ଘ) ଆତ୍ମୀକରଣ

୩. ନିମ୍ନଲିଖିତ କେଉଁଟି ଏକ ବିସମ୍ବନ୍ଧକାରୀ ସାମାଜିକ ପ୍ରକ୍ରିୟା ।

(କ) ସହଯୋଗ (ଖ) ପ୍ରତିଯୋଗୀତା

(ଗ) ଅଭିଯୋଜନ (ଘ) ଆତ୍ମୀକରଣ

୪. କୌଣସି କାର୍ଯ୍ୟ ସମ୍ପାଦନ କରିବା ପାଇଁ ବା ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ନିମନ୍ତେ ଦୁଇ ବା ତତୋଽଧିକ ବ୍ୟକ୍ତିଙ୍କର ନିରବଚ୍ଛିନ୍ନ ଓ ସାଧାରଣ ଉଦ୍ୟମକୁ ସହଯୋଗ କୁହାଯାଏ । କେଉଁ ବ୍ୟକ୍ତି ଏହି ସଂଜ୍ଞା ପ୍ରଦାନ କରିଛନ୍ତି ?

(କ) ମାକାଇଭର୍ (ଖ) ବୋଗାର୍ଡସ୍

(ଗ) ଏ.ଡବ୍ଲ୍ୟୁ. ଗ୍ରୀନ୍ (ଘ) ଫେୟାରଚାଇଲଡ

୫. ନିମ୍ନଲିଖିତ କେଉଁଟି ସହଯୋଗର ଗୁଣ ଅଟେ ।

(କ) ସାର୍ବଜନୀନ (ଖ) ଅଚୈତନିକ

(ଗ) ଅବ୍ୟକ୍ତିଗତ (ଘ) ସବିରାମ ପ୍ରକ୍ରିୟା

୬. ଗ୍ରୀନଙ୍କ ମତରେ ନିମ୍ନଲିଖିତ କେଉଁଟି ସହଯୋଗର ଏକ ପ୍ରକାର ଅଟେ ?

(କ) ପ୍ରତ୍ୟକ୍ଷ (ଖ) ପ୍ରାଥମିକ

(ଗ) ଗୌଣ (ଘ) ଆଂଶିକ

୭. ଭିନ୍ନ ଭିନ୍ନ ଆଦର୍ଶ ଥିବା ଦୁଇଟି ରାଜନୈତିକ ଦଳ ନିର୍ବାଚନରେ ସେମାନଙ୍କ ବିରୋଧିଙ୍କୁ ପରାସ୍ତ କରିବା ନିମନ୍ତେ ହାତ ମିଳାଇଲେ ଏହାକୁ କି ପ୍ରକାର ସହଯୋଗ କୁହାଯାଏ ?

(କ) ପ୍ରାଥମିକ (ଖ) ଗୌଣ

(ଗ) ପ୍ରତ୍ୟକ୍ଷ (ଘ) ଆଂଶିକ

୮. ଅଭିଯୋଜନ ହେଉଛି ଏକ ପ୍ରକ୍ରିୟା ଯେଉଁଥିରେ ମନୁଷ୍ୟ ତା'ର ପରିବେଶ ସହିତ ସମନ୍ୱୟ ରକ୍ଷା କରେ । ଏହା କେଉଁ ବ୍ୟକ୍ତିଙ୍କର ମନ୍ତବ୍ୟ ଅଟେ ?

(କ) ମାକାଇଭର୍ ଓ ପେଜ୍ (ଖ) ହର୍ଟନ ଓ ହଣ୍ଟ

(ଗ) ଗିଲିନ୍ ଓ ଗିଲିନ୍ (ଘ) ଅଗ୍‌ବର୍ଣ୍ଣ ଓ ନିମ୍‌କୋଫ୍

୯. ଅଭିଯୋଜନ ନିମ୍ନଲିଖିତ କାହାର ଶେଷ ଫଳ ଅଟେ ?

(କ) ସହଯୋଗ (ଖ) ପ୍ରତିଯୋଗୀତା

(ଗ) ସଂଘର୍ଷ (ଘ) ଆତ୍ମୀକରଣ

୧୦. ନିମ୍ନଲିଖିତ କେଉଁଗୁଡିକ ଅଭିଯୋଜନର ଗୁଣାବଳୀ ଅଟେ ?

(କ) ଏହା ଏକ ସାର୍ବଜନୀନ ପ୍ରକ୍ରିୟା

(ଖ) ଏହା ଏକ ନିରବଚ୍ଛିନ୍ନ ପ୍ରକ୍ରିୟା

(ଗ) ଏହା ଉଭୟ ପ୍ରେମ ଓ ଘୃଣାର ମିଶ୍ରଣ

(ଘ) ସମସ୍ତ

୧୧. ନିମ୍ନଲିଖିତ କେଉଁଗୁଡିକ ଅଭିଯୋଜନର ପ୍ରଣାଳୀ ବା ପଦ୍ଧତି ଅଟେ ?

(କ) ଧର୍ମାନ୍ତରଣ (ଖ) ଏକାନ୍ତରଣ

(ଗ) ଯୌକ୍ତକରଣ (ଘ) ସମସ୍ତ

୧୨. ନିମ୍ନଲିଖିତ କେଉଁଟି ଅଭିଯୋଜନର ପଦ୍ଧତି ନୁହେଁ?

(କ) ଧର୍ମନ୍ତରଣ (ଖ) ଏକାନ୍ତରଣ

(ଗ)ଯୌକ୍ତିକରଣ (ଘ) ସହନଶୀଳତା

୧୩. ଆତ୍ମୀକରଣ ହେଉଛି ଏକ

(କ) ମନ୍ଥର ପ୍ରକ୍ରିୟା (ଖ) କ୍ରମିକଃ ପ୍ରକ୍ରିୟା

(ଗ) ଉଭୟ ମନ୍ଥର ଓ କ୍ରମିକଃ ପ୍ରକ୍ରିୟା (ଘ) ସଚେତନିକ ପ୍ରକ୍ରିୟା

୧୪. ନିମ୍ନ ପ୍ରଦତ୍ତ କେଉଁ କାରକ ଆତ୍ମୀକରଣ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥାଏ ?

(କ) ସହନଶୀଳତା (ଖ) ମିଳନ

(ଗ) ସମାନ ଅର୍ଥନୈତିକ ସୁଯୋଗ (ଘ) ଏକାନ୍ତକରଣ

୧୫. ନିମ୍ନଲିଖିତ କେଉଁ ପ୍ରକ୍ରିୟା ଆତ୍ମୀକରଣ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥାଏ ?

(କ) ଶାରୀରିକ ତାରତମ୍ୟ (ଖ) ସଂସ୍କୃତିକ ତାରତମ୍ୟ

(ଗ) ପ୍ରାଧାନ୍ୟ ବିସ୍ତାରଣ (ଘ) ସମସ୍ତ

୧୬. ସଂହତି ନିମ୍ନଲିଖିତ କାହାର ପରିଣତି ଅଟେ ?

(କ) ଆତ୍ମୀକରଣ (ଖ) ଅଭିଯୋଜନ

(ଗ) ତାରତମ୍ୟ (ଘ) ପ୍ରତିଯୋଗୀତା

୧୭. ନିମ୍ନପ୍ରଦତ୍ତ କେଉଁଟି ପ୍ରତିଯୋଗୀତାର ଅନ୍ତର୍ଭୁକ୍ତ ନୁହେଁ ?

(କ) କ୍ଷମତା ନିମନ୍ତେ ପ୍ରଚେଷ୍ଟା

(ଖ) ଟଙ୍କା ନିମନ୍ତେ ପ୍ରଚେଷ୍ଟା

(ଗ) ସୁନାମ ନିମନ୍ତେ ପ୍ରଚେଷ୍ଟା

(ଘ) ପ୍ରକୃତିର ଦାନଗୁଡିକ ନିମନ୍ତେ ପ୍ରଚେଷ୍ଟା ।

୧୮. ନିମ୍ନଲିଖିତ କେଉଁଟି ପ୍ରତିଯୋଗୀତାର ଗୁଣ ନୁହେଁ ?

(କ) ଏହା ଏକ ଅଚୈତନିକ ପ୍ରକ୍ରିୟା

(ଖ) ଏହା ଏକ ବ୍ୟକ୍ତିଗତ ପ୍ରକ୍ରିୟା

(ଗ) ଏହା ଏକ ନିରବଛିନ୍ନ ପ୍ରକ୍ରିୟା

(ଘ) ଏକ ସାର୍ବଜନୀନ ପ୍ରକ୍ରିୟା

୧୯. ପ୍ରତିଯୋଗିତା କେଉଁ ପ୍ରକାର୍ଯ୍ୟ ସହିତ ସଂପର୍କୀତ ?

(କ) କେବଳ ସକରାତ୍ମକ ପ୍ରକାର୍ଯ୍ୟ

(ଖ) ନକରାତ୍ମକ ପ୍ରକାର୍ଯ୍ୟ

(ଗ) ଉଭୟ ସକରାତ୍ମକ ଓ ନକରାତ୍ମକ ପ୍ରକାର୍ଯ୍ୟ

(ଘ) କୌଣସି ଗୋଟିକ ନୁହେଁ

୨୦. ନିମ୍ନ ପ୍ରଦତ୍ତ କେଉଁଟି ସଂଘର୍ଷର ଗୁଣ ଅଟେ ?

(କ) ନିରବଚ୍ଛିନ୍ନ ପ୍ରକ୍ରିୟା (ଖ) ବ୍ୟକ୍ତିଗତ ପ୍ରକ୍ରିୟା

(ଗ) ଅଚୈତନିକ ପ୍ରକ୍ରିୟା (ଘ) ନିର୍ଦ୍ଦିଷ୍ଟ ପ୍ରକ୍ରିୟା

୨୧. ନିମ୍ନରେ ପ୍ରଦତ୍ତ କେଉଁ ବ୍ୟକ୍ତିମାନେ ସଂଘର୍ଷର ଦୁଇଟି ମୌଳିକ ପ୍ରକାର ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି ?

(କ) ମାକାଇଭର୍ (ଖ) ଗିଲିନ୍ ଓ ଗିଲିନ୍

(ଗ) ବିଏସାଞ୍ଜ ଓ ବିଏସାଞ୍ଜ (ଘ) ପାର୍କ ଓ ବର୍ଗେସ୍

୨୨. ଯେତେବେଳେ ସମାଜ ପରିବର୍ତ୍ତେ ସମୂହ ଓ ସଂଗଠନରେ ପରିବର୍ତ୍ତନ ସଂଗଠିତ ହୁଏ ସେତେବେଳେ ତାହାକୁ କ'ଣ କୁହାଯାଏ ?

(କ) ବୃହତାକାର ପରିବର୍ତ୍ତନ (ଖ) କ୍ଷୁଦ୍ରାକାର ପରିବର୍ତ୍ତନ

(ଗ) ସ୍ୱଳ୍ପ-ମିଆଦି ପରିବର୍ତ୍ତନ (ଘ) ଦୀର୍ଘ-ମିଆଦି ପରିବର୍ତ୍ତନ

୨୩. ସମାଜ କେବଳ ସମୟ ଅନୁକ୍ରମ ଭାବରେ ତିଷ୍ଠିଥାଏ । ଏହା କେଉଁମାନଙ୍କର ବକ୍ତବ୍ୟ ?

(କ) ଗିଲିନ୍ ଓ ଗିଲିନ୍ (ଖ) ମାକାଇଭର୍ ଓ ପେଜ୍

(ଗ) ଗିଲିନ୍ ଓ ଏଲଡ୍ରେଜ୍ (ଘ) ପାର୍କ ଓ ବର୍ଗେସ୍

୨୪. ସାମାଜିକ ପରିବର୍ତ୍ତନକୁ ସୀମା ମଧ୍ୟରେ ରଖିବାକୁ ସଂସ୍କୃତି ଏହାକୁ ଦିଗ ଓ ଗତି ପ୍ରଦାନ କରିଥାଏ ଯେଉଁ ସୀମା ବାହାରକୁ କି ସାମାଜିକ ପରିବର୍ତ୍ତନ ଯାଇପାରିବ ନାହିଁ । କିଏ ଏହି ମନ୍ତବ୍ୟ ପ୍ରଦାନ କରିଛନ୍ତି ?

(କ) ମାକାଇଭର୍ ଓ ପେଜ୍ (ଖ) ଡାଉସନ୍ ଓ ଗେଟିସ୍

(ଗ) ଅଗବର୍ଣ୍ଣ ଓ ନିମ୍‌କଫ୍ (ଘ) ଗିଲିନ ଓ ଗିଲିନ୍

୨୫. Super Industrial Society ସମ୍ବନ୍ଧରେ କେଉଁ ବିଦ୍ୱାନ୍ ଉଲ୍ଲେଖ କରିଛନ୍ତି ?

(କ) ଅଗବର୍ଣ୍ଣ (ଖ) ଡାଭିସ୍

(ଗ) ଆଲଭିନ୍ (ଘ) ଡାନିଏଲ୍ ବେଲ୍

ଉତ୍ତର:-

୧. କ, ୨. ଗ, ୩. ଖ, ୪. ଗ, ୫. କ, ୬.

**ଖ. ନିମ୍ନ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଶବ୍ଦ କିମ୍ବା ଗୋଟିଏ ବାକ୍ୟରେ ପ୍ରଦାନ କର।**

୧. ଯେ କୌଣସି ଗୋଟିଏ ସମ୍ବନ୍ଧକାରୀ ପ୍ରକ୍ରିୟା ଉଲ୍ଲେଖ କର ।

୨. ଯେ କୌଣସି ଗୋଟିଏ ବିସମ୍ବନ୍ଧକାରୀ ପ୍ରକ୍ରିୟା ଉଲ୍ଲେଖ କର ।

୩. ଯେଉଁ ଶବ୍ଦ ଦୁଇଟି ମଧ୍ୟରୁ ସହଯୋଗର ଇଂରାଜୀ ଶବ୍ଦ Cooperation ଆସିଛି ସେଥିମଧ୍ୟରୁ ଗୋଟିଏ ଶବ୍ଦ ଉଲ୍ଲେଖ କର ।

୪. ସାଧାରଣ ଲକ୍ଷ୍ୟ ହାସଲ ନିମନ୍ତେ କେଉଁ ପ୍ରକ୍ରିୟା ସଂଗଠିତ ଉଦ୍ୟମ ସହିତ ସଂଶ୍ଳିଷ୍ଟ ।

୫. କେଉଁ ବ୍ୟକ୍ତି ସହଯୋଗକୁ ତିନୋଟି ମୁଖ୍ୟ ଭାଗରେ ବିଭକ୍ତ କରିଛନ୍ତି ?

୬. ଆତ୍ମୀକରଣ ନିମନ୍ତେ ଅନୁକୂଳ ଏକ କାରକର ଉଦାହରଣ ଦିଅ ।

୭. ଆତ୍ମୀକରଣ ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଥିବା ଏକ କାରକ ଉଲ୍ଲେଖ କର ।

୮. ସଂଘର୍ଷର ଶେଷ ଫଳ କ'ଣ ?

୯. କେଉଁ ପ୍ରକ୍ରିୟା ଉଭୟ ପ୍ରେମ ଓ ଘୃଣାର ମିଶ୍ରଣ ?

୧୦. ଅଭିଯୋଜନର ଏକ ପଦ୍ଧତି ଉଲ୍ଲେଖ କର ।

୧୧. ପ୍ରତିଯୋଗୀତାର ଏକ ପ୍ରକାର ଉଲ୍ଲେଖ କର ।

୧୨. ସଂଘର୍ଷର ଏକ ପ୍ରକାର ଉଲ୍ଲେଖ କର ।

୧୩. ସାମାଜିକ ପରିବର୍ତ୍ତନର ଗୋଟିଏ ଗୁଣ ଲେଖ ।

୧୪. କିଏ Post Industrial Society ବିଷୟରେ ଉଲ୍ଲେଖ କରିଛନ୍ତି ।

୧୫. ସାମାଜିକ ପରିବର୍ତ୍ତନର ଏକ କାରକ ଉଲ୍ଲେଖ କର ।

| **ଉତ୍ତର:-** | | | |
|---|---|---|---|
| ୧. ସହଯୋଗ | ୨. ସଂଘର୍ଷ | ୩. Co. | ୪. ସହଯୋଗ |
| ୫. ଗ୍ରୀନ୍ | ୬. ସହନଶୀଳତା | ୭. ଏକାନ୍ତରଣ | ୮. ଅଭିଯୋଜନ |
| ୯.ଅଭିଯୋଜନ | ୧୦. ସମୂହାନ୍ତରଣ | ୧୧.ଅର୍ଥନୈତିକ | ୧୨. ଶ୍ରେଣୀ |
| ୧୩.ସାର୍ବଜନୀନ | ୧୪. ଡାନିଏଲ୍ ବେଲ୍ | ୧୫. ସାଂସ୍କୃତିକ | |

## Group - B
### Short Type Questions
## 'ଖ' ବିଭାଗ
### ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

**ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ଦୁଇଟି ବା ତିନୋଟି ବାକ୍ୟରେ ପ୍ରଦାନ କର ।**

୧. ସାମାଜିକ ପ୍ରକ୍ରିୟା କ'ଣ ?

୨. ସମ୍ବନ୍ଧକାରୀ ସାମାଜିକ ପ୍ରକ୍ରିୟା କ'ଣ ?

୩. ବିସମ୍ବନ୍ଧକାରୀ ସାମାଜିକ ପ୍ରକ୍ରିୟା କ'ଣ ?

୪. ସହଯୋଗ କହିଲେ କ'ଣ ବୁଝ ?

୫. ସହଯୋଗର ଗୁଣାବଳୀ ଲେଖ ।

୬. ଅଭିଯୋଜନ କହିଲେ କ'ଣ ବୁଝ ?

୭. ଆତ୍ମୀକରଣ କ'ଣ ?

୮. ସଂଘର୍ଷ କ'ଣ ?

୯. ପ୍ରତିଯୋଗୀତାର ଅର୍ଥ ଲେଖ ?

## Group - C
### Long Type Questions
## 'ଗ' ବିଭାଗ
### (ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ)

୧. ସମ୍ବନ୍ଧକାରୀ ସାମାଜିକ ପ୍ରକ୍ରିୟାଗୁଡିକ ସଂକ୍ଷେପରେ ଆଲୋଚନା କର ।

୨. ବିସମ୍ବନ୍ଧକାରୀ ସାମାଜିକ ପ୍ରକ୍ରିୟାଗୁଡିକ ସଂକ୍ଷେପରେ ଆଲୋଚନା କର ।

୩. ଏକ ସମ୍ବନ୍ଧକାରୀ ସାମାଜିକ ପ୍ରକ୍ରିୟା ଭାବେ ସହଯୋଗ ଆଲୋଚନା କର ।

୪. ଅଭିଯୋଜନ ପ୍ରକ୍ରିୟାକୁ ଆଲୋଚନା କର ।

୫. ଆତ୍ମୀକରଣ ଉପରେ ଏକ ପ୍ରବନ୍ଧ ଲେଖ ।

୬. ସାମାଜିକ ଆନ୍ତଃକ୍ରିୟାର ଏକ ପ୍ରକ୍ରିୟା ଭାବେ ପ୍ରତିଯୋଗିତାକୁ ଆଲୋଚନା କର ।

୭. ସଂଘର୍ଷ ସମ୍ବନ୍ଧରେ ଆଲୋଚନା କର ।

୮.ସଂଘର୍ଷ ଓ ସହଯୋଗର ଭୂମିକା ଆଲୋଚନା କର ।

୯. ସହଯୋଗ ଓ ପ୍ରତିଯୋଗିତାର ଭୂମିକା ଆଲୋଚନା କର ।

୧୦. ଅଭିଯୋଜନ ଓ ସଂଘର୍ଷର ଭୂମିକା ବିଶ୍ଳେଷଣ କର ।

୧୧. ଅଭିଯୋଜନ ଗୁରୁତ୍ୱ ଓ ଭୂମିକା ବର୍ଣ୍ଣନା କର ।

୧୨ ସାମାଜିକ ପରିବର୍ତ୍ତନର ଗୁଣାବଳୀ ଆଲୋଚନା କର ।

୧୩. ସାମାଜିକ ପରିବର୍ତ୍ତନର ଜନବିବରଣ ସମ୍ବନ୍ଧୀୟ କାରକ ଆଲୋଚନା କର ।

୧୪. ସାମାଜିକ ପରିବର୍ତ୍ତନରେ ସଂସ୍କୃତିର ଭୂମିକା ସମ୍ବନ୍ଧରେ ଆଲୋଚନା କର ।

୧୫. ସାମାଜିକ ପରିବର୍ତ୍ତନର ପ୍ରଦ୍ୟୋଗିକ କାରକ ଆଲୋଚନା କର ।

☒⦸☒

**ପଞ୍ଚମ ପରିଚ୍ଛେଦ**

# ସମାଜ ବିଜ୍ଞାନ, ପଦ୍ଧତି ଓ କୌଶଳ

# Sociology, Methods and Techniques

## ଅଗଷ୍ଟ କମ୍‌ଟେ - ତ୍ରିସ୍ତରୀୟ ନିୟମ,
## ଇମାଇଲ ଦୁର୍ଖେଇମ୍ -ଆତ୍ମହତ୍ୟା, ଜି.ଏସ୍ ଘୁରେ - ଜାତି,
## ଏମ୍.ଏନ୍. ଶ୍ରୀନିବାସ - ସଂସ୍କୃତକରଣ, ପଦ୍ଧତି - ପର୍ଯ୍ୟବେକ୍ଷଣ,
## ଉପକରଣ ଓ କୌଶଳ - ପ୍ରଶ୍ନାବଳୀ ଓ ଅନୁସୂଚୀ

**Auguste Comte - Law of Three Stages,**
**Emile Durkheim - Suicide, G.S. Ghurey - Caste,**
**M.N. Srinivas - Sanskritisation, Methods : Observation- Meaning and Types, Tools and Techniques - Questionnaire and Schedule**

### ଅଗଷ୍ଟ କମ୍‌ଟେ

**(Auguste Comte)**

**(୧୭୯୮ - ୧୮୫୭)**

ଅଗଷ୍ଟ କମ୍‌ଟ ୧୭୯୮ ମସିହା ଜାନୁଆରୀ ୧୯ ତାରିଖରେ ଫ୍ରାନ୍‌ସର ଦକ୍ଷିଣ ସହର ମୋଣ୍ଟପେଲିଏର୍ ଠାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପୂରା ନାମ Isidore Auguste Marie Francois Xavier Comte ଥିଲା । ତାଙ୍କର ଜନ୍ମ ଏପରି ଏକ ପରିବାରରେ ହୋଇଥିଲା ଯାହା ରାଜଭକ୍ତ ଥିଲା । ତାଙ୍କର ପିତାମାତା କ୍ୟାଥୋଲିକ୍ ଧର୍ମର ଦୃଢ ସମର୍ଥକ ଥିଲେ । କମ୍‌ଟଙ୍କ ପିତା ଫ୍ରାନ୍‌ସର କର ବିଭାଗ (Tax Department) ରେ ଜଣେ

ଅଧିକାରୀ ଥିଲେ । ପ୍ରାରମ୍ଭିକ ଶିକ୍ଷା ନିମନ୍ତେ ତାଙ୍କୁ ନିଜର ଟାଉନ୍ ସ୍କୁଲକୁ ପଠାଗଲା । ୧୮୧୫ ମସିହାରେ ଇକୋଲ (Ecole) ପଲିଟେକ୍‌ନିକ୍‌ରେ ତାଙ୍କର ନାମ ଲେଖାଗଲା ।

୧୮୧୭ ମସିହାରେ ୧୯ ବର୍ଷ ବୟସରେ ଅଗଷ୍ଟ କମ୍‌ଟ ବିଶିଷ୍ଟ ଫରାସୀ କଳ୍ପନାଲୋକବାଦୀ (Utopian) ସମାଜ ବିଜ୍ଞାନୀ କାଉଣ୍ଟ ହେନ୍ରି ଡି ସେଣ୍ଟ୍ ସାଇମନ୍ (୧୭୬୦-୧୮୨୫) ଙ୍କ ସହଯୋଗୀ ହୋଇଗଲେ । ସେମାନେ ବହୁ ବର୍ଷ ଧରି ଏକତ୍ର କାର୍ଯ୍ୟ କଲେ ଏବଂ ସମାଜର ପୁନର୍ଗଠନ ନିମନ୍ତେ ଆବଶ୍ୟକ ବୈଜ୍ଞାନିକ ପରିଚାଳନାର ଯୋଜନା (Plan of the Scientific Operations necessary for the Reorganisation of the Society, 1822) ନାମକ କୃତିକୁ ପ୍ରକାଶିତ କଲେ । ଏହି ପ୍ରକାଶନ ଠିକ୍ ପରେ ପରେ କମ୍‌ଟ ବିଶ୍ୱାସ କଲେ ଯେ ସେଣ୍ଟ୍ ସାଇମନ୍ ତାଙ୍କର ଅବଦାନ ନିମନ୍ତେ ତାଙ୍କୁ ପର୍ଯ୍ୟାପ୍ତ ଗୁରୁତ୍ୱ ଦେଉ ନାହାଁନ୍ତି । ଫଳରେ ସେମାନଙ୍କ ମଧ୍ୟରେ ଯେଉଁ ସଂପର୍କ ଥିଲା ତାହା ସମାପ୍ତ ହୋଇଗଲା । ସେମାନେ ପରସ୍ପରଠାରୁ ଅଲଗା ହୋଇଗଲେ ।

ସେଣ୍ଟ୍ ସାଇମନ୍‌ଙ୍କଠାରୁ କମ୍‌ଟଙ୍କ ସଂପର୍କ ଛିନ୍ନ ହୋଇଯିବା ପରେ ତାଙ୍କ ଜୀବନରେ ସଂକଟ ଦେଖାଦେଲା । ଆର୍ଥିକ ସମସ୍ୟା ଯୋଗୁ ସେ ଭାଙ୍ଗି ପଡିଲେ । ତାଙ୍କର କୌଣସି ସ୍ଥିର ଆୟ ନଥିଲା । ୧୮୨୫ ମସିହାରେ ଅଗଷ୍ଟ କମ୍‌ଟଙ୍କର କରୋଲିନ୍ ମାସିନ୍‌ଙ୍କ ସହିତ ବିବାହ ହେଲା । ବୈବାହିକ ଜୀବନରେ ଆର୍ଥିକ କଷ୍ଟ ଓ ମତଭେଦ (Friction) ଦ୍ୱାରା ପେଶି ହୋଇଯିବା ଫଳରେ ତାଙ୍କର ସ୍ନାୟବିକ ଭଙ୍ଗ ହେଲା ଓ ସେ ତାଙ୍କର ମାନସିକ ଭାରସାମ୍ୟ ହରାଇ ବସିଲେ । ତାଙ୍କର ଏହି ବିକ୍ଷିପ୍ତାବସ୍ଥାରେ ସେ ସେଇନ୍ ନଦୀକୁ ଡେଇଁ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଏହି ଚେଷ୍ଟାରେ ସେ କୃତକାର୍ଯ୍ୟ ହୋଇ ପାରିଲେ ନାହିଁ ।

ତେବେ କମ୍‌ଟଙ୍କର ଏକ କ୍ଷୁଦ୍ର ପ୍ରଶଂସକ ସମୂହ ଥିଲା । ସେମାନେ ପଜିଟିଭ୍ ଫିଲୋସଫି ଉପରେ ବକ୍ତୃତା ଦେବା ନିମନ୍ତେ କାର୍ଯ୍ୟକ୍ରମର ଆୟୋଜନ କରି କମ୍‌ଟଙ୍କ ନିମନ୍ତେ ରୋଜଗାର ପନ୍ଥାର ବ୍ୟବସ୍ଥା କଲେ । ୧୮୩୦ ଓ ୧୮୪୨ ମସିହା ମଧ୍ୟରେ ତାଙ୍କର ବକ୍ତୃତା ନୋଟ (Lecture notes) ଗୁଡ଼ିକ ପ୍ରକାଶିତ ହେଲା । ୧୮୩୦ ମସିହାରେ ଅଗଷ୍ଟ କମ୍‌ଟ ତାଙ୍କର ପୁସ୍ତକ ପଜିଟିଭ୍ ଫିଲୋସଫି (The Course of Positive Philosophy) ର ପ୍ରଥମ ଭାଗକୁ ପ୍ରକାଶିତ କରାଇଲେ । ଏହି ପୁସ୍ତକର ଅଷ୍ଟମ ତଥା ଅନ୍ତିମ ଭାଗ ୧୮୪୨ ମସିହାରେ ପ୍ରକାଶିତ ହେଲା । କମ୍‌ଟ ତାଙ୍କର ଏହି କୃତିରେ ପ୍ରଥମ କରି Sociology ଶବ୍ଦ ବ୍ୟବହାର କଲେ । ତାଙ୍କର ଦ୍ୱିତୀୟ ମହତ୍ୱପୂର୍ଣ୍ଣ କୃତି ହେଉଛି System of Positive Politics ଯାହାକି ୪ ଖଣ୍ଡ ବିଶିଷ୍ଟ ଥିଲା । ଏହି ପୁସ୍ତକରେ ସେ ସମାଜର ପୁନର୍ଗଠନ ନିମନ୍ତେ ଏକ ବୃହତ୍ ଯେଜନାର ରୂପରେଖ ଉଲ୍ଲେଖ କରିଥିଲେ । ୧୮୫୭ ମସିହାରେ ସେପ୍ଟେମ୍ବର ୫ ତାରିଖରେ ସେ ମୃତ୍ୟୁ ବରଣ କଲେ ।

## ତ୍ରିସ୍ତରୀୟ ନିୟମ
## (Law of Three Stages)

ସାମାଜିକ ବିଚାରଧାରା ଏବଂ ନୂତନ ସାମାଜିକ ବିଜ୍ଞାନ ରଚନା କ୍ଷେତ୍ରରେ କୋମଟ୍‌ଙ୍କ ଦ୍ୱାରା ପ୍ରତିପାଦିତ ଚିରନ୍ତନ ତିନି ଅବସ୍ଥା ବା ସ୍ତରର ନିୟମ ଏକ ମହତ୍ୱପୂର୍ଣ୍ଣ ଅବଦାନ ଅଟେ । ଏହି ନିୟମ କମଟ୍‌ଙ୍କର ସମାଜଶାସ୍ତ୍ରର ଆଧାର ଅଟେ । ଏହି ନିୟମ ଅନୁସାରେ ମାନବର ବୌଦ୍ଧିକ ବିକାଶ ସ୍ତର ଆଧାରରେ ସାମାଜିକ ବିକାଶର

ଅଧ୍ୟୟନ କରାଯାଇପାରେ । ମାନବର ବୌଦ୍ଧିକ ବିକାଶକୁ କମଟ୍ ୩ ଭାଗରେ ବିଭକ୍ତ କରିଛନ୍ତି - ଧର୍ମଶାସ୍ତ୍ରୀୟ ସ୍ତର, ତାତ୍ତ୍ୱିକ ସ୍ତର ଏବଂ ପ୍ରତ୍ୟେକ୍ଷବାଦୀ ବା ବୈଜ୍ଞାନିକ ସ୍ତର । କମଟ୍‌ଙ୍କ ମତରେ ଆମର ପ୍ରମୁଖ ବିଚାରଧାରା, ଆମମାନଙ୍କ ଜ୍ଞାନର ପ୍ରତ୍ୟେକ ଶାଖା ଗୋଟିଏ ପରେ ଗୋଟିଏ ତିନୋଟି । ବିଭିନ୍ନ ସ୍ତର ଦେଇ ଗତି କରିଛି । ଏହି ୩ଟି ସ୍ତର ହେଉଛି ଧର୍ମତାତ୍ତ୍ୱିକ ବା କାଳ୍ପନିକ, ତାତ୍ତ୍ୱିକ ବା ଅମୂର୍ତ୍ତ ଓ ପ୍ରତ୍ୟକ୍ଷବାଦୀ ଓ ବୈଜ୍ଞାନିକ ସ୍ତର । ନିମ୍ନରେ ଏହି ୩ଟି ସ୍ତର ସମ୍ପର୍କରେ ଆଲୋଚନା କରାଗଲା ।

**(୧) ଧର୍ମତାତ୍ତ୍ୱିକ ବା କାଳ୍ପନିକ ସ୍ତର (Theological or Ficitious Stage) :** ଏହି ସ୍ତରରେ ସମାଜର ସମସ୍ତ ଘଟଣା ଧର୍ମ ଆଧାରରେ ବ୍ୟାଖ୍ୟା କରାଯାଇଥାଏ । ପ୍ରତ୍ୟେକ ଘଟଣା କୌଣସି ନା କୌଣସି ଆଲୌକିକ ଶକ୍ତି ଦ୍ୱାରା ଘଟିଥାଏ ବୋଲି ମନୁଷ୍ୟ କଳ୍ପନା କରିଥାଏ । ପୁନଶ୍ଚ କମଟ୍ ଧର୍ମତାତ୍ତ୍ୱିକ ସ୍ତରକୁ ତିନି ଉପସ୍ତରରେ ବିଭକ୍ତ କରିଛନ୍ତି । ଏଗୁଡିକ ହେଉଛି ବସ୍ତୁବାଦ (Fetism), ବହୁଦେବବାଦ (Polytheism) ଓ ଏକେଶ୍ୱର ବାଦ (Monotheism) । ବସ୍ତୁବାଦ ସ୍ତରରେ ପ୍ରତ୍ୟେକ ବସ୍ତୁ ସଜୀବ ହେଉ ବା ନୀର୍ଜିବ ହେଉ ସବୁର ଜୀବନ ଥାଏ ବୋଲି ମଣିଷ କଳ୍ପନା କରୁଥିଲା । ବହୁ ଦେବବାଦ ସ୍ତରରେ ବିଭିନ୍ନ ଦେବୀ ଓ ଦେବତାମାନଙ୍କର କଳ୍ପନା କରାଗଲା ଏବଂ ଏହି ଦେବାଦେବୀ ବିଭିନ୍ନ ପ୍ରକାର ଘଟଣା ସହିତ ସମ୍ବନ୍ଧିତ ବୋଲି ବିଚାର କରାଗଲା । ଏକେଶ୍ୱରବାଦ ହେଉଛି ଧର୍ମଶାସ୍ତ୍ରୀୟ ସ୍ତରର ଅନ୍ତିମ ଚରଣ । ଏହି ଚରଣରେ ଲୋକମାନେ ବହୁତ ଦେବୀ ଓ ଦେବତାମାନଙ୍କୁ ବିଶ୍ୱାସ ନକରି ଗୋଟିଏ ଈଶ୍ୱର (God)ଙ୍କୁ ବିଶ୍ୱାସ କରିବାକୁ ଲାଗିଲେ ।

**(୨) ତାତ୍ତ୍ୱିକ ବା ଅମୂର୍ତ୍ତ ସ୍ତର (Metaphysical or Abstract Stage) :** ଏହି ସ୍ତର ଧର୍ମଶାସ୍ତ୍ରୀୟ ଓ ବୈଜ୍ଞାନିକ ସ୍ତରର ମଧ୍ୟବର୍ତ୍ତୀ ସ୍ତର ଅଟେ । ଏହି ସ୍ତରରେ ମନୁଷ୍ୟର ମସ୍ତିଷ୍କର ବିକାଶ ହେବା ସହିତ ଏହାର ତର୍କ କ୍ଷମତା (Reasoning capacity) ବୃଦ୍ଧି ପାଇବାରେ ଲାଗିଲା । ଏହି ସ୍ତରରେ ପ୍ରତ୍ୟେକ ଘଟଣା ପଛରେ ଅମୂର୍ତ୍ତ ଏବଂ ନିରାକାର ଶକ୍ତିର ହାତଥାଏ ବୋଲି ବିଚାର କରାଗଲା । ପ୍ରତ୍ୟେକ ଘଟଣା ପଛରେ ଈଶ୍ୱର ପ୍ରତ୍ୟେକ୍ଷ ଭାବରେ ଉପସ୍ଥିତ ନଥାନ୍ତି ବରଂ ଈଶ୍ୱର ଅମୂର୍ତ୍ତ ବା ନିରାକାର ଭାବେ ପ୍ରତ୍ୟେକ ଜାଗାରେ ବିଦ୍ୟମାନ ବୋଲି ମନୁଷ୍ୟ ଭାବିବାକୁ ଲାଗିଲା । ସଂସାରରେ ଯାହାକିଛି ଘଟଣା ଘଟେ ମନୁଷ୍ୟ ତାହାକୁ ଈଶ୍ୱର ଆଧାରରେ ବ୍ୟାଖ୍ୟା ନକରି ଅଦୃଶ୍ୟ ବା ନିରାକାର ଶକ୍ତି ଆଧାରରେ ବ୍ୟାଖ୍ୟା କରିଥାଏ । ଏହି ସ୍ତରରେ ସାମାଜିକ ସଂଗଠନର ବୈଧାନିକ ଦିଗ ବିକଶିତ ହେବାରେ ଲାଗିଲା । ଏହା ସହିତ ରାଜାଙ୍କର ନିରଙ୍କୁଶ କ୍ଷମତା ସ୍ଥାନରେ ଧନୀକତନ୍ତ୍ର ବା କୁବେର ତନ୍ତ୍ର (Plutocracy) ବ୍ୟବସ୍ଥାର ପ୍ରଚଳନ ହେବାରେ ଲାଗିଲା ।

**(୩) ପ୍ରତ୍ୟକ୍ଷବାଦୀ ବା ବୈଜ୍ଞାନିକ ସ୍ତର (Positivistic or Socialistic Stage) :** ସମାଜ ଏବଂ ମାନବ ମସ୍ତିଷ୍କ ବିବର୍ତ୍ତନର ଏହା ଅନ୍ତିମ ଚରଣ ଅଟେ । ଏହି ସ୍ତରରେ ପ୍ରତ୍ୟେକ ଘଟଣାର ବିଶ୍ଳେଷଣ, ଅବଲୋକନ, ନିରୀକ୍ଷଣ ଏବଂ ପ୍ରୟୋଗ ବୈଜ୍ଞାନିକ ତୁଳନା ଆଧାରରେ ହୋଇଥାଏ । ଏହି ସମୟରେ ସମାଜରେ ବୌଦ୍ଧିକ, ଭୌତିକ ତଥା ନୈତିକ ଶକ୍ତିର ଉତ୍ତମ ସମନ୍ୱୟ ଦେଖିବାକୁ ମିଳିଥାଏ । ଏହି ସ୍ତରରେ ହିଁ ମାନବତାର ଧର୍ମ (Religion of humanity) ଏବଂ ଗଣତନ୍ତ୍ରର ବିକାଶ ଘଟେ । ବର୍ତ୍ତମାନ ମାନବ ସମାଜ ଏହି ସ୍ତରରେ ରହିଛି । ପ୍ରତ୍ୟେକ୍ଷବାଦୀ ସ୍ତରରେ ବୈଜ୍ଞାନିକ ନିୟମ ଗୁଡ଼ିକର ପ୍ରଣୟନ ସମ୍ଭବ ହୋଇଥାଏ ଏବଂ ସମସ୍ତ ଘଟଣା ପ୍ରତି ଲାଗୁ ହୋଇଥାଏ ।

ସଂକ୍ଷେପରେ କହିଲେ ଅଗଷ୍ଟ କମଟ୍ ଉପରୋକ୍ତ ତିନି ସ୍ତରରେ ସିଦ୍ଧାନ୍ତକୁ ସାମାଜିକ ଜୀବନ ପ୍ରତି ଲାଗୁକରି ସମାଜର ବିବର୍ତ୍ତନ ପ୍ରକ୍ରିୟାକୁ ସହଜ ଭାବରେ ବର୍ଣ୍ଣନା କରିଛନ୍ତି । ତିନିସ୍ତରରେ ନିୟମ ସାମାଜିକ ପରିବର୍ତ୍ତନର ପ୍ରାରମ୍ଭିକ ବ୍ୟାଖ୍ୟା ଅଟେ ।

# ଇମାଇଲ ଦୁର୍ଖେଇମ୍ (Emile Durkheim)
# (୧୮୫୮ - ୧୯୧୭)

ଦୁର୍ଖେଇମ୍ ୧୮୫୮ ମସିହା ଏପ୍ରିଲ୍ ୧୫ ତାରିଖରେ ଫ୍ରାନସର ଉତ୍ତର-ପୂର୍ବ ରାଜ୍ୟ ଲୋରେନ୍‌ର ଏପିନଲ୍ ଠାରେ ଜନ୍ମଗ୍ରହଣ କରିଥିଲେ । ଇହୁଦି ତାଙ୍କର ଧର୍ମ ଥିଲା । ଯେହେତୁ ତାଙ୍କର ପିତା ଓ ପୂର୍ବପୁରୁଷମାନେ ଇହୁଦି ପୁରୋହିତ ଥିଲେ, ତାଙ୍କର ବାପା ପରିବାରର ପରମ୍ପରା ଅନୁସାରେ ଦୁର୍ଖେଇମ୍ ମଧ୍ୟ ପୁରୋହିତ ହୁଅନ୍ତୁ ବୋଲି ଚାହୁଁଥିଲେ । ସେହି ଅନୁସାରେ ଇହୁଦି ଧର୍ମ ଗ୍ରନ୍ଥ ବିଷୟରେ ତାଙ୍କୁ ଶିକ୍ଷା ଓ ତାଲିମ ଦିଆଯାଇଥିଲା । ତଥାପି ତାଙ୍କୁ ଔପଚାରିକ ଶିକ୍ଷାରୁ ବଞ୍ଚିତ କରାଯାଇ ନଥିଲା ।

ପ୍ରଥମେ କଲେଜ ଡ଼ି ଏପିନଲ୍ ନାମକ ଅନୁଷ୍ଠାନରେ ଦୁର୍ଖେଇମ୍‌ଙ୍କର ନାମ ଲେଖାଯାଇଥିଲା । ତାପରେ ଉଚ୍ଚ ବିଦ୍ୟାଳୟ ଶିକ୍ଷା (High School Studies) ନିମନ୍ତେ ସେ ଲାଇସ୍ -ଲି-ଗ୍ରାଣ୍ଡରେ ଯୋଗ ଦେଲେ । ଉଚ୍ଚ ବିଦ୍ୟାଳୟ ଶିକ୍ଷା ସମାପ୍ତ ପରେ ସେ ସ୍ନାତକ ଶିକ୍ଷା ନିମନ୍ତେ ୧୮୭୯ ମସିହାରେ ପ୍ୟାରିସସ୍ଥିତ ଇକୋଲ ନର୍ମାଲ ସୁପେରିଅର ବିଶ୍ୱବିଦ୍ୟାଳୟରେ ଯୋଗ ଦେଲେ । ଏହି ସମୟରେ ସେ Boutrouse, Henri Bergson, Jean Jaures, Coblot ପ୍ରଭୃତି ବିଖ୍ୟାତ ବିଦ୍ୱାନମାନଙ୍କ ସଂପର୍କରେ ଆସିଥିଲେ । ଇତିହାସ, ଅର୍ଥଶାସ୍ତ୍ର, ସମାଜ ବିଜ୍ଞାନ ଓ ଦର୍ଶନ ଆଦି ବିଷୟରେ ଜ୍ଞାନ ଅର୍ଜନ କରିବା ନିମନ୍ତେ ଏହି ସଂପର୍କ ତାଙ୍କଠାରେ ଆଗ୍ରହ ସୃଷ୍ଟି କଲା ।

ଇକୋଲଠରେ ସ୍ନାତକ ଶିକ୍ଷା ସମାପ୍ତ ପରେ ଦୁର୍ଖେଇମ୍ ଜର୍ମାନୀ ଚାଲିଗଲେ ଏବଂ ମନୋସ୍ତତ୍ତ୍ୱ ବିଜ୍ଞାନୀୟ ଗବେଷଣା ପଦ୍ଧତି ସମ୍ବନ୍ଧରେ ତାଲିମ ଗ୍ରହଣ କଲେ । ଏହା ସହିତ ସେ ସମାଜିକ ବିଜ୍ଞାନଗୁଡ଼ିକ ସମ୍ବନ୍ଧରେ ଶିକ୍ଷା ଲାଭ କଲେ ଏବଂ ଏଥିରେ ଦକ୍ଷତା ଅର୍ଜନ କଲେ । ଗବେଷଣା ପଦ୍ଧତିରେ ତାଲିମ ସମାପ୍ତ ପରେ ସେ ପ୍ୟାରିସ୍ ପ୍ରତ୍ୟାବର୍ତ୍ତନ କଲେ ଏବଂ Ph.D କରିବା ନିମନ୍ତେ ପ୍ୟାରିସ ବିଶ୍ୱବିଦ୍ୟାଳୟରେ ଯୋଗ ଦେଲେ । ସେ ୧୮୭୩ ମସିହାରେ "ସମାଜରେ ଶ୍ରମ ବିଭାଜନ" (Division of labour in Socity) ଉପରେ Ph. D ଉପାଧି ଲାଭ କଲେ ।

୧୯୮୭ ମସିହାରେ ଦୁର୍ଖେଇମ୍ ସମାଜ ବିଜ୍ଞାନ ଓ ଶିକ୍ଷା ବିଷୟରେ ଅଧ୍ୟାପନା ନିମନ୍ତେ ବୋର୍ଡ଼ିୟକ୍ସ ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗରେ ଯୋଗ ଦେଲେ । ଏହି ସମୟରେ ଲୁଇ ଡ୍ରେଫସ୍ (Louise Dreyfus) ଙ୍କ ସହିତ ତାଙ୍କର ବିବାହ ହେଲା । ତାଙ୍କର ମେରୀ ଓ ଆନ୍ଦ୍ରେ ନାମରେ ଦୁଇଟି ସନ୍ତାନ ଥିଲେ ।

ବୋର୍ଡ଼ିୟକ୍ସ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରିବା ସମୟରେ ଦୁର୍ଖେଇମ୍ ନିଜର ସମସ୍ତ କୃତିଗୁଡ଼ିକର ରଚନା ସମାପ୍ତ କଲେ । ଦୁର୍ଖେଇମ୍ ତାଙ୍କ ଜୀବନ କାଳରେ ଯେଉଁ ମହତ୍ତ୍ୱପୂର୍ଣ୍ଣ ଗ୍ରନ୍ଥଗୁଡ଼ିକର ରଚନା କରିଥିଲେ ସେଥିମଧ୍ୟରୁ କେତେକ ଗ୍ରନ୍ଥ ସମ୍ବନ୍ଧରେ ନିମ୍ନରେ ଉଲ୍ଲେଖ କରାଗଲା ।

୧) ଶ୍ରମ ବିଭାଜନ (Division of Labour in Society)

୨) ସମାଜଶାସ୍ତ୍ରୀୟ ପଦ୍ଧତିର ନିୟମ (The Rules of Socilogical Method-1895)

୩) ଆତ୍ମହତ୍ୟା (Suicide-1897)

୪) ଧାର୍ମୀକ ଜୀବନର ପ୍ରାରମ୍ଭିକ ସ୍ୱରୂପ (The Elementary Forms of Religious Life)

ବୋର୍ଡ଼ିୟକ୍ସ ବିଶ୍ୱବିଦ୍ୟାଳୟରେ ସେ ୯ବର୍ଷ କାର୍ଯ୍ୟ କରିବା ପରେ ପଦୋନ୍ନତି ପାଇ ପ୍ରଫେସର ହେଲେ । ପ୍ରଫେସର ପଦରେ ସେ ୬ବର୍ଷ ପର୍ଯ୍ୟନ୍ତ ରହିଲେ । ୧୯୦୨ ମସିହା ଭିତରେ ସମାଜଶାସ୍ତ୍ରୀୟ ସିଦ୍ଧାନ୍ତ କ୍ଷେତ୍ରରେ ସେ ସଂପୂର୍ଣ୍ଣ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ ।

୧୯୦୨ ମସିହାରେ ସେ ବର୍ଡ଼ିୟକସ୍ ବିଶ୍ୱବିଦ୍ୟାଳୟ ତ୍ୟାଗ କଲେ ଏବଂ ଶିକ୍ଷା ବିଷୟରେ ଶିକ୍ଷକ ଭାବରେ ପ୍ୟାରିସ୍ ବିଶ୍ୱବିଦ୍ୟାଳୟରେ ଯୋଗ ଦେଲେ । ୧୯୧୪ ମସିହାରେ ଯେତେବେଳେ ପ୍ରଥମ ବିଶ୍ୱଯୁଦ୍ଧର ସୂତ୍ରପାତ ହେଲା ସେ ସାମରିକ ସେବାରେ ଯୋଗ ଦେଲେ । ଯୁଦ୍ଧରେ ଫ୍ରାନ୍ସର ପରାଜୟ ଓ ଯୁଦ୍ଧରେ ଯୋଗ ଦେଇଥିବା ତାଙ୍କର ଏକମାତ୍ର ପୁତ୍ରର ମୃତ୍ୟୁ ଯୋଗୁ ସେ ମ୍ରିୟମାଣ ହୋଇ ପଡ଼ିଲେ । ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହୋଇଗଲା । ୧୯୧୭ ମସିହା ନଭେମ୍ବର ୧୫ ତାରିଖରେ ସେ ମୃତ୍ୟୁ ବରଣ କଲେ ।

## ଆତ୍ମ ହତ୍ୟା
## Suicide

ଦୁର୍ଖେଇମ୍‌ଙ୍କ ଆତ୍ମହତ୍ୟାର ଅଧ୍ୟୟନ ପରବର୍ତ୍ତୀ ସମାଜଶାସ୍ତ୍ରୀୟ ଗବେଷଣା ନିମନ୍ତେ ମାଇଲ ଖୁଣ୍ଟ ହୋଇ ରହିଅଛି । ୧୮୯୭ ମସିହାରେ ଦୁର୍ଖେଇମ୍ ଆତ୍ମହତ୍ୟା ଗ୍ରନ୍ଥ ରଚନା କରିଥିଲେ । ଦୁର୍ଖେଇମ୍ ଆତ୍ମହତ୍ୟାର ଅଧିକାଂଶ ସ୍ୱୀକୃତ ତତ୍ତ୍ୱଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି ଆତ୍ମହତ୍ୟାକୁ ଏକ ସମାଜଶାସ୍ତ୍ରୀୟ ଓ ସାମାଜିକ ତଥ୍ୟ ଭାବରେ ବିବେଚନା କରିଛନ୍ତି । ବ୍ୟକ୍ତିଗତ ଦୁର୍ବଳତା, ମନୋସ୍ତାତ୍ତ୍ୱିକ ନୈରାଶ୍ୟ କିମ୍ବା ଅନ୍ୟାନ୍ୟ ବ୍ୟକ୍ତିଗତ କିମ୍ବା ଆର୍ଥିକ କିମ୍ବା ପାରିବାରିକ କାରକ ଯୋଗୁ ଏହି କ୍ରିୟା ସୃଷ୍ଟିହୁଏ ବୋଲି ସେ ବିଚାର କରନ୍ତି ନାହିଁ । ଆତ୍ମହତ୍ୟାକୁ ଅନ୍ୟ ମନୋବିଜ୍ଞାନୀୟ ନୈରାଶ୍ୟ (Frustraition) କିମ୍ବା ବିଷର୍ଣ୍ଣତା ସହିତ ସଂଶ୍ଲିଷ୍ଟ କରୁଥିବା ମନୋବିଜ୍ଞାନୀୟ ତତ୍ତ୍ୱଗୁଡ଼ିକୁ ସେ ପ୍ରତ୍ୟାଖାନ କରିଛନ୍ତି । ଦୁର୍ଖେଇମ୍‌ଙ୍କ ମତରେ ମନସ୍ତାତ୍ତ୍ୱିକ କାରକଗୁଡ଼ିକ ହେଉଛି ସାମାଜିକ ଅବସ୍ଥାର ଫଳ । ସାମାଜିକ ଅବସ୍ଥା ମନ(Mind)କୁ ପ୍ରଭାବିତ କରେ । ତେଣୁ ଆତ୍ମହତ୍ୟା ସାମାଜିକ ଅବସ୍ଥା ସହିତ ସଂପର୍କୀତ । ଏହା ମନସ୍ତାତ୍ତ୍ୱିକ ଅବସ୍ଥା ସହିତ ସଂପର୍କୀତ ନୁହେଁ ।

ଦୁର୍ଖେଇମ୍ ଆତ୍ମହତ୍ୟାର ସଂଜ୍ଞା ପ୍ରଦାନ କରିବା ସହିତ ଆତ୍ମହତ୍ୟାର ସମାଜଶାସ୍ତ୍ରୀୟ ଆଲୋଚନା ଆରମ୍ଭ କରିଛନ୍ତି । ତାଙ୍କ ମତରେ ଆତ୍ମହତ୍ୟା ଶବ୍ଦ ଉତ୍ପୀଡ଼ିତ ବ୍ୟକ୍ତିର ସକାରାତ୍ମକ ବା ନକାରାତ୍ମକ କାର୍ଯ୍ୟକଳାପରୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଘଟୁଥିବା ମୃତ୍ୟୁର ସମସ୍ତ ଘଟଣାକୁ ଦର୍ଶାଇ ଥାଏ । ଉତ୍ପୀଡ଼ିତ ବ୍ୟକ୍ତିର ସକାରାତ୍ମକ ବା ନକାରାତ୍ମକ କାର୍ଯ୍ୟକଳାପର ଫଳାଫଳ କଣ ହେବ ସେ ଜାଣିଥାଏ ।

"The term suicide", he says, "refers to all cases of death resulting directly or indirectly from positive or negative acts of the victim himself who knows the result they produce".

ମନ୍ଦିର ଭିତରେ ନିଜକୁ ନିଜେ ଗୁଳି କରିବା ବା ବେକରେ ଦଉଡ଼ି ଦେବା ଇତ୍ୟାଦି ସକାରାତ୍ମକ କାର୍ଯ୍ୟର ଉଦାହରଣ ଅଟେ । ସେହିପରି ନକାରାତ୍ମକ କାର୍ଯ୍ୟର ଉଦାହରଣ ହେଲା ଜଳନ୍ତା ଗୃହ ମଧ୍ୟରେ ରହିବା କିମ୍ବା ମୃତ୍ୟୁ ହେବା ପର୍ଯ୍ୟନ୍ତ ଉପବାସ ରହିବା କିମ୍ବା ଆତ୍ମାହୂତି ଦେବା ଇତ୍ୟାଦି ।

**ସାମାଜିକ ପ୍ରବାହ (Social Current) :** ଆତ୍ମହତ୍ୟାର କାରଣ ସମ୍ବନ୍ଧୀୟ ବ୍ୟାଖ୍ୟାନ ନିମନ୍ତେ ଦୁର୍ଖେଇମ୍ ଏକ ସଂପ୍ରତ୍ୟୟର ବିକାଶ କରିଛନ୍ତି ଯାହା "ସାମାଜିକ ପ୍ରବାହ" ଭାବରେ ଜଣା । ସାମାଜିକ ପ୍ରବାହ ସାମାଜିକ ଅବସ୍ଥା (Social condition) ଦ୍ୱାରା ସୃଷ୍ଟି ହୁଏ । ଏ ପ୍ରସଙ୍ଗରେ ଦୁର୍ଖେଇମ୍ ସଂହତି (Intigration) ଏବଂ ସମାଜ ଦ୍ୱାରା ନିୟନ୍ତ୍ରଣ (Regulations) ଆଧାରିତ ଦୁଇଟି ସାମାଜିକ ଅବସ୍ଥାକୁ ଉଲ୍ଲେଖ କରିଛନ୍ତି । ସେ ଏହି ଦୁଇଟି ଅବସ୍ଥାକୁ ସାମାଜିକ ପ୍ରବାହର ଉତ୍ସ ଭାବରେ ଉଲ୍ଲେଖ କରିଛନ୍ତି। ସାମାଜିକ ପ୍ରବାହ ଆତ୍ମହତ୍ୟା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସାମାଜିକ ପ୍ରବାହ ବ୍ୟକ୍ତିମାନଙ୍କୁ ପ୍ରଭାବିତ କରେ ଏବଂ ସେମାନଙ୍କୁ ଆତ୍ମହତ୍ୟା ନିମନ୍ତେ ବାଧ୍ୟ କରିଥାଏ ।

## ଆତ୍ମ ହତ୍ୟାର ପ୍ରକାରଭେଦ

## Types of Suicide

ସାମାଜିକ ଅବସ୍ଥା ଓ ଏଥିରୁ ସୃଷ୍ଟି ହେଉଥିବା ସାମାଜିକ ପ୍ରବାହ ଆଧାରରେ ଦୁର୍ଖେଇମ୍ ଚାରି ପ୍ରକାର ଆତ୍ମହତ୍ୟାକୁ ଉଲ୍ଲେଖ କରିଛନ୍ତି । ସେଗୁଡ଼ିକ ହେଲା ଅହଂବାଦୀ (Egoistic), ପରାର୍ଥବାଦୀ (Altruistic). ଅପ୍ରତିମାନୀୟ (Anomic) ଓ ଭାଗ୍ୟବାଦୀ (Fatalistic) ଆତ୍ମହତ୍ୟା । ଦୁର୍ଖେଇମ୍ ଆତ୍ମହତ୍ୟାର ପ୍ରତ୍ୟେକ ପ୍ରକାରକୁ ସାମଜର ସଂହତି କିମ୍ବା ସମାଜ ଦ୍ୱାରା ନିୟନ୍ତ୍ରଣର ମାତ୍ରା (Degree) ସହିତ ସଂଯୋଗ କରିଛନ୍ତି । ପରାର୍ଥବାଦୀ ଆତ୍ମହତ୍ୟା ସଂହତିର ଉଚ୍ଚ ମାତ୍ରା ଓ ଅହଂବାଦୀ ଆତ୍ମହତ୍ୟା ସଂହତିର ସ୍ୱଳ୍ପ ମାତ୍ରା ସହିତ ସଂଶ୍ଳିଷ୍ଟ । ନିୟନ୍ତ୍ରଣ ଲୋକମାନଙ୍କ ଉପରେ ଥିବା ବାହ୍ୟ ବାଧ୍ୟତାକୁ ସୂଚାଇଥାଏ । ଭାଗ୍ୟବାଦୀ ଆତ୍ମହତ୍ୟା ନିୟନ୍ତ୍ରଣର ଉଚ୍ଚ ମାତ୍ରା ଏବଂ ଅପ୍ରତିମାନୀୟ ଆତ୍ମହତ୍ୟା ନିୟନ୍ତ୍ରଣର ସ୍ୱଳ୍ପ ମାତ୍ରା ସହିତ ସଂଶ୍ଳିଷ୍ଟ ।

**ଅହଂବାଦୀ ଆତ୍ମହତ୍ୟା (Egoistic Suicide):** ଯେତେବେଳେ ସାମୁହିକତା କିମ୍ବା ସମୂହ ସହିତ ବ୍ୟକ୍ତିର ସଂଯୋଗର ଅଭାବ ରୁହେ ସେତେବେଳେ ଏହି ପ୍ରକାର ଆତ୍ମହତ୍ୟା ଦେଖାଯାଏ । ଅର୍ଥାତ ଯେତେବେଳେ ବ୍ୟକ୍ତି ସାମାଜିକ ସମୂହଠାରୁ ନିଜକୁ ଅତିମାତ୍ରାରେ ବିଚ୍ଛିନ୍ନ ହୋଇ ପଡ଼ିଥିବା ଅନୁଭବ କରେ ସେତେବେଳେ ବ୍ୟକ୍ତିର ସାମାଜିକ ସମୂହ ସହିତ ଥିବା ସମ୍ବନ୍ଧୟ କିମ୍ବା ସଂପର୍କ ଅତିମାତ୍ରାରେ ବିଗିଡ଼ିଯାଏ ବା ସମୂହ ଭିତରେ ଆଭ୍ୟନ୍ତରିକ ସଂଯୋଗଶୀଳତା (Cohesiveness) କୁ ବଜାୟ ରଖାଯାଏ ନାହିଁ ସେତେବେଳେ ଉପରୋକ୍ତ ପରିସ୍ଥିତି ଦେଖାଯାଏ । ଏହି କାରଣରୁ ଅବିବାହିତ କିମ୍ବା ଛାଡ଼ପତ୍ର ପାଇଥିବା ବ୍ୟକ୍ତିମାନେ ଯେଉଁମାନେ କି ପାରିବାରିକ ଜୀବନର ସ୍ନେହାସ୍ପଦ ବନ୍ଧନକୁ ଉପଭୋଗ କରିବାକୁ ଅସମର୍ଥ ସେମାନେ ନିଜକୁ ଏକୁଟିଆ ମନେ କରନ୍ତି ଏବଂ ବିବାହିତ ବ୍ୟକ୍ତିମାନଙ୍କ ଅପେକ୍ଷା ସେମାନଙ୍କର ଆତ୍ମହତ୍ୟା କରିବାର ଅଧିକ ସମ୍ଭାବନା ଥାଏ ।

ଦୁର୍ଖେଇମ୍ କହନ୍ତି ଯେ ଦୃଢ଼ଭାବରେ ସମ୍ମନ୍ୱିତ ସାମୁହିକତା(Collectively) ରେ ଆତ୍ମହତ୍ୟାର ହାର ସ୍ୱଳ୍ପ ଅଟେ । ଯେତେବେଳେ ସମୂହ ଓ ବ୍ୟକ୍ତିମାନଙ୍କ ମଧ୍ୟରେ ସଂପୂର୍ଣ୍ଣ ସଂଯୋଗ ରହିଥାଏ ସେତେବେଳେ ସେମାନେ ପର୍ଯ୍ୟାପ୍ତ ଯତ୍ନ, ସୁରକ୍ଷା ଓ ସାହାଯ୍ୟ ପାଇଥାଆନ୍ତି । ସେମାନଙ୍କର ଆବଶ୍ୟକତାଗୁଡ଼ିକ ପର୍ଯ୍ୟାପ୍ତ ଭାବରେ ପୂରଣ ହୋଇଥାଏ । ଫଳରେ ସେମାନଙ୍କଠାରେ ଅସନ୍ତୋଷ ଦେଖାଯାଏ ନାହିଁ ଏବଂ ସେମାନଙ୍କର ଆତ୍ମହତ୍ୟା କରିବାର ସମ୍ଭାବନା ନଥାଏ ।

ଦୁର୍ଖେଇମ୍ ଆଧୁନିକ ସମାଜର ପରିସ୍ଥିତି ଉପରେ ନିମ୍ନପ୍ରକାରେ ମନ୍ତବ୍ୟ ପ୍ରଦାନ କରିଛନ୍ତି । ଆଧୁନିକ ସମାଜରେ ଆତ୍ମହତ୍ୟା ସାମାଜିକ ବିଘଟନର ଫଳ ଅଟେ ଏବଂ ସାମାଜିକ ବିଘଟନର ଆପେକ୍ଷିକ ମାତ୍ରାର ସୂଚକ ଅଟେ । ଆମ ଆଧୁନିକ ସମାଜର ଅବ୍ୟକ୍ତିଗତ, ଆତ୍ମ-କୈନ୍ଦ୍ରୀକ ଓ ଗୌଣ ସଂପର୍କ ଇତ୍ୟାଦି ଗୁଣ ରହିଥାଏ ।ଏହିପରି ସଂପର୍କ ବ୍ୟକ୍ତିକୁ ସାମାଜିକଭାବେ ଏକୁଟିଆ କରିଦିଏ ଏବଂ ଅନ୍ତରଙ୍ଗ, ବ୍ୟକ୍ତିଗତ ତଥା ପ୍ରାଥମିକ ସମୂହ ସହିତ ଥିବା ସ୍ୱାଭାବିକ ସଂସର୍ଗଠାରୁ ବ୍ୟକ୍ତିକୁ ସଂପୂର୍ଣ୍ଣରୂପେ ବିଛିନ୍ନ କରିଦିଏ । ତେଣୁ ଆଧୁନିକ ସମାଜରେ ବହୁ ସଂଖ୍ୟକ ଆତ୍ମହତ୍ୟା ଏହି ପରିସ୍ଥିତିର ଫଳାଫଳ ଅଟେ । ଫ୍ରାନ୍‌ସ ଓ କେନ୍ଦ୍ରୀୟ ଇଉରୋପର ବିଭିନ୍ନ ଅଞ୍ଚଳରେ ଆତ୍ମହତ୍ୟା ଘଟଣା ଉପରେ ଲିଖିତ ତଥ୍ୟ(Recorded data) କୁ ବ୍ୟବହାର କରି କିପରି ସ୍ୱଳ୍ପ ବା ଆଦୌ ସଂହତି ନଥିବା ସମୂହ ଅପେକ୍ଷା ଦୃଢ଼ଭାବରେ ସଂହତି ଥିବା ଘଟଣାରେ ଆତ୍ମହତ୍ୟା ହାର ସ୍ୱଳ୍ପ ତାହାକୁ ଦର୍ଶାଇବା ନିମନ୍ତେ ଦୁର୍ଖେଇମ୍ ଅନେକ ଉଦାହରଣ ଦେଇଛନ୍ତି। ଉଦାହାଣସ୍ୱରୂପ, ପ୍ରେଟେଷ୍ଟାଣ୍ଟମାନଙ୍କ ଅପେକ୍ଷା କ୍ୟାଥେଲିକ୍‌ମାନଙ୍କ ମଧ୍ୟରେ ବହୁତ କମ ଆତ୍ମହତ୍ୟା ଦେଖାଯାଏ । ଦରିଦ୍ରମାନଙ୍କ ଅପେକ୍ଷା ଧନୀମାନଙ୍କ ମଧ୍ୟରେ ଆତ୍ମହତ୍ୟାର ହାର ଅଧିକ ଅଟେ । ସେହିପରି ମହିଳାଙ୍କ ଅପେକ୍ଷା ପୁରୁଷମାନଙ୍କ ମଧ୍ୟରେ ଆତ୍ମହତ୍ୟା ହାର ଉଚ୍ଚତର । ପରିବାର ଥିବା ବ୍ୟକ୍ତିମାନଙ୍କ ଅପେକ୍ଷା ଅବିବାହିତ ବା ବିଧବାମାନଙ୍କ ମଧ୍ୟରେ ଅଧିକ ହାରରେ ଆତ୍ମହତ୍ୟା ଦେଖାଯାଏ। ଯେହେତୁ ବିବାହିତ ବ୍ୟକ୍ତିମାନେ ବିବାହ ବନ୍ଧନ ଦ୍ୱାରା ଅନ୍ୟମାନଙ୍କ ସହିତ ବନ୍ଧନରେ ଆବଦ୍ଧ ତେଣୁ ସେମାନଙ୍କରର ବଞ୍ଚିରହିବାର କାରଣ ରହିଛି । କିନ୍ତୁ ଅବିବାହିତ ବ୍ୟକ୍ତିମାନେ ଅନ୍ୟମାନଙ୍କ ସହିତ କୌଣସି ବନ୍ଧନରେ ଆବଦ୍ଧ ହୋଇନଥାନ୍ତି । ସେମାନଙ୍କ ମଧ୍ୟରେ ଆତ୍ମହତ୍ୟା ଅଧିକ ପରିମାଣରେ ଦେଖାଯାଏ ।

ଉଦାହରଣଗୁଡ଼ିକ ମାଧ୍ୟମରେ ଦୁର୍ଖେଇମ୍ ଦର୍ଶାଇବାକୁ ଚେଷ୍ଟା କରିଛନ୍ତି ଯେ ଯେଉଁଠାରେ ସଂହତିର ଅଭାବ ଥାଏ କିମ୍ବା ସଂହତିର ବିକଳନ ହୁଏ , ଏହି ଅବସ୍ଥା ଆତ୍ମହତ୍ୟାକୁ ଜନ୍ମଦିଏ । ଯେତେବେଳେ ସମାଜ ବିକଳିତ(Disintegrated) ହୋଇ ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିବାକୁ ଏବଂ ସେମାନଙ୍କର ଯତ୍ନନେବାକୁ ଅସମର୍ଥ ହୁଏ ସେତେବେଳେ ସେମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହୁଅନ୍ତି । ଅସହାୟ ଅବସ୍ଥାରେ ଧୈର୍ଯ୍ୟର ସହିତ ଦୁର୍ଦ୍ଦଶାକୁ ଏଡ଼ାଇବାର କୌଣସି କାରଣ ନଥାଏ । ତେଣୁ ଦୁର୍ଦ୍ଦଶାରୁ ମୁକ୍ତି ପାଇବା ନିମନ୍ତେ ସେମାନେ ଆତ୍ମହତ୍ୟା କରିବା ରାସ୍ତାକୁ ବାଛିନିଅନ୍ତି ।

**ପରାର୍ଥବାଦୀ ଆତ୍ମହତ୍ୟା (Altrusistic Suicide):** ଯେତେବେଳେ ସାମାଜିକ ସଂହତି ଅତ୍ୟନ୍ତ ଦୃଢ଼ ସେତେବେଳେ ଆତ୍ମହତ୍ୟାର ଅଧିକ ସମ୍ଭାବନା ଦେଖାଦିଏ। ଏହି ପ୍ରକାର ଆତ୍ମହତ୍ୟାକୁ ଦୁର୍ଖେଇମ୍ ପରାର୍ଥବାଦୀ ଆତ୍ମହତ୍ୟା ବୋଲି କହିଛନ୍ତି । ଏହି ଆତ୍ମହତ୍ୟା ଏକ ପ୍ରକାର ତ୍ୟାଗ ଅଟେ । ଦୃଢ଼ ସାମାଜିକ ସଂହତି ଏବଂ ବ୍ୟକ୍ତିର ସମାଜ ପ୍ରତି ଅତ୍ୟଧିକ ଅନୁରକ୍ତି ଥିଲେ ବ୍ୟକ୍ତି ସମାଜର ମୂଲ୍ୟ ତୁଳନାରେ ନିଜ ଜୀବନକୁ ମୂଲ୍ୟହୀନ ମନେକରେ । ତେଣୁ ସମାଜର ହିତ ପାଇଁ ନିଜେ ନିଜକୁ ଉତ୍ସର୍ଗ କରିଥାଏ ।

ଦୁର୍ଖେଇମ୍ ପରାର୍ଥବାଦୀ ଆତ୍ମହତ୍ୟାର କେତେକ ଉଦାହରଣ ଦେଇଛନ୍ତି। ମୃତ ସ୍ୱାମୀ ଚିତାରେ ନାରୀର ଝାସ (ସତୀ ପ୍ରଥା), ବୌଦ୍ଧ ସନ୍ନ୍ୟାସୀମାନଙ୍କର ଆତ୍ମାହୁତି, ସୈନିକ (Military) ଆତ୍ମହତ୍ୟା ବାହିନୀ ଦ୍ୱାରା ଆତ୍ମବଳିଦାନ (Self-homocide) ଏବଂ ମାନବ ବୋମା ଦ୍ୱାରା ଯୁଦ୍ଧୋଦ୍ୟତ ବ୍ୟକ୍ତିମାନଙ୍କ(Militants)

ଦ୍ୱାରା ଆତ୍ମଧ୍ୱଂସ(Self-destruction) ଇତ୍ୟାଦି ହେଉଛି ପରାର୍ଥବାଦୀ ଆତ୍ମହତ୍ୟାର କେତେକ ଉଦାହରଣ । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ପାରମ୍ପରିକ ଭାରତୀୟ ସମାଜରେ ସ୍ୱାମୀଙ୍କର ମୃତ୍ୟୁ ଘଟିଲେ ତାଙ୍କର ବିଧବା ପତ୍ନୀ ସ୍ୱାମୀଙ୍କ ଚିତାଗ୍ନୀରେ ଝାସ ଦେଇ ମୃତ୍ୟୁବରଣ କରୁଥିଲେ । ଦୁର୍ଖେଇମ୍‌ଙ୍କ ମତରେ ଏହା ହେଉଛି ପରାର୍ଥବାଦୀ ଆତ୍ମହତ୍ୟାର ଏକ ଉଦାହରଣ ।

**ଅପ୍ରତିମାନୀୟ ଆତ୍ମହତ୍ୟା (Anomic Suicide):** ଦୁର୍ଖେଇମ୍ ଉଲ୍ଲେଖ କରିଛନ୍ତି ଯେ ଯେତେବେଳେ ସମାଜର ନିୟନ୍ତ୍ରଣ କ୍ଷମତା ବିପର୍ଯ୍ୟସ୍ତ ହୋଇପଡ଼େ ସେତେବେଳେ ଆତ୍ମହତ୍ୟା ଦେଖାଯାଏ । ଏହାକୁ ସେ ଅପ୍ରତିମାନୀୟ ଆତ୍ମହତ୍ୟା ନାମରେ ନାମିତ କରିଛନ୍ତି । ତାଙ୍କ ମତରେ ଯେତେବେଳେ ଏକ ସମାଜ ଏକ ଆକସ୍ମିକ ଘଟଣା ବା ଜଟିଳ ପର୍ଯ୍ୟାୟର ସମ୍ମୁଖୀନ ହୁଏ ସେତେବେଳେ ଏହାର କାର୍ଯ୍ୟକରିବାର କ୍ଷମତା ବିପର୍ଯ୍ୟସ୍ତ ହୋଇପଡ଼େ । ବିପର୍ଯ୍ୟସ୍ତକାରୀ ଘଟଣା ଆକସ୍ମିକ ଆର୍ଥିକ ଉନ୍ନତି ପରି ସକରାତ୍ମକ(Positive) ବା ଆର୍ଥିକ ମାନ୍ଦ୍ୟ ପରି ନକରାତ୍ମକ (Negative) ଘଟଣା ହୋଇପାରେ । ଉପରୋକ୍ତ ଉଭୟ ପରିସ୍ଥିତିରେ ବିପର୍ଯ୍ୟୟ ଘଟଣା ଯୋଗୁ ସମାଜ ବ୍ୟକ୍ତିମାନଙ୍କୁ ନିୟନ୍ତ୍ରଣ କରିବାକୁ ଏବଂ ସେମାନଙ୍କର ଇଚ୍ଛା ବା ବାସନାକୁ ରୋକିବାକୁ ଅସମର୍ଥ ହୁଏ । ସମାଜର ଦୁର୍ବଳ ନିୟନ୍ତ୍ରଣକାରୀ କ୍ଷମତା ପ୍ରତିମାନହୀନତା ଓ ନୈରାଶ୍ୟର ଏକ ପ୍ରଭାବ ସୃଷ୍ଟି କରେ ।

ଅର୍ଥନୈତିକ ମାନ୍ଦାବସ୍ଥା (Economic depression) ପରି ସଂକଟ ସମୟରେ କର୍ମଚାରୀ ତାର ଚାକିରୀ ହରାଏ, ଭାଗ୍ୟବାନ ବ୍ୟକ୍ତି ଭାଗ୍ୟହୀନ ଓ ଦରିଦ୍ର ହୋଇଯାଏ । ଏହି ଅବସ୍ଥାରେ ଲୋକମାନେ ସେମାନଙ୍କର ଆବଶ୍ୟକତାଗୁଡ଼ିକୁ ହ୍ରାସ କରିବା ଏବଂ ଆତ୍ମ-ନିୟନ୍ତ୍ରଣ ଶିକ୍ଷା କରିବା ଅନିବାର୍ଯ୍ୟ । ଯଦି ପରିବର୍ତ୍ତନ ଧିରେ ଧିରେ ସଂଗଠିତ ହୁଏ ତେବେ ଜଣେ ବ୍ୟକ୍ତି ସହଜରେ ପରିବର୍ତ୍ତନ ସହିତ ନିଜକୁ ଖାପଖୁଆଇ ଥାଏ । କିନ୍ତୁ ହଠାତ୍ ପରିବର୍ତ୍ତନ ଦେଖା ଦେଲେ ବ୍ୟକ୍ତିମାନେ ପରିବର୍ତ୍ତନ ସହିତ ନିଜକୁ ଖାପଖୁଆଇ ପାରନ୍ତି ନାହିଁ ଏବଂ ସେମାନଙ୍କର ଆବ୍ୟଶ୍ୟକତାକୁ ଓ ଇଚ୍ଛାକୁ ହ୍ରାସ କରିପାରନ୍ତି ନାହିଁ । ଏପରିକି ଲୋକମାନଙ୍କୁ ସଂକଟଜନକ ସାମାଜିକ ଅବସ୍ଥା ସହିତ ଖାପଖୁଆଇବାରେ ସମାଜର ଯେଉଁ ଭୂମିକା ଥାଏ ସମାଜ ସେହି ଭୂମିକା ଗ୍ରହଣ କରିବାକୁ ଅସମର୍ଥ ହୁଏ । ଏହି ଅନିୟନ୍ତ୍ରିତ ବା ପ୍ରତିମାନହୀନତା ଅବସ୍ଥାରେ ବ୍ୟକ୍ତିମାନେ ଆତ୍ମହତ୍ୟା କରିବା ସ୍ତରକୁ ଚାଲିଯାଆନ୍ତି ।

ସେହିପରି ଉନ୍ନତ ଆର୍ଥିକ ପରିସ୍ଥିତି (Economic boom) ବା ଆକସ୍ମିକ ଆର୍ଥିକ ସଫଳତା (ଲଟେରୀ ଜିତିବା ପରେ) ଘଟଣାରେ ବ୍ୟକ୍ତିମାନେ ସେମାନଙ୍କର ପାରମ୍ପରିକ ମୂଲ୍ୟବୋଧ ଏବଂ ପ୍ରତିମାନଗୁଡ଼ିକୁ ତ୍ୟାଗ କରିଦିଅନ୍ତି । ଆର୍ଥିକ ଫାଇଦା ନିମନ୍ତେ ସୁଯୋଗ ସହଜରେ ଉପଲବ୍ଧ ହେଉଥିବାରୁ ବ୍ୟକ୍ତିମାନେ ଏହି ସୁଯୋଗର ସର୍ବାଧିକ ଉପଯୋଗ କରିବାକୁ ଆଗେଇ ଆସନ୍ତି । ଆର୍ଥିକ ଫାଇଦା ସେମାନଙ୍କ ନିମନ୍ତେ ପ୍ରଧାନ ଲକ୍ଷ୍ୟ ଅଟେ । ଏହି ପରିସ୍ଥିତିରେ ସମାଜର ନିୟନ୍ତ୍ରଣ ବ୍ୟବସ୍ଥା ଦୁର୍ବଳ ହୋଇଯାଏ । ଫଳରେ ବ୍ୟକ୍ତିମାନେ ବାହ୍ୟ ଚାପ ଓ ନିୟନ୍ତ୍ରଣରୁ ମୁକ୍ତ ହୋଇ ଯାଆନ୍ତି । ଯେହେତୁ ନୈତିକ, ନିୟନ୍ତ୍ରିତ ଜୀବନ ଏବଂ ଏହାର ଆନନ୍ଦ ଯାହା ସହିତ ବ୍ୟକ୍ତିମାନେ ପୂର୍ବରୁ ଅଭ୍ୟସ୍ତ ତାହା ଅତୀତର କଥା ହୋଇଯାଏ ନୂତନ ଆର୍ଥିକ ସଫଳତା ସତ୍ତ୍ୱେ ସେମାନଙ୍କର ଜୀବନ ଅର୍ଥହୀନ ହୋଇଯାଏ । ତେଣୁ ପ୍ରତିମାନହୀନତା ସେମାନଙ୍କ ପାଇଁ ଅସହ୍ୟ ହୋଇଯାଏ । ଏହି ଅସହ୍ୟ ଅବସ୍ଥା ଯୋଗୁଁ ଆତ୍ମହତ୍ୟା ଦେଖାଯାଏ ।

ଦୁର୍ଖେଇମ୍‌ଙ୍କ ମତରେ ଯେତେବେଳେ ସମାଜରେ ସକାରାତ୍ମକ ବା ନାକାରାତ୍ମକ ଅବସ୍ଥା ଦେଖାଯାଏ ସେତେବେଳେ ଏହା ସମାଜର ନିୟନ୍ତ୍ରଣକାରୀ କ୍ଷମତାକୁ ନ୍ୟୁନ କରିଦିଏ । ଏହି ପ୍ରସଙ୍ଗରେ ମହତ୍ୱପୂର୍ଣ୍ଣ କଥା ହେଲା ଅନେକ ବ୍ୟକ୍ତି ତାଙ୍କ ଜୀବନ ସଂଗଠନରେ ଆକସ୍ମିକ ଓ ଉଗ୍ର ପରିବର୍ତ୍ତନ ସହିତ ନିଜକୁ ଖାପଖୁଆଇବାକୁ ଅସମର୍ଥ ହୁଅନ୍ତି । ଏହି ପରିସ୍ଥିତିରେ ସେମାନେ ଆତ୍ମହତ୍ୟା କରନ୍ତି ।

**ଭାଗ୍ୟବାଦୀ ଆତ୍ମହତ୍ୟା (Fatalistic Suicide):** ଦୁର୍ଖେଇମ୍ ଭାଗ୍ୟବାଦୀ ଆତ୍ମହତ୍ୟାକୁ ତାଙ୍କର ଆତ୍ମହତ୍ୟା ପୁସ୍ତକର ପାଦଟୀକାରେ ଆଲେଚନା କରିଛନ୍ତି । ସମାଜର ଦୁର୍ବଳ(Weak) ନିୟନ୍ତ୍ରଣ କାରଣରୁ ଅପ୍ରତିମାନୀୟ ଆତ୍ମହତ୍ୟା ଦେଖାଦେବାର ଅଧିକ ସମ୍ଭାବନା ଥିବାବେଳେ ନିୟନ୍ତ୍ରଣ ମାତ୍ରାଧିକ ହେଲେ ଭାଗ୍ୟବାଦୀ ଆତ୍ମହତ୍ୟା ଦେଖାଯାଏ । ଯେଉଁ ବ୍ୟକ୍ତିମାନଙ୍କର ଭବିଷ୍ୟତର ଦ୍ୱାରକୁ ନିର୍ଦ୍ଦୟ ଭାବରେ ବନ୍ଦ କରିଦିଆଯାଏ ଏବଂ ଯେଉଁ ବ୍ୟକ୍ତିମାନଙ୍କୁ ଦମନମୂଳକ ବା ପିଡ଼ାଦାୟକ ଶୃଙ୍ଖଳା ଦ୍ୱାରା ନିୟନ୍ତ୍ରଣ କରାଯାଏ ସେମାନଙ୍କର ଭାଗ୍ୟବାଦୀ ଆତ୍ମହତ୍ୟା କରିବାର ଅଧିକ ସମ୍ଭାବନାଥାଏ । ଉଦାହରଣସ୍ୱରୂପ, ଦାସ (Slave) ର ପ୍ରତ୍ୟେକ କାର୍ଯ୍ୟର ଦମନମୂଳକ ନିୟନ୍ତ୍ରଣ ଯୋଗୁ ସେ ଆଶାସୂନ୍ୟ ହୋଇ ଆତ୍ମହତ୍ୟା କରିଥାଏ ।

ଦୁର୍ଖେଇମ୍‌ଙ୍କ ଅନୁସାରେ ଆତ୍ମହତ୍ୟା ଏକ ସାମାଜିକ ତଥ୍ୟ ଅଟେ ଏବଂ ଅନ୍ୟ ସାମାଜିକ ତଥ୍ୟ ପରି ଆତ୍ମହତ୍ୟା ମଧ୍ୟ ବ୍ୟକ୍ତିର ବାହାରେ ରହିଥାଏ ଏବଂ ବ୍ୟକ୍ତି ଉପରେ ଚାପ ପ୍ରୟୋଗ କରିଥାଏ । ତାଙ୍କ ଅନୁସାରେ ଆତ୍ମହତ୍ୟା ସଂପ୍ରତ୍ୟୟକୁ ସାମାଜିକ ତଥ୍ୟ ଭାବରେ ଗ୍ରହଣ କରି ସାମାଜିକ କାରଣ ଦ୍ୱାରା ଏହାର ବ୍ୟାଖ୍ୟା କରାଯାଇପାରେ ।

## ଜି.ଏସ୍ ଘୁରେ

## (G. S. Ghurye)

## (୧୮୯୩ - ୧୯୮୪)

ଗୋବିନ୍ଦ ସଦାଶିବ ଘୁରେ ୧୮୯୩ ମସିହାରେ ମହାରାଷ୍ଟ୍ରର ମାଲବନ ନାମକ ଏକ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସେ ସାରସ୍ୱତ ବ୍ରାହ୍ମଣ ଜାତିର ଥିଲେ । ସେ ତାଙ୍କ ଜୀବନୀ ସମ୍ବନ୍ଧରେ ତାଙ୍କ ଦ୍ୱାରା ଲିଖିତ ପୁସ୍ତକ I and other exploration (୧୯୭୩)ରେ ଉଲ୍ଲେଖ କରିଛନ୍ତି । ଭାରତୀୟ ସମାଜ ବିଜ୍ଞାନ ପ୍ରତି ତାଙ୍କର ଅବଦାନ ଅଦ୍ୱିତୀୟ ଥିଲା । ସେ ଥିଲେ ସମାଜଶାସ୍ତ୍ରୀୟ ସୃଜନଶୀଳତାର ପ୍ରତୀକ । ସେ ହେଉଛନ୍ତି ଭାରତୀୟ ସମାଜ ବିଜ୍ଞାନର ଜନକ ।

ଜି.ଏସ୍. ଘୁରେ ନିଜ ଗ୍ରାମ ମାଲବନରେ ପ୍ରାଥମିକ ଶିକ୍ଷା ସମାପ୍ତ ପରେ ମୁମ୍ବାଇର ଏଲ୍‌ଫିନ୍‌ଷ୍ଟୋନ୍ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ପ୍ରାପ୍ତ କଲେ । ସେ ସଂସ୍କୃତରେ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିଲେ । ୧୯୨୦ ମସିହାରେ ବମ୍ବେ ବିଶ୍ୱବିଦ୍ୟାଳୟ ଲଣ୍ଡନରେ ତାଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ଚୟନ କଲେ । ଏଥି ନିମନ୍ତେ ତାଙ୍କୁ ଛାତ୍ରବୃତ୍ତି ଦିଆଗଲା । ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସରେ ବିଦ୍ୟାରମ୍ଭ କଲେ । ପରବର୍ତ୍ତୀ ସମୟରେ ଲଣ୍ଡନ ସ୍କୁଲ

ଅଫ୍ ଇକୋନୋମିକ୍ସ ତାଙ୍କର ପସନ୍ଦ ହେଲାନି। ଘୁରେ କ୍ରେମ୍ବିଜ୍ ବିଶ୍ୱବିଦ୍ୟାଳୟର W.H.R. Riversଙ୍କ ସହାୟତାରେ ପି.ଏଚ୍.ଡି. (Ph.D) କରିବାକୁ ସ୍ଥିର କଲେ। ରିଭର୍ସଙ୍କ ମୃତ୍ୟୁ ହୋଇ ଯିବାରୁ ସେ ଏ.ସି. ହାଡନ୍‌ଙ୍କ ଅଧିନରେ ୧୯୨୩ ମସିହାରେ ସେ ପି.ଏଚ୍.ଡି. ଉପାଧି ପ୍ରାପ୍ତ କଲେ। ଏହିପରି ଭାବରେ ସଂସ୍କୃତରେ ସ୍ନାତକୋତ୍ତର ଉପାଧି ପ୍ରାପ୍ତ କରିଥିବା ଜି.ଏସ୍. ଘୁରେ ମାନବଶାସ୍ତ୍ରରେ ପି.ଏଚ୍.ଡି. ଉପାଧି ପ୍ରାପ୍ତକରି ଜଣେ ସମାଜଶାସ୍ତ୍ରୀ ହୋଇଗଲେ। ଘୁରେ Caste and Race in India ଉପରେ ପି.ଏଚ୍.ଡି. କରିଥିଲେ। ୧୯୧୯ ମସିହାରେ ସମାଜ ବିଜ୍ଞାନ ବିଭାଗ ଆରମ୍ଭ କରିବା ନିମନ୍ତେ ବମ୍ବେ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରାଟିକ୍ ଗେଡେସ୍‌ଙ୍କୁ ନିମନ୍ତ୍ରଣ କରାଗଲା। ୧୯୨୪ ମସିହାରେ ଘୁରେ ବମ୍ବେ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ପ୍ରାଧ୍ୟାପକ ଏବଂ ମୁଖ୍ୟ ଭାବରେ ଗେଡେସ୍‌ଙ୍କ ସ୍ଥାନ ଗ୍ରହଣ କଲେ। ୧୯୩୪ ମସିହାରେ ତାଙ୍କୁ ପ୍ରଫେସର ଭାବରେ ନିଯୁକ୍ତି ଦିଆଗଲା ଏବଂ ସେ ୧୯୫୯ ମସିହାରେ ଅବସର ଗ୍ରହଣ କଲେ।

ଜି.ଏସ୍. ଘୁରେଙ୍କର ଅନେକ ଗୁଡିଏ କୃତି ରହିଛି। ତାଙ୍କର ପ୍ରମୁଖ କୃତିକୁ ନିମ୍ନରେ ଉଲ୍ଲେଖ କରାଗଲା :

- Caste and Race in India (1932)
- Sex Habits of Middle Class People (1938)
- The Aboriginal So-called and their Future (1943)
- Culture and Society (1945)
- Caste Class and Occupation (1961)
- The Scheduled Tribes (1963)

## ଜାତି
## (Caste)

ଜି.ଏସ୍. ଘୁରେଙ୍କ ପୁସ୍ତକ Caste and Race in India ରେ ଭାରତର ଜାତି ଓ ପ୍ରଜାତି ସମ୍ବନ୍ଧରେ ବର୍ଣ୍ଣିତ ହୋଇଛି। ଏହି ପୁସ୍ତକରେ ଭାରତରେ ଜାତି ଓ ଜ୍ଞାତିତ୍ୱକୁ ବୁଝିବା ନିମନ୍ତେ ଐତିହାସିକ, ନୃବିଜ୍ଞାନୀୟ ଏବଂ ସମାଜଶାସ୍ତ୍ରୀୟ ପରିପ୍ରେକ୍ଷ (Perspective)କୁ ଗ୍ରହଣ କରାଯାଇଛି। ଏକ ପକ୍ଷରେ ସେ ଗ୍ରନ୍ଥଆଧାରିତ ପ୍ରମାଣ ମାଧ୍ୟମରେ ଜାତି ବ୍ୟବସ୍ଥାକୁ ବିଶ୍ଲେଷଣ କରିବାକୁ ଚେଷ୍ଟା କରିଛନ୍ତି। ଅନ୍ୟ ପକ୍ଷରେ ସେ ଉଭୟ ସଂରଚନାତ୍ମକ ଏବଂ ସାଂସ୍କୃତିକ ପରିପ୍ରେକ୍ଷ ଦ୍ୱାରା ଜାତି ବ୍ୟବସ୍ଥାକୁ ବିଶ୍ଲେଷଣ କରିବାକୁ ଚେଷ୍ଟା କରିଛନ୍ତି।

ଘୁରେ ଐତିହାସିକ, ତୁଳନାତ୍ମକ ଏବଂ ସମ୍ମନ୍ୱିତ (Integrative) ପରିପ୍ରେକ୍ଷ ମାଧ୍ୟମରେ ଜାତି ବ୍ୟବସ୍ଥାକୁ ଅଧ୍ୟୟନ କରିଛନ୍ତି। ପରେ ସେ ଭାରତ-ଇରୋପୀୟ (Indo-European) ସଂସ୍କୃତିରେ ଜ୍ଞାନ୍ତିବ୍ୟବସ୍ଥାର ତୁଳନାତ୍ମକ ଅଧ୍ୟୟନ କରିଛନ୍ତି। ସେ ତାଙ୍କର ଜାତି ଓ ଜ୍ଞାନ୍ତିତ୍ୱ (Caste and Kinship) ଅଧ୍ୟୟନରେ ଦୁଇଟି ବିନ୍ଦୁ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି :

୧. ଭାରତରେ ଥିବା ଜାତି ଓ ଜାତି ଜାଲତନ୍ତ୍ର (Network) ସମାନ୍ତରାଳ ଭାବରେ ଅନ୍ୟ ସମାଜଗୁଡିକରେ ମଧ୍ୟ ରହିଥାଏ।

୨. ଭାରତରେ ଜ୍ଞାନ୍ତିତ୍ୱ ଏବଂ ଜାତି ଅତୀତରେ ଏକୀକୃତକାରୀ ଢ଼ାଞ୍ଚା ଭାବରେ କାର୍ଯ୍ୟ କରିଛି ।

ତାଙ୍କ ମତରେ ଢ଼ାଞ୍ଚାଗୁଡିକ ମାଧ୍ୟମରେ ବିଭିନ୍ନ ପ୍ରଜାତୀୟ କିମ୍ବା ମାନବଜାତୀୟ (Ethnic) ସମୂହଗୁଡିକର ଏକୀକରଣ ଉପରେ ସମାଜର ବିବର୍ତ୍ତନ ଆଧାରିତ ଥିଲା ।

ଘୁରେ ଜାତି ବ୍ୟବସ୍ଥାର ଛଅଗୋଟି ସଂରଚନାତ୍ମକ ବୈଶିଷ୍ଟ୍ୟକୁ ଉଲ୍ଲେଖ କରିଛନ୍ତି । ସେଗୁଡିକୁ ନିମ୍ନରେ ବର୍ଣ୍ଣନା କରାଗଲା ।

**୧. ସମାଜର ଆଂଶିକ ବିଭାଜନ (Segmental Division of Society) :** ଜାତି ବ୍ୟବସ୍ଥା ସମଗ୍ର ସମାଜକୁ ପୃଥକ୍ ପୃଥକ୍ ସମୂହରେ ବିଭାଜିତ କରିଥାଏ ଯେଉଁଥିରେ ପ୍ରସ୍ଥିତି, ସମାଜିକ କର୍ତ୍ତବ୍ୟ ଏବଂ ଅଧିକାର ଭିନ୍ନ ଭିନ୍ନ ଅଟେ । ଏହିପରି ସମାଜରେ ଜାତି ଭାବନା ସାମାଜିକ ଭାବନା ଠାରୁ ପ୍ରଭାବଶାଳୀ ଅଟେ ।

**୨. ଉଚ୍ଚନୀଚ କ୍ରମ (Hierarchy) :** ଜାତିଗୁଡିକର ଏକ ଉଚ୍ଚନୀଚ କ୍ରମ ରହିଥାଏ । ବ୍ରାହ୍ମଣମାନେ ସର୍ବୋଚ୍ଚରେ ରହିଥାଆନ୍ତି । ବ୍ରାହ୍ମଣ ତଳକୁ କ୍ଷତ୍ରୀୟ, କ୍ଷତ୍ରୀୟ ପରେ ବୈଶ୍ୟ ଓ ସୁଦ୍ରମାନେ ସର୍ବନିମ୍ନ ସ୍ଥାନରେ ରହିଥାଆନ୍ତି । ଯେହେତୁ ଜାତି ବ୍ୟବସ୍ଥା ଜନ୍ମ ଉପରେ ପର୍ଯ୍ୟବେଶିତ, ଗୋଟିଏ ଜାତିରୁ ଅନ୍ୟ ଗୋଟିଏ ଜାତିକୁ ଯିବା ଅତ୍ୟନ୍ତ କଷ୍ଟକର ।

**୩. ଖାଦ୍ୟ, ପାନୀୟ ଓ ସାମାଜିକ ମିଳାମିଶାରେ କଟକଣା (Restriction in Food, Drink and Social Intercourse):** ବିଭିନ୍ନ ଜାତି ମଧ୍ୟରେ ଖାଦ୍ୟ, ପାନୀୟ ଓ ସାମାଜିକ ମିଳାମିଶା କ୍ଷେତ୍ରରେ କଟକଣା ରହିଥାଏ । ଜାତିଗୁଡିକର ନିୟମ ଅନୁସାରେ କେଉଁ ଜାତିର ଲୋକମାନେ କେଉଁ ଖାଦ୍ୟ ଭୋଜନ କରିପାରିବେ ଏବଂ କି ପ୍ରକାର ଖାଦ୍ୟକୁ ଉକ୍ତ ଜାତି ଅନ୍ୟ ଜାତିର ବ୍ୟକ୍ତିମାନଙ୍କଠାରୁ ଗ୍ରହଣ କରିପାରିବେ ତାହା ସ୍ଥିର ହୋଇଛି । ଏକ ଉଚ୍ଚ ଜାତିର ଲୋକ ନୀଚ ଜାତିର ଲୋକଙ୍କଠାରୁ ଖାଦ୍ୟ ବା ଜଳ ଗ୍ରହଣ କରେ ନାହିଁ । ଉଦାହରଣସ୍ୱରୂପ, ଜଣେ ବ୍ରାହ୍ମଣ କ୍ଷତ୍ରୀୟ ଘରେ ରନ୍ଧା ଖାଦ୍ୟ ଗ୍ରହଣ କରେ ନାହିଁ । ସେ କେବଳ ସଂପୂର୍ଣ୍ଣ ଘିଅରେ ପ୍ରସ୍ତୁତ ଖାଦ୍ୟ ଗ୍ରହଣ କରିପାରିବ । ସେହିପରି ଉଚ୍ଚ ଜାତିର ସଦସ୍ୟମାନେ ନୀଚ ଜାତିର ସଦସ୍ୟମାନଙ୍କ ସହିତ ମିଳାମିଶା କରନ୍ତି ନାହିଁ । ଖାଦ୍ୟ, ପାନୀୟ ଏବଂ ମିଳାମିଶା ପ୍ରଭୃତିରେ କଟକଣା ଜାରି କରାଯାଇ ଜାତି ଜାତି ମଧ୍ୟରେ ସାମାଜିକ ଦୂରତା ସୃଷ୍ଟି କରାଯାଇଥାଏ ।

**୪. ବିଭିନ୍ନ ଭାଗର ସାମାଜିକ ଓ ଧାର୍ମିକ ସୁବିଧା ସୁଯୋଗ ତଥା ଅସାମର୍ଥ୍ୟ (Civil and Religious Privileges and Disabilitie):** ଜାତି ବ୍ୟବସ୍ଥା ଅନୁସାରେ ସମସ୍ତ ଜାତିର ସଦସ୍ୟମାନଙ୍କୁ ସମାନ ସୁବିଧାସୁଯୋଗ ମିଳିନଥାଏ । କେତେକ ଜାତିର ସଦସ୍ୟ ସାମାଜିକ ସୁବିଧାସୁଯୋଗରୁ ବଞ୍ଚିତ ହେଉଥିବା ବେଳେ ଅନ୍ୟ କେତେକ ଜାତିର ସଦସ୍ୟମାନଙ୍କୁ ଅଧିକ ସୁବିଧାସୁଯୋଗ ମିଳିଥାଏ । ହିନ୍ଦୁ ଜାତି ବ୍ୟବସ୍ଥାରେ ବ୍ରାହ୍ମଣ ଜାତି ସମସ୍ତ ସୁବିଧା ସୁଯୋଗ ଉପଭୋଗ କରୁଥିବାବେଳେ ଶୁଦ୍ର ଜାତିକୁ ସର୍ବନିମ୍ନ ସୁବିଧା ସୁଯୋଗ ମିଳିଥାଏ । ଏପରିକି ଜଣେ ଶୁଦ୍ର ଉଚ୍ଚ ଜାତିର ସଦସ୍ୟଙ୍କୁ ସ୍ପର୍ଶ କରିପାରିବ ନାହିଁ ।

**୫. ବିବାହ ଉପରେ କଟକଣା (Restrictions on Marriage) :** ଜାତି ପ୍ରଥାର ନିୟମ ଅନୁସାରେ ନିଜ ଜାତି ଓ ଉପଜାତି ମଧ୍ୟରେ ବିବାହ କରିବାକୁ ବାଧ୍ୟ । ସେ ନିଜ ଜାତି ବ୍ୟତିତ ଅନ୍ୟ ଜାତିରେ ବିବାହ କରିବାକୁ ନିଷେଧ କରାଯାଇଛି । ଘୁରେ ଜାତି ବ୍ୟବସ୍ଥାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ଭାବରେ ଅନ୍ତର୍ବିବାହ

ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଘୁରେଙ୍କ ମତରେ ଅତିତରେ ପ୍ରତ୍ୟେକ ଜାତି କ୍ଷୁଦ୍ର ଉପ-ଭାଗ (Sub-divisions) କିମ୍ବା ଉପଜାତିରେ ବିଭାଜିତ ହୋଇଛି । ପ୍ରତ୍ୟେକ ଉପଜାତି ଅନ୍ତର୍ବିବାହ ନିୟମକୁ ପାଳନ କରନ୍ତି ।

**୬. ବୃତ୍ତି ଚୟନରେ ପସନ୍ଦର ଅଭାବ (Lack of Choice of Occupation) :** ପ୍ରତ୍ୟେକ ଜାତି ବା ଉପଜାତି ନିମନ୍ତେ ଏକ ସ୍ଥିରକୃତ ବୃତ୍ତି ରହିଥାଏ । କୌଣସି ବ୍ୟକ୍ତିର ବୃତ୍ତି ଚୟନର ଅଧିକାର ନଥାଏ । ବଂଶାନୁକ୍ରମେ ନିଜ ଜାତିର ବୃତ୍ତିକୁ ଜଣେ ବ୍ୟକ୍ତି ଜନ୍ମର ମୃତ୍ୟୁ ପର୍ଯ୍ୟନ୍ତ ଅନୁସରଣ କରିଥାଏ । ବୃତ୍ତି ହେଉଛି ବଂଶାନୁକ୍ରମିକ ।

ଜାତି ଅନର୍ବିବାହ ଓ ଗୋତ୍ର ବହିର୍ବିବାହ ମାଧ୍ୟମରେ ଜାତି ଜ୍ଞାନ୍ତିତ୍ୱ ସହିତ ସଂଯୁକ୍ତ ହୋଇଥାଏ । ଗୋତ୍ର କହିଲେ ଏକ କୂଳ ବା ବଂଶକୁ ବୁଝାଏ ଯାହାର ସଦସ୍ୟମାନେ ଏକ ସାଧାରଣ ପୂର୍ବ ପୁରୁଷଠାରୁ ଜାତ ହୋଇ ସେହି କୂଳର ଅନ୍ତର୍ଭୁକ୍ତ ହୋଇଥାଆନ୍ତି । ଏକ କୂଳର ସଦସ୍ୟମାନଙ୍କ ମଧ୍ୟରେ ରକ୍ତ ସଂପର୍କ ଥାଏ ବୋଲି ଧାରଣା କରାଯାଇଥାଏ । ତେଣୁ ଗୋଟିଏ ଗୋତ୍ରର ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ବିବାହକୁ ନିଷେଧ କରାଯାଇଛି ।

ଜାତି ଓ ଜ୍ଞାନ୍ତିତ୍ୱ ମଧ୍ୟରେ ନିକଟ ସଂପର୍କ ରହିଥାଏ । କାରଣ (i) ଆମ ସମାଜରେ ବହିର୍ବିବାହ ବହୁଭାବରେ ଜ୍ଞାନ୍ତିତ୍ୱ ଉପରେ ଆଧାରିତ (ii) ଜାତି କିମ୍ବା ଉପଜାତି ବହୁଭାବେ ଜ୍ଞାନ୍ତିମାନଙ୍କୁ ନେଇ ଗଠିତ । ଘୁରେଙ୍କ ମତରେ ଆମ ସମାଜରେ ତିନି ପ୍ରକାରର ବିବାହ କଟକଣା ରହିଥାଏ, ଯାହାକି ଜାତି ଓ ଜ୍ଞାନ୍ତିତ୍ୱ ମଧ୍ୟରେ ଥିବା ସମ୍ବନ୍ଧକୁ ଗଠନ କରିଥାଏ । ସେହି କଟକଣା ଗୁଡିକ ହେଉଛି ଅନ୍ତର୍ବିବାହ (Enlogamy), ବହିର୍ବିବାହ (Exogamy) ଓ ଅଣୁଲୋମ ବିବାହ (Hypergamy)

ସେହିପରି ଜାତି ଓ ଉପଜାତି ପବିତ୍ର ଓ ଅପବିତ୍ର ପ୍ରତିମାନ ଆଧାରରେ ଲୋକମାନଙ୍କୁ ଏକ ପାହ୍ୟାରେ ଏକତ୍ର କରି ରଖିଛି । ବହିର୍ବିବାହ ଓ ସାମାଜିକ ମିଳାମିଶା ନିୟମ ଜାତିଗୁଡିକୁ ପରସ୍ପରଠାରୁ ପୃଥକ କରିରଖିଛି । ତେବେ ଏହା ହେଉଛି ସଂହତି ଆଣୁଥିବା ଉପରକଣ (Instrument) ଯାହା ଜାତିଗୁଡିକୁ ସାମୁହିକତାରେ ସଂଗଠିତ କରିଛି । ଭାରତର ବ୍ରାହ୍ମଣମାନେ ଧର୍ମଶାସ୍ତ୍ରରେ ବ୍ୟାଖ୍ୟା ମାଧ୍ୟମରେ ଜାତି ପାହ୍ୟା ଓ କ୍ରମକୁ ବୈଧ କରିବାରେ ମୂଖ୍ୟ ଭୂମିକା ଗ୍ରହଣ କରିଛନ୍ତି ।

## ଏମ୍.ଏନ୍. ଶ୍ରୀନିବାସ

**(M.N. Srinivas)**

## (୧୯୧୬ - ୧୯୯୯)

ମହିଶୂର ନରସିଂହାଚର୍ଯ୍ୟ ଶ୍ରୀନିବାସ ୧ ୯ ୧ ୬ ମସିହା ନଭେମ୍ବର ମାସ ୧ ୬ ତାରିଖରେ ମହିଶୂରର ଏକ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ସେ ବମ୍ବେ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର (M.A.), ଏଲ୍.ଏଲ୍.ବି. ଓ ପି.ଏଚ୍.ଡି. ଉପାଧି ପ୍ରାପ୍ତ କରିଥିଲେ । ଏହାଛଡା ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ଡି.ଫିଲ୍ (D.Phil) ଉପାଧି ପ୍ରାପ୍ତ କରିଥିଲେ । ସେ ବରୋଦାର ମହାରାଜା ସିଆଜିରାଓ ବିଶ୍ୱବିଦ୍ୟାଳୟ

ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ସମାଜ ବିଜ୍ଞାନର ପ୍ରଫେସର ଭାବରେ କାର୍ଯ୍ୟ କରିଥିଲେ। ଶ୍ରୀନିବାସ ବାଙ୍ଗାଲୋର୍‌ର ସୋସିଆଲ୍ ଓ ଇକୋନୋମିକ୍ ଚେଞ୍ଜ ପ୍ରତିଷ୍ଠାନର ସମାଜ ବିଜ୍ଞାନ ଏକକ (Unit) ଓ ଜେ.ଆର୍.ଡି. ଟାଟା ପ୍ରତିଷ୍ଠାନର ସିନିୟର୍ ଫେଲୋ (Senior Fellow) ଭାବରେ କାର୍ଯ୍ୟ କରିଥିଲେ । ସେ ଜଣେ ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ବିଦ୍ୱାନ ଥିଲେ ।

ଶ୍ରୀନିବାସ ଭାରତୀୟ ସମାଜକୁ ସାମଗ୍ରିକ ଭାବେ ଅଧ୍ୟୟନ କରିଥିଲେ। ତାଙ୍କର ଲେଖାଗୁଡ଼ିକ ଦକ୍ଷିଣ ଭାରତ, ବିଶେଷକରି କୁର୍ଗ ଓ ରାମପୁରାରେ କରିଥିବା ଗଭୀର କ୍ଷେତ୍ର ଅଧ୍ୟୟନ ଉପରେ ଆଧାରିତ । ଶ୍ରୀନିବାସଙ୍କର କେତେକ ଉତ୍କୃଷ୍ଟ କୃତିକୁ ନିମ୍ନରେ ଉଲ୍ଲେଖ କରାଗଲା ।

- ମ୍ୟାରେଜ୍ ଆଣ୍ଡ ଫ୍ୟାମିଲି ଇନ୍ ମହିଶୂର (୧୯୪୨) (Marriage and Family in India)
- ରିଲିଜିଅନ୍ ଓ ସୋସାଇଟି ଆମଙ୍ଗ ଦି କୁର୍ଗସ୍ ଅଫ୍ ସାଉଥ୍‌ଇଣ୍ଡିଆ (୧୯୫୨) (Religion and Society Among the Coorgs of South India).
- ଇଣ୍ଡିଆସ୍ ଭିଲେଜସ୍ (୧୯୫୫) (India's Villages)
- କାଷ୍ଟ ଇନ୍ ମଡର୍ଣ୍ଣ ଇଣ୍ଡିଆ ଆଣ୍ଡ ଅଦର୍ ଏସେଜ୍ (୧୯୬୨) (Caste in Modern India and Other Essays)
- ସୋସିଆଲ୍ ଚେଞ୍ଜ ଇନ୍ ମଡର୍ଣ୍ଣ ଇଣ୍ଡିଆ (୧୯୬୬) (Social Change in Modern India)

## ସଂସ୍କୃତକରଣ
## (Sanskritization)

ପ୍ରଫେସର ଏମ୍.ଏନ୍.ଶ୍ରୀନିବାସ(M. N. Srinivas) ୧୯୫୨ ମସିହାରେ ପ୍ରକାଶିତ ତାଙ୍କ ପୁସ୍ତକ "Religion and Society Among Coorgs of South India" ରେ ସଂସ୍କୃତକରଣ ଶବ୍ଦଟିକୁ ସର୍ବପ୍ରଥମେ ବ୍ୟବହାର କରିଥିଲେ । ସେ ମହିଶୂରର ଲୋକମାନଙ୍କ ସଂପର୍କରେ ଅଧ୍ୟୟନ କରୁଥିବା ସମୟରେ ଦେଖିବାକୁ ପାଇଥିଲେ ଯେ, ନୀଚ ଜାତିର ଲୋକମାନେ ଜାତି ସ୍ତରୀକରଣରେ ନିଜର ପ୍ରସ୍ଥିତିକୁ ଉଚ୍ଚ କରିବାର ଆଶାନେଇ ବ୍ରାହ୍ମଣମାନଙ୍କର ପ୍ରଥା ଏବଂ ପରମ୍ପରାଗୁଡ଼ିକୁ କ୍ରମଶଃ ଅନୁସରଣ କରୁଛନ୍ତି । ଏହାଛଡ଼ା ସେମାନେ ଉଚ୍ଚ ଜାତିର ଲୋକମାନଙ୍କ ଦ୍ୱାରା ଅପବିତ୍ର ଭାବେ ପରିଗଣିତ ହେଉଥିବା ନିଜର ପ୍ରଥା ପରମ୍ପରାକୁ ପରିତ୍ୟାଗ କରୁଛନ୍ତି । ଏହି ପ୍ରକ୍ରିୟାକୁ ବର୍ଣ୍ଣନା କରିବା ପାଇଁ ଏମ୍.ଏନ୍. ଶ୍ରୀନିବାସ ବ୍ରାହ୍ମଣୀକରଣ (Bramhinization) ଶବ୍ଦକୁ ବ୍ୟବହାର କରିଥିଲେ । ପରବର୍ତ୍ତୀ ସମୟରେ ସେ ଦେଖିବାକୁ ପାଇଲେ ଯେ, ବୈଦିକ କ୍ରିୟାକଳାପ କେବଳ ବ୍ରାହ୍ମଣମାନଙ୍କ ମଧ୍ୟରେ ସୀମାବଦ୍ଧ ହୋଇ ରହିନାହିଁ । ବରଂ ଅନ୍ୟାନ୍ୟ ଦ୍ୱିଜ(Twice Born) ଜାତିଗୁଡ଼ିକ ମଧ୍ୟରେ ଏହି କ୍ରିୟାକର୍ମଗୁଡ଼ିକ ଦେଖାଯାଉଛି । ନୀଚ ଜାତିର ଲୋକମାନେ ଉଭୟ ବ୍ରାହ୍ମଣ ଓ କ୍ଷତ୍ରିୟମାନଙ୍କର ପ୍ରଥା ଏବଂ

କ୍ରିୟାକଳାପକୁ ଅନୁସରଣ କରୁଥିବାର ଏମ୍.ଏନ୍.ଶ୍ରୀନିବାସ ଦେଖିବାକୁ ପାଇଲେ । ଏହି ପ୍ରକ୍ରିୟାକୁ ବର୍ଣ୍ଣନା କରିବା ନିମନ୍ତେ ସେ ବ୍ରାହ୍ମଣୀକରଣ ପରିବର୍ତ୍ତେ ସଂସ୍କୃତକରଣ ଶବ୍ଦକୁ ଅଧିକ ଉପଯୁକ୍ତ ମନେକରି ବ୍ୟବହାର କରିଥିଲେ ।

ଏମ୍.ଏନ୍.ଶ୍ରୀନିବାସ ଭାରତରେ ସାଂସ୍କୃତିକ ଓ ସାମାଜିକ ପରିବର୍ତ୍ତନକୁ ଆଲୋଚନା କରିବା ନିମନ୍ତେ ସଂସ୍କୃତିକରଣ ଶବ୍ଦକୁ ବ୍ୟବହାର କରିଥିଲେ । ପାରମ୍ପରିକ ସମାଜରେ ଜାତି ବ୍ୟବସ୍ଥା ଆବଦ୍ଧ(Closed) ହେଲେ ମଧ୍ୟ କେତେକ ସ୍ଥଳରେ ଜାତି ବ୍ୟବସ୍ଥା ମଧ୍ୟରେ ସାମାଜିକ ଗତିଶୀଳତା ଦେଖାଯାଏ । ଏମ୍.ଏନ୍.ଶ୍ରୀନିବାସ ଗଭୀର ଅନୁଧ୍ୟାନ କରି ଦର୍ଶାଇଛନ୍ତି ଯେ ପ୍ରକୃତରେ ଜାତି ବ୍ୟବସ୍ଥା ସେତେ ଦୃଢ ନୁହେଁ । କାରଣ ବହୁ ସମୟରେ ବ୍ୟକ୍ତିମାନଙ୍କର ଜାତି ପ୍ରସ୍ଥିତିରେ ପରିବର୍ତ୍ତନ ଘଟୁଅଛି । ଏହି ଜାତି ଗତିଶୀଳତା (Cast Mobility) ସଂସ୍କୃତକରଣ ପ୍ରକ୍ରିୟା ଦ୍ୱାରା ସଂଗଠିତ ହୋଇଥାଏ । ସଂସ୍କୃତକରଣ ହେଉଛି ଏକ ପ୍ରକ୍ରିୟା ଯାହା ଦ୍ୱାରା ନିମ୍ନ ଜାତିର ବ୍ୟକ୍ତିମାନେ ବ୍ରାହ୍ମଣ ଓ କ୍ଷତ୍ରିୟଙ୍କ ପରି ଉଚ୍ଚ ଜାତିର ବ୍ୟକ୍ତିମାନଙ୍କର ରୀତି, ନୀତି, ପ୍ରଥା ଓ କ୍ରିୟାକର୍ମ ପ୍ରଭୃତିକୁ ଅନୁସରଣ କରି ନିଜର ସାମାଜିକ ପ୍ରସ୍ଥିତିକୁ ଉନ୍ନତ କରିବାକୁ ଚେଷ୍ଟା କରିଥାଆନ୍ତି । ଏକ ନୀଚ ଜାତି ଦ୍ୱାରା ଉଚ୍ଚ ଜାତିମାନଙ୍କର କ୍ରିୟାକର୍ମ ଓ ଜୀବନ ଶୈଳୀ ଅନୁସରଣ ପ୍ରକ୍ରିୟାକୁ ସଂସ୍କୃତକରଣ କୁହାଯାଏ । ସଂସ୍କୃତକରଣ ପ୍ରକ୍ରିୟା ଜାତି ସଂରଚନା ଭିତରେ ସାମାଜିକ ଗତିଶୀଳତାକୁ ଦର୍ଶାଇଥାଏ । ଜାତି ସ୍ତରୀକରଣରେ ନୀଚ ଜାତିର ଲୋକମାନେ ସେମାନଙ୍କର ସାମାଜିକ ପ୍ରସ୍ଥିତିକୁ ବୃଦ୍ଧିକରିବା ପାଇଁ ଉଚ୍ଚ ଜାତିର ଜୀବନ ଶୈଳୀକୁ ଅନୁସରଣ କରିଥାଆନ୍ତି । ସଂକ୍ଷେପରେ କହିଲେ ଯେଉଁ ପ୍ରକ୍ରିୟା ଦ୍ୱାରା ନୀଚ ଜାତିର ସଦସ୍ୟମାନେ ଉଚ୍ଚ ଜାତିଗୁଡ଼ିକର ପ୍ରଥା, ରୀତି, ନୀତି, କ୍ରିୟାକର୍ମ, ଅଚରଣ ବିଧି ଓ ବିଶ୍ୱାସ ବ୍ୟବସ୍ଥାକୁ କ୍ରମାଗତ ଭାବେ ଅନୁସରଣ କରି ଜାତିର ଉଚ୍ଚନୀଚ କ୍ରମରେ ସେମାନଙ୍କର ପ୍ରସ୍ଥିତିକୁ ଉନ୍ନତ କରିବାକୁ ଚେଷ୍ଟା କରିଥାଆନ୍ତି ତାହା ସଂସ୍କୃତକରଣ ରୂପେ ପରିଚିତ ।

ଏମ୍.ଏନ୍.ଶ୍ରୀନିବାସଙ୍କ ମତରେ, "ସଂସ୍କୃତକରଣ ହେଉଛି ଏକ ପ୍ରକ୍ରିୟା ଯାହା ଦ୍ୱାରା ଏକ ନୀଚ ହିନ୍ଦୁଜାତି କିମ୍ବା ଜନଜାତି କିମ୍ବା ଅନ୍ୟ ଏକ ସମୂହ ଏକ ଉଚ୍ଚ, ବିଶେଷତଃ ଏକ ଦ୍ୱିଜ ଜାତିର ଜୀବନ ଶୈଳୀ ଦିଗରେ ନିଜର ପ୍ରଥା, କ୍ରିୟାକର୍ମ, ଆଦର୍ଶର ପରିବର୍ତ୍ତନ କରିଥାଏ ।

"Sanskritization is the process by which a low Hindu Caste or Tribe or other group change its customs, rituals, ideology and way of life in the direction of a high and frequently 'twice born' caste."

ଏମ୍. ଏନ୍.ଶ୍ରୀନିବାସଙ୍କ ମତରେ ସଂସ୍କୃତକରଣ ପ୍ରକ୍ରିୟା କେବଳ ନୀଚ ଜାତିର ଲୋକମାନଙ୍କ ମଧ୍ୟରେ ସୀମାବଦ୍ଧ ନୁହେଁ । କେତେକ ଜନଜାତି ବା ଅନ୍ୟ କେତେକ ସମୂହ ଏହି ପ୍ରକ୍ରିୟା ସହିତ ସଂଶ୍ଳିଷ୍ଟ । ତେଣୁ ତାଙ୍କ ମତରେ ଜନଜାତିର ଲୋକମାନେ ମଧ୍ୟ ଉଚ୍ଚ ଜାତିର ପ୍ରଥା, ପରମ୍ପରା ଓ ଅନୁଷ୍ଠାନଗୁଡ଼ିକୁ ଅନୁସରଣ କରିଥାଆନ୍ତି । ଶ୍ରୀନିବାସ ଉଲ୍ଲେଖ କରିଛନ୍ତି ଯେ, ନୀଚ ଜାତିର ଲୋକମାନେ ବ୍ରାହ୍ମଣମାନଙ୍କ ବ୍ୟତିତ କ୍ଷତ୍ରୀୟ, ବୈଶ୍ୟ, ଶୁଦ୍ରମାନଙ୍କର ସଂସ୍କୃତିକୁ ଅନୁସରଣ କରିଥାଆନ୍ତି । ପୁନର୍ବାର ସେ ପ୍ରମାଣ କରିଛନ୍ତି ଯେ ସଂସ୍କୃତକରଣ ପ୍ରକ୍ରିୟାରେ ନୀଚ ଜାତିର ଲୋକମାନେ ପ୍ରଭାବଶାଳୀ ବା ପ୍ରତିପତ୍ତିଶାଳୀ ଜାତି (Dominant Caste)ର ଆଦର୍ଶ, ପ୍ରଥା ଓ ଚାଲିଚଳନ ଇତ୍ୟାଦିକୁ ଅନୁକରଣ କରିଥାଆନ୍ତି । ଗ୍ରାମାଞ୍ଚଳରେ ଏପରିକି ବ୍ରାହ୍ମଣମାନଙ୍କ ପାଇଁ ପ୍ରଭାବଶାଳୀ ଜାତି ଆଦର୍ଶ ହୋଇଥାଏ । ଯଦି ସ୍ଥାନୀୟ ପ୍ରଭାବଶାଳୀ ଜାତି ବ୍ରାହ୍ମଣ

ହୋଇଥାଏ ତେବେ ଲୋକମାନେ ପ୍ରଥା, ପରମ୍ପରା କ୍ଷେତ୍ରରେ ଏକ ବ୍ରାହ୍ମଣୀୟ ପ୍ରତିରୂପ(Model)କୁ ଅନୁକରଣ କରିଥାଆନ୍ତି । ସେହିପରି ଯଦି କ୍ଷତ୍ରିୟ ବା ବୈଶ୍ୟଜାତି ପ୍ରଭାବଶାଳୀ ହୋଇଥାଏ ତେବେ ନୀଚ୍ଚ ଜାତିର ଲୋକମାନେ ପ୍ରଥା ଓ କ୍ରିୟାକର୍ମ କ୍ଷେତ୍ରରେ କ୍ଷତ୍ରିୟ କିମ୍ବା ବୈଶ୍ୟ ପ୍ରତିରୂପକୁ ଅନୁକରଣ କରିଥାଆନ୍ତି । ଶ୍ରୀନିବାସ କହିଛନ୍ତି ଯେ ସଂଖ୍ୟାଲଘୁ ବ୍ରାହ୍ମଣ ବା ଅନ୍ୟ ଉଚ୍ଚ ଜାତିର ଲୋକମାନେ ସ୍ଥାନୀୟ ପ୍ରଭାବଶାଳୀ ଜାତିର ସଂସ୍କୃତିକୁ ଆତ୍ମୀକୃତ (Assimilate)କରିଥାଆନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ସଂଖ୍ୟାଧିକ ଲୋକ ଥିବା ଏବଂ ଅର୍ଥନୈତିକ, ରାଜନୈତିକ ଓ ସାମାଜିକ ଶକ୍ତିର ଅଧିକାରୀ ହୋଇଥିବା ଏକ ଜାତିକୁ ପ୍ରଭାବଶାଳୀ ଜାତି ବୋଲି କୁହାଯାଏ । ସାମାଜିକ ଜୀବନରେ ଏହି ଜାତିଗୁଡିକ ସାମାଜିକ ସ୍ଥିରୀକରଣ ବ୍ୟବସ୍ଥାରେ ଉଚ୍ଚ ପ୍ରସ୍ଥିତିର ଅଧିକାରୀ ହୋଇ କେତେକ ସ୍ୱତନ୍ତ୍ର ସୁବିଧାସୁଯୋଗ ଉପଭୋଗ କରି ନିଜର ଆଧିପତ୍ୟ ବିସ୍ତାର କରିଥାଆନ୍ତି । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୁଦ୍ର ଯେ କୌଣସି ଜାତି ପ୍ରଭାବଶାଳୀ ଜାତି ହୋଇପାରେ । ଶ୍ରୀନିବାସଙ୍କ ମତରେ ସଂସ୍କୃତକରଣ ପ୍ରକ୍ରିୟାରେ ଏକ ପ୍ରଭାବଶାଳୀ ଜାତି ନୀଚ୍ଚ ଜାତିର ଲୋକମାନଙ୍କ ପାଇଁ ଆଦର୍ଶ ହୋଇଥାଏ । ନୀଚ୍ଚ ଜାତିର ଲୋକମାନେ ପ୍ରଭାବଶାଳୀ ଜାତିର ବ୍ୟବହାର ଓ ଜୀବନ ଶୈଳୀକୁ ଅନୁକରଣ କରିଥାଆନ୍ତି ।

### ସଂସ୍କୃତକରଣର ଗୁଣାବଳୀ

### Characteristics of Sanskritisation

ସଂସ୍କୃତକରଣ ଅବଧାରଣାଟିକୁ ସ୍ପଷ୍ଟରୂପେ ବୁଝିବା ନିମନ୍ତେ ଏହାର ଗୁଣାବଳୀକୁ ନିମ୍ନରେ ଆଲୋଚନା କରାଗଲା ।

**୧.** ନୀଚ୍ଚ ଜାତିଗୁଡିକ ସହିତ ସଂସ୍କୃତକରଣର ସମ୍ବନ୍ଧ ରହିଥାଏ । ଯେତେବେଳେ ନୀଚ୍ଚ ଜାତି ଉଚ୍ଚ ଜାତି କିମ୍ବା ପ୍ରଭାବଶାଳୀ ଜାତିର ପ୍ରଥା, ପରମ୍ପରା ଏବଂ ଜୀବନ ଶୈଳୀକୁ ଆପଣେଇ ଜାତି ସଂରଚନାରେ ଉଚ୍ଚସ୍ଥାନକୁ ଉଠିବାକୁ ଚେଷ୍ଟା କରନ୍ତି ସେତେବେଳେ ଏହାକୁ ସଂସ୍କୃତକରଣ କୁହାଯାଏ ।

**୨.** ସଂସ୍କୃତକରଣ ସାମାଜିକ ଗତିଶୀଳତାକୁ ପ୍ରକଟ କରୁଥିବା ଏକ ପ୍ରକ୍ରିୟା ଅଟେ । ସଂସ୍କୃତକରଣ କରୁଥିବା ଜାତି କେବଳ ପଦମୂଳକ (Positional Change) ପରିବର୍ତ୍ତନକୁ ପ୍ରକଟ କରିଥାଏ । ଏହା କୌଣସି ସଂରଚନାତ୍ମକ ପରିବର୍ତ୍ତନକୁ ପ୍ରକଟ କରି ନଥାଏ । ଅର୍ଥାତ୍ ସଂସ୍କୃତକରଣ ପ୍ରକ୍ରିୟାରେ ଜାତି ସଂରଚନାରେ କୌଣସି ପରିବର୍ତ୍ତନ ହୋଇ ନଥାଏ ।

**୩.** ସଂସ୍କୃତକରଣ କେବଳ ହିନ୍ଦୁ ଜାତିମଧ୍ୟରେ ସୀମିତ ନୁହେଁ । ଏହି ପ୍ରକ୍ରିୟା ଜନଜାତିଗୁଡିକ ମଧ୍ୟରେ ମଧ୍ୟ ଦେଖାଯାଏ । ଜନଜାତିଗୁଡିକ ଉଚ୍ଚ ଜାତିର ଜୀବନ ଶୈଳୀକୁ ଅନୁକରଣ କରିବାକୁ ଚେଷ୍ଟା କରନ୍ତି ।

**୪.** ସଂସ୍କୃତକରଣ ପ୍ରକ୍ରିୟା କୌଣସି ଜଣେ ବ୍ୟକ୍ତି କିମ୍ବା ଏକ ପରିବାର ମଧ୍ୟରେ ସୀମିତ ନୁହେଁ । ବରଂ ଏକ ସମୂହ ସଂସ୍କୃତକରଣ ପ୍ରକ୍ରିୟା ସହିତ ସଂପର୍କୀତ । ଅର୍ଥାତ୍ ଏକ ସମୂହ ଦ୍ୱାରା ସଂସ୍କୃତକରଣ ପ୍ରକ୍ରିୟା ସମ୍ପାଦିତ ହୋଇଥାଏ ।

**୫.** ସଂସ୍କୃତକରଣର ଏକାଧିକ ଆଦର୍ଶ (Model) ରହିଥାଏ । ଏହି ପ୍ରକ୍ରିୟାରେ ଏକ ନିମ୍ନ ଜାତିର ଲୋକମାନେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ କିମ୍ବା ଏକ ପ୍ରଭାବଶଳୀ ଜାତିକୁ ଆଦର୍ଶଭାବରେ ଗ୍ରହଣ କରି ତାହାର ସଂସ୍କୃତିକୁ ଆପଣେଇ ପାରେ ।

**୬.** ଯେତେବେଳେ କୌଣସି ସମୂହର ସଂସ୍କୃତକରଣ ହୁଏ ସେତେବେଳେ ଏହି ସମୂହ ଉଚ୍ଚ ଜାତିର କେବଳ ଜୀବନ ଶୈଳୀ ଏବଂ ପ୍ରଥା ପରମ୍ପରାକୁ ଆପଣେଇ ନଥାଏ । ଏହା ସହିତ ତାହା ସଂସ୍କୃତ ସାହିତ୍ୟରେ ଉପଲବ୍ଧ କେତେକ ନୂତନ ବିଚାର ଏବଂ ମୂଲ୍ୟବୋଧକୁ ଗ୍ରହଣ କରିଥାଏ ।

**୭.** ସଂସ୍କୃତକରଣ ଏକ ସାର୍ବଜନୀନ ପ୍ରକ୍ରିୟା ଅଟେ ଯାହା ଭାରତ ଇତିହାସର ପ୍ରତ୍ୟେକ କାଳରେ ଦେଖାଯାଇଛି ।

**୮.** ସଂସ୍କୃତକରଣ ପ୍ରକ୍ରିୟା ଦ୍ୱାରା ସାମାଜିକ ପ୍ରସ୍ଥିତିରେ ପରିବର୍ତ୍ତନ ନିମନ୍ତେ ଏକ ନୀଚ ଜାତି ଦୁଇ କିମ୍ବା ତିନି ପିଢି ପୂର୍ବରୁ କୌଣସି ଉଚ୍ଚ ଜାତି ସହିତ ସମ୍ବନ୍ଧ ସ୍ଥାପନ କରିଥାଏ ।

**୯.** ଯୋଗେନ୍ଦ୍ର ସିଂହଙ୍କ ମତରେ, ସଂସ୍କୃତକରଣ ପ୍ରକ୍ରିୟା ହେଉଛି ପ୍ରତ୍ୟାଶାମୂଳକ ସାମାଜିକୀକରଣ(Anticipatory Socialization)। ଏହି ପ୍ରକ୍ରିୟାରେ ଏକ ନୀଚ ଜାତି କୌଣସି ଉଚ୍ଚ ଜାତିରେ ମିଶିଯିବା ପାଇଁ ଆଶାରଖି ସେହି ଜାତିର ସଂସ୍କୃତିକୁ ଅନୁକରଣ କରିଥାଏ ।

**୧୦.** ସଂସ୍କୃତକରଣ ପ୍ରକ୍ରିୟା ନୀଚ ଜାତିର ମହତ୍ୱାକାଂକ୍ଷା ଓ ପ୍ରଚେଷ୍ଟାର ଏକ ସୂଚକ ଅଟେ । ଏହି ପ୍ରକ୍ରିୟା ମାଧ୍ୟମରେ ନୀଚ ଜାତି ଉଚ୍ଚ ଜାତିର ଜୀବନ ଶୈଳୀକୁ ଆପଣେଇ ନିଜର ଜାତି ପ୍ରସ୍ଥିତିକୁ ଉଚ୍ଚକୁ ନେବାକୁ ଚାହିଁଥାଏ ।

**୧୧.** ଶ୍ରୀନିବାସଙ୍କ ମତରେ ସଂସ୍କୃତକରଣ ପ୍ରକ୍ରିୟା ଦୁଇ-ତରଫା (Two-way) ପ୍ରକ୍ରିୟା ଅଟେ । ଅର୍ଥାତ୍ ଏଥିରେ କେବଳ ନୀଚ ଜାତି ଉଚ୍ଚ ଜାତିଗୁଡିକର ସଂସ୍କୃତିକୁ ଗ୍ରହଣ କରି ନଥାନ୍ତି । ବରଂ ଉଚ୍ଚ ଜାତି ମଧ୍ୟ ନୀଚ ଜାତିଗୁଡିକର ସଂସ୍କୃତିର କେତେକ ଉପାଦାନକୁ ଗ୍ରହଣ କରିଥାଆନ୍ତି ।

**୧୨.** ଯୋଗେନ୍ଦ୍ର ସିଂହଙ୍କ ସଂସ୍କୃତକରଣକୁ ବିଚାରଧାରାକୁ ଗ୍ରହଣ କରୁଥିବା ପ୍ରକ୍ରିୟା ବୋଲି କହିଛନ୍ତି ଯେଉଁଥିରେ ନୀଚ ଜାତି ଉଚ୍ଚ ଜାତିର ପାପ-ପୂଣ୍ୟ, ଧର୍ମ-କର୍ମ, ମୋକ୍ଷ ଆଦି ବିଚାରଧାରାକୁ ଗ୍ରହଣ କରିଥାଏ ।

**୧୩.** ସଂସ୍କୃତକରଣ ଅନେକ ଅବଧାରଣାର ଏକ ଗୁଚ୍ଛ(Bundle) ଅଟେ । ଅର୍ଥାତ୍ ଏଥିରେ ବ୍ରାହ୍ମଣୀକରଣ, ସଂସ୍କୃତକରଣ, ଅନୁକରଣ ଆଦି ଅବଧାରଣା ରହିଥାଏ ।

## ସଂସ୍କୃତକରଣର କାରକ (Factors of Sanskritization)

**୧. ରାଜନୈତିକ କାରକ :** ଭାରତରେ ଇଂରେଜ ଶାସନ ସମୟରେ ଏକ ନୂତନ ପ୍ରକାରର ନ୍ୟାୟ ବ୍ୟବସ୍ଥା ପ୍ରଚଳନ ହୋଇଥିଲା । ଏହା ଦ୍ୱାରା ସମସ୍ତ ଜାତିର ସଦସ୍ୟମାନଙ୍କୁ ଆଇନ ଆଗରେ ସମାନ ଭାବରେ ବିଚାର କରାଯାଉଥିଲା । ଏହା ନୀଚ ଜାତିର ସଦସ୍ୟମାନଙ୍କୁ ଉଚ୍ଚ ଜାତିରେ ପ୍ରବେଶ ପାଇଁ ସାହାଯ୍ୟ କରିଥିଲା ।

**୨. ଔଦ୍ୟୋଗୀକରଣ :** ଇଂରେଜମାନେ ଭାରତେ ଶୀଳ୍ପୀକରଣ ପ୍ରକ୍ରିୟାକୁ ଆରମ୍ଭ କରିଥିଲେ । ଶିଳ୍ପୀକରଣ ଫଳରେ ଭାରତରେ ବିଭିନ୍ନ ସ୍ଥାନରେ ବହୁ କଳକାରଖାନାମାନ ଗଢି ଉଠିଥିଲା । ଫଳରେ ବିଭିନ୍ନ ଜାତିର ଲୋକମାନେ କଳକାରଖାନାରେ ଏକତ୍ର କାର୍ଯ୍ୟ କରିବା ପାଇଁ ପୂର୍ଣ୍ଣ ସୁଯୋଗ ପାଇଲେ । ଏହାଦ୍ୱାରା ବିଭିନ୍ନ ଜାତିର ଲୋକମାନେ ପରସ୍ପର ନିକଟବର୍ତ୍ତୀ ହେଲେ ଓ ସେମାନଙ୍କ ମଧ୍ୟରେ ଥିବା ଦୂରତା ଦୂରହୋଇ ପାରିଥିଲା ।

ଶିଳ୍ପୀକରଣ ପ୍ରକ୍ରିୟା ନୀଚ ଜାତିର ଲୋକମାନଙ୍କର ଜୀବନଧାରଣ ମାନକୁ ବୃଦ୍ଧି କରିବା ସହିତ ସମସ୍ତ ଜାତିର ଲୋକମାନଙ୍କୁ ଅର୍ଥ ସଂଗ୍ରହ ପାଇଁ ସୁବିଧାସୁଯୋଗ ପ୍ରଦାନ କରିଥାଏ । ଫଳରେ ବୃତ୍ତି ମନୋନୟନ କ୍ଷେତ୍ରରେ ଥିବା କଟକଣାରେ ବିଲୟ ଘଟିଲା । ନୀଚଜାତିର ଲୋକମାନେ ସେମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ଘଟାଇ ସମାଜରେ ଉଚ୍ଚ ପ୍ରସ୍ଥିତି ପାଇଁ ଇଚ୍ଛା ପ୍ରକାଶ କଲେ । ସେମାନେ ଉଚ୍ଚ ଜାତିଗୁଡିକର ପ୍ରଥା, ପରମ୍ପରା, ରୀତି, ନୀତି, ବିଶ୍ୱାସ, ବ୍ୟବସ୍ଥା ଏବଂ ଜୀବନଯାପନ ପ୍ରଣାଳୀକୁ କ୍ରମଶଃ ଅନୁକରଣ କରିବାକୁ ଲାଗିଲେ । ଫଳରେ ସଂସ୍କୃତକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହେଲା

**୩. ଶିକ୍ଷା ବିସ୍ତାର :** ଇଂରେଜମାନେ ଭାରତରେ ଶିକ୍ଷାର ବିସ୍ତାର ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କଲେ । ଫଳରେ ଭାରତରେ ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନ ଖୋଲାଗଲା । ଅନ୍ୟମାନଙ୍କ ସହିତ ନୀଚ ଜାତିର ଲୋକମାନେ ଯେଉଁମାନେ ପୂର୍ବରୁ ଶିକ୍ଷାରୁ ବଞ୍ଚିତ ହେଉଥିଲେ ସେମାନେ ଶିକ୍ଷାଲାଭ କରିବାର ସୁଯୋଗ ପାଇଲେ । ଫଳରେ ସେମାନେ ସେମାନଙ୍କର ପ୍ରସ୍ଥିତି ବୃଦ୍ଧି ସଂପର୍କରେ ସଚେତନ ହେଲେ । ଏହାଦ୍ୱାରା ସଂସ୍କୃତକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହେଲା ।

**୪. ଯୋଗାଯୋଗ ଓ ପରିବହନ ବ୍ୟବସ୍ଥା :** ଯୋଗାଯୋଗ ଓ ପରିବହନ ବ୍ୟବସ୍ଥାର ବିକାଶ ଦେଶର ବିଭିନ୍ନ ଭାଗ ତଥା ବିଭିନ୍ନ ସମୂହରେ ସଂସ୍କୃତକରଣ ପ୍ରକ୍ରିୟାର ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଯୋଗାଯୋଗ ଓ ପରିବହନ ବ୍ୟବସ୍ଥା ନୀଚ ଜାତିଗୁଗୁଡିକର ପାରମ୍ପରିକ ସଂସ୍କୃତିରେ ପରିବର୍ତ୍ତନ ଆଣିଛି ।

**୫. ଆର୍ଥିକ ବିକାଶ :** ଦେଶର ବିଭିନ୍ନ ଭାଗରେ ନିଚ୍ଚ ଜାତିଗୁଡିକ ନୂତନ ଆର୍ଥିକ ସୁବିଧାସୁଯୋଗର ଲାଭ ଉଠାଇ ଜୀବନ ଶୈଳୀକୁ ଉଚ୍ଚ ଜାତି ପରି ଉଚ୍ଚତର କରିବାରେ ସମର୍ଥ ହୋଇପାରିଛନ୍ତି ।

**୬. ସାମାଜିକ ସଂସ୍କାର ଆନ୍ଦୋଳନ :** ଦେଶର ବିଭିନ୍ନ ଭାଗର ନିମ୍ନ ଜାତିଗୁଡିକର ପରିସ୍ଥିତିର ସୁଧାରଣ ନିମନ୍ତେ ଏବଂ ସେଗୁଡିକର ସାମାଜିକ ପ୍ରସ୍ଥିତିକୁ ଉଚ୍ଚକୁ ଉଠାଇବା ନିମନ୍ତେ ଅନେକ ସଂସ୍କାର ଆନ୍ଦୋଳନ ସଂଗଠିତ ହୋଇଛି । ଆର୍ଯ୍ୟ ସମାଜ, ପ୍ରାର୍ଥନା ସମାଜ ଆଦିର ଆନ୍ଦୋଳନ ଫଳରେ ନୀଚ ଜାତିଗୁଡିକର ସାମାଜିକ ପ୍ରସ୍ଥିତିରେ ପରିବର୍ତ୍ତନ ଘଟିଛି ।

ଶ୍ରୀନିବାସ୍‌ଙ୍କ ମତରେ ଆର୍ଥିକ ପରିସ୍ଥିତିର ସୁଧାର, ରାଜନୈତିକ କ୍ଷମତା ପ୍ରାପ୍ତି, ଶିକ୍ଷା, ଯୋଗାଯୋଗ ଓ ପରିବହନ ଆଦି ସଂସ୍କୃତକରଣ ପ୍ରକ୍ରିୟା ନିମନ୍ତେ ଉତ୍ସାହଜନକ ହୋଇଛି ।

# ପଦ୍ଧତି

## (Methods)

### ପର୍ଯ୍ୟବେକ୍ଷଣ (Observation)

ପର୍ଯ୍ୟବେକ୍ଷଣ ବା ଅବଲୋକନ ବୈଜ୍ଞାନିକ ଅନୁସନ୍ଧାନରେ ତଥ୍ୟ ସଂଗ୍ରହର ଏକ ପୁରାତନ ପଦ୍ଧତି ଅଟେ । ସାମାଜିକ ବିଜ୍ଞାନୀମାନେ ସାମାଜିକ ଘଟଣାଗୁଡ଼ିକର ଅଧ୍ୟୟନ ନିମନ୍ତେ ପର୍ଯ୍ୟବେକ୍ଷଣ ପଦ୍ଧତିକୁ ବ୍ୟବହାର କରିଥାଆନ୍ତି । ସାମାଜିକ ଗବେଷଣାରେ ତଥ୍ୟ ସଂଗ୍ରହର ଏକ ପଦ୍ଧତି ଭାବରେ ବହୁ ପୂର୍ବରୁ ଏହା ବ୍ୟବହୃତ ହୋଇଆସୁଛି ।

### ପର୍ଯ୍ୟବେକ୍ଷଣର ଅର୍ଥ (Meaining of Observation)

ଇଂରାଜୀ ଶବ୍ଦ Observationର ଓଡ଼ିଆ ଶବ୍ଦ ପର୍ଯ୍ୟବେକ୍ଷଣର ଅର୍ଥ ହେଉଛି ଦେଖିବା ବା ନିରୀକ୍ଷଣ କରିବା ବା ଅବଲୋକନ କରିବା । କିନ୍ତୁ ସାମାଜିକ ଗବେଷଣାରେ ଏକ ବ୍ୟବସ୍ଥିତ ପଦ୍ଧତି ଭାବରେ ଏହାର ଏକ ପୃଥକ ଅର୍ଥ ରହିଥାଏ । ସଂକ୍ଷେପରେ କହିଲେ ନିରୀକ୍ଷଣର ଅର୍ଥ ହେଉଛି ପାରସ୍ପରିକ ସମ୍ବନ୍ଧକୁ ଜାଣିବା ନିମନ୍ତେ ସ୍ୱାଭାବିକରୂପେ ଘଟୁଥିବା ଘଟଣାର ସୂକ୍ଷ୍ମ ନିରୀକ୍ଷଣ । ଦୈନନ୍ଦିନ ଜୀବନରେ ଆମ ଚତୁପାର୍ଶ୍ୱରେ ଘଟୁଥିବା ଘଟଣାଗୁଡ଼ିକୁ ଆମେ ଦେଖିଥାଉ । ମାତ୍ର ଏସବୁକୁ ପର୍ଯ୍ୟବେକ୍ଷଣ କୁହାଯାଏ ନାହିଁ । କିନ୍ତୁ ଯଦି କୌଣସି ଉଦ୍ଦେଶ୍ୟ ରଖି ବ୍ୟବସ୍ଥିତ ଢ଼ଙ୍ଗରେ କୌଣସି ଘଟଣାକୁ ନିରୀକ୍ଷଣ କରାଯାଏ ସେତେବେଳେ ତାହାକୁ ପର୍ଯ୍ୟବେକ୍ଷଣ କୁହାଯାଏ । ପର୍ଯ୍ୟବେକ୍ଷଣ ହେଉଛି ଏକ ଅନୁଭୂତି, ଯାହା ପ୍ରାକୃତିକ ପରିସ୍ଥିତିରେ ହାସଲ କରାଯାଇଥାଏ । ଏଥିରେ କାନ ଅପେକ୍ଷା ନେତ୍ରର ପ୍ରୟୋଗ ନିହିତ ଥାଏ । ପ୍ରାକୃତିକ ପରିସ୍ଥିତିରେ ଘଟୁଥିବା ଘଟଣାକୁ ସଠିକ୍ ବା ତ୍ରୁଟିହୀନ ଭାବେ ଲକ୍ଷ୍ୟ କରିବା ଏବଂ ତାକୁ ଲିପିବଦ୍ଧ କରିବା ହେଉଛି ପର୍ଯ୍ୟବେକ୍ଷଣ । ଏହାକୁ ବିଧିପୂର୍ବକ ଅବଲୋକନ ମଧ୍ୟ କୁହାଯାଏ । ପର୍ଯ୍ୟବେକ୍ଷଣ କୌଣସି ଘଟଣା କିମ୍ବା ପାରସ୍ପରିକ ବ୍ୟବହାର ଉପରେ କେନ୍ଦ୍ରିତ ହୋଇଥାଏ ।

### ପର୍ଯ୍ୟବେକ୍ଷଣର ସଂଜ୍ଞା (Definition of Observation)

**ପି.ଭି. ୟଙ୍ଗ୍ (P.V. Young) :** "ପର୍ଯ୍ୟବେକ୍ଷଣ ଘଟଣାଗୁଡ଼ିକ ସ୍ୱାଭାବିକ ଭାବେ ଘଟୁଥିବା ସମୟରେ ଆଖି ଦ୍ୱାରା ସୁବ୍ୟବସ୍ଥିତ ଓ ସୁବିଚାରିତ ଭାବେ କରାଯାଇଥିବା ଅଧ୍ୟୟନ ଅଟେ ।"

(Observation is a systematic and deliberate study through the eyes of the spontaneous occurence at the time they occure).

**ସି.ଏ. ମୋଜର (C.A. Moser) :** "ପର୍ଯ୍ୟବେକ୍ଷଣ କାନ ଓ ବାଣୀ ଅପେକ୍ଷା ନେତ୍ରର ଅଧିକ ବ୍ୟବହାରକୁ ଦର୍ଶାଇଥାଏ ।"

(Observation implies greater use of eyes rathar than that of ears and voice)

ଉପରୋକ୍ତ ସଂଜ୍ଞାଗୁଡ଼ିକର ଅଧ୍ୟୟନରୁ ଏହା ସ୍ପଷ୍ଟ ଯେ ନିରୀକ୍ଷଣ ପ୍ରାଥମିକ ତଥ୍ୟ ସଂଗ୍ରହରର ପ୍ରତ୍ୟେକ୍ଷ ପଦ୍ଧତି ଅଟେ। ପର୍ଯ୍ୟବେକ୍ଷଣ କୌଣସି ବ୍ୟକ୍ତି ଦ୍ୱାରା କୁହାଯାଇଥିବା ବା ବ୍ୟକ୍ତିଠାରୁ କଥା ଉପରେ ବିଶ୍ୱାସ ନକରି ନିଜେ ଘଟଣାକୁ ଦେଖିବା ଓ ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ଦେବା। ସାମାଜିକ ଗବେଷଣାରେ ପ୍ରାଥମିକ ତଥ୍ୟ ସଂଗ୍ରହ ନିମନ୍ତେ ପର୍ଯ୍ୟବେକ୍ଷଣ ଏକ ମହତ୍ୱପୂର୍ଣ୍ଣ ପଦ୍ଧତି ଅଟେ।

### ପର୍ଯ୍ୟବେକ୍ଷଣର ଗୁଣାବଳୀ (Characteristics of Observation)

ପର୍ଯ୍ୟବେକ୍ଷଣର କେତେକ ପ୍ରମୁଖ ଗୁଣକୁ ନିମ୍ନରେ ଆଲୋଚନା କରାଗଲା।

**(୧) ମାନବ ଇନ୍ଦ୍ରିୟଗୁଡ଼ିକର ପୂର୍ଣ୍ଣ ଉପଯୋଗ (Full use of Human Senses) :** ନିରୀକ୍ଷଣ ପଦ୍ଧତିରେ ମାନବ ଇନ୍ଦ୍ରୀୟଗୁଡ଼ିକର ପୂର୍ଣ୍ଣ ଉପଯୋଗ ହୋଇଥାଏ। ଯଦିବା ନିରୀକ୍ଷଣରେ କାନ କିମ୍ବା ପାଟିର ବ୍ୟବହାର କରାଯାଇଥାଏ, ତଥାପି ସେଗୁଡ଼ିକୁ ଅପେକ୍ଷାକୃତ ଭାବେ କମ୍ ବ୍ୟବହାର କରାଯାଇ ଥାଏ। ଏଥିରେ ଆଖିର ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ।

**(୨) ସୁବିଋରିତ ଓ ସୂକ୍ଷ୍ମ ଅଧ୍ୟୟନ (Deliberate and Minute Study) :** ପର୍ଯ୍ୟବେକ୍ଷଣ ପଦ୍ଧତିରେ ଅଧ୍ୟୟନ ସବୁବେଳେ ସୁବିଋରିତ ଓ ସୂକ୍ଷ୍ମ ଅଟେ। ତେଣୁ ଏହା ସାଧାରଣ ପର୍ଯ୍ୟବେକ୍ଷଣ ଠାରୁ ଭିନ୍ନ ଅଟେ। ପ୍ରତ୍ୟେକ ମନୁଷ୍ୟ ସବୁବେଳେ କିଛି ନା କିଛି ଘଟଣାକୁ ଦେଖିଥାଏ। କିନ୍ତୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହାକୁ ପର୍ଯ୍ୟବେକ୍ଷଣ କୁହାଯାଇ ପାରିବ ନାହିଁ। ପର୍ଯ୍ୟବେକ୍ଷଣର ଏକ ଉଦ୍ଦେଶ୍ୟ ରହିଥାଏ ଏବଂ ଏହା ଅତ୍ୟନ୍ତ ସୂକ୍ଷ୍ମ ଅଟେ। ତେଣୁ ସୁବିଋରିତ ଓ ସୂକ୍ଷ୍ମ ନିରୀକ୍ଷଣ ହେଉଛି ପର୍ଯ୍ୟବେକ୍ଷଣ।

**(୩) ପ୍ରତ୍ୟେକ୍ଷ ଅଧ୍ୟୟନ (Direct Study) :** ପର୍ଯ୍ୟବେକ୍ଷଣର ଏକ ବିଶେଷତା ହେଲା ଯେ ଏଥିରେ ପ୍ରତ୍ୟେକ୍ଷ ଅଧ୍ୟୟନ କରାଯାଇଥାଏ। ଗବେଷକ ନିଜେ ଗବେଷଣା କ୍ଷେତ୍ରକୁ ଯାଇ ତଥ୍ୟ ସଂଗ୍ରହ କରି ତଥ୍ୟଗୁଡ଼ିକର ସଂପାଦନା (Editing) କରିଥାଏ।

**(୪) ପର୍ଯ୍ୟବେକ୍ଷଣ କାରଣ -ଫଳାଫଳ ସମ୍ବନ୍ଧକୁ ସ୍ପଷ୍ଟ କରିଥାଏ (Observation Explains Cause-effect Relationships) :** ଏହି ପଦ୍ଧତିର ଅନ୍ୟ ଏକ ବିଶେଷତା ହେଲା, ପର୍ଯ୍ୟବେକ୍ଷଣ ଦ୍ୱାରା କାରଣ ଓ ଫଳାଫଳ ମଧ୍ୟରେ ଥିବା ସଂପର୍କ ଜାଣିହୁଏ। ଯଦିଓ କୌଣସି ପ୍ରକାର ଗହନ ତଥା ଉଦ୍ଦେଶ୍ୟପୂର୍ଣ୍ଣ ନିରୀକ୍ଷଣକୁ ଆମେ ପର୍ଯ୍ୟବେକ୍ଷଣ ବୋଲି କହିଥାଉ, ଏକ ବୈଜ୍ଞାନିକ ପଦ୍ଧତି ଭାବରେ କାରଣ ଓ ଫଳାଫଳ ମଧ୍ୟରେ ଥିବା ସଂପର୍କକୁ ସ୍ପଷ୍ଟ କରିବା ଏହାର ଉଦ୍ଦେଶ୍ୟ ଅଟେ।

**(୫) ସାମୁହିକ ବ୍ୟବହାରର ଅଧ୍ୟୟନ (Study of Collective Behaviour) :** ସାମୁହିକ ବ୍ୟବହାରର ଅଧ୍ୟୟନ ନିମନ୍ତେ ପର୍ଯ୍ୟବେକ୍ଷଣ ପଦ୍ଧତିକୁ ବ୍ୟବହାର କରାଯାଇଥାଏ। ବ୍ୟକ୍ତିଗତ ବ୍ୟବହାରର ଅଧ୍ୟୟନ ନିମନ୍ତେ ଯେପରି ବ୍ୟକ୍ତିଗତ ଅଧ୍ୟୟନ ଉଦ୍ଦିଷ୍ଟ ସେହିପରି ସାମୁହିକ ବ୍ୟବହାରର ଅଧ୍ୟୟନ ନିମନ୍ତେ ପର୍ଯ୍ୟବେକ୍ଷଣ ଏକ ଉତ୍ତମ ପଦ୍ଧତି ଅଟେ।

## ପର୍ଯ୍ୟବେକ୍ଷଣର ପ୍ରକାର ଭେଦ (Types of Observation)

ଅଧ୍ୟୟନର ସୁବିଧା ନିମନ୍ତେ ପର୍ଯ୍ୟବେକ୍ଷଣକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇଛି । ବିଭିନ୍ନ ପ୍ରକାର ପର୍ଯ୍ୟବେକ୍ଷଣ ସମ୍ବନ୍ଧରେ ନିମ୍ନରେ ବର୍ଣ୍ଣନା କରାଗଲା :-

୧. ସହଭାଗୀ ପର୍ଯ୍ୟବେକ୍ଷଣ (Participant Observation)

୨. ଅସହଭାଗୀ ପର୍ଯ୍ୟବେକ୍ଷଣ (Non-participant Observation)

୩. ଅର୍ଦ୍ଧ-ସହଭାଗୀ ପର୍ଯ୍ୟବେକ୍ଷଣ (Qusiparticipant Observation)

୪. ସଂରଚିତ ପର୍ଯ୍ୟବେକ୍ଷଣ (Structured Observation)

୫. ଅସଂରଚିତ ପର୍ଯ୍ୟବେକ୍ଷଣ (Unstructured Observation)

୬. ଅନିୟନ୍ତ୍ରିତ ପର୍ଯ୍ୟବେକ୍ଷଣ (Uncontrolled Observation)

୭. ନିୟନ୍ତ୍ରିତ ପର୍ଯ୍ୟବେକ୍ଷଣ (Controlled Observation)

୮. ସାମୁହିକ ପର୍ଯ୍ୟବେକ୍ଷଣ (Man Observation)

**୧. ସହଭାଗୀ ପର୍ଯ୍ୟବେକ୍ଷଣ (Participant Observation)** : ଏହି ପ୍ରକାର ପର୍ଯ୍ୟବେକ୍ଷଣରେ ପର୍ଯ୍ୟବେକ୍ଷଣକର୍ତ୍ତା ଯେଉଁ ସମୂହ କିମ୍ବା ସମୁଦାୟର ଅଧ୍ୟୟନ କରେ ସେହି ସମୂହ କିମ୍ବା ସମୁଦାୟର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ବା ଜଣେ ସଦସ୍ୟ ରୂପେ ସମୂହ କିମ୍ବା ସମୁଦାୟର ସଦସ୍ୟଙ୍କ ବାସ୍ତବ ଜୀବନ ଓ କ୍ରିୟାକଳାପରେ ଅଂଶଗ୍ରହଣ କରିବା ସହିତ ପର୍ଯ୍ୟବେକ୍ଷଣ ବି କରିଥାଆନ୍ତି । ସେଥିପାଇଁ ଏହାକୁ ସହଭାଗୀ ପର୍ଯ୍ୟବେକ୍ଷଣ କୁହାଯାଏ । ସହଭାଗୀ ପର୍ଯ୍ୟବେକ୍ଷଣରେ ପର୍ଯ୍ୟବେକ୍ଷଣ କର୍ତ୍ତା ଅଧ୍ୟୟନ ସମୂହର ସଦସ୍ୟମାନଙ୍କ ସହିତ ଘନିଷ୍ଠ ସଂପର୍କ ସ୍ଥାପନ କରି ସମୂହକୁ ପର୍ଯ୍ୟବେକ୍ଷଣ କରିଥାଆନ୍ତି ।

ୟଙ୍ଗଙ୍କ ମତରେ, ଅନିୟନ୍ତ୍ରିତ ପର୍ଯ୍ୟବେକ୍ଷଣକୁ ପ୍ରୟୋଗ କରୁଥିବା ସହଭାଗୀ ପର୍ଯ୍ୟବେକ୍ଷଣ କର୍ତ୍ତା ଯେଉଁ ସମୂହର ଅଧ୍ୟୟନ କରୁଥାଆନ୍ତି, ସେହି ସମୂହରେ ବାସକରନ୍ତି ଏବଂ ସେହି ସମୂହର ଜୀବନଧାରାରେ ଭାଗନେଇଥାଆନ୍ତି ।

ଲୁଣ୍ଡବର୍ଗ (Lundberg)ଙ୍କ ଅନୁସାରେ, ପର୍ଯ୍ୟବେକ୍ଷକ ଅଳ୍ପ ବହୁତ ଅଧ୍ୟୟନ କରାଯାଇଥିବା ସମୂହର ସଦସ୍ୟଙ୍କ ପରି ହୋଇଯାଏ, ଅର୍ଥାତ୍ ସେ ସେହି ସମୂହରେ ବାସକରେ ଏବଂ ସେହି ସମୂହର ଦୈନନ୍ଦିନ ଜୀବନରେ ଅଂଶ ଗ୍ରହଣ କରେ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ପର୍ଯ୍ୟବେକ୍ଷଣକର୍ତ୍ତା ଏକ ସମୂହରେ ବାସକଲାବେଳେ ସମୂହର ସଦସ୍ୟଭାବେ ତାଙ୍କର ପ୍ରକୃତ ରିଚୟକୁ ଲୁଚାଇ ଥାଆନ୍ତି । ସହଭାଗୀ ପର୍ଯ୍ୟବେକ୍ଷଣରେ ପର୍ଯ୍ୟବେକ୍ଷଣକର୍ତ୍ତାଙ୍କୁ ମନେରଖିବାକୁ ହେବ ଯେ ସେ ସମୂହରେ ଅସ୍ଥାୟୀ ଭାବରେ ରହିବାକୁ ଆସିଛନ୍ତି । ସଂକ୍ଷେପରେ କହିଲେ ସହଭାଗୀ

ପର୍ଯ୍ୟବେକ୍ଷଣ ହେଉଛି ଏକ ପ୍ରକାର ପର୍ଯ୍ୟବେକ୍ଷଣ ଯେଉଁଥିରେ ପର୍ଯ୍ୟବେକ୍ଷଣକର୍ତ୍ତା ଅଧ୍ୟୟନ ସମୂହର ଜଣେ ସଦସ୍ୟରୂପେ ସମୂହରେ ବାସକରି ସଦସ୍ୟମାନଙ୍କର କାର୍ଯ୍ୟକଳାପକୁ ନିରୀକ୍ଷଣ କରିଥାଆନ୍ତି। ପ୍ରସିଦ୍ଧ ନୃବିଜ୍ଞାନୀ ମାଲିନୋସ୍କି (Malinowski) ପ୍ରଶାନ୍ତ ମହାସାଗର ତଟରେ ବାସକରୁଥିବା ଆଗୋନଟ୍ ନାମକ ଏକ ଜନଜାତିର ଅଧ୍ୟୟନ ସହଭୋଗୀ ପର୍ଯ୍ୟବେକ୍ଷଣ ପଦ୍ଧତିରେ କରିଥିଲେ। ଏ ପ୍ରକାର ପର୍ଯ୍ୟବେକ୍ଷଣରେ ଗବେଷକ ନିଜେ ପ୍ରତ୍ୟକ୍ଷଭାବରେ ଘଟଣା ସ୍ଥଳରେ ଉପସ୍ଥିତ ରହିଥାନ୍ତି।

ସହଭାଗୀ ପର୍ଯ୍ୟବେକ୍ଷଣର ଉଭୟ ଉପକାରିତା ଓ ଅପକାରିତା ରହିଛି। ତେବେ କେତେକ ନିର୍ଦ୍ଦିଷ୍ଟ ସାମାଜିକ ଘଟଣାର ଅଧ୍ୟୟନ ନିମନ୍ତେ ସହଭାଗୀ ପର୍ଯ୍ୟବେକ୍ଷଣ ଉପଯୋଗୀ ଅଟେ।

**୨. ଅସହଭାଗୀ ପର୍ଯ୍ୟବେକ୍ଷଣ (Non-participant Observation)** : ଅସହଯୋଗୀ ପର୍ଯ୍ୟବେକ୍ଷଣ ସହଭାଗୀ ପର୍ଯ୍ୟବେକ୍ଷଣର ବିପରୀତ ଅଟେ। ସହଯୋଗୀ ପର୍ଯ୍ୟବେକ୍ଷଣରେ ପର୍ଯ୍ୟବେକ୍ଷଣକର୍ତ୍ତା ଯେଉଁ ସମୂହ କିମ୍ବା ସମୁଦାୟର ଅଧ୍ୟୟନ କରନ୍ତି ସେହି ସମୂହ କିମ୍ବା ସମୁଦାୟର ସଦସ୍ୟଙ୍କ କ୍ରିୟାକଳାପରେ ଅଂଶଗ୍ରହଣ ନକରି ସମୂହର କ୍ରିୟାକଳାପକୁ ଦୂରରେ ରହି ବୈଜ୍ଞାନିକ ପଦ୍ଧତିରେ ନିରୀକ୍ଷଣ କରିଥାଆନ୍ତି। ଏହି ପ୍ରକାର ପର୍ଯ୍ୟବେକ୍ଷଣରେ ପର୍ଯ୍ୟବେକ୍ଷଣକର୍ତ୍ତା ସମୂହର ସଦସ୍ୟ ନହୋଇ ଏବଂ ସମୂହର ସାମୁହିକ ଜୀବନରେ ଅଂଶଗ୍ରହଣ ନକରି ସମୂହର ସଦସ୍ୟଙ୍କ କାର୍ଯ୍ୟକଳାପକୁ ନିରୀକ୍ଷଣ କରିଥାଆନ୍ତି। ଯେଉଁ ଘଟଣାଗୁଡିକର ଅଧ୍ୟୟନ ସହଭାଗୀ ପର୍ଯ୍ୟବେକ୍ଷଣ ଦ୍ୱାରା କରିହୁଏ ନାହିଁ ସେହି ଘଟଣାଗୁଡିକର ଅଧ୍ୟୟନ ନିମନ୍ତେ ଅସହଯୋଗୀ ପର୍ଯ୍ୟବେକ୍ଷଣ ପଦ୍ଧତିକୁ ବ୍ୟବହାର କରାଯାଇଥାଏ। ଉଦାହରଣସ୍ୱରୂପ, ଡକାୟତମାନଙ୍କ ଅଧ୍ୟୟନ ସହଭାଗୀ ପର୍ଯ୍ୟବେକ୍ଷଣ ଦ୍ୱାରା ସମ୍ଭବ ନୁହେଁ। ଏ କ୍ଷେତ୍ରରେ ଅସଯୋଗୀ ପର୍ଯ୍ୟବେକ୍ଷଣର ପ୍ରୟେଗ କରାଯାଇଥାଏ।

**୩. ଅର୍ଦ୍ଧ ସହଭାଗୀ ପର୍ଯ୍ୟବେକ୍ଷଣ (Qusiparticipant Observation)** : ଉପରୋକ୍ତ ଦୁଇ ପ୍ରକାରର ପର୍ଯ୍ୟବେକ୍ଷଣରୁ ଏହା ସ୍ପଷ୍ଟ ଯେ ପୂର୍ଣ୍ଣ ସହଭାଗୀ କିମ୍ବା ପୂର୍ଣ୍ଣ ଅସହଭାଗୀ ପର୍ଯ୍ୟବେକ୍ଷଣ ବେଳେବେଳେ ସମ୍ଭବ ହୋଇନଥାଏ। ଗୁଡେ ଏବଂ ହାଟ୍ (Goode & Hatt) ସହଭାଗୀ ପର୍ଯ୍ୟବେକ୍ଷଣ ଓ ଅସହଯୋଗୀ ପର୍ଯ୍ୟବେକ୍ଷଣର ମଧ୍ୟବର୍ତ୍ତୀ ମାର୍ଗକୁ ଆପଣେଇଛନ୍ତି, ଯାହାକୁ ସେମାନେ ଅର୍ଦ୍ଧ-ସହଭାଗୀ ପର୍ଯ୍ୟବେକ୍ଷଣର ସଂଜ୍ଞା ପ୍ରଦାନ କରିଛନ୍ତି। ଏହି ପ୍ରକାର ପର୍ଯ୍ୟବେକ୍ଷଣରେ ଯଦିଓ ଅଧ୍ୟୟନ କର୍ତ୍ତା ଏକ ଅଜଣା ବ୍ୟକ୍ତିରୂପେ ସମୂହର କାର୍ଯ୍ୟାକଳାପକୁ ନିରୀକ୍ଷଣ କରିଥାଆନ୍ତି, ତଥାପି ସେ ଅଧ୍ୟୟନ ସମୂହର ସଦସ୍ୟଙ୍କ କେତେକ ସାଧାରଣ କାର୍ଯ୍ୟରେ ଅଂଶଗ୍ରହଣ ବି କରିଥାଆନ୍ତି। ଯେତେବେଳେ ଏକ ଅଧ୍ୟୟନ ଆଂଶିକ ଭାବରେ ସହଭାଗୀ ଓ ଆଂଶିକ ଭାବରେ ଅସହଭାଗୀ ପର୍ଯ୍ୟବେକ୍ଷଣର ପ୍ରୟୋଗ କରାଯାଇଥାଏ ସେହି ପର୍ଯ୍ୟବେକ୍ଷଣକୁ ଅର୍ଦ୍ଧ-ସହଭାଗୀ ପର୍ଯ୍ୟବେକ୍ଷଣ କୁହାଯାଏ। ଏପ୍ରକାର ପର୍ଯ୍ୟବେକ୍ଷଣ ଉଭୟ ସହଭାଗୀ ଓ ଅସହଭାଗୀ ପର୍ଯ୍ୟବେକ୍ଷଣର ବୈଶିଷ୍ଟ୍ୟ ରହିଥାଏ।

**୪. ସଂରଚିତ ପର୍ଯ୍ୟବେକ୍ଷଣ (Structured Observation)** : ସଂରଚିତ ପର୍ଯ୍ୟବେକ୍ଷଣ ସଂଗଠିତ ଅଟେ ଯେଉଁଥିରେ ଔପଚାରିକ କାର୍ଯ୍ୟବିଧି ରହିଥାଏ। ଏହି ପ୍ରକାରର ପର୍ଯ୍ୟବେକ୍ଷଣରେ ପର୍ଯ୍ୟବେକ୍ଷଣ ଏକକ

(Unit)କୁ ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟଭାବେ ଉଲ୍ଲେଖ କରାଯିବା ଆବଶ୍ୟକ । ସଂରଚିତ ପର୍ଯ୍ୟବେକ୍ଷଣରେ ଗବେଷକ ଗବେଷଣା ଲକ୍ଷ୍ୟ (Objective)କୁ ଜାଣିଥାଏ ଏବଂ ସେହି ଅନୁସାରେ ତଥ୍ୟ ସଂଗ୍ରହ ଆରମ୍ଭ ପୂର୍ବରୁ ପର୍ଯ୍ୟବେକ୍ଷଣ ନିମନ୍ତେ ଯୋଜନା କରନ୍ତି ।

**୫. ଅସଂରଚିତ ପର୍ଯ୍ୟବେକ୍ଷଣ (Unstructured Observation)** : ବାସ୍ତବିକ ପରିସ୍ଥିତିରେ ପର୍ଯ୍ୟବେକ୍ଷଣ ନିମନ୍ତେ ଆଗୁଆ ଯୋଜନା କରିବା ସମ୍ଭବ ହୋଇନଥାଏ । ବିଶେଷ କରି ଅନ୍ୱେଷଣାତ୍ମକ (Eploratory) ଅଧ୍ୟୟନରେ ପର୍ଯ୍ୟବେକ୍ଷଣକୁ ସଂରଚିତ କରିବା ନିମନ୍ତେ ଗବେଷକଙ୍କର ଯଥେଷ୍ଟ ରହସ୍ୟ ଉଦ୍‌ଘାଟନର ସୂତ୍ର (Clues) ନଥାଏ । ଗବେଷକ ଯେଉଁ ପର୍ଯ୍ୟବେକ୍ଷଣ କରନ୍ତି ସେଥିରେ ପରିବର୍ତ୍ତନ ଆବଶ୍ୟକ ପଡିପାରେ । ଯେହେତୁ ଅସଂରିତ ପର୍ଯ୍ୟବେକ୍ଷଣ ନମନୀୟ, ଆବଶ୍ୟକ ପଡିଲେ ଫୋକସ୍‌ରେ ପରିବର୍ତ୍ତନ ନିମନ୍ତେ ଏହି ପର୍ଯ୍ୟବେକ୍ଷରେ ସୁବିଧା ମିଳିଥାଏ । ଅସଂରଚିତ ପର୍ଯ୍ୟବେକ୍ଷଣ ମୁକ୍ତରୂପେ ସଂଗଠିତ ହୋଇଥାଏ ଏବଂ ଗବେଷକ ପର୍ଯ୍ୟବେକ୍ଷଣରେ କେଉଁ ବିଷୟ ଉପରେ ଗୁରୁତ୍ୱ ଦେବେ ତାହା ତାଙ୍କ ଉପରେ ଛାଡିଦିଆଯାଏ ।

**୬. ଅନିୟନ୍ତ୍ରିତ ପର୍ଯ୍ୟବେକ୍ଷଣ (Un-controlled Observation)** : ଯେତେବେଳେ କୌଣସି ବାହ୍ୟ ଶକ୍ତି ଦ୍ୱାରା ପ୍ରଭାବିତ ନହୋଇ ପ୍ରାକୃତିକ ପର୍ଯ୍ୟାବରଣ ଏବଂ ଅବସ୍ଥାରେ କୌଣସି କ୍ରିୟା କିମ୍ବା ଘଟଣାର ପର୍ଯ୍ୟବେକ୍ଷଣ କରାଯାଏ ତାହାକୁ ଅନିୟନ୍ତ୍ରିତ ପର୍ଯ୍ୟବେକ୍ଷଣ କୁହାଯାଏ । ଗୁଡେ ଏବଂ ହାଟ୍ ଏହାକୁ ସରଳ ପର୍ଯ୍ୟବେକ୍ଷଣ (Simple Observation), ଜାହୋଦା ଏବଂ କୁକ୍ ଅସଂରଚିତ (Unstructured Observation) ପର୍ଯ୍ୟବେକ୍ଷଣ ନାମରେ ଅଭିହିତ କରିଛନ୍ତି । ଅନିୟନ୍ତ୍ରିତ ପର୍ଯ୍ୟବେକ୍ଷଣରେ ପର୍ଯ୍ୟବେକ୍ଷଣକର୍ତ୍ତାଙ୍କ ଉପରେ କୌଣସି ନିୟନ୍ତ୍ରଣ ରହିନଥାଏ । ତେଣୁ ପର୍ଯ୍ୟବେକ୍ଷଣ ତୃଟିଯୁକ୍ତ ହୋଇପାରେ ଏବଂ ପର୍ଯ୍ୟବେକ୍ଷଣକର୍ତ୍ତାଙ୍କ ଆଭିମୁଖ୍ୟ ଦ୍ୱାରା ପ୍ରଭାବିତ ହୋଇପାରେ । ତେବେ ଏହା ସତ୍ୟ ଯେ କେତେକ ଘଟଣାକୁ ଅନିୟନ୍ତ୍ରିତ ଭାବରେ ନିରୀକ୍ଷଣ କରିବାକୁ ହେବ ।

**୭. ନିୟନ୍ତ୍ରିତ ପର୍ଯ୍ୟବେକ୍ଷଣ (Controlled Observation)** : ଅନିୟନ୍ତ୍ରିତ ପର୍ଯ୍ୟବେକ୍ଷଣର ଦୋଷ ବା ତୃଟି ଯୋଗୁ ନିୟନ୍ତ୍ରିତ ପର୍ଯ୍ୟବେକ୍ଷଣର ବିକାଶ ଘଟିଛି । ଏହି ପର୍ଯ୍ୟବେକ୍ଷଣ ପଦ୍ଧତିରେ ଅନେକ ସାଧନ ଦ୍ୱାରା ପର୍ଯ୍ୟବେକ୍ଷଣକୁ ନିୟନ୍ତ୍ରଣ କରାଯାଏ । ଏହି ପ୍ରକାର ପର୍ଯ୍ୟବେକ୍ଷଣର ଏକ ବିଶେଷତା ହେଲା ଯେ ଏଥିରେ ପର୍ଯ୍ୟବେକ୍ଷଣକର୍ତ୍ତାଙ୍କ ଉପରେ ନିୟନ୍ତ୍ରଣ ରହିବା ସହିତ ନିରୀକ୍ଷଣ କରାଯାଉଥିବା ସାମାଜିକ ଘଟଣା ଉପରେ ମଧ୍ୟ ନିୟନ୍ତ୍ରଣ ପ୍ରୟୋଗ କରାଯାଇଥାଏ । ଏଥିରେ ପ୍ରଥମେ ପର୍ଯ୍ୟବେକ୍ଷଣର ସଂପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରାଯାଏ ଓ ନିରୀକ୍ଷଣ କରାଯାଏ । ନିୟନ୍ତ୍ରିତ ପର୍ଯ୍ୟବେକ୍ଷଣରେ ନିରୀକ୍ଷଣ କରାଯାଉଥିବା ଘଟଣାକୁ ନିୟନ୍ତ୍ରଣ କରାଯାଇଥାଏ । ଏହି ପର୍ଯ୍ୟବେକ୍ଷଣର ଅନ୍ୟ କଥାଟି ହେଲା ସ୍ୱୟଂ ପର୍ଯ୍ୟବେକ୍ଷଣକର୍ତ୍ତାଙ୍କୁ ନିୟନ୍ତ୍ରଣ କରାଯାଇଥାଏ । ସେ କେତେକ ସାଧନ ବା ଉପକରଣ ଯଥା, ଅନୁସୂଚୀ ଓ ପ୍ରଶ୍ନାବଳୀ ଇତ୍ୟାଦିର ବ୍ୟବହାର କରି ନିଜକୁ ନିୟନ୍ତ୍ରଣ କରନ୍ତି ।

**୮. ସାମୁହିକ ପର୍ଯ୍ୟବେକ୍ଷଣ (Mass Observation) :** ନିୟନ୍ତ୍ରିତ ଓ ଅନିୟନ୍ତ୍ରିତ ପର୍ଯ୍ୟବେକ୍ଷଣର ଏକ ସୁନ୍ଦର ମିଶ୍ରଣ ହେଉଛି ସାମୁହିକ ପର୍ଯ୍ୟବେକ୍ଷଣ। ସାମାଜିକ ଘଟଣା ଏତେ ବ୍ୟାପକ ଓ ଜଟୀଳ ଯେ ଜଣେ ପର୍ଯ୍ୟବେକ୍ଷଣକର୍ତ୍ତା ଏହାକୁ ଅଧ୍ୟୟନ କରିପାରନ୍ତି ନାହିଁ। ତେଣୁ ବେଳେବେଳେ ଘଟଣାର ପର୍ଯ୍ୟବେକ୍ଷଣ ନିମନ୍ତେ ଏକାଧିକ ପର୍ଯ୍ୟବେକ୍ଷଣକର୍ତ୍ତାଙ୍କ ଆବଶ୍ୟକ ପଡେ। ଯେତେବେଳେ ପର୍ଯ୍ୟବେକ୍ଷଣ ଜଣେ ବ୍ୟକ୍ତିଙ୍କ ଦ୍ୱାରା ନହୋଇ ଅନେକ ବ୍ୟକ୍ତିଙ୍କ ଦ୍ୱାରା ସାମୁହିକ ଭାବେ ହୁଏ ସେତେବେଳେ ତାହାକୁ ସାମୁହିକ ପର୍ଯ୍ୟବେକ୍ଷଣ କୁହାଯାଏ।

## ଉପକରଣ ଓ କୌଶଳ
## (Tools and Techniques)

ସାମାଜିକ ଗବେଷଣାରେ ଦୁଇଟି ଉତ୍ସରୁ ତଥ୍ୟ ସଂଗ୍ରହ କରାଯାଇଥାଏ। ସେଗୁଡିକ ହେଲା – ପ୍ରାଥମିକ ଉତ୍ସ (Primary Source) ଓ ଦ୍ୱିତୀୟକ ଉତ୍ସ (Secondary Source)। ପ୍ରାଥମିକ ଉତ୍ସରୁ ସଂଗ୍ରହ କରାଯାଉଥିବା ତଥ୍ୟକୁ ପ୍ରାଥମିକ ତଥ୍ୟ କୁହାଯାଏ ଏବଂ ଏହାକୁ ଗବେଷକ ପ୍ରଥମ କରି ସଂଗ୍ରହ କରନ୍ତି। ଦ୍ୱିତୀୟକ ତଥ୍ୟ ଆଗରୁ ସଂହୃତ ହୋଇ ରହିଥାଏ। ଗବେଷକ ନିଜର ତଥ୍ୟ ସଂଗ୍ରହ ନିମନ୍ତେ ଉପଲବ୍ଧ ଉପକରଣଗୁଡିକ ମଧ୍ୟରୁ ଗୋଟିଏ ଉପକରଣ ଚୟନ କରନ୍ତି। ତଥ୍ୟ ସଂଗ୍ରହର ଉପକରଣ ହେଲା ପ୍ରଶ୍ନାବଳୀ (Questionnaire) ଏବଂ ଅନୁସୂଚୀ (Schedule) ବୈଜ୍ଞାନିକ ପଦ୍ଧତି ଆଧାରରେ ଉପକରଣ ଦ୍ୱାରା ଉତ୍ତରଦାତା (Respondents)ଙ୍କ ଠାରୁ ତଥ୍ୟ ସଂଗ୍ରହ ନିମନ୍ତେ ବିଭିନ୍ନ କୌଶଳର ପ୍ରୟୋଗ କରାଯାଇଥାଏ।

## ପ୍ରଶ୍ନାବଳୀ (Questionnaire)

### ପ୍ରଶ୍ନାବଳୀର ଅର୍ଥ (Meaining of Questionnaire)

ଗବେଷଣା ସମ୍ବନ୍ଧିତ ଉତ୍ତରଦାତାଙ୍କ ଠାରୁ ପ୍ରାଥମିକ ତଥ୍ୟ ସଂଗ୍ରହ କରିବା ନିମନ୍ତେ ପ୍ରଶ୍ନାବଳୀକୁ ଏକ ଉପକରଣଭାବେ ବ୍ୟବହାର କରାଯାଇଥାଏ। ପ୍ରଶ୍ନାବଳୀ ହେଉଛି ଗବେଷଣା ସମ୍ବନ୍ଧିତ ବିଭିନ୍ନ ପ୍ରଶ୍ନର ଏକ ସୂଚୀ। ଏହା ହେଉଛି ଦସ୍ତାବିଜ୍ (Document) ଯେଉଁଥିରେ ପ୍ରଶ୍ନଗୁଡିକର ଏକ ସେଟ୍ (Set) ରହିଥାଏ। ପ୍ରଶ୍ନାଳବୀ ସାଧାରଣତଃ ଡାକ ଯୋଗେ ଉତ୍ତରଦାତାଙ୍କ ନିକଟକୁ ପଠାଯାଉଥିବାରୁ ଏହାକୁ ଡାକ ଦ୍ୱାରା ପ୍ରେରିତ ପ୍ରଶ୍ନାବଳୀ (Mailed Questionnaire) ବୋଲି କୁହାଯାଏ। ପ୍ରଶ୍ନାବଳୀକୁ ମଧ୍ୟ ଉତ୍ତରଦାତାଙ୍କୁ ବ୍ୟକ୍ତିଗତ ଭାବରେ ଦିଆଯାଇପାରେ। ଉତ୍ତରଦାତା ପ୍ରଶ୍ନାବଳୀରେ ଥିବା ପ୍ରଶ୍ନଗୁଡିକର ଉତ୍ତର ନିଜେ ଲିପିବଦ୍ଧ କରନ୍ତି। ଯେତେବେଳେ ଉତ୍ତରଦାତାମାନେ ଏକ ବୃହତ ଅଞ୍ଚଳରେ ବିକ୍ଷିପ୍ତ ଭାବରେ ରହିଥାଆନ୍ତି ଏବଂ ଗବେଷଣା ଖର୍ଚ୍ଚ କମ୍ କରିବାକୁ ହୁଏ, ସେତେବେଳେ ପ୍ରଶ୍ନାବଳୀ ବ୍ୟବହାର କରାଯାଇଥାଏ।

**ସଂଜ୍ଞା (Definitios)**

**ଗୁଡେ ଏବଂ ହାଟ୍ (Goode & Hatt) :** "ଏକ ଫର୍ମକୁ ବ୍ୟବହାର କରି ପ୍ରଶ୍ନଗୁଡିକର ଉତ୍ତରପ୍ରାପ୍ତ କରିବା ନିମନ୍ତେ ପ୍ରଶ୍ନାବଳୀ ହେଉଛି ଏକ ଉପକରଣ ଯାହାକୁ କି ଉତ୍ତରଦାତା ନିଜେ ପୂରଣ କରିଥାଆନ୍ତି।"

(It is a device for securing answers to questions by using a form which the respondents fills himself)

**ବୋଗାର୍ଡସ୍ (Bogardus) :** "ପ୍ରଶ୍ନାବଳୀ ବିଭିନ୍ନ ବ୍ୟକ୍ତିଙ୍କୁ ଉତ୍ତର ଦେବା ନିମନ୍ତେ ଦିଆଯାଉଥିବା ପ୍ରଶ୍ନଗୁଡ଼ିକର ଏକ ତାଲିକା ଅଟେ।"

( A questionnaire is a list of questions to a number of persons to answer)

ଉପରୋକ୍ତ ସଂଜ୍ଞାଗୁଡ଼ିକର ଆଧାରରେ ଆମେ କହିପାରିବା ଯେ ପ୍ରଶ୍ନାବଳୀ ଏକ ସ୍ୱତନ୍ତ୍ର ପ୍ରକାରର ସୂଚୀ ଯେଉଁଥିରେ ଅଧ୍ୟୟନ ସମ୍ବନ୍ଧୀୟ ପ୍ରଶ୍ନଗୁଡ଼ିକ ରହିଥାଏ। ପ୍ରଶ୍ନଗୁଡ଼ିକ ଉତ୍ତର ପ୍ରାପ୍ତି ନିମନ୍ତେ ବା ତଥ୍ୟ ସଂଗ୍ରହ ନିମନ୍ତେ ଉତ୍ତରଦାତାଙ୍କ ନିକଟକୁ ଡାକ ଦ୍ୱାରା ପଠାଯାଇଥାଏ କିମ୍ବା ବ୍ୟକ୍ତିଗତ ଭାବେ ଦିଆଯାଇଥାଏ। ଉତ୍ତରଦାତା ବା ସୂଚନାଦାତାଙ୍କ ଠାରୁ ପ୍ରାଥମିକ ତଥ୍ୟ ସଂଗ୍ରହ ନିମନ୍ତେ ଏହା ହେଉଛି ଏକ ଉପକରଣ।

ପ୍ରଶ୍ନାବଳୀକୁ ଗବେଷଣ ନିର୍ମାଣ କରିଥାଆନ୍ତି। ପ୍ରଶ୍ନାବଳୀ ତିନୋଟି ଅଂଶ (Parts)ରେ ବିଭକ୍ତ କରାଯାଇପାରେ :

୧. ପରିଚୟାତ୍ମକ ଅଂଶ (Introductory Part)

୨. ସାମାଜିକ ପୃଷ୍ଠଭୂମି ଏବଂ ତଥ୍ୟ (Social Bakground & data)

୩. ଗବେଷଣାର ବିଷୟବସ୍ତୁ (Subject-matter of Research)

ଗବେଷଣାର ନାମ, ଗବେଷଣା କରୁଥିବା ବ୍ୟକ୍ତି କିମ୍ବା ସଂଗଠନର ନାମ ଇତ୍ୟାଦି ପ୍ରଶ୍ନ ପରିଚୟାତ୍ମକ ଅଂଶର ଅନ୍ତର୍ଭୁକ୍ତ ଦେଇଥାଏ ସାମାଜିକ ପୃଷ୍ଠଭୂମିରେ ଉତ୍ତରଦାତାଙ୍କ ପରିବାର ସଦସ୍ୟଙ୍କ ସଂଖ୍ୟା, ପରିବାର ଆୟ ଇତ୍ୟାଦି ପ୍ରଶ୍ନ ରହିଥାଏ। ଗବେଷଣା ବିଷୟବସ୍ତୁ ଅଂଶରେ ଗବେଷଣା ସମ୍ବନ୍ଧିତ ପ୍ରଶ୍ନ ରହିଥାଏ।

## ପ୍ରଶ୍ନାବଳୀର ଉପକାରିତା (Merits of Questionnaire)

ଗବେଷଣା କାର୍ଯ୍ୟରେ ପ୍ରାଥମିକ ତଥ୍ୟ ସଂଗ୍ରହ ନିମନ୍ତେ ଯେଉଁ ଉପକରଣ ରହିଥାଏ ସେଥିମଧ୍ୟରୁ ପ୍ରଶ୍ନାବଳୀର ନିଜସ୍ୱ ଗୁରୁତ୍ୱ ରହିଥାଏ। ଯାହାକି ବ୍ୟକ୍ତିର ତଥ୍ୟ ସଂଗ୍ରହ କାର୍ଯ୍ୟକୁ ସରଳ କରିଦିଏ। ପ୍ରଶ୍ନାବଳୀର ଅନେକ ଉପକାରିତା ରହିଛି। ସେ ସମ୍ବନ୍ଧରେ ନିମ୍ନରେ ଆଲୋଚନା କରାଗଲା।

**(୧) ବିସ୍ତୃତ ଉତ୍ତରଦାତାଙ୍କୁ ଅନ୍ତର୍ଭୁକ୍ତ କରେ (Coverage of Larger Population) :** ପ୍ରଶ୍ନାବଳୀର ସବୁଠାରୁ ବଡ଼ ଉପଯୋଗିତା ହେଉଛି ଏହାଦ୍ୱାରା ବିଶାଳ କ୍ଷେତ୍ରରେ ବିକ୍ଷିପ୍ତ ଭାବରେ ରହୁଥିବା ଉତ୍ତରଦାତାଙ୍କଠାରୁ ତଥ୍ୟ ସଂଗ୍ରହ କରିବା ସହଜ ହୋଇଥାଏ। ଅନୁସୂଚୀ (Schedule) ଦ୍ୱାରା ବୃହତ ଅଞ୍ଚଳରେ ତଥ୍ୟ ସଂଗ୍ରହ କଷ୍ଟକର। କିନ୍ତୁ ପ୍ରଶ୍ନାବଳୀ ଦ୍ୱାରା ବୃହତ କ୍ଷେତ୍ରରେ ତଥ୍ୟ ସଂଗ୍ରହ ସୁବିଧାଜନକ।

**(୨) ନିମ୍ନତମ ଖର୍ଚ୍ଚ (Minimum Expenses) :** ଅନ୍ୟ ପଦ୍ଧତି ଏବଂ ଉପକରଣ ଦ୍ୱାରା ତଥ୍ୟ ସଂଗ୍ରହ ଅପେକ୍ଷା ପ୍ରଶ୍ନାବଳୀ ଦ୍ୱାରା ତଥ୍ୟ ସଂଗ୍ରହରେ ଖର୍ଚ୍ଚ କମ୍ ହୁଏ। ପ୍ରଶ୍ନାବଳୀରେ ମୁଖ୍ୟତଃ କାଗଜ, ମୁଦ୍ରଣ ତଥା ଡାକ ସମ୍ବନ୍ଧିତ ଖର୍ଚ୍ଚ ହୋଇଥାଏ ଯାହା ଅଧିକ ହୋଇନଥାଏ। ଏଥିରେ କମ୍ ସଂଖ୍ୟକ କ୍ଷେତ୍ର କର୍ମକର୍ତ୍ତାଙ୍କ ଆବଶ୍ୟକ ପଡ଼ିଥାଏ।

**(୩) ସମୟ ସଞ୍ଚୟ (Time Saving) :** ପ୍ରଶ୍ନାବଳୀ ଦ୍ୱାରା ସ୍ୱଳ୍ପ ସମୟ ମଧ୍ୟରେ ତଥ୍ୟ ସଂଗ୍ରହ କରିବା ସମ୍ଭବ । କାରଣ ପ୍ରଶ୍ନାବଳୀକୁ ଏକ ସମୟରେ ଉତ୍ତରଦାତାମାନଙ୍କ ନିକଟକୁ ପଠାଇ ଦିଆଯାଏ । କିଛି ଦିନ ମଧ୍ୟରେ ଏଗୁଡ଼ିକୁ ଉତ୍ତରଦାତା ଫେରେଇ ଦିଅନ୍ତି । ଅନୁସୂଚୀ, ସାକ୍ଷାତକାର ଆଦି କ୍ଷେତ୍ରରେ ଗବେଷକ ଜଣକ ପରେ ଜଣେ ଉତ୍ତରଦାତାଙ୍କଠାରୁ ତଥ୍ୟ ସଂଗ୍ରହ କରିଥାଆନ୍ତି । ଯେଉଁଥିପାଇଁ ବହୁତ ସମୟ ଦରକାର । କିନ୍ତୁ ପ୍ରଶ୍ନାବଳୀ ଦ୍ୱାରା ସ୍ୱଳ୍ପ ସମୟ ଭିତରେ ତଥ୍ୟ ସଂଗ୍ରହ ସମ୍ଭବ ହୋଇଥାଏ ।

**(୪) ଥରକୁ ଥର ସୂଚନା ପ୍ରାପ୍ତକରିବା ସହଜ (Easy to get Repetitive Information) :** ଏମିତି କେତେକ ଗବେଷଣା ରହିଛି ଯେଉଁଥିରେ ଗବେଷଣାରେ ନିର୍ଦ୍ଧାରିତ ସମୟ ଭିତରେ ଏକାଧିକ ଥର ତଥ୍ୟ ସଂଗ୍ରହ କରିବାକୁ ପଡ଼ିଥାଏ । ଏହି ପ୍ରକାର ଗବେଷଣାରେ ପ୍ରଶ୍ନାବଳୀ ସବୁଠାରୁ ଉତ୍ତମ ଅଟେ । କାରଣ ପ୍ରଶ୍ନାବଳୀ ଦ୍ୱାରା ତଥ୍ୟ ସଂଗ୍ରହରେ ସ୍ୱଳ୍ପ ଖର୍ଚ୍ଚ ହୁଏ ।

**(୫) ଉତ୍ତରଦାତାଙ୍କ ସୁବିଧା (Convinience of Respondents) :** ପ୍ରଶ୍ନାବଳୀ ଉତ୍ତରଦାତାଙ୍କ ନିମନ୍ତେ ସୁବିଧାଜନକ ଅଟେ । ଉତ୍ତରଦାତା ନିଜର ବଳକା ସମୟରେ ନିଜର ସୁବିଧା ଅନୁସାରେ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତି । ଏକ ସମୟରେ ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ତାଙ୍କୁ ବାଧ୍ୟ କରାଯାଏ ନାହିଁ ।

**(୬) ଅଧିକ ବିଧିସିଦ୍ଧତା (Greater Validity) :** ପ୍ରଶ୍ନାବଳୀର ଅନ୍ୟ ଉପକାରିତା ହେଲା ଏହା ଦ୍ୱାରା ସଂଗୃହିତ ତଥ୍ୟ ଅଧିକ ବିଧିସିଦ୍ଧ (Valid) ଅଟେ । ପ୍ରଶ୍ନାବଳୀ କ୍ଷେତ୍ରରେ ଉତ୍ତରଦାତାଙ୍କର ସୂଚନା ପ୍ରଦାନରେ ସ୍ୱାଧୀନତା ରହିଥାଏ । ଅନୁସୂଚୀ, ସାକ୍ଷାତକାର ଆଦିରେ ଗବେଷକ ନିଜେ ଉପସ୍ଥିତ ରହି ତଥ୍ୟ ସଂଗ୍ରହ କରିଥାଆନ୍ତି । ସେ ଉପସ୍ଥିତ ରହିବା ସମୟରେ ଉତ୍ତରଦାତାଙ୍କ ମତାମତକୁ ପ୍ରଭାବିତ କରିପାରନ୍ତି । କିନ୍ତୁ ପ୍ରଶ୍ନାବଳୀ ଦ୍ୱାରା ତଥ୍ୟ ସଂଗ୍ରହ ସମୟରେ ଗବେଷକ ଉପସ୍ଥିତ ରହୁନଥିବାରୁ ଉତ୍ତରଦାତା ସ୍ୱାଧୀନଭାବରେ ନିଜସ୍ୱ ମତ ଆଧାରରେ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିଥାଆନ୍ତି । ତେଣୁ ସୂଚନାଗୁଡ଼ିକ ଗବେଷକଙ୍କ ପ୍ରଭାବରୁ ମୁକ୍ତ ଅଟେ ଏବଂ ଅଧିକ ବିଧିସିଦ୍ଧ ଅଟେ ।

**(୭) ଭିନ୍ନତା ନଥାଏ (No Variation) :** ପ୍ରଶ୍ନାବଳୀ ହେଉଛି ଦୃଢ଼ ବା ସ୍ଥିର, ସୁସଙ୍ଗ (Consistent) ଏବଂ ଏକପ୍ରକାର ତ ଏଥିରେ କୌଣସି ଭିନ୍ନତା ନଥାଏ ।

**(୮) ଅଧିକତମ ନମନୀୟ (Most Flexiable) :** ତଥ୍ୟ ସଂଗ୍ରହର ଏକ ଉପକରଣ ଭାବରେ ଏହା ଅଧିକତମ ନମନୀୟ ଅଟେ । ଗୁଣାତ୍ମକ ଓ ପରିମାଣାତ୍ମକ ତଥ୍ୟ ସଂଗ୍ରହରେ ଏହା ନମନୀୟ ଅଟେ ।

### ପ୍ରଶ୍ନାବଳୀର ଅପକାରିତା (Demerits of Questionnaire)

ପ୍ରଶ୍ନାବଳୀର ଉପକାରିତା ଥିଲେ ମଧ୍ୟ ଏହାର କେତେକ ଅପକାରିତା ବା ସୀମା (Limitation) ରହିଥାଏ । ଏହାର ବ୍ୟବହାର କରିବାରେ କେତେକ ଅସୁବିଧା ରହିଥାଏ । ପ୍ରଶ୍ନାବଳୀର ଅପକାରିତା ବା ଅସୁବିଧାଗୁଡ଼ିକୁ ନିମ୍ନରେ ଆଲୋଚନା କରାଗଲା ।

**(୧) କେବଳ ଶିକ୍ଷିତ ଉତ୍ତରଦାତାଙ୍କ ନିମନ୍ତେ ପ୍ରୟୋଗଯୋଗ୍ୟ (Applicable to Educated Respondents only) :** ପ୍ରଶ୍ନାବଳୀର ପ୍ରୟୋଗ ସିମୀତ ଅଟେ । କେବଳ ଶିକ୍ଷିତ ବ୍ୟକ୍ତିମାନଙ୍କ ନିମନ୍ତେ

ଏହାକୁ ବ୍ୟବହାର କରାଯାଇଥାଏ । ସାଧାରଣଭାବେ ସାକ୍ଷର ଲୋକଙ୍କଠାରୁ ତଥ୍ୟ ସଂଗ୍ରହ ନିମନ୍ତେ ପ୍ରଶ୍ନାବଳୀକୁ ବ୍ୟବହାର କରାଯାଇ ପାରିବ ନାହିଁ ।

**(୨) ସ୍ୱଳ୍ପ ଉତ୍ତର (Low Response) :** ପ୍ରଶ୍ନାବଳୀର ଫେରସ୍ତ ହାର ନିମ୍ନ ଅଟେ । ବାସ୍ତବରେ ଦେଖାଯାଏ ଯେ କମ୍ ସଂଖ୍ୟକ ଉତ୍ତରଦାତା ପ୍ରଶ୍ନାବଳୀକୁ ପୂରଣକରି ଫେରସ୍ତ କରନ୍ତି । ସାଧାରଣତଃ ପ୍ରଶ୍ନାବଳୀର ପେରସ୍ତ ହାର ମାତ୍ର ୩୦% ରୁ ୪୦% ହୋଇଥାଏ ।

**(୩) ଅସଂପୂର୍ଣ୍ଣ ଉତ୍ତର ଲିଖନ (Incomplete Entries) :** ଅଧିକାଂଶ ପ୍ରଶ୍ନାବଳୀ ଫର୍ମ ସମ୍ପୂର୍ଣ୍ଣଭାବେ ପୂରଣ ହୋଇନଥାଏ । କେତେକ ପ୍ରଶ୍ନାବଳୀ ଆଦୌ ପୂରଣ ହୋଇନଥାଏ । ଏହାଛଡ଼ା କେତେକ ଉତ୍ତର ସଠିକ୍‌ଭାବେ ଦିଆଯାଇନଥାଏ ।

**(୪) ବ୍ୟକ୍ତିଗତ ସଂପର୍କରେ ଅଭାବ (Lack of Personal Contact) :** ପ୍ରଶ୍ନାବଳୀ କ୍ଷେତ୍ରରେ ଗବେଷକ ଓ ଉତ୍ତରଦାତାଙ୍କ ମଧ୍ୟରେ କୌଣସି ସଂପର୍କ ସ୍ଥାପିତ ହୁଏ ନାହିଁ । ତେଣୁ ଯଦି ଉତ୍ତରଦାତାଙ୍କର ପ୍ରଶ୍ନ ସମ୍ବନ୍ଧରେ କୌଣସି ସନ୍ଦେହ ଉପୁଜେ ତେବେ ତାଙ୍କର ସନ୍ଦେହକୁ ଦୂରକରାଯାଇ ପାରେନାହିଁ । ବେଳେବେଳେ ଉତ୍ତରଦାତା ପ୍ରଶ୍ନକୁ ଠିକ୍ ଭାବେ ନବୁଝି ଉତ୍ତର ଲେଖି ଦିଅନ୍ତି । ଫଳରେ ଉତ୍ତର ଗୁଡ଼ିକ ନିର୍ଭରଯୋଗ୍ୟ ହୁଏ ନାହିଁ ।

**(୫) ଖରାପ ହସ୍ତାକ୍ଷର ସମସ୍ୟା (Bad Handwriting) :** ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିଲାବେଳେ ଉତ୍ତରଦାତା ଏପରି ଅକ୍ଷର ଲେଖିଥାଆନ୍ତି, ଯାହାକୁ ପଢ଼ିବା କଷ୍ଟକର ହୋଇପଡିଥାଏ । ଏହାଛଡ଼ା ଅସ୍ୱଷ୍ଟ ଲେଖା କିମ୍ବା କଟାକଟି ଉତ୍ତର ପ୍ରାପ୍ତିରେ ସମସ୍ୟା ସୃଷ୍ଟିକରେ ।

**(୬) ଉତ୍ତରପ୍ରାପ୍ତିରେ ସମସ୍ୟା (Problem of Getting Response) :** ଦେଖାଯାଇଛି ଯେ ଗବେଷକ ଉତ୍ତରଦାତାଙ୍କୁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ସମସ୍ତ ପ୍ରଶ୍ନାବଳୀ ଫେରସ୍ତ ଆସେ ନାହିଁ । କେତେକ ଉତ୍ତରଦାତା ପ୍ରଶ୍ନାବଳୀ ଆଦୌ ଫେରାନ୍ତି ନାହିଁ । ଅନ୍ୟାନ୍ୟ କାରଣରୁ ମଧ୍ୟ ଉତ୍ତରପ୍ରାପ୍ତିରେ ସମସ୍ୟା ଦେଖାଯାଏ ।

**(୭) ଗଭୀର ଅଧ୍ୟୟନ ଅସମ୍ଭବ (Impossibility of Deeper Study) :** ପ୍ରଶ୍ନାବଳୀ କ୍ଷେତ୍ରରେ ଉତ୍ତରଦାତାଙ୍କ ଭାବନା, ପ୍ରତିକ୍ରିୟା ଓ ଆବେଗକୁ ଗଭୀରଭାବେ ଅନୁସନ୍ଧାନ (Probe) କରିବା ଗବେଷକଙ୍କ ପକ୍ଷେ ସମ୍ଭବ ନୁହେଁ । ଏଥିପାଇଁ ଉପଯୁକ୍ତ ବାତାବରଣର ଆବଶ୍ୟକତା ରହିଥାଏ ଯାହାକି ଗବେଷକଙ୍କ ଉପସ୍ଥିତିରେ ସମ୍ଭବ ହୁଏ । ଗବେଷକଙ୍କ ଅନୁପସ୍ଥିତିରେ ଗଭୀର ଅଧ୍ୟୟ ସମ୍ଭବ ହୁଏନାହିଁ ।

ଉପରୋକ୍ତ ଅସୁବିଧା କାରଣରୁ ଅନେକ ସାମାଜିକ ସମସ୍ୟାର ଅଧ୍ୟୟନ ନିମନ୍ତେ ପ୍ରଶ୍ନାବଳୀ ଉପଯୋଗୀ ନୁହେଁ ।

## ଅନୁସୂଚୀ
## (Schedule)

### ଅନୁସୂଚୀର ଅର୍ଥ (Meaining of Schedule)

ସାମାଜିକ ଗବେଷଣାରେ ଅନୁସୂଚୀ ହେଉଛି ତଥ୍ୟ ସଂଗ୍ରହର ଏକ ଉପକରଣ । ବାସ୍ତବରେ ଅନୁସୂଚୀ ଅଧ୍ୟୟନ ସମ୍ବନ୍ଧିତ ପ୍ରଶ୍ନଗୁଡ଼ିକର ଏକ ଲିଖିତ ସୂଚୀ ବା ତାଲିକା ଅଟେ, ଯାହାକୁ ଗବେଷକ ନିର୍ମାଣ କରିଥାନ୍ତି । ଏହି ଅନୁସୂଚୀ ଦ୍ୱାରା ଗବେଷକ ତାଙ୍କର ଗବେଷଣା ସମ୍ବନ୍ଧିତ ତଥ୍ୟ ସଂଗ୍ରହ କରିଥାଆନ୍ତି । ପ୍ରଶ୍ନାବଳୀ ପରି ଅନୁସୂଚୀ

ମଧ୍ୟ ପ୍ରଶ୍ନଗୁଡ଼ିକର ଏକ ତାଲିକା । କିନ୍ତୁ ପ୍ରଶ୍ନାବଳୀ ଉତ୍ତରଦାତାଙ୍କ ଦ୍ୱାରା ପୂରଣ ହେଉଥିବା ବେଳେ ଅନୁସୂଚୀକୁ ଗବେଷକ କିମ୍ବା କ୍ଷେତ୍ର କର୍ମୀ (Field worker) ପୂରଣ କରିଥାନ୍ତି । ଗବେଷକ କିମ୍ବା କ୍ଷେତ୍ରକର୍ମୀ ଉତ୍ତରଦାତା ଅନୁସୂଚୀରେ ଥିବା ପ୍ରଶ୍ନଗୁଡ଼ିକ ଯେଉଁ ଉତ୍ତର ଦିଅନ୍ତି ତାହାକୁ ଗବେଷକ କିମ୍ବା କ୍ଷେତ୍ରକର୍ମୀ ଲିପିବଦ୍ଧ କରନ୍ତି । ବାସ୍ତବରେ ଅନୁସୂଚୀ ହେଉଛି ପ୍ରଶ୍ନଗୁଡ଼ିକର ଏକ ତାଲିକା ।

**ସଂଜ୍ଞା (Definitions)**

**ଗୁଡ୍ ଏବଂ ହାଟ୍ (Goode and Hat) :** "ଅନୁସୂଚୀ ହେଉଛି କେତେକ ପ୍ରଶ୍ନର ଏକ ସେଟ୍ (Set), ଯାହା ସାକ୍ଷାତକର୍ତ୍ତା (Interviewer) ଅନ୍ୟ ବ୍ୟକ୍ତିଙ୍କୁ ମୁହାଁମୁହିଁ ପଚାରି ତାର ଉତ୍ତର ନିଜେ ଲିପିବଦ୍ଧ କରିଥାଆନ୍ତି ।"

(Schedule is the name usually applied to a set of quetions which are asked and filled in by the interviewer in a face-to-face situation with another person)

**ମ୍ୟାକ୍‌କୋର୍ମିକ୍ (McCormic) :** ଅନୁସୂଚୀ ସେହି ପ୍ରଶ୍ନଗୁଡ଼ିକର ସୂଚୀଠାରୁ ଅଧିକ କିଛି ନୁହେଁ, ଯାହାର ପ୍ରାକ୍‌କଳ୍ପନା ଯାଞ୍ଚ ନିମନ୍ତେ ଉତ୍ତର ଆବଶ୍ୟକ ପଡ଼େ ।

ଉପରୋକ୍ତ ସଂଜ୍ଞାଗୁଡ଼ିକର ଆଧାରରେ କୁହାଯାଇ ପାରେ ଯେ ଅନୁସୂଚୀ ହେଉଛି ଅଧ୍ୟୟନ ବିଷୟ ସମ୍ବନ୍ଧିତ ପ୍ରଶ୍ନଗୁଡ଼ିକର ଏକ ଯୋଜନାବଦ୍ଧ ଏବଂ ସଂଗଠିତ ସୂଚୀ ଯାହା ସାହାଯ୍ୟରେ ଅଧ୍ୟୟନକର୍ତ୍ତା ସୂଚନାଦାତାଙ୍କ ସହିତ ସାକ୍ଷାତକାର କରି ଆବଶ୍ୟକ ତଥ୍ୟ ସଂଗ୍ରହ କରିଥାଆନ୍ତି ।

ଗବେଷକ ନିଜେ ଅନୁସୂଚୀ ନିର୍ମାଣ କରନ୍ତି । ଏହାକୁ ଛପାଇବା ପରେ ତଥ୍ୟ ସଂଗ୍ରହ କରାଯାଇଥାଏ । ପ୍ରଶ୍ନାବଳୀ ପରି ଅନୁସୂଚୀକୁ ତିନିଭାଗରେ ବିଭକ୍ତ କରାଯାଇପାରେ ।

୧. ପରିଚୟାତ୍ମକ ଅଂଶ (Introductory Part)

୨. ସାମାଜିକ ପୃଷ୍ଠଭୂମି ଏବଂ ତଥ୍ୟ (Social Bakground & data)

୩. ଗବେଷଣାର ବିଷୟବସ୍ତୁ (Subject-matter of Research)

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ପର୍ଯ୍ୟବେକ୍ଷଣ ଅନୁସୂଚୀ, ସାକ୍ଷାତ୍‌କାର ଅନୁସୂଚୀ ଇତ୍ୟାଦି ବିଭିନ୍ନ ପ୍ରକାରର ଅନୁସୂଚୀ ରହିଅଛି । ପର୍ଯ୍ୟବେକ୍ଷଣ ଅନୁସୂଚୀ ପଦ୍ଧତିରେ ତଥ୍ୟ ସଂଗ୍ରହ ନିମନ୍ତେ ବ୍ୟବହାର କରାଯାଏ । ସେହିପରି ସାକ୍ଷାତ୍‌କାର (Interview) ପଦ୍ଧତି ଦ୍ୱାରା ତଥ୍ୟ ସଂଗ୍ରହ ନିମନ୍ତେ ସାକ୍ଷାତକାର ଅନୁସୂଚୀ (Interview Schedule) ବ୍ୟବହୃତ ହୁଏ ।

**ଅନୁସୂଚୀର ଉପକାରିତା (Merits of Schedule)**

ସାମାଜିକ ଗବେଷଣାରେ ତଥ୍ୟ ସଂଗ୍ରହର ଏକ ଉପକରଣ ଭାବେ ଅନୁସୂଚୀ ଅତ୍ୟନ୍ତ ଲୋକପ୍ରିୟ ହୋଇଛି । ଏହାର ନିଜର ଉପକାରିତା ବା ସୁବିଧା ଏବଂ ଅସୁବିଧା ରହିଛି । କିନ୍ତୁ ଅସୁବିଧା ଅପେକ୍ଷା ଏହାର ଅନେକ ସୁବିଧା ରହିଛି । ଅନୁସୂଚୀର ଉପକାରିତା ଗୁଡ଼ିକୁ ନିମ୍ନରେ ଆଲୋଚନା କରାଗଲା ।

**(୧) ଉଚ୍ଚ ପ୍ରତିଶତ ସୂଚନା ପ୍ରାପ୍ତି (Higher Percentage of Response) :** ପ୍ରଶ୍ନାବଳୀ ଅପେକ୍ଷା ଅନୁସୂଚୀରେ ଉଚ୍ଚ ପ୍ରତିଶତ ତଥ୍ୟ ପ୍ରାପ୍ତ ହୋଇଥାଏ । କ୍ଷେତ୍ରକର୍ମୀ ବ୍ୟକ୍ତିଗତଭାବେ ଉତ୍ତରଦାତାଙ୍କ ନିକଟରେ ଉପସ୍ଥିତ ଥାଆନ୍ତି । ଫଳରେ ଉତ୍ତରଦାତା କ୍ଷେତ୍ର କର୍ମୀଙ୍କୁ ସାକ୍ଷାତକାର ମାଧ୍ୟମରେ ଉତ୍ତର ଦେବାକୁ

ମନା କରିପାରନ୍ତି ନାହିଁ । କିନ୍ତୁ ପ୍ରଶ୍ନାବଳୀ କ୍ଷେତ୍ରରେ ଏହି ପ୍ରକାର ସୁବିଧା ନଥାଏ । କାରଣ ଗବେଷକ ଉତ୍ତରଦାତାଙ୍କ ନିକଟରେ ଉପସ୍ଥିତ ନଥାନ୍ତି ।

**(୨) ଉପଯୁକ୍ତ ବାତାବରଣ (Proper Atmosphere) :** ଉପଯୁକ୍ତ ଉତ୍ତର ପ୍ରାପ୍ତି ନିମନ୍ତେ କ୍ଷେତ୍ର କର୍ମୀ ଉପଯୁକ୍ତ ବାତାବରଣ ସୃଷ୍ଟିକରି ପାରନ୍ତି । ବିବେଷକ ଉତ୍ତରଦାତାଙ୍କୁ ଅନୁସୂଚୀ ଦେଖାଇବା ପୂର୍ବରୁ ତାଙ୍କର ଆଗ୍ରହ ସୃଷ୍ଟି ଉଦ୍ଦେଶ୍ୟରେ ଆଲୋଚନା କରନ୍ତି । ଫଳରେ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରାପ୍ତି ନିମନ୍ତେ ଉପଯୁକ୍ତ ବାତାବରଣ ସୃଷ୍ଟିହୁଏ ।

**(୩) ଉପଯୁକ୍ତ ସୂଚନା ପ୍ରାପ୍ତି (Collection of Proper Response ) :** ଅନୁସୂଚୀରେ ଥିବା ପ୍ରଶ୍ନଗୁଡ଼ିକର ଅର୍ଥ ବା ସେଥିରେ ବ୍ୟବହୃତ ଶବ୍ଦଗୁଡ଼ିକରେ ଥିବା କୌଣସି ସନ୍ଦେହ ଥିଲେ କ୍ଷେତ୍ର କର୍ମୀ ବ୍ୟକ୍ତିଗତ ଭାବରେ ଉପସ୍ଥିତ ଥାଇ ସନ୍ଦେହଗୁଡ଼ିକୁ ଦୂରକରନ୍ତି । ଫଳରେ ଉତ୍ତରଦାତା ସଠିକ ଉତ୍ତର ପ୍ରଦାନ କରନ୍ତି । ଏହାଛଡ଼ା କ୍ଷେତ୍ର କର୍ମୀ ଅତିରଞ୍ଜିତ ଉତ୍ତରଗୁଡ଼ିକୁ ବାରଣ କରନ୍ତି ।

**(୪) ତ୍ରୁଟିର କମ୍ ସୁଯୋଗ (Less Chances of Error) :** ଅନୁସୂଚୀ ତାଲିମପ୍ରାପ୍ତ ଏବଂ ଯୋଗ୍ୟ କ୍ଷେତ୍ର କର୍ମୀଙ୍କ ଦ୍ୱାରା ପୂରଣ ହେଉଥିବାରୁ ଏହା ତ୍ରୁଟିଯୁକ୍ତ ହେବାର କମ ସମ୍ଭାବନା ରହିଥାଏ । କିନ୍ତୁ ପ୍ରଶ୍ନାବଳୀ ଉତ୍ତରଦାତାଙ୍କ ଦ୍ୱାରା ପୂରଣ ହେଉଥିବାରୁ ଏହା ତ୍ରୁଟିଯୁକ୍ତ ହେବାର ସମ୍ଭାବନା ରହିଥାଏ ।

**(୫) ଗଭୀର ଅନୁସନ୍ଧାନ ସମ୍ଭବ (Deeper Probe Possible) :** ଉତ୍ତରଦାତାଙ୍କ ସହିତ କ୍ଷେତ୍ର କର୍ମୀଙ୍କ ବ୍ୟକ୍ତିଗତ ସଂପର୍କ ଉତ୍ତରଦାତାଙ୍କ ସାଧାରଣ ଜୀବନ ସମ୍ବନ୍ଧରେ ଅଧିକ ଅନୁସନ୍ଧାନ କରିବାକୁ କ୍ଷେତ୍ର କର୍ମୀଙ୍କୁ ସାମର୍ଥ୍ୟ ପ୍ରଦାନ କରିଥାଏ । ଫଳରେ ଅଧିକ ଉପଯୋଗୀ ତଥ୍ୟ ସଂଗ୍ରହ କରିବା ସମ୍ଭବ ହୋଇଥାଏ ।

**(୬) ଅନୁସୂଚୀରୁ ତ୍ରୁଟି ଦୂରୀକରଣ (Removal of Defects from Schedule) :** ଯେହେତୁ କ୍ଷେତ୍ର କର୍ମୀ ବ୍ୟକ୍ତିଗତ ଭାବରେ ଉପସ୍ଥିତ ଥାଆନ୍ତି ସେ କେତେକ ପ୍ରଶ୍ନର ସଂଶୋଧନ କିମ୍ବା ଯଦି ନୂଆ ପ୍ରଶ୍ନକୁ ଯୋଡିବା ଆବଶ୍ୟକ ବୋଲି ଅନୁଭବ କରନ୍ତି ତେବେ ସେ ତାହା କରିପାରନ୍ତି । ପଳରେ ଆବଶ୍ୟକ ତଥ୍ୟ ସଂଗ୍ରହ ସହଜରେ ହୋଇପାରେ ।

**(୭) ତଥ୍ୟ ସଂଗ୍ରହ ସହଜ ହୋଇଥାଏ (Simplifies Data Collection) :** ଅନୁସୂଚୀ ତଥ୍ୟ ସଂଗ୍ରହ ପଦ୍ଧତିକୁ ସରଳ କରିଥାଏ ।

**(୮) ଏହାକୁ ସମସ୍ତଙ୍କ ନିମନ୍ତେ ପ୍ରୟୋଗ କରାଯାଇ ପାରିବ (It can be Applied to All) :** ଉଭୟ ଶିକ୍ଷିତ ଓ ଶିକ୍ଷିତ ଉତ୍ତରଦାତାଙ୍କ କ୍ଷେତ୍ରରେ ଅନୁସୂଚୀକୁ ପ୍ରୟୋଗ କରାଯାଇଥାଏ । ପ୍ରଶ୍ନାବଳୀକୁ କେବଳ ଶିକ୍ଷିତ ବ୍ୟକ୍ତିଙ୍କ ନିମନ୍ତେ ପ୍ରଯୁଜ୍ୟ । କିନ୍ତୁ ଅନୁସୂଚୀର ପ୍ରୟୋଗ ସମସ୍ତ ପ୍ରକାର ଲୋକଙ୍କ ନିମନ୍ତେ କରାଯାଇପାରିବ ।

## ଅନୁସୂଚୀର ଅପକାରିତା (Demerits of Schedule)

ଅନୁସୂଚୀର ଅନେକ ଉପକାରିତା ସତ୍ତ୍ୱେ ଏହାର କେତେକ ଅପକାରିତା ବା ଅସୁବିଧା ରହିଥାଏ । ସେଗୁଡ଼ିକୁ ନିମ୍ନରେ ଆଲୋଚନା କରାଗଲା ।

**(୧) ସାର୍ବଜନୀନ ପ୍ରଶ୍ନର ସମସ୍ୟା (Problem of Universal Questions) :** ଅନୁସୂଚୀ ନିର୍ମାଣ ସମୟରେ ଅନ୍ତର୍ଭୁକ୍ତ କରାଯାଇଥିବା ପ୍ରଶ୍ନଗୁଡିକ ସମସ୍ତ ଉତ୍ତରଦାତାଙ୍କ ପାଇଁ ପ୍ରୟୋଗ କରାଯାଇଥାଏ । କିନ୍ତୁ ସମସ୍ତ ଉତ୍ତରଦାତାଙ୍କର ଶିକ୍ଷାଗତ ଏବଂ ବୌଦ୍ଧିକ ପୃଷ୍ଠଭୂମି ସମାନ ନଥାଏ । ତେଣୁ ଉତ୍ତରଦାତାଙ୍କ ଠାରୁ ଏହି ପ୍ରଶ୍ନଗୁଡିକର ସମାନ ଉତ୍ତର ପାଇବା କଠିନ କାର୍ଯ୍ୟ ।

**(୨) ବ୍ୟୟବହୁଳ (Expensive) :** ଅନୁସୂଚୀ ଦ୍ୱାରା ତଥ୍ୟ ସଂଗ୍ରହ ବ୍ୟୟବହୁଳ ଅଟେ । ପ୍ରଶ୍ନାବଳୀ ଅପେକ୍ଷା ଅନୁସୂଚୀ ବ୍ୟୟ ବହୁତ ଅଧିକ ଅଟେ । ଅନୁସୂଚୀ ଦ୍ୱାରା ତଥ୍ୟ ସଂଗ୍ରହ ନିମନ୍ତେ ବହୁ ସଂଖ୍ୟକ କ୍ଷେତ୍ର କର୍ମୀଙ୍କର ଆବଶ୍ୟକତା ପଡିଥାଏ । ସେମାନଙ୍କୁ ତାଲିମ ଦେବାରେ ବହୁତ ଖର୍ଚ୍ଚ କରିବାକୁ ପଡେ । ସୀମିତ ଅର୍ଥ ଥିବା ଜଣେ ଗବେଷକ ଅନୁସୂଚୀ ଦ୍ୱାରା ତଥ୍ୟ ସଂଗ୍ରହରେ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି ।

**(୩) ସଂପର୍କ ସ୍ଥାପନରେ ସମସ୍ୟା (Problem of Contact) :** ଯଦି କ୍ଷେତ୍ର ବହୁ ବିଶାଳ ଏବଂ ଉତ୍ତରଦାତାମାନେ ବିକ୍ଷିପ୍ତ ହୋଇ ରହୁଥାଆନ୍ତି, ତେବେ ସେମାନଙ୍କ ସହିତ ସଂପର୍କ ସ୍ଥାପନ କରିବା କଷ୍ଟସାଧ୍ୟ । କିନ୍ତୁ ପ୍ରଶ୍ନାବଳୀ କ୍ଷେତ୍ରରେ ଏହି ସମସ୍ୟା ଦେଖାଯାଏ ନାହିଁ ।

**(୪) ପକ୍ଷପାତିତାର ସମ୍ଭାବନା (Possibility of Bias) :** ସୂଚନାପ୍ରାପ୍ତି ନିମନ୍ତେ କ୍ଷେତ୍ର କର୍ମୀଙ୍କ ଉପସ୍ଥିତି ଉପଯୋଗୀ ହେଲେ ମଧ୍ୟ ସେ ପକ୍ଷପାତିତାର ଉତ୍ସ ହୋଇପାରନ୍ତି । ବେଳେବେଳେ ଉତ୍ତରଦାତାଙ୍କ ଉତ୍ତର କ୍ଷେତ୍ର କର୍ମୀଙ୍କ ଦ୍ୱାରା ପ୍ରଭାବିତ ହୋଇଥାଏ ଏବଂ ସେ ଯେଉଁ ଉତ୍ତର ଠିକ୍ ବୋଲି ଭାବିଥାଆନ୍ତି ସେହି ଉତ୍ତର ଦେଇନପାରନ୍ତି । ଏହି ପରିସ୍ଥିତିରେ ଗବେଷଣାର ବସ୍ତୁନିଷ୍ଠତା (Objectivity) ହ୍ରାସ ପାଏ ।

☒⊘☒

# ଆଦର୍ଶ ପ୍ରଶ୍ନାବଳୀ

## Group - A

## Objective Type

## 'କ' ବିଭାଗ

### (ଅତି ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ)

**କ. ନିମ୍ନଲିଖିତ ବିକଳ୍ପଗୁଡିକ ମଧ୍ୟରୁ ସଠିକ୍ ଉତ୍ତର ପ୍ରଦାନ କର ।**

**(Multiple Choice Questions)**

୧. ଅଗଷ୍ଟ କମ୍‌ଟ କେଉଁ ମସିହାରେ ଜନ୍ମ ଗ୍ରହଣ କରିଥିଲେ ?

(କ) ୧୮୯୫ (ଖ) ୧୭୯୮

(ଗ) ୧୭୯୫ (ଘ) ୧୯୮୮

୨. କୋର୍ସ ଅଫ୍ ପଜିଟିଭ୍ ଫିଲୋସଫିର ଲେଖକ କିଏ ?

(କ) ଇମାଇଲ୍ ଦୁର୍ଖେଇମ (ଖ) ହର୍ବର୍ଟ୍ ସ୍ପେନ୍‌ସର

(ଗ) ଅଗଷ୍ଟ କମ୍‌ଟ (ଘ) କାର୍ଲ ମାକ୍ସ

୩. ନିମ୍ନୋକ୍ତ କେଉଁଟି କମ୍‌ଟଙ୍କର ଅବଦାନ ?

(କ) ତ୍ରିସ୍ତରୀୟ ନିୟମ (ଖ) ଜୈବତତ୍ତ୍ୱ

(ଗ) ଆତ୍ମହତ୍ୟା (ଘ) ଶ୍ରମବିଭାଜନ

୪. ନିମ୍ନୋକ୍ତ କେଉଁଟି ତ୍ରିସ୍ତରୀୟ ନିୟମର ଅନ୍ତର୍ଭୁକ୍ତ ?

(କ) ଧର୍ମତାତ୍ତ୍ୱିକ ସ୍ତର (ଖ) ତାତ୍ତ୍ୱିକ ସ୍ତର

(ଗ) ବୈଜ୍ଞାନିକ ସ୍ତର (ଘ) ଉପରୋକ୍ତ ସମସ୍ତ

୫. ଯେଉଁ ସ୍ତରରେ ମନୁଷ୍ୟ କଳ୍ପନା କରେ ଯେ ସମସ୍ତ ଘଟଣା ଅଲୌକକି ଶକ୍ତି ଦ୍ୱାରା ଘଟିଥାଏ ତାହାକୁ କେଉଁ ସ୍ତର କୁହାଯାଏ ?

(କ) ଧର୍ମତାତ୍ତ୍ୱିକ ସ୍ତର (ଖ) ଆଧାତ୍ମିକ ସ୍ତର

(ଗ) ବୈଜ୍ଞାନିକ ସ୍ତର (ଘ) ଉପରୋକ୍ତ କୌଣସି ଗୋଟିଏ ନୁହେଁ

୬. ଯେଉଁ ସ୍ତରରେ ପ୍ରତ୍ୟେକ ଘଟଣାର ବିଶ୍ଳେଷଣ ଓ ପ୍ରୟୋଗ ବୈଜ୍ଞାନିକ ଆଧାରରେ ହୋଇଥାଏ ତାକୁ କେଉଁ ସ୍ତର କୁହାଯାଏ ?

(କ) ଧର୍ମତାତ୍ତ୍ୱିକ ସ୍ତର (ଖ) ତାତ୍ତ୍ୱିକ ସ୍ତର

(ଗ) ବୈଜ୍ଞାନିକ ସ୍ତର (ଘ) ଉପରୋକ୍ତ କୌଣସି ଗୋଟିକ ନୁହେଁ

୭. ଧର୍ମତାତ୍ତ୍ୱିକ ସ୍ତରକୁ କମଟ୍ କେତେ ଭାଗରେ ବିଭକ୍ତ କରିଛନ୍ତି ?

(କ) ୨ ଭାଗରେ (ଖ) ୩ ଭାଗରେ

(ଗ) ୪ ଭାଗରେ (ଘ) ୫ ଭାଗରେ

୮. ଆତ୍ମହତ୍ୟା ହେଉଛି ଏକ ସାମାଜିକ ଘଟଣା । କିଏ କହିଥିଲେ ?

(କ) ହର୍ବର୍ଟ୍ ସ୍ପେନ୍ସର (ଖ) କମ୍‌ଟ

(ଗ) ଦୁର୍ଖେଇମ୍ (ଘ) କାର୍ଲମାକ୍ସ

୯. ଦୁର୍ଖେଇମ୍‌ଙ୍କ ମତରେ ଆତ୍ମହତ୍ୟା କେତେ ପ୍ରକାର ?

(କ) ୨ ପ୍ରକାର (ଖ) ୩ ପ୍ରକାର

(ଗ) ୪ ପ୍ରକାର (ଘ) ୫ ପ୍ରକାର

୧୦. ବ୍ୟକ୍ତିର ସମୂହଠାରୁ ସଂପର୍କ ଛିନ୍ନ ହେଲେ ସେ କେଉଁ ଆତ୍ମହତ୍ୟା କରେ ?

(କ) ଅହଂବାଦୀ (ଖ) ପରାର୍ଥବାଦୀ

(ଗ) ଅପ୍ରତିମାନୀୟ (ଘ) ଭାଗ୍ୟବାଦୀ

୧୧. ଯେତେବେଳେ ସାମାଜିକ ସଂହତି ଦୃଢ଼ ସେତେବେଳେ ବ୍ୟକ୍ତି ଯେଉଁ ଆତ୍ମହତ୍ୟା କରେ ତାହାକୁ କି ଆତ୍ମହତ୍ୟା କୁହାଯାଏ ?

(କ) ଅହଂବାଦୀ (ଖ) ଭାଗ୍ୟବାଦୀ

(ଗ) ଅପ୍ରତିମାନୀୟ (ଘ) ପରାର୍ଥବାଦୀ

୧୨. ଯେତେବେଳେ ସମାଜର ନିୟନ୍ତ୍ରଣ କ୍ଷମତା ବିପର୍ଯ୍ୟସ୍ତ ହୋଇପଡେ ସେତେବେଳେ କି ପ୍ରକାର ଆତ୍ମହତ୍ୟା ଦେଖାଯାଏ ?

(କ) ଅହଂବାଦୀ (ଖ) ଭାଗ୍ୟବାଦୀ

(ଗ) ଅପ୍ରତିମାନୀୟ (ଘ) ପରାର୍ଥବାଦୀ

୧୩. ନିମ୍ନଲିଖିତ ସମାଜବିଜ୍ଞାନୀଙ୍କ ମଧ୍ୟରୁ କିଏ କାଷ୍ଟ ଆଣ୍ଡ ରେସ୍ ଇନ୍ ଇଣ୍ଡିଆ ପୁସ୍ତକ ରଚନା କରିଛନ୍ତି ?

(କ) ଆଇ.ପି. ଦେଶାଇ (ଖ) ଲୁଇ ଡୁମୋ

(ଗ) ଜି.ଏସ୍ ଘୁରେ (ଘ) କେ. ଏଲ୍ ଶର୍ମା

୧୪. ନିମ୍ନଲିଖିତ କେଉଁ ବ୍ୟବସ୍ଥାରେ ବିବାହ ଉପରେ କଟକଣା ଥାଏ ?

(କ) ଜାତି ବ୍ୟବସ୍ଥା (ଖ) ଶ୍ରେଣୀ ବ୍ୟବସ୍ଥା

(ଗ) ଭୂସମ୍ପତ୍ତି ବ୍ୟବସ୍ଥା (ଘ) ଉପରୋକ୍ତ ସୁବୁଥିରେ

୧୫. ନିମ୍ନଲିଖିତ କେଉଁ ବ୍ୟବସ୍ଥାରେ ଖାଦ୍ୟ, ପାନୀୟ ଓ ମିଳାମିଶା କ୍ଷେତ୍ରରେ କଟକଣା ଦେଖାଯାଏ ?

(କ) ଜାତି ବ୍ୟବସ୍ଥା (ଖ) ଶ୍ରେଣୀ ବ୍ୟବସ୍ଥା

(ଗ) ଭୂସମ୍ପତ୍ତି ବ୍ୟବସ୍ଥା (ଘ) ଉପରୋକ୍ତ ସବୁଥିରେ

୧୬. ରିଲିଜିଅନ୍ ଆଣ୍ଡ ସୋସାଇଟି ଆମଙ୍ଗ ଦି କୁର୍ଗସ୍ ଅଫ୍ ସାଉଥ୍ ଇଣ୍ଡିଆ ପୁସ୍ତକଟିକୁ କିଏ ରଚନା କରିଛନ୍ତି ?

(କ) ଲୁଇ ଡୁମୋ (ଖ) କେ.ଏଲ୍. ଶର୍ମା

(ଗ) ଏମ୍.ଏନ୍. ଶ୍ରୀନିବାସ (ଘ) ଜି.ଏସ୍ ଘୁରେ

୧୭. କାଷ୍ଟ ଇନ୍ ମଡର୍ଣ୍ଣ ଇଣ୍ଡିଆ ଆଣ୍ଡ ଅଦର୍ ଏସେଜ୍ ପୁସ୍ତକଟିକୁ କିଏ ରଚନା କରିଛନ୍ତି ?

(କ) କେ.ଏଲ୍. ଶର୍ମା (ଖ) ଏମ୍.ଏନ୍. ଶ୍ରୀନିବାସ

(ଗ) ଲୁଇ ଡୁମୋ (ଘ) ଜି.ଏସ୍. ଘୁରେ

୧୮. ସଂସ୍କୃତିକରଣ ସଂପ୍ରତ୍ୟୟ କିଏ ପ୍ରଦାନ କରିଥିଲେ ?

(କ) କେ.ଏମ୍. କାପାଡିଆ (ଖ) ଜି.ଏସ୍. ଘୁରେ

(ଗ) ଏମ୍.ଏନ୍. ଶ୍ରୀନିବାସ (ଘ) କେ.ଏଲ୍. ଶର୍ମା

୧୯. ନୀଚ୍ଚ ଜାତି ଦ୍ୱାରା ଉଚ୍ଚ ଜାତିଗୁଡିକର କ୍ରିୟାକଳ୍ପ ଓ ଜୀବନ ଶୈଳୀ ଅନୁସରଣ ପ୍ରକ୍ରିୟାକୁ କ'ଣ କୁହାଯାଏ ?

(କ) ସହରୀକରଣ (ଖ) ଶିଳ୍ପୀକରଣ

(ଗ) ଆଧୁନିକୀକରଣ (ଘ) ସଂସ୍କୃତକରଣ

୨୦. ନିମ୍ନୋକ୍ତ କେଉଁଟି ସଂସ୍କୃତକରଣର କାରକ ?

(କ) ଔଦ୍ୟୋଗୀକରଣ (ଖ) ଶିକ୍ଷା

(ଗ) ଆର୍ଥିକ ବିକାଶ (ଘ) ଉପରୋକ୍ତ ସମସ୍ତ

୨୧. ସାମାଜିକ ଘଟଣାର ବୈଜ୍ଞାନିକ ନିରକ୍ଷଣକୁ କ'ଣ କୁହାଯାଏ ?

(କ) ପର୍ଯ୍ୟବେକ୍ଷଣ (ଖ) ପରୀକ୍ଷଣ

(ଗ) ତଥ୍ୟ ସଂଗ୍ରହ (ଘ) ବିଶ୍ଳେଷଣ

୨୨. ନିମ୍ନୋକ୍ତ କେଉଁଟି ପର୍ଯ୍ୟବେକ୍ଷଣର ଗୁଣ ?

(କ) ମାନବ ଇନ୍ଦ୍ରିୟଗୁଡିର ପୂର୍ଣ୍ଣ ଉପଯୋଗ (ଖ) ସୂକ୍ଷ୍ମ ଅଧ୍ୟୟନ

(ଗ) ପ୍ରତ୍ୟେକ୍ଷ ଅଧ୍ୟୟନ (ଘ) ଉପରୋକ୍ତ ସମସ୍ତ ।

୨୩. ନିମ୍ନଲିଖିତ କେଉଁଟି କାରଣ-ଫଳାଫଳ ସମ୍ବନ୍ଧକୁ ସ୍ପଷ୍ଟ କରିଥାଏ ?

(କ) ସାକ୍ଷାତ୍କାର (ଖ) ପର୍ଯ୍ୟବେକ୍ଷଣ

(ଗ) ତଥ୍ୟ ସଂଗ୍ରହ (ଘ) ତଥ୍ୟ ବିଶ୍ଳେଷଣ

୨୪. ଯେତେବେଳେ ପର୍ଯ୍ୟବେକ୍ଷଣକର୍ତ୍ତା ଅଧ୍ୟୟନ ସମୁଦାୟର ସଦସ୍ୟ ହୋଇ ସଦସ୍ୟମାନଙ୍କ କ୍ରିୟା କଳାପରେ ଅଂଶଗ୍ରହଣ କରନ୍ତି ଏବଂ ପର୍ଯ୍ୟବେକ୍ଷଣ କରନ୍ତି ତାହାକୁ କେଉଁ ପର୍ଯ୍ୟବେକ୍ଷଣ କୁହାଯାଏ ?

(କ) ଅସଭାଗୀ ପର୍ଯ୍ୟବେକ୍ଷଣ (ଖ) ସଂରଚିତ ପର୍ଯ୍ୟବେକ୍ଷଣ

(ଗ) ସହଭାଗୀ ପର୍ଯ୍ୟବେକ୍ଷଣ (ଘ) ନିୟନ୍ତ୍ରିତ ପର୍ଯ୍ୟବେକ୍ଷଣ

୨୫. କେଉଁ ପ୍ରକାରର ପର୍ଯ୍ୟବେକ୍ଷଣରେ ପର୍ଯ୍ୟବେକ୍ଷଣ କର୍ତ୍ତା ଦୂରରେ ରହି ଅଧ୍ୟୟନ ସମୁଦାୟର ସଦସ୍ୟମାନଙ୍କ କ୍ରିୟାକଳାପକୁ ନିରୀକ୍ଷଣ କରନ୍ତି ?

(କ) ସହଭାଗୀ (ଖ) ଅସହଭାଗୀ

(ଗ) ନିୟନ୍ତ୍ରିତ (ଘ) ଅନିୟନ୍ତ୍ରିତ

୨୬. ନିମ୍ନୋକ୍ତ ମଧ୍ୟରୁ କାହା ସହିତ ପର୍ଯ୍ୟବେକ୍ଷଣ ସଂପୃକ୍ତ ?

(କ) ତଥ୍ୟ ସଂକଳନ (ଖ) ତଥ୍ୟ ସଂଗ୍ରହ

(ଗ) ପରୀକ୍ଷଣ (ଘ) ତଥ୍ୟ ବିଶ୍ଳେଷଣ

୨୭. ନିମ୍ନୋକ୍ତ କେଉଁଟି ତଥ୍ୟ ସଂଗ୍ରହର ଉପକରଣ ?

(କ) ସାକ୍ଷାତ୍‌କାର (ଖ) ପର୍ଯ୍ୟବେକ୍ଷଣ

(ଗ) ପ୍ରଶ୍ନାବଳୀ (ଘ) ଉପରୋକ୍ତ କୌଣସି ଗୋଟିକ ନୁହେଁ

୨୮. ଯେତେବେଳେ ଅଧ୍ୟୟନ ସମ୍ବନ୍ଧିତ ପ୍ରଶ୍ନଗୁଡ଼ିକର ଉତ୍ତର ଗବେଷକ ନିଜେ ଲିପିବଦ୍ଧ କରନ୍ତି ତାକୁ କ'ଣ କୁହାଯାଏ ?

(କ) ପ୍ରଶ୍ନାବଳୀ (ଖ) ଅନୁସୂଚୀ

(ଗ) ବ୍ୟକ୍ତି ଅଧ୍ୟୟନ (ଘ) ପର୍ଯ୍ୟବେକ୍ଷଣ

**ଖ. ନିମ୍ନ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଶବ୍ଦ କିମ୍ବା ଗୋଟିଏ ବାକ୍ୟରେ ପ୍ରଦାନ କର ।**

୧. ଦି କୋର୍ସ ଅଫ୍ ପଜେଟିଭ୍ ଫିଲୋସଫି କିଏ ?

୨. କମ୍‌ଟ କେଉଁ ପୁସ୍ତକରେ ପ୍ରଥମ କରି Sociology ଶବ୍ଦକୁ ବ୍ୟବହାର କରିଥିଲେ ।

୩. ତ୍ରିସ୍ତରୀୟ ନିୟମର ପ୍ରଥମ ସ୍ତରର ନାମ କ'ଣ ?

୪. କମ୍‌ଟ ଧର୍ମତାତ୍ତ୍ୱିକ ସ୍ତରକୁ କେତେ ଭାଗରେ ବିଭକ୍ତ କରିଛନ୍ତି ?

୫. ଧର୍ମଶାସ୍ତ୍ରୀୟ ଓ ବୈଜ୍ଞାନିକ ସ୍ତରର ମଧ୍ୟବର୍ତ୍ତୀ ସ୍ତର କେଉଁଟି ?

୬. ତ୍ରିସ୍ତରୀୟ ନିୟମର କେଉଁଟି ଅନ୍ତିମ ସ୍ତର ?

୭. ଦୁର୍ଖେଇମ୍‌ଙ୍କର ଏକ କୃତି ଉଲ୍ଲେଖ କର ?

୮. ଆତ୍ମହତ୍ୟା ଏକ ସାମାଜିକ ଘଟଣା । କିଏ କହିଥିଲେ ?

୯. ଦୁର୍ଖେଇମ୍ କେତେ ପ୍ରକାରର ଆତ୍ମହତ୍ୟା ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି ?

୧୦. ଦରିଦ୍ର ଓ ଧନୀମାନଙ୍କ ମଧ୍ୟରୁ କେଉଁମାନଙ୍କ ମଧ୍ୟରେ ଆତ୍ମହତ୍ୟା ହାର ଅଧିକ ?

୧୧. ଆତ୍ମବଳିଦାନ କେଉଁ ଆତ୍ମହତ୍ୟାର ଅନ୍ତର୍ଭୁକ୍ତ ?

୧୩. ଜି.ଏସ୍ ଘୁରେଙ୍କ ଏକ ପୁସ୍ତକର ନାମ ଉଲ୍ଲେଖ କର ?

୧୪. ଜି.ଏସ୍.ଘୂରେ ତାଙ୍କର ପୁସ୍ତକ କାଷ୍ଟ ଆଣ୍ଡ ରେସ୍ ଇନ୍ ଇଣ୍ଡିଆରେ କେଉଁ ବିଷୟରେ ଆଲୋଚନା କରିଛନ୍ତି ?
୧୫. ଘୂରେଙ୍କ ଦ୍ୱାରା ବର୍ଣ୍ଣିତ ଜାତି ବ୍ୟବସ୍ଥାର ଗୋଟିଏ ଗୁଣ ଉଲ୍ଲେଖ କର ?
୧୬. ଘୂରେ ଉଲ୍ଲେଖ କରିଥିବା ଏକ ବିବାହ କଟକଣା ଉଲ୍ଲେଖ କର ?
୧୭. ଏମ୍.ଏନ୍. ଶ୍ରୀନିବାସ କେଉଁ ମସିହାରେ ଜନ୍ମଗ୍ରହଣ କରିଥିଲେ ?
୧୮. ଏମ୍.ଏନ୍. ଶ୍ରୀନିବାସଙ୍କର ଏକ ପୁସ୍ତକର ନାମ ଉଲ୍ଲେଖ କର ?
୧୯. ସଂସ୍କୃତିକରଣ ଶବ୍ଦ ପୂର୍ବରୁ ଏମ୍.ଏନ୍. ଶ୍ରୀନିବାସ କେଉଁ ଶବ୍ଦ ବ୍ୟବହାର କରିଥିଲେ ?
୨୦. ସଂସ୍କୃତିକରଣ ଏକ କାରକ ଉଲ୍ଲେଖ କର ।
୨୧. ପର୍ଯ୍ୟବେକ୍ଷଣର ଏକ ସଂଜ୍ଞା ପ୍ରଦାନ କର ।
୨୨. ପର୍ଯ୍ୟବେକ୍ଷଣର ଏକ ଗୁଣ ଉଲ୍ଲେଖ କର ।
୨୩. ପ୍ରଶ୍ନାବଳୀର ସଂଜ୍ଞା ପ୍ରଦାନ କର ।
୨୪. ପ୍ରଶ୍ନାବଳୀର ଗୋଟିଏ ଉପକାରିତା ଲେଖ ।
୨୫. ପ୍ରଶ୍ନାବଳୀର ଗୋଟିଏ ଅପକାରିତା ଲେଖ ।
୨୬. ଅନୁସୂଚୀର ସଂଜ୍ଞା ପ୍ରଦାନ କର ।
୨୭. ଅନୁସୂଚୀର ଗୋଟିଏ ଉପକାରିତା ଲେଖ ।
୨୮. ଅନୁସୂଚୀର ଗୋଟିଏ ଅପକାରିତା ଲେଖ ।

## Group - B
### Short Type Questions
## 'ଖ' ବିଭାଗ
### ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

**ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ଦୁଇଟି ବା ତିନୋଟି ବାକ୍ୟରେ ପ୍ରଦାନ କର ।**

୧. ଧର୍ମତାତ୍ତ୍ୱିକ ସ୍ତର କ'ଣ ?
୨. ତାତ୍ତ୍ୱିକ ସ୍ତର କ'ଣ ?
୩. ବୈଜ୍ଞାନିକ ସ୍ତର କ'ଣ ?
୪. ବସ୍ତୁବାଦ କ'ଣ ?
୫. ଏକେଶ୍ୱରବାଦ କ'ଣ ?
୬. ବହୁଦେବବାଦ କ'ଣ ?

୭. ଦୁର୍ଖେଇମ୍‌ଙ୍କ ଦ୍ୱାରା ପ୍ରଦତ୍ତ ଆତ୍ମହତ୍ୟାର ସଂଜ୍ଞା ପ୍ରଦାନ କର ?

୮. ଘୂରେଙ୍କ ମତ ଆଧାରରେ ଜାତି ବ୍ୟବସ୍ଥାର ଦୁଇଟି ଗୁଣ ଲେଖ ?

୯. ଜାତି ବ୍ୟବସ୍ଥାରେ ଉଚ୍ଚନୀଚ କ୍ରମ କ'ଣ ?

୧୦. ସଂସ୍କୃତକରଣର ସଂଜ୍ଞା ପ୍ରଦାନ କର।

୧୧. ସଂସ୍କୃତକରଣର ଦୁଇଟି କାରକ ଲେଖ।

୧୨. ପ୍ରଶ୍ନାବଳୀର ଦୁଇଟି ଉପକାରିତା ଲେଖ।

୧୩. ପ୍ରଶ୍ନାବଳୀର ଦୁଇଟି ଅପକାରିତା ଲେକ।

୧୪. ଅନୁସୂଚୀର ଦୁଇଟି ଉପକାରିତା ଲେଖ।

## Group - C
### Long Type Questions
## 'ଗ' ବିଭାଗ
## (ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ)

**ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ**

୧. ତ୍ରିସ୍ତରୀୟ ନିୟମକୁ ବର୍ଣ୍ଣନା କର।

୨. ସଂସ୍କୃତକରଣ ପ୍ରକ୍ରିୟାକୁ ବିସ୍ତୃତଭାବରେ ବର୍ଣ୍ଣନା କର।

୩. ଘୂରେଙ୍କ ଜାତି ଓ ପ୍ରଜାତି ସମ୍ବନ୍ଧୀୟ ମତାମତ ଆଲୋଚନା କର।

୪. କମ୍ଟଙ୍କ ତ୍ରିସ୍ତରୀୟ ନିୟମକୁ ଆଲୋଚନା କର।

୫. ଦୁର୍ଖେଇମ୍‌ଙ୍କ ଆତ୍ମହତ୍ୟା ତତ୍ତ୍ୱକୁ ଆଲୋଚନା କର।

୬. ପର୍ଯ୍ୟବେକ୍ଷଣର ପ୍ରକାରଭେଦ ଆଲୋଚନା କର।

୭. ପ୍ରଶ୍ନାବଳୀର ଉପକାରିତା ଓ ଅପକାରିତା ଆଲୋଚନା କର।

୮. ଅନୁସୂଚୀର ଉପକାରିତା ଓ ଅପକାରିତା ଆଲୋଚନା କର।